# ଅନୁଭୂତ ଯୋଗମାଳା

ବା

# ସହଜ ଚିକିତ୍ସା





ଶ୍ରୀ ଲକ୍ଷ୍ମଣ ମିଶ୍ର

# ଅନୁଭୂତ ଯୋଗମାଳା

## ପ୍ରଥମ ଭାଗ

ବା

# ସହଜ ଚିକିତ୍ସା

ଲେଖକ : ଶ୍ରୀ ଲକ୍ଷ୍ମଣ ମିଶ୍ର, ବି.ଏ.

(ଅବସରପ୍ରାପ୍ତ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ)

ଆଡ଼ମିନିଷ୍ଟ୍ରେଟର, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ

ମୂଲ୍ୟ : ଟ୧୯୦/-

# ଅନୁଭୂତ ଯୋଗମାଳା ବା ସହଜ ଚିକିତ୍ସା

ଲେଖକ : **ଶ୍ରୀ ଲକ୍ଷ୍ମଣ ମିଶ୍ର**


ପ୍ରକାଶକ : ଶ୍ରୀ ପ୍ରାଣକୃଷ୍ଣ ମିଶ୍ର, ଆଇ.ଏ.ଏସ୍. (ଅବସରପ୍ରାପ୍ତ)
ପ୍ଲଟ ନଂ - ଏନ୍ - ୨/୨୩, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧ ୦୧୫
ଫୋନ୍ - (୦୬୭୪) ୨୫୫୧୫୯୪

ସର୍ବସ୍ୱତ୍ୱ ସଂରକ୍ଷିତ
**"ଲକ୍ଷ୍ମଣ ମିଶ୍ର ଆଣ୍ଡ୍ ଫ୍ୟାମିଲି"**


ପରିମାର୍ଜିତ ସଂସ୍କରଣ : ଜୁନ୍ ୨୦୦୬
ଦ୍ୱିତୀୟ ମୁଦ୍ରଣ : ନଭେମ୍ବର ୨୦୦୬
ତୃତୀୟ ମୁଦ୍ରଣ : ଅକ୍ଟୋବର ୨୦୦୭
ଚତୁର୍ଥ ମୁଦ୍ରଣ : ଜୁନ୍ ୨୦୦୮
ପଞ୍ଚମ ମୁଦ୍ରଣ : ଡିସେମ୍ବର ୨୦୦୮
ଷଷ୍ଠ ମୁଦ୍ରଣ : ଜାନୁଆରୀ ୨୦୧୦
ସପ୍ତମ ମୁଦ୍ରଣ : ଡିସେମ୍ବର ୨୦୧୦
ଅଷ୍ଟମ ମୁଦ୍ରଣ : ଅଗଷ୍ଟ ୨୦୧୧
ନବମ ମୁଦ୍ରଣ : ଅପ୍ରେଲ୍ ୨୦୧୨
ଦଶମ ମୁଦ୍ରଣ : ଜାନୁଆରୀ ୨୦୧୩
ଏକାଦଶ ମୁଦ୍ରଣ: ଅକ୍ଟୋବର ୨୦୧୩
ଦ୍ୱାଦଶ ମୁଦ୍ରଣ : ଫେବୃଆରୀ ୨୦୧୪

ବିତରକ : **ଶ୍ରୀ ଶମ୍ଭୁନାଥ ମହାନ୍ତି**, ପୁସ୍ତକ ବିକ୍ରେତା
ପୁରୁଣା ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର
ଟେଲିଫୋନ - ୯୩୩୮୫୭୨୫୫୪

ମୁଦ୍ରଣ : ପରଫେକ୍ଟ ପ୍ରିଣ୍ଟ୍ ଆଣ୍ଡ୍ ଗ୍ରାଫିକ୍ସ (ପ୍ରା.) ଲିଃ.,
୧୫୪, ସେକ୍ଟର - ଏ, ଜୋନ୍ - ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦
ଫୋନ - (୦୬୭୪) ୨୫୮୭୮୩୪ / ୬୫୩୯୮୭୫



ସ୍ୱର୍ଗତଃ ଲକ୍ଷ୍ମଣ ମିଶ୍ର



ମୋର ବିଦ୍ୟାଗୁରୁ ଓ ଜୀବନର ପଥପ୍ରଦର୍ଶକ ସର୍ବଜନ ପୂଜ୍ୟ

**ଆଚାର୍ଯ୍ୟ ହରିହର ଦାସଙ୍କ**

ପଦକମଳରେ ମୋର ଏହି

**ଅନୁଭୂତ ଯୋଗମାଳା ବା ସହଜ ଚିକିତ୍ସା**

ଅର୍ପଣ କଲି ।

ତାହାଙ୍କ ପିତୃତୁଲ୍ୟ ସ୍ନେହରେ ଲାଳିତ ହୋଇ ସତ୍ୟବାଦୀ ସ୍କୁଲରେ ବିଦ୍ୟାଶିକ୍ଷା ସଙ୍ଗେ ସଙ୍ଗେ ରୋଗୀମାନଙ୍କ ସେବାଶୁଶ୍ରୂଷା କରିବା ଲାଗି ପ୍ରେରଣା ପାଇଥିଲି ଏବଂ ତାଙ୍କରି ଆଶୀର୍ବାଦରେ ଗରିବ ଲୋକମାନେ କିପରି ବିନା ଅର୍ଥବ୍ୟୟରେ ସାମାନ୍ୟ ଚେରମୂଳି ଦ୍ୱାରା ରୋଗମୁକ୍ତ ହେବେ, ସେ ସମ୍ପର୍କରେ ଗତ ୩୮ ବର୍ଷ ହେଲା ଗବେଷଣା କରି ଆସୁଅଛି । ସେହି ଗବେଷଣା ପ୍ରସୂତ ଏହି ପୁସ୍ତକର ଆଦ୍ୟରେ ତାଙ୍କ ପବିତ୍ର ନାମ ସଂଯୋଗ କରି ଆଜି ନିଜକୁ ଧନ୍ୟ ମନେ କରୁଛି ।

ବିନୀତ

ଲକ୍ଷ୍ମଣ

# ଓଁ ଧନ୍ୱନ୍ତରୟେ ନମଃ

# ନିବେଦନ

ଯେଉଁ ମହାଦେଶର ପଶୁପକ୍ଷୀ ଆଦି ଇତର ପ୍ରାଣୀମାନେ ବଣଜଙ୍ଗଲରୁ ଔଷଧ ଖାଇ ନୀରୋଗ ହୋଇ ଆନନ୍ଦରେ ରହୁଛନ୍ତି, ସେହି ମହାଦେଶର ଜଗତର ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ନିଜର ବାଡ଼ିବଗିଚା ଏବଂ ଆଖପାଖ ଜଙ୍ଗଲରେ ଥିବା ମୃତସଞ୍ଜୀବନୀ ଔଷଧ ଜାଣି ନପାରି ରୋଗ ଯନ୍ତ୍ରଣା ଭୋଗୁଛନ୍ତି, ଏହାଠାରୁ ବଳି ଦୁଃଖର ବିଷୟ ଆଉ କ'ଣ ହୋଇପାରେ ? ବନୌଷଧିଗୁଡ଼ିକର ଦ୍ରବ୍ୟଗୁଣ ଜାଣି ବ୍ୟବହାର କରିପାରିଲେ ବିନା ଅର୍ଥବ୍ୟୟ ବା ଅଳ୍ପ ଅର୍ଥବ୍ୟୟରେ ଆମ୍ଭେମାନେ ଅଧିକାଂଶ ରୋଗର ଚିକିତ୍ସା କରିପାରିବା, କିନ୍ତୁ ଆମ୍ଭମାନଙ୍କର ଏପରି ଅଭ୍ୟାସ ହୋଇଗଲାଣି ଯେ କୌଣସି ରୋଗ ଆରମ୍ଭ ହେଲେ ଆମ୍ଭେମାନେ ଡ଼ାକ୍ତର ବା କବିରାଜଙ୍କୁ ଚାହିଁ ବସୁଛୁ । ଏହିପରି ଅନେକ ଜାଗା ଅଛି, ଯେଉଁଠାରେ କବିରାଜ ବା ଡ଼ାକ୍ତର ନାହାନ୍ତି । ସେହି ସ୍ଥାନମାନଙ୍କରେ ଗରିବ ଲୋକମାନେ ବିନା ଚିକିତ୍ସାରେ ରୋଗଯନ୍ତ୍ରଣା ଭୋଗ କରୁଛନ୍ତି ଏବଂ ମୃତ୍ୟୁମୁଖରେ ମଧ ପଡୁଛନ୍ତି । ଦେଖନ୍ତୁ କଲେରା (ବିସୁଚିକା) ଗୋଟିଏ ମାରାତ୍ମକ ରୋଗ । କୌଣସି ଡ଼ାକ୍ତର ବା କବିରାଜ କହିପାରିବେ ନାହିଁ ଯେ ସେ ଶତକଡ଼ା ଶହେ କଲେରା ରୋଗୀଙ୍କୁ ଭଲ କରିପାରିବେ । ଡ଼ାକ୍ତରଖାନାରେ ଅନେକ କଲେରା ରୋଗୀ ମରିବାର ଆମ୍ଭେମାନେ ଦେଖୁଛୁ । କିନ୍ତୁ ଅମରପୋଇ ପତ୍ରରେ ଶତକଡ଼ା ଶହେ କଲେରା ରୋଗୀ ଭଲ ହୋଇଯାଉଛନ୍ତି । ଯେଉଁ ସ୍ଥାନରେ ଡ଼ାକ୍ତର ଓ କବିରାଜମାନେ ରୋଗୀର ଆଶା ଛାଡ଼ିଛନ୍ତି, ସେହି ସ୍ଥାନରେ ମୁଁ ଏହି ପତ୍ରଦ୍ୱାରା ଭଲ କରିଛି । ମୁଁ ଅନେକ ଥର ସମ୍ବାଦପତ୍ରମାନଙ୍କରେ ଏହି ଔଷଧ ପ୍ରଚାର କରିବା ସତ୍ତ୍ୱେ କାହିଁକି ଯେ ଲୋକେ ଏହି ରୋଗରେ ମରୁଛନ୍ତି, ଏହା ଆମ୍ଭମାନଙ୍କର ଦୁର୍ଭାଗ୍ୟ ଛଡ଼ା ଆଉ କ'ଣ ହୋଇପାରେ ? ଏହିପରି ସାମାନ୍ୟ ଚେର, ମୂଳ ଓ ପତ୍ରରେ ବହୁତ କଠିନ ରୋଗ ଭଲ ହୋଇଯାଉଛି । ଗୋଟିଏ ଚେର ଅଛି, ଯାହାକୁ ବାହୁରେ ଧାରଣ କଲେ ବାତଜ୍ୱର (Filaria) ରୋଗ ଭଲ ହେଉଛି । ଆଜି ପର୍ଯ୍ୟନ୍ତ ଛୋଟ ପିଲାଙ୍କର ଅଳତି ରୋଗର ଔଷଧ ଏଲୋପାଥି ବା କବିରାଜୀ ଗ୍ରନ୍ଥରେ ମିଳୁନାହିଁ; କିନ୍ତୁ ଓଡ଼ଶମାରୀ ଚେର ଦ୍ୱାରା ରୋଗ ଶତକଡ଼ା ଶହେ ମୁଁ ଭଲ କରିଛି । ଅଙ୍କରାନ୍ତି ଗଛର ମଞ୍ଜିକୁ ପିଙ୍କାପରି କରି ତାର ଧୂଆଁ ପାଟିରେ ଧାରଣ କଲେ ଦାନ୍ତର ପୋକକଟା ରୋଗ ଭଲ ହେଉଛି । ଅରଖ କ୍ଷୀରରେ ଅଧକପାଳୀ ପରି ଭୟଙ୍କର ଯନ୍ତ୍ରଣା ଦୁଇ ମିନିଟ୍‌ରେ ଭଲ ହେଉଛି । କୁମ୍ଭାର ପୋକ ବସା ମାଟି ଟିକିଏ ମୁଣ୍ଡରେ ଥରେ ମାତ୍ର ଚିତା ଘେନିଲେ ବହୁବର୍ଷର ପାଳିଜ୍ୱର (ଏକୋଇଜ୍ୱର) ଭଲ ହେଉଛି । ବାଦିତାଙ୍ଗ ମଞ୍ଜି ତୁଳସୀ ପତ୍ର ରସରେ ଘୋରି ନାକରେ ଥରେ ମାତ୍ର ତେଣ୍ଡି ଦେଲେ ଏବଂ କ୍ଷତଜାଗାରେ ଲଗାଇଲେ ବିଷାକ୍ତ ସର୍ପବିଷ ଏବଂ ବାୟା କୁକୁର ଏବଂ ବାୟା ବିଲୁଆ ବିଷ ନଷ୍ଟ ହୋଇଯାଉଛି । ମଞ୍ଜୁଆତି ଚେର ଚାଉଳଧୁଆ ପାଣିରେ ଘୋରି ଖାଇଲେ କାମଳ (Jaundice) ଭଲ ହେଉଛି । ଫୁଲ ଫୁଟି ନଥିବା ତିନ୍ତୁଳି ଗଛର ଚେର ଶୁଙ୍ଘିଲେ ସୁଖରେ ପ୍ରସବ ହୁଏ । ଯେଉଁ ଜାଗାରେ ବ୍ଲାକ୍ ଓ୍ୱାଟର ଫିଭର (Black-Water-Fever) ହେଉଛି ସେହି ଜାଗାରେ ଭଗବାନ୍ ଚଢ଼େଇଗୁଡ଼ି ଗଛ ରଖିଛନ୍ତି । ବିନା ଅର୍ଥ ବ୍ୟୟରେ ଆମ୍ଭେମାନେ ସେହି ଗଛ ପତ୍ରର କଷାୟ ଖାଇ ଭଲ ହେବା ପରିବର୍ତ୍ତେ ଆମ୍ଭେମାନେ ସେହି ପତ୍ରରୁ ତିଆରି ହେଉଥିବା ଇଞ୍ଜେକସନ୍‌କୁ ଅପେକ୍ଷା କରି ମରୁଛୁ ।

ଏହି କ୍ଷୁଦ୍ର ପୁସ୍ତକରେ ଏପରି ଗୁଡ଼ିଏ ଅମୂଲ୍ୟ ଔଷଧ ଲେଖାଅଛି ଯାହାକି ଆଉ କେତେ ବର୍ଷ ପରେ ଲୋପ ପାଇଯାଇଥାନ୍ତା, କାରଣ ଯେଉଁମାନଙ୍କଠାରୁ ମୋର ସୌଭାଗ୍ୟକୁ ଗତ ୩୮ ବର୍ଷ ଭିତରେ ସେହି ଔଷଧଗୁଡ଼ିକ ପାଇଛି, ସେମାନଙ୍କର ବିଶ୍ୱାସ ଥିଲା ଯେ ସେ ଔଷଧଗୁଡ଼ିକ ପ୍ରଚାର କରିଦେଲେ ତାର ଦ୍ରବ୍ୟଗୁଣ କମିଯିବ । ୧ ୯ ୧ ୯ ମସିହାରେ ମାଟ୍ରିକ୍ୟୁଲେସନ୍ ପରୀକ୍ଷା ଦେଇ ଗାଁରେ ଥିବା ସମୟରେ ଜଣେ ଲୋକଠାରୁ କଙ୍କଡ଼ାବିଛା ଓ ଶିଙ୍ଗିମାଛର ବିଷନାଶକ ଔଷଧ ପାଇଥିଲି । ଅକାନବିନ୍ଧି ପତ୍ର ଚକଟି ତାର ରସ କ୍ଷତ ଜାଗାରେ ଲଗାଇଦେଲା ମାତ୍ରେ ବିଷ ନଷ୍ଟ ହୋଇଯାଏ । ସେ ମତେ ଏହି ଔଷଧ ବତାଇବା ସମୟରେ କହିଥିଲେ ଯେ ଏହାକୁ ପ୍ରଚାର କଲେ ଏହାର ବିଷନାଶକ ଗୁଣ କମିଯିବ । ମୁଁ ତାର ଅର୍ଥ ସେହିକ୍ଷଣି ବୁଝିନେଲି । ସେହି ଔଷଧ ଦେଇ କିଛି ପାରିଶ୍ରମିକ ନେଉଥିଲେ । ମୋର ମନେଅଛି, ସେଦିନ ରାତିରେ ମୋର ନିଦ ହେଲା ନାହିଁ, କିପରି ରାତି ପାହିବ ଏବଂ ସକାଳେ ମୁଁ ସମସ୍ତଙ୍କୁ କହିବି । କାରଣ ତା' ୨ଦିନ ପରେ ମୋର କଟକ କଲେଜକୁ ଆସିବାର ଥିଲା । ସକାଳ ହେଲା । ମୁଁ କେବଳ ମୁହଁ ଧୋଇ ଆମ ଗାଁରେ ଏବଂ ଆଖପାଖ ପଡ଼ାଗାଁରେ ସମସ୍ତଙ୍କୁ ସେହି ଅକାନବିନ୍ଧି ଲତାଟି ଚିହ୍ନାଇଦେଲି । ଆମ ଗାଁର ଗରିବ ଲୋକମାନେ ବିଶେଷତଃ ପିଲାମାନେ ମାଛ ଧରୁଥିବା ସମୟରେ ଶିଙ୍ଗିମାଛ ମାରିବା ହେତୁ ଯେଉଁ ଦାରୁଣ ଯନ୍ତ୍ରଣା ଭୋଗ କରନ୍ତି, ତା ମୁଁ ଦେଖୁଥିଲି । ଏହି ଯନ୍ତ୍ରଣା ପ୍ରାୟ ୨୪ ଘଣ୍ଟା ରହେ । ଏହିପରି ଅନେକଗୁଡ଼ିଏ ସଂଗ୍ରହ କରି ସେଗୁଡ଼ିକ ନିଜେ ପରୀକ୍ଷା କରି ଏହି ପୁସ୍ତକରେ ଲେଖିଅଛି । ଆଉ ମଧ୍ୟ ଅନେକଗୁଡ଼ିଏ ତାଳପତ୍ର ପୋଥିରୁ ସଂଗ୍ରହ କରି ସେଗୁଡ଼ିକ ପରୀକ୍ଷା କରିସାରିଲା ପରେ ଲେଖିଅଛି । ଏହା ବାଦ୍ ଚରକ, ସୁଶ୍ରୁତ, ବଙ୍ଗସେନ, ବାଗ୍‌ଭଟ୍ଟ, ଚିତ୍ରଦତ୍ତ, ଭାବପ୍ରକାଶ, "ଧନ୍ୱନ୍ତରୀ" ମାସିକ ପତ୍ରିକାରୁ ଶାସ୍ତ୍ରୀୟ ଅନେକ କଠିନ ରୋଗ ଔଷଧ ଏବଂ କବିରାଜ ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମାଙ୍କର କେତେଗୁଡ଼ିଏ ବିଶିଷ୍ଟ ପରୀକ୍ଷିତ ଔଷଧ ଏହି ପୁସ୍ତକରେ ଲେଖାହୋଇଛି ।

ବନୌଷଧିର ଦ୍ରବ୍ୟଗୁଣ ଋତୁ, ବାର ଓ ତିଥି ଉପରେ ନିର୍ଭର କରେ । ଏପରି କେତେକ ଔଷଧ ଅଛି, ସେସବୁ ପୁଷ୍ୟାନକ୍ଷତ୍ର, ଚନ୍ଦ୍ରଗ୍ରହଣ ଏବଂ ସୂର୍ଯ୍ୟୋପରାଗରେ ଗ୍ରହଣ କଲେ ତାର ଦ୍ରବ୍ୟଗୁଣ ଭଲଥାଏ । ପୂର୍ବକାଳରେ ଋଷିମାନେ ବନୌଷଧି ପରୀକ୍ଷା କରି ଲେଖିଯାଇଅଛନ୍ତି । ପାଞ୍ଜିରେ ଲେଖାଅଛି, କେଉଁଦିନ କେଉଁ ପଦାର୍ଥ ଖାଇବ ନାହିଁ । ଅଣୁବୀକ୍ଷଣ ଯନ୍ତ୍ରଦ୍ୱାରା ପରୀକ୍ଷା କରି ଦେଖାଯାଇଛି ଯେ ଯେଉଁ ଦିନ ପୂତିକା (ପୋଇଶାଗ) ଭକ୍ଷଣ ନିଷେଧ ଅଛି, ସେଦିନ ପୋଇ ଶାଗରେ କୁଷ୍ଠରୋଗର କୀଟାଣୁ ଦେଖାଯାଉଛନ୍ତି । ତାର ପୂର୍ବଦିନ ନାହିଁ କି ତାର ପରଦିନ ନାହିଁ । ଯେଉଁ ଚନ୍ଦ୍ରଙ୍କର ପ୍ରଭାବରୁ ସମୁଦ୍ରରେ ଜୁଆର ଭଟ୍ଟା ହୁଏ; ସେହି ଔଷଧିନାଥ ଚନ୍ଦ୍ରଙ୍କର ପ୍ରଭାବରୁ ବନୌଷଧିର ଗୁଣାଧିକ୍ୟ ବା ହୀନଗୁଣ ଭିନ୍ନ ଭିନ୍ନ ଦିନରେ ପ୍ରକାଶ ପାଏ ।

ସାଧାରଣତଃ ଶନିବାର ଓ ରବିବାରରେ ଔଷଧ ସଂଗ୍ରହ କରିବ । ଶୀତ ଓ ଗ୍ରୀଷ୍ମ କାଳରେ ମୂଳ, ବର୍ଷା ଓ ବସନ୍ତ କାଳରେ ପତ୍ର, ଶରତ କାଳରେ ଛେଲି, କନ୍ଦା ଓ କ୍ଷୀର, ହେମନ୍ତ କାଳରେ ସାର ଓ ଯେଉଁ ଋତୁରେ ଯେଉଁ ଯେଉଁ ଫୁଲ ଓ ଫଳ ହୁଏ, ସେହି ଋତୁରେ ସେହି ସେହି ଫୁଲ ଓ ଫଳ ଗ୍ରହଣ କରିବ । ସାଧାରଣତଃ ସମସ୍ତ କାର୍ଯ୍ୟ ନିମନ୍ତେ ଶରତ କାଳରେ ସକଳ ବନୌଷଧି ସଂଗ୍ରହ କରିବ । କେବଳ ବମନ ଓ ବିରେଚନ କାର୍ଯ୍ୟ ଉପଯୋଗୀ ସମସ୍ତ ଦ୍ରବ୍ୟ ବସନ୍ତ ଋତୁର ଶେଷରେ ଗ୍ରହଣ କରିବ ।

ଦେବାଳୟ, ବିଲ, କୂପ, ପଥ, ଶ୍ମଶାନ ଏବଂ ବୃକ୍ଷମୂଳରେ ଉତ୍ପନ୍ନ ହୋଇଥିବା ଔଷଧି ଏବଂ ଅକାଳଜାତ, ଅତିପୁରାତନ, ଜଳଦୂଷିତ, ଅଗ୍ନିଦଗ୍ଧ ଓ କୀଟ ଭକ୍ଷିତ ଦ୍ରବ୍ୟ ଫଳଦାୟକ ହୁଏନାହିଁ ।

ଔଷଧାର୍ଥରେ ନୂତନ ଦ୍ରବ୍ୟ ଗ୍ରହଣ କରିବ, କିନ୍ତୁ ଘୃତ, ଗୁଡ଼, ମହୁ, ଧନିଆ, ପିପ୍ପଳୀ ଓ ବିଡ଼ଙ୍ଗ ଏସବୁ ଦ୍ରବ୍ୟ ପୁରାତନ ହେଲେ ଅଧିକ ଉପକାରୀ ହୁଏ ।

ଏହି ପୁସ୍ତକରେ ଯେତେଗୁଡ଼ିଏ ବନୌଷଧି ଲେଖାଅଛି, ସେଗୁଡ଼ିକ ନିଜେ ଚିହ୍ନି ଏବଂ ଉପଯୁକ୍ତ ସମୟରେ ସଂଗ୍ରହ କରି ବିନା ଅର୍ଥ ବ୍ୟୟରେ ନିଜକୁ ତଥା ନିଜର ପରିବାରକୁ ରୋଗମୁକ୍ତ କରି ପଡ଼ୋଶୀ ଏବଂ ଦରିଦ୍ରମାନଙ୍କର ସେବା କରି ନିଜକୁ ଧନ୍ୟ କରିବାକୁ ମୋର ନିବେଦନ ।

ଗତ ଦଶ ବର୍ଷ ଭିତରେ ମୋର ସନ୍ଦେହ ମୋଚନାର୍ଥେ ଯେତେ ଥର କବିରାଜ ପଣ୍ଡିତ ଅନନ୍ତ ତ୍ରିପାଠୀଙ୍କ ପରାମର୍ଶ ଲୋଡ଼ିଛି, ସେ ମହାଶୟ ସ୍ନେହ ଓ ସହାନୁଭୂତି ସହିତ ମୋର ସନ୍ଦେହ ମୋଚନ କରିଛନ୍ତି ଏବଂ ଏହି ପାଣ୍ଡୁଲିପିକୁ ଧୈର୍ଯ୍ୟର ସହିତ ପାଠ କରି ଏହାର ନାମକରଣ କରିଥିବାରୁ ମୁଁ ତାଙ୍କୁ ମୋର ଅନ୍ତରର କୃତଜ୍ଞତା ଜଣାଉଛି । ଯେଉଁ ବନ୍ଧୁମାନେ ଆଜକୁ କେତେ ବର୍ଷ ହେଲା ମୋର ଟିପା ଖାତାଗୁଡ଼ିକୁ ପୁସ୍ତକାକାରରେ ଛପାଇବାକୁ ବାରମ୍ବାର ଅନୁରୋଧ କରି ଆସିଛନ୍ତି, ସେମାନଙ୍କୁ ମଧ୍ୟ ମୋର କୃତଜ୍ଞତା ଜଣାଉଛି ।

**ବିଶେଷ ଦ୍ରଷ୍ଟବ୍ୟ –**

ପ୍ରତ୍ୟେକ ରୋଗର ପ୍ରତିକାର ପାଇଁ ଏକାଧିକ ବ୍ୟବସ୍ଥା (Prescription) ଦିଆଯାଇଅଛି । ଗୋଟିଏ ବ୍ୟବସ୍ଥାରେ (ଔଷଧ) ଭଲ ନହେଲେ ଅନ୍ୟଟି ପ୍ରୟୋଗ କରିବ । ଏକ ସମୟରେ ସବୁ ବ୍ୟବସ୍ଥା ପ୍ରୟୋଗ କରିବେ ନାହିଁ । ଗୋଟିଏ ବ୍ୟବସ୍ଥାରେ ରୋଗମୁକ୍ତ ନହେଲେ ସେ ବ୍ୟବସ୍ଥା ଯେ ସେହି ରୋଗର ପ୍ରତିକାର ନୁହେଁ, ଏହା ଭାବିବେ ନାହିଁ । ସବୁ ବ୍ୟବସ୍ଥାଗୁଡ଼ିକ ପରୀକ୍ଷିତ । ତାହାହେଲେ ସେ ବ୍ୟବସ୍ଥାରେ କାହିଁକି ରୋଗ ଭଲ ହେଲା ନାହିଁ ? ତାର ଉତ୍ତର – ପ୍ରତ୍ୟେକ ଋତୁରେ ଔଷଧିନାଥ ଚନ୍ଦ୍ରଙ୍କ ପ୍ରଭାବରୁ ବନୌଷଧିର ଗୁଣାଧିକ୍ୟ ବା ହୀନଗୁଣ ପ୍ରକାଶ ପାଏ । ସେହିପରି ଋତୁର ପରିବର୍ତ୍ତନରେ ଶରୀର ଦୋଷସବୁ (ବାତ, ପିତ୍ତ, କଫ) ଋତୁର ଜଳବାୟୁ ଏବଂ ଆମ୍ଭମାନଙ୍କର ଆହାର ବିହାର ଦୋଷରୁ କ୍ଷୟ ବୃଦ୍ଧି ହୋଇଥାଏ । ଅତଏବ ଯେଉଁ ଔଷଧଟି ଖାଇଲେ ଶରୀରର ବାତ, ପିତ୍ତ, କଫ ଦୋଷମାନଙ୍କର ସମତା ଆସିଥାଏ, ସେହି ଔଷଧରେ ଶରୀର ରୋଗମୁକ୍ତ ହୁଏ ।

**ଲେଖକ**

ଆୟୁର୍ବେଦାଚାର୍ଯ୍ୟ, ସାହିତ୍ୟ-ଶିରୋମଣି, ମୀମାଂସା-ବିଦ୍ୟାପ୍ରବୀଣ

**ପଣ୍ଡିତ କବିରାଜ ଶ୍ରୀ ଅନନ୍ତ ତ୍ରିପାଠୀ ଶର୍ମା, M.A. POL.**

ବିରୁଦଭାଜାଙ୍କର ମନ୍ତବ୍ୟ

## ପୂର୍ବାଭାସ

ଶ୍ରୀଯୁକ୍ତ ଲକ୍ଷ୍ମଣ ମିଶ୍ରଙ୍କର 'ଅନୁଭୂତ ଯୋଗମାଳା' ବା 'ସହଜ ଚିକିତ୍ସା' ମୁଁ ଆମୂଳଚୂଳ ପଢ଼ି ଅପୂର୍ବ ଆନନ୍ଦ ଲାଭ କରିଅଛି । ପୁସ୍ତକରେ ସାଧାରଣତଃ ସମସ୍ତ ରୋଗର ଅତି ଉପାଦେୟ ଯୋଗମାନ ସ୍ଥାନ ପାଇଅଛି । ଏ ମଧ୍ୟରୁ ଅନେକ ଯୋଗ ଆୟୁର୍ବେଦ ଗ୍ରନ୍ଥମାନଙ୍କରୁ ଉଦ୍ଧୃତ ଏବଂ ଅବଶିଷ୍ଟ ଯୋଗଗୁଡ଼ିକ ଅକ୍ଲାନ୍ତ ପରିଶ୍ରମ ଓ ଗଭୀର ଅଧ୍ୟବସାୟର ଫଳ । ପ୍ରତ୍ୟେକ ଯୋଗ ପରୀକ୍ଷିତ ଏବଂ ରୋଗୀ ପକ୍ଷରେ ବିଶେଷ ଉପଯୋଗୀ ।

ଏ ସମସ୍ତ ଯୋଗ ଗରିବ ଭାରତବାସୀଙ୍କ ପକ୍ଷରେ ବିଶେଷ ଉପକାରୀ ଓ ଉପଯୋଗୀ । ଆଧୁନିକ ସଭ୍ୟତାଲୋକିତ ବିଶାଳ ଭୂଖଣ୍ଡରେ ଏ ସମସ୍ତ ଯୋଗ ହୁଏତ ଅବହେଳିତ ହୋଇପାରେ, ମାତ୍ର ଏହିମାନଙ୍କର ଅଚିନ୍ତନୀୟ ପ୍ରଭାବରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ମୋର ଦୀର୍ଘ ଚିକିତ୍ସାଭିଜ୍ଞତା ଫଳରେ ମୁଁ ସ୍ପଷ୍ଟ ଭାବରେ ହୃଦୟଙ୍ଗମ କରିପାରିଅଛି ଯେ, ସ୍ଥଳ ବିଶେଷରେ ମୂଲ୍ୟବାନ ଔଷଧ କାର୍ଯ୍ୟକାରୀ ହୋଇନଥିଲେ ମଧ୍ୟ ଏହି ଚେରମୂଳମାନଙ୍କର ପ୍ରୟୋଗ ଅଦ୍ଭୁତ ଫଳ ଦେଖାଇଛି ।

ଆଜିକାଲିକାର ପରମାଣୁ ଯୁଗରେ ବସ୍ତୁମାନଙ୍କର ଶକ୍ତି ଅବିଶ୍ୱାସ କରିବାର କୌଣସି କାରଣ ନାହିଁ । ଏ ବିଷୟରେ ଦୁଇଟି ପ୍ରମାଣ ଉପସ୍ଥାପିତ କରାଯାଇପାରେ । 'ସ୍ୱଳ୍ପା ଚ ମାତ୍ରା ବହୁଳୋ ଗୁଣଶ୍ଚ' । ଏହାର ଅର୍ଥ ଔଷଧର ମାତ୍ରା ସ୍ୱଳ୍ପ ହେଲେ ମଧ୍ୟ ବିଶେଷ ଗୁଣ ଦେଇଥାଏ । ସେହିପରି 'ଅଚିନ୍ତ୍ୟୋ ହି ମଣିମନ୍ତ୍ରୌଷିଧିନାଂ ପ୍ରଭାବ', ଅର୍ଥ-ମଣି, ମନ୍ତ୍ର ଓ ଔଷଧିର ପ୍ରଭାବ ଅନିର୍ବଚନୀୟ । ଏହି ପୁସ୍ତକରେ ଯେଉଁସବୁ ଯୋଗମାନ ଦିଆଯାଇଛି, ସେ ସମସ୍ତ ପରୀକ୍ଷା କରି ଦେଖିଲେ ଉଲ୍ଲିଖିତ ଦୁଇଟି ଉକ୍ତିର ଯଥାର୍ଥତା ସହଜରେ ଉପଲବ୍‌ଧି କରିପାରିବେ ।

ଶ୍ରୀଯୁକ୍ତ ମିଶ୍ରଙ୍କର କାର୍ଯ୍ୟକଳାପ ଓଡ଼ିଶାରେ କାହାରିକି ଅବିଦିତ ନାହିଁ । ସର୍ପ ଦଂଶନରେ ଦଷ୍ଟ ବ୍ୟକ୍ତିର ପରୋକ୍ଷରେ ରହି ମନ୍ତ୍ର ସାହାଯ୍ୟରେ ବିଷ ହରଣ କରିଥାନ୍ତି । ଟେଲିଗ୍ରାମ ସାହାଯ୍ୟରେ ସମ୍ବାଦ ପାଇ ମଧ୍ୟ ଶତ ଶତ ସର୍ପ ଦଷ୍ଟ ବ୍ୟକ୍ତିଙ୍କୁ ସେ ମୃତ୍ୟୁମୁଖରୁ ଟାଣି ଆଣୁଛନ୍ତି – ଏହା ଆମ୍ଭେମାନେ ନିଜ ଆଖିରେ ଦେଖୁଛେଁ । ଏଥିରେ ସନ୍ଦେହର ଅବକାଶ ନାହିଁ କି ଆଧୁନିକ ବିଜ୍ଞାନର କରାମତି ନାହିଁ – ଅଛି ମନ୍ତ୍ରର ଅନିର୍ବଚନୀୟ ଶକ୍ତି । ମୁଁ ନିଜେ ଦେଖିଅଛି, ଅସହ୍ୟ ଯନ୍ତ୍ରଣା ପାଉଥିବା ବ୍ୟକ୍ତି ତାଙ୍କର ମନ୍ତ୍ରାମ୍ନାନ ସହିତ ଫୁତ୍କାରରେ କ୍ଷଣମାତ୍ରରେ ଅସହ୍ୟ ଯନ୍ତ୍ରଣାରୁ ମୁକ୍ତି ଲାଭ କରିପାରୁଛି । ତାଙ୍କର ଅନୁଭୂତ ଅନେକ ଯୋଗ ମୁଁ ମଧ୍ୟ ଚିକିତ୍ସା କ୍ଷେତ୍ରରେ ପ୍ରୟୋଗ କରି ଆଶାତୀତ ଫଳ ପାଇଅଛି ।

ବସନ୍ତ କହନ୍ତୁ, ବିସୂଚିକା କହନ୍ତୁ, ମୂର୍ଚ୍ଛା ବା ଅପସ୍ମାର କହନ୍ତୁ, ଏ ସମସ୍ତ ଅସାଧ୍ୟ ରୋଗରେ ଗୋଟିଏ ଗୋଟିଏ ପତ୍ର, ଫଳ ବା ମୂଳ ସଞ୍ଜିବନୀ ସଦୃଶ କାର୍ଯ୍ୟ କରୁଅଛି ।

ସରକାର ବସନ୍ତ ରୋଗର ପ୍ରତିଷେଧ ଓ ନିରାକରଣ ପାଇଁ ଟିକା ଦେବାରେ ବହୁତ ବ୍ୟୟ କରୁଅଛନ୍ତି । ସ୍ଥଳ ବିଶେଷରେ ଗୋ-ବୀଜର ଶକ୍ତି ନଷ୍ଟ ହୋଇଯାଉଥିବା ଫଳରେ ଟିକା ମଧ୍ୟ କାର୍ଯ୍ୟକାରୀ

ହେଉନାହିଁ । କିନ୍ତୁ ଏହି 'ଅନୁଭୂତ ଯୋଗମାଳା'ରେ ଉଦ୍ଧୃତ କଲରାପତ୍ର ରସର ଉପଯୋଗ ଅବ୍ୟର୍ଥ ପ୍ରମାଣିତ ହୋଇଅଛି । ସେ ଏହାର ବସନ୍ତ - ପ୍ରତିଷେଧିକା ଶକ୍ତି ପରୀକ୍ଷା କରିବାକୁ ସଭ୍ୟ ଜଗତକୁ ଆହ୍ୱାନ କରିଅଛନ୍ତି । ଏହି ରସରୁ ଆଧୁନିକ ରୀତି ଅନୁଯାୟୀ ସୂକ୍ଷ୍ମ ବସ୍ତୁତତ୍ତ୍ୱ ବାହାର କରି ବ୍ୟବହାର କଲେ ଗୋ-ବୀଜ ଟିକା ଅପେକ୍ଷା ଅଧିକ ଫଳ ମିଳିବ ଏବଂ ବ୍ୟୟ ମଧ୍ୟ ଅପେକ୍ଷାକୃତ କମ୍ ହେବ ବୋଲି ସେ ବିଶ୍ୱାସ କରନ୍ତି । ସେହିପରି ସର୍ବସାଧାରଣ ପ୍ରାୟ ସମସ୍ତ ରୋଗରେ ସେ ଅନୁଭୂତ ଟୁଟ୍‌କାମାନ ନିର୍ଦ୍ଦେଶ କରିଅଛନ୍ତି । ଭାରତବାସୀମାନଙ୍କ ପକ୍ଷରେ ଏହା ଅଜଣା ଅଛପା ନାହିଁ ଯେ ଗ୍ରାମ-ପଲ୍ଲୀରେ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ମୂଳମୂଳିକା ସାହାଯ୍ୟରେ ବା ହୁକୁମ ବଳରେ ଅନେକ ଅସାଧ୍ୟ ରୋଗ ଭଲ କରନ୍ତି । ଦୁର୍ଭାଗ୍ୟର କଥା - ସେ ସମସ୍ତ ଯୋଗ ସେ ଜୀବଦ୍ଦଶାରେ ପ୍ରକାଶ କରିବାକୁ ପରାଙ୍‌ମୁଖ ହୁଅନ୍ତି । ଫଳରେ କ୍ରମେ କ୍ରମେ ସେ ସମସ୍ତ ଯୋଗ ଲୋକ -ବ୍ୟବହାରରୁ ଅନ୍ତର୍ହିତ ହୋଇ ଯାଉଅଛି । ଶ୍ରୀଯୁକ୍ତ ମିଶ୍ରେ ପ୍ରଗାଢ଼ ଅଧିବସାୟ କରି ସେହିପରି ଯୋଗମାନ ସଂଗ୍ରହ କରିପାରିଛନ୍ତି ଏବଂ ସେ ସମସ୍ତ ଲୋକମାନଙ୍କର ଉପକାର ଉଦ୍ଦେଶ୍ୟରେ ପ୍ରକାଶ କରିବାକୁ ବାହାରି ଅଛନ୍ତି । ଏଥିପାଇଁ ଚିକିତ୍ସାକ୍ଷେତ୍ରକୁ ସେ ଯେଉଁ ଅବଦାନ ଦେଇଛନ୍ତି, ତାର ମୂଲ୍ୟ ନାହିଁ । ପ୍ରତ୍ୟେକ ନାଗରିକ ସେ ସମସ୍ତର ସଦ୍‌ବ୍ୟବହାର କରିବେ ବୋଲି ମୋର ବିଶ୍ୱାସ ।

ବର୍ତ୍ତମାନ ସରକାର ଗବେଷଣା ନାମରେ ବିପୁଳ ଅର୍ଥ ଖର୍ଚ୍ଚ କରିବାରେ ଲାଗିଅଛନ୍ତି । ପାଶ୍ଚାତ୍ୟ ଛାଞ୍ଚରେ ପରିଚାଳିତ ସେ ସମସ୍ତ ଗବେଷଣାର ଉପଯୋଗ ଭାରତ ପକ୍ଷରେ କେତେଦୂର ଉପଯୋଗୀ, ଭାବିବାର କଥା । ମାତ୍ର ଏହି ପୁସ୍ତିକାରେ ଯେଉଁସବୁ ଯୋଗମାନ ଦିଆଯାଇଅଛି, ସେ ସମସ୍ତ ଯଦି ପ୍ରକୃତ ଗବେଷଣା କରାଯାଏ, ତେବେ ଚିକିତ୍ସାକ୍ଷେତ୍ରରେ ଏକ ଅଭିନବ ଯୁଗର ଆବିର୍ଭାବ ହେବ । ଗୋଟାଏ ପାତାଳ ଗରୁଡ଼ ପାଶ୍ଚାତ୍ୟ ଜଗତରେ ହୁଲସ୍ଥୁଲ ପକାଇଦେଲା । ଏହି 'ଅନୁଭୂତ ଯୋଗମାଳା'ରେ ଶତଶତ ପାତାଳଗରୁଡ଼ ରହିଛି । ଯଦି ହସରେ ଉଡ଼ାଇ ନ ଦେଇ ପରୀକ୍ଷା କରାଯାଏ, ତେବେ ପାଶ୍ଚାତ୍ୟ ଜଗତ ଭାରତର ମୂଳମୂଳିକାମାନଙ୍କର ଅନିର୍ବଚନୀୟ ଶକ୍ତି ଅଚିରେ ହୃଦୟଙ୍ଗମ କରିପାରିବ । ମୁଁ ସେମାନଙ୍କୁ ଆହ୍ୱାନ କରୁଅଛି ଯେ ସେମାନେ ଏ ସମସ୍ତ ଯୋଗମାନ ବିଶ୍ଳେଷଣ କରି ଏବଂ ଆଧୁନିକ ଛାଞ୍ଚରେ ସେ ସମସ୍ତ ପରିଣତ କରି ଚିକିତ୍ସାକ୍ଷେତ୍ରର ପରିସର ଆଲୋକିତ କରନ୍ତୁ ।

ମୁଁ ଆଉ ବେଶି କିଛି କହିବାକୁ ଯାଉନାହିଁ । ଶୀଘ୍ର ଏହି ଯୋଗମାଳା ଯେପରି ପ୍ରକାଶ ପାଇବ ଏବଂ ଲୋକ-ବ୍ୟବହାରରେ ଆସି ଚିକିତ୍ସାକ୍ଷେତ୍ରରେ ଏକ ନବଯୁଗ ସୃଷ୍ଟି କରିବ, ତାହା ଦେଖିବାକୁ ଚାହେଁ । ମୋର ଆଶା ଏବଂ ବିଶ୍ୱାସ ଏହି 'ଅନୁଭୂତ ଯୋଗମାଳା'ର ପ୍ରକାଶରେ ମାନବସମାଜର ଅସୀମ କଲ୍ୟାଣ ସାଧିତ ହେବ ।

ମୁଁ ଶ୍ରୀଯୁକ୍ତ ମିଶ୍ରଙ୍କୁ ତାଙ୍କର ଅଦମ୍ୟ ଅଧିବସାୟ, ଲୋକୋପକାରଦୀକ୍ଷା ଓ ସଦୁଦ୍ୟମକୁ ହୃଦୟର ସହିତ ଅଭିନନ୍ଦନ କରୁଅଛି ଏବଂ 'ଅନୁଭୂତ ଯୋଗମାଳା'ର ଅବିଳମ୍ବିତ ପ୍ରକାଶ ଓ ବହୁଳ ପ୍ରଚାର କାମନା କରୁଅଛି ।

॥ ଇତି ॥

ସ୍ଥା : କଟକ
ତା ୧୬-୨-୫୮

**ଶ୍ରୀ ଅନନ୍ତ ତ୍ରିପାଠୀ ଶର୍ମ୍ମା**

# 'ସହଜ ଚିକିତ୍ସା'ର ପ୍ରକାଶନ ସଂପର୍କରେ ସୂଚନା

୧୯୬୦ ମସିହାରେ ସ୍ୱର୍ଗତ ଲକ୍ଷ୍ମଣ ମିଶ୍ରଙ୍କର ଲିଖିତ 'ଅନୁଭୂତ ଯୋଗମାଳା ବା ସହଜ ଚିକିତ୍ସା' ପ୍ରକାଶ ପାଇଲା ଏବଂ ଅଭୂତପୂର୍ବ ଲୋକପ୍ରିୟତା ଯୋଗୁଁ ତାହାର ବହୁବାର ମୁଦ୍ରଣ ହୋଇଥିଲା ।

ସ୍ୱର୍ଗତ ମିଶ୍ରଙ୍କର (ତିରୋଧାନ ତା ୨୬.୦୧.୧୯୮୯) ଅନ୍ତିମ ଇଚ୍ଛା ଥିଲା ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ ତାଙ୍କର ଆଜୀବନ ଉତ୍ସର୍ଗୀକୃତ ଗବେଷଣା ଓ ସାଧନାର ଉପଲବ୍ଧି ଲିପିବିଦ୍ଧ ହୋଇଥିବା ତାଙ୍କର ଲିଖିତ ଓ ପ୍ରକାଶିତ ହୋଇଥିବା ପୁସ୍ତକଗୁଡ଼ିକର ବହୁଳ ପ୍ରସାର ଯେପରି ରୋଗାକ୍ରାନ୍ତ ମଣିଷର ରୋଗମୁକ୍ତିର ସହାୟକ ହେଉଥିବ ସେ ଦିଗରେ ତାଙ୍କର ପୁଅ କିମ୍ବା ବୋହୂ ଓ ଝିଅମାନେ ଯତ୍ନବାନ ହେବେ ଏବଂ ତାଙ୍କର ଲିଖିତ ପୁସ୍ତକ 'ଅନୁଭୂତ ଯୋଗମାଳା ବା ସହଜ ଚିକିତ୍ସା', 'ଅନୁଭୂତ ଯୋଗମାଳା ଦ୍ୱିତୀୟ ଭାଗ ବା ଘର ବଇଦ', 'ବିଶଲ୍ୟକରଣୀ-ପରୀକ୍ଷିତ ସର୍ବବିଷ ଚିକିତ୍ସା ଓ ମନ୍ତ୍ରଦ୍ୱାରା ରୋଗ ଚିକିତ୍ସା' (ଅନୁଭୂତ ମନ୍ତ୍ରମାଳା) ଓ 'ସଂକ୍ରାମକ ରୋଗ ଚିକିତ୍ସା'ର ପୁନଃ ପ୍ରକାଶନର ଦାୟିତ୍ୱ ମିଳିତ ଭାବରେ ବହନ କରିବେ ।

ସ୍ୱର୍ଗତଃ ମିଶ୍ରଙ୍କର ସେହି ଇଚ୍ଛା ଅନୁଯାୟୀ ତାଙ୍କର ଦୁଇପୁଅ, ଚାରିବୋହୂ ଓ ତିନିଝିଅ ଗୋଟିଏ 'ପାର୍ଟନରସିପ୍' ଗଠନ କରି ଉକ୍ତ ପୁସ୍ତକ ଗୁଡ଼ିକର ଆନୁଷ୍ଠାନିକ 'ପ୍ରକାଶନ'ର ଦାୟିତ୍ୱ ମୋ ଉପରେ ନ୍ୟସ୍ତ କଲାପରେ 'ସହଜ ଚିକିତ୍ସା' ଓ 'ଘର ବଇଦ' ପ୍ରକାଶିତ ହୋଇଆସୁଛି । ପ୍ରକାଶକର ଦାୟିତ୍ୱ ମୁଁ ଗ୍ରହଣ କଲାପରେ, ସହଜ ଚିକିତ୍ସାର ୨୨ଥର ମୁଦ୍ରଣ (ପ୍ରଥମ ମୁଦ୍ରଣ ଓରିପ୍ରିଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଏବଂ ପରବର୍ତ୍ତୀ ୨୧ଟି ମୁଦ୍ରଣ ଶ୍ରୀ ଜଗନ୍ନାଥ ଲାମିନେଟର ଆଣ୍ଡ ଅଫସେଟ୍ ପ୍ରିଣ୍ଟର ପ୍ରେସ୍‌ରେ) ଏବଂ 'ଘର ବଇଦ'ର ୨୦ଥର ମୁଦ୍ରଣ (ଶ୍ରୀ ଜଗନ୍ନାଥ ଲାମିନେଟ୍‌ର ଆଣ୍ଡ ଅଫ୍‌ସେଟ୍ ପ୍ରିଣ୍ଟର୍ ପ୍ରେସ୍‌ରେ) ହୋଇସାରିଛି ।

ତଥାପି ଉଭୟ ପୁସ୍ତକର ଚାହିଦା ଆଦୌ କମିନାହିଁ । ଏହି ପୁସ୍ତକ ଦୁଇଟିରେ ଉଲ୍ଲେଖ କରାଯାଇଥିବା ଔଷଧ ବ୍ୟବହାର କରି ଉପକୃତ ହୋଇଥିବା, ଏପରିକି ଅନେକ ଦୁଃସାଧ୍ୟ ରୋଗରୁ ଆରୋଗ୍ୟ ଲାଭ କରିଥିବା ବହୁ ସଂଖ୍ୟକ ବ୍ୟକ୍ତି ଚିଠି ପତ୍ରରେ ମୋତେ ଜଣାଇଛନ୍ତି ।

ବର୍ତ୍ତମାନ 'ସହଜ ଚିକିତ୍ସା' ଓ 'ଘର ବଇଦ'ର **ପରିମାର୍ଜିତ ସଂସ୍କରଣ** 'ଦି ପରଫେକ୍ଟ ପ୍ରିଣ୍ଟ୍ ଆଣ୍ଡ୍ ଗ୍ରାଫିକ୍ସ (ପ୍ରା.) ଲିଃ.,' ପ୍ରେସ୍‌ରେ ମୁଦ୍ରିତ ହୋଇ ପ୍ରକାଶ ପାଇଲା । ଏହି ପରିମାର୍ଜିତ ସଂସ୍କରଣ ସବୁ ଦିଗରୁ ଯେପରି ଉତ୍କୃଷ୍ଟମାନର ହେବ ସେଥିପ୍ରତି ଦୃଷ୍ଟି ଦିଆଯାଇଛି । ବିଶେଷ କରି ରୋଗଗୁଡ଼ିକର ଇଂରାଜୀ ଅର୍ଥ ଏବଂ ଡାକ୍ତରୀ ନାମ (Medical Term) ସୂଚୀପତ୍ରରେ ଦେବାପାଇଁ ପ୍ରଚେଷ୍ଟା କରାଯାଇଛି ।

ଭୁବନେଶ୍ୱର
ଜୁନ୍ ୨୦୦୬

**ପ୍ରାଣକୃଷ୍ଣ ମିଶ୍ର**
ପ୍ରକାଶକ

## ସୂଚୀପତ୍ର


| ବିଷୟ | | ପୃଷ୍ଠାଙ୍କ |
|---|---|---|
| **ଅ** | | |
| ଅଗିଆ ବାତ (ଦେହ କୁଣ୍ଡାଇ ହୋଇ ଚକାଚକା ହୋଇ ଫଳିଯିବା) | Urticaria (An allergic Skin disorder - red elevated patches on the body with severe itching) | ୧୧୫ |
| ଅଗ୍ନିମାନ୍ଦ୍ୟ (ପରିପାକ ଶକ୍ତିର ହ୍ରାସ) | Dyspepsia (Impaired digestion - pain or acute discomfort in the upper middle part of the abdomen) | ୯୫ |
| ଅଗ୍ନିଦଗ୍ଧ (ନିଆଁରେ ପୋଡ଼ିଯିବା) (ନିଆଁରେ ଏସିଡରେ, ତାତିଲା ଚୁନରେ, ବାରୁଦ ବା ଦିଆସିଲ ନିଆଁରେ) | Burns (By fire, acid, hot lime, gunpowder) | ୧୦୯-୧୧୧ |
| ଅଜୀର୍ଣ୍ଣ | Indigestion | ୯୩-୯୫ |
| ଅତିସାର (ଅଜୀର୍ଣ୍ଣ ଝାଡା) | Diarrhoea - (Intestinal disorder - abnormal frequency and fluidity of faecal evacuations) | ୧୨୮-୧୩୦ |
| ଅଣ୍ଟାଧରା | Back sprain | ୧୦୧ |
| ଅଧକପାଳି ମୁଣ୍ଡବ୍ୟଥା | Migraine - (Extremely severe headache confined to one side of the head) | ୨୬ |
| ଅନିଦ୍ରା | Insomania (Sleeplessness) | ୧୨୨ |
| ଅନ୍ତକୋଷ | Hernia (A protrusion of abdominal organs through a gap in the abdominal wall) | ୧୩୨ |
| ଅନ୍ତର୍ବିଦ୍ରଧି (ପେଟଭିତରେ ବ୍ରଣ ବା କ୍ୟାନସର୍) | Stomach ulcer / stomach cancer | ୧୦୬ |
| ଅନ୍ଧାର କଣା | Night Blindness | ୩୨ |
| ଅପସ୍ମାର (ମୃଗୀ) (ମୂର୍ଚ୍ଛାରୋଗ) | Epilepsy [Recurrent convulsions (seizures) with loss of consciousness] | ୫୯-୬୦ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ଅଫିମ ବିଷ | Opium poisoning | ୬୯ |
| ଅଫିମ ଅଭ୍ୟାସ ଛାଡ଼ିବା ପାଇଁ | Cure for opium addiction | ୭୨ |
| ଅମ୍ଳରୋଗ - (ପାଚନ ରସ ଅଧିକ ନିଃସରଣ) | Acid dyspepsia (Acidity) (Excessive secretion of gastric juice - burning sensation behind the breast bone and reeling of head - may cause loss of consciousness) | ୧୦୦-୧୦୧ |
| ଅମ୍ଳପିତ୍ତ (ଅଧିକ ପାଚନ ରସ ଓ ପିତ୍ତ ନିଃସରଣ) | Hyper acidity (Excess secretion of gastric juice and bile) | ୯୬ |
| ଅଳତି ରୋଗ (କ୍ୱଚିତ୍ ଦେଖାଯାଉଥିବା ମାରାତ୍ମକ ରୋଗ, ନବଜାତ ଶିଶୁର ଶରୀରରେ ଜୀବାଣୁ ଦ୍ୱାରା ରକ୍ତ ସଂକ୍ରମଣ- ଦେହରେ ନାଲି ଚିହ୍ନ ଦେଖାଯାଏ | Neonatal Septicemia (Invasion and persistence of pathogenic bacteria in the blood stream of a new born child - A rare, fatal child disease) | ୧୬ |
| ଅଳ୍ପାର୍ତ୍ତବ (ଋତୁକାଳରେ ଅଳ୍ପ ଋତୁସ୍ରାବ) | Amenorrhoea - Insufficient menstruation | ୧୩୧-୧୩୨ |
| ଅର୍ଶ (ମଳଦ୍ୱାରରେ ଶିରା ଫୁଲି ରକ୍ତସ୍ରାବ ହେବା) | Piles - (Haemorrhoids) - [Swollen veins (lumps) inside or outside the anus which frequently bleed] | ୭୩-୭୭ |
| ଅଶ୍ମରୀ ଶୂଳ (ମୂତ୍ରନଳୀରେ ପଥର ଯୋଗୁ ଯନ୍ତ୍ରଣା) | Renal Colic - Severe pain caused by stones in the urinary tract (kidney and bladder) | ୧୦୪-୧୦୫ |
| **ଆ** | | |
| ଆଣ୍ଠୁଗଣ୍ଠିବାତ | Arthritis (Inflammation of joints with swelling, stiffness and redness and pain) | ୧୨୭-୧୨୮ |
| ଆପେଣ୍ଡିସାଇଟିସ୍ (ଅନ୍ତର୍ଗୁଚ୍ଛ ପ୍ରଦାହ) | Appendicitis (Inflammation of the appendix causing, in acute case, blockage, infection and abscess with serious consequences) | ୧୦୬-୧୦୭ |
| ଆନ୍ତ୍ରିକ ଜ୍ୱର | Typhoid Fever (A highily infectious disease | ୧୫୦ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| | affecting the intestine - prolonged fever, headache, abdominal pain) | |
| ଆବୁ | Tumour (A lumpy collection of tissue cells large enough to be seen or felt) | ୧୧୭-୧୧୮ |
| ଆମବାତ | Rheumatoid Arthritis (A progressive, slowly destructive swelling of joints, at first, fingers and feet, and later, other joints of the body) | ୧୨୭-୧୨୮ |
| ଆମାତିସାର (ନାଳ ଝାଡା) | Dysentry (Mucous) | ୧୩୦ |
| ଆମରକ୍ତାତିସାର (ନାଳରକ୍ତ ଝାଡା) | Dysentry (Mucous & blood) | ୧୩୧ |
| ଆଖିରେ ଆଲୁଅ | Styes - (A small boil at the root of the eyelashes, causing swelling, pain on the eyelid, and later a discharge) | ୩୧ |
| ଆଖିଧରା ଯନ୍ତ୍ରଣା | Conjunctivitis (Painful, sticky eyes with redness of the eyeball) | ୩୧ |
| ଆଖିର ପରଳ | Pterygium (Fleshy, thick, grey, opaque growth on the cornea) | ୩୪ |
| ଆଖି ରକ୍ତବର୍ଣ୍ଣ ଦିଶିଲେ | Redness of the eye ball (most common cause - conjunctivitis, episcleritis, scleritis) | ୩୧-୩୨ |
| ଆଖିର ଫୁଲାରୋଗ | Blepharitis / Ectropion - (Swelling due to inflammation of eyelids) | ୩୨ |
| ଆଖିରେ ମୋତିଆବିନ୍ଦୁ | Cataract (Painless loss of transparency) of the eye lens, vision becomes hazy or foggy) | ୩୩ |
| ଆଖିର ଶୁକ୍ଳଭାଗରେ ରକ୍ତ ବିନ୍ଦୁ | Episcleritis (Red spots on the white outer coat of the | ୩୩ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| | eyeball due to inflammation. | |
| ଆଖିରୁ ପାଣି ବୋହିବା, କୁହୁଡ଼ିଆ ଦେଖାଯିବା | Dacryocystis / Ectropion (Excessive watering of the eyes due to blockage of tear duct) | ୩୩ |
| **ଇ** | | |
| ଇନ୍ଦ୍ରିୟ କ୍ଲାପ (ମୂତ୍ରବର୍ଦ୍ଧକ ଔଷଧ) | Dieuretic (A medicine to increase discharge of urine) | ୧୫୮ |
| **ଉ** | | |
| ଉକୁଣୀ (ମୁଣ୍ଡର) | Head Lice | ୨୯ |
| ଉଦର ରୋଗ | Abdominal Diseases | ୮୦-୮୨ |
| ଉନ୍ମାଦ (ପାଗଳ ପରି ବ୍ୟବହାର - ମାନସିକରୋଗ ନୁହେଁ) | Temporal Lobe Epilepsy - (Abnormal behaviour - a feeling of unreality, display of temper and violent action - Not a mental illness) | ୯୨ |
| ଉପଦଂଶ (ସିଫିଲିସ୍) | Syphilis (A venereal sexually transmitted (also congenital) disease which can cause serious damage to many organs throughout the body in later life) | ୧୬୭-୧୨୯ |
| ଉପି (ମୁଣ୍ଡର) (ରୂପି) | Dandruff (Scales of dead skin on the scalp) | ୨୯ |
| **ଋ** | | |
| ଋତୁରୋଧ, ଅସମ୍ୟକ ଋତୁ - (ସ୍ୱାଭାବିକ ଋତୁସ୍ରାବ ନହେବା) | Amenorrhoea- (Stoppage of / Irregular menstruation) | ୫୫-୫୬ |
| ଋତୁଶୂଳ (ବାଧକ)(ଋତୁ ସମୟରେ ଭୟଙ୍କର ପେଟବ୍ୟଥା) | Dysmenorrhoea (Pain or discomfort during or before a menstrual period) | ୫୬-୫୭ |
| ଋତୁକାଳରେ ଅଧିକ ରକ୍ତସ୍ରାବ | Menorrhagia - (Excessive loss of blood during menstruation) | ୫ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| **ଏ** | | |
| ଏକଶିରା | Orchitis (Inflammation and painful swelling of testicles) (a temporary condition) | ୧୩୩ |
| **ଓ** | | |
| ଓଠଫଟା | Cracked lips | ୧୧୬ |
| **କ** | | |
| କଙ୍କଡ଼ା ବିଛା, ଶିଙ୍ଗିମାଛ ବିଷ | Poisonous reaction due to Scorpion / Scorpion fish stinging | ୬୬-୬୭ |
| କଟାଘା | Cut injury | ୧୧୧ |
| କଟିବାତ (ବାତଜନିତ ଅଣ୍ଟା ଯନ୍ତ୍ରଣା) | Lumbago (Severe pain in the lower back (lumber region) usually in stooping, followed by sciatica in some cases) - (a rheumatic condition) | ୧୨୫ |
| କଣ୍ଟା, କାଚ, ଲୁହାକଣ୍ଟା ଗଳିଗଲେ | Removal of thorns, nails, glass splinters embedded in the body | ୧୧୬ |
| କଣ ନଖା (ହାତ ବା ଗୋଡ଼ ଆଙ୍ଗୁଠି ନଖ କୋଣ ପାଚି ଯନ୍ତ୍ରଣା ହେବା) | Paronychia - (A bacterial or fungal infection at the side of the finger nail or toe nail with severe throbbing pain and pus formation) | ୧୦୮ |
| କଣ୍ଠସ୍ୱର | Voice - medicine for normal clarity of voice | ୪୫ |
| କଣ୍ଡୁ (ବଡ଼ବଡ଼ ଘିମିରି ହୋଇ କୁଣ୍ଡାଇ ହେବା) | An itchy skin eruption with large sized pimples | ୧୧୯ |
| କର୍ଣ୍ଣରୋଗ | Ear Diseases | ୩୭-୩୯ |
| କର୍ଣ୍ଣଶୂଳ (କାନ ଟାଣିଲେ) | Ear Ache - Otalgia / Otitis External / Otitis Media | ୩୭ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| କର୍ଣ୍ଣମୂଳ ଶୋଥ (କାନର ମୂଳରେ ଫୁଲାରୋଗ) | Inflammation of the middle ear - (Otitis Media) / Retraction of Tympanic membrane | ୩୮ |
| କନକା ମଞ୍ଜି ବିଷ | Poisonous reaction of croton seed (a drastic purgative) | ୭୧ |
| କନିଅର ମଞ୍ଜି ବିଷ | Yellow Oleander seed poisoning | ୬୯ |
| କଫ (ଶରୀରସ୍ଥ ଆୟୁର୍ବେଦୋକ୍ତ ଚାରି ରସ ମଧ୍ୟରୁ ଗୋଟିଏ) | Phlegm - (The thick mucous secreted in the respiratory passages and discharged through the mouth- one of the four elemental bodily fluids according to Ayurveda) | ୫୨ |
| କଫଜ୍ୱର (କଫାଧିକ୍ୟ ଯୋଗୁ ଜ୍ୱର) | (Fever caused by excess secretion of phlegm) | ୧୪୦ |
| କଲେରା (ବିସୂଚିକା) | Cholera (Acute infectious disease caused by a bacteria (Vibrio cholerae) and transmitted by bacteria contaminated water and flies - severe watery diarrhoea, vomitting, loss of fluid, rapid weight loss and muscle cramp - can be fatal) | ୫୫ |
| କଷ୍ଟାର୍ତ୍ତବ (ଋତୁସମୟରେ ଯନ୍ତ୍ରଣା) | Dysmenorrhoea | ୧୩୧-୧୩୨ |
| କାଖ ଗୁଳି | Adenites (Inflammation of lymph glands in the armpit) | ୧୦୭-୧୦୮ |
| କାଛୁ କୁଣ୍ଡିଆ | Scabies | ୧୧୮-୧୧୯ |
| କାନକୁଟୁରି (କାନରେ ପୋକ) | Maggots ear (Worms in the ear) | ୩୮-୩୯ |
| କାନରୁ ପୂଜ ବାହାରିବା (ପୂତିକର୍ଣ୍ଣ) | Pus discharge from the ear (Otorrhea / Otitis Externa) | ୩୮ |
| କାମଳ | Jaundice - (Symptom of a serious disease - yellow discoloration of the skin | ୧୨୧-୧୨୨ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| | and whites of the eyes, dark brown wine and cream coloured stools due to release of bile pigments in the blood) | |
| କାଶ | Cough | ୪୦-୪୨ |
| କୁଷ୍ଠ ରୋଗ | Leprosy - A chronic inflammation of the nerves and the skin - colourless blotches develop any where on the skin - gradual loss of sensation, paralysis and deformity of the affected limb - infection caused by prolonged contact with an infected person | ୯୧ |
| କୃମି (ଦଶିପୋକ) | Thread worm | ୧୭୭-୧୭୮ |
| କୃମି (ଅଙ୍କୁଶ କୃମି) | Hook worm | ୧୭୮ |
| କୃମିଜ ଶିରଶୂଳ | Headache caused by worm (bacteria) infection, with extremely foul smelling nasal discharge. | ୭୮ |
| କୃଷ୍ଣବର୍ଣ୍ଣ ଦମ୍ପତ୍ତିର ଶୁକ୍ଳବର୍ଣ୍ଣ ସନ୍ତାନ | Treatment for dark-complexioned parents to have fair complexioned offsprings | ୧୪୧-୧୪୨ |
| କୋଚିଲା ବିଷ | Nux vomica poisoning | ୭୦ |
| କୋଷ ଟଣା | Pain due to inflammation of the testicles | ୧୩୨ |
| କୋଷ ବୃଦ୍ଧି | Hydrocele (Swelling in the scrotum - painless but may cause discomfort) | ୧୩୩ |
| କୋଷ୍ଠବଦ୍ଧ | Constipation | ୧୦୧-୧୦୨ |
| **ଗ** | | |
| ଗନେରିଆ (ଔପସର୍ଗିକ ପ୍ରମେହ) | Gonorrhoea (Venereal disease caused by | ୧୬୩-୧୬୭ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| | gonococcus bacterium during sexual activity with an infected person, affecting both male and female genitals) | |
| ଗନ୍ଧକ ବିଷ (ଅଶୁଦ୍ଧ ଗନ୍ଧକ ଖାଇ ମୁଣ୍ଡବୁଲା ପ୍ରଭୃତି ବିକାର ହେଲେ) | Adverse reactions after intake of unpurified sulphur | ୭୯ |
| ଗର୍ଭ ରହିଲା କି ନାହିଁ ଜାଣିବାକୁ | Diagnosis of pregnancy | ୯୯ |
| ଗର୍ଭାବସ୍ଥାରେ ମାଟିଖାଇବାକୁ ଇଚ୍ଛା | Urge to eat soil during pregnancy | ୪ |
| ଗର୍ଭାବସ୍ଥାରେ ବାନ୍ତି | Vomitting during pregnancy | ୩ |
| ଗର୍ଭିଣୀର ସ୍ତନରେ କଣ୍ଡୁ ହେଲେ | Itching of a pregnant woman's breast | ୬ |
| ଗର୍ଭପାତ ନହେବା ପାଇଁ | To prevent abortion (miscarriage) | ୩ |
| ଗଳକ୍ଷତ | Abscess under the mucous membrane surrounding the tonsils (A complication of tonsillitis) | ୪୩ |
| ଗଳଗଣ୍ଡ (କଣ୍ଠ ଗ୍ରନ୍ଥିଫୁଲା ରୋଗ) | Goitre (Enlargement of thyroid gland seen as swelling of the neck) | ୪୩ |
| ଗଣ୍ଡମାଳା (ବେକ, କାଖ, କାନ୍ଧ ଓ କୋଡ଼ ସନ୍ଧି ଲିମ୍ଫ୍ ଗ୍ରନ୍ଥିର ଫୁଲାରୋଗ) | Swellings of lymph glands in the neck, arm pit, shoulder and groin | ୪୩ |
| ଗଳା କ୍ୟାନସର୍ | Cancer of the Throat (pharynx, esophagus, larynx, trachea) | ୪୪ |
| ଗାଲୁଆ | Mumps (Inflammatory swelling of salivary glands at the base of the ears - a viral infection) | ୪୩ |
| ଗୁଳ୍ମ | Tumour in the Abdomen (Abnormal circumscribed swelling in the abdomen) | ୮୪-୮୫ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ଗୃଧ୍ରସି (ପିଚାଠାରୁ ପାଦ ପର୍ଯ୍ୟନ୍ତ ସ୍ନାୟୁରେ ଯନ୍ତ୍ରଣା) | Sciatica (Pain radiating along the sciatic nerve extending from buttocks upto feet) | ୧୨୪-୧୨୫ |
| ଗୋଡ଼ଫଟା | Cracks in the feet | ୧୧୪ |
| ଗୋଦର (ଶ୍ଲୀପଦ) | Elephantiasis (A chronic filarial disease causing swelling of the legs) | ୧୫୦ |
| ଗ୍ରହଣୀ (ସଂଗ୍ରଣୀ) | Sprue (A chronic disease - diarrhoea, ulceration of the digestive tract, abdominal pain) | ୯୬-୯୭ |
| **ଘ** | | |
| ଘଣ୍ଟିକା (ଉପଜିହ୍ୱା ରୋଗ) | Tonsillitis [Inflammation of the tonsil (which is associated with general inflammation of the throat)]. Symptoms-swollen neck glands, sore throat, high temperature and dry cough. | ୪୧ |
| ଘା (ବିଭିନ୍ନ ପ୍ରକାର)ର ପ୍ରତିକାର | Treatment of boils and ulcers (different types) | ୧୦୯-୧୧୪ |
| ଘିମିରି | Prickly heat (An intensly irritating skin rash with appearance of small pimples or blisters) | ୧୧୫ |
| **ଚ** | | |
| ଚନ୍ଦାମୁଣ୍ଡରେ ବାଳ ଉଠିବାକୁ | Treatment for Baldness | ୩୦ |
| ଚମଦଳା (ହାତ ଓ ପାଦରେ ଲାଲ ରଙ୍ଗର ଓ ଜ୍ୱାଳା ହେଉଥିବା ଚର୍ମରୋଗ) | Burning sensation associated with red, warm blotches on the hands and feet | ୧୧୯-୧୨୦ |
| ଚର୍ମ ରୋଗ (ରକ୍ତ ଦୋଷ ହେତୁ ସବୁ ପ୍ରକାର ଚର୍ମରୋଗ ପାଇଁ) | Treatment for all kinds of skin diseases caused by blood impurity | ୧୨୦ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ଚକ୍ଷୁ ରକ୍ଷା | Eye care | ୩୪-୩୫ |
| ଚକ୍ଷୁ ରୋଗ (ସମସ୍ତ ପ୍ରକାର ଚକ୍ଷୁରୋଗ ପାଇଁ) | Eye Diseases (cure for all types of eye diseases) | ୩୧ |
| ଜ | | |
| ଜନ୍ମରୋଧ | Birth control | ୯ |
| ଜଳାତଙ୍କ (ପାଗଳ କୁକୁର ବା ବିଲୁଆ କାମୁଡ଼ିବା ଯୋଗୁଁ ରୋଗ - ପାଣି ପ୍ରତି ଅସ୍ୱାଭାବିକ ଭୟ- ମସ୍ତିଷ୍କ ଆକ୍ରାନ୍ତ ହୋଇ ରୋଗ ମାରାତ୍ମକ ହୁଏ ) | Rabies (Hydrophobia - abnormal dread of water) A fatal, infectious disease - transmitted to humans through the bite of rabid dogs and foxes causes inflammation of brain muscles, spasms, paralysis and inability to swallow anything | ୬୪ |
| ଜଳୋଦର (ପାଣି ଜମି ପେଟଫୁଲିବା) | Ascites (An abnormal build up of fluid in the abdominal cavity) | ୮୦-୮୨ |
| ଜିହ୍ୱାର ଜଡ଼ତା | Numbness of the Tongue | ୪୧ |
| ଜିହ୍ୱା ରୋଗ | Diseases of the Tongue | ୪୦-୪୧ |
| ଜ୍ୱର (ବିଭିନ୍ନ ପ୍ରକାର) ପରୀକ୍ଷା ଓ ଚିକିତ୍ସା | Fevers (Diagnosis and treatment) | ୧୩୬-୧୫୧ |
| ଝ | | |
| ଝାଳ (ଘର୍ମ) ପ୍ରତିକାର | Treatment for excessive sweating | ୧୧୫ |
| ଝିଅ ହେଉଥିଲେ ପୁଅ ହେବା ପାଇଁ | For birth of a son to a woman conceiving only daughters | ୩-୪ |
| ତ | | |
| ତୀକ୍ଷ୍ଣାଗ୍ନି (ଅସ୍ୱାଭାବିକ କ୍ଷୁଧା) | Compelling excessive craving for food | ୯୫ |
| ତୃଷା (ଉତ୍କଟ) | Excessive thirst | ୯୬ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ଦ | | |
| ଦନ୍ତରୋଗ | Tooth diseases | ୩୯-୪୦ |
| ଦାନ୍ତ ପୋକ କାଟିଲେ | Dental caries (Cavity formation in the teeth, caused by bacteria) | ୩୯ |
| ଦାନ୍ତର ପାଇରିଆ | Dental Pyorrhea (Discharge of pus and blood from the teeth) | ୩୯ |
| ଦାନ୍ତରୁ ରକ୍ତ ବାହାରିଲେ | Bleeding from the teeth | ୪୦ |
| ଦାନ୍ତ ହଲିଲେ | Loosening of the teeth | ୪୦ |
| ଦାନ୍ତ ଟାଣ କରିବାକୁ | Strengthening of the teeth | ୪୦ |
| ଦୁଦୁରା (ଧାତୁରା) ବିଷ | Jimson weed (Datura Stramonium) poisoning | ୭୦ |
| ଦୂଷିତ ଘା | Infected wound | ୧୧୨-୧୧୩ |
| ଧ | | |
| ଧବଳ କୁଷ୍ଠ (ଧଳାଛଉ) | Leucoderma (vitiligo) (A skin disorder - smooth white patches on the body) | ୯୦-୯୧ |
| ଧ୍ୱଜଭଙ୍ଗ (ସ୍ୱାଭାବିକ ଯୌନକ୍ରିୟା ପାଇଁ ଅକ୍ଷମତା) | Sexual Impotence (Inability to sustain erection during sexual intercourse) | ୧୭୪ |
| ନ | | |
| ନଖ ମରିଯାଉଥିଲେ | For growth of new nails in place of dead nails. | ୧୦୮ |
| ନପୁଂସକତା (ପୁରୁଷତ୍ୱ ହୀନତା) | Sexual Impotence (Inability to attain erection for sexual intercourse) | ୧୬୯-୧୭୪ |
| ନାକରୋଗ | Diseases of the nose | ୩୫-୩୬ |
| ନାକର ସମସ୍ତ ରୋଗ ପାଇଁ | Treatment for all types of nose diseases | ୩୬ |
| ନାକରୁ ରକ୍ତ ପଡ଼ିଲେ | Epistaxis - Bleeding from the nose | ୩୫ |
| ନାକଭିତରେ ପୀନାସ୍ ଘା | Atrophic Rhinitis | ୩୫-୩୬ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ନାକର ହାଡ଼ରେ ବ୍ରଣ ହେଲେ | Furnacle of the nose / Vestebulitis of the nose | ୩୬ |
| ନାଭି ଫୁଲିଲେ (ପିଲାଙ୍କର) | Inflammation of a child's navel | ୧୫-୧୬ |
| ନାଭିରେ ଘା ହେଲେ (ପିଲାଙ୍କର) | Ulcer in the child's navel | ୧୬ |
| ନାଭି ଶୁଖିଲାପରେ ଫୁଲି ଗାଣ୍ଠି ହେଲେ | Formation of a hard lump of flesh on the healed navel | ୧୬ |
| ନାଳୀ ଘା (ଶୀରା ବା ଅସ୍ଥି ମଧ୍ୟରେ ଥିବା ସଂକୀର୍ଣ୍ଣ ମାର୍ଗରେ ହୋଇଥିବା କ୍ଷତ) | Sinus - (An abscess in a narrow passage in the hollow of a bone or a channel for venous blood.) | ୧୧୨ |
| ନିଦ ନହେବା ପାଇଁ (ଜଗାଗର ରହିବାପାଇଁ) | To prevent sleep to keep awake | ୧୨୨ |
| ନିର୍ଲୋମକରଣ | Removal of unwanted hair | ୧୨୩ |
| **ପ** | | |
| ପଠାଘା | Carbuncle | ୧୦୭ |
| ପଦ୍ମକଣ୍ଟା (ଶରୀର ଉପରେ ବା ଭିତରେ ଭାତୁଡ଼ି ପରି ଆବୁ) | Papilloma [Wart like tumour on or inside the body (on the skin or mucous membrane)] | ୧୧୬ |
| ପବକାଣ୍ଡ (ବେଢ଼ା ଆଙ୍ଗୁଳି) | Abscess on the finger | ୧୦୮-୧୦୯ |
| ପରିସ୍ରା ବନ୍ଦ ହେତୁ ମୂର୍ଚ୍ଛା | Fainting due to retention of urine | ୯୯ |
| ପରିସ୍ରା ବେଶି ହେଲେ | Frequent and profuse urination | ୮୯ |
| ପକ୍ଷାଘାତ | Paralysis | ୧୨୬-୧୨୭ |
| ପାଗଳ ରୋଗ | Insanity | ୯୨ |
| ପାଣ୍ଡୁ (ଦେହର ଚର୍ମ ଅଳ୍ପ ହଳଦିଆ ମିଶ୍ରିତ ଧଳା ବା ସେଠୁଆ ଦେଖାଯାଏ) (କାମଳ ରୋଗ ପାଇଁ ଦିଆଯାଇଥିବା ଔଷଧ ଏହି ରୋଗ ପାଇଁ ମଧ୍ୟ ପ୍ରୟୋଗ କରାଯାଇପାରିବ) | Skin looks yellowish white or ashen. (Medicine prescribed for Jaundice is also effective in this disease) | ୧୦୨ |
| ପାଳିଜ୍ୱର (ଏକାହିକ ଜ୍ୱର) | Intermittent fever (Fever alternately ceasing and beginning at fixed intervals) | ୧୪୫-୧୪୬ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ପିତଜ୍ୱର | Fever caused by aggravation of Pita (Bile), one of the four elemental bodily fluids. | ୧୩୯-୧୪୦ |
| ପିତ୍ତ ପଥୁରି (ପିତ୍ତକୋଷ ଶିଳା) | Gall stone (Stones in the gall bladder and the bile duct often cause severe intermittent pain in the abdomen and vomitting) | ୧୦୫-୧୦୬ |
| ପିତ୍ତ ଶ୍ଳେଷ୍ମା ଜ୍ୱର | Fever cuased by aggravation of 'Pita' (Bile) and 'Kafa' (Phlegm) | ୧୪୧ |
| ପିଲାମାନେ ବିଛଣାରେ ମୂତିଲେ | Bed wetting by children | ୮୯ |
| ପିହୁଳା (ପିଲାଙ୍କର ମୂର୍ଚ୍ଛାରୋଗ) | Epilepsy (Febrile convulsions) | ୮ |
| ପୁଷ୍ପବତୀ ହେବାକୁ | Treatment to enable a female to attain puberty (The physiological ability for sexual reproduction) | ୫୬ |
| ପ୍ଲୀହା ବଢ଼ିଯିବା ରୋଗ | Abnormal enlargement of spleen | ୮୨-୮୪ |
| ପ୍ଲୁରିସି | Pleurisy [(Inflammation of the pleuria (the membrane surrounding the lungs)] Symptoms - Fever, dry cough and sharp and stabbing pain in the chest during breathing movements | ୪୨-୪୮ |
| ପେଟ ଫମ୍ପା | Tympanites (Distention of the abdominal wall due to accumulation of gas or air in the abdomen) | ୧୦୧ |
| ପେଟ ବ୍ୟଥା (ଶୂଳ) | Abdominal Pain (Colic) | ୧୦୩-୧୦୪ |
| ପେଟରୁ ମଲାପିଲା ବାହାର କରିବାକୁ | Evacuation of a child dead in the womb | ୫ |
| ପ୍ରଦର - ଶ୍ୱେତ ପ୍ରଦର | Leucorrhoea (whitish or yellowish discharge of mucous from the vagina | ୧୩୩-୧୩୬ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ରକ୍ତ ପ୍ରଦର | Metorrhagia (Non-menstrual bleeding from the Uterus - Uterine haemorrhage) | |
| ପ୍ରମେହ | Spermatorrhea - (Abnormally frequent and involuntary non-orgasmic emission of semen - a seriously debilitating disease) | ୧୫୨-୧୬୩ |
| ପ୍ରସବ ପରେ ଫୁଲ ପଡ଼ିବାକୁ | Evacuation of placenta after child birth | ୪-୫ |
| ପ୍ରସବ ବା ଗର୍ଭପାତ ପରେ ରକ୍ତସ୍ରାବ | Excess bleeding after child birth or abortion | ୫ |
| ପ୍ରସବ ପରେ ସୂତିକା ନ ହେବାକୁ | Prevention of postnatal complications | ୫-୬ |
| ପ୍ରସବ ହେତୁ ପେଟ ବଢ଼ିଲେ | Swelling of abdomen due to child birth | ୭ |
| ବ | | |
| ବଧିରତା | Deafness | ୩୭ |
| ବନ୍ଧ୍ୟାର ସନ୍ତାନ ହେବାକୁ | Treatment to cure the barrenness of a woman to make her reproductive | ୯-୧୦ |
| ବସନ୍ତ | Small pox | ୬୧-୬୨ |
| ବୟସ ଛଉ | Freckles (One or more brownish spots on the skin caused by deposition of pigment - These increase in number and darken on exposure to sunlight- Commonly appear on the face and neck of elederly persons - A benign disorder) | ୮୯-୯୦ |
| ବହୁମୂତ୍ର (ମଧୁମେହ) | Diabetes Millitus - (The body can not properly use sugar and carbohydrates from the diet due to malfunctioning of the | ୧୨୩-୧୨୪ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| | pancreas, resulting in accumulation of sugar in the blood and tissue, seriously affecting various parts of the body (vital organs). Symptoms - excessive thirst and urination, loss of weight, debility, vision problem and ulcers on the feet etc.) | |
| ବାଗି (ପିଛୁଳି -ଜଙ୍ଘସନ୍ଧିରେ ଗ୍ରନ୍ଥି ଫୁଲା) | Bubo - (An inflammatory swelling of the lymph gland specially in the groin.) | ୧୦୮ |
| ବାତଜ୍ୱର (ଶରୀରସ୍ଥ 'ବାୟୁ' ବା 'ବାତ'ର ଅସନ୍ତୁଳତା ଯୋଗୁ ଜ୍ୱର) | Fever caused by imbalance of "Vata" the vital wind constituting the life energy - (rheumatic fever) | ୧୩୯ |
| ବାତଜ୍ୱର - (ଫାଇଲେରିଆ) | Filarial Fever | ୧୫୦ |
| ବାତରୋଗ [ବାୟୁ (ବାତ)ର ଅସନ୍ତୁଳତା ଯୋଗୁ ବିଭିନ୍ନ ରୋଗ] | Diseases caused by aggravation of "Vata" (Rheumatic diseases) | ୧୨୬-୧୨୭ |
| ବାତ ଶ୍ଳେଷ୍ମା ଜ୍ୱର (ବାତ ଓ କଫର ପ୍ରଭାବରେ ଜ୍ୱର) | Fever caused by aggravation of "Vata" and "Kafa" (Phlegm) | ୧୪୧-୧୪୨ |
| ବାନ୍ତି | Vomitting | ୫୩-୫୪ |
| ବାୟା କୁକୁର, ବାୟା ବିଲୁଆ କାମୁଡ଼ିଲେ | Rabid dog and Rabid Jackal bite poisoning | ୬୨-୬୪ |
| ବାଲିଜନ୍ଦା (ପାଣି ଖିଆ) | Painful fungal infection of the toes due to excessive contact with muddy water | ୧୧୩-୧୧୪ |
| ବିଇଞ୍ଚ (ଏକ୍‌ଜିମା) | Eczema (Contagious skin inflammation - redness, fluid accumulation, swelling itching and blisters which dry up with scabs and crusts - Becomes chronic) | ୧୨୧ |
| ବିଛୁଆତି, ବାଇଡଙ୍କ ଲାଗି କୁଣ୍ଡାଇ ହେଲେ | Irritating rash resulting from contact with nettleplants | ୭୨ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ବିଷ (ବିଭିନ୍ନ ପ୍ରକାର)ର ଚିକିତ୍ସା | Antidotes for poisons (different kinds) | ୬୯-୭୩ |
| ବିଷାକ୍ତ ସାପ କାମୁଡ଼ିଲେ | Poisonous snake bites | ୬୪-୬୬ |
| ବିସର୍ପ ମୁଖବ୍ରଣ | Erysipelas [(Acute bacterial febrile infection causing boils (red spots) turning into red patches and blisters on the face)]. | ୪୧-୪୨ |
| ବ୍ରଣ | Boils | ୧୦୭ |
| ବ୍ୟାଧିହରଣ (ଶରୀରର ସର୍ବରୋଗର ଚିକିତ୍ସା) | Remedy for all diseases | ୧୭୮ |
| **ଭ** | | |
| ଭଗନ୍ଦର | Anal Fistula (An abnormal extra channel created between the ano-rectal canal and the skin around the surface of the anus - pain, and slight bleeding from the anus - discharge of pus and some times faeces) | ୭୭-୭୯ |
| ଭାଙ୍ଗ ଗଞ୍ଜାଇ ନିଶା | Cannabis intoxication | ୭୧ |
| ଭାତୁଡ଼ି | Warts (Small solid growths on different parts of the body- a viral and slightly contagious infection) | ୧୭୭ |
| ଭାଲିଆ ବିଷ | Poisoning by fruits of Anacardiaceae plant (Cashew family) | ୭୦ |
| ଭୂତ ଉନ୍ମାଦ | A type of epilepsy - Hallucination about a visual or auditory presence of a ghost resulting in abnormal behaviour- not a mental illness | ୯୨ |
| ଭେଷଜ କଳ୍ପନା | Description of ingredients and procedures of making medicines | ୧୮୦-୧୮୧ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| **ମ** | | |
| ମକଚି ହୋଇ ଜଖମ ହେଲେ | Sprain | ୧୧୬-୧୧୭ |
| ମଦନିଶା | Severe intoxication due to excessive intake of alcohol | ୭୧ |
| ମନଃଶିଳା ବିଷ | Red arsenic (Arsenic disulphide) poisoning | ୭୨ |
| ମନ୍ୟାସ୍ତମ୍ଭ (ବେକ ମୋଡି ହୋଇ ରହିଯିବା ରୋଗ) | Wryneck (Torticollis) - Spasmodic contraction of the neck muscle, twisting the neck and head to one side | ୧୨୬ |
| ମଳକଣ୍ଟକ (ମଳଦ୍ୱାର ମୁହଁରେ ଅର୍ଶବୋଲି ପରି ବାହାରେ, ବଡ଼ ଯନ୍ତ୍ରଣା ଦାୟକ) | Anal Fissure- A fissure or crack in the lining of the anal canal, causing severe pain during and after passing stool and bleeding from the anus | ୭୯ |
| ମଳଦ୍ୱାର ବାହାରି ପଡ଼ିଲେ | Prolapse of the rectum - (Protrusion of the anus or part of the rectal lining) | ୭୯-୮୦ |
| ମସ୍ତିଷ୍କ ଦୁର୍ବଳତା ପାଇଁ | Brain Tonic | ୨୮ |
| ମହୁରା ବିଷ (ଦାରୁମୂଷି ବିଷ) | Aconite (a plant having poisonous and medicinal properties) poisoning | ୭୦ |
| ମହୁମାଛି, ବିରୁଡ଼ି କାଟିଲେ | Bee / Wasp sting | ୬୭ |
| ମାଛ ଆଖିଆ | Corn (a thickening of the outer skin with a central core on the toes and soles of the feet) | ୧୧୪ |
| ମ୍ୟାଲେରିଆ ଜ୍ୱର | Malaria (A serious infectious disease caused by malarial parasites carried by mosquitoes - Bouts of fever with shivering, headache, muscle pain) | ୧୪୬-୧୪୯ |
| ମିଳିମିଳା | Measles A highly contagious disease mostly | ୬୦ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| | affecting children (unless immunised). After dry irritating cough, sore red eyes, small white spots inside the cheek, and fever, a brownish - pink rash spreads in blotches over the whole body | |
| ମୁଖରୋଗ | Diseases of the mouth | ୪୧-୪୨ |
| ମୁଖବ୍ରଣ | Acne vulgaris | ୪୨ |
| ମୁଣ୍ଡରୁ ବାଳ ଉପୁଡ଼ିଲେ | Alopecia (Baldness or loss of hair) | ୨୯ |
| ମୁଣ୍ଡର ବାଳ ବଢ଼ିବାକୁ | Medicine for hair growth | ୨୯ |
| ମୁଣ୍ଡର ବାଳ ନପାଚିବାକୁ | To prevent premature greying of hair | ୨୯ |
| ମୁଣ୍ଡ ବୁଲାଇ ହେଲେ | Vertigo - (Sense of giddiness - feeling of head spinning) | ୨୮ |
| ମୁଣ୍ଡବ୍ୟଥା | Headache | ୨୭-୨୮ |
| ମୁହଁର କଳାଦାଗ | Dark spots or marks on the face | ୪୨ |
| ମୁହଁ ଗନ୍ଧାଉଥିଲେ | Bad breath | ୪୨ |
| ମୂତ୍ରକୃଚ୍ଛ୍ର (ପରିସ୍ରା କଲାବେଳେ ଯନ୍ତ୍ରଣା) | Dysuria (Painful urination) | ୮୭-୮୮ |
| ମୂତ୍ରାଘାତ ବା ମୂତ୍ରରୋଧ (ପରିସ୍ରା ବନ୍ଦ ହୋଇଗଲେ) | Obstructive Micturition (Failure to urinate) | ୮୮-୮୯ |
| ମୂଷା ଚୁଚୁନ୍ଦ୍ରା କାମୁଡ଼ିଲେ | Rat and mole bite | ୬୮ |
| ମୋଟା ହୋଇଯିବା ରୋଗ (ମେଦ ରୋଗ ବା ସ୍ଥୌଲ୍ୟ ରୋଗ) | Obesity (Overweight) | ୧୫୧ |
| ମୃତବତ୍ସା (ଯେଉଁ ମାର ପିଲା ପେଟରୁ ମରିକରି ଜନ୍ମହେଲେ କିମ୍ବା ଜନ୍ମର ୨ବର୍ଷ ଭିତରେ ମରିଯାଉଥିଲେ) | The woman who gives birth to still born children or children who die within two years of birth | ୮ |
| **ଯ** | | |
| ଯକୃତ (ଲିଭର) ଠିକ୍ ଭାବରେ କାମ ନକରିବା | Cure for the Malfunctioning of the Liver | ୮୫ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ଯକ୍ଷ୍ମାରୋଗ (କ୍ଷୟ ରୋଗ) | Pulmonary Tuberculosis (An infectious and highly wasting disease-can be fatal) | ୪୬-୪୭ |
| ଯାଦୁ | (Tinea) Ringworm (A contagious fungal skin infection - mild to intense irritation) | ୧୨୦ |
| ଯୋନିକନ୍ଦ (ପେନ୍ଦ) (ଗର୍ଭାଶୟ ଯୋନି ଭିତରକୁ ବା ବାହାରକୁ ଖସିଆସିବା) | Prolapse of the Uterus (Displacement and protrusion of Uterus into the vaginal orifice) | ୮୦ |
| ଯୋନିକଣ୍ଡୁ | Itching of vagina and vulva | ୧୩୨ |
| ଯୋନିଦାହ | Inflammation of the vagina and vulva with burning sensation | ୧୩୨ |
| ଯୋନିଶୂଳ | Pain in the vagina | ୧୩୨ |
| **ର** | | |
| ରକା (ପବନ ଅଟକିଯିବା)-(ଆଘାତ ଜନିତ ନୁହେଁ) | Sprain (rheumatic) stiffness and pain in the affected muscle (not due to injury) | ୧୧୬ |
| ରକ୍ତଚାପ (ଉଚ୍ଚ) | High Blood Pressure | ୯୨-୯୩ |
| ରକ୍ତ ପିତ୍ତ | Contamination of blood by polluted bile, causing serious complications resembling the symptoms of TB, such as bleeding from the mouth, cough, fever | ୫୪ |
| ରକ୍ତବାନ୍ତି | Haematemesis (Blood vomitting) | ୫୪ |
| ରକ୍ତମୂତ୍ର (ମୂତ୍ରରେ ରକ୍ତ ପଡ଼ିବା) | Haematuria (Blood in the urine) | ୫୫ |
| ରକ୍ତାତିସାର (ରକ୍ତ ଝାଡା) | Blood in the motions | ୧୩୦-୧୩୧ |
| ରୋହିଣୀ (ଗୁରୁତର କଣ୍ଠରୋଗ) | Diptheria - A serious and highly infectious problem of the throat | ୨୫ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| **ଲି** | | |
| ଲିଙ୍ଗରୁ ରକ୍ତସ୍ରାବ (ଅତ୍ୟଧିକ ମୈଥୁନ ଯୋଗୁ ରକ୍ତସ୍ରାବ) | Bleeding from the penis due to excessive sexual intercourse | ୮୯ |
| ଲିଙ୍ଗାର୍ଶ | Balanitis Pus discharge due to inflammation of the foreskin or glans penis | ୭୭ |
| **ଶ** | | |
| ଶଙ୍ଖୁଆ ବିଷ | Poisoning by Arsenic (white in colour) (Arsenic trioxide) | ୭୨ |
| ଶିର ପୀଡାନାଶକ ତୈଳ (ଶରୀର ଓ ମସ୍ତକ ପାଇଁ) | Oil beneficial for the body and the head | ୩୦-୩୧ |
| ଶିରରୋଗ | Diseases affecting the head | ୨୬-୩୧ |
| ଶିଶୁରୋଗ | Child Diseases | ୧୪-୨୫ |
| ଶୀଘ୍ର ପତନ ନହେବା ପାଇଁ (ସ୍ତମ୍ଭନ) | Cure for premature ejaculation | ୧୨-୧୪ |
| ଶୋଥ (ପାଣି ଜମି ଫୁଲିବା ରୋଗ) | Oedema - (Swelling in any part of the body caused by fluid leaked from the circulatory system) | ୮୬-୮୭ |
| ଶ୍ୱାସ | Asthma (Inflammation and swelling of the bronchial passage causing cough, wheezing and difficulty in breathing out) | ୪୮-୫୦ |
| **ସ** | | |
| ସର୍ଦ୍ଦି-ଗର୍ମି (ଅଂଶୁଘାତ) | Sunstroke (Heat Stroke) - A sudden and sometimes fatal affection due to exposure to sun or excessive heat, marked by prostration with or without fever, convulsion and coma | ୯୮-୯୯ |
| ସର୍ଦ୍ଦି | Cold | ୩୬-୩୭ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ସନ୍ନିପାତ ଜ୍ୱର | Pneumonia (Acute inflammation of the lungs by bacterial or viral infection) | ୧୪୨ |
| ସନ୍ନ୍ୟାସ (ମୁଣ୍ଡରେ ରକ୍ତାଧିକ୍ୟ ହେବା) | Apoplexy (Stroke resulting from damage to brain caused by blood clot or haemorrhage of the brain arteries) | ୯୭-୯୮ |
| ସହବାସ ପରେ କେତେକ ଉପାଦେୟ ସାଧାରଣ ନିୟମ | Post sexual intercourse precautions | ୧୧-୧୨ |
| ସ୍ତ୍ରୀ ରୋଗ | Female diseases | ୫୫-୫୯ |
| ସଂବାଳୁଆ | To cure irritation caused by contact with caterpillar | ୬୮ |
| ସାପ ଗରଳ ଖାଇ ବିଷ ବିକାର ହେଲେ | Antidote for poisoning caused by intake of snake venom | ୭୩ |
| ସୁଖ ପ୍ରସବ | Easy child birth | ୪ |
| ସୁସନ୍ତାନ ଲାଭ ପାଇଁ ମୈଥୁନ ସମ୍ବନ୍ଧୀୟ କେତେକ ଉପାଦେୟ ତଥ୍ୟ | To ensure birth of a healthy child | ୧-୩ |
| ସୂତିକା | Postnatal complications | ୫୮ |
| ସ୍ତନରକ୍ଷା | To prevent sagging of a woman's breasts | ୮ |
| ସ୍ତନ ଦୁଧ ଦୂଷିତ ହେଲେ ବିଶୁଦ୍ଧ କରିବାକୁ | To cure toxicity of the milk in a woman's breast | ୭ |
| ସ୍ତନରେ ଦୁଧ ହେବାକୁ | To improve milk production in a woman's breast | ୭ |
| ସ୍ତନହରା (ସ୍ତନରେ ଘା) | Breast Abscess | ୬ |
| ସ୍ୱପ୍ନଦୋଷ | Wet dream - release of semen during sleep often during a sexual dream (Nocturnal emission) | ୧୭୫-୧୭୬ |
| ସ୍ୱରଭଙ୍ଗ | Laryngitis (Hoarseness or loss of voice) | ୪୪ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| **ହ** | | |
| ହରପିସ୍ (ମାଙ୍କଡାସା ମୁତିବା ରୋଗ) | Herpes - any of several diseases caused by herpes virus, characterised by eruptions on the skin or mucous membranes. | ୬୯ |
| ହରିତାଳ ବିଷ | Poisoning by Orpiment (Arsenic Trisulphide) (yellow in colour) | ୭୨ |
| ହାଡ଼ ଭାଙ୍ଗିଗଲେ | Fractures | ୧୧୭ |
| ହାତପାଦ ଜ୍ୱାଳା | Burning sensation of the feet and hands | ୧୧୪ |
| ହାତପାଦରୁ ଚମ ଛାଡ଼ିଲେ | Skin peeling off from the hands and feet | ୧୧୬ |
| ହିକ୍କା | Hiccough - Repeated and involuntary spasms of the diaphragm - Prolonged bouts may occur - persistent hicough suggests underlying abnormalities | ୫୩ |
| ହୁପିଙ୍ଗ୍ କଫ୍ (କୁକୁର କାଶ) | Whopping cough - A severe infectious bacterial child disease - bouts of excessive paroxysmal coughing with harsh sound. | ୨୨ |
| ହୃଦ୍ରୋଗ | Heart Diseases. | ୪୫-୪୬ |

# ଅନୁଭୂତ ଯୋଗମାଳା
# ବା
# ସହଜ ଚିକିତ୍ସା

ଚିକିତ୍ସା କରିବା ପୂର୍ବରୁ ଶରୀର କିପରି ଉତ୍ପନ୍ନ ହୁଏ ଏବଂ ଶରୀର ଉତ୍ପନ୍ନ ହେବା ପୂର୍ବରୁ କି ଉପାୟ ଅବଲମ୍ବନ କଲେ ସୁସନ୍ତାନ ଲାଭ ହୁଏ, ସେ ବିଷୟରେ ଆମ୍ଭମାନଙ୍କର ଅଭିଜ୍ଞତା ଥିବା ଉଚିତ୍ ।

ଋତୁର ପ୍ରଥମ ଦିନଠାରୁ ଷୋଡ଼ଶ ଦିନ ପର୍ଯ୍ୟନ୍ତ ସ୍ତ୍ରୀର ଗର୍ଭଧାରଣ ଯୋଗ୍ୟ ଶକ୍ତିଥାଏ । ସୁସନ୍ତାନକାମୀ ଓ ସୁସ୍ଥ ଶରୀରାଭିଳାଷୀ ବ୍ୟକ୍ତି ଋତୁର ପ୍ରଥମ ଚାରିଦିନ, ଏକାଦଶ ଓ ତ୍ରୟୋଦଶ ଦିନ ସହବାସ ବର୍ଜନ କରିବେ । ଏହି ଛଅଦିନ ବାଦ ବାକି ୧୦ ଦିନ ମଧ୍ୟରୁ ଯେତେ ବେଶି ଦିନ ପରେ ଗର୍ଭଧାନ କରିବେ, ସନ୍ତାନ ସେତେ ସୁସ୍ଥ ବଳବାନ ହେବ ଓ ତା'ର ପରମାୟୁ ବୃଦ୍ଧି ହେବ । ଉପରୋକ୍ତ ୧୦ ଦିନ ମଧ୍ୟରୁ ରବିବାର, ଅମାବାସ୍ୟା, ପୂର୍ଣ୍ଣିମା, ଚତୁର୍ଦ୍ଦଶୀ, ଅଷ୍ଟମୀ ଓ ସଂକ୍ରାନ୍ତି ଦିନ ସହବାସ ବର୍ଜନ କରିବେ, କାରଣ ଏହି ଦିନମାନଙ୍କରେ ପୁରୁଷ ଓ ସ୍ତ୍ରୀର ଶୁକ୍ର ଓ ଶୋଣିତ ଦୂଷିତ ଥାଏ । ରାତ୍ରିର ପ୍ରଥମ ପ୍ରହରରେ ଗର୍ଭାଧାନ ହେଲେ ସେହି ଗର୍ଭସ୍ଥ ସନ୍ତାନ ଅଳ୍ପାୟୁ ହୁଏ । ଦ୍ୱିତୀୟ ଓ ତୃତୀୟ ପ୍ରହର ଗର୍ଭାଧାନ ପାଇଁ ସେତେ ଭଲ ନୁହେଁ । ଚତୁର୍ଥ ପ୍ରହରରେ ଗର୍ଭାଧାନ ହେଲେ ପୁତ୍ର ଓ କନ୍ୟା ଦୀର୍ଘାୟୁ ଓ ନୀରୋଗ ହୁଅନ୍ତି । ଋତୁର ଚତୁର୍ଥ, ଷଷ୍ଠ, ଅଷ୍ଟମ, ଦଶମ ଓ ଦ୍ୱାଦଶ ରାତ୍ରରେ ସହବାସ କଲେ ପୁତ୍ର ଜନ୍ମ ହୁଏ । ଏଠାରେ ମନେ ରଖିବାକୁ ହେବ ଯେ ଉତ୍ତରୋତ୍ତର ରାତ୍ରି ସର୍ବଶ୍ରେଷ୍ଠ ଅର୍ଥାତ୍ ଚତୁର୍ଥ ରାତ୍ରି ଅପେକ୍ଷା ଷଷ୍ଠ, ଷଷ୍ଠ ଅପେକ୍ଷା ଅଷ୍ଟମ, ଅଷ୍ଟମ ଅପେକ୍ଷା ଦଶମ ଏବଂ ଦଶମ ରାତ୍ରି ଅପେକ୍ଷା ଦ୍ୱାଦଶ ରାତ୍ରିରେ ସହବାସରୁ ଜନ୍ମହେବା ପୁତ୍ର ବଳବାନ, ଦୀର୍ଘାୟୁ ଓ ଭାଗ୍ୟବାନ ହୁଏ । ଋତୁର ପଞ୍ଚମ, ସପ୍ତମ, ନବମ ଏବଂ ଏକାଦଶ ରାତ୍ରିରେ ସହବାସ କଲେ କନ୍ୟା ଜନ୍ମ ହୁଏ । ସମରାତ୍ରି ଅର୍ଥାତ୍ ଚତୁର୍ଥ, ଷଷ୍ଠ, ଅଷ୍ଟମ, ଦଶମ ଓ ଦ୍ୱାଦଶ ରାତ୍ରିରେ ପୁରୁଷର ବୀର୍ଯ୍ୟ ସ୍ତ୍ରୀର ରଜ ଅପେକ୍ଷା ବେଶୀ ଥାଏ, ସେଥିପାଇଁ ପୁତ୍ର ଜନ୍ମ ହୁଏ । ସେହିପରି ବିଷମ ରାତ୍ରିରେ ଅର୍ଥାତ୍ ପଞ୍ଚମ, ସପ୍ତମ, ନବମ ଓ ଏକାଦଶ ରାତ୍ରିରେ ସ୍ତ୍ରୀ ରଜ ବେଶି ହୁଏ ଓ ପୁରୁଷର ବୀର୍ଯ୍ୟ କମ୍ ହୁଏ, ସେଥିପାଇଁ କନ୍ୟା ଜନ୍ମ ହୁଏ, ତ୍ରୟୋଦଶ, ଚତୁର୍ଦ୍ଦଶ ଏବଂ ପଞ୍ଚଦଶ ରାତ୍ରିରେ ସହବାସ କରିବା ଉଚିତ୍ ନୁହେଁ । ପୁତ୍ରକାମୀ ଲୋକ ସମରାତ୍ରିରେ ଏବଂ କନ୍ୟାକାମୀ ଲୋକ ବିଷମ ରାତ୍ରିରେ ସହବାସ

କରିବେ । ସାତଟି ବାର ମଧ୍ୟରୁ ସୋମବାର, ଗୁରୁବାର ଏବଂ ଶୁକ୍ରବାର ରାତ୍ରି ମୈଥୁନ ପାଇଁ ଉତ୍ତମ ଅଟେ । ମଙ୍ଗଳବାର ରାତ୍ରିରେ ମୈଥୁନରୁ ଗର୍ଭ ହେଲେ ମୃତ ସନ୍ତାନ ଜାତ ହୁଏ । ସକାଳ, ସନ୍ଧ୍ୟା (ଗୋଧୂଳି) ଏବଂ ଦ୍ୱିପ୍ରହରରେ ମୈଥୁନ ହାନିକାରକ ।

"ପୂତିମାଂସ, ସ୍ତ୍ରୀୟୋ ବୃଦ୍ଧା ବାଳାର୍କସ୍ତରୁଣାଂ ଦଧି ।
ପ୍ରଭାତେ ମୈଥୁନଂ ନିଦ୍ରା ସଦ୍ୟପ୍ରାଣହରାଣି ଷଟ୍ ।"

ଅର୍ଥ – ସଢ଼ାମାଂସ, ବୁଢ଼ୀ ସ୍ତ୍ରୀ, କନ୍ୟା ମାସର ଖରା (ଭାଦ୍ରବ, ଆଶ୍ୱିନ), ବସି ନଥିବା ଦହି, ସକାଳେ ମୈଥୁନ ଓ ନିଦ୍ରା ସ୍ୱାସ୍ଥ୍ୟ ପ୍ରତି ବଡ଼ ହାନିକାରକ । ଶରୀର ସୁସ୍ଥ ଥିଲା ବେଳେ, ମନରେ ଶୋକ ଚିନ୍ତା ଈର୍ଷା ଦ୍ୱେଷ ଆଦି ବିକାର ନଥିବା ବେଳେ, ଖାଦ୍ୟ ଅଧାଜୀର୍ଣ୍ଣ ହୋଇଥିବ କିନ୍ତୁ ପେଟ ଖାଲି ନଥିବା ବେଳେ ସହବାସ କରିବ । ଝାଡ଼ା ଓ ପରିସ୍ରା ଦେଖାଉଥିବା ବେଳେ ଏବଂ ଭୋକ, ଶୋଷ ସମୟରେ ସହବାସ କରିବ ନାହିଁ । ଗର୍ଭାବସ୍ଥାରେ ଧର୍ମ ଓ ସତ୍‌ଚିନ୍ତା କଲେ ସନ୍ତାନ ଧାର୍ମିକ ଓ ସୁଖୀ ହୁଏ । ଗର୍ଭବତୀ ନାରୀ ହିଂସା, ଦ୍ୱେଷ, ମିଥ୍ୟାଭାଷଣ ପ୍ରଭୃତି ଅନ୍ୟାୟ ଆଚରଣ କଲେ ଗର୍ଭସ୍ଥ ସନ୍ତାନ ସେହିଗୁଣ ନେଇ ଜନ୍ମ ହୁଏ । ଏହି ସମୟରେ ଦିବାନିଦ୍ରା, ଉପବାସ, ମୈଥୁନ, ମଳମୂତ୍ରାଦିର ବେଗଧାରଣ, ରାତ୍ରି ଜାଗରଣ, ଶୋକାଦି ପରିତ୍ୟାଗ କରିବ । ରଜସ୍ୱଳା ସ୍ତ୍ରୀ ରଜନିଃସାରଣ ଦିନ ଠାରୁ ତିନି ଦିନ ପର୍ଯ୍ୟନ୍ତ ସ୍ନାନ କରିବା କଦାପି ଉଚିତ୍ ନୁହେଁ । ସ୍ନାନ କଲେ ଦେହରୁ ଦୂଷିତ ରକ୍ତ ନ ଯାଇ ନାନାଦି ରୋଗ ଜାତ ହୁଏ । ଏହି ଦୂଷିତ ରକ୍ତ ସ୍ୱାସ୍ଥ୍ୟ ପ୍ରତି ଏତେ ହାନିକାରକ ଯେ ଏହି ସମୟରେ ମୈଥୁନ କଲେ ଭୟଙ୍କର ରୋଗଜାତ ହୁଏ, ଏପରିକି ପୁରୁଷ ନପୁଂସକ ହୋଇଯାଏ । ସେଥିପାଇଁ ରଜସ୍ୱଳା ସ୍ତ୍ରୀକୁ କେହି ସ୍ପର୍ଶ କରନ୍ତି ନାହିଁ । ଏହି ସମୟରେ ମୈଥୁନ କଲେ ଯଦି ଗର୍ଭାଧାନ ହୁଏ, ତାହାହେଲେ ସେହି ସନ୍ତାନ ଅଳ୍ପାୟୁ ଓ ବିକଳାଙ୍ଗ ହୁଏ । ରଜସ୍ୱଳା ସ୍ତ୍ରୀ ନିରାମିଷ ଆହାର କରିବ । ଏହି ସମୟରେ ଶୁଖୁଆ ଖାଇଲେ ପ୍ରଦର ରୋଗ ହୁଏ ।

ଗର୍ଭସ୍ଥ ସନ୍ତାନର ପ୍ରତ୍ୟେକ ଅଙ୍ଗ ବ୍ୟକ୍ତ ହେବା ପୂର୍ବରୁ ଅର୍ଥାତ୍ ଗର୍ଭର ତୃତୀୟ ମାସରେ ଗୋଟିଏ କଞ୍ଚା ପଳାଶ ପତ୍ର ଦୁଧ ସହିତ ବାଟି ଗର୍ଭିଣୀ ସ୍ତ୍ରୀ ସେବନ କଲେ ବୀର୍ଯ୍ୟବାନ୍ ପୁତ୍ର ସନ୍ତାନ ଲାଭ କରେ (ଭାବ ପ୍ରକାଶ) । ଗର୍ଭର ଚତୁର୍ଥ ମାସରେ ଗର୍ଭସ୍ଥ ସନ୍ତାନର ଅଙ୍ଗପ୍ରତ୍ୟଙ୍ଗ ଓ ଚୈତନ୍ୟ ପ୍ରକାଶ ପାଏ । ଏହି ସମୟରୁ ମା ଯେଉଁ ବିଦ୍ୟାଚର୍ଚ୍ଚା କରିବ, ସନ୍ତାନ ସେହି ଗୁଣ ନେଇ ଜନ୍ମ ହେବ । ଅଭିମନ୍ୟୁ (ଅର୍ଜୁନଙ୍କ ପୁଅ) ମା ପେଟରେ ଥିଲା ବେଳେ ଯୁଦ୍ଧବିଦ୍ୟା ଶିଖିଥିଲେ । ଚତୁର୍ଥ ମାସଠାରୁ ଗର୍ଭିଣୀର ଯାହା ଭୋଗ କରିବାକୁ ବା ଦର୍ଶନ କରିବାକୁ ଅଭିଳାଷ ହୁଏ, ତାହା ପୂର୍ଣ୍ଣ ନହେଲେ ସନ୍ତାନର ଅନିଷ୍ଟ ହୁଏ । ଗର୍ଭାବସ୍ଥାର ଯେଉଁ ସ୍ତ୍ରୀମାନେ ପ୍ରସବ ସମୟ ପର୍ଯ୍ୟନ୍ତ ଶାରୀରିକ ପରିଶ୍ରମ କରୁଥାନ୍ତି, ପ୍ରସବ ସମୟରେ ସେମାନେ ବେଶି କଷ୍ଟ ପାଆନ୍ତି ନାହିଁ । ଗରୀବ ବିଶେଷତଃ ମୂଲିଆ ଘରର ସ୍ତ୍ରୀମାନେ ବିଲରେ କାମ କରୁଥିବା ସମୟରେ ପ୍ରସବ କରିବାର ଦେଖାଅଛି । ସେମାନେ ପ୍ରସବ କଷ୍ଟ କଅଣ ଜାଣନ୍ତି ନାହିଁ । ବାତ ଦ୍ୱାରା ଗର୍ଭିଣୀ ଓ ଗର୍ଭସ୍ଥ ଶିଶୁ ଶୁଷ୍କ ହେଲେ ପୁଷ୍ଟି ସକାଶେ

ଯାଠିମହୁ ଓ ଗମ୍ଭାରିଫଳ ସହିତ ସିଦ୍ଧଦୁଧ ଶର୍କରା ମିଶାଇ ପିଇବାକୁ ଦେବ । ହଂସଡ଼ିମ୍ବ ବା କୁକୁଡ଼ା ଡ଼ିମ୍ବ ଓ କୁକୁଡ଼ାର ମାଂସ ପଥ୍ୟ କରିବ । ଗର୍ଭର ଦଶମ ମାସରେ ଗର୍ଭିଣୀ ଶୁଣ୍ଠି, ଯାଠି ମହୁ ଓ ଦେବ ଦାରୁ ସହିତ ସିଦ୍ଧ ଦୁଧ ସେବନ କଲେ ଗର୍ଭସ୍ଥ ଶିଶୁର ବଳ ସଞ୍ଚିତ ହୁଏ ।

## ଗର୍ଭାବସ୍ଥାରେ ବାନ୍ତି

ଗର୍ଭର ପ୍ରଥମ ଓ ଦ୍ୱିତୀୟ ମାସରେ ବାନ୍ତି ଆରମ୍ଭ ହୁଏ । ଏହି ବାନ୍ତି ବଡ଼ କଷ୍ଟଦାୟକ । ଏ ବାନ୍ତି ବନ୍ଦ କରିବାକୁ ହେଲେ ଏକ ତୋଳା ଅଁଳାଗୁଣ୍ଡ, ଏକ ତୋଳା କିସ୍‌ମିସ୍ ଏବଂ ଦୁଇ ତୋଳା ଚିନି ଏକତ୍ର ବାଟି ଛୋଟ ବରକୋଳି ପରି ବଟିକା କରିବ । ଏହି ବଟିକାରୁ ଗୋଟିଏ କଳରେ ଯାକି ତା'ର ରସ ଢ଼ୋକିବ, ଚୋବାଇ କରି ଖାଇବ ନାହିଁ । ଦିନକୁ ୪/୫ଟି ବଟିକା ଖାଇଲେ ୨/୩ ଦିନରେ ବାନ୍ତି ନିଶ୍ଚୟ ବନ୍ଦ ହୋଇଯିବ ଏବଂ ଅରୁଚି ଛାଡ଼ିଯିବ ।

## ଗର୍ଭପାତ ନ ହେବା ପାଇଁ

୧) ଗର୍ଭର ପ୍ରଥମ ମାସରେ ଗୋଟିଏ ଦିନ ମାତ୍ର ଗୋଟିଏ କଞ୍ଚା ପଳାଶ ପତ୍ରକୁ ଟିକ୍‌ଟିକ୍ କରି କାଟି ଏକ ପାଆ ଗାଈଦୁଧ ଏବଂ ଏକପାଆ ପାଣିରେ ପାକ କରିବ । ଅବଶେଷ ଏକ ପାଆ ରହିଲେ ଛାଣି ସେଥିରେ ମିଶ୍ରି ମିଶାଇ ପିଇବ । ଗର୍ଭର ଦ୍ୱିତୀୟ ମାସରେ ଗୋଟିଏ ଦିନ ଦୁଇ ଗୋଟି ପତ୍ର, ତୃତୀୟ ମାସରେ ତିନି ଗୋଟି - ଏହିପରି ପ୍ରତିମାସରେ ଗୋଟିଏ ଲେଖାଏଁ ଅଧିକା ପତ୍ର ଦେଇ ନବମ ମାସରେ ନଅଟି ପତ୍ରକୁ ଉପରୋକ୍ତମତେ ସିଝାଇ ମିଶ୍ରି ମିଶାଇ ଖାଇବ । ପତ୍ରର ସଂଖ୍ୟା ବଢ଼ିବା ସଂଗେ ସଂଗେ ଦୁଧର ମାତ୍ରା ବଢ଼ାଉଥିବ ଏବଂ ଦୁଧର ସମଭାଗ ପାଣି ଦେଉଥିବ । ଅଧସେର ଦୁଧରୁ ବେଶି କରିବ ନାହିଁ । (ବହୁ ପରୀକ୍ଷିତ)

୨) ବାବୁଲ ଗଛର ଛାଲି ଦୁଇତୋଳା ଅଧସେର ପାଣିରେ ସିଜାଇ ଅବଶେଷ ଏକ ଛଟାଙ୍କି ରହିଲେ ଛାଣି ସେହି ପାଣିରେ ମିଶ୍ରି ମିଶାଇ ଗର୍ଭିଣୀକୁ ପିଆଇବ । ଦିନକୁ ଦୁଇଥର ସକାଳ ଓ ସନ୍ଧ୍ୟା ପାଞ୍ଚଦିନ ପିଆଇବ ।

୩) ଡ଼ିମ୍ବିରି ଗଛର ଛାଲି ଏକ ତୋଳାକୁ ଏକ ପାଆ ପାଣିରେ ସିଝାଇ ଅଧ ଛଟାଙ୍କିଏ ରହିଲେ ଛାଣି ଗର୍ଭିଣୀକୁ ପିଆଇବ । ପାଞ୍ଚଦିନ ଏହିପରି ପିଆଇଲେ ଗର୍ଭପାତ ବନ୍ଦ ହେବ ।

## ଝିଅ ହେଉଥିଲେ ପୁଅ ହେବାକୁ

ଗର୍ଭର ୨ ୧/୨ ମାସ ଠାରୁ ୩ ମାସ ଭିତରେ ତିନିଗୋଟି ମୟୁର ଚନ୍ଦ୍ରିକାକୁ ଗୁଡ଼ ଭିତରେ ପୂରାଇ ଗିଳି ପକାଇଲେ ପୁତ୍ର ସନ୍ତାନ ନିଶ୍ଚୟ ହେବ ।

**କିପରି ଖାଇବାକୁ ହେବ -** କୌଣସି ରବିବାର ଦିନ (ଗର୍ଭର ୧/୨ ମାସ ଠାରୁ ୩ ମାସ ମଧ୍ୟରେ) ସକାଳୁ ଗାଧୋଇ ସୂର୍ଯ୍ୟଙ୍କୁ ନମସ୍କାର କରି ଗୋଟିଏ ମୟୁର ଚନ୍ଦ୍ରିକାକୁ କତୁରୀରେ ଟିକଟିକ୍

କରି କାଟି ଯେତିକି ଗୁଡ଼ ଭିତରେ ରହିପାରିବ ଏବଂ ତାକୁ ଗିଳିପାରିବ, ସେତିକି ଗୁଡ଼ ଭିତରେ ପୂରାଇ ଡ଼ାହାଣ ନାକ ପୁଡ଼ାରେ ନିଶ୍ୱାସ ଯାଉଥିବା ସମୟରେ ଗିଳିଦେବ । ସେହିପରି ସୋମବାର ଓ ମଙ୍ଗଳବାର ଦିନ ଗୋଟିଏ ଲେଖାଏଁ ଚନ୍ଦ୍ରିକା ଗୁଡ଼ ଭିତରେ ପୂରାଇ ଖାଇଲେ ପୁତ୍ର ସନ୍ତାନ ନିଶ୍ଚୟ ହେବ । (ବହୁ ପରୀକ୍ଷିତ)

## ଗର୍ଭାବସ୍ଥାରେ ମାଟି ଖାଇବାକୁ ଇଚ୍ଛା ହେଲେ

ଆମ୍ବିଳା ଡ଼ାଳିମ୍ବ ଗର୍ଭବତୀ ସ୍ତ୍ରୀକୁ ଖୁଆଇଲେ ମାଟି ଖାଇବାକୁ ଇଚ୍ଛା ହୁଏ ନାହିଁ ।

## ସୁଖ ପ୍ରସବ

୧) ଫୁଲ ଫୁଟି ନଥିବା ଛୋଟ ତିନ୍ତୁଳି ଗଛର କଞ୍ଚାଚେର ଉପାଡ଼ିକରି ଆଣି ପରିଷ୍କାର କରି ଧୋଇ ଗର୍ଭିଣୀ ସ୍ତ୍ରୀର ମୁଣ୍ଡବାଳରେ ବାନ୍ଧି (ବାଳକୁ ସ୍ତ୍ରୀର ମୁଣ୍ଡରୁ ଛିଣ୍ଡାଇବ ନାହିଁ) । ଶୁଙ୍ଘାଇଲେ ପ୍ରାୟ ଅଧଘଣ୍ଟା ଭିତରେ ସୁଖ ପ୍ରସବ ହୁଏ । ଦେହ ଭେଦ ହେଲା ପରେ ଶୁଙ୍ଘାଇବ । ପିଲା ଜନ୍ମ ହେଲା ପରେ ସେହି ଚେରକୁ ଘରର ବାହାରେ ପକାଇଦେବ । (ବହୁ ପରୀକ୍ଷିତ)

୨) ଅପାମାର୍ଗ (ଅପାମାରଙ୍ଗ) ଚେର ବାଟି ନାଭିବସ୍ତି ଓ ଯୋନିରେ ପ୍ରଲେପ ଦେଲେ ସୁଖରେ ପ୍ରସବ ହୁଏ । (ଚକ୍ରଦତ୍ତ)

୩) ସାପକାତିପୁଟ ଦଗ୍ଧ କରି ସୂକ୍ଷ୍ମ ଚୂର୍ଣ୍ଣ କରି ମହୁ ସହିତ ଅଞ୍ଜନ ଦେଲେ ମୃତଗର୍ଭା ଗର୍ଭିଣୀର ମଧ୍ୟ ଅତିଶୀଘ୍ର ପ୍ରସବ ହୁଏ । (ଚକ୍ରଦତ୍ତ)

୪) ଅକାନବିନ୍ଧୀ ଚେର ଯୋନିରେ ଧାରଣ କଲେ ବିନା କଷ୍ଟରେ ପ୍ରସବ ହୁଏ । (ଚକ୍ରଦତ୍ତ)

୫) ଶ୍ୱେତପୁରୁଣୀ ଚେରର ଚୂର୍ଣ୍ଣ ଯୋନିର ଭିତରେ ଦେଲେ ଅତିଶୀଘ୍ର ପ୍ରସବ ହୁଏ ।

୬) ବାସଙ୍ଗ ଚେର (ଗଛର ଉତ୍ତର ଦିଗରୁ ଆଣିବ) ଆଣି ସାତପ୍ରସ୍ଥ ସୂତା ଦ୍ୱାରା ଗର୍ଭିଣୀର ଅଣ୍ଟାରେ ବାନ୍ଧିଲେ ସୁଖପ୍ରସବ ହୁଏ । ପ୍ରସବ ହେବାମାତ୍ରେ ସେହି ଚେର ଅଣ୍ଟାରୁ କାଢ଼ିଆଣି ଘରର ବାହାରେ ପକାଇ ଦେବ ।

୭) ମହାକାଳ କନ୍ଦାକୁ ବାଟି ଦୁଧରେ ମିଶାଇ ଯୋନିରେ ଲେପ ଦେଲେ ସୁଖରେ ପ୍ରସବ ହୁଏ ।

୮) ପ୍ରସବ ବେଦନା ଆରମ୍ଭ ହୋଇ ବନ୍ଦ ହୋଇଗଲେ କପାଚେର ଦୁଇ ତୋଳାର କ୍ୱାଥ ପିଆଇଲେ ପୁନରପି ପ୍ରସବ-ବେଦନା ଆରମ୍ଭ ହୁଏ।

## ପ୍ରସବ ପରେ ଫୁଲ ପଡ଼ିବାକୁ

୧) କେଶବେଷ୍ଟିତ ଅଙ୍ଗୁଳିଦ୍ୱାରା ସ୍ତ୍ରୀର କଣ୍ଠଦେଶ ଘଷିଲେ ଫୁଲ ପଡ଼ିଯାଏ । (ଚକ୍ରଦତ୍ତ)

୨) ପେଡ଼ିପେଡ଼ିକିଆ ଚେର ମୁଣ୍ଡରେ ଖୋସିଲେ ଏବଂ ଚୋବାଇ ଖାଇଲେ ଫୁଲ ପଡ଼େ । (ପରୀକ୍ଷିତ)

## ପ୍ରସବ ବା ଗର୍ଭପାତ ପରେ ବେଶି ରକ୍ତସ୍ରାବ ହେଉଥିଲେ

୧) ଏକ ଅଣା ଓଜନ ପାରାଗୁହ ଚାଉଳଧୁଆ ପାଣିରେ ଖାଇଲେ ରକ୍ତସ୍ରାବ ବନ୍ଦ ହୁଏ । (ପରୀକ୍ଷିତ)

୨) ଆମ୍ବକୋଇଲି, ଜାମୁଛେଲି, କୁରୁବେଲି, ତ୍ରିଫଳା ଏକତ୍ର ସିଦ୍ଧ କରି ପିଆଇବ । (ଚକ୍ରଦତ୍ତ)

## ପ୍ରସବ ପରେ ସାମାନ୍ୟ ସ୍ରାବ ହୋଇ ବନ୍ଦ ହୋଇ ପେଟରେ ବେଦନା ହେଲେ

ଫୁଲ ଫୁଟି ନଥିବା ଛୋଟ ବେଲ ଗଛର ଚେର (ଅଧ ତୋଳା ଠାରୁ ଏକ ତୋଳା) ଗଙ୍ଗାଜଳରେ ବାଟି ଏକ ପାନ ମାତ୍ର ଖାଇବ । (ପରୀକ୍ଷିତ)

## ପେଟରୁ ମଲା ପିଲା ବାହାରିବାକୁ

୧) ଫୁଲ ଫୁଟି ନଥିବା ତିନ୍ତୁଳି ଗଛର ଚେର ଶୁଙ୍ଘାଇଲେ ପେଟରୁ ମଲା ପିଲା ବାହାରିପଡ଼େ । (ପରୀକ୍ଷିତ)

୨) ପାଚିଲା ବାସଙ୍ଗପତ୍ର ଦୁଧରେ ବାଟି ପିଆଇବ । ମାତ୍ରା – ପତ୍ର ରସ ଦୁଇ ତୋଳା

୩) ଏକ ତୋଳା ସଜନାଫୁଲ ବାଟି ପିଆଇଦେବ ।

୪) ମହାକାଳ କନ୍ଦା ଏକ ତୋଳାକୁ ଦୁଧରେ ବାଟି ପିଆଇ ଦେବ ।

## ଋତୁକାଳରେ ଅଧିକ ରକ୍ତସ୍ରାବ

ସ୍ତ୍ରୀମାନଙ୍କ ଋତୁକାଳରେ ଅଧିକ ରକ୍ତସ୍ରାବ ହେଲେ କଦଳୀଫୁଲ (ଭଣ୍ଡା)କୁ ଦହିରେ ବାଟି ଖାଇଲେ ଋତୁକାଳରେ ଅଧିକ ରକ୍ତସ୍ରାବ ବନ୍ଦ ହୁଏ ।

## ପ୍ରସବ ପରେ ସୂତିକା ରୋଗ ନହେବା ପାଇଁ ସୂତିକା ଦଶମୂଳ କ୍ୱାଥ

୧) ନିମ୍ନଲିଖିତ ସୂତିକା ଦଶମୂଳ ପ୍ରତ୍ୟେକରୁ ସମଭାଗ ନେଇ ମୋଟ ଦୁଇ ତୋଳା ବା ପ୍ରତ୍ୟେକରୁ ସୁକି ଓଜନ ନେଇ ଅଧସେର ପାଣିରେ ମାଟି ହାଣ୍ଡିରେ ମୃଦୁ ଅଗ୍ନିରେ ସିଝାଇ ଅବଶେଷ ଏକ ଛଟାଙ୍କି ପାଣି ରହିଲେ ଛାଣି ସେହି ପାଣି (କ୍ୱାଥ) ପିଆଇଦେବ । ଏହିପରି ପ୍ରତିଦିନ କ୍ୱାଥ ତିଆରି କରି ଅନ୍ତତଃ ୩/୪ ଦିନ ଖୁଆଇଦେବ ।

**ସୂତିକା ଦଶମୂଳ :–** ଶାଳପର୍ଣ୍ଣୀ, କୃଷ୍ଣପର୍ଣ୍ଣୀ, ବୃହତି (ଲବେଙ୍ଗୁଡ଼ି), ଅଙ୍କରାନ୍ତି, ଗୋଖୁରା, ନୀଳ ଦାସକେରେଣ୍ଡା, ପଶାରୁଣୀ, ଶୁଣ୍ଠି, ଗୁଳୁଚି ଓ ମୁଥା ।

୨)   ଦାସକେରେଣ୍ଟା ଚେର ଏକ ତୋଳା ଓ ୪/୫ଟା ଛୋଟ ପିପ୍‌ପଳୀ ଏକତ୍ର ମିଶାଇ କନାରେ ବାନ୍ଧି ଅଧସେର ପାଣିରେ ସିଝାଇ ଏକ ଛଟାଙ୍କି ରହିଲେ ସେହି ମୂଳ ଚକଟି ଛାଣି ସେଥିରେ ସେହି ପିପ୍‌ପଳୀକୁ ବାଟି ଦିନକୁ ଦୁଇ ପାନ କରି ତିନି ଦିନ ଖୁଆଇବ ।

୩)   କେବଳ ଦୁଇ ତୋଳା ବାସଙ୍ଗପତ୍ରକୁ ଅଧସେର ପାଣିରେ ସିଝାଇ ଏକ ଛଟାଙ୍କି ରହିଲେ ତାକୁ ଛାଣି ସେଥିରେ ଛୋଟ ପିପ୍‌ପଳୀ ୪ଟା ବାଟି ପିଆଇଲେ ଉପକାର ହୁଏ । ତିନି ଦିନ ଖାଇବ ।

## ସ୍ତନହରା (ଥନହରା)

ପ୍ରସବ ପରେ କେତେକ ସ୍ତ୍ରୀ ଲୋକଙ୍କର ଥନହରା ରୋଗ ହୁଏ । ନିମ୍ନଲିଖିତ ଓଷଧରେ ଥନହରା ଭଲ ହୁଏ । ଯେକୌଣସି ଗୋଟିଏ ଔଷଧ ବ୍ୟବହାର କରିବ ।

୧)   ଦୁଦୁରା ଚେର ଓ ହଳଦୀ ଏକ ସଙ୍ଗେ ବାଟି ଲେପ ଦେବ ।(ପରୀକ୍ଷିତ)

୨)   ମହାକାଳ କନ୍ଦା ବାଟି ସାତଥର ଲଗାଇବ । (ପରୀକ୍ଷିତ)

୩)   ଅଦା, ଯବକ୍ଷାର, ଦୁଦୁରା ପତ୍ର ରସରେ ବାଟି ଲଗାଇବ । ଏହି ଲେପ ଅନ୍ୟ ସ୍ଥାନରେ ବଥା ବା ଫୁଲାରେ ଦେଲେ ଉପକାର ହୁଏ ।

୪)   ସୁନାରି ଛାଲି ରାଇ ସଙ୍ଗେ ବାଟି ଲେପ ଦେବ ।

୫)   ଇନ୍ଦ୍ରମାରିଷ ଚେର ବାଟି ଲେପ ଦେବ ।

୬)   ବେଲଚେର ବାଟି ଲେପ ଦେବ ।

୭)   ରୋଗର ଆରମ୍ଭରେ ମଲ୍ଲୀଫୁଲ ବାଟି ଲଗାଇବ ।

## ଗର୍ଭିଣୀର ସ୍ତନରେ କଣ୍ଡୁ ହେଲେ

ମାଳତୀ ଫୁଲ ଓ ଯାଠି ମହୁର କ୍ୱାଥ ସ୍ତନରେ ଲଗାଇଲେ ଗର୍ଭିଣୀର ସ୍ତନକଣ୍ଡୁ ନିବାରିତ ହୁଏ । (ଚରକ)

## ପ୍ରସବ ପରେ ଗୁରୁପାକ ଖାଦ୍ୟ ଖାଇବ ନାହିଁ

ପ୍ରସବ ପରେ ମା ଗୁରୁପାକ ଖାଦ୍ୟ ଖାଇବ ନାହିଁ । ଖାଇଲେ ବାତ, ପିତ୍ତ, କଫ କୁପିତ ହୋଇ ସ୍ତନଦୁଗ୍ଧକୁ ଦୂଷିତ କରେ ।

ସ୍ତନଦୁଗ୍ଧ ଦୂଷିତ ହୋଇଛି ବୋଲି କିପରି ଜାଣିବ ? ବାତଦ୍ୱାରା ଦୂଷିତ ହୋଇଥିଲେ ସ୍ତନର ଦୁଧ ପାଣିରେ ପକାଇଲେ ଭାସିବ ଏବଂ ସ୍ୱାଦ କଷା ହେବ । ପିତ୍ତ ଦ୍ୱାରା ଦୂଷିତ ହୋଇଥିଲେ

ତାର ଆସ୍ୱାଦ ତିକ୍ତ, ଲବଣାକ୍ତ ଓ ଅମ୍ଳ ପରି ଲାଗିବ, ଏପରିକି ଦୁଧର ବର୍ଣ୍ଣ ପିତ୍ତର ବର୍ଣ୍ଣ ପରି ହେବ । କଫ (ଶ୍ଳେଷ୍ମା) ଦ୍ୱାରା ଦୂଷିତ ହୋଇଥିଲେ ଦୁଧ ପାଣିରେ ପକାଇଲେ ବୁଡ଼ିଯିବ । ସ୍ତନଦୁଗ୍ଧ ବିଶୁଦ୍ଧ ହୋଇଥିଲେ ଏହା ପାଣିରେ ପଡ଼ିଲେ ପାଣି ସହିତ ମିଶିଯିବ ଏବଂ ଏହାର ସ୍ୱାଦ ମିଠା ହେବ ।

## ଅତି ପ୍ରସବ ହେତୁ ପେଟ ବଢ଼ିଲେ

ମାଳତୀ ଫୁଲକୁ ଚହ୍ଲା ସହିତ ବାଟି ପାନ କଲେ ସ୍ତ୍ରୀମାନଙ୍କର ଅତି ପ୍ରସବ ହେତୁ ବଢ଼ିଥିବା ପେଟ ସଙ୍କୁଚିତ ହୁଏ । (ବଙ୍ଗସେନ)

## ସ୍ତନ ଦୁଗ୍ଧ ଦୂଷିତ ହେଲେ ବିଶୁଦ୍ଧ କରିବାକୁ

୧) ଭୂଇଁ ନିମ୍ବର କ୍ୱାଥ ପିଇଲେ ବିଶୁଦ୍ଧ ହୁଏ । (ଚରକ)

୨) କଟୁକୀର କ୍ୱାଥ ପିଇଲେ ବିଶୁଦ୍ଧ ହୁଏ । (ଚରକ)

୩) ନଳିତା ପତ୍ରର କ୍ୱାଥ ପିଇଲେ ବିଶୁଦ୍ଧ ହୁଏ ।

୪) ବଜ୍ରମୂଳି କ୍ୱାଥରେ ସ୍ତନ ଧୋଇ ପିଲାଙ୍କୁ ଦୁଧ ପିଆଇବ ।

ଉପରୋକ୍ତ କୌଣସି ଗୋଟିଏ କ୍ୱାଥ ଲାଗ୍ ଲାଗ୍ ସାତ ଦିନ ଖାଇବ ।

## ସ୍ତନରେ ଦୁଧ ହେବାକୁ

୧) ଚିତାକୁଟି ଗଛ (ହରିହରିକା ଗଛ)ର ସର୍ବାଙ୍ଗ ଏକ ତୋଳା ଓଜନ ସେଥିରେ ଏକତୋଳା ଗୁଡ଼ ମିଶାଇ ବାଟି ସ୍ତ୍ରୀଲୋକ ଖାଇ ମୁହଁ ମାଡ଼ି କିଛି ସମୟ ଶୋଇବ ଏବଂ ଉଠି ପିଲାକୁ ଦୁଧ ଦେବ । ଏହିପରି ୪/୫ ଦିନ ଖାଇଲେ ସ୍ତନରେ ବହୁତ ଦୁଧ ଆସିବ ।

୨) ଭୂଇଁ କଖାରୁ ଓ ଶତାବରୀ ରସ ଏକତ୍ର ଖାଇବ । ପ୍ରତ୍ୟେକରୁ ଏକ ତୋଳା ଲେଖାଏଁ ସାତ ଦିନ ଖାଇବ ।

୩) ଭୂଇଁ କଖାରୁ ଏକତୋଳା ଓ ଗାଈଦୁଧ ଏକତୋଳା ଏକତ୍ର ମିଶାଇ ସାତ ଦିନ ଖାଇବ ।

୪) ସୂତିକ ସ୍ତ୍ରୀର ସ୍ତନରେ ପ୍ରଚୁର ଦୁଧ ନହେଲେ କପା ପତ୍ରର ରସ ଦିନକୁ ଦୁଇତୋଳା ଖୁଆଇବ ।

୫) ପ୍ରସୂତୀ ସ୍ତ୍ରୀମାନଙ୍କୁ କଲରାପତ୍ର ରସ ଏକତୋଳା କିଛି ଦିନ ଖୁଆଇଲେ ସେମାନଙ୍କର ରକ୍ତ ଶୁଦ୍ଧ ହୋଇ କ୍ଷୀର ବୃଦ୍ଧି ହୁଏ ।

## ସ୍ତନରକ୍ଷା

୧) ସ୍ତ୍ରୀମାନେ ପ୍ରଥମ ଋତୁରେ ଚାଉଳଧୁଆ ପାଣିର ନସ୍ୟ ଗ୍ରହଣ କଲେ ସ୍ତନଦ୍ୱୟ କଦାପି ପତିତ ହୁଏ ନାହିଁ । (ଚକ୍ରଦତ୍ତ)

୨) ପ୍ରଥମ ଋତୁର ପ୍ରଥମ ଦିନର ରକ୍ତ ସ୍ତନରେ ଲଗାଇଲେ ସ୍ତନଯୁଗ ଚିରଦିନ ପୀନୋନ୍ନତ ହୋଇ ରହେ ।

୩) ଭୂଇଁ କଦମ୍ବ ଏବଂ ପିପ୍‌ପଳୀକୁ ବାଟି ରାଶିତେଲରେ ପାକ କରିବ । ଏହି ତେଲକୁ ତୁଳାରେ ତିନ୍ତାଇ ସେହି ତୁଳାକୁ ସ୍ତନରେ ପକାଇଲେ ଏବଂ ଏହି ତୈଳର ନସ୍ୟ ଗ୍ରହଣ କଲେ ସ୍ତ୍ରୀମାନଙ୍କର ପତିତ ସ୍ତନ ବେଲଫଳ ପରି ହୁଏ ।

୪) ଗମ୍ଭାରୀଗଛର ଛାଲି ବା ଛାଲିର କ୍ୱାଥରେ ତୈଳ ପାକ କରିବ । ଏହି ତୈଳକୁ ତୁଳାରେ ତିନ୍ତାଇ ସ୍ତନରେ ମାଲିସ କଲେ ପତିତ ସ୍ତନ ଉତ୍‌ଥିତ ହୁଏ । (ବଙ୍ଗସେନ)

## ପିହୁଳା

ଯେଉଁ ସ୍ତ୍ରୀର ପିଲା ପିହୁଳା ବା କୁନ୍ଦୁଲି ରୋଗରେ ମରିଯାଉଥାଏ, ସେହି ସ୍ତ୍ରୀ ପିଲା ଜନ୍ମ ହେବା ଦିନଠାରୁ ଓସ୍ତକ୍ଷୀର ଏକ ଟୋପା ଗାଈ କିମ୍ବା ଛେଳି ଦୁଧରେ ମିଶାଇ ଦୁଇ ମାସ ଖାଇଲେ ତା'ର ପିଲାକୁ କୌଣସି ରୋଗ ଆକ୍ରମଣ କରିବ ନାହିଁ । ଆଙ୍କୁଲ ଚେର ଏକ ଅଣି ଓଜନ ବାଟି ପିଲାଙ୍କୁ ପିଆଇଲେ ପିହୁଳା ରୋଗାକ୍ରାନ୍ତ ପିଲାଙ୍କର ପିହୁଳା ଭଲ ହୁଏ ।

## ମୃତବତ୍ସା

ପିଲା ପେଟରୁ ମରିକରି ଜନ୍ମ ହେଲେ ଓ ଦିନକ ଠାରୁ ୨ ବର୍ଷ ପର୍ଯ୍ୟନ୍ତ ବଞ୍ଚିରହି ମରିଯାଉଥିଲେ ମା'କୁ ମୃତବତ୍ସା କହନ୍ତି ।

୧) ଟଭାଚେର (କଞ୍ଚା ଚେର) ଦୁଇ ତୋଳାକୁ ଛେଚି ଏକ ଛଟାଙ୍କି ଗାଈଦୁଧ ଓ ସାତ ଛଟାଙ୍କି ପାଣିରେ ମାଟି ହାଣ୍ଡିରେ ମୃଦୁ ଅଗ୍ନିରେ ପାକ କରି ଅବଶେଷ ଏକ ଛଟାଙ୍କି ରହିଲେ ଛାଣି ସେହି ପାଣିରେ ଅଧଚାମଚ ଗାଈଘିଅ ମିଶାଇ ଋତୁସ୍ନାନ ଦିନ (ଋତୁର ୪ର୍ଥ ଦିନ), ପଞ୍ଚମ ଓ ଷଷ୍ଠ ଦିନ ଖାଇବ । ପ୍ରତିଦିନ ଔଷଧ ତିଆରି କରି ଖାଇବ । ଏହା ପରେ ଯେଉଁ ଗର୍ଭ ହେବ ସେ ପିଲା ନିଶ୍ଚୟ ବଞ୍ଚିବ । (ପରୀକ୍ଷିତ)

୨) ଲୁଣିଲୁଣିକା ପତ୍ରକୁ ଘିଅରେ ଭାଜି ଖାଇଲେ ମୃତବତ୍ସା ଦୋଷ ଦୂର ହୁଏ । ଲୁଣିଲୁଣିକା – ସଂସ୍କୃତରେ କାକମାଚି, ବାୟସୀ, ବହୁଫଳା, ହିନ୍ଦୀରେ – ମକୋୟ, ବଙ୍ଗଳାରେ – ଗୁଡ଼ିକାମାଇ ।

## ଜନ୍ମରୋଧ

୧) କୃଷ୍ଣ ଚତୁର୍ଦ୍ଦଶୀ ଦିନ କାଳଦୁଦୁରା ଚେର ଆଣି ଅଣ୍ଟାରେ ବାନ୍ଧି (ସ୍ତ୍ରୀ ଅଣ୍ଟାରେ ବାନ୍ଧିବ) ସହବାସ କଲେ ଗର୍ଭ ହୁଏ ନାହିଁ । ଏହି ଚେରକୁ ତମ୍ବା ଡ଼େଉଁରିଆରେ ପୂରାଇ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଅଣ୍ଟାରେ ବାନ୍ଧିବ ।

୨) ଶୁଦ୍ଧସ୍ନାନ ଦିନ (ଋତୁର ଚତୁର୍ଥ ଦିନ) ସକାଳେ ଖାଲି ପେଟରେ ଅକାନବିନ୍ଧୀ ପତ୍ର ଆଠଅଣା ଓଜନ ବାଟି ପିଇଲେ ଗର୍ଭ ହୁଏ ନାହିଁ ।

୩) ସହବାସ ପରେ ଅଧତୋଳା ରାଶିତେଲରେ ୪ରତି ସୈନ୍ଧବ ଲବଣ ମିଶାଇ ଖାଇଲେ ଗର୍ଭ ହୁଏ ନାହିଁ ।

ଏକ ରତି = ଗୋଟିଏ କାଇଁଚ ଓଜନ ।

୪) ଶୁଦ୍ଧସ୍ନାନ ଦିନ ଦୁବରସ ଏକ ତୋଳାରେ ଦହି ମିଶାଇ ହାତ ପାପୁଲିରେ ରଖି ପିଇଲେ ସ୍ତ୍ରୀ ବନ୍ଧ୍ୟା ହୁଏ ।

୫) ଋତୁସ୍ନାନ ପରେ ଗୋଟିଏ ଧୋବ କାଇଁଚ ମଞ୍ଜି ଗୁଡ଼ ସଙ୍ଗେ ଖାଇଲେ ଏକ ବର୍ଷ ଗର୍ଭ ହୁଏ ନାହିଁ । ଦୁଇଟି ଖାଇଲେ ଦୁଇ ବର୍ଷ ପର୍ଯ୍ୟନ୍ତ ହୁଏ ନାହିଁ । ଦୁଇ ଦିନ ପୂର୍ବରୁ କାଇଁଚକୁ ପାଣିରେ ପକାଇଥିବ ।

୬) ଋତୁକାଳରେ ଜୟନ୍ତୀ ଗଛର ଫୁଲ ଏକତୋଳା ଓ ପୁରୁଣା ଗୁଡ଼ ଏକତୋଳା ଏକତ୍ର ମିଶାଇ ଖାଇବ । ଏହିପରି ୩ଦିନ ଖାଇଲେ ସ୍ତ୍ରୀ ବନ୍ଧ୍ୟା ହୁଏ । (ଭାବପ୍ରକାଶ)

## ବନ୍ଧ୍ୟାର ସନ୍ତାନ ହେବାକୁ

ପ୍ରଥମେ ପୁରୁଷ ଓ ସ୍ତ୍ରୀର ଯଦି କିଛି ରୋଗ ଥାଏ, ତାହାହେଲେ ସେ ରୋଗକୁ ଶାନ୍ତ କରାଇ ଔଷଧ ଖାଇଲେ ବନ୍ଧ୍ୟାର ସନ୍ତାନ ହେବ ।

'ରେତୋ ମଜ୍ଜତି ଯସ୍ୟାପ୍ସୁ ମୂତ୍ରଂ ଯସ୍ୟ ତୁ ଫେନିଳଂ ।
ପୁମାଂ ସ୍ୟାତ୍ ଲକ୍ଷଣୈରେତୈଃ, ବିପରୀତଶ୍ଚ ସଣ୍ଡକ ।' (ଭବିଷ୍ୟ ପୁରାଣ)

ଯେଉଁ ପୁରୁଷର ବୀର୍ଯ୍ୟ ପାଣିରେ ବୁଡ଼ିଯାଏ ଏବଂ ମୂତ୍ର ଫେଣଯୁକ୍ତ ହୁଏ ତାର ପୁରୁଷତ୍ୱ ଅଛି ଅର୍ଥାତ୍ ସନ୍ତାନ-ଉତ୍ପାଦନ ଶକ୍ତି ଅଛି । ଯାହାର ବୀର୍ଯ୍ୟ ପାଣିରେ ଭାସେ ଏବଂ ମୂତ୍ର ଫେଣଯୁକ୍ତ ନୁହେଁ, ତାର ପୁରୁଷତ୍ୱ ନାହିଁ ।

ପୁରୁଷର ପୁରୁଷତ୍ୱ ଆଣିବାକୁ ଔଷଧ (ଅନ୍ୟତ୍ର ଲେଖାଅଛି) ଖାଇ ଓ ସ୍ତ୍ରୀର ପ୍ରଦର ପ୍ରଭୃତି ରୋଗକୁ ଶାନ୍ତ କରି (ଔଷଧ ଅନ୍ୟତ୍ର ଲେଖାଅଛି) ନିମ୍ନଲିଖିତ ଔଷଧ ବ୍ୟବହାର କଲେ ବନ୍ଧ୍ୟାର ସନ୍ତାନ ହୁଏ ।

୧) ଶୁଦ୍ଧସ୍ନାନ ଦିନ ଶ୍ୱେତ ଅପରାଜିତା ଚେର ଏକ ତୋଳା ଓଜନ ବାଟି ଏକବର୍ଣ୍ଣ ଗାଈଦୁଧରେ ମିଶାଇ ଖାଇଲେ ଗର୍ଭ ରହେ । ଲାଗ୍ ଲାଗ୍ ୩ ଦିନ ଖାଇବ ।

୨) ଶୁଦ୍ଧସ୍ନାନ ଦିନ (ଋତୁର ୪ର୍ଥ ଦିନ) ବାଡ଼ି ଅଁଳା ସୁକି ଓଜନ, ଅଷାଢୁଆ ଚେର ସୁକି ଓଜନ, ୨ଟା ଗୋଲମରିଚ ଗାଈ ଦୁଧରେ ବାଟି ପିଇଲେ ଗର୍ଭ ହୁଏ ।

୩) ନାଗକେଶର ଅଧତୋଳା, ଜୀରା ଅଧତୋଳା, ଗାଈ ଘିଅ ଏକ ତୋଳା ଋତୁସ୍ନାନ ଦିନ ଠାରୁ ଲାଗ୍ ଲାଗ୍ ତିନି ଦିନ ଖାଇଲେ ଗର୍ଭ ହୁଏ ।

୪) ମୁତୁରୀ ଲତାର ଚେର ଚୂର୍ଣ୍ଣ ୧ଭାଗ, ଶୁଣ୍ଠି ଚୂର୍ଣ୍ଣ ଅଧଭାଗ, ଗୋଲମରିଚ ଚୂର୍ଣ୍ଣ ଅଧଭାଗ ଏକତ୍ର କରି କାଚ ଶିଶିରେ ରଖିବ । ପ୍ରତିଦିନ ସକାଳେ ଦୁଇ ଅଣା ଓଜନ ଚୂର୍ଣ୍ଣ ଖାଇ ଟିକିଏ ପାଣି ପିଇବ । ଏହି ଚୂର୍ଣ୍ଣକୁ ୪ମାସ ଖାଇଲେ ବନ୍ଧ୍ୟା ସ୍ତ୍ରୀର ନିଶ୍ଚୟ ସନ୍ତାନ ହେବ । (ପରୀକ୍ଷିତ)

ଏହି ଚୂର୍ଣ୍ଣ ଦୁଇ ମାସ ଖାଇଲେ ଯାବତୀୟ ସ୍ତ୍ରୀ ରୋଗ ଯଥା – ନାନା ପ୍ରକାର ପ୍ରଦର, ରଜସ୍ରାବ, ରଜଶୂନ୍ୟତା, ଅତିରଜ, ଅନିୟମିତ ଋତୁ, ବନ୍ଧ୍ୟା, କାକବନ୍ଧ୍ୟା, ମୃତବତ୍ସା, ଜରାୟୁ ଓ ଓଭାରିର ଯାବତୀୟ ଦୋଷ ସ୍ୱାସ୍ଥ୍ୟ ଓ ଲାବଣ୍ୟହୀନତା ତଳପେଟ ଓ ଅଣ୍ଟାରେ ବେଦନା ଓ ଶୂଳ ଏବଂ ସୂତିକା ଆଦି ନଷ୍ଟ ହୁଏ ।

ମୁତୁରୀ ଲତା – ଦେଖିବାକୁ ଆଳୁଲତା ପରି, କିନ୍ତୁଦେହରେ କଣ୍ଟା ଥାଏ, ଯାହାକୁ ଦାନ୍ତକାଠି କରନ୍ତି । ଏହାର ମୂଳରେ ନଡ଼ିଆ ଚେର ପରି ବହୁତ ଚେର ଥାଏ । ଏହାକୁ କୁମ୍ଭାଟୁଆ ଲତା ମଧ୍ୟ କହନ୍ତି ।

୫) ନାଗେଶ୍ୱର ପରାଗକୁ ଚୂର୍ଣ୍ଣ କରି ଶୁଦ୍ଧସ୍ନାନ ପରେ ସ୍ତ୍ରୀକୁ ଗାଈଦୁଧ ସହିତ ସେବନ କରାଇବ ଏବଂ ତାକୁ ଦୁଧ ଭାତ ପଥ୍ୟ ରୂପେ ଦେବ । ଏହା ଦ୍ୱାରା ସ୍ତ୍ରୀର ବନ୍ଧ୍ୟାଦୋଷ ଦୂର ହୋଇ ବୀରସନ୍ତାନ ଉତ୍ପନ୍ନ ହୁଏ । (ରାଜମାର୍ତ୍ତଣ୍ଡ)

ଅନ୍ତତଃ ଶୁଦ୍ଧସ୍ନାନ ଦିନ ଠାରୁ ସାତ ଦିନ ଖାଇବ ।

ନାଗେଶ୍ୱର ପରାଗର ମାତ୍ରା – ସୁକି ଓଜନ । (ପରୀକ୍ଷିତ)

୬) ଓସ୍ତ ଓହଳର ଚୂର୍ଣ୍ଣ ୨୦ ତୋଳା, ମିଶ୍ରି ଚୂର୍ଣ୍ଣ ୨୦ତୋଳା ଏକତ୍ର କରି ରଖିବ । ମାସିକ ଋତୁପ୍ରବୃତି ହେବା ଦିନ ଠାରୁ ପ୍ରତିଦିନ ସ୍ତ୍ରୀ ଦୁଇ ତୋଳା ଓ ପୁରୁଷ ଦୁଇ ତୋଳା ଗାଈଦୁଧ ସହିତ ଖାଇବାକୁ ହେବ ଏବଂ ମୈଥୁନ କରିବାକୁ ହେବ ନାହିଁ । ଏପରି ନିୟମରେ ଦଶ ଦିନ ଔଷଧ ଖାଇ ଏକାଦଶ ଦିନ ରାତ୍ରିରେ ମୈଥୁନ କଲେ ସ୍ତ୍ରୀ ଗର୍ଭିଣୀ ହୁଏ । ଔଷଧ ଖାଉଥିବା ସମୟରେ ଯଥେଷ୍ଟ ପରିମାଣରେ ଦୁଧ ଓ ଘିଅ ଖାଇବାକୁ ହେବ । (ପରୀକ୍ଷିତ)

## ଗର୍ଭ ରହିଲାକି ନାହିଁ କିପରି ଜାଣିବ ?

ଗର୍ଭ ହେଲେ ସ୍ତନର ମୁହଁ କଳା ଦିଶିବ, ପାଟିରୁ ଛେପ ବାହାରିବ, ମୁହଁ ଶୁଖିଯିବ, ଦେହ ଭାରୀ ବୋଧହେବ, ଆଳସ୍ୟ ବୋଧ ହେବ । ସ୍ତ୍ରୀର ହାତ ପାପୁଲି ଲାଲ ଦିଶିଲେ ପୁଅ ହେବ, ସଫା ଦିଶିଲେ ଝିଅ ହେବ । ସ୍ତ୍ରୀର ସ୍ତନର ଦୁଧ ଏକ ବିନ୍ଦୁ ଦର୍ପଣ ଉପରେ ରଖି ଖରାରେ ରଖିଲେ ମୋତି ବିନ୍ଦୁ ପରି ଦିଶିଲେ ପୁଅ, ବିସ୍ତାରିଗଲେ ଝିଅ ହେବ ବୋଲି ଜାଣିବ ।

## ସହବାସ ପରେ କେତେକ ଉପାଦେୟ ସାଧାରଣ ନିୟମ

ପ୍ରାଚୀନ କାଳରେ ଭାରତବର୍ଷର ଅଧିକାଂଶ ଲୋକ କେବଳ ସନ୍ତାନାର୍ଥେ ବିବାହ କରୁଥିଲେ । ନିୟମ ପାଳନ କରି ସେମାନେ ମୈଥୁନ କରୁଥିଲେ । ଆଜିକାଲି ପରି ସେମାନେ ବିଷୟଲାଳସାରେ ବୁଡ଼ିରହି ଅଯଥା ବୀର୍ଯ୍ୟ କ୍ଷୟ କରୁନଥିଲେ । ବୀର୍ଯ୍ୟକୁ ସେମାନେ ଜୀବନ ବୋଲି ଭାବୁଥିଲେ ଏବଂ ସେଥିପାଇଁ ଦୀର୍ଘାୟୁ ହେଉଥିଲେ । ଅଯଥା ବୀର୍ଯ୍ୟକ୍ଷୟ କଲେ ବୀର୍ଯ୍ୟ ପତଳା ହୋଇଯାଏ ଏବଂ ମୈଥୁନ ସମୟରେ ଶୀଘ୍ର ପତନ ହେତୁ ସ୍ତ୍ରୀ ଓ ପୁରୁଷ ଉଭୟେ ସହବାସ ସୁଖରୁ ବଞ୍ଚିତ ହେବାରୁ ସାରା ଜୀବନ ଦୁଃଖମୟ ହୁଏ । ନିମ୍ନଲିଖିତ କେତୋଟି ନିୟମ ପାଳନ କଲେ ଏବଂ ବଳବୀର୍ଯ୍ୟ ବର୍ଦ୍ଧକ ରସାୟନ ଓ ବାଜୀକରଣ ଔଷଧ ସେବନ କଲେ ଜୀବନ ସୁଖମୟ ହୁଏ ।

୧) ସହବାସ ପରେ ଥଣ୍ଡାପାଣି ପିଇବା ଏବଂ ଥଣ୍ଡାପାଣିରେ ଗାଧୋଇବା ଏବଂ ଥଣ୍ଡାପାଣିରେ ଇନ୍ଦ୍ରିୟ ଧୋଇବା ବଡ଼ ହାନିକାରକ, କାରଣ ସହବାସ ସମୟରେ ଶରୀର ଗରମ ହୋଇଯାଏ । ହଠାତ୍ ଥଣ୍ଡା ଲାଗିଲେ ଏବଂ ଥଣ୍ଡା ପାଣି ଓ ସର୍ବତ ଖାଇଲେ ଦେହରେ ବେଦନା ହୁଏ ଓ ଜ୍ୱର ହୁଏ । ଏପରିକି ଜଳୋଦର ରୋଗ ମଧ୍ୟ ହୁଏ । ଥଣ୍ଡାପାଣିରେ ଲିଙ୍ଗ ଧୋଇଲେ ଲିଙ୍ଗର ଶିଥିଳତା ଆସେ । ଏପରି ବହୁତ ଦିନ କଲେ ନପୁଂସକତା ରୋଗ ହୁଏ ।

୨) ସହବାସ ପରେ ଥଣ୍ଡାପବନ ଦେହରେ ଲଗାଇବ ନାହିଁ, ଅର୍ଥାତ୍ ବାହାରେ ଥଣ୍ଡାରେ ବସିବ ନାହିଁ କି ବୁଲିବ ନାହିଁ ।

୩) ସହବାସର ୧୫/୨୦ ମିନିଟ୍ ପରେ ଦେହର ଝାଳ ଶୁଖିଗଲେ ଏବଂ ଦେହର ଗରମ ଶାନ୍ତ ହେଲେ ଉଷୁମ ପାଣିରେ ଲିଙ୍ଗ ଧୋଇବ ।

୪) ସହବାସ ପରେ ପରିସ୍ରା କରିବ, କାରଣ ମୂତ୍ରନଳୀରେ ଯଦି ବୀର୍ଯ୍ୟକଣା ରହିଯାଏ, ତାହେଲେ ନାନାଦି ରୋଗ ହୁଏ ।

୫) ସହବାସ ପରେ ଉଷୁମ ପାଣିରେ ହାତ ପାଦ ଧୋଇ ଶୁଣ୍ଠି ଓ ମିଶ୍ରି ମିଶ୍ରିତ ଉଷୁମ ଦୁଧ ପିଇବ ଅଥବା ଅଧ ତୋଳା ଘିଅ, ସୁକି ଓଜନ ମହୁ ଏବଂ ଅଧତୋଳା ଯାଠିମଧୁ ଚୂର୍ଣ୍ଣ ଏକତ୍ର କରି ଚାଟି କରି ଖାଇ ତା'ପରେ ମିଶ୍ରି ମିଶ୍ରିତ ଦୁଧ ପିଇଲେ ଦେହରେ ବଳ ବୃଦ୍ଧି

ହେବା ସଙ୍ଗେ ସଙ୍ଗେ ମୈଥୁନ ଶକ୍ତି ବଢ଼େ । କାମୀ ପୁରୁଷ ମୈଥୁନ କରୁ ବା ନକରୁ ଏହି ଔଷଧ ପ୍ରତିଦିନ ସନ୍ଧ୍ୟାରେ ଖାଇଲେ ବୀର୍ଯ୍ୟ ବୃଦ୍ଧି ହୁଏ ଏବଂ ତରଳ ବୀର୍ଯ୍ୟ ଗାଢ଼ ହୁଏ । ଯାଠିମଧୁ ବୀର୍ଯ୍ୟ ବଢ଼ାଇବା ପାଇଁ ଉତ୍କୃଷ୍ଟ ଔଷଧ ।

## ଶୀଘ୍ର ପତନ ନହେବା ପାଇଁ

ସହବାସ ସମୟରେ ବୀର୍ଯ୍ୟର ଶୀଘ୍ର ପତନ ହେଲେ ନିମ୍ନଲିଖିତ ଔଷଧ ସେବନ କରିବ ।

୧) କବାବଚିନିର ଚୂର୍ଣ୍ଣ ଦୁଇ ଅଣା ଓଜନ ଖାଇ ଏକ ଗ୍ଲାସ ଥଣ୍ଡାପାଣି ପିଇବ । ଏହିପରି ଦିନରେ ତିନି ତିନି ଘଣ୍ଟା ପରେ ୪ ଥର ଖାଇବ । ଏହାଦ୍ୱାରା ପରିସ୍ରା ବେଶି ହୋଇ ବୀର୍ଯ୍ୟର ଗରମୀ ଶାନ୍ତି ହୁଏ । ଏହିପରି ୮ ଦିନ ଖାଇଲା ପରେ ନବମ ଦିନ ଠାରୁ ରାତିରେ ଶୋଇବା ପୂର୍ବରୁ ଦୁଇ ଅଣି ଓଜନ ଚୂର୍ଣ୍ଣ ମହୁ ସଙ୍ଗେ ୧୧ ଦିନ ବା ୨୧ ଦିନ ଚାଟିକରି ଖାଇଲେ ଶୀଘ୍ର ପତନ ନଷ୍ଟ ହୁଏ ଅର୍ଥାତ୍ ସ୍ତମ୍ଭନ ହୁଏ । ଯେଉଁମାନଙ୍କର ସ୍ୱପ୍ନ ଦୋଷ ଅଛି,ସେମାନେ ନିଶ୍ଚୟ ଏହି ଔଷଧ ଖାଇବେ ।

୨) ଅଶ୍ୱଗନ୍ଧା ଏବଂ ବୃଦ୍ଧଦାରକର ଚୂର୍ଣ୍ଣ ସମଭାଗ ନେଇ ଶିଶିରେ ରଖିବ । ସକାଳୁ ଅଧତୋଳା ଚୂର୍ଣ୍ଣ ଖାଇ ମିଶ୍ରି ମିଶ୍ରିତ ଗରମ ଦୁଧ ପିଇବ । ଯଦି ଧାରୋଷ୍ଣ ଦୁଧ ଖିଆଯାଏ, ତାହାହେଲେ ଚମତ୍କାର ଗୁଣ ଦେବ । ଏହିପରି ଭାବେ ଏହି ଚୂର୍ଣ୍ଣ ୪ ମାସ ଖାଇଲେ ମନୁଷ୍ୟ ଦୋଷ ରହିତ ହୁଏ ଏବଂ ଅକାଳରେ ବାଳ ପାଚେ ନାହିଁ । ଏହିପରି ନିୟମରେ ପ୍ରତିବର୍ଷ ୪ମାସ ଏହି ଔଷଧ ଖାଇଲେ ୫୦ ବର୍ଷ ପର୍ଯ୍ୟନ୍ତ ଯୁବକର ଶକ୍ତି ରହିବ ।

୩) ତିନ୍ତୁଳି ମଞ୍ଜିଗୁଡ଼ିଏ ଆଣି ତାକୁ ପାଣିରେ ବତୁରାଇବ କିମ୍ବା ମାଟିତଳେ କିଛି ଦିନ ପୋତିବ । ଯେତେବେଳେ ତାହା ଫୁଲି ଯାଇ ନରମା ହେବ, ସେତେବେଳେ ଚୋପା ବାହାର କରି ଭିତର ସଫା ଶସକୁ ଗ୍ରହଣ କରିବ ଏବଂ ଶୁଖାଇ ଚୂର୍ଣ୍ଣ ତିଆରି କରିବ । କୋଇଲେଖା ମଞ୍ଜିକୁ ମଧ୍ୟ ଚୂର୍ଣ୍ଣ କରିବ । ଦୁଇ ଚୂର୍ଣ୍ଣ ଏକତ୍ର କରି ବରକ୍ଷୀରରେ ସାତଥର ଭାବନା ଦେଇ ଖରାରେ ଶୁଖାଇବ । ତା'ପରେ ଏହି ଚୂର୍ଣ୍ଣର ଦୁଇ ଗୁଣ ମିଶ୍ରି ଚୂର୍ଣ୍ଣ ମିଶାଇ କାଚ ଶିଶିରେ ରଖିବ । ପ୍ରତିଦିନ ସୁକି ଓଜନ ଚୂର୍ଣ୍ଣ ସେବନ କଲେ ସ୍ୱପ୍ନଦୋଷ, ଧାତୁଦୌର୍ବଲ୍ୟ ଓ ଶୁକ୍ରମେହ ପ୍ରଭୃତି ରୋଗରେ ଆଶ୍ଚର୍ଯ୍ୟ ଉପକାର ମିଳେ । ଏହା ରସାୟନ, ବାଜୀକରଣ ଏବଂ ବୀର୍ଯ୍ୟ ସ୍ତମ୍ଭନ ବୋଲି ପ୍ରସିଦ୍ଧ ।

୪) ବାଇଡ଼ଙ୍କ ମଞ୍ଜି ପାଞ୍ଚ ତୋଳା, ଅଶ୍ୱଗନ୍ଧା ପାଞ୍ଚ ତୋଳା, ଭୂଇଁକଖାରୁ ଦଶ ତୋଳା, ଶିମୂଳୀ ଗଛର ଚେର ଦଶତୋଳା, ଶତାବରି ଦଶ ତୋଳା ଏ ସମସ୍ତର ଚୂର୍ଣ୍ଣ ଏକତ୍ର କରି ସେଥିରେ ୪୦(ଚାଳିଶ) ତୋଳା ମିଶ୍ରି ଚୂର୍ଣ୍ଣ ଶିଶିରେ ରଖିବ । ମାତ୍ରା – ଦୁଇ ତୋଳା ଚୂର୍ଣ୍ଣ ସକାଳେ ଓ ଦୁଇ ତୋଳା ଚୂର୍ଣ୍ଣ ସନ୍ଧ୍ୟାରେ ଖାଇ ଗାଇଦୁଧ ଦେଢ଼ପାଆ ପିଇବ ।

ଏହି ଔଷଧରେ ଶୀଘ୍ର ପତନ ଏବଂ ଧ୍ୱଜଭଙ୍ଗ ରୋଗ ଭଲ ହୁଏ । ଅତିରିକ୍ତ ସ୍ତ୍ରୀ ସମ୍ଭୋଗ, ହସ୍ତମୈଥୁନ, ସ୍ୱପ୍ନଦୋଷ ବା ଅନ୍ୟ କୌଣସି କାରଣରୁ ବୀର୍ଯ୍ୟ ପତଳା ହୋଇଥିଲେ ଏହି ଔଷଧ ଖାଇବା ଦ୍ୱାରା ବୀର୍ଯ୍ୟ ଗାଢ଼ା ହୁଏ । (ପରୀକ୍ଷିତ)

**ବାଇଡ଼ଙ୍କ ମଞ୍ଜି -** ପାଣିକୁ ଫୁଟାଇ ଚୂଲିରୁ ବାହାର କରି ସେହି ଗରମ ପାଣିରେ ବାଇଡ଼ଙ୍କ ମଞ୍ଜି ୧୨ଘଣ୍ଟା କାଳ ବୁଡ଼ାଇ ରଖିବ । ମଞ୍ଜିଗୁଡ଼ିକ ଫୁଲିଗଲେ ଚୋପା ବାହାର କରି ବାଟିକରି ଶୁଖାଇବ । ଶୁଖିଗଲେ ଚୂର୍ଣ୍ଣ କଲେ ଭଲ ଭାବରେ ଚୂର୍ଣ୍ଣ ହୁଏ । ଗାଈ ଦୁଧରେ ସିଝାଇଲେ ଗୁଣ ଭଲ ହେବ । ଶିମୂଳୀ ଗଛର ଚେର - ଏଠାରେ ବାଳ ଶିମୂଳୀ ଚେର (ଛୋଟ ଗଛର ଚେର, ଗଛ ଛୋଟ ହେଲେ ମଧ୍ୟ ଏକ ହାତ ଲମ୍ବର ମୋଟ ଚେର ବାହାରେ)କୁ ଟିକିଟିକି କରି କାଟି ଶୁଖାଇବ । ବାଳ ଶିମୂଳୀ ନ ମିଳିଲେ ବଡ଼ ଶିମୂଳୀ ଗଛର ଛାଲି ଆଣିବ ।

୫) ଅଁଳାରୁ ମଞ୍ଜି ପକାଇଦେଇ ଶୁଖାଇ ଗୁଣ୍ଡ କରି କନାରେ ଛାଣି ଗୋଟିଏ ମାଟି ପଲମରେ ରଖିବ । କଞ୍ଚା ଅଁଳାକୁ ଛେଚି ଚିପୁଡ଼ି ସେହି ରସକୁ ପଲମରେ ଥିବା ଅଁଳାଗୁଣ୍ଡ ଉପରେ ପକାଇବ, ଯେପରିକି ସେ ଗୁଣ୍ଡ ଓଦା ହୋଇଯିବ । ଏହିପରି ୨୧ଥର ଭାବନା ଦେଇ ଗୁଣ୍ଡ କରି ଶିଶିରେ ରଖିବ । ଏହି ଚୂର୍ଣ୍ଣରୁ ଦୁଇ ଅଣି ଓଜନ ପ୍ରତିଦିନ ମହୁ ସଙ୍ଗେ ସକାଳେ ଖାଇ ଟିକିଏ ପାଣି ପିଇବ । ଘଣ୍ଟାକ ପରେ ଅଧସେର ଗାଈଦୁଧ ପିଇବ । ଏହାଦ୍ୱାରା ବୀର୍ଯ୍ୟ ଗାଢ଼ା ହୋଇ ଶୀଘ୍ର ପତନ ବନ୍ଦ ହୁଏ । (ଚରକ) ( ବହୁ ପରୀକ୍ଷିତ)

୬) ଅଶ୍ୱଗନ୍ଧା, ଗୋଖରା କଣ୍ଟା, ରଙ୍ଗକଇଁ କନ୍ଦା ପ୍ରତ୍ୟେକ ସମଭାଗର ଚୂର୍ଣ୍ଣ ଏକତ୍ର କରିବ । ଏ ସମସ୍ତର ଚୂର୍ଣ୍ଣ ଯେତେ, ସେତିକି ଓଜନ ମିଶ୍ରି ମିଶାଇ ଶିଶିରେ ରଖିବ । ପ୍ରତିଦିନ ସକାଳେ ଖାଲି ପେଟରେ ଅଧ ତୋଳା ଚୂର୍ଣ୍ଣ ଖାଇ ଉଷୁମ ଦୁଧ ପିଇବ । ଏହିପରି ୧୧ଦିନ ଖାଇଲେ ବୀର୍ଯ୍ୟ ଗାଢ଼ା ହୁଏ ଏବଂ ଶୀଘ୍ର ପତନ ବନ୍ଦ ହୁଏ ।

୭) ଭୂଇଁ କଖାରୁ ଟିକ୍ ଟିକ୍ କରି କାଟି ଖରାରେ ଶୁଖାଇ ଚୂର୍ଣ୍ଣ କରି କନାରେ ଛାଣି ଗୋଟିଏ ମାଟି ପଲମରେ ରଖିବ । ଆଉ ଗୋଟିଏ ଭୂଇଁ କଖାରୁ ଛେଚି ରସ ବାହାର କରି ସେହି ଚୂର୍ଣ୍ଣରେ ମିଶାଇବ, ଯେପରି ସେ ଚୂର୍ଣ୍ଣ ଓଦା ହୋଇଯାଏ । ତା'ପରେ ଖରାରେ ଶୁଖାଇବ । ଏହା ଏକ ଭାବନା ହେଲା । ଏହିପରି ସାତଥର ଭାବନା ଦେଇ ଚୂର୍ଣ୍ଣ କରି ରଖିବ । ଏହି ଚୂର୍ଣ୍ଣରୁ ସୁକି ଓଜନ ଏକଚାମଚ ମହୁ ଏବଂ ମିଶ୍ରିଗୁଣ୍ଡ ମିଶାଇ ସକାଳେ ଖାଲି ପେଟରେ ଖାଇବ । ଏହିପରି ୨/୩ ମାସ ଖାଇଲେ ବୁଢ଼ା ଲୋକ ଯୁବକ ହୋଇଯିବ ।

୮) ଅକରକରା ଏକ ତୋଳା, କୃଷ୍ଣ ତୁଳସୀ ମଞ୍ଜି ଆଠ ତୋଳା, ମିଶ୍ରି ନଅ ତୋଳା - ଏ ସମସ୍ତର ଚୂର୍ଣ୍ଣ କନାରେ ଛାଣି ଶିଶିରେ ରଖିବ । ସହବାସର ଏକ ଘଣ୍ଟା ପୂର୍ବରୁ ଏକ ତୋଳା

ଚୂର୍ଣ୍ଣ ଥଣ୍ଡା ପାଣିରେ ଖାଇବ । ବୀର୍ଯ୍ୟ ଯଦି ଶୁଦ୍ଧ ଥାଏ, ସ୍ଖଳନ ହେବ ନାହିଁ । ଲେମ୍ବୁ ଚାଟିଲେ ସ୍ଖଳନ ହେବ । (ପରୀକ୍ଷିତ)

୯) ଗେଣ୍ଡୁଫୁଲ ମଞ୍ଜି ସୁକି ଓଜନ ଓ ମିଶ୍ରି ସୁକି ଓଜନ ଏକତ୍ର ମିଶାଇ କିଛି ଦିନ ଖାଇଲେ ବୀର୍ଯ୍ୟ ଗାଢ଼ା ହୁଏ ଏବଂ ସ୍ତମ୍ଭନ ହୁଏ ।

## ଶିଶୁରୋଗ

ପିଲା ଜନ୍ମ ହେବା ପରେ ନ କାନ୍ଦିଲେ ନାଭି କାଟିବ ନାହିଁ । କାଟିଲେ ମାଆର ଓ ପିଲାର ଅନିଷ୍ଟ ହେବ । ଫୁଲ ଆଡ଼କୁ ନାଭିକୁ ଟିପିଟିପି କିଛି ରକ୍ତ ପିଲାର ଦେହରେ ପ୍ରବେଶ କରାଇଲେ ତାର ପ୍ରାଣ ଫେରିଆସେ ଓ ପିଲା କାନ୍ଦେ । ପିଲା କାନ୍ଦିବା ପୂର୍ବରୁ ତା'ର ନାଭି କାଟିଲେ ପିଲା ମରିଯାଇପାରେ ।

ପିଲା ଜନ୍ମ ଦେବାର ଦୁଇଦିନ ଭିତରେ ମାଆର ଦୁଧ ଖାଇବାକୁ ଦେବ ନାହିଁ । ପିଲାର ପାଟି ଭିତର ସଫା କରି ମହୁରେ ପାଣି ମିଶାଇ ପିଆଇବ । ପିଲାକୁ ମାଆର ଦୁଧ ପିଆଇବା ପୂର୍ବରୁ ମାଆର ସ୍ତନରୁ କିଛି ଦୁଧ ବାହାର କରି ପକାଇଦେବ । ପ୍ରଥମେ ମାଆର ଦକ୍ଷିଣ ସ୍ତନରୁ ପିଲାକୁ ଦୁଧ ପିଆଇବ ।

ପିଲାକୁ ବେଶି କନ୍ଦାଇବ ନାହିଁ । ବେଶୀ କାନ୍ଦିଲେ ପିଲାର ରକ୍ତ ଚଞ୍ଚଳ ହୋଇ ଯକୃତ-ପ୍ରକ୍ରିୟା ଖରାପ ହୁଏ ।

ଆଜିକାଲି ମାଆମାନେ ବିଶେଷତଃ ଶିକ୍ଷିତା ମାଆମାନେ ସ୍ତନର ଦୁଧ ପିଲାମାନଙ୍କୁ ଖାଇବାକୁ ଦିଅନ୍ତି ନାହିଁ । ସେମାନଙ୍କର ଧାରଣା, ସ୍ତନଦୁଧ ଦେଲେ ସେମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଯିବ । ସେମାନଙ୍କର ମନେ ରଖିବା ଉଚିତ ଯେ ପିଲାମାନଙ୍କୁ ସ୍ତନର ଦୁଧ ନ ଦେବା ଦ୍ୱାରା ସେମାନଙ୍କର ଏବଂ ପିଲାମାନଙ୍କର ସ୍ୱାସ୍ଥ୍ୟ ବେଶି ଖରାପ ହୁଏ । ପ୍ରସବର ପ୍ରଥମ ଦିନ ଜରାୟୁର ଓଜନ ପ୍ରାୟ ଏକସେର ବା ପାଞ୍ଚପାଆ ଥାଏ ଏବଂ ତାହା ତଳପେଟର ହାଡ଼ର ପ୍ରାୟ ୪ ଇଞ୍ଚ ଉପରେ ଥାଏ, କ୍ରମଶଃ ଛୋଟ ହୋଇ ଦେଢ଼ମାସ ପରେ ଏକ ଛଟାଙ୍କି ଓଜନ ହୋଇ ପୂର୍ବାବସ୍ଥାକୁ ଆସେ । ଯେଉଁ ମାଆମାନେ ପିଲାମାନଙ୍କୁ ସ୍ତନର ଦୁଧ ଦିଅନ୍ତି ନାହିଁ ଓ ପ୍ରସବ ପରେ ଚାଲବୁଲ କରନ୍ତି, ସେମାନଙ୍କର ଜରାୟୁ ଛୋଟ ଓ କଠିନ ହେବାକୁ ବହୁତ ଡେ଼ରି ହୁଏ । ଶରୀରର ରସ ସହଜେ କମେ ନାହିଁ । ସୂତିକା ରୋଗ ଓ ଅନ୍ୟାନ୍ୟ ରୋଗ ହୁଏ । ସ୍ତନଦୁଧ ନ ଦେବା ଦ୍ୱାରା ପ୍ରାୟ ଏକମାସ ପରେ ଋତୁ ହୁଏ ଏବଂ ପୁନର୍ବାର ଗର୍ଭ ହେବାର ସମ୍ଭାବନା ଥାଏ । ଯେଉଁ ପିଲାମାନେ ମାଆର ସ୍ତନର ଦୁଧ ଚୋଷିକରି ନଖାନ୍ତି, ସେମାନଙ୍କର ଦାନ୍ତର ମାଢ଼ି ଶକ୍ତ ହୁଏ ନାହିଁ । ଡେ଼ରିରେ ଦାନ୍ତ ଉଠେ ଓ ଦାନ୍ତ ଖରାପ ହୁଏ । ଶିଶୁର ଶାରୀରିକ ଓ ମାନସିକ ଶକ୍ତିର ହ୍ରାସ ହୁଏ ।

ମାଆର ସ୍ତନ ଥର୍‌ମୋମିଟର (Thermometer) ପରି କାମ କରେ । ପିଲାର ପାଟିରେ ମା' ସ୍ତନ ଦେଲେ ଯଦି ସ୍ତନକୁ ଗରମ ଲାଗେ, ତା ହେଲେ ଜାଣିବ ପିଲାକୁ ଜ୍ୱର ହୋଇଛି । ଅନ୍ୟ କାରଣରୁ ଦେହ ତାତିଥିଲେ ଦୁଧ ଖୁଆଇଲା ବେଳେ ଯଦି ମା'ର ସ୍ତନକୁ ଗରମ ନ ଲାଗେ, ତାହାହେଲେ ପିଲାକୁ ଜ୍ୱର ହୋଇନାହିଁ ବୋଲି ଜାଣିବ ।

## ସ୍ତନ୍ୟପାୟୀ ଶିଶୁର ଚକ୍ଷୁରୋଗ

ମା'ର ସ୍ତନ ଦୁଧ ପିଲାର ଆଖିରେ ପକାଇଲେ ଚକ୍ଷୁରୋଗ ଭଲ ହୁଏ ।

## ସ୍ତନଦୁଧ ଖାଇ ଅଜୀର୍ଣ୍ଣ ହେଲେ

ମା କିଛି ଦିନ କୋଲେ ଲେଖାଏଁ ରସୁଣ ଖାଇଲେ ମା'ର ସ୍ତନଦୁଧ ବିଶୁଦ୍ଧ ହୁଏ । ମା ଦୁଧ ବିଶୁଦ୍ଧ ହେବା ପର୍ଯ୍ୟନ୍ତ ଗାଈ ଦୁଧରେ ସମଭାଗ ପାଣି ମିଶାଇ ଖୁଆଇବ । ଏକ ସେର ପାଣିରେ (ଫୁଟାଇ ଥଣ୍ଡା କରି) ଦୁଇ ତୋଳା ଚୂନ ମିଶାଇ ଶିଶିରେ ରଖିବ । ଚୂନ ବସିଯାଇ ଶିଶିର ତଳ ଭାବରେ ରହିଯିବ । ଉପରେ ଯେଉଁ ନିର୍ମଳ ପାଣି ରହିବ, ସେହି ପାଣିରୁ ଛୋଟ ଚାମଚରେ ଅଧଚାମଚ ଦୁଧ ସଙ୍ଗରେ ମିଶାଇ ଦେଲେ ଦୁଧ ଜୀର୍ଣ୍ଣ ହେବ ଏବଂ ପିଲାର ସ୍ୱାସ୍ଥ୍ୟ ଭଲ ରହିବ । ଦୁଧରେ ସାମାନ୍ୟ ଜାଫ୍ରାନକେଶର ମିଶାଇ ଦେଲେ ଦୁଧ ଜୀର୍ଣ୍ଣ ହେବ ଏବଂ ପିଲାର ସ୍ୱାସ୍ଥ୍ୟ ଭଲ ରହିବ ।

## ପିଲାଙ୍କୁ ଗାଈଦୁଧ ପିଆଇବା ବିଷୟରେ ସାବଧାନତା

ଯେଉଁ ଗାଈର ବାଛୁରୀ ମରିଯାଇଥିବ, ସେହି ଗାଈର ଦୁଧ ପିଲାଙ୍କୁ ଦେବ ନାହିଁ । ଏହି ଦୁଧ ପିଇଲେ ଯକୃତ ଦୋଷରୁ ପିଲାଙ୍କର ଅକାଳ ମୃତ୍ୟୁ ହୁଏ ।

## ଗାଈ ଦୁଧ ଖାଇ ବାନ୍ତି ହେଲେ

୧) ଉପରଲିଖିତ ଚୂନ ପାଣି ଦୁଧରେ ମିଶାଇ ଦେବ ।

୨) ପାନମହୁରିକୁ ପାଣିରେ ଭିଜାଇ ତାର ପାଣି ଦୁଇ ଚାମଚ ଦେବ ।

୩) ଘଣାରୁ ବାହାରିଥିବା ସଦ୍ୟ ସୋରିଷ ତେଲ ପିଲାର ପେଟରେ ଲଗାଇଲେ ଦୁଧ ବାନ୍ତି ହୁଏ ନାହିଁ ।

## ନାଭି ଫୁଲିଲେ

୧) ଦୀପଶିଖାରେ ବୁଢ଼ା ଆଙ୍ଗୁଠି ତତାଇ ତାର ତାପ ନାଭିର ଚାରିପାଖେ ଦେବ ।

୨) କଳରାପତ୍ର ରସ ନାଭିର ଚାରିପାଖେ ଲଗାଇବ ।

୩)　ମାଟିକୁ ପାଣିରେ ଚକଟି ଗୋଟିଏ ପିଣ୍ଡୁଳା କରି ଖରାରେ ଶୁଖାଇବ । ତା'ପରେ ନିଆଁରେ ତତାଇ ତା ଉପରେ ଦୁଧ ଛିଞ୍ଚିବ । ଅଳ୍ପ ଗରମ ଥାଉ ଥାଉ ନାଭି ଉପରେ ସେକ ଦେବ ।

## ନାଭିରେ ଘା ହେଲେ

କନା ପୋଡ଼ି ତାର ପାଉଁଶ ଅଥବା ହଳଦୀଗୁଣ୍ଡ ଅଥବା ନିମ୍ବପତ୍ରକୁ ଗୁଆ ଘିଅରେ ଭାଜି ସେହି ଘିଅ ଲଗାଇବ ଅଥବା ଗିଲ ପୋଡ଼ି ତାର ଭସ୍ମ ଲଗାଇବ ।

## ନାଭି ଶୁଖିଲା ପରେ ଫୁଲିକରି ଗାଣ୍ଡୁ ହେଲେ

ନାଭି ଶୁଖିଲା ପରେ ଫୁଲି କରି ବଡ଼ ହେଲେ ତାକୁ ଗାଣ୍ଡୁ କହନ୍ତି । ମାଟି ପିଣ୍ଡୁଳାକୁ ପୋଡ଼ି ଦୁଧରେ ପକାଇବ । ଅଳ୍ପ ଗରମ ଥିବା ଅବସ୍ଥାରେ ସେହି ପିଣ୍ଡୁଳାକୁ ଗାଣ୍ଡୁ ଉପରେ ସେକ ଦେବ ।

## ପିଲାଙ୍କର ଅଳତି ରୋଗ

ସାଧାରଣତଃ ବାପ ଓ ମାଆଙ୍କର ଉପଦଂଶ ରୋଗ ଥିଲେ ପିଲା ଜନ୍ମ ହେବା ସଂଗେ ସଂଗେ ବା ଏକମାସ ଭିତରେ ଦେହରେ ନାଲି ବା ନୀଳବର୍ଣ୍ଣ ଚିହ୍ନ ଦେଖାଯାଏ । ଏହି ରୋଗରେ ପିଲାମାନେ ମରିଯାନ୍ତି । ଆଜି ପର୍ଯ୍ୟନ୍ତ କୌଣସି ଡ଼ାକ୍ତରୀ ବା କବିରାଜି ଔଷଧଦ୍ୱାରା ଏହି ରୋଗରୁ ପିଲାମାନେ ବଞ୍ଚିବାର ମୁଁ ଦେଖିନାହିଁ କି ଶୁଣି ନାହିଁ । ନିମ୍ନଲିଖିତ ଔଷଧରେ ଶତକଡ଼ା ଶହେ ପିଲା ଭଲ ହୋଇଛନ୍ତି ।

ଔଷଧ – ଅଗରା ଗଛର କଞ୍ଚା ଚେରର ଟୋପା ଖଣ୍ଡିଏ (ପ୍ରାୟ ଦୁଇ ତିନି ଇଞ୍ଚ ଲମ୍ବ) ଆଣି ସେଥିରେ ଟିକିଏ ପିପ୍‌ପଳୀ ବାଟି ପାଣିରେ ମିଶାଇ ଦିନକୁ ଦୁଇ ପାନ ଦେବ । ଚେରକୁ ପାଣିରେ ବାଟିଲେ ବହଳିଆ ହୋଇଯାଏ । ପିଲା ଗିଳିପାରେ ନାହିଁ । ଗିଳି ନ ପାରିଲେ କଞ୍ଚା ଚେରକୁ ଛେଚି ଅନ୍ତତଃ ୧୫/୨୦ ଟୋପା ରସରେ ସାମାନ୍ୟ ଟିକିଏ ପିପ୍‌ପଳୀ ଘୋରି ପାଣି ମିଶାଇ ପିଆଇବ । ୪/୫ ଦିନରେ ନିଶ୍ଚୟ ଆରୋଗ୍ୟ ହେବ । ରୋଗ ଭଲ ହେଲା ପରେ କିଛି ଦିନ ଏହି ଔଷଧ ଖୁଆଇଲେ ସ୍ୱାସ୍ଥ୍ୟ ଭଲ ରହିବ । (ବହୁ ପରୀକ୍ଷିତ)

ଅଗରାର ଅନ୍ୟ ନାମ – ଓଡ଼ଶମାରୀ, ନିପାଣିଆ ।

ସଂସ୍କୃତ – ସ୍ୱର୍ଣ୍ଣକ୍ଷୀରିଣୀ, ଶୃଗାଳକଣ୍ଟକ । ବଙ୍ଗ ଭାଷାରେ – ଶିୟାଲକଣ୍ଟା

ହିନ୍ଦିରେ – ପିରଙ୍ଗ ଧୁତୁରା, ସତ୍ୟାନାଶୀ ।

ତେଲୁଗୁରେ – ବ୍ରହ୍ମ ଦଣ୍ଡି ଚେଟ୍ଟୁ ।

ଏହି ଗଛର ସର୍ବାଙ୍ଗ କଣ୍ଟା, ଫୁଲ ହଳଦିଆ, କ୍ଷୀର ହଳଦିଆ ।

## ବାଛରା ଝାଡ଼ା

୧) ବାଡ଼ି ଅଁଳା ପତ୍ର ଓ ମୂଷାକାନି ପତ୍ରକୁ କଦଳୀ ପତ୍ରରେ ବାନ୍ଧି ପୋଡ଼ି ତାର ରସରେ ପାଖରା ଖଇର ଦୁଇ ରତି ମିଶାଇ ପିଆଇଲେ ଭଲ ହୁଏ ।

୨) ଅମରପୋଇ ପତ୍ରରୁ ଖଣ୍ଡେ, ସେଥିରେ ଗୋଟିଏ ବା ଦୁଇଟି ଗୋଲମରିଚ ମିଶାଇ ବାଟି ଦିନକୁ ୩ପାନ ପିଆଇବ । (ବହୁ ପରୀକ୍ଷିତ)

ଅମରପୋଇର ଅନ୍ୟ ନାମ - ହେମକେଦାର, ହେମକାକରି, ପତ୍ରଗଜା ।

ସଂସ୍କୃତରେ - ପତ୍ରବୀଜ । ବଙ୍ଗ ଭାଷାରେ - ପାଥରକୁଚି ।

୩) ଟାଙ୍ଗଣା ଖଇର ଅଧରତି କାଞ୍ଜି ପାଣିରେ ପିଆଇବ ।

## ପିଲାଙ୍କ ଦେହରେ ବ୍ରଣ, ଫୋଟକା ବା ଆଘାତଜନିତ ବେଦନା ହେଲେ

୧) ବ୍ରଣ ଦେଖାଦେଲା ମାତ୍ରକେ ମାଆର ଛେପ ଦିନକୁ ୩/୪ ଥର ଲଗାଇଲେ ଭଲ ହୋଇଯିବ । ଆଉ କିଛି ଔଷଧ ବ୍ୟବହାର କରିବାକୁ ହେବ ନାହିଁ । ବ୍ରଣ ବେଶି ଦିନର ହୋଇଥିଲେ ମା'ର ଛେପରେ ଭଲ ହେବ ନାହିଁ ।

୨) ବ୍ରଣ ବାହାରିଲା ମାତ୍ରକେ ଚୂନ ଟିକିଏ ଲଗାଇଲେ ବ୍ରଣ ବସିଯାଏ । ପକ୍ୱ ବ୍ରଣରେ ଲଗାଇଲେ ଫାଟିଯାଏ ।

## ପିଲାଙ୍କର ସର୍ଦ୍ଦି

୧) ତୁଳସୀପତ୍ର ରସ ଓ ମହୁ ଏକତ୍ର ମିଶାଇ ଖୁଆଇବ । ଅତି ଛୋଟପିଲାଙ୍କୁ ୧୦ ଟୋପା ତୁଳସୀପତ୍ର ରସ ସମଭାଗ ମହୁ ସର୍ଦ୍ଦି ଭଲ ହେବା ପର୍ଯ୍ୟନ୍ତ ଖୁଆଇବ । ଗାଈ ଦୁଧ ଦେବ ନାହିଁ । ମା ନଡ଼ିଆ ଓ ଦହି ଖାଇବ ନାହିଁ ।

୨) ସୋରିଷ ତେଲ ନାକ ଉପରେ (ଯେଉଁ ଜାଗାରେ ଚଷମା ରହେ) ତଳି ପେଟରେ ଓ ପାଦରେ ଲଗାଇଲେ ସର୍ଦ୍ଦି ଭଲ ହୁଏ ।

## ପିଲାଙ୍କର କାଶ ହେଲେ

୧) ବାସଙ୍ଗପତ୍ରର ରସ ଓ ମହୁ ଖୁଆଇବ । ଦିନକୁ ଦୁଇ ଥର - ବୟସ ଅନୁସାରେ ୧୦/୧୫ ଟୋପା ଠାରୁ ଅଧଚାମଚ ପର୍ଯ୍ୟନ୍ତ ।

୨)　ଅଙ୍କରାନ୍ତି ଫୁଲର କେଶର ମହୁରେ ବାଟି ବଟିକା କରି ମା ଦୁଧରେ ଘୋରି ପିଆଇବ ।

## ପିଲାଙ୍କୁ ଘୁଡୁଘୁଡୁ ରୋଗ

୧)　ଅଗସ୍ତି ଫୁଲରସ ବା ପତ୍ରରସ ବା କଲରାପତ୍ର ରସ ଅଧଚାମଚ ଠାରୁ ଏକ ଚାମଚ ଖୁଆଇବ । ଦିନକୁ ଦୁଇ ଥର ଲେଖାଏଁ ସାତ ଦିନ ଖୁଆଇବ ।

୨)　ମାଣ ସାରୁର ପଚା ଡେ଼ମ୍ଫ ଉପରେ ଖଣ୍ଡେ ତାତିଲା ଲୁଗା ଲଗାଇଲେ ଯେଉଁ ରସ ବାହାରେ, ସେଥିରୁ ଅଧଚାମଚ ଖୁଆଇଲେ କଫ ମଳ ରୂପେ ବାହାରିଯିବ ଓ ଘୁଡୁଘୁଡୁ ରୋଗ ଭଲ ହେବ ।

## ସର୍ଦ୍ଦିକାଶ ଏକାବେଳେ ହେଲେ ଓ ଛାତିରେ କଫ ହେଲେ

୧)　ପୁରୁଣା ଘିଅ ଅଭାବେ ଗୁଆଘିଅ ଛାତିରେ ମାଲିସ କରି ତା ଉପରେ ଅରଖପତ୍ର ପକାଇ ସେକ ଦେବ ଅଥବା ଅରଖପତ୍ରରେ ଘିଅ ଲଗାଇ ଉଷୁମ କରି ଛାତିରେ ପକାଇବ ଏବଂ ଖଣ୍ଡେ କନା ବାନ୍ଧିବ ।

୨)　ଅଗସ୍ତିଫୁଲ ବା ପତ୍ର ରସ ଏକଚାମଚ ପିଆଇଲେ କଫ ବାନ୍ତି ହୋଇ ବାହାରିପଡ଼େ ।

୩)　ପାଣିରେ ପଡ଼ିଯାଇ ସଡ଼ିଯାଇଥିବା ଆମ୍ବପତ୍ରରେ ଦନା ତିଆରି କରି ସେଥିରେ ସୋରିଷ ତେଲ ରଖି ଦୀପଶିଖାରେ ଗରମ କରି ଛାତି, ହାତ, ଗୋଡ଼ ତଳିପାରେ ମାଲିସ କରିବ ।

୪)　ଟାଙ୍ଗଣା ଖଇ ଅଧରତି ମହୁ ମିଶାଇ ଟିକିଏ ଟିକିଏ ଚଟାଇବ ।

୫)　ମୟୁରଚୂଳିଆ (ତୋଟା ମୂଳ) ଚେରକୁ ସିଝାଇ ତା'ର ପାଣି ପିଇଲେ କଫ ତରଳ ହୋଇ ବାହାରିପଡ଼େ ।

## ପିଲାଙ୍କ ଶ୍ୱାସ

୧)　କକଡ଼ାଶୃଙ୍ଗୀ ଓ ମୂଳାମଞ୍ଜି ସମାନ ଭାଗରେ ଚୂର୍ଣ୍ଣକରି ଏକରତି ମାତ୍ରାରେ ମହୁ ଓ ଘିଅ ସଙ୍ଗେ ଖୁଆଇବ । (ବଙ୍ଗସେନ)

ଏଠାରେ ମନେରଖିବାକୁ ହେବ ଯେ ମହୁ ଓ ଘିଅ ସମଭାଗ ହେବ ନାହିଁ । ମହୁ ବେଶୀ ହେଲେ ଘିଅ କମ୍ ହେବ ବା ଘିଅ ବେଶି ହେଲେ ମହୁ କମ୍ ହେବ, କାରଣ ମହୁ ଓ ଘିଅ ସମଭାଗ ହେଲେ ବିଷକ୍ରିୟା ହୋଇଥାଏ ।

୨)　ବାସଙ୍ଗପତ୍ର ବା ଦୁଦୁରାପତ୍ର ଦୁଇ ଚାରିଟା ନିଆଁରେ ପୋଡ଼ି ସେହି ଧୂଆଁ ପିଲାଙ୍କ ନାକରେ ଦେଲେ ଭଲ ହୁଏ ।

## ସର୍ଦ୍ଦିକାଶ ଥାଇ ଜ୍ୱର ହେଲେ

ପୁରୁଣା ତିନ୍ତୁଳି (ଯେଉଁଥିରେ ଲୁଣ, ମରିଚ, ତେଲ, ମସଲା ପଡ଼ି ନଥିବ) ଏକତୋଳା, ସେଥିରେ ସୈନ୍ଧବ ଲବଣ ଏକ ଅଣା ଓଜନ ଓ ସାମାନ୍ୟ ଟିକିଏ ଲଙ୍କା ମରିଚ ପକାଇ ପାଣିରେ ଗୋଳାଇ କନାରେ ଛାଣି ଏକ ମାସର ପିଲାକୁ ଦଶ ଟୋପା ଓ ବଡ଼ ପିଲାକୁ ଏକ ଚାମଚ କରି ଦିନକୁ ୩ଥର ଦେବ । ଭୟ କରିବାର କିଛି କାରଣ ନାହିଁ । ଏହା ଦ୍ୱାରା ସର୍ଦ୍ଦି ଜ୍ୱର ଓ କାଶଯୁକ୍ତ ଜ୍ୱର ଅତି ଅଳ୍ପ ସମୟରେ ଭଲ ହୁଏ । ଏପରି କି ନିମୋନିଆ ଜ୍ୱର ହୋଇଥିଲେ ଏହି ଔଷଧ ଦେବ ଏବଂ ଛାତିରେ ଅରଖପତ୍ରରେ ଗୁଆଘିଅ ଲଗାଇ ଉଷୁମ କରି ପକାଇବ । (ବହୁ ପରୀକ୍ଷିତ)

## କେବଳ ଜ୍ୱର ହେଲେ

୧) ତୁଳସୀପତ୍ର ରସ ଅଧ ଚାମଚରେ ସୈନ୍ଧବ ଲବଣ ଟିକିଏ ମିଶାଇ ପିଆଇବ । ଦିନକୁ ୨ ପାନ । ଦୁଇ ତିନି ଦିନରେ ଜ୍ୱର ଭଲ ହେବ ।

୨) ମହୁ, ଘିଅ ଓ ନିମ୍ବପତ୍ରକୁ ନିଆଁରେ ପକାଇବ । ତା'ର ଧୂଆଁ ବାଳକର ଦେହରେ ଲାଗିଲେ ତା'ର ଜ୍ୱର ଛାଡ଼ିଯାଏ । (ବଙ୍ଗସେନ)

୩) ପୋଟଳ ପତ୍ର, ତ୍ରିଫଳା (ହରିଡ଼ା, ବାହାଡ଼ା, ଅଁଳା), ନିମ୍ବପତ୍ର ଓ ହଳଦୀର କ୍ୱାଥ ସେବନ କଲେ ଶିଶୁର କ୍ଷତ, ବିସ୍ଫୋଟକ ଓ ଜ୍ୱର ଶାନ୍ତ ହୁଏ ।

## ପାଟି ଭିତରେ, ଜିଭରେ ଓ ଓଠରେ ଘା ହେଲେ

୧) ମେଣ୍ଢୀ ଦୁଧ (କଞ୍ଚା) ଲଗାଇବ । ଦୁଇ ତିନି ଥର ଲଗାଇଲେ ନିଶ୍ଚୟ ଭଲ ହେବ । (ବହୁ ପରୀକ୍ଷିତ)

୨) ମେଣ୍ଢୀ ଦୁଧରେ ଚେମଣିଲଇ ମୂଳ (ଅନନ୍ତ ମୂଳ) ବାଟି ଲଗାଇବ । (ବହୁ ପରୀକ୍ଷିତ)

୩) ଟାଙ୍ଗଣା ଖଇରେ ଗୁଆଘିଅ ମିଶାଇ ଲଗାଇବ । (ବହୁ ପରୀକ୍ଷିତ)

ଟାଙ୍ଗଣାକୁ ଚୂରି ଲୁହା କରଚୂଲିରେ ରଖି ରଡ଼ ନିଆଁ ଉପରେ ଧରିଲେ ଟାଙ୍ଗଣା ଲିଆ ପରି ଫୁଲିବ । ବହୁତ ସମୟ ନିଆଁରେ ଧରିବାକୁ ହେବ । ଏହି ଫୁଲାକୁ ଟାଙ୍ଗଣା ଖଇ କହନ୍ତି ।

୪) ବାଡ଼ିଅଁଳା ପତ୍ର ବାଟି ଲଗାଇବ । ବୟସ୍କ ଲୋକର ତୁଣ୍ଡ ଘା ମଧ୍ୟ ଏଥିରେ ଭଲ ହେବ । (ବହୁ ପରୀକ୍ଷିତ)

## ପିଲାଙ୍କର କାନ ଟାଣିଲେ

୧) ପାନପତ୍ର ରସ ଅଥବା କୁସୁମପତ୍ର (ଗେଣ୍ଡୁ) ରସ ଅଥବା ଇନ୍ଦ୍ରମାରିଷ ପତ୍ର ରସ ସାମାନ୍ୟ ଉଷୁମ କରି କାନରେ ପକାଇବ ।

୨) ସୋରିଷ ତେଲ ରସୁଣ ଫୁଟାଇ ପକାଇବ ।

୩) କଦଳୀ ବାହୁଙ୍ଗାର ରସ ଉଷୁମ କରି ପକାଇବ ।

୪) ଦୟଣାପତ୍ର ରସ ପକାଇବ ।

୫) ବ୍ରାଣ୍ଡି ଦୁଇ ତିନି ଟୋପା ପକାଇଲା ମାତ୍ରକେ କାନଟଣା ଭଲ ହୁଏ ।

## ପିଲାଙ୍କର ଦାନ୍ତ ଉଠିବାକୁ ଡେରି ହେଲେ

ଟାଙ୍ଗଣା ଖଇରେ ମହୁ ମିଶାଇ ଦାନ୍ତ ମାଡ଼ିରେ ଘଷିଲେ ଶୀଘ୍ର ଦାନ୍ତ ଉଠେ ।

## କାନରେ ପୂଯ ହେଲେ

୧) ଫିଟିକରି ଖଇ ଚୂର୍ଣ୍ଣ ପକାଇବ ।

୨) ଅଦା ରସ ଓ ରସୁଣ ମିଶାଇ କାନରେ ପକାଇବ ।

୩) ତାର୍ପିନ ତେଲ ୪/୫ ଟୋପା ପକାଇବ ।

୪) ମାଣ ସାରୁର ଡେମ୍ଫକୁ ନିଆଁରେ ସେକି ତା' ରସ ପକାଇବ ।

୫) ଖାଣ୍ଟି ସୋରିଷ ତେଲ ଅଧପା ଲୁହା କରେଇରେ ଫୁଟାଇବ । ଫେଣଶୂନ୍ୟ ହେଲେ ଗୋଟିଏ ବା ଦୁଇଟି ଶାମୁକାର ମାଂସ ପକାଇ ଫୁଟାଇବ । ମାଂସ ପୋଡ଼ି କଳାବର୍ଣ୍ଣ ହେଲେ ତେଲକୁ ଛାଣି ଶିଶିରେ ରଖିବ । ତୂଳାରେ କାନରୁ ପୂଯ ବାହାର କରି ସେହି ତେଲ କାନରେ ପକାଇଲେ ବହୁ ଦିନର କାନପଚା ରୋଗ ଭଲ ହୁଏ ।

## କାନକଟା ଘା ହେଲେ

କାନ ଉପରେ ଘା ହେଲେ ତାକୁ କାନକଟା ଘା କହନ୍ତି । ଆମ୍ବଗଛର ଗଣ୍ଡିରେ ଠିକ୍ କାନ ପରି ଏକପ୍ରକାର କଠିନ ଛତୁ ହୁଏ । ସେହି ଛତୁକୁ ସୋରିଷ ତେଲରେ ଫୁଟାଇ ସେହି ତେଲ କାନକଟା ଘାରେ ଲଗାଇଲେ ଭଲ ହୁଏ ।

## ପିଲାଙ୍କ ପାଟିରୁ ଲାଳସ୍ରାବ ହେଲେ

୧) ଫିଟିକିରି ଖଇକୁ ମହୁରେ ମିଶାଇ ପିଲାଙ୍କ ପାଟିରେ ଲଗାଇବ । ପେଟ ଭିତରକୁ ଚାଲିଗଲେ କିଛି କ୍ଷତି ନାହିଁ, ବରଂ ଭଲ ।

୨) ଓସ୍ତ ଗଛର ଛାଲିର କ୍ୱାଥ (ପାଣିରେ ସିଝାଇ ସେହି ପାଣି)ରେ କୁଳୁକୁଞ୍ଚା କରାଇବ । କୁଳୁକୁଞ୍ଚା କରି ନ ପାରିଲେ ସଫା କନାକୁ ସେହି ପାଣିରେ ବୁଡ଼ାଇ ପାଟିରେ ଲଗାଇବ ।

## ପିଲାଙ୍କ ମୁଣ୍ଡରେ ଘା ବା ବଡ଼ା ହେଲେ

ବରଗଛର ଝଡ଼ି ପଡ଼ିଥିବା ଶୁଖିଲା ପତ୍ରଗୁଡ଼ିଏ ପୋଡ଼ି ଭସ୍ମ କରିବ । ଧୂଆଁ ପତ୍ରକୁ ପୋଡ଼ି ଭସ୍ମ କରିବ । ବରପତ୍ର ଭସ୍ମ ଦୁଇଭାଗ, ଧୂଆଁପତ୍ର ଭସ୍ମ ଏକ ଭାଗ ଏକତ୍ର କରି ଖାଣ୍ଟି ନଡ଼ିଆ ତେଲରେ ମଲମ ହେଲା ପରି ମିଶାଇ ସେଥିରେ ସାମାନ୍ୟ କର୍ପୂର ମିଶାଇ ମୁଣ୍ଡ ଘା'ରେ ୩/୪ଥର ଲଗାଇଲେ ନିଶ୍ଚୟ ଭଲ ହେବ । ଏହି ମଲମ କାନକଟା ଘା'ରେ ଲଗାଇଲେ ମଧ୍ୟ ଭଲ ହୁଏ । (ବହୁ ପରୀକ୍ଷିତ) (ଭସ୍ମକୁ କନାରେ ଛାଣି ଔଷଧ କରିବ ।)

## ପିଲାଙ୍କ ପେଟ କାମୁଡ଼ିଲେ

ମା' ଗୁରୁପାକ ଜିନିଷ ଖାଇଲେ ବା ବେଶି ଡ଼େରିରେ ଖାଇଲେ ପିଲାମାନଙ୍କର ପେଟ କାମୁଡ଼େ । ପେଟ କାମୁଡ଼ିଲେ ପିଲେ ଗୋଡ଼ ଛନ୍ଦନ୍ତି । ପ୍ରଥମେ ଦେଖିବାକୁ ହେବ ପିଲାର ଝାଡ଼ା ହେଉଛି କି ନାହିଁ । ଝାଡ଼ା ହୋଇନଥିଲେ ପାନପତ୍ର ଡ଼େମ୍ଫରେ ଜଡ଼ା ତେଲ ବା ମହୁ ଲଗାଇ ପିଲାର ମଳଦ୍ୱାରରେ ପ୍ରାୟ ଏକ ଇଞ୍ଚ ପୁରାଇଦେଇ ରଖିଲେ ଝାଡ଼ା ହୁଏ । ଝାଡ଼ା ହେବା ପରେ ପେଟ କାମୁଡ଼ା ବନ୍ଦ ନହେଲେ ମା'ର ସ୍ତନ ଦୁଧରେ କୋଲେ ରସୁଣ ଖଣ୍ଡ ଖଣ୍ଡ କରି କାଟି ପକାଇବ । ୧୦/୧୫ ମିନିଟ୍ ପରେ ସେହି ଦୁଧ ଛାଣି ପିଆଇଲେ ପେଟ କାମୁଡ଼ା ଭଲ ହୁଏ ।

## ପିଲାଙ୍କ ଦେହ ମୋଡ଼ି ହେଲେ

ମୋଡ଼ମୋଡ଼ିଆ ଗଛର ଫଳ (ଭଉଁରି କଣ୍ଟା ପରି ମୋଡ଼ି ମୋଡ଼ି ହୋଇଥାଏ) ଗୁଣ୍ଡ କରି ସୋରିଷ ତେଲ ମିଶାଇ ପିଲାଙ୍କ ଦେହରେ ମାଲିସ କରିବ । ପେଟ ଫମ୍ପା, ପେଟ ମୋଡ଼ା ଓ ଗଜୁରି ରୋଗ ମଧ୍ୟ ଏଥିରେ ଭଲ ହୁଏ । ଏହି ଫଳ ଚେର-ମୂଳି ଦୋକାନରେ ମିଳେ ।

## ପିଲାଙ୍କ ନାଳ ଝାଡ଼ା ଓ ନାଳରକ୍ତ ଝାଡ଼ା

ଚିତାକୁଟି ଗଛର ସାତଟି ପତ୍ର ସହିତ ଟିକିଏ ଜାଇଫଳ ମିଶାଇ ବାଟି ପାଣି ମିଶାଇ ଦିନକୁ ୩ ପାନ ପିଆଇବ । ଦୁଇ ଦିନରେ ଭଲ ହେବ । ଗାଧୋଇବା ବନ୍ଦ କରିବ । ପିଲାଙ୍କ ପେଟରେ ଥଣ୍ଡା ଲଗାଇବ ନାହିଁ । ଚିତାକୁଟିର ଅନ୍ୟ ନାମ ହରିହରିକା । ଏହା ବଣସେବତୀ ପତ୍ର ପରି ଦିଶେ; କିନ୍ତୁ ଈଷତ୍ ଲାଲ ବର୍ଣ୍ଣ, ଛିଣ୍ଡାଇଲେ ଦୁଧ ପରି କ୍ଷୀର ବାହାରେ ।

## ପିଲାଙ୍କର କୋଷ୍ଟବଦ୍ଧ ହେଲେ

୧) ପିଲାଙ୍କର ଝାଡ଼ା ହେଉ ନଥିଲେ ଏପରିକି ତିନି ଚାରି ଦିନ ଝାଡ଼ା ହୋଇନଥିଲେ ପୋକସୁଙ୍ଘା ପତ୍ରରେ ଲୁଣ ମିଶାଇ ବାଟି ତଳିପେଟରେ ଲେପ ଦେବ । ଗୋଟିଏ ଲୁହା କରଚୁଲିକୁ

ନିଆଁରେ ତତାଇ ଲେପ ଉପରେ (ଲେପରେ ଲଗାଇବ ନାହିଁ) ଦେଖାଇ ସେକ ଦେଲେ ୨୦/୨୫ ମିନିଟ୍‌ରେ ନିଶ୍ଚୟ ଝାଡ଼ା ହେବ । (ପରୀକ୍ଷିତ)

୨) କଲରାପତ୍ର ରସ ଏକ ଚାମଚ ପିଆଇ ଦେବ । (ବହୁ ପରୀକ୍ଷିତ)

୩) ପ୍ରତିଦିନ ପେଟରେ ନିର୍ଦ୍ଦିଷ୍ଟ ସମୟରେ ପାଞ୍ଚ ସାତ ମିନିଟ୍ ସୋରିଷ ତେଲ ମାଲିସ୍ କରୁଥିଲେ ପିଲାଙ୍କର କୋଷ୍ଠବଦ୍ଧତା ଦୂର ହୁଏ ।

## ପିଲାଙ୍କର ହୁପିଙ୍ଗ୍ କଫ ବା କୁକୁର କାଶ

ଥରେ କାଶିବାକୁ ଆରମ୍ଭ କଲେ ଦଶ ପନ୍ଦର ମିନିଟ୍ ଯାଏ କାଶ ହୁଏ । ପିଲାମାନେ ବାନ୍ତି କରି ପକାନ୍ତି, ଝାଡ଼ା ମଧ୍ୟ ହୋଇଯାଏ, ମୁହଁ ଲାଲ ହୋଇଯାଏ, ଯାହା ଖାଇଛନ୍ତି ବାନ୍ତି କରିପକାନ୍ତି । ଏହା ବଡ଼ କଷ୍ଟଦାୟକ ରୋଗ ।

**ଔଷଧ :**

୧) ପୁରୁଣା ତିନ୍ତୁଳି (ଯେଉଁଥିରେ ଲୁଣ ତେଲ, ମସଲା ପଡ଼ି ନଥାଏ) ଏକ ତୋଳା, ଆଖୁ ଗୁଡ଼ ଏକତୋଳା ପାଣିରେ ଗୋଳାଇ କନାରେ ଛାଣି ସକାଳେ, ମଧ୍ୟାହ୍ନ ଓ ସନ୍ଧ୍ୟାରେ ଦୁଇ ଚାମଚ କରି ରୋଗ ଭଲ ହେବା ପର୍ଯ୍ୟନ୍ତ ଖୁଆଇବ । ଦିନକୁ ଚାରିଥର ଦିଆଯାଇପାରେ । ଦଶ ବାର ଦିନରେ ନିଶ୍ଚୟ ଭଲ ହେବ । ଯକ୍ଷ୍ମାକାଶ ଭିନ୍ନ ଅନ୍ୟ ଯେକୌଣସି କାଶରେ ଏହା ଅମୃତ ତୁଲ୍ୟ ।

ମାତ୍ରା – ପୂର୍ଣ୍ଣ ବୟସ୍କଙ୍କ ପାଇଁ ଦୁଇ ତୋଳା ପୁରୁଣା ତିନ୍ତୁଳି ଓ ଦୁଇ ତୋଳା ଆଖୁ ଗୁଡ଼, ବାଳକର – ଅର୍ଦ୍ଧମାତ୍ରା, ଶିଶୁର – ସୁକି ମାତ୍ରା । ତିନ୍ତୁଳି ବୋଲି ଭୟ କରିବ ନାହିଁ । ନୂଆ ତିନ୍ତୁଳି ଅନିଷ୍ଟ କରେ, ପୁରୁଣା ତିନ୍ତୁଳିରେ ବହୁ ରୋଗ ଭଲ ହୁଏ । (ବହୁ ପରୀକ୍ଷିତ)

୨) ଗୋଟିଏ ଛୋଟ ହାଣ୍ଡିରେ ଅରଖଫୁଲ ରଖି ତା ଉପରେ ସୈନ୍ଧବ ଲବଣ ଚୂର୍ଣ୍ଣ ଛିଞ୍ଚିଦିଅ । ପୁଣି ତା ଉପରେ ଅରଖଫୁଲ ରଖି ସୈନ୍ଧବ ଲବଣ ଚୂର୍ଣ୍ଣ ଦିଅ । ଏହିପରି ହାଣ୍ଡି ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଦିଅ । ତାପରେ ହାଣ୍ଡି ମୁହଁ ବନ୍ଦ କରି ଗଜପୁଟରେ ଭସ୍ମ କରି ଶୀତଳ ହେଲେ ଶିଶିରେ ରଖ ।

ମାତ୍ରା ୩ ରତି, ଦିନକୁ ତିନି ଚାରି ଥର ମହୁ ସହିତ ସେବ୍ୟ । ସାତ ଦିନରେ ହୁପିଙ୍ଗ କଫ ଭଲ ହେବ ।

## ପିଲାଙ୍କର ମୂତ ବନ୍ଦ ହେଲେ

୧) ଅମରପୋଇ ପତ୍ର ବାଟି ନାଭିର ଚାରିପାଖେ ଲେପ ଦେବ । (ବହୁ ପରୀକ୍ଷିତ)

୨) କୁସୁମ (ଗେଣ୍ଡୁ, ମଖମଲ୍ଲି) ପତ୍ର ବାଟି ନାଭିର ଚାରିପାଖେ ଲଗାଇବ ।

୩) ବଉଳକୋଳି ଶସକୁ ଘୋରି ପିଆଇବ । (ବହୁ ପରୀକ୍ଷିତ)

୪) ଅଙ୍କରାନ୍ତି ଗଛର ରସ ପିଆଇବ । ମାତ୍ରା – ଦୁଇ ଚାମୁଚ ।

## କଷ୍ଟରେ ଟୋପା ଟୋପା ମୂତ ହେଲେ

୧) ଅଙ୍କରାନ୍ତି ଗଛର ରସ ମହୁ ସହିତ ଖୁଆଇବ ।

ମାତ୍ରା – ଦୁଇ ଚାମଚ ରସ, ମହୁ ଏକ ଚାମଚ ।

୨) ବଉଳ କୋଳି ଶସକୁ ଘୋରି ପିଆଇବ । ଗୋଟିଏ କୋଳିର ଶସ ଯଥେଷ୍ଟ । (ବହୁ ପରୀକ୍ଷିତ)

## ପିଲାଙ୍କ କୃମି

୧) ଅଗରା (ଓଡ଼ଶ ମାରୀ) ଗଛ ଚେରର ଚୋପା ଏକ ତୋଳା ସେଥିରେ ୫ଟି ଲବଙ୍ଗ ମିଶାଇ ବାଟି ୫ଟି ବଟିକା କରିବ । ସକାଳେ ଓ ସନ୍ଧ୍ୟାରେ ଏପରି ୫ ଓଳି ଖାଇଲେ କୃମି ମରି ବାହାରି ପଡ଼ନ୍ତି । (ପରୀକ୍ଷିତ)

୨) ସପୁରୀ ଗଛର ପାଚିଲା ପତ୍ର ରସ ୩ ତୋଳା ଟିକିଏ ସୈନ୍ଧବ ଲବଣ ମିଶାଇ ୩ ଦିନ ଖୁଆଇବ । ଅତି ଛୋଟ ପିଲାଙ୍କୁ ମାତ୍ରା କମ୍ ଦେବ । ସୈନ୍ଧବ ଲବଣ ନ ମିଳିଲେ ଖାଇବା ଲୁଣ ଦେବ ।

୩) ମଳଦ୍ୱାରସ୍ଥ କୃମି – କଟୁକୀ ସୁକି ଓଜନ, ଡ଼ାଳିମ୍ବ ମୂଳ ଛାଲି ଆଠଅଣି ଓଜନ, ଅପାମାରଙ୍ଗ ପତ୍ର ଆଠଅଣି ଓଜନ, ଡ଼ାଲଚିନି ସୁକି ଓଜନ ଏକତ୍ର ୩୨ ତୋଳା ପାଣି ଦେଇ ହାଣ୍ଡିରେ ମୃଦୁ ଅଗ୍ନିରେ ସିଝାଇ ଅବଶେଷ ୪ ତୋଳା ରହିଲେ ତାକୁ ଛାଣି ସେଥିରେ ୪/୫ ବିନ୍ଦୁ ଟାର୍ପିନ୍ ତେଲ ପକାଇ ଖାଇଲେ ମଳଦ୍ୱାରସ୍ଥ କୃମି ନଷ୍ଟ ହୁଅନ୍ତି ।

୪) କଦଳୀମୁଣ୍ଡା ଏକ ପା, ଗାଈଘିଅ ଦୁଇତୋଳା, ଗୁଡ଼ ଦୁଇ ତୋଳା । କଦଳୀ ମୁଣ୍ଡାକୁ ସଫା କରି ଉପର ଚୋପା ବାହାର କରି ଖଣ୍ଡ ଖଣ୍ଡ କରି କାଟିବ । କଲାଇକରା କରେଇରେ ଘିଅ ପକାଇ ତା ଉପରେ କଦଳୀମୁଣ୍ଡା ଖଣ୍ଡଗୁଡ଼ିକ ପକାଇ ଭାଜିବ । ତା'ପରେ ଗୁଡ଼ ପକାଇ ଘାଣ୍ଟି କରି କୌଣସି ପାତ୍ରରେ ଘୋଡ଼ାଇ ଦେବ । ୧୫/୨୦ ମିନିଟ୍ ପରେ ପୁଣି ଭଲ କରି ଘାଣ୍ଟି ଚୂଲିରୁ ବାହାର କରିଦେବ ।

ଉପରୋକ୍ତ ଔଷଧ ଏକ ପାନ ମାତ୍ର ସକାଳେ ଖାଲି ପେଟରେ ଖାଇବ । ଏହିପରି ସାତଦିନ ଖାଇଲେ ପେଟର ସମସ୍ତ କୃମି ଚିରଦିନ ପର୍ଯ୍ୟନ୍ତ ନଷ୍ଟ ହୁଏ ଏବଂ କୃମି ହେତୁରୁ ପେଟରେ ହେଉଥିବା ଅନ୍ୟ ରୋଗ ଭଲ ହୁଏ ।

**ପଥ୍ୟ – ମୁଗ ଡ଼ାଲି, ପୁରୁଣା ଚାଉଳର ଭାତ ।**

## କୃମି ହେତୁ ପିଲା ଛଟପଟ ହେଉଥିଲେ

କୃମି ହେତୁ ପିଲା ବଡ଼ କଷ୍ଟ ପାଇ କାନ୍ଦୁଥିଲେ ଓ ଏହି କଷ୍ଟ ହଠାତ୍ ବନ୍ଦ କରିବାକୁ ହେଲେ ଏକ ତୋଳା ବା ଦୁଇ ତୋଳା ମହୁ ଖୁଆଇଦେଲେ ୨/୩ ମିନିଟ୍‌ରେ ଭଲ ହୋଇଯିବ । (ବହୁ ପରୀକ୍ଷିତ)

ପ୍ରଶ୍ନ- ମିଠା ଖାଇଲେ କୃମି ବଢ଼ନ୍ତି । ତାହାହେଲେ ମହୁ ଖାଇଲେ କିପରି କୃମି କଷ୍ଟରୁ ମୁକ୍ତ ହେବ ?

ଉତ୍ତର- ଏହା କୃମି ରୋଗର ଔଷଧ ନୁହେଁ; କିନ୍ତୁ ମହୁ ଖାଇଲେ କୃମିମାନେ ଏକତ୍ର ହୋଇ ମହୁ ଖାଇ ଶାନ୍ତ ହୁଅନ୍ତି, ପିଲାଙ୍କୁ ଆଉ କଷ୍ଟ ଦିଅନ୍ତି ନାହିଁ । ରାତି ଅଧରେ ପିଲା କୃମି କାମୁଡ଼ିବା ହେତୁ କାନ୍ଦିଲେ ମହୁ ଟିକିଏ ଖୁଆଇଦେଲେ ଶୋଇପଡ଼େ ଓ ବାପା ମାଆଙ୍କୁ ହଇରାଣ କରେ ନାହିଁ । ମହୁ ଅଭାବରେ ୪/୫ ତୋଳା ଚିନି ପାଣିରେ ଗୋଳାଇ ପିଆଇଦେବ ।

## ପିଲାଙ୍କର ସବୁପ୍ରକାର ରୋଗକୁ

ଟାଙ୍ଗଣା ଖଇ ଏକ ରତି ମା' ଦୁଧରେ ଦେଲେ ପିଲାଙ୍କର ଅନେକ ରୋଗ ଭଲ ହୁଏ ଏବଂ ଅନେକ ରୋଗ ଆକ୍ରମଣ କରିପାରେ ନାହିଁ । ମାସକୁ ୧୫ ଦିନ ହିସାବରେ ୫ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଖୁଆଇବ ।

ଟାଙ୍ଗଣା ଖଇର ଗୁଣ – ଅଗ୍ନିବର୍ଦ୍ଧକ, କଫ ନାଶକ, ବାତପିତ୍ତ ଶମକ ଏବଂ କାଶ, ଶ୍ୱାସ, ଆମଦୋଷ, ସ୍ଥାବର ବିଷନାଶକ । ଟାଙ୍ଗଣାକୁ ଲେମ୍ବୁ ରସରେ ମର୍ଦ୍ଦନ କରି ଖରାରେ ଶୁଖାଇବ । ତା'ପରେ ତାକୁ ଚଟୁରେ ରଖି ନିର୍ଧୂମ ନିଆଁ ଉପରେ ବହୁତ ସମୟ ରଖିଲେ ଲିଆ ପରି ଫୁଲିଯିବ । ଏହି ଫୁଲା ଟାଙ୍ଗଣାକୁ ଟାଙ୍ଗଣା ଖଇ କହନ୍ତି । ଏହାକୁ କନାରେ ଛାଣି ଶିଶିରେ ରଖିବ ।

## ପିଲା ଦୁଧ ଛାଡ଼ିବାକୁ

ଜାମୁଗଛର ଛାଲି ବାଟି ମାଆର ସ୍ତନରେ ଲଗାଇବ ।

## ପିଲାଙ୍କର ଜାକୁସି ରୋଗ (ଗୁଦବ୍ରଣ)

ପିଲାଙ୍କର ମଳଦ୍ୱାରରେ ଯାଦୁ ପରି ହୁଏ, ଲାଲ ଦେଖାଯାଏ । ଦୂଷିତ ସ୍ତନ ଦୁଧ ପାନ ହେତୁ ଏହି ରୋଗ ହୁଏ ।

୧) ଟାଙ୍ଗଣା ଖଇ ନିମ୍ବପତ୍ର ଏକତ୍ର ବାଟି ମଳଦ୍ୱାରରେ ଲଗାଇବ ।

୨) ଧୋବାନେଳୀ ଲଗାଇଲେ ଭଲ ହୁଏ ।

୩) ପିଆଶାଳ ଫୁଲର ଚୂର୍ଣ୍ଣକୁ ଫୁଟିଆଣି ପାଣିରେ ବାଟି ବଟିକା କରିବ । ଏହି ବଟିକା ପିଲାମାନଙ୍କୁ ଖୁଆଇଲେ ଦୂଷିତ ଦୁଧପାନ ଜାତ ଜ୍ୱରାଦି ଉପଦ୍ରବଯୁକ୍ତ ଗୁଦବ୍ରଣ (ଜାକୁସି ରୋଗ) ଭଲ ହୁଏ । (ବଙ୍ଗସେନ)

## ପିଲାଙ୍କର କାନ୍ଦୁରୀ ରୋଗ

୧) ପିଲାମାନେ ଦିନରାତି ସବୁବେଳେ କାନ୍ଦୁଥିଲେ -

ରବିବାର ଦିନ ଅରୁଆ ଚାଉଳ ଓ ଗୁଆ ଦେଇ କଣ୍ଟେଇ କୋଳି ଗଛରୁ ଖଣ୍ଡିଏ ଚେର ଆଣି ରଖିଥିବ । ଏହି ଚେର ଖଣ୍ଡିକ ଏକ ବର୍ଷ ପର୍ଯ୍ୟନ୍ତ ରଖିପାରିବ । ଏହି ଚେରକୁ ଘୋରି ଯେଉଁ ପିଲା କାନ୍ଦୁଥିବ ତା'ର କପାଳରେ ଗୋଟିଏ ଟୋପା ଲଗାଇଦେଇ କହିବ, "କାନ୍ଦନା, କାନ୍ଦନା, କାନ୍ଦନା ।" ଏହିପରି ୩ଥର କହିଲା ମାତ୍ରକେ ସେ ପିଲାର କାନ୍ଦ ବନ୍ଦ ହୋଇଯିବ । (ପରୀକ୍ଷିତ)

୨) ଇନ୍ଦ୍ରମାରିଷ ପତ୍ର, ଅଣ ସୋରିଷା ପତ୍ର ଏକତ୍ର କରି ଧୂଆଁ ଦେବ ।

୩) କୁକୁର ଛାଲିଆ ଗଛର ଚେର ଶେଯରେ ପକାଇବ ।

## ରୋହିଣୀ, ଘଣ୍ଟିକା, ଗଳକ୍ଷତ

ମୟୂରର ଗୋଡ଼ ହାଡ଼ର ଚୂର୍ଣ୍ଣ ୪ ରତି ଏକପା ପାଣିରେ ଫୁଟାଇ କୁଳି କରିବ ଏବଂ ଉକ୍ତ ଚୂର୍ଣ୍ଣ ୫ରତି ଗାଈଘିଅ ଏକ ଛଟାଙ୍କିରେ ଫୁଟାଇ ଗଳା ଭିତରେ ବାରମ୍ବାର ଲେପ ଦେଲେ ୨/୩ ଦିନରେ ରୋଗର ଉପଶମ ହେବ । ଏକ ସପ୍ତାହରେ ସମ୍ପୂର୍ଣ୍ଣ ଆରୋଗ୍ୟ ହେବ ।

## ପିଲା ଦାନ୍ତ ରଗଡ଼ିଲେ

୧) କଙ୍କଡ଼ାର, ବଡ଼ ଗୋଡ଼ ଦୁଇଟାକୁ ଦୁଧରେ ସିଝାଇବ । ଯେତେବେଳେ ହଳଦିଆ ହେବ, ତାହା ପିଲାର ପାତ ତଳେ ମାଲିସ କରିବ ।

୨) ଘୋଡ଼ାବାଳ ବେକରେ ବାନ୍ଧିବ ।

## ଶିଶୁର ଦୌର୍ବଲ୍ୟ ରୋଗ

ଅସ୍କନ୍ଦ (ଅଶ୍ୱଗନ୍ଧା)ର ଚୂର୍ଣ୍ଣ ଦୁଇ ଅଣି ଓଜନ ଦୁଧ ବା ଉଷୁମ ପାଣି ସହିତ କିଛିଦିନ ଖାଇଲେ ଦୁର୍ବଳ ଶିଶୁ ପୁଷ୍ଟ ହୁଏ । (ଚକ୍ରଦତ୍ତ) ଅନ୍ତତଃ ଏକମାସ ଖାଇବ ।

# ଶିର ରୋଗ

## ଅଧକପାଳି ମୁଣ୍ଡବ୍ୟଥା

ଅଧକପାଳି ମୁଣ୍ଡବ୍ୟଥା ଯେଉଁ ପାଖରେ ହେଉଥିବ ସେହି ପାଖରେ କପାଳର ଗୋଟିଏ ଶିରାକୁ (ଶିରା ନ ଦିଶିଲେ କପାଳର ଯେକୌଣସି ସ୍ଥାନରେ) ଛୁଞ୍ଚିରେ ଫୋଡ଼ିବ, ଯେପରିକି ଟିକିଏ ରକ୍ତ ବାହାରିବ । ସେହି ରକ୍ତ ଉପରେ ଅରଖ କ୍ଷୀର ୫/୬ ଟୋପା ଲଗାଇବ, ଯେପରିକି ରକ୍ତ ସଙ୍ଗରେ ଅରଖ କ୍ଷୀର ମିଶିଯାଏ । ପ୍ରାୟ ୧୦ ମିନିଟ୍ ଭିତରେ ବହୁ ଦିନର ଅଧକପାଳି ବ୍ୟଥା ଭଲ ହୋଇଯିବ । ୧୯୪୮ ମସିହା ଠାରୁ ୧୯୬୧ ମସିହା ଜୁଲାଇ ମାସ ସୁଦ୍ଧା ପ୍ରାୟ ୩୦୦ ଲୋକଙ୍କର ଅଧକପାଳି ରୋଗ ଉପରୋକ୍ତ ଔଷଧରେ ଭଲ ହୋଇଛି । ସେମାନଙ୍କ ଭିତରୁ କେବଳ ଜଣେ ଦ୍ୱିତୀୟ ଥର ଔଷଧ ବ୍ୟବହାର କରିଥିଲେ । ଔଷଧ ବ୍ୟବହାର କରିବାର ୬ମାସ ପରେ ପୁଣି ଅଧକପାଳି ହେଲା ବୋଲି କହିବାରୁ ଆଉଥରେ ଔଷଧ ଦେବାର ପ୍ରାୟ ୨ ବର୍ଷ ହୋଇଗଲାଣି । ସେହି ଲୋକଟିର ଉପଦଂଶ ରୋଗ ଥିବାରୁ ତାକୁ ଅରଖ କ୍ଷୀରକୁ ଶୁଖାଇ ଏକ ରତି ହିସାବରେ ବଟିକା କରି ୧୫ ଦିନ ଖାଇବାକୁ ଦିଆଯାଇଥିଲା । ତାହାର ଆଉ ସେ ରୋଗ ହୋଇନାହିଁ । ଅଧକପାଳି ରୋଗର ବହୁତ ଔଷଧ ଅଛି, କିନ୍ତୁ ଏହି ଔଷଧରେ ଶତକଡ଼ା ଶହେ ରୋଗୀ ମୁଁ ଭଲ କରିଥିବାରୁ ଏବଂ ବିନା ଅର୍ଥବ୍ୟୟରେ ରୋଗ ଭଲ ହେଉଥିବାରୁ ଅନ୍ୟ ଔଷଧମାନ ଲେଖିବାର ଆବଶ୍ୟକତା ମନେ କରୁନାହିଁ ।

## ମୁଣ୍ଡବ୍ୟଥା

ପ୍ରତିଦିନ ଅଭ୍ୟାସ କରି ମୁଣ୍ଡରେ ଘିଅ ମାଲିସ୍ କରୁଥିଲେ ମୁଣ୍ଡବ୍ୟଥା ହେବ ନାହିଁ । ଯେଉଁମାନେ ହେଲା କରି ପ୍ରତିଦିନ ମୁଣ୍ଡରେ ଘିଅ ମାଲିସ୍ କରିପାରିବେ ନାହିଁ, ସେମାନଙ୍କର ମୁଣ୍ଡବ୍ୟଥା ହେଲେ ନିମ୍ନଲିଖିତ ଔଷଧ ବ୍ୟବହାର କରିବେ ।

୧) ହରିଡ଼ା, ବାହାଡ଼ା, ଅଁଳା, ଚିରେଇତା, ହଳଦୀ, ନିମ୍ବଛାଲି ଓ ଗୁଳୁଚି ପ୍ରତ୍ୟେକରୁ ସୁକି ଓଜନ ନେଇ ଅଧସେର ପାଣିରେ ମାଟି ହାଣ୍ଡିରେ ସିଝାଇ ଅବଶେଷ ଏକ ଛଟାଙ୍କି ରହିଲେ ତାହା ଛାଣି ସେହି କ୍ୱାଥରେ ୧ ତୋଳା ଗୁଡ଼ ମିଶାଇ ଖାଇଲେ ପୁରୁଣା ଓ କଠିନ ମୁଣ୍ଡବ୍ୟଥା ଭଲ ହୁଏ । ଏହା ସଙ୍ଗେ ଯୋଗରାଜ ଗୁଗ୍ଗୁଳ ମିଶାଇ ଖାଇଲେ ନିଶ୍ଚୟ ଆରୋଗ୍ୟ ହୁଏ । (ପରୀକ୍ଷିତ)

୨) ଦୁଇ ଅଣି ଓଜନ ପିପ୍‌ପଳୀର ଗୁଣ୍ଡକୁ ମହୁ ସଙ୍ଗେ ଖାଇଲେ ୫ ମିନିଟ୍ ମଧ୍ୟରେ ମୁଣ୍ଡବ୍ୟଥା ଭଲ ହୋଇଯିବ । ଅର୍ଥ ବ୍ୟୟ କରି ଆସ୍‌ପିରିନ୍, ସାରିଡ଼ନ୍ ପ୍ରଭୃତି ବଟିକା ଖାଇଲେ

ତତ୍କ୍ଷଣାତ୍ ମୁଣ୍ଡବ୍ୟଥା ଭଲ ହୁଏ ସତ, କିନ୍ତୁ ସେସବୁ ହୃଦୟ ଓ ରକ୍ତ ଉପରେ କୁପ୍ରଭାବ ଆଣେ ।

୩) ଅରୁଆ ଚାଉଳକୁ ଅରଖ କ୍ଷୀରରେ ତିନିଥର ଭାବନା ଦେଇ ଚୂର୍ଣ୍ଣ କରି ରଖିଥିବ । ଏହାର ନ୍ୟସ ନେଲେ ମୁଣ୍ଡବ୍ୟଥା ଭଲ ହୁଏ ।

୪) ଗୋବର ଘଷି ପାଉଁଶକୁ କନାରେ ଛାଣି ଶୁକ୍ଳ ଅରଖ କ୍ଷୀରରେ ତିନିଥର ଭାବନା ଦେଇ ରଖିଥିବ । ଏହାର ନସ୍ୟ ନେଲେ ମୁଣ୍ଡବ୍ୟଥା ଭଲ ହୁଏ ।

ଭାବନା – ଉପରେ ଲେଖାହୋଇଥିବା ଚାଉଳ ବା ପାଉଁଶକୁ ଅରଖ କ୍ଷୀରରେ ଭିଜାଇ ଦିନରେ ଖରାରେ ଶୁଖାଇବ ଏବଂ ରାତିରେ କାକରରେ ରଖିବ । ଏପରି ତିନି ଦିନ କରିବ । ତିନି ଦିନ ପରେ ଖଲରେ ପକାଇ ୩ ଘଣ୍ଟା ମର୍ଦ୍ଦନ କରି ଶିଶିରେ ରଖିବ । 'ମର୍ଦ୍ଦନଂ ଗୁଣବର୍ଦ୍ଧନଂ' ।

୫) ଅପରାଜିତା ଫୁଲ ବା ମୂଳର ରସ ନସ୍ୟ ଦେବ ।

୬) ଅପାମାର୍ଗ ମଞ୍ଜି, ସଜନା ମଞ୍ଜି ସମଭାଗ, ବଚଚୂର୍ଣ୍ଣ ଅର୍ଦ୍ଧଭାଗ କରି ଏକତ୍ର କରି ଅରଖ କ୍ଷୀରରେ ୩ଥର ଭାବନା ଦେଇ ଚୂର୍ଣ୍ଣ କରି ଶିଶିରେ ରଖିବ । ଏହାର ନସ୍ୟ ନେଲେ ମୁଣ୍ଡବ୍ୟଥା, ଅଧକପାଳି, ମୁଣ୍ଡରେ ସର୍ଦ୍ଦବସା, ମୁଣ୍ଡ ଭାରୀ ହେବା ଓ ସନ୍ନିପାତଜ ତନ୍ଦ୍ରା ଭଲ ହୁଏ ।

୭) ବାତ ଦୋଷରୁ ମୁଣ୍ଡବ୍ୟଥା ହେଉଥିଲେ ମୁଚୁକୁନ୍ଦ ଫୁଲକୁ ଚହ୍ଲା ବା କାଞ୍ଜିରେ ବାଟି କପାଳରେ ଲେପ ଦେଲେ ମୁଣ୍ଡବ୍ୟଥା ଭଲ ହୁଏ ଏବଂ ନିଦ ହୁଏ ।

୮) ଗୋଟିଏ କାଗେଜିଲେମ୍ବୁ ଉପରେ ବହଳିଆ କରି ଗୋବର ବୋଳି ଖରାରେ ଶୁଖାଇ ନିଆଁରେ ପୋଡ଼ିବ । ପରେ ପୋଡ଼ା ଗୋବର ବାହାର କରି ଲେମ୍ବୁକୁ ରାତିରେ କାକରରେ ରଖିବ । ସକାଳେ ତହିଁରେ ଏକ ତୋଳା ଯବକ୍ଷାର ଓ ଅଧତୋଳା ଗୁଆଘିଅ ମିଶାଇ ଉତ୍ତମ ରୂପେ ବାଟିଲେପ ଦେଲେ ମୁଣ୍ଡବ୍ୟଥା ନିଶ୍ଚୟ ଭଲ ହୁଏ ।

୯) ନିଶାଦଳ ଚୂର୍ଣ୍ଣ ଏକ ତୋଳା, ପାଣି ୪ ତୋଳା ଗୋଟିଏ ଶିଶିରେ ପୂରାଇ କିଛି ସମୟ ହଲାଇ ରଖିବ । ମୁଣ୍ଡବ୍ୟଥା ହେଲେ କପାଳରେ ଏକପ୍ରସ୍ତ କନା ପକାଇ ତା ଉପରେ ସେହି ପାଣି ବାରମ୍ବାର ଦେବ । (ପରୀକ୍ଷିତ)

୧୦) କେତେକ ରୋଗୀଙ୍କର କପାଳ ଓ ମୁଣ୍ଡର ସନ୍ଧିସ୍ଥଳ ଉଭୟଙ୍କର ପୀଡ଼ା ହୁଏ ଏବଂ କେତେକ ରୋଗୀଙ୍କର କପାଳ ଓ ନାସିକା ସନ୍ଧିରେ କ୍ଷତ ହୋଇଥାଏ । ଏହାର ପ୍ରତିକାର ରୂପେ ନାରାୟଣ ତୈଳ ଦିନକୁ ୨/୩ ବୁନ୍ଦା ନସ୍ୟ ନେଲେ ଉପରୋକ୍ତ ରୋଗ ନଷ୍ଟ ହୁଏ ।

୧୧) ଭୀମସେନୀ କର୍ପୂର ୧ ରତି ପାଣିରେ ମିଶାଇ ଖାଇବାକୁ ଦେବ । ପ୍ରତ୍ୟେକ ପ୍ରକାର ଶିରଶୂଳ ୧୦ ମିନିଟ୍‌ରେ ଶାନ୍ତ ହୁଏ । ସର୍ବତ୍ର ନିଃସଙ୍କୋଚ ହୋଇ ପ୍ରୟୋଗ କରିବ । ଆସ୍‌ପିରିନ୍ ହୃଦୟାବସାଦକ ଅଟେ, କିନ୍ତୁ କର୍ପୁର ବଲ୍ୟ ଏବଂ ରସାୟନ ।

## କୃମିଜ ଶିରଶୂଳ

ଏହି ରୋଗରେ ରୋଗୀର ନାକରୁ ବଡ଼ ଦୁର୍ଗନ୍ଧ ବାହାରେ, ଏପରିକି କେହି ଲୋକ ରୋଗୀର ପାଖରେ ବସିପାରନ୍ତି ନାହିଁ । ଏହି ରୋଗ ପୁରୁଣା ହେଲେ ନାକ ଓ କପାଳ ଉପରେ ଶୋଥ ହୁଏ ଏବଂ ରୋଗୀର ବେଦନା ଅସହ୍ୟ ହୁଏ ।

**ପ୍ରତିକାର –** ଖାଣ୍ଟି ସୋରିଷତେଲ ନାକରେ ନସ୍ୟ ନେଲେ ଲମ୍ବା ପୁଚ୍ଛ ପୋକ ନାକବାଟେ ବାହାରି ପଡ଼ିବେ । ବହୁତ ପୋକ ବାହାରିବେ । ସମସ୍ତ ପୋକ ବାହାରିବା ପର୍ଯ୍ୟନ୍ତ ସୋରିଷ ତେଲ ନସ୍ୟ ନେବାକୁ ହେବ । ସମସ୍ତ ପୋକ ବାହାରିବା ପରେ ପୋକର ଅଣ୍ଡା ମଧ ମରିଯିବେ । ପୋକଙ୍କ ଯୋଗୁ ନାକରୁ ରକ୍ତ ଏବଂ ପୂଜ ବାହାରୁଥିଲେ ବନ୍ଦ ହୋଇଯିବ । ସମସ୍ତ ପୋକ ବାହାରିଯିବା ପରେ ରୋଗୀକୁ ତିନିମାସ ପର୍ଯ୍ୟନ୍ତ କିଶୋର ଗୁଗ୍‌ଗୁଳ ଅଥବା ପଥ୍ୟ ଗୁଗ୍‌ଗୁଳ ଦୁଇଟି କରି ବଟିକା ଦିନକୁ ୩/୪ଥର ପାଣି ସଙ୍ଗେ ଦେଲେ ଏହି ରୋଗ ଆଉ ହୁଏ ନାହିଁ ।

## ମସ୍ତିଷ୍କ ଦୁର୍ବଳତା

ବାଦାମ ୨୮ ମସା, ପୋସ୍ତକଦାନା ୨୮ ମସା, ଅଳେଇଚ ମଞ୍ଜି ୧୪ ମସା, ପ୍ରବାଳ ଭସ୍ମ ୧୪ ମସା, ସ୍ୱର୍ଣ୍ଣବଙ୍ଗ ୧୪ ରତି, ପ୍ରଥମେ ପୋସ୍ତକଦାନାର ଚୂର୍ଣ୍ଣ ଓ ଅଳେଇଚର ଚୂର୍ଣ୍ଣ ବାଦାମ ସହିତ ଭଲ କରି ମର୍ଦ୍ଦନ କରି ପରେ ପ୍ରବାଳ ଭସ୍ମ ଓ ସ୍ୱର୍ଣ୍ଣ ବଙ୍ଗ ମିଶାଇ ପୁଣି ଥରେ ଭଲ କରି ମର୍ଦ୍ଦନ କରି ରଖିବ । ପ୍ରତିଦିନ ସକାଳେ ଦୁଇମସା ହିସାବରେ ସେବ୍ୟ । ମସ୍ତିଷ୍କ ଦୁର୍ବଳତା ଯୋଗୁଁ ମୁଣ୍ଡବ୍ୟଥା ଏଥିରେ ଭଲ ହୁଏ ଏବଂ ସ୍ମରଣ ଶକ୍ତି ବଢ଼େ ।

## ମୁଣ୍ଡ ବୁଲାଇହେଲେ

୧) ଦୁବଘାସ ଅଗି ଗୁଆ ଘିଅରେ ଭାଜି ଏକ ତୋଳା ଖାଇବ ।

୨) କଷି ଡ଼ିମିରି, ଯହିଁରେ ମଞ୍ଜି ହୋଇନଥିବ, ତହିଁରୁ ଏକ ତୋଳା ଘିଅରେ ଭାଜି କିଛି ଦିନ ଖାଇବ ।

୩) ପୁରୁଣା ଘିଅ, କଇଁଛିକାକୁଡ଼ି ପତ୍ରର ରସ (ବିମ୍ବି) ବରକୋଳି ପତ୍ର ରସ, ଦୁବ ରସ ଏବଂ ଘିକୁଆଁରୀ ରସ ଏକତ୍ର କରି ମୁଣ୍ଡରେ ମାଲିସ କଲେ ଶିରଶୂଳ ଏବଂ ମୁଣ୍ଡ ବୁଲାଇହେବା ନିଶ୍ଚୟ ଭଲ ହେବ ।

## ମୁଣ୍ଡରୁ ବାଳ ଉପୁଡ଼ିଲେ

୧) ଲୁଣକୁ ଚୂରି କରି ଶିଶିରେ ରଖିଥିବ । ରାତିରେ ଖାଇସାରି ଶୋଇଲା ପୂର୍ବରୁ ସେହି ଚୂରା ଲୁଣକୁ ମୁଣ୍ଡରେ ଲଗାଇବ, ଯେପରିକି ଲୁଣ ବାଳର ମୂଳରେ ଲାଗେ । ଏହିପରି ସାତ ରାତି କଲେ ବାଳ ଆଉ ଉପୁଡ଼ିବ ନାହିଁ ।

୨) ଦୁଦୁରା ପତ୍ରର ରସ ମୁଣ୍ଡରେ ଲଗାଇବ । (ବାଗ୍‌ଭଟ୍ଟ) (ବହୁ ପରୀକ୍ଷିତ)

## ମୁଣ୍ଡର ବାଳ ବଢ଼ିବାକୁ

୧) ଭୃଙ୍ଗରାଜ ରସ ଅନ୍ତତଃ ୧୫ ଦିନ ମୁଣ୍ଡରେ ଲଗାଇବ ।

୨) ମନ୍ଦାର ଫୁଲକୁ ବାଟି ଖାଣ୍ଟି ନଡ଼ିଆ ତେଲରେ ପାକ କରିବ । ଏହି ତୈଳ ମୁଣ୍ଡରେ ଲଗାଇଲେ ବାଳ ବୃଦ୍ଧି ହୁଏ ।

## ମୁଣ୍ଡର ବାଳ ନ ପାଚିବାକୁ

୧) ନିମ୍ବ ତେଲ ଏକ ମାସ ପ୍ରତିଦିନ ନସ୍ୟ ନେଲେ ଅଧିକ ବୟସ ପର୍ଯ୍ୟନ୍ତ ବାଳ ପାଚିବ ନାହିଁ ।

୨) ପ୍ରତିଦିନ ସକାଳେ ଓ ରାତିରେ ଖାଇଲା ପରେ ବୀରାସନରେ ବସି ମଇଁଷି ଶିଙ୍ଗ ପାନିଆରେ ୧୦ ମିନିଟ୍ ମୁଣ୍ଡ କୁଣ୍ଡାଇବ ଏବଂ ମୁଣ୍ଡ କୁଣ୍ଡାଉଥିବା ସମୟରେ 'ଶୀଥ, ଶୀଥ୍' ଉଚ୍ଚାରଣ କରୁଥିବ । ଏହାଦ୍ୱାରା ମୁଣ୍ଡର ବାଳ ପାଚିବ ନାହିଁ ଏବଂ ଡ଼ିସ୍‌ପେପ୍‌ସିଆ (ମନ୍ଦାଗ୍ନି) ରୋଗ ଭଲ ହୋଇଯିବ । ଅନ୍ତତଃ ୩ ମାସ କଲେ ଡ଼ିସ୍‌ପେପ୍‌ସିଆ ଭଲ ହେବ ।

## ମୁଣ୍ଡର ଉପି ବା ରୂପି

୧) ଚମ୍ପା ଫୁଲକୁ ଚୂର୍ଣ୍ଣ କରି ତେଲରେ ମିଶାଇ ମୁଣ୍ଡରେ ଲଗାଇଲେ ମୁଣ୍ଡର ଉପି ନଷ୍ଟ ହୁଏ ।

୨) କଦଳୀ ଗଛରେ ଶୁଖିଥିବା ପତ୍ରକୁ ପୋଡ଼ି ତାର ପାଉଁଶକୁ ପାଣିରେ ଗୋଳାଇ ମୁଣ୍ଡରେ ଲଗାଇବ । ଶୁଖିଗଲା ପରେ ଧୋଇଲେ ଉପି ନଷ୍ଟ ହୁଏ । (ପରୀକ୍ଷିତ)

## ମୁଣ୍ଡର ଉକୁଣୀ

୧) କଦଳୀ ଗଛର ଶୁଖିଥିବା ପତ୍ରକୁ ପୋଡ଼ି ତା'ର ପାଉଁଶକୁ ପାଣିରେ ଗୋଳି ମୁଣ୍ଡରେ ଲଗାଇବ । ଶୁଖିଗଲା ପରେ ଧୋଇଦେଲେ ଏକାଥରକେ ମୁଣ୍ଡର ଉକୁଣୀ ମରିଯିବେ । (ପରୀକ୍ଷିତ)

୨) କର୍ପୂର ଲଗାଇଲେ ଉକୁଣୀ ମରନ୍ତି ।

## ଚର୍ମ ଉକୁଣୀ

୧) ଓଉର ଅଠା ଲଗାଇଲେ ଏକାଦିନକେ ଚର୍ମ ଉକୁଣୀ ମରନ୍ତି । (ପରୀକ୍ଷିତ)

୨) ପୋକଶୁଙ୍ଘା ପତ୍ର ରସ ଲଗାଇବ ।

## ଚନ୍ଦାମୁଣ୍ଡରେ ବାଳ ଉଠିବାକୁ

୧) ହାତୀଦାନ୍ତକୁ ଚୂର୍ଣ୍ଣ କରି ଭସ୍ମ କରିବ । ସେହି ଭସ୍ମରେ ସମଭାଗ ରସାଞ୍ଜନ ମିଶାଇ ଛେଳିଦୁଧରେ ମର୍ଦ୍ଦନ କରି ଚନ୍ଦାମୁଣ୍ଡରେ ମାଲିସ କଲେ ବାଳ ଉଠେ ।

୨) ବାଳ ଉପୁଡ଼ି ଯାଉଥିବା ଜାଗାରେ ମନ୍ଦାରଫୁଲକୁ ବାଟି ଲଗାଇବ ।

୩) ଖାଣ୍ଟି ନଡ଼ିଆତେଲରେ ମନ୍ଦାରଫୁଲ କଢ଼ି ଓ ବିଛୁଆତି ଚେର ପାକ କରିବ । ଏହି ତୈଳ ଲଗାଇଲେ ବାଳ ଉଠେ ।

୪) ଲବେଙ୍କୁଡ଼ି (ଢ଼େଙ୍ଗାଭେଜି) ଫଳର ରସକୁ ବାଳ ଉପୁଡ଼ିଯିବା ସ୍ଥାନରେ ଲଗାଇଲେ ବାଳ ଉଠେ । (ବାଗ୍‌ଭଟ୍ଟ)

୫) ଚନ୍ଦାମୁଣ୍ଡରେ ଗୋଲମରିଚ ଚୂର୍ଣ୍ଣ ଲଗାଇଲେ କୀଟ ମରିଯାଇ ବାଳ ଉଠେ ।

୬) କାଇଁଚକୁ ଚୂର୍ଣ୍ଣ କରି ମହୁ ମିଶାଇ ଚନ୍ଦାମୁଣ୍ଡରେ ଲଗାଇବ ।

୭) ଛାରପୋକ ରକ୍ତ ଲଗାଇଲେ ଚନ୍ଦା ମୁଣ୍ଡରେ ବାଳ ଉଠିବ ।

## ଶିରଃପୀଡ଼ାନାଶକ ତୈଳ

ଖାଣ୍ଟି ସୋରିଷ ତେଲ ଏକ ସେର, ସେଥିରେ ମେଥି ଏକ ପାଆ ପକାଇ ବୋତଲରେ ରଖି ମୁଖ ବନ୍ଦ କରି କ୍ରମାନ୍ୱୟରେ ୧୫ ଦିନ ଖରାରେ ରଖିବ । ତା'ପରେ ମେଥିକୁ ଛାଣି ତେଲକୁ ଶିଶିରେ ରଖିବ । ଏହି ତୈଳ ମସ୍ତକରେ ଏବଂ ଦେହରେ ମର୍ଦ୍ଦନ କଲେ ଶରୀର କୋମଳ ଓ ଲାବଣ୍ୟ ଦିଶେ, ମସ୍ତକ ସୁଚିକ୍‌କଣ, ବାୟୁପିତ୍ତଦମନ, ହସ୍ତ, ପଦ ଓ ମସ୍ତକଜ୍ୱାଳା, ମସ୍ତକ ଘୂର୍ଣ୍ଣନ ନିବାରିତ ହୁଏ, ମସ୍ତିଷ୍କ କ୍ରିୟାବାନ ହୁଏ । ମନର ଜଡ଼ତା, ମାଳିନ୍ୟ, କର୍ତ୍ତବ୍ୟକର୍ମରେ ଅନିଚ୍ଛା, ସ୍ମରଣଶକ୍ତିହୀନତା ଓ ଅକାରଣ ରୋଷଭାବ ପ୍ରଭୃତି ଭଲ ହୁଏ ।

ଯେଉଁମାନେ ଖର୍ଚ୍ଚାନ୍ତ ହୋଇ ବଜାରରେ ବିକ୍ରି ହେଉଥିବା ଅଧିକାଂଶ ନକଲି ବାସନା ତେଲ ବ୍ୟବହାର କରୁଛନ୍ତି ଏବଂ ସେହି ନକଲି ତୈଳ ବ୍ୟବହାର ଯୋଗୁଁ ଅଳ୍ପ ବୟସରେ ମୁଣ୍ଡର ବାଳ ପାଚି ଯାଉଛି, ସେମାନଙ୍କୁ ଅନୁରୋଧ ଯେ ସେମାନେ ଉପରୋକ୍ତ ତୈଳ କିଛିଦିନ ବ୍ୟବହାର କରନ୍ତୁ । ଅବଶ୍ୟ ବିଜ୍ଞ ଏବଂ ଜଣାଶୁଣା କବିରାଜଙ୍କ ଦ୍ୱାରା ତିଆରି ହୋଇଥିବା ତୈଳ କଥା ମୁଁ କହୁନାହିଁ ।

ଏଠାରେ ନିଜେ ଦେଖିଥିବା ଗୋଟିଏ କଥା କହିବି । ୧୯୪୦ ମସିହାରେ ଝାରସୁଗୁଡ଼ାରେ ଗୋଟିଏ ବାସନା ତେଲ ବିକ୍ରେତା ଦୋକାନରେ ମୁଁ ବସିଥିଲି । ଏହି ସମୟରେ ଜନୈକ ଆଙ୍ଗଲୋ ଇଣ୍ଡିଆନ ସ୍ତ୍ରୀଲୋକ ଗୋଟିଏ ଅମଳା ଅଏଲ ଶିଶି ବାରଣା ପଇସାରେ କିଣିନେଲେ । ଦୋକାନୀ ମୋର ଚିହ୍ନାଲୋକ ଥିବାରୁ ତାକୁ ପଚାରିବାରୁ ବହୁ କଷ୍ଟରେ ସେ କହିଲେ ଯେ ଶିଶି ସହିତ ତାଙ୍କର ଛଅ ପଇସା ଖର୍ଚ୍ଚ ହୋଇଛି । ଶିଶିରେ ହ୍ୱାଇଟ ଅଏଲ ଭର୍ତ୍ତି କରି ୨/୩ଟୋପା ଅମଳା ଏସେନ୍ସ ପକାଇ ତିଆରି କରୁଛନ୍ତି । ଏମାନଙ୍କୁ ଦେଶର ଶତ୍ରୁ ନକହି ଆଉ କ'ଣ କହିବା ?

## ଚକ୍ଷୁରୋଗ

ସଜନା ପତ୍ର ରସ ଓ ମହୁ ସମଭାଗ ଏକତ୍ର କରି ଆଖିରେ ଅଞ୍ଜନ ଦେଲେ ସମସ୍ତ ପ୍ରକାର ଚକ୍ଷୁରୋଗ ଭଲ ହୁଏ । (ବାଗ୍‌ଭଟ୍ଟ) (ପରୀକ୍ଷିତ)

## ଆଖିର ଆଲୁଅ

୧) ଆଖି ପତାରେ ବ୍ରଣ ହେଲେ ତାକୁ ଆଲୁଅ କହନ୍ତି । ଡ଼ାହାଣ ଆଖି ପତାରେ ଆଲୁଅ ହେଲେ ବାମ ଗୋଡ଼ ବୁଢ଼ାଆଙ୍ଗୁଠି ନଖ ଉପରେ ଓ ବାମ ଆଖି ପତାରେ ଆଲୁଅ ହେଲେ ଡ଼ାହାଣ ଗୋଡ଼ ବୁଢ଼ା ଆଙ୍ଗୁଠି ନଖ ଉପରେ ଅରଖ କ୍ଷୀର (ଶ୍ୱେତ ଅରଖ) ପାଞ୍ଚ ସାତ ଟୋପା ଲଗାଇବ । ଦୁଇ ଦିନ ଲଗାଇଲେ ନିଶ୍ଚୟ ଭଲ ହେବ । ଶ୍ୱେତ ଅରଖ ଅଭାବରେ ନାଲି ଅରଖ କ୍ଷୀର ଲଗାଇବ । (ବହୁ ପରୀକ୍ଷିତ)

୨) ରବିବାର ଦିନ ଅପାମାରଙ୍ଗ ଚେର ଆଣି ପରିଷ୍କାର କରି ଧୋଇ ରଖିବ । ପାଟିର ଲାଳ ସହିତ ଏହି ଚେରକୁ ଘୋରି ଦିନକୁ ୩/୪ ଥର ଲଗାଇଲେ ଆଲୁଅ ଭଲ ହୁଏ ।

## ଆଖି ଧରାରେ ଅତ୍ୟନ୍ତ ଯନ୍ତ୍ରଣା ହେଲେ

ଖୁବ୍ ଗରମ ଭାତରେ ଖାଣ୍ଟି ଗୁଆଘିଅ ମିଶାଇ ଖଣ୍ଡେ ପରିଷ୍କାର କନାରେ ଉକ୍ତ ଭାତକୁ ବିଛାଇ ତାହା ଉପରେ ଆଉ ଖଣ୍ଡେ କନା ବିଛାଇ ଦେଇ ଆଖି ଉପରେ ବାନ୍ଧି ଦେବ, ଯେପରିକି ଆଖି ଢ଼ାଙ୍କି ହୋଇ ରହିବ । ଏହାଦ୍ୱାରା ରୋଗୀ ସୁସ୍ଥ ହୋଇ ନିଦ୍ରା ଯିବ । ନିଦ୍ରାଭଙ୍ଗ ପରେ ସମସ୍ତ ଯନ୍ତ୍ରଣା ଯାଇ କେବଳ ସାମାନ୍ୟ ରକ୍ତବର୍ଣ୍ଣ ମାତ୍ର ରହିବ । (ବହୁ ପରୀକ୍ଷିତ)

## ଆଖି ରକ୍ତବର୍ଣ୍ଣ ଦିଶିଲେ

୧) ସଜନା ପତ୍ର ରସ ଓ ମହୁ ମିଶାଇ ଲଗାଇବ ।

୨) ଚିତାକୁଟି ଗଛର କ୍ଷୀର ଅଞ୍ଜନ ପରି ଲଗାଇବ ।

ଚିତାକୁଟିର ଅନ୍ୟ ନାମ – ହରିହରିକା, ଦେଖିବାକୁ ବଣ ସେବତୀ ପରି, କିନ୍ତୁ ପତ୍ର ଛୋଟ ଏବଂ ଈଷତ୍ ଲାଲବର୍ଣ୍ଣ । କ୍ଷୀର ଦୁଧ ପରି ଦିଶେ ।

## ଅନ୍ଧାରକଣା

୧) ଅଦାକୁ ପରିଷ୍କାର କରି ଧୋଇ, ଛେଚି ପରିଷ୍କାର କନାରେ ପୂରାଇ ରସ ଚିପୁଡ଼ି ଆଖିରେ ୨/୩ ଟୋପା ପକାଇଦେଲେ ଅନ୍ଧାରକଣା ଏକା ଦିନକେ ଭଲ ହୁଏ । ବେଶି ଦିନର ହୋଇଥିଲେ ୪/୫ ଦିନରେ ଭଲ ହେବ । (ବହୁ ପରୀକ୍ଷିତ)

୨) ରୋଗ ନ ଥିବା ଗାଈର ଗୋବରକୁ ପାଣି ମିଶାଇ ପରିଷ୍କାର କନାରେ ଛାଣି ସେଥିରେ ପିପ୍ପଳୀ ଘୋରି ଆଖିରେ ଅଞ୍ଜନ ନେବ ।

୩) ପାନପତ୍ର ରସକୁ ଛାଣି ଆଖିରେ ପକାଇବ । ୫ ମିନିଟ୍ ପରେ ପାଣିରେ ଆଖି ଧୋଇ ଦେବ । ୩/୪ ଦିନ ଏହିପରି କଲେ ଅନ୍ଧାରକଣା ଭଲ ହେବ । ଅଥବା ଅପାମାରଙ୍ଗ ଚେର ଏକତୋଳା ରାତିରେ ଶୋଇବା ସମୟରେ ଖାଇବ ।

୪) ଛେଳି ବା ଖାସିର ଯକୃତକୁ ଖଣ୍ଡ ଖଣ୍ଡ କରି କାଟି ଗୋଲମରିଚ ଚୂର୍ଣ୍ଣ ଓ ଲୁଣ ମିଶାଇ ଘିଅରେ ଭାଜି ୩ ଦିନ ରାତିରେ ଖାଇଲେ ଅନ୍ଧାରକଣା ନିଶ୍ଚୟ ଭଲ ହେବ । (ପରୀକ୍ଷିତ)

୫) ଛାରପୋକ ରକ୍ତ ଆଖିରେ ଲଗାଇଲେ ଅନ୍ଧାରକଣା ଭଲ ହୁଏ ।

## ଆଖିର ଫୁଲା ରୋଗ

୧) ଡ଼ାହାଣ ଆଖିରେ ଫୁଲା ପଡ଼ିଲେ ବାମ ଗୋଡ଼ ତଳିପା'ରେ ବାମ ଆଖିରେ ଫୁଲା ପଡ଼ିଲେ ଡ଼ାହାଣ ଗୋଡ଼ ତଳିପା'ରେ ସାତଟା ଇନ୍ଦ୍ରମାରିଷ (ନାକଚଣା ଗଛ) ପତ୍ର ଟିକିଏ ଲୁଣ ମିଶାଇ ଚକଟି ଘଷିବ, ଯେପରିକି ସେ ସମସ୍ତ ପାଦରେ ମିଳାଇଯିବ । ଏହିପରି ୧୫ ଦିନ ଘଷିଲେ ଆଖିରେ ପଡ଼ିଥିବା ଫୁଲା ନଷ୍ଟ ହୁଏ । ପାଦରେ ଉପରୋକ୍ତ ଔଷଧ ଘଷିବା ପୂର୍ବରୁ ପାଦକୁ ପରିଷ୍କାର କରି ଧୋଇବ । ଯଦି ପାଦରେ ବାଲିଥାଏ ଏବଂ ତା ଉପରେ ଔଷଧ ମାଲିସ୍ ହୁଏ, ତାହାହେଲେ ଆଖି ଗୁରୁଗୁରୁ ହେବ । (ପରୀକ୍ଷିତ)

୨) ଶ୍ୱେତପୁରୁଣି ଚେରକୁ ଗୁଆ ଘିଅରେ ଘୋରି ଲଗାଇଲେ ଆଖିଫୁଲା ଭଲ ହୁଏ । ମହୁରେ ଘୋରି ଲଗାଇଲେ ଆଖିରୁ ପାଣି ପଡୁଥିଲେ ଭଲ ହୁଏ । ରାଶି ତେଲରେ ଘୋରି ଲଗାଇଲେ ତିମିର ରୋଗ ଭଲ ହୁଏ ଏବଂ କାଞ୍ଜିରେ ଘୋରି ଲଗାଇଲେ ରାତିକଣା ଭଲ ହୁଏ । 'ପୁନର୍ନବା ନେତ୍ର ନବଂ କରୋତି ।'

୩) ବରକ୍ଷୀର ଓ କର୍ପୁର ମିଶାଇ ଆଖିରେ ଅଞ୍ଜନ ନେଲେ ଶୁକ୍ର ନାମକ ନେତ୍ର ରୋଗ (ଫୁଲା) ଶୀଘ୍ର ବିନଷ୍ଟ ହୁଏ । (ଚକ୍ରଦତ୍ତ)

## ଆଖିରେ ମୋତିଆବିନ୍ଦୁ

୧) ଦାରୁହଳଦୀ ୫ ତୋଳା, ତ୍ରିଫଳା ୧୫ ତୋଳା, ଯଷ୍ଟିମଧୁ ୫ ତୋଳା । ଏ ସମସ୍ତର ଚୂର୍ଣ୍ଣକୁ ୪ ସେର ପଇଡ଼ ପାଣିରେ କଲାଇକରା କରେଇରେ ପାକ କରିବ । ଅଧା ଶେଷ ରହିଲେ ଛାଣି ସେହି ପାଣିକୁ ପୁଣି ଥରେ ପାକ କରିବ । କିଛି ଗାଢ଼ା ହେଲା ପରେ ଥଣ୍ଡା କରି ସୈନ୍ଧବ ଲବଣ ଚୂର୍ଣ୍ଣ ଏକ ତୋଳା, ଭୀମସେନୀ କର୍ପୂର ଏକ ତୋଳା ଏବଂ ମହୁ ଅଧସେର ମିଶାଇ ରଖିବ ।

**ପ୍ରୟୋଗ ବିଧି -** ସକାଳେ ଓ ସନ୍ଧ୍ୟାରେ ଆଖିରେ ଲଗାଇବ । ଅଳ୍ପ ଦିନର ହୋଇଥିଲେ ଅତି ଶୀଘ୍ର ଭଲ ହେବ । ବହୁ ଦିନର ହୋଇଥିଲେ ଭଲ ହେଲା ପର୍ଯ୍ୟନ୍ତ ଲଗାଇବ । ବିନା ଅପରେସନରେ ମୋତିଆବିନ୍ଦୁ ଭଲ ହେବ ।

୨) ଶରପୁଙ୍ଖାର ମଞ୍ଜିକୁ ଚୂର୍ଣ୍ଣ କରି ପାଟକନାରେ ଛାଣି ଶିଶିରେ ରଖିବ । ଦିନକୁ ଦୁଇଥର ଏହି ଚୂର୍ଣ୍ଣ ଆଖିରେ ଅଞ୍ଜନ ନେଲେ ଅଳ୍ପ ଦିନର ମୋତିଆବିନ୍ଦୁ ହୋଇଥିଲେ ଅତି ଶୀଘ୍ର ନିଶ୍ଚୟ ଭଲ ହେବ ।

ଶରପୁଙ୍ଖା - ଏହାକୁ କୋଳଥିଆ ଗଛ କହନ୍ତି । ଗଛ ଶୁଖିଗଲେ ଏହାକୁ ଛାଞ୍ଚୁଣୀ କରନ୍ତି ।

ମନୁଷ୍ୟ ମୂତକୁ ତମ୍ବାପାତ୍ରରେ ସିଝାଇ ସେଥିରୁ ଲୁଣ ବାହାର କରିବ । ସେହି ଲୁଣ ଆଖିରେ ଲଗାଇଲେ ଆଖିର ପରଳ କଟିଯାଏ । ହରିଡ଼ାକୁ ଗୁଆ ଘିଅରେ ଭାଜି ବାଟି ଆଖି ପତାରେ ଲଗାଇଲେ ସକଳ ପ୍ରକାର ଚକ୍ଷୁରୋଗ ବିନଷ୍ଟ ହୁଏ । (ଚକ୍ରଦତ୍ତ)

ବେରି ବେରି ରୋଗରେ ଆଖି ନାଲ ହେଲେ ଓ କନ୍ କନ୍ ହେଲେ ଦାରୁହଳଦୀ ଗରମ ପାଣିରେ ଭିଜାଇ ଥଣ୍ଡା କରି ସେହି ପାଣି ଦିନକୁ ୩/୪ ଥର ଆଖିରେ ପକାଇବ ।

## ଆଖିର ଶୁକ୍ଳଭାଗରେ ରକ୍ତବିନ୍ଦୁ ପରି ଚିହ୍ନ (ଅର୍ଜ୍ଜୁନ ରୋଗ)

କତକ ମଞ୍ଜିକୁ ଚିକ୍କଣ ପଥରରେ ଘୋରି ତହିଁରେ ଅଳ୍ପ ସୈନ୍ଧବ ଲବଣ ମିଶାଇ ଅଞ୍ଜନ ନେଲେ ଚକ୍ଷୁର ଶୁକ୍ଳଭାଗରେ ଜାତ ହେବା ରକ୍ତବିନ୍ଦୁ ପରି ଚିହ୍ନ (ଅର୍ଜ୍ଜୁନ ରୋଗ) ନିବାରିତ ହୁଏ । (ଚକ୍ରଦତ୍ତ)

## ଆଖିରୁ ପାଣି ବୋହିବା, କୁହୁଡ଼ିଆ ଦେଖାଯିବା

କତକ ମଞ୍ଜିକୁ ମହୁ ସହିତ ପଥରରେ ଘୋରି ଅଳ୍ପ କର୍ପୂର ମିଶାଇ ଅଞ୍ଜନ ନେଲେ ଆଖିରୁ ପାଣି ବୋହିବା ଓ କୁହୁଡ଼ିଆ ଦେଖାଯିବା ଭଲ ହୁଏ ।

## ଆଖିର ପରଳ

ଅରଖ ଗଛର ସର୍ବାଙ୍ଗ ଅର୍ଥାତ୍ ମୂଳ, ଡ଼ାଳ, ପତ୍ର, ଫୁଲ ଏବଂ ଫଳ ଏ ସମସ୍ତ ଶୁଖାଇ ପୋଡ଼ି ଭସ୍ମ କରି ପାଣିରେ ଗୋଳି ଚାରିଦିନ ରଖିବ । ତା'ପରେ ପାଣିକୁ ନିଗାଡ଼ି ସେହି ପାଣିକୁ ନିଆଁରେ ବସାଇ କ୍ଷୀର ବାହାର କରିବ । ଏହି କ୍ଷୀରକୁ ସୁରମା ପରି ଆଖିରେ ଲଗାଇଲେ ପରଳ ଓ ଫୁଲା ପ୍ରଭୃତି ନାନାବିଧ ଚକ୍ଷୁରୋଗ ଭଲ ହୁଏ ।

## ଚକ୍ଷୁ ରକ୍ଷା

୧) ପେୟ ପଦାର୍ଥ (ଦୁଧ, ପାଣି, ତୋରାଣି ଇତ୍ୟାଦି) ପିଇବା ବେଳେ ଆଖି ବନ୍ଦ କରି ପିଇବ । କେବଳ ଏହି ସହଜ ଉପାୟରେ ଆଖିକୁ ଅନେକ ରୋଗ ଆକ୍ରମଣ କରିପାରିବ ନାହିଁ । ପିଇବା ପୂର୍ବରୁ ପେୟ ପଦାର୍ଥରେ ଗୁଣ୍ଡ ବା ପୋକ ପ୍ରଭୃତି ପଡ଼ିଛନ୍ତି କି ନାହିଁ ଦେଖିନେବ । ପରେ ଆଖି ବନ୍ଦ କରି ପିଇବ ।

୨) ସକାଳୁ ଉଠି ମୁହଁ ଧୋଇଲାବେଳେ ପ୍ରଥମ କୁଳୁକୁଞ୍ଚା ପାଣିରେ ଆଖି ଧୋଇଲେ ଆଖିକୁ କୌଣସି ରୋଗ ଆକ୍ରମଣ କରେ ନାହିଁ ।

୩) ଦିବା ଓ ରାତ୍ରୁ ଭୋଜନ ପରେ ମୁହଁ ଧୋଇବା ବେଳେ ପାଟିରେ ଯଥେଷ୍ଟ ପାଣି ରଖି କୁଳୁକୁଞ୍ଚା କରୁ କରୁ ଆଖିପତା ଉପରେ ଅନ୍ତତଃ ୧୫/୨୦ ଥର ଥଣ୍ଡା ପାଣି ଛାଟିଲେ ଆଖିକୁ କୌଣସି ରୋଗ ସହଜରେ ଆକ୍ରମଣ କରେ ନାହିଁ ।

୪) ଖୁବ୍ ଉଜ୍ଜ୍ୱଳ ଆଲୋକ ବା ଖୁବ୍ କମ୍ ଆଲୋକରେ ପାଠ ପଢ଼ିବ ନାହିଁ ।

୫) କଦାପି ଆଖିରେ ଗରମ ସେକ ଦେବ ନାହିଁ ।

୬) ପ୍ରତିଦିନ ଆଖିରେ କଜ୍ଜ୍ୱଳ ଲଗାଇବ ।

୭) ଦିନରେ ପଢ଼ିଲା ବେଳେ ଯେପରି ସୂର୍ଯ୍ୟ ଆଲୋକ ବହି ଉପରେ ନ ପଡ଼େ ଏବଂ ରାତିରେ ପଢ଼ିଲାବେଳେ ଆଲୋକ ଯେପରି ପଛପଟୁ କାନ୍ଧ ଉପର ଦେଇ ଆସେ, ସେହିପରି ପଢ଼ିବ । ସାମନାରେ ଆଲୋକ ରଖି ପଢ଼ିଲେ ଆଲୁଅରେ କାଗଜ ପରଦା ଦେଇ ପଢ଼ିବ ।

୮) ମଟର ବା ରେଳ ଗାଡ଼ିରେ ପଢ଼ିବ ନାହିଁ ।

୯) ଆଖିର ପତା ଉପରେ ଦୃଷ୍ଟିଶକ୍ତିର ବହୁତ ସମ୍ପର୍କ ଅଛି । ଆଖିର ପତା ସବୁବେଳେ ତଳମୁହାଁ ରହିବା ଉଚିତ୍, ଅର୍ଥାତ୍ ଚକ୍ଷୁ ଅର୍ଦ୍ଧମିଳିତ ରହିବ । ଯଦି ଉପରକୁ ଦେଖିବାକୁ ହୁଏ, ତାହାହେଲେ ଆଖିର ଉପର ପତା ଉପରକୁ ନଟେକି ଚିବୁକକୁ ଉପରକୁ ଟେକିବ ।

୧୦) ଏକ ଲୟରେ ଆଖିପତା ନ ପକାଇ ପଢ଼ିଲେ ଦୃଷ୍ଟିଶକ୍ତି ହ୍ରାସ ହୁଏ । ପଢୁଥିବା ସମୟରେ

ମିନିଟ୍‌ରେ ଅନ୍ତତଃ ୩/୪ଥର ଆଖି ମିଟିମିଟି କରିବା ଉଚିତ୍ । ଏହାଦ୍ୱାରା ପଢ଼ାରେ ବାଧା ଆସେ ନାହିଁ । ଅକ୍ଷରକୁ ଚାହିଁ ଆଖି ମିଟିମିଟି କରିବ ନାହିଁ । ଉଦାହରଣ ସ୍ୱରୂପ ଖଣ୍ଡେ ଧଳା କାଗଜରେ ବା ଧଳା କାନ୍ଥରେ ଗୋଟିଏ ଛୋଟ ଗୋଲାକାର କଳା ଚିହ୍ନ ରଖି ଆଖିର ପତା ନ ପକାଇ ଏକଲୟରେ ଚାହିଁ ରହିଲେ, ସେହି କଳା ଚିହ୍ନ ଆସ୍ତେ ଆସ୍ତେ ଲିଭିଯାଇ ଧଳାବର୍ଣ୍ଣ ହୋଇଯିବ ଏବଂ ଆଖିରେ ଯନ୍ତ୍ରଣା ଅନୁଭବ କରିବ ।

୧୧) ପଢ଼ିବା ସମୟରେ ବହିକୁ ଚିବୁକର ତଳେ ରଖିବା ଉଚିତ୍ । ତାହାହେଲେ ଆଖିର ପତା ଟେକିବାକୁ ହେବ ନାହିଁ ।

୧୨) ଶୋଇକରି ପଢ଼ିବା ସମୟରେ ମୁଣ୍ଡକୁ ଉଚ୍ଚ ତକିଆ ଉପରେ ରଖି ପଢ଼ିବ ।

୧୩) ବହୁତ ସମୟ ସିଲାଇ କାମ କଲା ପରେ ସ୍ତ୍ରୀ ଲୋକମାନଙ୍କର ମୁଣ୍ଡ ବୁଲାଇ ହୁଏ । ତାର କାରଣ ଏକଲୟରେ ସିଲାଇ କଲାବେଳେ ଆଖି ମିଟିମିଟି କରନ୍ତି ନାହିଁ ।

୧୪) ସୂର୍ଯ୍ୟକିରଣ ଦ୍ୱାରା ନାନା ପ୍ରକାର ଚକ୍ଷୁରୋଗ ଆଶ୍ଚର୍ଯ୍ୟ ଭାବେ ଆରୋଗ୍ୟ ହୁଏ । ସକାଳେ ଯେତେବେଳେ ସୂର୍ଯ୍ୟକିରଣ ପ୍ରଖର ନୁହେଁ, ସେତେବେଳେ ସୂର୍ଯ୍ୟଙ୍କ ଆଡ଼କୁ ମୁହଁକରି ସ୍ଥିର ଭାବରେ ବସ । ଆଖି ମୁଦ । ଶରୀରକୁ ଧୀରେ ଧୀରେ ଏପାଖ ସେପାଖ ସଞ୍ଚାଳନ କର । ଏହିପରି ୧୦ ମିନିଟ୍ ଠାରୁ ୨୦ ମିନିଟ୍ ପର୍ଯ୍ୟନ୍ତ କର । ସୂର୍ଯ୍ୟଙ୍କ କିରଣରେ ଯେତେବେଳେ ଦେହକୁ କଷ୍ଟ ହେବ, ସେତେବେଳେ ବନ୍ଦ କର । ତାପରେ ଛାଇକୁ ଆସି ଥଣ୍ଡା ପାଣିରେ ଆଖି ଧୁଅ । ଏହାଦ୍ୱାରା ଆଖିର ଶକ୍ତି ବଢ଼େ ଏବଂ ସ୍ନାୟୁ ସବୁ ସତେଜ ହୁଏ ।

# ନାକ ରୋଗ

## ନାକରୁ ରକ୍ତ ପଡ଼ିଲେ

୧) ଦୁବରସ ଅଥବା ଦୁବରସରେ ଗୁଆଘିଅ ମିଶାଇ ନସ୍ୟ ନେବ ।

୨) ଆଖୁ ଦୋରୁଅ ନାକରେ ପକାଇଲେ ରକ୍ତସ୍ରାବ ବନ୍ଦ ହୁଏ । (ଚରକ)

୩) ଆମ୍ବ କୋଇଲି ଓ ପିଆଜ ଏକତ୍ର ଛେଚି ତାର ରସ ନସ୍ୟ ନେବ ।

୪) ଫିଟିକିରି ଫୁଲା ଚୂର୍ଣ୍ଣ, ଗୋବର ପାଉଁଶ ଓ କାଗଜ ଭସ୍ମ ଏକତ୍ର ଶୁଙ୍ଘିବ ।

## ନାକ ଭିତରେ ପିନସ୍ ଘା

୧) ଉଦମ୍ବର ଅଠା ଦୁଇ ମଶା, ପାଖରା ଖଇର ଏକ ମଶା ଏକତ୍ର ବାଟି ଅଞ୍ଜନ ପରି କରି ପାରାପକ୍ଷୀ ଦ୍ୱାରା ନାକ ଭିତରେ ଯଦି ଘା ହୋଇଥାଏ, ଲଗାଇବ । ଘା ନ ହୋଇଥିଲେ ବା

ଦେଖାଯାଉ ନଥିଲେ ଏହାକୁ କିଛି ପାତଳା କରି ନସ୍ୟ ନେବ । ଗଳା ଭିତରେ ଘା ହୋଇଥିଲେ ଏହିପରି କରିବ । ଏଥିରେ ସନ୍ନିପାତ ଘା ଓ ପିନସ୍ ଘା ଭଲ ହୁଏ । ଖଟା, ମିଠା ଖାଇବ ନାହିଁ ।

୨) ମଣ୍ଡୁକପର୍ଣ୍ଣୀ (ଥାଲକୁଡ଼ି) ଏକ ପ୍ରକାର ବ୍ରାହ୍ମୀ । ଏହାର ମୂଳକୁ ଛେଚି ରସ ବାହାର କରି ନସ୍ୟ ନେଲେ ପିନସ୍ ରୋଗ ଭଲ ହୁଏ ।

୩) ପିତା ଜହ୍ନି ମଞ୍ଜି ଚୂର୍ଣ୍ଣ କରି ନସ୍ୟ ନେବ ।

## ନାକର ସମସ୍ତ ରୋଗ

୧) ଡ଼ାଳିମ୍ବ ଫୁଲ, ଗଣ୍ଠିଆ ଦୁବ, ହରିଡ଼ା, ବାହାଡ଼ା, କଞ୍ଚା ଆମ୍ବଡ଼ା ଶସ, କାଫଡ଼ ସମଭାଗରେ ଚୂର୍ଣ୍ଣ କରି ନସ୍ୟ କରୁ କରୁ ନାକରୋଗ ଭଲ ହୁଏ ।

୨) ବାସଙ୍ଗପତ୍ର ରସ ଅଧପାଏ ଓ ମହୁ ଅଧପାଏ ଏକତ୍ର ଖାଇଲେ ଏକାଥରକେ ନାକ ରୋଗ ଭଲ ହୁଏ ।

## ନାକର ହାଡ଼ରେ ବ୍ରଣ ହେଲେ

ଶୁଖିଲା ବରୁଣ ପତ୍ରର ଧୂଆଁ ତୁଣ୍ଡ ବାଟେ ଟାଣି ନାକପୁଡ଼ାରେ ଛାଡ଼ିଲେ ନାକରେ ଜନ୍ମିଥିବା ବ୍ରଣ ଭଲ ହୁଏ ।

## ସର୍ଦ୍ଦି

୧) ଶୁଖିଲା ଅଗସ୍ତି ଫୁଲକୁ ଚା କରି ଖାଇଲେ ନାକରୁ ଶ୍ଳେଷ୍ମା ନିର୍ଗତ ହୋଇ ସର୍ଦ୍ଦି ଭଲ ହୁଏ ।

୨) ଅଗସ୍ତି ଫୁଲର ରସକୁ ନସ୍ୟ ନେଲେ ସର୍ଦ୍ଦି ଭଲ ହୁଏ ଏବଂ ମୁଣ୍ଡବ୍ୟଥା ମଧ୍ୟ ଭଲ ହୁଏ ।

୩) ଦୁଇ ତୋଳା ହରିଡ଼ାଚୂର୍ଣ୍ଣ ମହୁ ସଙ୍ଗେ ଖାଇଲେ ସର୍ଦ୍ଦି ଭଲ ହୁଏ ।

୪) ଦୁଇ ତୋଳା ଘରପୋଡ଼ିଆ ଅଧସେର ପାଣିରେ ସିଝାଇ ଅବଶେଷ ଏକ ଛଟାଙ୍କି ରଖି ସେଥିରେ ସୁଉକି ଓଜନ ମହୁ ମିଶାଇ ଖାଇବ ।

୫) ଶୁଦ୍ଧ କୋଚିଲାମଞ୍ଜି ଚୂର୍ଣ୍ଣ, ଗୋଲମରିଚ, ଶୁଣ୍ଠୀ, ପିପ୍‌ପଳୀ, ଲବଙ୍ଗ ପ୍ରତ୍ୟେକ ଏକ ତୋଳା । ଏ ସମସ୍ତ ଚୂର୍ଣ୍ଣ ଏକତ୍ର କରି ଉତ୍ତମ ରୂପେ ମର୍ଦ୍ଦନ କରି ବଟିକା ହେବା ପରି ପାଣି ପକାଇ ଦୁଇ ରତି ହିସାବରେ ବଟିକା କରି ଶିଶିରେ ରଖିବ । ଦୁଧରେ ଆଉଟା ହୋଇଥିବା ଜିଲିପି ସଙ୍ଗେ ଗୋଟିଏ ବଟିକା ଖାଇ ଶୋଇବ । ସେଦିନ ରାତିରେ ଆଉ କିଛି ଖାଇବ ନାହିଁ । ୨/୩ ଦିନରେ ନାକରୁ ପାଣି ବୋହିବା ଭଲ ହୋଇଯିବ । ଏହାଦ୍ୱାରା ମୁଣ୍ଡବ୍ୟଥା ଭଲ ହୁଏ ।

ଏକାହିକ, ତୃତୀୟକ, ଚାତୁର୍ଥିକ ଜ୍ୱରରେ ଏହି ଔଷଧ ଦେଲେ ଉପକାର ହୁଏ । କିଛି ଦିନ ଅଭ୍ୟାସ କରି ଖାଇଲେ ମୁଣ୍ଡବ୍ୟଥା ସବୁଦିନ ପାଇଁ ଭଲ ହୋଇ ଆଖିବିନ୍ଧା, ନାକ ବନ୍ଦ ରହିବା, ସମସ୍ତ ମସ୍ତିଷ୍କ ଉପଦ୍ରବ ଭଲ ହୋଇଯାଏ । (ଧନ୍ୱନ୍ତରୀ ମାସିକ ପତ୍ରିକା)

୬) କଳାଜୀରାର ଚୂର୍ଣ୍ଣ ନସ୍ୟ ରୂପେ ବ୍ୟବହାର କରିବ । (ଚକ୍ରଦତ୍ତ)

## କର୍ଣ୍ଣରୋଗ

କାନରେ ପୂଯ ହେଲେ, କାନ ଟାଣିଲେ, କାନ ଉପରେ ଘା ହେଲେ ଶିଶୁରୋଗରେ ଲେଖାଯାଇଥିବା କର୍ଣ୍ଣ ରୋଗର ଚିକିତ୍ସା ଦେଖ ।

## ବଧିରତା

**କାନକୁ ଶୁଣା ନଗଲେ :**

୧) ପିଆଜକୁ ଛେଚି ତାର ରସକୁ ସାମାନ୍ୟ ଉଷୁମ କରି କାନରେ ୨/୩ ଟୋପା ଦିନକୁ ଦୁଇଥର ପକାଇବ । ଅନ୍ତତଃ ଏକମାସ ପକାଇବ ।

୨) ସେମାରାଜ ମଞ୍ଜି ଓ ତାଳମୂଳିର କନ୍ଦା ସମଭାଗ ଚୂର୍ଣ୍ଣ କରି ଖାଇଲେ ବଧିରତା ବିନାଶପ୍ରାପ୍ତ ହୁଏ । ପ୍ରତିଦିନ ଅଧତୋଳା ଓଜନ ଖାଇବ । (ବଙ୍ଗସେନ) ୧ ନମ୍ବର ଓ ୨ ନମ୍ବର ଔଷଧ ଏକ ସମୟରେ ବ୍ୟବହାର କରିବ ।

## କର୍ଣ୍ଣଶୂଳ (କାନ ଟାଣିଲେ)

୧) ଅରଖପତ୍ର କଢ଼ି କାଞ୍ଜିପାଣିରେ ବାଟି ତହିଁରେ ତେଲ ଓ ସୈନ୍ଧବ ଲବଣ ମିଶାଇ ପତୁରିଆ ସିଜୁନଳ କରି ତା ଭିତରେ ପୂରାଇ ନଳକୁ ମାଟି ଦ୍ୱାରା ଲେପି ପୁଟପାକ କରି ପୁଟୋଦ୍ଧାର କରି ତହିଁ ମଧ୍ୟସ୍ଥ ଔଷଧରସ କର୍ଣ୍ଣରେ ପକାଇଲେ କର୍ଣ୍ଣଶୂଳ ଓ ବେଦନା ନଷ୍ଟ ହୁଏ ।

୨) ଛେଳିମୂତ୍ର ଅଳ୍ପ ଉଷୁମ କରି ସେଥିରେ ସାମାନ୍ୟ ସୈନ୍ଧବ ଲବଣ ମିଶାଇ କାନରେ ପକାଇଲେ କର୍ଣ୍ଣଶୂଳ ନଷ୍ଟ ହୁଏ । (ଚକ୍ରଦତ୍ତ)

୩) ପାଚିଲା ଅରଖପତ୍ର ଉପରେ ଘିଅ ଲଗାଇ ନିଆଁରେ ସେକି ତହିଁରୁ ରସ ବାହାର କରି ସାମାନ୍ୟ ଗରମ କରି କାନରେ ପକାଇଲେ କାନବିନ୍ଧା ଓ ଉତ୍‌କଟ ବେଦନା ଭଲ ହୁଏ । (ଚକ୍ରଦତ୍ତ)

୪) ସଜନାରସ, ରାଶିତେଲ ମିଶାଇ ସାମାନ୍ୟ ଉଷୁମ କରି କାନରେ ପକାଇଲେ କର୍ଣ୍ଣଶୂଳ ଶାନ୍ତ ହୁଏ । (ଚକ୍ରଦତ୍ତ)

## (ପୂତିକର୍ଣ୍ଣ) କାନରୁ ପୂଯ ବାହାରିବା

୧) ଫିଟିକିରିକୁ ନିଆଁରେ ଫୁଲାଇ ତାର ଚୂର୍ଣ୍ଣ କାନରେ ପକାଇଲେ ଯେତେ ଦିନର ପୁରୁଣା ପୂତିକର୍ଣ୍ଣ (କାନରୁ ପୂଯ ବାହାରିବା) ବନ୍ଦ ହୋଇଯିବ । ଭଲ ହେବା ପର୍ଯ୍ୟନ୍ତ ଏହା ପକାଇବ ।

୨) ଗୋ ମୂତ୍ର କାନରେ ପକାଇବ । (ଚକ୍ରଦତ୍ତ)

୩) ନୀଳପୁଷ୍ପ ବେଗୁନିଆର ପତ୍ରରସ, ସୈନ୍ଧବ ଲବଣ, ଅଳନ୍ଧୁ ଓ ପୁରୁଣା ଗୁଡ଼ର କଲ୍କ (ପାଣିରେ ବାଟିଲେ କଲ୍କ ହୁଏ ) ସହିତ ପାକ ହୋଇଥିବା ରାଶି ତେଲରେ ମହୁ ମିଶାଇ କାନରେ ପକାଇଲେ କାନରୁ ପୂଯାଦି ସ୍ରାବ ନିବୃତ୍ତ ହୁଏ । (ବଙ୍ଗସେନ)

୪) କାନରେ ତାର୍ପିନ ତେଲ ୩/୪ ବୁନ୍ଦା ସକାଳେ ଓ ସନ୍ଧ୍ୟାରେ ପକାଇବ ।

୫) ସ୍ତନ ଦୁଧରେ ଘଷା ହୋଇଥିବା ରସାଞ୍ଜନକୁ ମହୁ ମିଶାଇ କାନରେ ପକାଇବ । (ଚକ୍ରଦତ୍ତ)

## କର୍ଣ୍ଣମୂଳ ଶୋଥ

୧) ପାଳଧୂଆ ମଞ୍ଜି ଓ ଅଦାରସ ସମଭାଗରେ ନେଇ ବାଟି ଗରମ କରି ପ୍ରଲେପ ଦେଲେ କର୍ଣ୍ଣମୂଳ ଶୋଥ ଅତିଶୀଘ୍ର ଭଲ ହୁଏ ।

୨) ଟଭା ମୂଳ, ଅଗିବଥୁ ମୂଳ, ଦେବଦାରୁ, ଶୁଣ୍ଠୀ, ଚାଇଁକାଠ, ଚିତାମୂଳ ସମଭାଗ ପାଣିରେ ବାଟି ଅଳ୍ପ ଉଷୁମ ଥାଇ ଲେପ ଦେଲେ କର୍ଣ୍ଣମୂଳ ଶୋଥ ନଷ୍ଟ ହୁଏ । ଏଥିରେ ଗଳାଶୋଥ ମଧ୍ୟ ଭଲ ହୁଏ ।

୩) ଅଫିମ ଏକରତି, ମସୁର ଡ଼ାଲି, ସୁକି ଓଜନ, ମୁସବ୍ବର ସୁକି ଓଜନ ଏ ସମସ୍ତ ଦୁଦୁରାପତ୍ର ରସରେ ମର୍ଦ୍ଦନ କରି ପ୍ରଲେପ ଦେଲେ ରସ ଶୋଷଣ ହୋଇ ଶୋଥ ସହ ବେଦନା ଆରୋଗ୍ୟ ହୁଏ ।

୪) ଅଫିମ ଅଦାରସରେ ଗୋଳି ଗରମ କରି ଲେପଦେଲେ ଦେହର ଯେ କୌଣସି ସ୍ଥାନର ଫୁଲା, ବ୍ୟଥା, କର୍ଣ୍ଣମୂଳ ଶୋଥ, ବାଘୀ ଆଶ୍ଚର୍ଯ୍ୟ ରୂପେ ଭଲ ହୁଏ ।

୫) ଗେରୁମାଟି, ଯବକ୍ଷାର, ଶୁଣ୍ଠୀ, ବଚ, କାଫଡ଼ ସମଭାଗ ଏକତ୍ର କାଞ୍ଜି ପାଣିରେ ବାଟି ଗରମ କରି ପ୍ରଲେପ ଦେଲେ ସନ୍ନିପାତିକ କର୍ଣ୍ଣମୂଳ ଶୋଥ ଭଲ ହୁଏ ।

## କାନକୁଟୁରି ବା କାନରେ ପୋକ

୧) ପୋକଶୁଙ୍ଘା ଚେର ବାଟି କନାରେ ଛାଣି କାନରେ ପକାଇବ ।

୨) ଅଣସୋରିଷା ଅଥବା ବେଗୁନିଆ ଅଥବା ଲହଲାଙ୍ଗୁଳିଆ ରସରେ ତ୍ରିକଟୁ (ଶୁଣ୍ଠୀ, ପିପ୍ପଳୀ,

ଗୋଲମରିଚ) ଚୂର୍ଣ୍ଣ ପକାଇ କନାରେ ଛାଣି କାନରେ ପକାଇଲେ କାନର ପୋକ ମରନ୍ତି ।

୩) ପାଚିଲା ବାଇଗଣକୁ ଶୁଖାଇ ଗୁଣ୍ଡ କରି ନିଆଁରେ ପକାଇ ତା'ର ଧୂଆଁକୁ ନସ୍ୟ ନେବ । ତା'ପରେ ସୋରିଷ ତେଲ କାନରେ ପକାଇଲେ କାନର କୃମି ମରନ୍ତି । (ଚକ୍ରଦତ୍ତ)

୪) ଅଙ୍କରାନ୍ତି ମଞ୍ଜିକୁ ପୋଡ଼ି ତାର ଧୂଆଁ କାନ ଭିତରକୁ ପ୍ରବେଶ କରାଇଲେ କାନ ଭିତରେ ଥିବା ପୋକ ମରିଯାନ୍ତି । ଏହି ଧୂଆଁରେ ଦାନ୍ତମୂଳରେ ଥିବା ପୋକ ମଧ ମରିଯାନ୍ତି । (ପରୀକ୍ଷିତ) ।

# ଦନ୍ତରୋଗ

## ଦାନ୍ତ ପୋକ କାଟିଲେ

୧) ଅଙ୍କରାନ୍ତି ମଞ୍ଜି (ଶୁଖିଲା) କାଗଜରେ ରଖି ପିକା ପରି ବା ଚିଲମରେ ଦେଇ ନିଆଁ ଲଗାଇ ଧୂଆଁ ଟାଣିନେଇ ପାଟିରେ କିଛି ସମୟ ରଖି ବାହାର କରି ଦେଉଥିବ । ଏହିପରି କିଛିଦିନ ପିକାର ଧୂଆଁ ବ୍ୟବହାର କଲେ ଦାନ୍ତର ପୋକ ମରିଯାନ୍ତି ଏବଂ ଚିରଦିନ ପାଇଁ ଦାନ୍ତ ପୋକକଟା ରୋଗ ନଷ୍ଟ ହୁଏ । ଏହା ବଡ଼ କଷ୍ଟଦାୟକ ରୋଗ । ଡ଼ାକ୍ତରୀ ଚିକିତ୍ସାରେ ଖର୍ଚ୍ଚାନ୍ତ ନହୋଇ ବିନା ପଇସାରେ ଏହି ଔଷଧ ବ୍ୟବହାର କରିବାକୁ ଅନୁରୋଧ । ଏହି ଔଷଧରେ ମୁଁ କେତେ ଶହ ରୋଗୀ ଭଲ କରିଅଛି । (ପରୀକ୍ଷିତ)

୨) ଡ଼େଙ୍ଗାଭେଜି, ଭୂଇଁ କଦମ୍ବ, ଗବମୂଳ ଓ ଭେଜିବାଇଗଣ (ଅଙ୍କରାନ୍ତି) – ଏମାନଙ୍କ କ୍ୱାଥରେ ତେଲ ମିଶାଇ ଗଣ୍ଡୁଷ ଧାରଣ କଲେ କୃମି ଦନ୍ତର ବେଦନା ଶାନ୍ତ ହୁଏ । (ଚକ୍ରଦତ୍ତ)

ଗଣ୍ଡୁଷ – ତୈଳ, ଘୃତାଦି ସ୍ନେହ ଦ୍ରବ୍ୟରେ ଉତ୍ତମ ରୂପରେ ମୁଖ ପୂରଣ କରିବାର ନାମ ଗଣ୍ଡୁଷ । ମୁଖ, ନାସିକା ଓ ନେତ୍ରରୁ ଜଳସ୍ରାବ ହେବା ପର୍ଯ୍ୟନ୍ତ ଏହି ଗଣ୍ଡୁଷ ଧାରଣ କରିବ ।

## ଦାନ୍ତର ପାଇରିଆ

ଦାନ୍ତମୂଳରୁ ପୂଯ, ରକ୍ତ ପଡୁଥିଲେ ନିମ୍ନଲିଖିତ ଚୂର୍ଣ୍ଣ ବ୍ୟବହାର କଲେ ପାୟୋରିଆ ରୋଗ ଭଲ ହୁଏ । (ବହୁପରୀକ୍ଷିତ)

କୋଚିଲା ମଞ୍ଜିକୁ ପୋଡ଼ି ଚୂର୍ଣ୍ଣ କରି କନାରେ ଛାଣି ରଖିବ । ଫିଟିକିରିକୁ କରେଇ ବା କରଚୁଲିରେ ନିର୍ଧୂମ ନିଆଁରେ ରଖି ଫୁଲିଗଲା ପରେ ଚୂର୍ଣ୍ଣ କରିବ । ତୁତିଆକୁ ସେହିପରି ପୋଡ଼ି ଚୂର୍ଣ୍ଣ କରିବ । ଏ ସମସ୍ତର ସମଭାଗ ଚୂର୍ଣ୍ଣ ଏକତ୍ର କରି ଶିଶିରେ ରଖିବ । ଦିନକୁ ଦୁଇଥର ସକାଳ ଓ ସନ୍ଧ୍ୟାରେ ଦାନ୍ତମୂଳରେ ଘଷିବ । ରାତିରେ ଖାଇସାରି ଦାନ୍ତମୂଳରେ ଲଗାଇ ଶୋଇଲେ ସକାଳୁ ମୁହଁରୁ ସୁଗନ୍ଧ ବାହାରେ ।

## ଅକାରଣରେ ଦାନ୍ତରୁ ରକ୍ତ ବାହାରିଲେ

ଦାସକେରେଣ୍ଟା ପତ୍ରର ରସ ସୈନ୍ଧବ ଲବଣ ମିଶାଇ ତୁଣ୍ଡରେ କିଛି ସମୟ ରଖି କୁଳୁକୁଞ୍ଚା କରିବ ।

## ଦାନ୍ତ ହଲିଲେ

୧) ବଉଳ ଗଛର ଛାଲିକୁ ଶୁଖାଇ ଚୂର୍ଣ୍ଣ କରି କନାରେ ଛାଣି ଶିଶିରେ ରଖିବ । ସେହି ଚୂର୍ଣ୍ଣକୁ ଦିନକୁ ଦୁଇ ଥର ଦାନ୍ତରେ ଘସିବ ଏବଂ ଏହି ଛାଲିର କ୍ୱାଥରେ (ପାଣିରେ ସିଝାଇ ସେହି ପାଣି) କୁଳୁକୁଞ୍ଚା କଲେ ପ୍ରାୟ ଏକ ସପ୍ତାହ ପରେ ଦାନ୍ତ ଆଉ ହଲିବ ନାହିଁ ।

୨) ବଉଳଫଳ ଚୋବାଇଲେ ହଲୁଥିବା ଦାନ୍ତ ସ୍ଥିର ହୁଏ । (ଚକ୍ରଦତ୍ତ)

୩) ନୀଳବର୍ଣ୍ଣ ଦାସକେରେଣ୍ଟା ପତ୍ରର କ୍ୱାଥରେ କୁଳୁକୁଞ୍ଚା କରିବ ।

୪) ବାବୁଲ ଗଛର ଛାଲିର କ୍ୱାଥରେ ଫିଟିକିରି ମିଶାଇ କୁଳୁକୁଞ୍ଚା କଲେ ଦାନ୍ତମୂଳର କ୍ଷତ, ଦାନ୍ତର ଶିଥିଳତା ଓ ବେଦନା ନିବାରିତ ହୁଏ ।

୫) ଡ଼ିମ୍ବିରି ଗଛର ଛାଲିର କ୍ୱାଥରେ କୁଳୁକୁଞ୍ଚା କରିବ ।

୬) ବାସଙ୍ଗ ପତ୍ରକୁ ଶୁଖାଇ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣରେ ଦାନ୍ତ ଘଷିଲେ ଦାନ୍ତ ମଜଭୁତ ହୁଏ ଏବଂ ଦାନ୍ତର ସମସ୍ତ ବିକାର ନଷ୍ଟ ହୁଏ ।

## ଦାନ୍ତ ଟାଣହେବାକୁ

୧) ହରିଦ୍ରା, ଜୀରା, ସୈନ୍ଧବ ଲବଣ, ଶିମିଳିକଣ୍ଟା ଏସବୁ ଚୂର୍ଣ୍ଣ କରି ପ୍ରତିଦିନ ଦାନ୍ତ ଘଷିଲେ ଦାନ୍ତ ଟାଣ ହୁଏ ଓ ଦନ୍ତରୋଗ ହୁଏ ନାହିଁ ।

୨) ବାଇଗବାର କ୍ଷୀର ପ୍ରତିଦିନ ଦାନ୍ତରେ ଘଷିଲେ ଅକାଳେ ଦାନ୍ତହୀନ ହେବାର ସମ୍ଭାବନା ନଥାଏ ।

୩) ଗୁଆକୁ ପୋଡ଼ି ଭସ୍ମ କରିବ, ସେଥିରେ କିଛି ଖଇର ଚୂର୍ଣ୍ଣ, କର୍ପୂର ଓ ଫିଟିକିରି ମିଶାଇ ଚୂର୍ଣ୍ଣ ତିଆରି କରି ଦାନ୍ତ ଘଷିଲେ ନାନା ପ୍ରକାର ଦାନ୍ତରୋଗ ନଷ୍ଟ ହୁଏ ।

## ଜିହ୍ୱାରୋଗ

୧) ମାଣସାରୁକୁ ଟିକିଟିକି କରି କାଟି ଖରାରେ ଶୁଖାଇ ଅନ୍ତର୍ଧୂମ ଭସ୍ମକରି ସେହି ଭସ୍ମରେ ସୋରିଷ ତେଲ ଓ ସୈନ୍ଧବ ଲବଣ ମିଶାଇ ଜିଭରେ ଲଗାଇଲେ ସକଳ ପ୍ରକାର ଜିହ୍ୱାରୋଗ ବିନାଶ ହୁଏ ।

୨) ବାଡ଼ିଅଁଳା ଗଛ କାଟି ଜିଭରେ ଲଗାଇବ ଅଥବା ପାଣିରେ ଗୋଳି କୁଳୁକୁଞ୍ଚା କରିବ। (ଅନ୍ୟ ଔଷଧ ଶିଶୁରୋଗ ଚିକିତ୍ସାରେ ଦେଖ ।)

୩) ଛୋଟ ପିଲାଙ୍କର ଜିଭରେ ଘା ହେଲେ କର୍ପୂର ପାଣିରେ ଜିଭ ଧୋଇବ ।

୪) କଞ୍ଚା କଇଞ୍ଚକାକୁଡ଼ି ଚୋବାଇ ଖାଇଲେ ଜିହ୍ୱାରୋଗ ଭଲ ହୁଏ ।

୫) ଦାରୁହରିଦ୍ରା ଚୂର୍ଣ୍ଣରେ ମହୁ ମିଶାଇ ଜିଭରେ ଲଗାଇବ ।

୬) ତେଜପତ୍ରକୁ ପାଣିରେ ଫୁଟାଇ ସେହି ପାଣିରେ କୁଳୁକୁଞ୍ଚା କରିବ ।

## ଘଣ୍ଟିକା (ଉପଜିହ୍ୱା ରୋଗ)

ପ୍ରତିଦିନ ସକାଳେ ଖାଲି ପେଟରେ ସାତଟି ତୁଳସୀପତ୍ର ଏକତ୍ର କରି ପାଟିରେ ପାଣି ରଖି ଗିଳିବ । ତୁଳସୀପତ୍ରକୁ ନ ଚୋବାଇ ଗିଳିବ ଯେପରିକି ତୁଳସୀପତ୍ର ଉପଜିହ୍ୱା ବା ଟନ୍‌ସିଲ୍‌ରେ ଘଷି ହୋଇ ପେଟ ଭିତରକୁ ଯିବ । ଏହିପରି ରୋଗମୁକ୍ତ ହେବା ପର୍ଯ୍ୟନ୍ତ ତୁଳସୀପତ୍ର ଗିଳିକରି ଖାଉଥିବ । ପ୍ରାୟ ୩ମାସରେ ଉପଜିହ୍ୱା ବା ଟନ୍‌ସିଲ ରୋଗ ନଷ୍ଟ ହେବ । ଏକ ଇଞ୍ଚ ଲମ୍ୱରେ ଖଣ୍ଡିଏ ମୋଟାତୁଳସୀ କାଠିରେ କଣା କରି ତା ଭିତରେ ସୂତା ପୂରାଇ ବେକରେ ବାନ୍ଧିବ । (ପରୀକ୍ଷିତ)

## ଜିହ୍ୱାର ଜଡ଼ତା

୪ ରତି ଓଜନ ଅକରକରା ଚୂର୍ଣ୍ଣ ନିୟମିତ ଭାବରେ ସେବନ କଲେ ଜିହ୍ୱାର ଜଡ଼ତା ବିନଷ୍ଟ ହୁଏ ଏବଂ ବଳ ଓ ମେଧାଶକ୍ତି ବଢ଼େ ।

# ମୁଖରୋଗ

## ବିସର୍ପ ମୁଖବ୍ରଣ

ବିଷର୍ପ ମୁଖବ୍ରଣ ବଡ଼ ଭୟଙ୍କର ଓ ମାରାତ୍ମକ ରୋଗ । ପ୍ରଥମରୁ ଚିକିତ୍ସା ନହେଲେ ରୋଗୀର ମୃତ୍ୟୁ ହୁଏ ।

୧) ଓଉର ଅଠାରେ ଗୋଲମରିଚ ଚୂର୍ଣ୍ଣ ମିଶାଇ ବ୍ରଣ ଉପରେ ପ୍ରଲେପ ଦେଲେ ବିଷର୍ପ ବ୍ରଣ ଭଲ ହୋଇଯାଏ । (ବହୁ ପରୀକ୍ଷିତ)

ଓଉକୁ କାଟିଲେ ତା ଭିତରେ ଫୁଲ ଦେହରେ ମୁଦି ପରି ଯାହା ଦେଖାଯାଏ, ତା ଭିତରେ ଅଠା ଥାଏ । ପ୍ରଲେପ ଉପରେ ପ୍ରଲେପ ଦେବ । ଶୁଖିଗଲେ ବାହାର କରି ଆଉଥରେ ଦେବ ।

୨) ଓଉ ଅଠା ନମିଳିଲେ ଜଉ (ଲାକ୍ଷା)ର ପ୍ରଲେପ ଦେବ । (ଅଶ୍ୱତ୍ଥ ଓ ବରକୋଳି ଗଛର ଶାଖାରେ ଏକ ପ୍ରକାର କୀଟ ପୁଞ୍ଜୀଭୂତ ହୋଇ ଜଉ ରୂପରେ ପରିଣତ ହୁଏ ।)

୩) ଆତପତ୍ର (ସୀତାଫଳ ପତ୍ର) ବାଟି ଉଷୁମ କରି ପ୍ରଲେପ ଦେବ । ତା'ଆରଦିନ ନିମ୍ବପତ୍ର ଫୁଟା ପାଣିରେ ଧୋଇ ପୁନର୍ବାର ଲେପ ଦେବ । ଏହିପରି ପ୍ରତିଦିନ ବ୍ରଣ ଶୁଖିବା ପର୍ଯ୍ୟନ୍ତ ଦେଉଥିବ । ଏହାଦ୍ୱାରା ପଠା ଘା, ନାଳୀକ୍ଷତ ପ୍ରଭୃତି ଭଲ ହୁଏ ।

## ମୁଖବ୍ରଣ

୧) ଅପରାଜିତା ଗଛର ସର୍ବାଙ୍ଗ ନିର୍ଧୂମ ଅଗ୍ନିରେ ଭସ୍ମ କରି ଲହୁଣୀ ସଙ୍ଗରେ ମିଶାଇ ଏକମାସ ଖାଇଲେ ମୁହଁର ବ୍ରଣ ଭଲ ହୁଏ ।

୨) ଚେମଣିଲଇ ମୂଳ (ଅନନ୍ତ ମୂଳ) ଗୁଆଘିଅରେ ବାଟି ବ୍ରଣ ଉପରେ ଲେପ ଦେବ ଏବଂ ଚେମଣିଲଇ ମୂଳ ଦୁଇ ତୋଳା ଅଧସେର ପାଣିରେ ସିଝାଇ ଏକ ଛଟାଙ୍କି ରହିଲେ ଛାଣି ପିଇବ । ଏହିପରି ଅନ୍ତତଃ ସାତ ଦିନ କରିବ ।

## ମୁହଁ ଗନ୍ଧାଉଥିଲେ

କଳାଜୀରା, କୁଡ଼ ଓ ଇନ୍ଦ୍ରଯବ ସମଭାଗ ଏକତ୍ର ମିଶାଇ ୩ଦିନ ଚୋବାଇ ଖାଇଲେ ମୁଖଗନ୍ଧ ଛାଡ଼ିଯାଏ ଏବଂ ତୁଣ୍ଡର ଘା ଭଲ ହୁଏ ।

## ମୁହଁର କଳାଦାଗ

୧) ଶିମୁଳିଗଛର କଣ୍ଟାକୁ ଗାଈଦୁଧରେ ବାଟି ମୁହଁରେ ଲଗାଇଲେ ମୁହଁର କଳାଦାଗ ଉଠିଯାଇ ମୁହଁ ପଦ୍ମତୁଲ୍ୟ ଶ୍ରୀସମ୍ପନ୍ନ ହୁଏ । ଲଗାଇବାର ୨ଘଣ୍ଟା ପରେ ମୁହଁ ଧୋଇ ପକାଇବ । ଅନ୍ତତଃ ୧୫ ଦିନ ଲଗାଇବ । (ଚକ୍ରଦତ୍ତ)

୨) ଅରଖ କ୍ଷୀରକୁ ହଳଦୀରେ ବାଟି ମୁହଁରେ ଲଗାଇଲେ ଦୀର୍ଘକାଳର କଳାଦାଗ ଉଠିଯାଏ । (ବଙ୍ଗସେନ)

୩) ଅର୍ଜ୍ଜୁନ ଛେଲି ବାଟି ମହୁ ମିଶାଇ ମୁହଁରେ ଲଗାଇବ । (ବାଗ୍‌ଭଟ୍ଟ)

୪) ବରୁଣ ଛେଲିକୁ ଛେଳି ଦୁଧରେ ବାଟି ମୁହଁରେ ଲଗାଇବ । (ଚକ୍ରଦତ୍ତ)

୫) ଗୋଟିଏ ଟଭା ଭିତରେ ଖଣ୍ଡିଏ କୁଡ଼ ଏକ ସପ୍ତାହ କାଳ ରଖି ସେହି କୁଡ଼କୁ ମହୁ ସହିତ ବାଟି ମୁହଁରେ ଲଗାଇଲେ ମୁହଁର କଳାଚିହ୍ନ ଭଲ ହୋଇ ମୁହଁର କାନ୍ତି ବଢ଼େ । (ଭାବପ୍ରକାଶ)

## ଗାଲୁଆ

୧) ଫଣଫଣାଛେଲି ବାଟି ସେଥିରେ ଝୁଣା ଏବଂ ରାଇସୋରିଷ (ରାଇ ସୋରିଷ ନ ମିଳିଲେ ଗୋରଚନା) ମିଶାଇ ଗାଲୁଆରେ ଲଗାଇବ ଏବଂ ସେହି ଔଷଧରୁ ଟିକିଏ ଖାଇଲେ ଏକାଥରକେ ଭଲ ହୁଏ । (ପରୀକ୍ଷିତ)

୨) ଦୁଦୁରାପତ୍ର ରସ ଲଗାଇଲେ ଗାଲୁଆ ଭଲ ହୁଏ ।

୩) ମହାକାଳ କନ୍ଦା, ଗୋଲମରିଚ ବାଳକର ମୂତରେ ବାଟି ଲଗାଇବ ।

## ଗଳାକ୍ଷତ

୧) ତଣ୍ଟିରେ ଦରଜ ହୋଇ ଖାଇବା ପିଇବାରେ କଷ୍ଟ ହେଲେ ଚନ୍ଦନକୁ ବହଳିଆ କରି ଘୋରିବ । ସେଥିରେ କର୍ପୂରକୁ ଭଲ କରି ଚୂରି ମିଶାଇ ପାଳେ ପାନ ପତ୍ର ଉପରେ ଲଗାଇ ତଣ୍ଟିର ଯେଉଁ ଜାଗାରେ ଦରଜ ଲାଗୁଥିବ, ତା ଉପରିଭାଗ ଗଳାରେ ରଖି କନା ବାନ୍ଧିବ । ଏକାଦିନକେ ଭଲ ହେବ । (ବହୁ ପରୀକ୍ଷିତ)

୨) କଣ୍ଟାମାରିଷ ଶାଗ ଗଛର ଚେର ସାତ ଖଣ୍ଡ ଏବଂ ଅଦା ସାତ ଖଣ୍ଡ ପାଟିରେ ରଖି ଆସ୍ତେ ଆସ୍ତେ ଚୋବାଇ ତା'ର ରସ ଢ଼ୋକିବ । ୫/୭ଥର ଢ଼ୋକିବା ପରେ ଗଳାରେ ବେଦନା କମିବାକୁ ଲାଗିବ । ୨/୩ ବାର ବ୍ୟବହାର କଲେ ରୋଗୀ ରୋଗମୁକ୍ତ ହେବ । (ପରୀକ୍ଷିତ)

## ଗଳଗଣ୍ଡ

୧) ଅପରାଜିତାର ଚେର ଗାଈଘିଅ ସହିତ ଖାଇଲେ ଗଳଗଣ୍ଡ ରୋଗ ବିନଷ୍ଟ ହୁଏ (ଚରକ) ମାତ୍ରା – ଚେର ଏକତୋଳା ।

୨) କାଇପୋକ ବାଟି ଲଗାଇଲେ ଗଳଗଣ୍ଡ ବିନଷ୍ଟ ହୁଏ ।

## ଗଣ୍ଡମାଳା

୧) ଶ୍ୱେତ ଅପରାଜିତା ଚେର ଓ ପତ୍ରକୁ ବାଟି ଗୁଆଘିଅ ମିଶାଇ ଚାଟି ଖାଇଲେ ଗଳଗଣ୍ଡ, ଗଣ୍ଡମାଳା ଭଲ ହୁଏ ।

ମାତ୍ରା – ଚେର ଓ ପତ୍ର ପ୍ରତ୍ୟେକ ଏକ ତୋଳା ।

୨) ବରୁଣ ମୂଳ ଛେଲିର କ୍ୱାଥରେ ପ୍ରଚୁର ମହୁ ମିଶାଇ ଥରେ ମାତ୍ର ଖାଇଲେ ବହୁ ଦିନର ଗଣ୍ଡମାଳା ପ୍ରଶମିତ ହୁଏ । (ଚକ୍ରଦତ୍ତ)

## ଗଳା କ୍ୟାନ୍ସର୍

କ୍ୟାନ୍ସର୍ ରୋଗ ବଡ଼ ବିଷମ ରୋଗ । ରୋଗ ହେବା ମାତ୍ରେ ବିଜ୍ଞ କବିରାଜଙ୍କର ଚିକିତ୍ସା ବା ଡ଼ାକ୍ତରୀ ଚିକିତ୍ସା କରିବ । ଗରିବ ଲୋକମାନେ ନିମ୍ନଲିଖିତ ଔଷଧ ବ୍ୟବହାର କରି ଭଗବାନଙ୍କ କୃପାରୁ ରୋଗମୁକ୍ତ ହୋଇପାରନ୍ତି ।

ଚାଉଳଧୂଆ ଗଛର କଞ୍ଚାଫଳ ଓ ସମଭାଗ ଗୋଲମରିଚ ଏକତ୍ର ଉତ୍ତମରୂପେ ବାଟିବ । ଖଣ୍ଡେ ଛୋଟ କାଗଜରେ ଗୁଆଘିଅ ଲଗାଇ ତା' ଉପରେ ଉକ୍ତ ମଲମ ଲଗାଇ ଖରାରେ ଶୁଖାଇବ । ଶୁଖିଲା ପରେ ତା' ଉପରେ ଆଉ ଖଣ୍ଡିଏ କାଗଜ ପକାଇ ସିଗାରେଟ୍ ପରି କରିବ । ଏହାର ଧୂଆଁ ଖାଇଲେ ଗଳାର କ୍ୟାନ୍ସର୍ ବା ଗଳାର ଯେକୌଣସି ଦୂଷିତ କ୍ଷତର ବିଶେଷ ଉପକାର ହୁଏ । କଞ୍ଚାଫଳ ନ ମିଳିଲେ ଶୁଖିଲା ଫଳର ଚୂର୍ଣ୍ଣ ଓ ଅର୍ଦ୍ଧଭାଗ ଗୋଲମରିଚ ଚୂର୍ଣ୍ଣ ଏକତ୍ର କରି ଉପରୋକ୍ତ ମତେ ସିଗାରେଟ୍ ଧୂଆଁ ପାନ କରିବ ।

ଚାଉଳଧୂଆ ମଲମ - ଅଧପାଏ ଗୁଆଘିଅ ଓ ଅଧପାଏ ଚାଉଳଧୂଆ ପତ୍ର ରସ ଏକ ସଙ୍ଗେ ପାକ କରି ଘୃତ ଅବଶେଷ ରହିଲେ ମଲମ ହେଲା । ଏହି ମଲମ ଗଳାକ୍ଷତରେ ଲଗାଇବ ।

ଚାଉଳଧୂଆ କ୍ୱାଥ-ଚାଉଳଧୂଆ ପତ୍ର ଏକ ତୋଳା ଏବଂ ଫଳ ଏକ ତୋଳା ଅଧସେର ପାଣିରେ ସିଝାଇ ଅବଶେଷ ଏକଛଟାଙ୍କି ରହିଲେ ଛାଣି ସେହି ପାଣିରେ କୁଳୁକୁଞ୍ଚା କରିବ ।

## ସ୍ୱରଭଙ୍ଗ

୧) ବରକୋଳି ପତ୍ରକୁ ଉତ୍ତମ ରୂପେ ବାଟି ସୈନ୍ଧବ ଲବଣ ମିଶାଇ ଘିଅରେ ଭାଜି ଖାଇଲେ ସ୍ୱରଭଙ୍ଗ ଓ କାଶ ରୋଗରେ ଉପକାର ହୁଏ । (ଚରକ)

ମାତ୍ରା - ପତ୍ର ବଟା ଅଧତୋଳା ଠାରୁ ଏକତୋଳା ଓଜନ ।

୨) ଭୂଇଁଅଁଳା ଚେରକୁ ଚୂର୍ଣ୍ଣକରି ମହୁ ସହିତ ଖାଇବ ।

ମାତ୍ରା - ଚେର ଦୁଇ ତୋଳା ।

୩) ଶୁଣ୍ଠି ଚୂର୍ଣ୍ଣ, ଚିନି ଓ ମହୁ ଏକତ୍ର କରି ଖାଇବ ।

ଶୁଣ୍ଠି ମାତ୍ରା - ସୁକି ଓଜନ ।

୪) ଯଷ୍ଟିମଧୁ ଓ ଘିଅ ଏକତ୍ର କରି ଲେହନ କରିବ ।

୫) ପୈତ୍ତିକ ସ୍ୱରଭଙ୍ଗରେ ମହୁ ଓ ଘିଅ, ବାତିକ ସ୍ୱରଭଙ୍ଗରେ ସୈନ୍ଧବ ଲବଣ ଓ ରାଶିତେଲ ଏବଂ ଶ୍ଳୈଷ୍ମିକ ସ୍ୱରଭଙ୍ଗରେ ଶୁଣ୍ଠି, ପିପ୍ପଳୀ ଓ ଗୋଲମରିଚ ଚୂର୍ଣ୍ଣ ବିଶେଷ ଉପକାରୀ ।

## କଣ୍ଠସ୍ୱର

୧) ବ୍ରାହ୍ମୀ ଶାଗର ରସ ଏକ ତୋଳା ସହିତ ଅଳ୍ପ ମହୁ ଓ ଯଷ୍ଟିମଧୁ ମିଶାଇ ସାତଦିନ ଖାଇଲେ ସ୍ୱରଭଙ୍ଗ ରୋଗ ଭଲ ହୁଏ । ଦିନକୁ ଦୁଇଥର ଖାଇବ । ୨୧ଦିନ ଖାଇଲେ କଣ୍ଠସ୍ୱର ଅତ୍ୟନ୍ତ ମଧୁର ହୁଏ । ୧ମାସ ଖାଇଲେ ବହୁ ଦିନ ପର୍ଯ୍ୟନ୍ତ କଣ୍ଠସ୍ୱର ସେହିପରି ରହେ ଓ ସ୍ମରଣ ଶକ୍ତି ବଢ଼େ ।

୨) ତାଳମୂଳୀ କନ୍ଦାକୁ ଶୁଖାଇ ଚୂର୍ଣ୍ଣକରି କାଚ ଶିଶିରେ ରଖିବ । ସେହି ଚୂର୍ଣ୍ଣରୁ ସୁକି ଓଜନ ଗୋଟିଏ କାଚ ବା ପଥର ପାତ୍ରରେ ପାଣିରେ ଭିଜାଇ ରାତିରେ ରଖିବ । ସକାଳେ ସେଥିରେ ମହୁ ମିଶାଇ ଖାଇବ । ଏହିପରି ୨୧ଦିନ ଖାଇଲେ କଣ୍ଠସ୍ୱର ଅତ୍ୟନ୍ତ ମଧୁର ହୁଏ ।

୩) ମୟୁରଚୂଳିଆ ଚେର (ତୋଟାମୂଳ) ପାଣିରେ ବାଟି ପିଇଲେ କଣ୍ଠସ୍ୱର ପରିଷ୍କାର ହୁଏ ।

୪) ଗନ୍ଧଶୁଣ୍ଠି କଳରେ ଯାକି ଗୀତ ଗାଇଲେ କଣ୍ଠ ଅବିକୃତ ଓ ପରିଷ୍କୃତ ରହେ ।

## ହୃଦ୍ରୋଗ

୧) ଅର୍ଜ୍ଜୁନଛାଲି ଦୁଇ ତୋଳା, ଗାଈଦୁଧ ୧୬ ତୋଳା, ପାଣି ୬୪ତୋଳା ଏକତ୍ର ମାଟି ହାଣ୍ଡିରେ ସିଝାଇ ଅବଶେଷ ୧୬ତୋଳା ରହିଲେ ଛାଣି ପିଇଲେ ହୃଦ୍ରୋଗ ଭଲ ହୁଏ ।

୨) ଘୃତ ଅଥବା ଦୁଧ ଅଥବା ଗୁଡ଼ପଣା ସହିତ ଅର୍ଜ୍ଜୁନ ଛାଲିର ଚୂର୍ଣ୍ଣ ଉପଯୁକ୍ତ ମାତ୍ରାରେ ସେବନ କଲେ ହୃଦ୍ରୋଗ, ଜୀର୍ଣ୍ଣଜ୍ୱର, ରକ୍ତ ପିତ୍ତ ପ୍ରଭୃତି ଶାନ୍ତ ହୁଏ ଏବଂ ରୋଗୀ ଦୀର୍ଘଜୀବୀ ହୁଏ । (ଚକ୍ରଦତ୍ତ)

ଚୂର୍ଣ୍ଣମାତ୍ରା – ଦୁଇ ଅଣାଠାରୁ ଛଅ ଅଣା ଓଜନ ।

୩) ପୁଷ୍କର ମୂଳ (ଅଭାବେ କୁଡ଼) ଚୂର୍ଣ୍ଣ ମହୁ ସହିତ ଖାଇଲେ ହୃଦୟ ଶୂଳ, ଶ୍ୱାସ, କାଶ, କ୍ଷୟ ଓ ହିକ୍‌କା ଶାନ୍ତ ହୁଏ । (ଚକ୍ରଦତ୍ତ)

ମାତ୍ରା – ମୂଳଚୂର୍ଣ୍ଣ ସୁକି ଓଜନ ।

୪) ତୈଳ, ଘୃତ ଓ ଗୁଡ଼ ଏ ସମଷ୍ଟିର ସମଭାଗ ଅର୍ଜ୍ଜୁନ ଛାଲିର ଚୂର୍ଣ୍ଣ ଦୁଧ ସହିତ ସାମାନ୍ୟ ଗରମ କରି ପାନ କଲେ ସକଳ ପ୍ରକାର ହୃଦ୍ରୋଗ ଶାନ୍ତ ହୁଏ । (ଚକ୍ରଦତ୍ତ)

୫) କୃମିଜ ହୃଦ୍ରୋଗରେ ବିଡ଼ଙ୍ଗ ଓ କୁଡ଼ଚୂର୍ଣ୍ଣ ଗୋମୂତ୍ର (ଛଡ଼ା ମୂତ) ସହିତ ପାନ କଲେ ହୃଦୟସ୍ଥ ସମସ୍ତ କୃମି ମଳଦ୍ୱାର ବାଟେ ବାହାରି ପଡ଼ନ୍ତି । ବିଡ଼ଙ୍ଗଯୁକ୍ତ ଯବାନ୍ନ ପଥ୍ୟ କରିବ । (ଚକ୍ରଦତ୍ତ)

ମାତ୍ରା - ବିଡ଼ଙ୍ଗ ଚୂର୍ଣ୍ଣ ସୁକି ଓଜନ ଠାରୁ ଅଧୁଲି ଓଜନ ।

କୁଡ଼ଚୂର୍ଣ୍ଣ - ଏକ ଅଣା ଠାରୁ ତିନିଅଣା ଓଜନ ।

୬) ହୃଦୟଗତ ବାୟୁରୋଗରେ – ଅସ୍କନ୍ଦ ମୂଳର ଚୂର୍ଣ୍ଣ ଓ ବାହାଡ଼ାର ଚୂର୍ଣ୍ଣ ପୁରୁଣା ଗୁଡ଼ ଓ ଗରମ ପାଣି ସହିତ ଖାଇଲେ ଅସ୍ୱାଭାବିକ୍ ହୃଦୟସ୍ପନ୍ଦନ ପ୍ରଶମିତ ହୁଏ । (ବଙ୍ଗସେନ)

ଅସ୍କନ୍ଦ ଚୂର୍ଣ୍ଣ – ଦୁଇଅଣି ଓଜନ ଠାରୁ ସୁକି ଓଜନ ।

ବାହାଡ଼ା ଚୂର୍ଣ୍ଣ – ଦୁଇଅଣି ଓଜନ ଠାରୁ ସୁକି ଓଜନ ।

୭) ଅକରକରା ଚୂର୍ଣ୍ଣ ଓ ଅର୍ଜୁନ ଛାଲି ଚୂର୍ଣ୍ଣ ସମଭାଗ ଏକତ୍ର କରି ରଖିବ । ସକାଳ ଓ ସନ୍ଧ୍ୟାରେ ଦୁଇ ଅଣି ଓଜନ ଚୂର୍ଣ୍ଣ ଉଷୁମ ଗାଈଦୁଧରେ ଖାଇଲେ ହୃଦୟକମ୍ପନ ଓ ପୀଡ଼ା ନାଶ ହୁଏ । ହୃଦୟକମ୍ପନ ଯୋର ଥିଲେ ଉପରୋକ୍ତ ଚୂର୍ଣ୍ଣରେ ବଚ ଓ ଶୁଣ୍ଠିର କ୍ୱାଥ ଖାଇବ ।

୮) ଯାଠି ମହୁ ଓ କଟୁକୀ ସମାନ ଭାଗରେ ଚୂର୍ଣ୍ଣକରି ତହିଁରେ ଚିନି ମିଶାଇ ପାଣି ସହିତ ଖାଇଲେ ହୃଦ୍ରୋଗ ବିନଷ୍ଟ ହୁଏ । (ଚରକ)

ମାତ୍ରା – କଟୁକୀ ଚୂର୍ଣ୍ଣ ଦୁଇ ଅଣା ଓଜନ ।

ଯାଠି ମହୁ ଦୁଇ ଅଣା ଓଜନ ।

୯) ଶୁଦ୍ଧପାରା ଏକ ତୋଳା, ଶୁଦ୍ଧ ଗନ୍ଧକ ଏକ ତୋଳା ଏକତ୍ର ବହୁ ସମୟ ଅନ୍ତତଃ ୫ ଘଣ୍ଟା ମର୍ଦ୍ଦନ କରି କଜ୍ଜଳି କରିବ । ଏହି କଜ୍ଜଳି ସଙ୍ଗେ ଏକ ତୋଳା ତମ୍ବାଭସ୍ମ ମିଶାଇ ତ୍ରିଫଳା କ୍ୱାଥରେ ଏକ ଦିନ ମର୍ଦ୍ଦନ କରିବ । ତା'ପରେ ଏକ ଦିନ ଲୁଣିଲୁଣିକା ଗଛ ରସରେ ମର୍ଦ୍ଦନ କରି ଏକ ରତି ହିସାବରେ ବଟିକା କରି ଶିଶିରେ ରଖିବ ।

**ମାତ୍ରା** – ସକାଳେ ଓ ସନ୍ଧ୍ୟାରେ ଗୋଟିଏ ଲେଖାଏଁ ବଟିକା ଅର୍ଜୁନ ଛେଲି କ୍ୱାଥରେ ଏକ ମାସ ଖାଇବ । ଏହା ହୃଦ୍ରୋଗର ଅତି ଉତ୍କୃଷ୍ଟ ଔଷଧ ।

## ଯକ୍ଷ୍ମା ରୋଗ (କ୍ଷୟ ରୋଗ)

୧) ଗୋଦନ୍ତୀ ହରିତାଳ ଭସ୍ମ ଦୁଇ ରତି, ପ୍ରବାଳ ଚନ୍ଦ୍ର ପୁଟି ଦୁଇ ରତି, ସିତୋପଳାଦି ଚୂର୍ଣ୍ଣ ଦେଢ଼ ରତି – ଏହି ତିନୋଟି ପଦାର୍ଥ ଏକତ୍ର କରି ଦୁଇ ତୋଳା ମହୁ ସହିତ ଚାଟିକରି ଖାଇବ । ଏହିପରି କିଛିଦିନ ଖାଇଲେ ପୁରୁଣା ରାଜଯକ୍ଷ୍ମା ଭଲ ହୁଏ । (ଧନ୍ୱନ୍ତରୀ ମାସିକ ପତ୍ରିକା )

୨) ଶୋଧିତ କର୍ପୂରଶିଳାଜତୁ (ଗୋଦାନ୍ତୀ) ପାଞ୍ଚତୋଳା, ଏକତୋଳା ଶ୍ରୀକର୍ପୂର ଚୂର୍ଣ୍ଣ କରି ଶିଶିରେ ରଖିବ ।

ମାତ୍ରା - ସୁକି ଓଜନ ଚୂର୍ଣ୍ଣକୁ ଜାଫ୍ରାନ୍‌କେଶର ପାଣିରେ (ଗରମ ପାଣିରେ ଗୋଳାଇ) ପ୍ରତିଦିନ ଦିନକୁ ଦୁଇ ଥର ହିସାବରେ ଖାଇବ ।

ପଥ୍ୟ - ଦ୍ରାକ୍ଷାରସ ଓ ସାକର ମଧ୍ୟାହ୍ନରେ ଖାଇବ ।

ଅପଥ୍ୟ - ରାଗ, ଖଟା, ଆମିଷ ଖାଇବ ନାହିଁ ।

କର୍ପୂରଶିଳାଜତୁ ଶୋଧନ ବିଧି - କର୍ପୂରଶିଳାଜତୁକୁ ଘିକୁଆଁରୀ ରସରେ ଗୋଳାଇ ସରାରେ ରଖି ତା'ପରେ ଆଉ ଗୋଟିଏ ସରା ରଖି ସନ୍ଧିସ୍ଥଳ ମାଟି, ଗୋବର ଓ କନାରେ ବନ୍ଦ କରି ଶୁଖାଇ ଘଷି ନିଆଁରେ ପୋଡ଼ିଲେ ଶୋଧିତ ହେବ ।

୩) ନୀଳପୁଷ୍ପ ବେଗୁନିଆ ଚେର, ଫଳ ଓ ପତ୍ରକୁ କୁଟି ରସ ବାହାର କରି ତଦ୍ୱାରା ଯଥାବିଧି ଘୃତ ପାକ କରିବ । ଏହି ଘୃତ ପାନ କରି କ୍ଷୟରୋଗୀ ବ୍ୟାଧିମୁକ୍ତ ହୋଇ ଦିବ୍ୟ ଶରୀର ଲାଭ କରେ । (ଚକ୍ରଦତ୍ତ)

**ପ୍ରସ୍ତୁତିବିଧି -** ଗାଈ ଘିଅ ଚାରି ସେର, ବେଗୁନିଆ ଫଳ, ମୂଳ, ପତ୍ର, ପୁଷ୍ପ ସହିତ କୁଟିତ ଏକ ସେର । ପାଣି ୩୨ (ବତିଶ) ସେର ପାକ କରି ଅବଶେଷ ଚାରି ସେର ରଖିବ । ସେହି ଘୃତ ଉପଯୁକ୍ତ ମାତ୍ରାରେ ସେବନ କଲେ ରୋଗମୁକ୍ତ ହେବ ।

୪) ବେଗୁନିଆ ପତ୍ର, ଗଞ୍ଜାଇ ପତ୍ର, ଅଙ୍କରାନ୍ତି ପତ୍ର, ଢ଼େଙ୍ଗାଭେଜି ପତ୍ର, ଲବେଙ୍ଗୁଡ଼ି ପତ୍ର, ବାସଙ୍ଗ ପତ୍ର, ଅଁଳା, ହରିଡ଼ା, ବାହାଡ଼ା, ଦାସକେରେଣ୍ଟା ପତ୍ର, କଳାଜିରା ପ୍ରତ୍ୟେକରୁ ଏକତୋଳା, ଚିତାପାରୁ ତିନି ତୋଳା, ପିପ୍‌ପଳୀ ପାଞ୍ଚ ତୋଳା, ଗୋଲମରିଚ ତିନି ତୋଳା ଏ ସମସ୍ତ ଚୂର୍ଣ୍ଣ ଦୁଇ ଜଣ ରୋଗୀଙ୍କ ପାଇଁ । ଅତଏବ ଏହି ଚୂର୍ଣ୍ଣର ଅର୍ଦ୍ଧଭାଗକୁ ୧୪ ପାନ କରିବ । ଦିନକୁ ଦୁଇ ପାନ ହିସାବରେ ସାତ ଦିନ ଖାଇବ । ପ୍ରତ୍ୟେକ ପାନରେ ଏକତୋଳା ମହୁ ମିଶାଇ ଖାଇବ ।

୫) ବଜ୍ରମୂଳି, ଅଶ୍ୱଗନ୍ଧା, ଗମ୍ଭାରୀଫଳ, ଶତାବରୀ, ପୁରୁଣୀ ଏ ସମସ୍ତ ଏକତ୍ର ବା ଏଥି ମଧ୍ୟରୁ ଯେକୌଣସି ଗୋଟିଏ ଦୁଧ ସହିତ ଅଭ୍ୟାସ କରି ଖାଇଲେ କ୍ଷତ ଓ କ୍ଷୟ ଶାନ୍ତ ହୁଏ ।(ଚକ୍ରଦତ୍ତ)

୬) ଅର୍ଜ୍ଜୁନଛାଲିର ଚୂର୍ଣ୍ଣକୁ ବାସଙ୍ଗ ପତ୍ର ରସରେ ସାତ ଥର ଭାବନା ଦେଇ ସେହି ଚୂର୍ଣ୍ଣକୁ ଘିଅ, ମହୁ ଓ ମିଶ୍ରି ସହିତ ସେବନ କଲେ, କ୍ଷୟକାଶ ଭଲ ହୁଏ । (ଭାବପ୍ରକାଶ)

## ପ୍ଲୁରିସି

ତ୍ରିଫଳା, ଶ୍ୱେତପୁରୁଣୀ, ରକ୍ତପୁରୁଣୀ, ଗୋଖୁରା, ବେଗୁନିଆ ପତ୍ର ପ୍ରତ୍ୟେକରୁ ଅଧତୋଳା ନେଇ ଭଲ କରି କୁଟି ଅଧସେର ପାଣିରେ ସିଝାଇବ । ଅଧପା ରହିଲେ ଛାଣି ଥଣ୍ଡା ହେଲେ ଦୁଇ ତୋଳା ମହୁ ସହିତ ସକାଳେ ଓ ସନ୍ଧ୍ୟାରେ ଖାଇବ ।

**ଗୁଣ -** ଏହି ଔଷଧରେ ଝାଡ଼ା ସଫା ହେବ । ୨୪ ଘଣ୍ଟାରେ ୪ ସେର ପର୍ଯ୍ୟନ୍ତ ପରିସ୍ରା ହେବ । କିଛି ଦିନ ଖାଇଲେ ପ୍ଲୁରିସି ରୋଗ ନଷ୍ଟ ହୁଏ ।

**ପଥ୍ୟ -** ଔଷଧ ଖାଉଥିବା ସମୟରେ କେବଳ ଦୁଧ ବା ଫଳରସ ଖାଇବ ।

## ଶ୍ୱାସ

୧) ଗୋଟିଏ କୁକୁଡ଼ା ଅଣ୍ଡାକୁ ଓସାରିଆ ମୁହଁ ଶିଶିରେ ପୁରାଇବ, ଯେପରି ଅଣ୍ଡାଟି ଭାଙ୍ଗି ନଯାଏ । ତା'ପରେ କାଗେଜି ଲେମ୍ବୁ ରସ ସେହି ଶିଶିରେ ଦେବ ଯେପରି କି ଅଣ୍ଡାଟି ଲେମ୍ବୁରସରେ ବୁଡ଼ିଯିବ ଏବଂ ଅଣ୍ଡା ଉପରେ ପ୍ରାୟ ଏକ ଇଞ୍ଚ ରସ ରହିବ । ଶିଶି ମୁହଁ ବନ୍ଦ କରିବ, ଯେପରିକି ଶିଶି ଭିତରକୁ ପବନ ନଯାଏ । ଯେଉଁ ଦିନ ଅଣ୍ଡାର ଖୋଳ ଲେମ୍ବୁରସରେ ସମ୍ପୂର୍ଣ୍ଣରୂପେ ମିଳାଇ ଯାଇ ଥିବାର ଦେଖିବ, ସେହି ଦିନଠାରୁ ପ୍ରତିଦିନ ସକାଳେ ଖାଲି ପେଟରେ ଏକଚାମଚ ହିସାବରେ ଖାଇବ । ଉପରୋକ୍ତ ମତେ ତିଆରି ହୋଇଥିବା ତିନିଗୋଟି ଅଣ୍ଡା ଖାଇଲେ ନିଶ୍ଚୟ ରୋଗମୁକ୍ତ ହେବ ।

**ପ୍ରସ୍ତୁତି ବିଧି -** ପ୍ରଥମ ଅଣ୍ଡାଟି ପ୍ରାୟ ଆଠପଣ ମିଳାଇ ଆସିଲା ବେଳକୁ ଆଉ ଗୋଟିଏ ଶିଶିରେ ଆଉ ଗୋଟିଏ ଅଣ୍ଡା ଉପରୋକ୍ତ ମତେ ତିଆରି କରିବ, କାରଣ ପ୍ରଥମ ଅଣ୍ଡା ଖାଇସାରିଲା ବେଳକୁ ଦ୍ୱିତୀୟ ଅଣ୍ଡାଟି ଲେମ୍ବୁରସରେ ମିଳାଇ ଯାଇଥିବ ଏବଂ ଖାଇବାକୁ ଉପଯୁକ୍ତ ହୋଇଥିବ । ସେହିପରି ଦ୍ୱିତୀୟ ଅଣ୍ଡାଟି ଆଠପଣ ମିଳାଇ ଆସିଲାବେଳକୁ ତୃତୀୟ ଅଣ୍ଡାଟି ତିଆରି କରିବ । ଅଣ୍ଡାର ଖୋଳ ଲେମ୍ବୁରସରେ ସମ୍ପୂର୍ଣ୍ଣରୂପେ ମିଳାଇଗଲେ ଖାଇବ । କୁକୁଡ଼ା ଅଣ୍ଡା ଦେଲା ମାତ୍ରକେ ସେହି ଅଣ୍ଡାକୁ ଆଣି ଲେମ୍ବୁରସରେ ପକାଇଲେ ଅଳ୍ପ ଦିନରେ ମିଳାଇଯାଏ । ବେଶି ଦିନର ଅଣ୍ଡା ହେଲେ ଲେମ୍ବୁରସରେ ମିଳାଇବାକୁ ବହୁ ଦିନ ଲାଗିବ । ଉପରୋକ୍ତ ଔଷଧ ଖାଇ ଅନେକ ରୋଗୀ ରୋଗମୁକ୍ତ ହୋଇଛନ୍ତି । (ବହୁ ପରୀକ୍ଷିତ)

୨) ଶ୍ୱାସ ରୋଗୀର ବଳ, ବୟସ, ବିବେଚନା କରି ଶୁଖିଲା ଅରଖ କ୍ଷୀର ୧/୨ ରତି ମାତ୍ରାରେ କିଛି ଦିନ ଖାଇଲେ ଅତି ପୁରାତନ ଶ୍ୱାସରୋଗ ସମୂଳେ ବିନଷ୍ଟ ହୁଏ । ଅରଖ କ୍ଷୀର ଓ ଅରଖ ଛାଲି ଏକତ୍ର ବାଟି ଛୋଟ ଛୋଟ ଚକି ପରି ଶୁଖାଇ ରଖିବ । ଏହି ଚକିକୁ ଚିଲମରେ ରଖି ଧୂଆଁ ପାନ କଲେ ଶ୍ୱାସ ରୋଗ ପ୍ରଶମିତ ହୁଏ ।

୩) ଶୋଧିତ ଅମଲାସାର ଗନ୍ଧକ ଚାରି ରତି, ଗାଈ ଘିଅ ଚାରି ତୋଳା, ଗୋଟିଏ ଛୋଟ ଖଲରେ ଖୁବ୍ ମର୍ଦ୍ଦନ କରି ସକାଳେ ଖାଲିପେଟରେ ଖାଇବ । ସନ୍ଧ୍ୟାରେ ସେହି ମାତ୍ରାରେ ଖାଇବ । ଏହିପରି ଦିନକୁ ଦୁଇ ପାନ ହିସାବରେ ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ । (ଭୈଷଜ - ରତ୍ନାବଳୀ) ଗାଈ ଘିଅ - ସଦ୍ୟ ଗାଈଘିଅ ହେବା ଉଚିତ୍ ।

**ଗନ୍ଧକ ଶୋଧନ ବିଧି** - ଗୋଟିଏ ଲୁହା କରେଇ ବା କରଚୁଲିରେ ଘିଅ ରଖି ନିଆଁରେ ତତାଇବ । ତା' ଉପରେ ଗନ୍ଧକର ଚୂର୍ଣ୍ଣ ପକାଇବ । ଗନ୍ଧକ ତରଳି ଗଲେ ଗୋଟିଏ ମାଟି ହାଣ୍ଡିରେ ଦୁଧ ରଖି ତା ଉପରେ ଜାଲୁଜାଲୁଆ ନୂଆ କନା ରଖି ସେହି କନା ଉପରେ ତରଳିଥିବା ଗନ୍ଧକକୁ ଅଳ୍ପ ଅଳ୍ପ ଢ଼ାଳିବ ଏବଂ ଆଉ ଜଣେ ଲୋକ ଲୁହା କରଚୁଲିରେ ସେହି ତରଳ ଗନ୍ଧକ ଯେପରି କନା ତଳକୁ ଖସିଯାଏ, ସେହିପରି ତାକୁ ଚହଲାଇବାକୁ ହେବ । ଏହିପରି କଲେ ସବୁ ଗନ୍ଧକ ଖସି ଦୁଧରେ ପଡ଼ିବ ଏବଂ ଟେଳା ବାନ୍ଧିଯିବ । ସେହି ଗନ୍ଧକକୁ ଦୁଧରୁ କାଢ଼ି ଗରମ ପାଣିରେ ଧୋଇ ଖରାରେ ଶୁଖାଇବ । ଏହିପରି ତିନିଥର କଲେ ଗନ୍ଧକ ଅତି ବିଶୁଦ୍ଧ ହୁଏ । ସେହି ଦୁଧରୁ ଘିଅତକ ସାବଧାନରେ ବାହାର କରି ତାକୁ ଚୂଲିରେ ବସାଇ ଦୁଧଅଂଶ ମାରି ଦେଇ ରଖିବ । ଏହି ଘୃତ ମାଲିସ୍ କଲେ ବାତ, କଣ୍ଡୁ ଓ ଚର୍ମରୋଗରେ ଉପକାର ହୁଏ ।

୪) କାଇପୁଡ଼ାକୁ (ଡ଼ିମ୍ବ ସହିତ) ମହୁଲ ମଦରେ ବା ବ୍ରାଣ୍ଡିରେ ଅଳ୍ପ ସିଝାଇ ଛାଣି ଶିଶିରେ ରଖିବ । ଏହି ଔଷଧ ତିନି ପାନ ଖାଇଲେ ଭଲ ହେବ । ଦିନକୁ ଦୁଇ ପାନ, ତା ପରଦିନ ଏକ ପାନ ।

୫) ଶୁଣ୍ଠି ଚୂର୍ଣ୍ଣ, ପିପ୍‌ପଳୀ ଚୂର୍ଣ୍ଣ ଗୋଲମରିଚ ଚୂର୍ଣ୍ଣ, ଡ଼ାଲଚିନି ଚୂର୍ଣ୍ଣ, ଅଳେଇଚ ମଞ୍ଜି ଚୂର୍ଣ୍ଣ ପ୍ରତ୍ୟେକରୁ ଏକ ତୋଳା ଲେଖାଏଁ, ବଂଶଲୋଚନା ଚୂର୍ଣ୍ଣ ପାଞ୍ଚ ତୋଳା, ତୁଳସୀ ପତ୍ର ଚୂର୍ଣ୍ଣ ଦଶ ତୋଳା, ନବାତ କୋଡ଼ିଏ ତୋଳା, ମହୁ ଦଶ ତୋଳା । (ପରୀକ୍ଷିତ)

**ପ୍ରସ୍ତୁତବିଧି** - ପ୍ରଥମେ ୨୦ ତୋଳା ନବାତକୁ ପାକ କରିବ । ଅଠା ହୋଇଆସିଲା ବେଳକୁ ଉପରୋକ୍ତ ଚୂର୍ଣ୍ଣ ପକାଇ ଚୂଲିରୁ ବାହାର କରି ଆଣିବ ଏବଂ ଥଣ୍ଡା ହେଲାପରେ ମହୁ ପକାଇ ଅଁଳା କୋଳି ପରି ବଟିକା କରି ଦିନକୁ ଦୁଇଥର ଔଷଧ ଶେଷ ହେବା ପର୍ଯ୍ୟନ୍ତ ଖାଇବ ।

**ଅପଥ୍ୟ** - ବାଇଗଣ, ଆମିଷ, ଖଟା ଖାଇବ ନାହିଁ ।

୬) ହଳଦୀ, ଗୋଲମରିଚ, ଦ୍ରାକ୍ଷା, ପୁରୁଣା ଗୁଡ଼, ରାସ୍ନା, ପିପ୍‌ପଳୀ, ଗନ୍ଧଶୁଣ୍ଠି ଏ ସମସ୍ତର ଚୂର୍ଣ୍ଣ ସୋରିଷ ତେଲ ସହିତ ଲେହନ କଲେ ପ୍ରାଣ ନାଶକ ଶ୍ୱାସ ମଧ୍ୟ ଭଲ ହୁଏ ।(ଚକ୍ରଦତ୍ତ)

**ମାତ୍ରା** - ପ୍ରତ୍ୟେକରୁ ଦୁଇଅଣି ଓଜନ ନେଇ ଏକତ୍ର ମିଶାଇ ଖାଇବ ।

୭) ଫିଟିକିରି ୧୦ ତୋଳାକୁ ଚୂର୍ଣ୍ଣ କରି ୨୦ ତୋଳା ଅରଖ କ୍ଷୀରରେ ମିଶାଇ ଗୋଟିଏ ମାଟି ଘଡ଼ିରେ ପୂରାଇ ମୁହଁ ବନ୍ଦ କରି କୋଇଲା ନିଆଁରେ ରଖି ଭସ୍ମ କରିବ । ଥଣ୍ଡା ହେଲା ପରେ ବାହାର କରି ଖଲରେ ମର୍ଦ୍ଦନ କରି ଶିଶିରେ ରଖିବ ।

**ମାତ୍ରା** - ଅଧରତି ମଲାଇ ଭିତରେ ପୂରାଇ ସକାଳ ଓ ସନ୍ଧ୍ୟାରେ ଖାଇବ ।

୮) ଶୋଧିତ ଅମଳାସାର ଗନ୍ଧକ ୫ ତୋଳା ୫ ସେର ଦୁଧରେ ପାକ କରିବ । ଏକ ଚତୁର୍ଥାଂଶ ରହିଲେ ଚୁଲୀରୁ ଓହ୍ଲାଇ ଥଣ୍ଡା କରି ଦହି ତିଆରି କରିବ । ଦୁଇ ଦିନ ପରେ ସେହି ଦହିରୁ ଲହୁଣୀ ବାହାର କରି ଘିଅ କରିବ । (୨) ଶୁଦ୍ଧ ଭାଲିଆ ତେଲ, (୩) ଶୁଦ୍ଧ କୋଚିଲା ମଞ୍ଜି ତେଲ, (୪) ଶୁଦ୍ଧ ଧୂତୁରା ମଞ୍ଜି ତେଲ ଏହି ସମସ୍ତଙ୍କୁ ଅଲଗା ଅଲଗା ଶିଶିରେ ରଖିବ । ପ୍ରତ୍ୟେକ ଶିଶିରୁ ଏକ ବିନ୍ଦୁ ଲେଖାଏଁ ନେଇ ପାନପତ୍ର ଉପରେ ରଖି ଖାଇବ । ଏହି ଔଷଧ ଖାଇଲା ପରେ ଗୁଡ଼ରେ ତିଆରି ହୋଇଥିବା ମହନ ଭୋଗ (ଅବଶ୍ୟ ଘିଅରେ) ଖାଇବ । ପିତ୍ତ ପ୍ରକୃତି ରୋଗୀ ମହନ ଭୋଗରେ ଗୁଡ଼ ନ ପକାଇ ଚିନି ଖାଇବ ଏବଂ ଅଧିକ ମାତ୍ରାରେ ଘିଅ ଖାଇବ ।

୯) ବିଜୟା (ଭାଙ୍ଗ) ଶୁଖିଲା ଧୂତୁରା ପତ୍ର, କଲମି ସୋରା ସମଭାଗ ନେଇ ଗୁଣ୍ଡ କରି ସିଗାରେଟ ତିଆରି କରି ଶ୍ୱାସର ଦମ ଆସିଲା ବେଳକୁ ଧୂଆଁ ଖାଇଲେ ଶ୍ୱାସର ଯନ୍ତ୍ରଣା କମିଯାଏ ।

୧୦) ଧୂତୁରା ମଞ୍ଜି ତେଲ ଦୁଇ ତୋଳା, ଶୁଦ୍ଧ ଅଫିମ ଦୁଇ ତୋଳା ଏକତ୍ର କରି ଖୁବ୍ ମର୍ଦ୍ଦନ କରି ସେଥିରେ ୧୦ ଛଟାଙ୍କି ବାସଙ୍ଗପତ୍ର ରସ, ୧୦ ଛଟାଙ୍କି ମୃତ ସଞ୍ଜୀବନୀ ସୁରା, ଦେଶୀ ମିଶ୍ରି ୫ ଛଟାଙ୍କି ମିଶାଇ ଆସବ ବିଧିରେ ବନ୍ଦ କରି ରଖିବ । ୨୧ ଦିନ ପରେ ଖୋଲି କନାରେ ଛାଣି ଶିଶିରେ ରଖିବ । ବେଶ୍ ଶ୍ୱାସନାଶକ ଆସବ ତିଆରି ହୋଇଗଲା ।

**ମାତ୍ରା -** ୨୫ ବିନ୍ଦୁରୁ ୫୦ ବିନ୍ଦୁ ପର୍ଯ୍ୟନ୍ତ ଦଶମୂଳ ଅର୍କରେ ମିଶାଇ ଦିନକୁ ୩ ପାନ ଖାଇବ । ଦଶମୂଳ ଅର୍କ ନ ମିଳିଲେ କେବଳ ପାଣିରେ ମିଶାଇ ଖାଇବ ।

**ପଥ୍ୟ -** ପୁରୁଣା ଚାଉଳର ଭାତ, ପୋଟଳ ।

୧୧) ପ୍ରତିଦିନ ସକାଳେ ଖାଲି ପେଟରେ ସଫା କିରାସିନି ତେଲ ୧୦ ଟୋପା ଠାରୁ ୧୫ ଟୋପା ଅଭ୍ୟାସ କରି କିଛି ଦିନ ଖାଇଲେ ଶ୍ୱାସ ରୋଗ ଭଲ ହୁଏ । ଏହି ଟୁଟୁକା ଔଷଧର ଗୁଣ ଅଦ୍ଭୁତ ।

ଏହି ଔଷଧରେ ମୁଁ ଦୁଇ ଜଣ ବୃଦ୍ଧ ଏବଂ ଜଣେ ବୃଦ୍ଧାଙ୍କୁ ରୋଗମୁକ୍ତ କରିଛି ।

## କାଶ

୧) ପୁରୁଣା ତିନ୍ତୁଳି ଯେଉଁଥିରେ ତେଲ, ଲୁଣ ମସଲା ପ୍ରଭୃତି ପଡ଼ି ନଥିବ, ତହିଁରୁ ଦୁଇ ତୋଳା, ଆଖୁଗୁଡ଼ ଦୁଇତୋଳା ଅଧପାଏ ପାଣିରେ ବତୁରାଇ ସର୍ବତ ପରି ତିନି ଭାଗ କରି ଦିନକୁ ତିନିପାନ ଖାଇବ । କିଛି ପୁରୁଣା ତିନ୍ତୁଳି ପଥର ବାସନରେ ରଖି ଖରାରେ ଶୁଖାଇବ । ଗରମ ଗରମ ତିନ୍ତୁଳି ଟିକିଏ ଟିକିଏ ଚାଟି ଖାଇବ । ଏହିପରି ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ । ଯକ୍ଷ୍ମା ରୋଗ ଛଡ଼ା ଯେକୌଣସି କାଶରେ ଉପରୋକ୍ତ ଔଷଧ ଖାଇବ । ଏପରିକି

ଜ୍ୱର ଓ ନିମୋନିଆ ଅବସ୍ଥାରେ କାଶ ଥିଲେ ନିର୍ଭୟରେ ଏହି ଔଷଧ ଖାଇବ । ଉପରୋକ୍ତ ମାତ୍ରା ବୟସ୍କ ଲୋକଙ୍କ ପାଇଁ ବାଳକ ଅର୍ଦ୍ଧମାତ୍ରା, ଶିଶୁ ସୁକି ମାତ୍ରା ।

**ତିନ୍ତୁଳି ସଂଗ୍ରହ** – ମାର୍ଚ୍ଚ ଏପ୍ରିଲ ମାସରେ ତିନ୍ତୁଳି ଗଛରୁ ଚୋପା ଥିବା ତିନ୍ତୁଳି ଆଣି ଘରେ ଚୋପା ଛଡ଼ାଇ ମଞ୍ଜି କାଢ଼ି ପ୍ରାୟ ଏକ ମାସ ଖରାରେ ଶୁଖାଇ ରଖିବ । ବଜାରରେ ବିକ୍ରି ତିନ୍ତୁଳିରେ ବହୁତ ମଇଳା ଥାଏ ।

୨) ହରିଦ୍ରା, ଶୁଣ୍ଠି ଓ ମୁଥା ଏମାନଙ୍କର ସମପରିମିତ ପୁରୁଣା ଗୁଡ଼ ମିଶାଇ ବଟିକା ତିଆରି କରିବ । ଏହି ବଟିକା ମୁଖରେ ଧାରଣ କରି ରସ ଢ଼ୋକିଲେ ପ୍ରବଳ ବେଗ ଶ୍ୱାସ ଓ କାଶ ଶାନ୍ତ ହୁଏ । (ଚକ୍ରଦତ୍ତ)

୩) ଗୋଲମରିଚ ଦୁଇ ତୋଳା, ପିପ୍‌ପଳୀ ଏକ ତୋଳା, ଡ଼ାଳିମ୍ବମଞ୍ଜି ଆଠ ତୋଳା, ପୁରୁଣା ଗୁଡ଼ ୧୬ ତୋଳା, ଯବକ୍ଷାର ଅଧ ତୋଳା । ଗୁଡ଼ ଛଡ଼ା ସମସ୍ତ ଚୂର୍ଣ୍ଣ କରି ପରେ ଗୁଡ଼ ମିଶାଇ ଉପଯୁକ୍ତ ପରିମାଣରେ ସେବନ କଲେ ସକଳ ପ୍ରକାର ଅସାଧ (ବୈଦ୍ୟମାନଙ୍କ ଦ୍ୱାରା ପରିତ୍ୟକ୍ତ) କାଶ ଶାନ୍ତ ହୁଏ । ପୁଯ ପଡୁଥିଲେ ମଧ କାଶ ଶାନ୍ତ ହୁଏ । (ଚକ୍ରଦତ୍ତ)

୪) ଲବଙ୍ଗ ଦୁଇ ତୋଳା, ଜାଇ ଫଳ ଦୁଇ ତୋଳା, ପିପ୍‌ପଳୀ ଦୁଇ ତୋଳା, ଗୋଲମରିଚ ଚାରି ତୋଳା, ଶୁଣ୍ଠି ୩୨ତୋଳା, ସମସ୍ତ ଚୂର୍ଣ୍ଣ କରି ସର୍ବ ସମଷ୍ଟିର ସମାନ ଶର୍କରା ମିଶ୍ରିତ କରି ଉପଯୁକ୍ତ ମାତ୍ରାରେ ସେବନ କଲେ କାଶ, ଜ୍ୱର, ଅରୁଚି, ମେହ, ଗୁଳ୍ମ, ଶ୍ୱାସ, ଅଗ୍ନିମାନ୍ଦ୍ୟ ଓ ଗ୍ରହଣୀ ଦୋଷ ଶାନ୍ତ ହୁଏ । (ଚକ୍ରଦତ୍ତ)

୫) ପୁରୁଣା ଗୁଡ଼ ସହିତ ପିପ୍‌ପଳୀ ଚୂର୍ଣ୍ଣ ସେବନ କଲେ କାଶ, ଶ୍ୱାସ, ଅଜୀର୍ଣ୍ଣ ପାଣ୍ଡୁ, ହୃଦ୍ରୋଗ, ଅଗ୍ନିମାନ୍ଦ୍ୟ, ଅରୁଚି ଓ ଜୀର୍ଣ୍ଣଜ୍ୱର ପ୍ରଶମିତ ହୁଏ । (ହାରିତ)

୬) ବାସଙ୍ଗପତ୍ର ରସ ଏକ ତୋଳା ସାମାନ୍ୟ ମହୁ ମିଶାଇ ଖାଇବ ।

୭) ବାସଙ୍ଗପତ୍ର ରସରେ ପକ୍ୱ ଘୃତ କାଶ ନାଶ କରେ । (ସୁଶ୍ରୁତ)

୮) ପିପ୍‌ପଳୀ ଚୂର୍ଣ୍ଣକୁ ଘିଅରେ ଭାଜି ସୈନ୍ଧବ ଲବଣ ସହିତ କାଶ ରୋଗୀକୁ ସେବନ କରାଇବ । (ଚରକ)

୯) ନୀଳପୁଷ୍ପ ବେଗୁନିଆ ପତ୍ର ରସରେ ପକ୍ୱ ଘୃତ କଫଜ କାଶନାଶକ । (ବଙ୍ଗସେନ)

୧୦) ଅଁଳାଚୂର୍ଣ୍ଣ ଦୁଧ ସହିତ ପାକ କରିବ । ତହିଁରେ ଘିଅ ମିଶାଇ କାଶ ରୋଗୀକୁ ସେବନ କରାଇବ ।

**ପାକବିଧି** – ଅଁଳାଚୂର୍ଣ୍ଣ ଦୁଇ ତୋଳା, ଦୁଧ ୧୬ ତୋଳା ଏବଂ ପାଣି ୬୪ତୋଳା ଏକତ୍ର ପାକ କରି ଦୁଧ ଅବଶେଷ ରଖି ତହିଁରେ ଅଧ ତୋଳା ଗାଈଘିଅ ମିଶାଇବ । (ବାଗ୍‌ଭଟ୍ଟ)

୧୧) କଫଜ କାଶ ଶ୍ୱାସରେ ଜ୍ୱର ଓ ପାର୍ଶ୍ୱ ବେଦନା ଥିଲେ ଦଶମୂଳ ପାଚନରେ ପିପ୍‌ପଳୀ ପରୀକ୍ଷ କରି ପାନ କରିବ । (ଚକ୍ରଦତ୍ତ)

## କଫ

୧) ନୂଆ ଗହମକୁ ଅରଖ କ୍ଷୀରରେ ବୁଡ଼ାଇ ଶିଶିରେ ରଖିବ ଯେତେବେଳେ ଗହମ ଅରଖ କ୍ଷୀରରେ ଫୁଲିଯିବ, ତାକୁ ଗୋଟିଏ ସରାରେ ରଖି ଆଉ ଗୋଟିଏ ସରା ଘୋଡ଼ାଇ ସନ୍ଧିସ୍ଥଳ ଗହମ ଅଠାରେ ବନ୍ଦ କରି ଶୁଖିଲା ପରେ ଘଷିନିଆଁରେ ରଖିବ ଯେପରି ଗହମ ପୋଡ଼ି ଭସ୍ମ ନ ହୁଏ, କେବଳ ଭାଜି ହୋଇଥିବ । ଶୀତଳ ହେଲା ପରେ ଚୂର୍ଣ୍ଣ କରି ରଖିବ । ଯେଉଁ ରୋଗୀର ବେଶି କଫ ପଡୁଥିବ, ଦୁଇ ରତି ହିସାବରେ ଦିନକୁ ୩ଥର ମହୁ ସଙ୍ଗେ ଦେବ । ତିନି ଦିନରେ କଫ ନିଶ୍ଚୟ ବନ୍ଦ ହେବ । ଯାହାର କଫ କଷ୍ଟରେ ପଡୁଥିବ ଏବଂ ଶୁଷ୍କକାଶ ହେଉଥିବ, ତାକୁ ମହୁ ସହିତ ନ ଦେଇ ମଲାଇ ସଙ୍ଗେ ଦେବ ।

୨) ପିପ୍‌ପଳୀ ଚୂର୍ଣ୍ଣ ମହୁ ସଙ୍ଗରେ ଖାଇଲେ କଫଜ୍ୱର ବିନଷ୍ଟ ହୁଏ ।
ଚୂର୍ଣ୍ଣମାତ୍ରା – ଦୁଇ ଅଣି ଓଜନ (ହାରିତ) ।

୩) ଅଗସ୍ତି ଫୁଲର ରସ ଅଧତୋଳା ମାତ୍ରାରେ ଖାଇଲେ ଗାଢ଼ ଶ୍ଳେଷ୍ମା ସରଳ ହୋଇ ବାହାରି ପଡ଼େ । କଫ ଭଲ ହେବା ପର୍ଯ୍ୟନ୍ତ ଖାଇବ । ଅଗସ୍ତି ଫୁଲ ନ ମିଳିଲେ ଅଗସ୍ତି ପତ୍ର ରସ (ପତ୍ରର ଶିରା ବାହାର କରି) ଏକ ତୋଳା ଖାଇବ ଏବଂ ଅଗସ୍ତିଫୁଲକୁ ସୋରିଷ ତେଲରେ ଫୁଟାଇ ସେହି ତୈଳ ଛାତିରେ ମାଲିସ୍ କରିବ ।

୪) କଫ ପ୍ରବଳ ହେଲେ କଇଞ୍ଚିକୋଳି ଗଛର ଚେର ଅଧତୋଳାକୁ ୨୭ଟି ଗୋଲମରିଚ ସହ ବାଟି ଖାଇବ ।

୫) ଗାଈଘିଅ ଏକ ସେର କରେଇରେ ତତାଇବ । ତା'ପରେ ଗୋଟିଏ ଅରଖପତ୍ର ପକାଇବ । ସେ ପତ୍ର ପାକ ହେଲା ପରେ ଆଉ ଗୋଟିଏ ପତ୍ର ପକାଇବ । ଏହିପରି ଗୋଟିଏ ପରେ ଗୋଟିଏ ଏକ ଶହ ଅରଖପତ୍ର ପକାଇ ପାକ କରିବ । ତା'ପରେ ଛାଣି ଘିଅକୁ ରଖିବ । ଏହି ଘିଅରୁ ଦୁଇ ତୋଳା ହିସାବରେ ଗହମ ରୁଟି ଏବଂ ମାଂସ ତରକାରୀ ସଙ୍ଗେ ଖାଇଲେ କଫଜ ସମସ୍ତରୋଗ ନଷ୍ଟ ହୁଏ ।

୬) ସବୁ ଋତୁରେ ଯେଉଁମାନେ କଫ ରୋଗ ପୀଡ଼ିତ, ସେମାନେ ଜୟନ୍ତୀ ପତ୍ରକୁ ଶାଗ କରି ଖାଇବେ । (ପରୀକ୍ଷିତ)

## ହିକ୍କା

୧) ମୟୁର ଚନ୍ଦ୍ରିକାକୁ ଅନ୍ତର୍ଧୂମରେ ଭସ୍ମ କରି ସେହି ଭସ୍ମରେ ପିପ୍‌ପଳୀ ଚୂର୍ଣ୍ଣ ଓ ମହୁ ମିଶାଇ ରଖିବ । ପ୍ରତି ୫ ମିନିଟ୍‌ରେ ସେଥିରୁ ଟିକିଏ ଲେଖାଏଁ ଚାଟି ଖାଇଲେ ହିକ୍‌କା ବନ୍ଦ ହୁଏ । (ଚକ୍ରଦତ୍ତ) (ବହୁ ପରୀକ୍ଷିତ)

୨) କଞ୍ଚା କଇଥର ରସ, ମହୁ ଓ ପିପ୍‌ପଳୀ ଚୂର୍ଣ୍ଣ ସହିତ ଖାଇବ ।

ମାତ୍ରା – ଫଳରସ ୧–୨ ତୋଳା (ଚରକ)

୩) ବିରି ଚୂନାକୁ ଚିଲମରେ ପୂରାଇ ବା ସିଗାରେଟ ପରି କରି ନିଆଁ ଲଗାଇ ତାର ଧୂଆଁ ପିଇଲେ ହିକ୍‌କା ବନ୍ଦ ହୁଏ ।

୪) ଶୁଖିଲା ହଳଦୀପତ୍ରକୁ ସିଗାରେଟ ପରି କରି ଧୂଆଁ ପାନ କଲେ ଅତି ଦୁସ୍ତର ହିକ୍‌କା ବନ୍ଦ ହୁଏ ।

୫) ଗୋଟିଏ କାଗେଜିଲେମ୍ବୁ ଭିତରେ ସାମାନ୍ୟ ସୈନ୍ଧବ ଲବଣ ପୂରାଇ ନିଆଁରେ ତତାଇ ଚିପୁଡ଼ି ଅଳ୍ପ ପାଣି ମିଶାଇ ପିଇଲେ ତତ୍‌କ୍ଷଣାତ୍ ହିକ୍‌କା ରୋଗ ଭଲ ହୁଏ ।

୬) ମୟୁର ଚନ୍ଦ୍ରିକା ଅନ୍ତର୍ଧୂମ ଭସ୍ମ ଦୁଇତୋଳା, ଅଳେଇଚ ଚୋପା ଭସ୍ମ ଦୁଇତୋଳା, ଶଙ୍ଖ ଭସ୍ମ ଦୁଇ ତୋଳା, ହରିଡ଼ା, ବାହାଡ଼ା, ଅଁଳା, ପିପ୍‌ପଳୀ, ଲୌହଭସ୍ମ, ପ୍ରବାଳ ଭସ୍ମ ପ୍ରତ୍ୟେକରୁ ଏକତୋଳା ଏ ସମସ୍ତ ଚୂର୍ଣ୍ଣ ଭସ୍ମ କରି ଶିଶିରେ ରଖିବ ।

**ମାତ୍ରା** – ୪ ରତି ଠାରୁ ୮ ରତି । ଗୁଣ – ହିକ୍‌କା ଏବଂ ବାନ୍ତି ବନ୍ଦ କରେ । ଊର୍ଦ୍ଧ୍ୱଗତ ବାୟୁରୋଗ ଭଲ କରେ ।

## ବାନ୍ତି

୧) ଅଁଳାଚୂର୍ଣ୍ଣ ଏକ ଭରି, ଖିସ୍‌ମିସ୍ ଏକ ଭରି, ଚିନି ଦୁଇ ଭରି ଏକତ୍ର ବାଟି କୋଳି ପରି ବଟିକା କରିବ । ଏହି ବଟିକାରୁ ଗୋଟିଏ ପାଟିରେ ରଖି ରସ ଢୋକିବ, ଚୋବାଇବ ନାହିଁ । ଦିନକୁ ୩/୪ ଟା ବଟିକା ଖାଇଲେ ବାନ୍ତି ବନ୍ଦ ହୁଏ । ଗର୍ଭାବସ୍ଥାରେ ବାନ୍ତି ହେଲେ ଏହି ଔଷଧରେ ବନ୍ଦ ହୁଏ । ( ବହୁ ପରୀକ୍ଷିତ)

୨) କର୍ପୂର ପାଣି ଦୁଇ ଚାମଚ କରି ବାରମ୍ବାର ପିଇଲେ ବାନ୍ତି ବନ୍ଦ ହୁଏ ।

୩) ଏକ ଛଟାଙ୍କି ଚିନି ସର୍ବତରେ ଦଶ ବାରଟା କଷି ଆମ୍ବପତ୍ର ଚକଟି ଛାଣି ସେହି ସର୍ବତ ପିଇଲେ ବାନ୍ତି ତତ୍‌କ୍ଷଣାତ୍ ବନ୍ଦ ହୁଏ । (ବହୁ ପରୀକ୍ଷିତ)

୪) ଅଶ୍ୱତ୍ଥ ଗଛର ଛେଲିକୁ ପୋଡ଼ି ସେହି ଜ୍ୱଳନ୍ତ ଅଙ୍ଗାରକୁ ପାଣିରେ ପକାଇ ପାଣି ପିଇଲେ ବାନ୍ତି ବନ୍ଦ ହୁଏ । (ଚକ୍ରଦତ୍ତ)

୫) ମୟୂର ଚନ୍ଦ୍ରିକାକୁ ଅନ୍ତର୍ଧୂମରେ ଭସ୍ମ କରି ସେହି ଭସ୍ମକୁ ମହୁ ସହିତ ଚାଟି ଖାଇଲେ ବାନ୍ତି ବନ୍ଦ ହୁଏ ।

୬) ଅସରପା ଲେଣ୍ଡି ୩/୪ଟା ପାଣିରେ ବତୁରାଇ ସେହି ପାଣି ପିଇଲେ ଅସାଧ ବାନ୍ତି ବନ୍ଦ ହୁଏ ।

୭) ବିଡ଼ଙ୍ଗ ଓ ମୁଥାର ଚୂର୍ଣ୍ଣ ମହୁ ସହିତ ଖାଇଲେ କଫଜ ବାନ୍ତି ପ୍ରଶମିତ ହୁଏ । (ଚରକ)

୮) ବେଲମୂଳର ଛେଲିର କ୍ୱାଥ ଶୀତଳ କରି ତହିଁରେ ମହୁ ମିଶାଇ ପିଇଲେ ବାନ୍ତି ବନ୍ଦ ହୁଏ । (ଚକ୍ରଦତ୍ତ)

୯) ବାନ୍ତି କରୁଥିବା ଲୋକକୁ ପେଟପୁରା ପାଣି ପିଆଇଦେଲେ ବାନ୍ତି ବନ୍ଦ ହୋଇଯାଏ । କାରଣ ପାକସ୍ଥଳୀ ସଙ୍କୁଚିତ ହୋଇ ରହିଥିବାରୁ ବାନ୍ତି ହୁଏ । ପାଣିରେ ପାକସ୍ଥଳୀ ପୂର୍ଣ୍ଣ ହୋଇଗଲେ ଆଉ ସଙ୍କୁଚିତ ହୋଇପାରେ ନାହିଁ କି ବାନ୍ତି ହୁଏ ନାହିଁ ।

## ରକ୍ତବାନ୍ତି ଓ ରକ୍ତପିତ୍ତ

୧) ବିଶୁଦ୍ଧ ଝୁଣା ଅଧଭରିକୁ ଚୂର୍ଣ୍ଣ କରି ଦୁଇଅଣା ଓଜନ ମୟୁର ଚନ୍ଦ୍ରିକା ଭସ୍ମ ସହିତ ମିଶାଇ ବୟସ ଅନୁସାରେ ଏହି ଔଷଧ ଏକ ରତିଠାରୁ ତିନିରତି ପର୍ଯ୍ୟନ୍ତ ମାତ୍ରାରେ ଦିନକୁ ଦୁଇ ଥର ମହୁ ସହିତ ଖାଇଲେ ଏକ ସପ୍ତାହରେ ନିଶ୍ଚୟ ରକ୍ତବାନ୍ତି ବନ୍ଦ ହେବ ।

୨) ଦୁଇ ତୋଳା ବାସଙ୍ଗପତ୍ର ରସ, ପାଞ୍ଚଅଣା ଓଜନ ତାଳିଶ ପତ୍ର ଚୂର୍ଣ୍ଣ ଓ ପାଞ୍ଚ ଅଣା ଓଜନ ମହୁ ଏକତ୍ର କରି ପିଇଲେ ରକ୍ତବାନ୍ତି ବନ୍ଦ ହୁଏ । (ଚରକ)

୩) ରକ୍ତପିତ୍ତ ରୋଗୀ ଶ୍ୱେତପୁଷ୍ପ ବେଗୁନିଆର ପତ୍ରକୁ ଘିଅରେ ଭାଜି ସେବନ କରିବ । (ସୁଶ୍ରୁତ)

୪) ରକ୍ତପିତ୍ତ ରୋଗୀକୁ ବାସଙ୍ଗପତ୍ର ରସରେ ଚିନି ଓ ମହୁ ମିଶାଇ ଖୁଆଇବ । (ସୁଶ୍ରୁତ)

୫) ଶିମୂଳି ଫଳର ଚୂର୍ଣ୍ଣକୁ ମହୁ ସହିତ ଖାଇଲେ ରକ୍ତପିତ୍ତ ନିବାରିତ ହୁଏ । (ଚକ୍ରଦତ୍ତ)

୬) ମୋଚରସକୁ ମହୁ ସହିତ ଖାଇଲେ ରକ୍ତପିତ୍ତ ନିବାରିତ ହୁଏ । ଶିମୂଳି ଗଛର ଅଠାକୁ ମୋଚରସ କହନ୍ତି ।

ମୋଚରସ ମାତ୍ରା – ୪-୮ ଅଣା ଓଜନ ।

୭) କଦଳୀ ବାହୁଙ୍ଗାକୁ କାଟିଲେ ଯେଉଁ ରସ ବାହାରେ, ତାହା ପାନ କଲେ ରକ୍ତବାନ୍ତି, ରକ୍ତପିତ୍ତ, ଅତିସାର ଶାନ୍ତ ହୁଏ ।

୮) ଆଖୁର ଦୋରୁଅ ପାନ କଲେ ରକ୍ତପିତ୍ତ ଭଲ ହୁଏ । (ଚରକ)

## ରକ୍ତମୂତ୍ର

୧) ଅଁଳା ରସ ଓ ଆଖୁ ରସ ପ୍ରତ୍ୟେକରୁ ୩ ତୋଳା ଏକତ୍ର ମିଶାଇ ତହିଁରେ ଏକ ଚାମଚ ମହୁ ମିଶାଇ ପାନ କଲେ ଯନ୍ତ୍ରଣାଦାୟକ ରକ୍ତମୂତ୍ର ଭଲ ହୁଏ । (ବଙ୍ଗସେନ)

୨) ଚଢ଼େଇଗୁଡ଼ି ପତ୍ରର କ୍ୱାଥ ପିଇଲେ ରକ୍ତମୂତ୍ର ବନ୍ଦ ହୁଏ । (ଦୁଇ ତୋଳା ଓଜନ ପତ୍ରକୁ ଅଧସେର ପାଣିରେ ସିଝାଇ ଅବଶେଷ ଏକ ଛଟାଙ୍କି ଛାଣି ପିଇବ) (ଦିନକୁ ଚାରିଥର)

## କଲେରା (ବିସୂଚିକା)

ଗୋଟିଏ ହେମକେଦାର ପତ୍ର ଏବଂ ୨୫ଟି ଗୋଲମରିଚ ଏକତ୍ର ବାଟି ପାଣି ମିଶାଇ ରୋଗୀକୁ ପିଆଇଦେବ । ଝାଡ଼ା ବା ବାନ୍ତି ପୁନରପି ହେଲେ ଆଉ ଗୋଟିଏ ଅମରପୋଇ ପତ୍ର ଏବଂ ୨୫ଟି ଗୋଲମରିଚ ବାଟି ପାଣି ମିଶାଇ ପିଆଇବ । ଏହିପରି ୩/୪ ପାନରେ ରୋଗୀ ନିଶ୍ଚୟ ଆରୋଗ୍ୟ ହେବ । ଏହି ଔଷଧରେ ଶତକଡ଼ା ଶହେ ରୋଗୀ ଭଲ ହୋଇଛନ୍ତି । ଗତ ୧୮ ବର୍ଷ ଭିତରେ ମୁଁ ଯେତେ କଲେରା ରୋଗୀଙ୍କୁ ଚିକିତ୍ସା କରିଛି, କେହି ମରିନାହାନ୍ତି କିମ୍ବା ଏହି ଔଷଧରେ କେହି ମରିବାର ମୁଁ ଶୁଣିନାହିଁ । ରୋଗରେ ଯେକୌଣସି ଅବସ୍ଥାରେ ନିର୍ଭୟରେ ଏହି ଔଷଧ ଦେବାକୁ ଅନୁରୋଧ କରୁଅଛି । (ବହୁ ପରୀକ୍ଷିତ)

ହେମକେଦାରର ଅନ୍ୟ ନାମ – ହେମସାଗର, ପତ୍ରଗଜା, ପାଥରକୁଚି । ଏହି ଗଛ ସମସ୍ତଙ୍କ ବାଡ଼ିରେ ରଖିବା ଉଚିତ୍ । କୁଣ୍ଡରେ ମଧ ଏହି ଗଛ ବଞ୍ଚେ ।

ହେମକେଦାର ମିଳିବା ପର୍ଯ୍ୟନ୍ତ ଅରଖମୂଳ ଛାଲି ଏବଂ ଗୋଲମରିଚ ସମଭାଗ ଅଦାରସରେ ବାଟି ଚଣା ପରି ବଟିକା କରିବ । ଏଥିରୁ ଗୋଟିଏ ବଟିକା ଖାଇଲେ ଭଲ ହୁଏ । ଏହି ବଟିକା ସାଙ୍ଗରେ ରଖିଥିଲେ ଅସମୟରେ ବହୁତ କାମ ଦେବ ।

## କଲେରା ପ୍ରତିଷେଧକ

ଗନ୍ଧଗୁହାରିଆ ମଞ୍ଜି ଗୋଟିଏ ବାଟି କରି ପିଇଲେ ଛମାସ ପର୍ଯ୍ୟନ୍ତ କଲେରା ହେବ ନାହିଁ । ଔଷଧ ଖାଇବା ପରେ ଟିକିଏ ପାଣି (ଫୁଟା ହୋଇ ଥଣ୍ଡା ହୋଇଥିବା) ପିଇବ । (ବହୁ ପରୀକ୍ଷିତ)

## ଋତୁରୋଧ, ଅସମ୍ୟକ୍ ଋତୁ

୧) ମୁସବ୍ବର, ହୀରାକସ୍, ଡ଼ାଲଚିନି, ଟାଙ୍ଗଣା ଖଇ ସମଭାଗ ନେଇ ପାଣିରେ ବାଟି ଦୁଇରତି ପ୍ରମାଣେ ବଟିକା କରି ଦିନକୁ ଦୁଇଟି ବଟିକା ସକାଳେ ଓ ସନ୍ଧ୍ୟାରେ ୧୫ ଦିନ ଖାଇବ । ପାଣିରେ ବାଟିବା ଅପେକ୍ଷା ଘିକୁଆଁରୀ ରସରେ ମର୍ଦ୍ଦନ କରି ବଟିକା କରି ଖାଇଲେ ବିଶେଷ ଫଳପ୍ରଦ ହୁଏ । (ବହୁ ପରୀକ୍ଷିତ)

୨) ଗୋଠକାକୁଡ଼ି ଚେରକୁ ବାଟି ଗୁଳାକରି ଯୋନି ମଧ୍ୟରେ ରଖିଲେ ରଜଃପ୍ରବୃତ୍ତ ହୁଏ । ଏହାଦ୍ୱାରା ଗର୍ଭପାତ ମଧ୍ୟ ହୋଇଯାଏ । (ରାଜମାର୍ତ୍ତଣ୍ଡ)

୩) ପାଳଧୂଆ ପତ୍ର ରସ ସକାଳେ ଏକ ତୋଳା ଓ ସନ୍ଧ୍ୟାରେ ଏକ ତୋଳା ଅନ୍ତତଃ ୧୫ ଦିନ ଖାଇବ ।

୪) କାଞ୍ଜି ପାଣିରେ ଦୁଇଟି ମନ୍ଦାର ଫୁଲକୁ ବାଟି ପାନ କଲେ ସ୍ତ୍ରୀ ଋତୁମତୀ ହୁଏ । ରଜଃକୃଚ୍ଛ, ରଜରୋଧ ଏବଂ ବିଳମ୍ବ ଋତୁରେ ଅର୍ଥାତ୍ ଅଧିକ ବୟସ ପର୍ଯ୍ୟନ୍ତ ଯେଉଁମାଙ୍କର ଋତୁ ହୁଏ ନାହିଁ, ସେମାନଙ୍କ ଠାରେ ଏହି ଔଷଧ ପ୍ରୟୋଗ କରିବ । (ସାତ ଦିନ ଖାଇବ)

୫) ମୂଳାମଞ୍ଜି, ଗାଜର ମଞ୍ଜି, ମେଥି ପ୍ରତ୍ୟେକରୁ ଏକ ଛଟାଙ୍କି ଚୂର୍ଣ୍ଣ କରି କନାରେ ଛାଣି ରଖିବ ।

ମାତ୍ରା – ଅଧତୋଳା

ସକାଳ ଓ ସନ୍ଧ୍ୟାରେ ଗରମ ପାଣିରେ ଖାଇଲେ ଋତୁ ନିୟମିତ ଭାବରେ ହୁଏ । ୪ ଦିନ ଏହି ଔଷଧ ଖାଇବ ।

## ପୁଷ୍ପବତୀ ହେବାକୁ

୧) ରାଶିକୁ ବତୁରାଇ ବାଟି ତାର ରସ ଦୁଇ ତୋଳା, ଓସ୍ତଛାଲିର ରସ ଏକତୋଳା, ରଙ୍ଗକଇଁ କନ୍ଦା ଏକ ତୋଳା, ମନ୍ଦାର ଫୁଲ ଗୋଟିଏ ଏକତ୍ର ମିଶାଇ ଖୁଆଇଲେ ନାରୀ ନିଶ୍ଚୟ ପୁଷ୍ପବତୀ ହେବ । (ପରୀକ୍ଷିତ)

୨) ସୁନାରି ପତ୍ର ଚକଟି ଯୋନି ରନ୍ଧ୍ରରେ ପୂରାଇ ୩ଟି ସୁନାରି ପତ୍ର ତା ଉପରେ ଦେଇ କଛା ମାରିବ । ପରିସ୍ରା କଲାବେଳେ ବାହାର କରିଦେଉଥିବ ।

୩) କଳାଦୁଦୁରା ପତ୍ର ସାତୋଟି ଯୋନି ଉପରେ ରଖି କଛା ମାରିବ । ପରିସ୍ରା କଲାବେଳେ କାଢ଼ି ପକାଉଥିବ ।

୪) ଜେଉଟ ଫୁଲକୁ କେରାଣ୍ଡି ମାଛ ସଙ୍ଗେ ବାଟି ନାଭିରେ ଲେପ ଦେଲେ ଅଳ୍ପ ସମୟ ଭିତରେ ଋତୁସ୍ରାବ ହୁଏ ।

## ଋତୁଶୂଳ ବା ବାଧକ

ଝିଅଙ୍କର ଋତୁର ପୂର୍ବଦିନ ଠାରୁ ଋତୁର ପ୍ରଥମ ବା ଦ୍ୱିତୀୟ ଦିନ ପର୍ଯ୍ୟନ୍ତ ଭୟଙ୍କର ପେଟବ୍ୟଥାକୁ ବାଧକ କହନ୍ତି । ଏହି ରୋଗର ପ୍ରତିକାର ନ କଲେ ସନ୍ତାନ ହେବାର ସମ୍ଭାବନା ଖୁବ୍ କମ୍ ।

୧) ରଙ୍ଗକଇଁ କନ୍ଦା, ତାଳମୂଳି, ଶତାବରୀ ପ୍ରତ୍ୟେକରୁ ଏକତୋଳା, ଗୋଲମରିଚ ଏକୋଇଶିଟି କଞ୍ଚାଦୁଧରେ ଅଥବା ପାଣିରେ ବାଟି ନବାତ ଅଥବା ପୁରୁଣା ଗୁଡ଼ରେ ମିଶାଇ ସ୍ତ୍ରୀ ଋତୁସ୍ନାନ ଦିନ ଖାଇବ । ଲାଗ୍ ଲାଗ୍ ୩ ଦିନ ଖାଇବ । (ପରୀକ୍ଷିତ)

**ପଥ୍ୟ** - ଦୁଧ ଭାତ ଖାଇବ ।

**ଅପଥ୍ୟ** - ଲୁଣ, ଲଙ୍କାମରିଚ, ଖଟା, ଆମିଷ ଖାଇବ ନାହିଁ ।

୨) ରଙ୍ଗ କଇଁ କନ୍ଦା ଏକ ତୋଳା ୨୧ଟି ଗୋଲମରିଚ ସହ ବାଟି ରଖିବ । ଶୁଦ୍ଧସ୍ନାନ ଦିନ ସ୍ତ୍ରୀଲୋକ ଘରର ବାହାରେ ଗାଧୋଇ, ଓଦାଲୁଗା ପିନ୍ଧି, ମୁଣ୍ଡ ମୁକୁଳା କରି ପୂର୍ବଦିଗକୁ ମୁହଁ କରି ଓଳିତଳେ ଠିଆ ହେବ । ଆଉ ଜଣେ ଲୋକ ବଟା ହୋଇଥିବା ଔଷଧକୁ ତାକୁ ବଢ଼ାଇଦେଲେ ସେ ସେହି ଓଳିତଳେ ଖାଇଦେଇ ଘର ଭିତରକୁ ଆସିବ । ସେହିଦିନ ସେ ହବିଷ କରିବ । ତାର ପରଦିନ ଠାରୁ ଉପରୋକ୍ତ ନିୟମ କିଛି ନମାନି କେବଳ ରଙ୍ଗକଇଁ କନ୍ଦା ଅଧତୋଳା, ଗୋଲମରିଚ ୧୫ଟି, ନବାତ ଏକତୋଳା ଏକତ୍ର କରି ସକାଳେ ଖାଲି ପେଟରେ ଖାଇବ । ଏହିପରି ୫ଦିନ ଖାଇଲେ ଋତୁଶୂଳ ବା ବାଧକ ରୋଗ ନିବାରିତ ହୁଏ । (ପରୀକ୍ଷିତ)

୩) ମୁସବ୍ବର, ହୀରାକସ, ଅଫିମ, ଡ଼ାଲଚିନି ସମଭାଗ ଏକତ୍ର ମର୍ଦ୍ଦନ କରି ଦୁଇରତି ମାତ୍ରାରେ ବଟିକା କରି ଦିନରେ ଦୁଇଥର ଓ ରାତିରେ ଏକ ଥର ପାଣି ସଙ୍ଗେ ଖାଇବ । ଏକ ସପ୍ତାହ ଖାଇବ । (ଆର୍ଯ୍ୟ)

୪) ଓଲଟ କମଳ ମୂଳ ଛେଲିର ଚୂର୍ଣ୍ଣ ସୁକି ଓଜନ ୨୧ଟା ଗୋଲମରିଚ ସଙ୍ଗେ ବାଟି ଋତୁର ପ୍ରଥମ ଦିନ ଠାରୁ ସାତ ଦିନ ପର୍ଯ୍ୟନ୍ତ ଖାଇବ । ଏହି ନିୟମରେ ୫/୬ ଋତୁ ଖାଇଲେ କ୍ରମଶଃ ଜରାୟୁ ଦୋଷ ସଂଶୋଧନ ହୋଇ ରୋଗିଣୀ ଆରୋଗ୍ୟ ହୁଏ । ଅଦୃଷ୍ଟକ୍ରମେ ସନ୍ତାନାଦି ହେବା ସମ୍ଭବ ।

ଔଷଧ ସେବନ ସମୟରେ ସହବାସ ତ୍ୟାଗ ଓ ପବିତ୍ରାଚାର ଆବଶ୍ୟକ ।

୫) ପୋକସୁଙ୍ଘା ଚେର ସୁକି ଓଜନ ଶୀତଳ ଜଳରେ ବାଟି ଋତୁର ପ୍ରଥମ ଦିନ ଠାରୁ ସାତ ଦିନ ଖାଇବ । ଏହି ନିୟମରେ ୫/୭ ଋତୁ ସେବନ କଲେ ରୋଗମୁକ୍ତ ହେବ ।

**ପଥ୍ୟ** - ଅଳ୍ପ ଆଉଟା ଦୁଧ ସଙ୍ଗେ ଅନ୍ନଭୋଜନ ।

ଔଷଧ ସେବନ ସମୟରେ ସହବାସ ତ୍ୟାଗ ।

## ସୂତିକା

୧) ବଡ଼ ଶାମୁକା ଭିତରେ ହଳଦୀବର୍ଣ୍ଣର ଫୁଲ ପରି ଏକ ପଦାର୍ଥ ଅଛି । ଏହି ହଳଦିଆ ବର୍ଣ୍ଣର ପଦାର୍ଥଟି ଖଣ୍ଡେ ପାଚିଲା କଦଳୀ (ଯାହାକୁ ଗିଳି ପାରିବ) ଭିତରେ ପୂରାଇ ରୋଗୀକୁ ଖୁଆଇଦେବ ।

**ସେବନ ବିଧି -** ରୋଗୀ ଶେଯରୁ ଉଠିବା ପୂର୍ବରୁ ପୂର୍ବରୁ ମୁହଁ ନଧୋଇ ଶେଯ ଉପରେ ରହି ଏହି ଔଷଧ ଖାଇବ । ପାଟିରେ ଅଳ୍ପ ପାଣି ରଖି ଏହି ଔଷଧ ଗିଳିପକାଇବ, ଚୋବାଇବ ନାହିଁ । ଯେ ରୋଗୀକୁ ଔଷଧ ଖୁଆଇବ, ସେଦିନ ରୋଗୀ ସଙ୍ଗେ ଆଉ ଦେଖାସାକ୍ଷାତ କରିବ ନାହିଁ । ଔଷଧ ଖାଇବାର ପରଦିନ ଠାରୁ ରୋଗୀକୁ ଭଲ ଲାଗିବ । ଏକ ସପ୍ତାହ ପରେ ସମ୍ପୂର୍ଣ୍ଣ ଭାବେ ରୋଗମୁକ୍ତ ହେବ ।

୨) ପୀତପୁଷ୍ପ ଦାସକେରେଣ୍ଟା ଚେର ଦୁଇଅଣି ଓଜନ ଓ ଗୋଲମରିଚ ୩ଟା ଥଣ୍ଡା ପାଣିରେ ବାଟି ପ୍ରତ୍ୟହ ସକାଳେ ୭ଦିନ ଖାଇବ ।

୩) ସୂତିକା ଝାଡ଼ାକୁ - ହରିଡ଼ା ୧ ତୋଳା, ବେଲପତ୍ର ୪ ତୋଳା, କଷାଗୁଆ ଦୁଇ ଗୋଟା ୪ସେର ପାଣିରେ ସିଝାଇ ଅଧସେର ଅବଶେଷ ରହିଲେ ଛାଣି ସେଥିରେ ଗୋଲମରିଚ ଓ ପିପ୍ପଳୀ ପରୀକ୍ଷ ରେ ଖାଇବ ।

୪) ଚାଉଳକୁ ରାନ୍ଧି ପେଜ ବାହାର କରିବ । ସେହି ପେଜରେ ଲୁଣ, ଘିଅ, ଜୀରା ଓ ହିଙ୍ଗୁ ଯୋଗରେ ବଘାରିବ । ପ୍ରସବ ହେବାର ୨/୩ ଦିନ ପର୍ଯ୍ୟନ୍ତ ପୋଖତୀ ସ୍ତ୍ରୀକୁ ପିଆଇଲେ ସୂତିକା ରୋଗ ହେବ ନାହିଁ । ହିଙ୍ଗୁ ମାତ୍ରା - ୪ ରତି ।

## ସ୍ତ୍ରୀ ରୋଗ (ଯାବତୀୟ ସ୍ତ୍ରୀ ରୋଗ)

୧) ଯାବତୀୟ ସ୍ତ୍ରୀ ରୋଗ, ଯଥା - ନାନା ପ୍ରକାର ପ୍ରଦର, ରଜଃସ୍ରାବ, ରଜଃଶୂନ୍ୟତା, ଅତିରଜ, ଅନିୟମିତ ଋତୁ, ବନ୍ଧ୍ୟା, ମୃତବତ୍ସା, ଜରାୟୁ ଓ ଓଭାରିରେ ଯାବତୀୟ ଦୋଷ, ସ୍ୱାସ୍ଥ୍ୟ ଓ ଲାବଣ୍ୟହୀନତା, ତଳିପେଟ ଓ ଅଣ୍ଟାରେ ବେଦନା ଏବଂ ଶୂଳ ଓ ସୂତିକା ଇତ୍ୟାଦି ନିମ୍ନଲିଖିତ ଔଷଧରେ ବନ୍ଦ ହୁଏ ।

ମୁତୁରୀ ଲତାର ଚେର ଚୂର୍ଣ୍ଣ - ଏକଭାଗ, ଶୁଣ୍ଠି ଚୂର୍ଣ୍ଣ - ଅଧଭାଗ ଗୋଲମରିଚ ଚୂର୍ଣ୍ଣ, ଅଧଭାଗ ଏକତ୍ର କରି କାଚ ଶିଶିରେ ରଖିବ । ପ୍ରତିଦିନ ସକାଳେ ଦୁଇ ଅଣା ଓଜନ ଚୂର୍ଣ୍ଣ ଖାଇବ । ଅନ୍ତତଃ ଦୁଇ ମାସ ଖାଇବାକୁ ହେବ । ବନ୍ଧ୍ୟା ସ୍ତ୍ରୀର ପିଲା ହେବାକୁ ଅନ୍ତତଃ ୪ ମାସ ଖାଇବାକୁ ହେବ ।

ମୁତୁରୀ ଲତା ଦେଖିବାକୁ ଆଳୁଲତା ପରି, କିନ୍ତୁ ଦେହରେ କଣ୍ଟା ଥାଏ । ଏହାକୁ ଦାନ୍ତକାଠି କରନ୍ତି । ଏହାର ମୂଳରେ ଶତାବରୀ ଚେର ପରି ବହୁତ ଚେର ଥାଏ । ଏହାକୁ କୁମ୍ଭାଟୁଆ ମଧ୍ୟ କହନ୍ତି ।

## ଅପସ୍ମାର (ମୃଗୀ) - (ମୂର୍ଚ୍ଛାରୋଗ)

୧) ଶ୍ୱେତ ଶୁଖିଲା ଅରଖଫୁଲ ୩ ରତି (କଞ୍ଚା ୬ରତି) ଓ ଗୋଲମରିଚ ୩ ରତି ଏକତ୍ର ମିଶାଇ ରୋଗୀକୁ ସକାଳେ ଖାଲି ପେଟରେ ଖୁଆଇବ । ଏହିପରି ସାତଦିନ ଖୁଆଇବ । ଅପରାହ୍ନରେ ରୋଗୀର ପାଦତଳେ ଅରଖ କ୍ଷୀର (ଶ୍ୱେତ ବା ରକ୍ତ ଯାହା ମିଳିବ) ଲଗାଇ ତା ଉପରେ ଗୋଲମରିଚ ଗୁଣ୍ଡ ପକାଇ ଅରଖପତ୍ର ଦେଇ ବାନ୍ଧିବ । ଏହିପରି ୪୦ ଦିନ କରିବ । (ପରୀକ୍ଷିତ)

୨) ନାଲି ପଦ୍ମର ମୂଳ ଓ ହିଙ୍ଗୁଳ ସମଭାଗ ବାଟି କନା ଉପରେ ରଖି ବଳିତା କରିବ ଏବଂ ସେହି ବଳିତାକୁ ଗୁଆଘିଅରେ ବୁଡ଼ାଇ ସାମାନ୍ୟ ଗରମ କରି ଦୁଇ ନାକ ପୁଡ଼ାରେ ଦୁଇଟି ବଳିତା ପୂରାଇବ । ନାକର ଯେତେ ଭିତରକୁ ଯାଇପାରେ, ସେତେ ଭିତରକୁ ଦେଇ ୪/୫ ଘଣ୍ଟା ରଖିବ । ପ୍ରଥମେ ଛିଙ୍କ ହୋଇ ବଳିତା ବାହାରି ଆସିବ । ୩/୪ ଦିନ ପରେ ବେଶି ସମୟ ନାକ ଭିତରେ ରହିପାରିବ । ୩/୪ ଘଣ୍ଟା ନାକ ଭିତରେ ରହିଲେ ମୃଗୀ ପୋକ ସେହି ବଳିତାକୁ କାମୁଡ଼ି ଧରିବ ଏବଂ ବଳିତା ସଙ୍ଗେ ବାହାରିଆସିବ ।

(ପରୀକ୍ଷା ହୋଇନାହିଁ । ପରୀକ୍ଷା କରି ପ୍ରକାଶ କରିବାକୁ ଅନୁରୋଧ)

୩) ପାରାବିଷ୍ଠା, ମନଃଶିଳା, ରସାଞ୍ଜନ ସମସ୍ତ ଏକତ୍ର ବାଟି ଅଞ୍ଜନ ଦେଲେ ଅପସ୍ମାର ଓ ଉନ୍ମାଦ ଶାନ୍ତ ହୁଏ । (ଚକ୍ରଦତ୍ତ)

୪) ପ୍ରତିଦିନ ବଚର ଚୂର୍ଣ୍ଣ ଓ ମହୁ ଗାଈ ଦୁଧରେ ମିଶାଇ ଖାଇଲେ ଦୀର୍ଘକାଳର ଅତି ଉତ୍କଟ ଅପସ୍ମାର ଶାନ୍ତ ହୁଏ । (ଚକ୍ରଦତ୍ତ)

ବଚ ଚୂର୍ଣ୍ଣ ମାତ୍ରା – ଦୁଇ ଅଣି ଓଜନ ।

୫) ମନୁଷ୍ୟ ଗଳାରେ ଯେଉଁ ଦଉଡ଼ି ଦେଇ ଆତ୍ମହତ୍ୟା କରିଥାଏ ସେହି ଦଉଡ଼ିର ଫାସକୁ ଭସ୍ମ କରି ଥଣ୍ଡା ପାଣିରେ ସେବନ କଲେ ଅତି ଉତ୍କଟ ଅପସ୍ମାର ଶାନ୍ତ ହୁଏ । (ଚକ୍ରଦତ୍ତ)

୬) ରସୁଣ ତେଲ ସହ, ଶତାବରୀ ରସ ଦୁଧ ସହ, ବ୍ରାହ୍ମୀରସ ମହୁ ସହ ସେବନ କଲେ ସକଳ ପ୍ରକାର ଅପସ୍ମାର ଶାନ୍ତ ହୁଏ ।

୭) ଅପସ୍ମାର ରୋଗରେ ହୃଦୟ କମ୍ପ, ନେତ୍ରପୀଡ଼ା, ସ୍ୱେଦ ଓ ହସ୍ତପାଦାଦିରେ ଶୀତଳତାର ଶାନ୍ତ ସକାଶେ ଦଶମୂଳ କ୍ୱାଥ ଦେବ । (ଚକ୍ରଦତ୍ତ)

୮) ଧଳାବଚ ୬ ମସା, କୁଡ଼ ୬ ମସା, ସଫା ଚନ୍ଦନଗୁଣ୍ଡା ୩ ମସା, କସ୍ତୁରୀ ୧ ରତି, କେଶର (ଜାଫ୍ରାନ୍) ୬ ମସା, କର୍ପୂର ୬ ମସା, ହିଙ୍ଗୁ ୬ ମସା – ସବୁ ପଦାର୍ଥକୁ ଅଲଗା ଅଲଗା ଚୂର୍ଣ୍ଣ କରି ରଖିବ । କସ୍ତୁରୀ ଓ କେଶରକୁ ଗୋଲାପ ଅର୍କରେ ମର୍ଦ୍ଦନ କରି ଅନ୍ୟ ସବୁ ଚୂର୍ଣ୍ଣରେ ମର୍ଦ୍ଦନ କରିବ । ତାପରେ ଗୋଲାପ ଅର୍କ ପକାଇ ୧୨ ଘଣ୍ଟା ମର୍ଦ୍ଦନ କରି ୫୦ଟା ବଟିକା କରିବ ।

**ସେବନବିଧି** – ସକାଳ, ମଧ୍ୟାହ୍ନ ଓ ରାତ୍ରରେ ଗୋଟିଏ ଲେଖାଏଁ ବଟିକା ଅଧତୋଳା, ମହୁ ସହିତ ଖାଇଲେ ଭୟଙ୍କର ଅପସ୍ମାର ଭଲ ହୁଏ । ୪୦ ଦିନ ଔଷଧ ଖାଇବ । ପ୍ରଦର ଦୋଷ ଥିଲେ ଅଶୋକାରିଷ୍ଟ ଏକ ତୋଳା ସମଭାଗ ପାଣି ମିଶାଇ ଭୋଜନ ପରେ ଖାଇବ ।

୯) ମକରଧ୍ୱଜ, କସ୍ତୁରୀ ଓ ଶୁଦ୍ଧ ମନଃଶୀଳା, ପ୍ରତ୍ୟେକରୁ ସୁଉକି ଓଜନ ଏକତ୍ର ମର୍ଦ୍ଦନ କରିବ । ତା'ପରେ ପାନ ରସରେ ମର୍ଦ୍ଦନ କରି ଗୋଟିଏ ଗୁଳାପରି କରି ଖରାରେ ଶୁଖାଇବ । ତା'ପରେ ସେହି ଗୁଳାକୁ ଜଡ଼ାପତ୍ର (ଏରଣ୍ଡ)ରେ ଗୁଡ଼ାଇ ଧାନ ଭିତରେ ୧୫ ଦିନ ରଖିବ । ତା'ପରେ ଏକ ରତି ହିସାବରେ ବଟିକା କରି ଶିଶିରେ ରଖିବ ।

**ମାତ୍ରା** – ଗୋଟିଏ ବଟିକା ମହୁ ସହିତ ସକାଳ ଓ ସନ୍ଧ୍ୟାରେ ଖାଇବ ।

୧୦) ପାଣିକଖାରୁ ରସରେ ସୁଉକି ଓଜନ ଯାଠି ମହୁ (ଯାଷ୍ଟିମଧୁ) ଚୂର୍ଣ୍ଣ ମିଶାଇ ସକାଳେ ଖାଲି ପେଟରେ ଖାଇବ । ଏହିପରି ୩ ଦିନ ଖାଇଲେ ଅପସ୍ମାର ରୋଗ ନଷ୍ଟ ହୁଏ । (ବଙ୍ଗସେନ)

## ମିଳିମିଳା

୧) ବରକୋଳି ଗଛର ଅଗି (ଦୁଇ ତିନୋଟି କଅଁଳପତ୍ର ମୋଡ଼ି ହୋଇଥାଏ) କଅଁଳ ଢ଼େଙ୍ଗ ସହିତ ଆଠଗୋଟି, ଗୋଟିଏ ଲବଙ୍ଗ (ଫୁଲ କାଢ଼ିଦେଇ), ଗୋଟିଏ ଅଳେଇଚର ସବୁ ମଞ୍ଜି, ଏକ ତୋଳା ମିଶ୍ରି ଏକତ୍ର ବାଟି ପାଣିରେ ମିଶାଇ ଏକ ପାନ ମାତ୍ର ଖାଇବାକୁ ଦେବ । ଚାମଚ ଚାମଚ କରି ପିଆଇବ, ଯେପରି ବାନ୍ତି ନହୁଏ । ଅନ୍ୟ କୌଣସି ଔଷଧ ଦେବ ନାହିଁ । ଏହି ଔଷଧରେ ଶତକଡ଼ା ଶହେ ରୋଗୀ ଭଲ କରି ନଥିଲେ ଅନ୍ୟ କୌଣସି ଔଷଧ ଦେବ ନାହିଁ ବୋଲି କହିବାକୁ ସାହସ କରନ୍ତି ନାହିଁ । ୧୦୪ ଡ଼ିଗ୍ରୀ ଜ୍ୱର ଥାଇ ଆଖିରେ ଲେନ୍ଦରା ଭର୍ତ୍ତି ହୋଇ ଆଖିବନ୍ଦ ହୋଇଥାଏ, ସର୍ଦ୍ଦିଯୋଗୁଁ ନାକବାଟେ ନିଶ୍ୱାସ ନେଇ ହେଉନଥାଏ, ଏହିପରି ଅବସ୍ଥାରେ ଅନେକ ରୋଗୀ ଏବଂ ମୋ ପିଲାମାନଙ୍କୁ ଏକ ପାନ ଔଷଧରେ ଭଲ କରିଛି । ଗତ ୨୭ ବର୍ଷ ଭିତରେ ଯେତେ ରୋଗୀ ଏହି ଔଷଧ ଖାଇଛନ୍ତି, ସମସ୍ତେ ଭଲ ହୋଇଛନ୍ତି । ଛୋଟ ପିଲାମାନେ ଏହିରୋଗରେ ବଡ଼ କଷ୍ଟ ପାଆନ୍ତି, ତେଣୁ ଏହି ଔଷଧ ବ୍ୟବହାର କରିବାକୁ ମୋର ଅନୁରୋଧ ।

## ବସନ୍ତ

୧) ବସନ୍ତ ହେଲା ମାତ୍ରେ ଏକ ତୋଳା ଫଣଫଣା ଗଛର ଛେଲି ବାଟି ରୋଗୀକୁ ପିଆଇଦେବ ଏବଂ ୩/୪ ତୋଳା ଛେଲି ବାଟି ଦେହରେ ଲଗାଇଦେବ । ଏକାଦିନକେ ରୋଗୀ ରୋଗମୁକ୍ତ ହେବ । ଏହି ଔଷଧ ଦୁଇ ଦିନ ଦେଲେ କିଛି କ୍ଷତି ନାହିଁ । (ପରୀକ୍ଷିତ)

୨) ବସନ୍ତ ରୋଗର ପ୍ରଥମ ଅବସ୍ଥାରେ କୋଷ୍ଠବଦ୍ଧ ଥିଲେ ଏକ ତୋଳା ମଞ୍ଜୁଆତି ଗଛର ଚେର (ମେହେନ୍ଦି)କୁ ଅଧସେର ପାଣିରେ ପାକ କରି ଅବଶେଷ ଏକ ଛଟାଙ୍କି ରହିଲେ ଛାଣି ପିଇବ । ଏଥିରେ ଝାଡ଼ା ସଫା ହେବ । ମଞ୍ଜୁଆତି ନ ମିଳିଲେ ସୁନାମୁଖୀ, ଧନିଆ, ମିଶ୍ରି ପ୍ରତ୍ୟେକ ସୁକି ଓଜନ ଏକପାଆ ପାଣିରେ ସିଝାଇ ଏକ ଛଟାଙ୍କି ଅବଶେଷ ରହିଲେ ଛାଣି ରୋଗୀକୁ ଖୁଆଇବ । ପରେ ନିମ ଛେଲି ଅଧଛଟାଙ୍କି, ହଳଦୀ ୫ ସୁକି ଓଜନ, ପୋସ୍ତକଦାନା ଏକ ତୋଳା, ବେଗୁନିଆ ଛାଲି ଅଧଛଟାଙ୍କି ପାଣିରେ ଏକସେରରେ ସିଝାଇ ଅବଶେଷ ଏକ ପାଆ ଛାଣି କରି ରଖିବ । ଏଥିରୁ ଅଧଛଟାଙ୍କି ଲେଖାଏଁ ୪ ଘଣ୍ଟା ଅନ୍ତରରେ ଖାଇବାକୁ ଦେବ । ବଳକାରକ ଆହାର ଏକାନ୍ତ ଆବଶ୍ୟକ । କର୍ପୂର ଖାଇବାକୁ ଦେବ ।

କର୍ପୂର ମାତ୍ରା – ଏକ ରତି ଠାରୁ ଚାରି ରତି ।

ମଞ୍ଜିଛଡ଼ା ବରକୋଳିର ଚୂର୍ଣ୍ଣ ସୁକି ଓଜନ ଓ ଗୁଡ଼ ସୁକି ଓଜନ ମିଶାଇ ଖାଇଲେ ବସନ୍ତର ଗୁଟି ପାଚେ ଏବଂ ଯନ୍ତ୍ରଣା କମ୍ ହୁଏ । ବସନ୍ତରୋଗୀର ପାଦ ତଳିପାରେ ମଞ୍ଜୁଆତି ପତ୍ର ବାଟି ଲଗାଇଲେ ରୋଗୀର ଆଖିରେ ବସନ୍ତ ହୁଏ ନାହିଁ ।

୩) ଅଧତୋଳା ଅପମାରଙ୍ଗ ଚେରକୁ ଚିକ୍କଣ କରି ବାଟି ଏକ ଛଟାଙ୍କି ଗଙ୍ଗାଜଳ ଅଭାବରେ କୂଅପାଣିରେ ମିଶାଇ ସେଥିରୁ ୧୧ ଟୋପା ରୋଗୀକୁ ପିଆଇଦେବ । ଅବଶିଷ୍ଟ ତୂଳାରେ ଭିଜାଇ ବସନ୍ତ ଉପରେ ଲଗାଇବ । ଥରେ ମାତ୍ର ଲଗାଇବ । ରୋଗ କ୍ରମେ କ୍ରମେ ଉପଶମ ହୋଇ ରୋଗୀ ରୋଗମୁକ୍ତ ହେବ ।

## ବସନ୍ତ ପ୍ରତିଷେଧକ

୧) ଅଙ୍କରାନ୍ତି ଚେର ସୁଉକି ଓଜନ ସେଥିରେ ଅଢ଼େଇଟି ଗୋଲମରିଚ ମିଶାଇ ବାଟି ସପ୍ତାହରେ ଦୁଇଥର (ବସନ୍ତ ଲାଗିଥିବା ସମୟରେ) ଖାଇଲେ ବସନ୍ତ ହୁଏ ନାହିଁ ।

୨) ଶୁକ୍ଳ ଅଙ୍କରାନ୍ତି ଚେର ଅଧତୋଳା ସେଥିରେ ୫ଟି ଗୋଲମରିଚ ମିଶାଇ ବାଟି ଥରେ ମାତ୍ର ଖାଇଲେ ସାରା ଜୀବନ ବସନ୍ତ ହେବ ନାହିଁ । ନିଜର ବାମ ହାତର ବୁଢ଼ା ଆଙ୍ଗୁଠିର ନଖକୁ ଛୁରୀରେ ରାମ୍ପି ଯାହା ଟିକିଏ ନଖ ବାହାରିବ ତାକୁ ଟିକିଏ ଗୁଡ଼ ସଙ୍ଗେ ସକାଳେ ଖାଲି ପେଟରେ ଥରେ ମାତ୍ର ଖାଇଲେ ଏକ ବର୍ଷ ପର୍ଯ୍ୟନ୍ତ ବସନ୍ତ ହେବ ନାହିଁ । ଉକ୍ତ ଔଷଧ

ଖାଇଲା ପରେ ଯଦି ବସନ୍ତ ହୁଏ (ଖାଇଲା ପୂର୍ବରୁ ବସନ୍ତ ବିଷ ଦେହରେ ପ୍ରବେଶ କରିଥିବାରୁ ହୁଏ), ତାହାହେଲେ ଲାଗ୍ ଲାଗ୍ ତିନି ସନ୍ଧ୍ୟାରେ (ତିନି ଦିନରେ) ଉପରୋକ୍ତ ପ୍ରକାରେ ନଖ ଉପରୁ ରମ୍ପା ହୋଇଥିବା ନଖକୁ ମହୁ ସଙ୍ଗରେ ଖାଇଲେ ରୋଗ ମାରାତ୍ମକ ହୁଏ ନାହିଁ ।

୩) କଲରାପତ୍ରର ରସ ଏକତୋଳା ପ୍ରତିଦିନ ଲାଗ୍ ଲାଗ୍ ସାତ ଦିନ ଖାଇଲେ (ସକାଳେ ଖାଲି ପେଟରେ ଖାଇବ ) ଏକ ବର୍ଷ ପର୍ଯ୍ୟନ୍ତ ବସନ୍ତ ହେବ ନାହିଁ । (ବହୁ ପରୀକ୍ଷିତ)

ଯେଉଁମାନେ ବସନ୍ତରୋଗୀକୁ ଚିକିତ୍ସା କରୁଥିବେ, ସେମାନେ ପ୍ରତିଦିନ ଏକ ତୋଳା କଲରାପତ୍ର ରସ ଖାଇଲେ ବସନ୍ତ ଆକ୍ରମଣ କରିବ ନାହିଁ । କଲରାପତ୍ର ସହିତ ହଳଦୀଗୁଣ୍ଡା ମିଶାଇ ଖାଇବ ।

ପରୀକ୍ଷା ସ୍ୱରୂପ ଦୁଇଜଣ ଲୋକଙ୍କୁ ପାଖରେ ରଖି ଜଣକୁ ସାତ ଦିନ କଲରାପତ୍ର ରସ ଦିଆଯାଉ । ସାତ ଦିନ ପରେ ଦୁଇଜଣଙ୍କୁ ବସନ୍ତ ଟୀକା ଦିଆଯାଉ । ଦେଖିବ ଯେଉଁ ଜଣକ କଲରା ପତ୍ର ରସ ଖାଇଛି, ତା ଦେହରେ ଟିକା ଉଠିବ ନାହିଁ, କିନ୍ତୁ ଯେ, ଖାଇ ନାହିଁ ତା ଦେହରେ ଟିକା ହେବ ।

ଆମର ଲାବୋରେଟରୀର ଡ଼ାକ୍ତରମାନଙ୍କୁ ଅନୁରୋଧ ଯେ ସେମାନେ କଲରାପତ୍ର ଟିଙ୍କଚର ବାହାର କରି ଚର୍ମ ନିମ୍ନରେ ଇଞ୍ଜେକସନ୍ ଦେଇ ଦେଖନ୍ତୁ, ଗୋବୀଜ ଟିକା ଅପେକ୍ଷା ଏହା ବେଶି ଫଳପ୍ରଦ କି ନୁହେଁ ।

୪) ବାର ବର୍ଷରୁ କମ୍ ବୟସ ବାଳକମାନଙ୍କୁ ଘୋଡ଼ୀର ଦୁଧ ପାନ କରାଇଲେ ସେମାନଙ୍କୁ କଦାପି ବସନ୍ତ ରୋଗ ଆକ୍ରମଣ କରେ ନାହିଁ ।

ବସନ୍ତ ଦେହରେ ବାହାରିବା ପୂର୍ବରୁ ପିଲାମାନଙ୍କୁ ଜ୍ୱର ହୋଇଥିବା ଅବସ୍ଥାରେ ଅପମାରଙ୍ଗ ଚେର, ହଳଦୀ ସମଭାଗ ବାଟି ପିଲାର ୨୦ଟି ଯାକ ନଖ ଉପରେ ଲଗାଇବ, ଜିଭ ଉପରେ ଟିକିଏ ଲଗାଇବ ଏବଂ କପାଳରେ ଚିତା ଘିନିଲା ପରି ଟିକିଏ ଲଗାଇଦେବ; ଥରେ ମାତ୍ର । ଏତିକିରେ ବସନ୍ତ କେବେ ହେଁ ବାହାରିବ ନାହିଁ । (ବହୁ ପରୀକ୍ଷିତ)

୫) ହରିଡ଼ା ମଞ୍ଜିକୁ ସ୍ତ୍ରୀଲୋକର ବାମ ହାତରେ ଏବଂ ପୁରୁଷ ଲୋକ ଡ଼ାହାଣ ହାତରେ ବାନ୍ଧିଲେ ବସନ୍ତ ହେବ ନାହିଁ ।

## ବାୟା କୁକୁର ଓ ବାୟା ବିଲୁଆ କାମୁଡ଼ିଲେ

**ବାୟା ବୋଲି କିପରି ଜାଣିବ –** କୁକୁର ବା ବିଲୁଆର ପାଟିରୁ ଲାଳ ବାହାରୁଥିବ, ଲାଙ୍ଗୁଡ଼ ସର୍ବଦା ତଳକୁ କରିଥିବ (ଭୟରେ ପଳାଇଲାବେଳେ ଯେପରି ଲାଙ୍ଗୁଡ଼କୁ ତଳକୁ କରିଥାଏ) ।

ତିନିଦିନ ପର୍ଯ୍ୟନ୍ତ କାମୁଡ଼ି ପାରିବ । ତା'ପରେ ତାର ଦାନ୍ତପାଟି ବନ୍ଦ ହୋଇଯାଏ, ଆଉ କାମୁଡ଼ିପାରେ ନାହିଁ । ବାୟା ହେବାର ୧୦ ଦିନରେ ନିଶ୍ଚୟ ମରିଯାଏ ।

ବାୟା କି ବାୟା ନୁହେଁ ସନ୍ଦେହ ହେଲେ କୁକୁରକୁ ମାରିବ ନାହିଁ, ବାନ୍ଧି ରଖିବ । ବାୟା ହୋଇଥିଲେ ୧୦ ଦିନ ଭିତରେ ମରିଯିବ ।

**ଚିକିତ୍ସା :**

୧) ଗୋଟିଏ ବାଦିଚାଙ୍ଗ ମଞ୍ଜିକୁ ତୁଳସୀପତ୍ର ରସରେ ଘୋରି ରୋଗୀର ନାକରେ ଟେଣ୍ଡିବ । ରୋଗୀ ସେ ରସକୁ ନାକବାଟେ ଟାଣିନେବ, ଯେପରିକି ଔଷଧ ପେଟ ଭିତରକୁ ଚାଲିଯିବ । ସେହି ଔଷଧକୁ କ୍ଷତ ଜାଗାରେ ଲଗାଇବ । ଏହିପରି ଦୁଇ ଦିନ ବା ତିନି ଦିନ କରିବ । ଏହି ଔଷଧରେ ରୋଗୀ ନିଶ୍ଚୟ ଭଲ ହେବ (ବହୁ ପରୀକ୍ଷିତ) । ଏହି ଔଷଧରେ ଯେଉଁ ରୋଗୀମାନେ ଭଲ ହୋଇଛନ୍ତି, ସେମାନଙ୍କୁ ହାଇଡ୍ରୋଫୋବିଆ (ଜଳାତଙ୍କ) ହୋଇନାହିଁ, ଯଦିଓ ତିନି ବର୍ଷ ଠାରୁ ଦଶ ବର୍ଷ ପୂର୍ବେ ଔଷଧ ଖାଇଥିଲେ ।

୨) ଶ୍ୱେତ ଅରଖଫୁଲ ପାଖୁଡ଼ା ସାତଟି, ଅରୁଆ ଚାଉଳ ଏକ ତୋଳା ରୋଗୀ ଚୋବାଇ ଖାଇବ । ପ୍ରଥମ ଦିନ ସାତଟା, ଦ୍ୱିତୀୟ ଦିନ ଛଅଟା, ତୃତୀୟ ଦିନ ପାଞ୍ଚଟା ଏହିପରି ଗୋଟିଏ ଲେଖାଏଁ ପାଖୁଡ଼ା କମାଇ କରି ଅରୁଆ ଚାଉଳ ସଙ୍ଗେ ଖାଉଥିବ । ଯେତେ ଦିନ ପିତା ଲାଗୁଥିବ, ବିଷ ଅଛି ବୋଲି ଜାଣିବ । ଯେଉଁ ଦିନ ମିଠା ଲାଗିବ ଆଉ ବିଷ ନାହିଁ ବୋଲି ଜାଣିବ ଏବଂ ଔଷଧ ଖାଇବ ନାହିଁ ।

୩) ଖଣ୍ଡିଏ ପାଚିଲା କଦଳୀରେ ଟିକିଏ ଗାତକରି ସେଥିରେ ବୟସ୍କ ରୋଗୀ ପାଇଁ ୨୦/୨୧ ଟୋପା ଏବଂ ବାଳକ ବାଳିକାମାନଙ୍କ ପାଇଁ ୧୪/୧୫ ଟୋପା ଅରଖ କ୍ଷୀର ପୂରାଇ ଟିକିଏ କଦଳୀ ଦ୍ୱାରା ସେ ଗାତ ବନ୍ଦ କରି ରୋଗୀକୁ ଖୁଆଇଦେବ । ରୋଗୀ ନ ଚୋବାଇ ଗିଳି ଦେବ । ତା'ପରେ ଅବଶିଷ୍ଟ କଦଳୀଟି ଖୁଆଇଦେବ । କୁକୁର ଓ ବିଲୁଆ କାମୁଡ଼ିବାର ସାତ ଦିନ ପରେ ସୂର୍ଯ୍ୟ ଉଦୟ ପୂର୍ବରୁ ମୁହଁ ହାତ ନ ଧୋଇ ରୋଗୀ ଏହି ଔଷଧ ଖାଇବ । ଔଷଧ ଖାଇବାର ୩/୪ ଘଣ୍ଟା ମଧ୍ୟରେ ବାନ୍ତି ହୋଇ କଦଳୀ ଖଣ୍ଡ ବାହାରି ପଡ଼ିଲେ ରୋଗୀ ରୋଗମୁକ୍ତ ହେବ । ବାନ୍ତି ନହେବା ପର୍ଯ୍ୟନ୍ତ କିଛି ଖାଇବ ନାହିଁ । ଔଷଧ ଖାଇଲା ପରେ ଦେହରେ ଥଣ୍ଡା ଲଗାଇବ ନାହିଁ । ବାନ୍ତି ନହେଲେ ଝାଡ଼ା ହୋଇପାରେ । ୩/୪ ଘଣ୍ଟା ପରେ ଝାଡ଼ା ବାନ୍ତି ନହେଲେ ଔଷଧ ମାତ୍ରା କମ୍ ହେଲା ବୋଲି ଜାଣିବ । ତା'ପରେ ସେ ଦିନ ଖିଆ ପିଆ କରିବ । ତା' ପରଦିନ ଔଷଧର ମାତ୍ରା ଦୁଇ ଟୋପାରୁ ଆଠ ଟୋପା ପର୍ଯ୍ୟନ୍ତ ବଢ଼ାଇ ଖୁଆଇବ । ଝାଡ଼ା ବାନ୍ତି ବେଶି ହେଲେ ଭୟ କରିବ ନାହିଁ । ଆଖୁ, କମଳାଲେମ୍ବୁ ରସ, ଲେମ୍ବୁ ପାଣି ପ୍ରଭୃତି ଥଣ୍ଡା ଚିକିତ୍ସାରେ ଝାଡ଼ା ବାନ୍ତି ବନ୍ଦ ହୋଇଯିବ । ରୋଗୀ ବଡ଼ ଦୁର୍ବଳ

ହୋଇଥିଲେ ଔଷଧର ମାତ୍ରା କମ୍ କରିବ । ବର୍ଷାଦିନେ ଔଷଧ ମାତ୍ରା ଟିକିଏ ବେଶି କରିବ, କାରଣ କ୍ଷୀର ପାତଳା ଥାଏ । (ପରୀକ୍ଷିତ)

୪) ଯେଉଁ ଦିନ କୁକୁର ବା ବିଲୁଆ କାମୁଡ଼ିବ, ତା'ର ତିନି ଦିନ ପରେ ସକାଳେ ତିନିଟି ମାଛି ମାରିବ । ପ୍ରତ୍ୟେକ ମାଛିକୁ ଗୁଡ଼ ଭିତରେ ପୁରାଇ ୩ଟି ବଟିକା କରିବ । ତା'ପରେ ତେଲ ନ ଲଗାଇ ପୋଖରୀ ବା ନଦୀକୁ ଯାଇ ଗୋଟିଏ ବଟିକା ଗିଳି ଦେଇ ମୁଣ୍ଡ ବୁଡ଼ାଇ ଗାଧୋଇବା । ତା'ପରେ ଦ୍ୱିତୀୟ ବଟିକାଟି ଖାଇ ମୁଣ୍ଡ ବୁଡ଼ାଇ ଗାଧୋଇବ । ତା'ପରେ ତୃତୀୟ ବଟିକାଟି ଖାଇ ମୁଣ୍ଡ ବୁଡ଼ାଇ ଗାଧୋଇବ । ଏତିକିରେ ରୋଗମୁକ୍ତ ହେବ । ୯ ଦିନ ପର୍ଯ୍ୟନ୍ତ ମାଛ, ମାଂସ, ଶାଗ ଖାଇବ ନାହିଁ । (ପରୀକ୍ଷିତ)

୫) କୁକୁର ବା ବିଲୁଆ କାମୁଡ଼ିବା ମାତ୍ରେ କ୍ଷତ ସ୍ଥାନରେ ଅରଖ କ୍ଷୀର ଲଗାଇବ । ଲଗାଇବା ମାତ୍ରେ ବହୁତ ରକ୍ତ ବାହାରିବ । ଅରଖପତ୍ର ଉପରେ ଯେଉଁ ଧଳା ରଙ୍ଗର ଧୂଳି ପରି ଲାଗିଥାଏ, ତା'ଉପରେ ଅଟା ବା ମଇଦା ପକାଇ ଭଲ କରି ଘଷି ବାହାର କରି ଗୋଲମରିଚ ପରି ବଟିକା କରିବ । ସକାଳେ ଓ ସନ୍ଧ୍ୟାରେ ଗୋଟିଏ ଲେଖାଏଁ ବଟିକା ଖାଇବ । ଏହିପରି ୧୪ଦିନ ଖାଇଲେ ରୋଗମୁକ୍ତ ହେବ । ଔଷଧ ଖାଇଲା ପରେ ଟିକିଏ ଘିଅ ଏବଂ ଚିନି ଏକତ୍ର ମିଶାଇ ଖାଇବ ।

## ଜଳାତଙ୍କ

ବାୟା କୁକୁର ଓ ବାୟା ବିଲୁଆ କାମୁଡ଼ିବା ପରେ ଚିକିତ୍ସା ନ କରିବା ହେତୁ ରୋଗୀ ପାଗଳ ହେଲେ ଆଉ ବଞ୍ଚିବାର ସମ୍ଭାବନା ଖୁବ୍ କମ୍ । କିନ୍ତୁ ନିମ୍ନଲିଖିତ ଔଷଧ ଖାଇଲେ ରୋଗୀ ରୋଗମୁକ୍ତ ହେବାର ଲେଖାଅଛି ।

**ଚିକିତ୍ସା -** ଏକ ପାଆ ଅରଖପତ୍ର ରସ ଏବଂ ଏକ ପାଆ ହସ୍ତୀଶୁଣ୍ଢି ପତ୍ର ରସ ଏକତ୍ର ମିଶାଇ ରୋଗୀକୁ ପିଆଇଲେ ବାନ୍ତି ହୋଇ ରୋଗୀ ରୋଗମୁକ୍ତ ହୁଏ ।

## ବାୟା ହୋଇ ନଥିବା କୁକୁର କାମୁଡ଼ିଲେ

ବାୟା ନ ହୋଇଥିବା କୁକୁର କାମୁଡ଼ିଲେ କେବଳ କଳରାପତ୍ର ରସ କ୍ଷତ ଜାଗାରେ ଲଗାଇ ଏକ ତୋଳା ରସ ଖୁଆଇଦେବ । ସାତ ଦିନ ଏକତୋଳା ଲେଖାଏଁ ରସ ସକାଳେ ଖାଇବ ।

## ବିଷାକ୍ତ ସାପ କାମୁଡ଼ିଲେ

୧) 'ନରମୂତ୍ରଂ ଗରଂ ହନ୍ତି, ନରମୂତ୍ରଂ ବିଷଂ ହରେତ୍ ।'

ପୁରୁଷ ବା ସ୍ତ୍ରୀଲୋକଙ୍କୁ ସାପ କାମୁଡ଼ିଲେ ପୁରୁଷ ଲୋକର (ଯାହାର ବୟସ ୧୨ ବର୍ଷରୁ ଅଧିକ) ମୂତ ରୋଗୀକୁ ପିଆଇ ଦେଲେ ବିଷ ନଷ୍ଟ ହୋଇଯାଏ । ମୂତ ସଂଗ୍ରହ କଲାବେଳେ ମୂତର ପ୍ରଥମ ଧାର ତଳେ ପକାଇଦେବ । ତା'ପରେ କୌଣସି ପାତ୍ରରେ ଅବଶେଷ ମୂତକୁ ସଂଗ୍ରହ କରି ପିଆଇଦେବ । (ବହୁ ପରୀକ୍ଷିତ)

୨) ବିଷାକ୍ତ ସାପ କାମୁଡ଼ିଲେ ବୟସ୍କ ଲୋକ ୨୫ ଟୋପାଠାରୁ ୩୦ ଟୋପା ଏବଂ ବାଳକ ବାଳିକା ୧୫ ଟୋପା ଠାରୁ ୨୦ ଟୋପା ଅରଖ କ୍ଷୀର ଖାଇଲେ ବିଷ ନଷ୍ଟ ହୁଏ । ଅରଖ କ୍ଷୀର କ୍ଷତ ଜାଗାରେ ମଧ୍ୟ ଲଗାଇଲେ ବିଷ ବାହାରି ପଡ଼େ ।

**ଅରଖ ଗଛକୁ -** ସଂସ୍କୃତରେ - ସୁପୁଷ୍ପ, କ୍ଷୀର ଦଳ, କ୍ଷରକାଣ୍ଡକ, ବଙ୍ଗ ଭାଷାରେ - ଆକନ୍ଦ; ହିନ୍ଦୀରେ - ମଦାର, ଲାଲ, ଆକ, ସଫେଦ ଆକ ଏବଂ ତେଲୁଗୁ ଭାଷାରେ - ନେଲ୍ଲିଜିଲ୍ଲେଡ଼ି ଚେଟ୍ଟୁ କହନ୍ତି ।

୩) ଅରଖ କ୍ଷୀର ନ ମିଳିଲେ ଗଇଶ ପତ୍ରରସ ଦୁଇ ତୋଳା ଓ ସେଥିରେ ଅଢ଼େଇଟି ଗୋଲମରିଚ ବାଟି ରୋଗୀକୁ ପିଆଇବ । ରୋଗୀ ଅଚେତା ହୋଇଥିଲେ ଔଷଧ ନାକ ବାଟେ ଖୁଆଇବ । ଗଇଶ ପତ୍ରରେ ଲୁଣ ମିଶାଇ ଚକଟି ତା'ର ରସ ଆଖିରେ, କାନରେ ପକାଇବ ଏବଂ କ୍ଷତ ଜାଗାରେ ଛୁରୀ ଦ୍ୱାରା ରକ୍ତ ବାହାର କରି ସେହି ଜାଗାରେ ଗଇଶ ପତ୍ର ଓ ଲୁଣକୁ ଭଲ କରି ଚକଟି ଲଗାଇବ ।

ଗଇଶ ଗଛର ସଂସ୍କୃତ ନାମ - ଦ୍ରୋଣପୁଷ୍ପୀ, ବଙ୍ଗଭାଷାରେ - ଘଲଘସେ, ହିନ୍ଦୀରେ - ଗୁମ୍ମା, ତେଲୁଗୁରେ - ଏନଗୁତୁମ୍ମି ।

୪) ପାଞ୍ଚ ଟୋପା ଅରଖ କ୍ଷୀରରେ ପଚାଶ ଟୋପା ଡ଼ିଷ୍ଟିଲଡ ଓ୍ୱାଟର ମିଶାଇ ଚର୍ମ ନିମ୍ନରେ ଇଂଜେକ୍ସନ୍ ଦେଲେ ସର୍ପବିଷ ନଷ୍ଟ ହୁଏ ।

୫) ଜୟପାଳ ମଞ୍ଜିକୁ ନରମୂତ୍ରରେ ଘୋରି ଅଞ୍ଜନ ପରି ଆଖିରେ ୨/୩ ଥର ଲଗାଇଲେ ସର୍ପବିଷ ନଷ୍ଟ ହୁଏ ।

୬) ଦହି, ମହୁ, ଲହୁଣୀ, ପିପ୍‌ପଳୀ, ଅଦା, ଗୋଲମରିଚ, କୁଡ଼, ସୈନ୍ଧବ ଲବଣ ପ୍ରତ୍ୟେକରୁ ତିନି ତୋଳା ଭଲ କରି ବାଟି ପିଆଇଲେ ତକ୍ଷକ, ବାସୁକି ବିଷ ମଧ୍ୟ ନଷ୍ଟ ହୋଇଯାଏ ।

୭) ପାତାଳଗରୁଡ଼ ଚେରକୁ ଦୁଧ ସଙ୍ଗେ ବାଟି ପିଆଇବ । (ପରୀକ୍ଷିତ)

୮) କୋଚିଲା ମଞ୍ଜିକୁ ଖାଉଥିବ । ଯେତେବେଳ ପର୍ଯ୍ୟନ୍ତ ମିଠା ଲାଗୁଥିବ ସେ ପର୍ଯ୍ୟନ୍ତ ବିଷ ଅଛି ବୋଲି ଜାଣିବ, ଯେତେବେଳେ ପିତା ଲାଗିବ, ସେତେବେଳେ ଆଉ ବିଷ ନାହିଁ ବୋଲି ଜାଣିବ ଓ ଆଉ ଖାଇବ ନାହିଁ ।

୯) ଅରଖପତ୍ର ଉପରେ ଯେଉଁ ଧଳା ରଙ୍ଗର ଧୂଳି ପରି ଥାଏ, ତାକୁ ଆଣି ସେଥିରେ ଅରଖକ୍ଷୀର ମିଶାଇ ବୁଟ ପରି ବଟିକା କରି ରଖିଥିବ । ଏହି ବଟିକାରୁ ଦୁଇଟି ଲେଖାଏଁ ପ୍ରତି ଅଧଘଣ୍ଟାରେ ବାନ୍ତି ହେବା ପର୍ଯ୍ୟନ୍ତ ଖୁଆଇବ । ବାନ୍ତି ହେଲେ ଖୁଆଇବ ନାହିଁ ।

**ପ୍ରତିଷେଧକ -**

୧) ପୁଷ୍ୟାନକ୍ଷତ୍ରରେ ଶ୍ୱେତକାଇଁଚ ଚେର ଉପାଡ଼ି ରଖିଥିବ । ଏହି ଚେରକୁ ପାଟିରେ ରଖି ବାଟ ଚାଲିଲେ ସାପ କାମୁଡ଼ିବ ନାହିଁ ।

୨) ପଣାସଂକ୍ରାନ୍ତି ଦିନ ଏକ ତୋଳା ନିମ୍ବପତ୍ର ଓ ଏକତୋଳା ମସୁର ଡ଼ାଲି ଏକତ୍ର ବାଟି ଖାଇଲେ ଏକ ବର୍ଷ ପର୍ଯ୍ୟନ୍ତ ବିଷାକ୍ତ ସାପ କାମୁଡ଼ିଲେ ବିଷ ଧରିବ ନାହିଁ । ମାତ୍ରା: - ବାଳକ - ଅର୍ଦ୍ଧ ମାତ୍ରା, ଶିଶୁ - ସୁଉକି ମାତ୍ରା । ଏଥିରେ ଚର୍ମରୋଗ ମଧ୍ୟ ନଷ୍ଟ ହେବ ।

## କଙ୍କଡ଼ା ବିଛା ଓ ଶିଙ୍ଗିମାଛ ବିଷ

୧) ଅକାନବିନ୍ଧି ପତ୍ର ଚକଟି ତାର ରସ କ୍ଷତ ଜାଗାରେ ଲଗାଇଲା ମାତ୍ରକେ ବିଷ ନଷ୍ଟ ହୋଇଯାଏ । (ବହୁ ପରୀକ୍ଷିତ) ।

ଅକାନବିନ୍ଧିର ସଂସ୍କୃତ - ପାଠା, ଅମ୍ବଷ୍ଠା, ଅବିଦ୍ଧକର୍ଣ୍ଣୀ; ବୃଉପର୍ଣ୍ଣୀ; ବଙ୍ଗ ଭଷାରେ - ଆକାନାଦି; ହିନ୍ଦିରେ - ପାଢ଼; ତେଲୁଗରେ - ପାଠଢେଟୁ ।

୨) ଲୁଣପାଣି ଆଖିରେ ପକାଇବ । ଶରୀରର ଯେଉଁ ପାଖରେ ବିଛା କାମୁଡ଼ିବ ତାର ବିପରୀତ ପାଖ ଆଖିରେ ଲୁଣ ପାଣି ପକାଇଲେ ୨/୩ ମିନିଟ୍‌ରେ ବିଷ ନଷ୍ଟ ହୁଏ । (ବହୁ ପରୀକ୍ଷିତ)


**ଲୁଣପାଣି ପ୍ରସ୍ତୁତବିଧି -** ଗୋଟିଏ ପାତ୍ରରେ ଏକ ଛଟାଙ୍କି ପାଣି ରଖି ସେଥିରେ ୨/୩ ଚାମଚ ଲୁଣ ପକାଇବ । ଲୁଣ ମିଳାଇଗଲେ ଆଉ ଲୁଣ ପକାଇବ । ଏହିପରି ଲୁଣ ନ ମିଳେଇଯିବା ପର୍ଯ୍ୟନ୍ତ ପକାଇବ । ଯେତେବେଳେ ଦେଖିବ ଲୁଣ ଆଉ ମିଳାଉ ନାହିଁ, ସେହି ପାଣିକୁ ଶିଶିରେ ରଖିବ । ଏହି ଲୁଣ ପାଣିରୁ ଦୁଇ ଟୋପା ଆଖିରେ ପକାଇଲେ ବିଛା ବିଷ ନଷ୍ଟ ହୁଏ ।

୩) **ବିଛା କାମୁଡ଼ା ମନ୍ତ୍ର : -**

'ଇନ୍ଦ୍ରକା ବେଟା ଗୁଜୁରିକା ନାମ
ଆଠ ପଜୁରୀ ଷୋଳ ପାଉଜା
ଅତ ଯାଅ ନାହିଁ ଯାଉଣି
ମୁରଗୀ ବୋଲା ଆ ।'

ଉପରୋକ୍ତ ମନ୍ତ୍ରକୁ ଥରେ ପଢ଼ି ୩ଥର ଫୁଙ୍କିବ । ଏହିପରି ବିଷ ଝଡ଼ିବା ପର୍ଯ୍ୟନ୍ତ ଥରେ ପଢ଼ି ୩ ଥର ଫୁଙ୍କୁଥିବ । ୩/୪ ଥରରେ ନିଶ୍ଚୟ ଭଲ ହେବ । (ବହୁ ପରୀକ୍ଷିତ)

୪)




ଉପରୋକ୍ତ ଯନ୍ତ୍ରରେ ବିଛା କାମୁଡ଼ା ତତ୍‌କ୍ଷଣାତ୍ ଭଲ ହୁଏ । ବିଛା କାମୁଡ଼ିବା ପରେ ଯେଉଁ ଜାଗା ପର୍ଯ୍ୟନ୍ତ ବିଷ ଉଠିଥିବ, ସେହି ଜାଗାରେ ଆଙ୍ଗୁଠିରେ ଉପରୋକ୍ତ ଯନ୍ତ୍ର ଆଙ୍କିବ । ରେଖା 'କ' ଠାରୁ ଆରମ୍ଭ କରି ଖ, ଗ, ଘ, ଙ ଦେଇ ପୁଣି 'କ' ସହିତ ମିଶାଇବ । ରେଖା କେଉଁଠାରୁ ଆରମ୍ଭ ହୋଇ କେଉଁଠାରେ ଶେଷ ହେବ, ଦେଖାଇବା ପାଇଁ କ, ଖ, ଗ, ଘ ପ୍ରଭୃତି ଲେଖାହୋଇଛି । କିନ୍ତୁ ଯନ୍ତ୍ର ଆଙ୍କିଲା ବେଳେ କ, ଖ, ଗ, ଘ ପ୍ରଭୃତି ଲେଖିବ ନାହିଁ । ପ୍ରଥମ ଥର ଯନ୍ତ୍ର ଆଙ୍କିଲା ମାତ୍ରକେ ରୋଗୀ କହିବ ବିଷ ବା ଯନ୍ତ୍ରଣା ତଳକୁ ଖସିଗଲା । ଯେଉଁ ଜାଗାକୁ ଖସିଗଲା ସେଠାରେ ପୁଣି ଥରେ ଯନ୍ତ୍ର ଆଙ୍କିବ । ଏହିପରି ୪/୫ ଥର ଯନ୍ତ୍ର ଆଙ୍କିଲେ ବିଷ ଖସିଯାଇ ଯେଉଁଠାରେ ବିଛା କାମୁଡ଼ିଥିବ, ସେହି ଜାଗାରେ ପିମ୍ପୁଡ଼ି କାମୁଡ଼ିଲା ପରି ଲାଗୁଥିବ । ଟିକିଏ ଚାକୁଣ୍ଡା ପତ୍ର ରସ ଲଗାଇଦେଲେ ଭଲ ହୋଇଯିବ, ନଚେତ୍ କିଛି ସମୟ ପରେ ଭଲ ହୋଇଯିବ । (ବହୁ ପରୀକ୍ଷିତ)

୫) ଚାକୁଣ୍ଡାପତ୍ର ରସ ବା କାସୁଣ୍ଡାପତ୍ର ରସ କ୍ଷତ ଜାଗାରେ ଘଷିଲେ ବିଛାବିଷ ନଷ୍ଟ ହୁଏ । (ବହୁ ପରୀକ୍ଷିତ)

## ମହୁମାଛି, ବିରୁଡ଼ି କାଟିଲେ

୧) ମହୁମାଛି, ବିରୁଡ଼ି ଓ ଅନ୍ୟ ବିଷାକ୍ତ କୀଟ କାଟିଲେ ବା କାମୁଡ଼ିଲେ ଅକାନବିନ୍ଧି ପତ୍ର, ଚାକୁଣ୍ଡା ପତ୍ର, କାସୁଣ୍ଡା ପତ୍ର, ଅପାମାରଙ୍ଗ ପତ୍ର ଏବଂ ଗଇଶ ପତ୍ର ଏହି ପତ୍ର ମଧ୍ୟରୁ ଯେକୌଣସି ପତ୍ରର ରସ ଲଗାଇଲେ ଭଲ ହୁଏ । (ବହୁ ପରୀକ୍ଷିତ)

୨) ଶୋଧିତ କୋଚିଲା ମଞ୍ଜି ଚୂର୍ଣ୍ଣ ଲଗାଇଲେ ତତ୍‌କ୍ଷଣାତ୍ ଭଲ ହୁଏ । (ବହୁ ପରୀକ୍ଷିତ)

## ସଁବାଳୁଆ

୧) ପ୍ରଥମେ ସଁବାଳୁଆ ରୁମ ବାହାର କରିଦେବ । ତା'ପରେ ସେହି ଜାଗାରେ ଗଇଣ ପତ୍ର ରସ ଲଗାଇଲେ ତତ୍‌କ୍ଷଣାତ୍ ଭଲ ହୁଏ । (ବହୁ ପରୀକ୍ଷିତ)

୨) ଅକାନବିନ୍ଧି ପତ୍ର, ଚାକୁଣ୍ଡା ଓ କାସୁଣ୍ଡା ପତ୍ର ଲଗାଇଲେ ଭଲ ହୁଏ ।

## ମୂଷା, ଚୂଚୁନ୍ଦ୍ରା କାମୁଡ଼ିଲେ

**ମୂଷା, ଚୂଚୁନ୍ଦ୍ରା ବିଷ :**

୧) ମୂଷା ବା ଚୁଚୁନ୍ଦ୍ରା କାମୁଡ଼ିଲେ ଜ୍ୱର ହୁଏ । ଏହି ଜ୍ୱର ଭଲ ହୁଏ ନାହିଁ । କେତେ ଦିନ ପରେ ଦାନ୍ତ ପାଟି ପଡ଼ିଯାଏ । କିଛି ଖାଇ ହୁଏ ନାହିଁ । ଶେଷକୁ ରୋଗୀ ମୃତ୍ୟୁମୁଖରେ ପଡ଼େ । ଏହି ରୋଗ ପାଇଁ ଆଜି ପର୍ଯ୍ୟନ୍ତ ଭଲ ଡ଼ାକ୍ତରୀ ଔଷଧ ବାହାରି ନାହିଁ । ଜି.ଉଦୟଗିରି ଡ଼ାକ୍ତରଖାନାରେ (ଫୁଲବାଣୀ) ଯେଉଁଠାରେ ଆମେରିକାର ଭଲ ଡ଼ାକ୍ତର ଥିଲେ, ସେମାନେ ଗୋଟିଏ ମୂଷା କାମୁଡ଼ା ରୋଗୀକୁ ୧୭ ଦିନ ପର୍ଯ୍ୟନ୍ତ ଚିକିତ୍ସା କରୁଥିଲେ; ତଥାପି ରୋଗୀ ମୃତ୍ୟୁମୁଖରେ ପଡ଼ିଥିବା ଅବସ୍ଥାରେ ଥିଲା । ନିମ୍ନଲିଖିତ ଔଷଧରେ ମୁଁ ତାକୁ ଭଲ କରିଥିଲି । ଏହା ୧୯୫୦ ମସିହାର ଘଟଣା ।

**ଔଷଧ –** ଗୋଟିଏ ଗଇଣ ଗଛ ଚେର ସହିତ ଉପାଡ଼ି ଆଣି ପରିଷ୍କାର କରି ଧୋଇ ସେଥିରେ ୨୫ଟି ଗୋଲମରିଚ ମିଶାଇ ବାଟି ପାଣି ମିଶାଇ ଦେବ ଓ ଏକପାନ ମାତ୍ର ଖାଇଲେ ବିଷ ନଷ୍ଟ ହୁଏ । ବେଶୀ ଦିନର ହୋଇଗଲେ ଦିନକୁ ଏକପାନ କରି ଦୁଇ ଦିନ ଖାଇବ ଏବଂ କ୍ଷତ ଜାଗାରେ ଗଇଣ ପତ୍ର ବାଟି ଲଗାଇବ । ୩୫ ଜଣ ରୋଗୀଙ୍କୁ ଏହି ଔଷଧରେ ମୁଁ ଭଲ କରିଛି । (ବହୁ ପରୀକ୍ଷିତ)

ଗଇଣ ଗଛର ସର୍ବାଙ୍ଗ (ଚେର, ଗଛ, ଫୁଲ, ଫଳ, ପତ୍ର) ଔଷଧ କରିବ । ଗଛ ଅତି ଛୋଟ ହୋଇଥିଲେ ଗୁଣ କରିବ ନାହିଁ ।

୨) ପୁରୁଣୀ ମୂଳ ଓ ନେଳୀ ଗଛର କ୍ୱାଥରେ ଘୃତ ପାକ କରି ରୋଗୀକୁ ପାନ କରାଇଲେ ମୂଷା ବିଷ ନଷ୍ଟ ହୁଏ । (ସୁଶ୍ରୁତ)

୩) କୋଳଥିଆ (ଶରପୁଙ୍ଖା) ମଞ୍ଜି ଚୂର୍ଣ୍ଣ ଦୁଇ ଅଣି ଓଜନ ଘୋଳ ଦହି ସହିତ ଖାଇବ ।(ବାଗ୍‌ଭଟ୍ଟ)

୪) କାଣି ଲେଉଟିଆ ମୂଳ ଏକ ତୋଳା ବାଟି ମହୁ ମିଶାଇ ଖାଇବ । ତିନି ଦିନ ଖାଇବ ।

## ହର୍‌ପିସ୍ (ମାଙ୍କଡ଼ସା ମୂତିବା ରୋଗ)

ଦେହର କୌଣସି ଜାଗାରେ ସାଧାରଣତଃ ଅଣ୍ଟାଠାରୁ ଉପରକୁ ଛୋଟ ଛୋଟ କାଛୁ ପରି ବହୁତ ଗୁଡ଼ିଏ ଏକା ଜାଗାରେ ଦେଖାଯାଏ, ବଡ଼ ଯନ୍ତ୍ରଣା ହୁଏ । କେତେକ ଲୋକ କହନ୍ତି - ମାଙ୍କଡ଼ସା ମୂତିଲେ ଏପରି ହୁଏ; କିନ୍ତୁ ପ୍ରକୃତରେ ତାହା ନୁହେଁ । ଏ ଗୋଟିଏ ରୋଗ ।

**ଚିକିତ୍ସା -** ସଜନା ଗଛର ଛୋଟ ଛୋଟ ଡ଼ାଳ ପତ୍ର ସହିତ କେରାଏ ଆଣି ଘା ଉପରେ ୧୫/୨୦ ମିନିଟ୍ ଆସ୍ତେ ଆସ୍ତେ ବାଡ଼େଇ ଫୋପାଡ଼ି ଦେବ । ଏକାଥରକେ ଭଲ ହେବ । ନହେଲେ ତା'ପରଦିନ ସଜନା ଶାଗରେ ବାଡ଼େଇଲେ ନିଶ୍ଚୟ ରୋଗମୁକ୍ତ ହେବ । ଡ଼ାକ୍ତରମାନେ କହନ୍ତି – ଏ ରୋଗକୁ ଭଲ କରିବାକୁ ୧୫ ଦିନ ଲାଗିବ, କିନ୍ତୁ ୧୫ ମିନିଟ୍‌ରେ ଭଲ ହେଉଛି । (ବହୁ ପରୀକ୍ଷିତ)

# ବିଭିନ୍ନ ବିଷ ଚିକିତ୍ସା

## ଅଫିମ ବିଷ

୧) 'ନରମୂତ୍ରଂ ଗରଂ ହନ୍ତି ।'

ଯେଉଁ ଲୋକ ଅଫିମ ଖାଇ ମରିଯାଉଥିବ, ତାକୁ ପୁରୁଷ ଲୋକର ମୂତ ପିଆଇଲେ ବଞ୍ଚିଯିବ । ମୂତର ପ୍ରଥମ ଧାର ତଳେ ପକାଇ ଅବଶିଷ୍ଟ ମୂତକୁ ଗୋଟିଏ ପାତ୍ରରେ ଆଣି ପିଆଇଦେବ । (ପରୀକ୍ଷିତ)

୨) ବାଇଗଣ ପତ୍ର ରସ ଏକପାଆ ପିଆଇଲେ ଅଫିମ ବିଷ ନଷ୍ଟ ହୁଏ ।

୩) କଳମ୍ବ ପତ୍ର ଓ ଡ଼ାଙ୍ଗ ଛେଚି ତାର ରସ ଅଧପାଏ ପିଆଇଲେ ବାନ୍ତି ହୋଇ ଅଫିମ ବାହାରିପଡ଼େ ।

ଅଫିମ ଖାଇଥିବା ଲୋକକୁ ଶୋଇବାକୁ ଦେବ ନାହିଁ ।

## କନିଅର ମଞ୍ଜି ବିଷ

୧) ପୁରୁଷ ଲୋକର ମୂତ ପିଆଇଦେଲେ ବିଷ ନଷ୍ଟ ହୁଏ । (ପରୀକ୍ଷିତ)

୨) ଅଧସେର ଗରମ ପାଣିରେ ୩/୪ ଚାମଚ ହଳଦୀଗୁଣ୍ଡା ପକାଇବ । ଥଣ୍ଡା ହେଲେ ପିଆଇବ । ୧୦/୧୫ ମିନିଟ୍ ଅନ୍ତରରେ ଔଷଧ ଦେଉଥିବ ।

୩) ମଇଁଷି ଦହିରେ ଚିନି ମିଶାଇ ଦେବ ।

୪) ଅରଖ ଛେଲିର ଚୂର୍ଣ୍ଣ ପାଣି ମିଶାଇ ପିଆଇବ ।

**ମାତ୍ରା -** ଶୁଖିଲା ଅରଖ ଛାଲି ଚୂର୍ଣ୍ଣ ୪ ରତି, କଞ୍ଚାଛାଲି ୮ ରତି ।

## ଦୁଦୁରା ବିଷ

୧) ସୈନ୍ଧବ ଲବଣ ଖାଇଲେ ଦୁଦୁରା ବିଷ ବିନଷ୍ଟ ହୁଏ ।

**ମାତ୍ରା - ସୁକି ଓଜନ ।**

୨) ଗାଈ ଦୁଧରେ ଚିନି ମିଶାଇ ଖାଇବ ।

୩) କପା ଫୁଲ ରସ ଏକ ତୋଳାରେ ଚିନି ମିଶାଇ ଖାଇବ ।

## କୋଚିଲା ବିଷ

୧) ଗାଈ ଘିଅରେ ମହୁ ଓ ଚିନି ମିଶାଇ ଖାଇଲେ କୋଚିଲା ବିଷ ନଷ୍ଟ ହୁଏ ।

୨) ଜାମୁ କୋଳି ରସ ଏକ ତୋଳା ଘିଅ ଓ ମହୁ ସହିତ ଖାଇବ ।

୩) କିଆ କନ୍ଦାର ରସ ଅଧସେର ଅଥବା ନିମ୍ବଛେଲିର କ୍ୱାଥ ଅଧସେର ଖାଇଲେ କୋଚିଲା ବିଷ ନଷ୍ଟ ହୁଏ ।

## ଭାଲିଆ ବିଷ

୧) ନଡ଼ିଆ ରସ ଅଥବା ନାଳି ପଇଡ଼ ରସରେ ଚିନି, ମହୁ ମିଶାଇ ଖାଇବ ।

୨) ରାଶି (ଖସା) ଓ ତ୍ରିଫଳାର କ୍ୱାଥ ଖାଇବ ।

୩) ଭାଲିଆ ତେଲ ଦେହରେ ଲାଗି ଫୁଲା ବା ଘା ହେଲେ ରାଶି ଓ ଲହୁଣୀ ବାଟି ଲଗାଇବ ଓ ରୋଗୀକୁ ଖୁଆଇବ ।

## ଭାଲିଆ ଧୂଆଁ ବାଜି କିମ୍ୱା ତାର ରସ ଲାଗି ଦେହରେ ଫୁଲା ଓ ବ୍ରଣ ହେଲେ

ତିନ୍ତୁଳି ପତ୍ରକୁ ବାଟି ଦେହରେ ଲଗାଇବ ଏବଂ ତିନ୍ତୁଳି ପତ୍ର ରସ ୪/୫ ତୋଳା ଖାଇଲେ ଭାଲିଆ ଧୂଆଁ ଲାଗି ହୋଇଥିବା ଫୁଲା ବା ବ୍ରଣ ଭଲ ହେବ ।

## ମହୁରା ବିଷ (ଦାରୁମୂଷି ବିଷ)

କପା ଗଛର ପତ୍ର ବା ଫୁଲର ରସ, ପଞ୍ଚାମୃତ, ଚହ୍ଲା, ଅସ୍କନ୍ଦମୂଳ ଚୂର୍ଣ୍ଣ ଏଥି ମଧ୍ୟରୁ ଯେକୌଣସି ଗୋଟିଏ ଖାଇଲେ ମହୁରା ବିଷ ନଷ୍ଟ ହୁଏ ।

ମାତ୍ରା - କପା ଫୁଲ ବା ପତ୍ର ରସ ଦୁଇ ତୋଳା, ଅସ୍କନ୍ଦମୂଳ ଚୂର୍ଣ୍ଣ ସୁକି ଓଜନ ।

## ଅଶୁଦ୍ଧ ଗନ୍ଧକ ଖାଇ ମୁଣ୍ଡବୁଲା ପ୍ରଭୃତି ବିକାର ହେଲେ

ଗାଈ ଦୁଧରେ ଘିଅ ମିଶାଇ ୧୦/୧୫ ଦିନ ଖାଇବ ।

## କନକା ମଞ୍ଜି ବିଷ

ଦହିରେ ଲେମ୍ବୁରସ ମିଶାଇ ପିଇବ ।

## ମଦ ନିଶା

୧) ଚିନି ଓ ଘିଅ ମିଶାଇ ଖାଇଲେ ମତ୍ତତା ଜନ୍ମେ ନାହିଁ ।

୨) ପାଣିମିଶା ମହୁ, ବଚର କ୍ୱାଥ, ଲେମ୍ବୁରସ, ଆମ୍ବିଳା ତୋରାଣି ଏଥି ମଧ୍ୟରୁ ଯାହା ମିଳିବ ପାନ କଲେ ମଦ ନିଶା ନଷ୍ଟ ହୁଏ ।

## ଭାଙ୍ଗ ଓ ଗଞ୍ଜେଇ ନିଶା

୧) ଗରମ ଚା (ଦୁଧ, ଚିନି ନ ପକାଇ) ଏକ ଗ୍ଲାସ ପିଇଲେ ବାନ୍ତି ହୋଇ ନିଶା ଛାଡ଼ିଯାଏ । ବାନ୍ତି ହେବା ପର୍ଯ୍ୟନ୍ତ ପିଉଥିବ । (ବହୁ ପରୀକ୍ଷିତ)

୨) ହରିଦ୍ରା ଗୁଣ୍ଡ କାଞ୍ଜି ସହିତ ଖାଇଲେ ଗଞ୍ଜାଇ ବିଷ ନଷ୍ଟ ହୁଏ ।

## ଅଶୁଦ୍ଧ ପାରା ଖାଇବାର କ୍ଷତିକାରକ ପ୍ରଭାବ

୧) ଗିଲ ଗଛର କୋମଳ ଅଗ୍ରଭାଗ, ଯହିଁରେ କଣ୍ଟା ଜନ୍ମି ନଥାଏ ଓ ପତ୍ର ସେତେ ସତେଜ ହୋଇନଥାଏ, ସେହି ଅଗିରୁ ଅଧଛଟାଙ୍କି ରସ ବିନା ଜଳରେ ବାହାର କରି ପ୍ରତିଦିନ ପ୍ରାତଃକାଳରେ ସେବନ କଲେ ଏକ ସପ୍ତାହ ମଧ୍ୟରେ ଦେହରେ ଥିବା ସମସ୍ତ ଅଶୁଦ୍ଧ ପାରା ବାହାରିପଡ଼େ । ଶରୀରରେ ଯଦି ପାରଦଜନିତ କ୍ଷତ ଦେଖାଯାଏ, କ୍ଷତରୁ ରକ୍ତ ଓ ପୂଜ ବାହାରୁଥାଏ, ସ୍ଥାନେ ସ୍ଥାନେ ଫୁଲା ଓ ତାହା ମଧ୍ୟରେ ବେଦନା ବୋଧ ହୁଏ, ତାହାହେଲେ ଉପରୋକ୍ତ ଔଷଧ କ୍ଷତ ସ୍ଥାନରେ ପ୍ରୟୋଗ କଲେ ଅତିଶୀଘ୍ର ଦେହରୁ ପାରା ବାହାରିଯାଇ କ୍ଷତ ଶୁଖିଯାଏ ।

୨) ପୋକସୁଙ୍ଘା ପତ୍ରରୁ ରସ ବାହାର କରି ଗୋଟିଏ ପଥରବାଟିରେ ରଖିବ ଏବଂ ତାହାକୁ ହାତରେ ବାରମ୍ବାର ଗୋଳାଉଥିବ । ଯେତେବେଳେ ସେ ଟିକିଏ ଲୋହିତବର୍ଣ୍ଣ ହେବ, ସେତେବେଳେ ସେହି ରସ କ୍ଷତ ସ୍ଥାନରେ ଲଗାଇବ । ଏହିପରି ପ୍ରତିଦିନ ସକାଳେ ନୂତନ ରସ ବାହାର କରି କ୍ଷତ ସ୍ଥାନରେ ଦେବ । ଏକ ସପ୍ତାହ ବ୍ୟବହାର କଲେ ନିଶ୍ଚୟ ରୋଗମୁକ୍ତ ହେବ ।

୩) କଳାତୁଳସୀ ପତ୍ର ରସ ଏକ ଛଟାଙ୍କି ଖାଇଲେ ଦେହରୁ ପାରା ବାହାରିଯିବ । ୫/୭ ଦିନ ଖାଇବାକୁ ହେବ ।

୪) କଲରାପତ୍ର ରସ ଏକ ତୋଳା ହିସାବରେ ଏକ ସପ୍ତାହ ଖାଇଲେ ପାରାବିଷ ନଷ୍ଟ ହୁଏ ।

୫) କାଣି ଲେଉଟିଆ ଶାଗ ରସ ପ୍ରତିଦିନ ଦୁଇତୋଳା ସାତ ଦିନ ଖାଇଲେ ପାରା ବିଷ ନଷ୍ଟ ହୁଏ ।

## ଶଙ୍ଖୁଆ ବିଷ

୧) କଲରାପତ୍ର ରସ ୩/୪ ତୋଳା ପିଆଇ ରୋଗୀକୁ ବାନ୍ତି ଓ ବିରେଚନ କରାଇବ । ତା'ପରେ ଟାଙ୍ଗଣା ଖଇ ଏବଂ ଘିଅ ଏକତ୍ର ମିଶାଇ ରୋଗୀକୁ ଖୁଆଇଲେ ଶଙ୍ଖୁଆ ବିଷ ନଷ୍ଟ ହୁଏ । କେବଳ ଘିଅରେ ଟାଙ୍ଗଣା ଖଇ ମିଶାଇ ଖାଇଲେ ବିଷ ନଷ୍ଟ ହୁଏ ।

୨) କପା ଗଛର ପତ୍ର, ଫୁଲ ଓ ଫଳରସ ଅଥବା ପଞ୍ଚାମୃତ ଅଥବା ଜାମୁକୋଳି ଗଛର ଅଗି ଅଥବା ପାନରସ ଅଥବା କାଞ୍ଜି ଅଥବା ଚୂନପାଣି ପିଆଇବ ।

## ହରିତାଳ ବିଷ

ଚିନି ମିଶ୍ରିତ ଜୀରାଚୂର୍ଣ୍ଣ ଅଥବା ପାଣି କଖାରୁ ରସ ଅଥବା ଭୂଇଁ ନିମ୍ବର କ୍ୱାଥ ଅଥବା ସେବତୀ ପତ୍ର ରସ ଅଥବା ଦୁର୍ଲ୍ଲଭାର କ୍ୱାଥ ଏକ ସପ୍ତାହ କାଳ ସେବନ କରିବ ।

## ମନଃଶିଳା ବିଷ

ଗାଈ ଦୁଧରେ ମହୁ ମିଶାଇ ତିନି ଚାରିଦିନ ଖାଇବ ।

## ବିଛୁଆତି, ବାଇଡ଼ଙ୍କ ଲାଗି କୁଣ୍ଡାଇ ହେଲେ

ଅକାନବିନ୍ଧି ପତ୍ର ରସ, ଗଇଶ ପତ୍ର ରସ, ଅପାମାରଙ୍ଗ ପତ୍ର ରସ ବା ଚାକୁଣ୍ଡା ପତ୍ର ରସ ଯେକୌଣସି ଗୋଟିକର ପତ୍ର ରସ ଲଗାଇଲେ ଭଲ ହୁଏ ।

## ଅଫିମ ଖାଇବା ଅଭ୍ୟାସ ଛାଡ଼ିବା ପାଇଁ

ଶୁଦ୍ଧ କୋଚିଲା ମଞ୍ଜି ଚୂର୍ଣ୍ଣ ଏକ ତୋଳା, ଗୁଆ ଚୂର୍ଣ୍ଣ ଏକ ତୋଳା, ଗୋଲମରିଚ ଚୂର୍ଣ୍ଣ ବାରଅଣା ଓଜନ, ତିନ୍ତୁଳି ମଞ୍ଜି ଚୂର୍ଣ୍ଣ ଆଠ ରତି ଏ ସମସ୍ତ ପାଣିରେ ମର୍ଦ୍ଦନ କରି ଚଣା ପରି ବଟିକା କରିବ । ଯେ ଯେତେ ଅଫିମ ଖାଉଥିବ, ସେହି ମାତ୍ରାରେ ଏହି ବଟିକା ଖାଇଲେ ଅଫିମ ନିଶା ପରି ହୁଏ । ୧୦/୧୨ ଦିନ ଖାଇଲେ ଅଫିମ ଅଭ୍ୟାସ ଛାଡ଼ିଯାଏ । ପୁଣି ଅଫିମ ଖାଇବାକୁ ଇଚ୍ଛା ହୁଏ ନାହିଁ ।

## ସାପ ଗରଳ ଖାଇ ବିଷ ବିକାର ହେଲେ

ଘିଅ ସହିତ ଟାଙ୍ଗଣା ଖଇ ଚୂର୍ଣ୍ଣ ଅଧତୋଳା ଖାଇଲେ ସାପ ଗରଳ ବିଷ ବିକାର ଏବଂ ସ୍ଥାବର ଜଙ୍ଗମ ସକଳ ପ୍ରକାର ବିଷ ନଷ୍ଟ ହୁଏ ।

## ଅର୍ଶ

୧) ନାଗଭସ୍ମ (ସୀସା ଭସ୍ମ) ଏକ ରତି ସକାଳେ ଓ ଏକ ରତି ସନ୍ଧ୍ୟାରେ ଲହୁଣୀ ସହିତ ଏକ ସପ୍ତାହ ଖାଇବ । ତା'ପରେ ତମ୍ବାଭସ୍ମ ଏକ ରତି ସକାଳେ ଓ ଏକ ରତି ସନ୍ଧ୍ୟାରେ ଲହୁଣୀ ସହିତ ଏକ ସପ୍ତାହ ଖାଇ ପୁଣି ନାଗଭସ୍ମ ଲହୁଣୀ ସହିତ ଏକ ସପ୍ତାହ ଖାଇବ ।

୨) ଇଠାଫଳ (ମଞ୍ଜି ବାହାର କରି ) କରେଇରେ ରଖି ତଳେ ନିଆଁ ଜାଳି ପୋଡ଼ି ଚୂର୍ଣ୍ଣ କରି ସମଭାଗ ପପରିୟା (ଧଳା) ଖଇର ମିଶାଇ ଖଲରେ ମର୍ଦ୍ଦନ କରି ଶିଶିରେ ରଖିବ ।

**ମାତ୍ରା** – ଏକ ରତି ହିସାବରେ ଲହୁଣୀ ସଙ୍ଗେ ଦିନକୁ ଦୁଇ ଥର ଏକ ସପ୍ତାହ ଖାଇଲେ ଅର୍ଶ ରୋଗ ନଷ୍ଟ ହୁଏ । ପ୍ରତି ୬ ମାସରେ ସାତ ଦିନ ଖାଇଲେ ଆଉ ଅର୍ଶ ରୋଗର ଭୟ ନ ଥାଏ ।

**ଅପଥ୍ୟ** – ୩ଦିନ ଲୁଣ ଖାଇବ ନାହିଁ ଏବଂ ସାତ ଦିନ ଖଟା ଖାଇବ ନାହିଁ ।

୩) ନିମ୍ବଫଳ ମଞ୍ଜା ଚାରି ମସା ଚିକ୍କଣ କରି ବାଟି ପାଣିରେ ମିଶାଇ ଛାଣିବ । ସେଥିରେ ସାମାନ୍ୟ ଚୂଲିର ମାଟି ମିଶାଇ ପିଇଲେ କିଛି ଦିନ ପରେ ରକ୍ତାର୍ଶ ଭଲ ହୁଏ । (ରତ୍ନାକର) (ପରୀକ୍ଷିତ) ।

୪) ଗେରୁ ୫ ତୋଳାକୁ ଭୃଙ୍ଗରାଜ ରସରେ ୩ ଦିନ ଭାବନା ଦେଇ ଟଙ୍କା ଆକାରରେ ଟିକିଆ ତିଆରି କରି ଶୁଖାଇବ । ଏକ ପାଆ ଘଷି ଉପରେ ରଖି ଘଷିରେ ନିଆଁ ଲଗାଇବ । ଟିକିଆ ଭସ୍ମ ହେଲେ କାଢ଼ି ଶିଶିରେ ରଖିବ । ଏହି ଭସ୍ମରୁ ଚାରି ରତି ହିସାବରେ ମହୁ ସହିତ ଖାଇଲେ ରକ୍ତାର୍ଶ ଭଲ ହୁଏ ।

**୫) 'ବାତଶ୍ଲେଷ୍ମାର୍ଶସାଂ ତକ୍ରାତ୍ ପରଂ ନାସ୍ତୀହ ଭେଷଜମ୍,**
**ତତ୍ ପ୍ରଯୋଜ୍ୟଂ ଯଥା ଦୋଷଂ ସସ୍ନେହଂ ରୁକ୍ଷମେବ ବା ।' (ଚକ୍ରଦତ୍ତ)**

**ଅର୍ଥ** – ବାତଶ୍ଲେଷ୍ମଜନିତ ଅର୍ଶରେ ତକ୍ର ସମାନ ଉପକାରୀ ଅନ୍ୟ ଔଷଧ ନାହିଁ । ବାତ ଜନିତ ଅର୍ଶରେ ଲହୁଣୀ ସହିତ ତକ୍ର ଏବଂ ଶ୍ଲେଷ୍ମଜନିତ ଅର୍ଶରେ ଲହୁଣୀ ନଥିବା ତକ୍ର ବ୍ୟବହାର କରିବ । ତକ୍ର ପିଇବା ଦ୍ୱାରା ଅର୍ଶ ଏକବାର ଶାନ୍ତ ହେଲେ ପୁନରପି ହୁଏ ନାହିଁ ।

ଦୋଷ, ବଳ ତଥା କାଳ ଅନୁସାରେ ଯଥାବିଧି ସାତ ଦିନ, ଦଶ ଦିନ, ପନ୍ଦର ଦିନ ଅଥବା ଏକ ମାସ ତକ୍ର ପ୍ରୟୋଗ କରିବ । ଯେଉଁ ରୋଗୀର ଅଗ୍ନିମାନ୍ଦ୍ୟ ଥିବ, ତାକୁ କେବଳ ତକ୍ର ଆହାର କରାଇବ । ଜଠରାଗ୍ନି କିଛି ବେଶି ଥିଲେ ସକାଳେ ତକ୍ର ଏବଂ ରାତିରେ ଲିଆମଣ୍ଡ ଓ ତକ୍ର ମିଶାଇ ଦେବ । କିଛି ଦିନ ପରେ ଘିଅ ଭାତ ତକ୍ର ଦେବ । ଦିନକୁ ଦିନ ତକ୍ର ବେଶି ଖାଇବ ଏବଂ ସାଙ୍ଗେ ସାଙ୍ଗେ ଭାତ ଖାଇବା ଛାଡ଼ିବ । ରୋଗମୁକ୍ତ ହେଲା ପରେ ଭାତ ଖାଇବ ।

ତକ୍ର କିପରି ପାତ୍ରରେ ତିଆରି କରିବ ?

(କ) ଚିତାପାରୁ ଚେର ବାଟି କରି ମାଟି ହାଣ୍ଡିର ଭିତର ପଟେ ଲଗାଇ ଶୁଖାଇବ । ସେଥିରେ ଦହି ରଖିବ । ତାପରେ ତକ୍ର କରି ଖାଇବ ।

(ଖ) ଅଙ୍କରାନ୍ତି ଫଳ ବାଟି କରି ମାଟି ହାଣ୍ଡିର ଭିତର ପଟରେ ଲେପ ଦେବ ଓ ଏହି ପାତ୍ରରେ ଦଧି ମଥିତ ତକ୍ର ରାତ୍ରିରେ ରଖି ସକାଳେ ଖାଇବ ।

ତକ୍ର କାହାକୁ କହନ୍ତି ?

ଦହିରେ ଚାରି ଗୁଣ ପାଣି ଦେଇ ମନ୍ଥିଲେ ତକ୍ର ହୁଏ ।

୬) ପାନଚେର ଏକ ଭରି, ପୁରୁଣା ଖିସ୍‌ମିସ୍ ଏକ ଭରି । ପ୍ରଥମେ ପାନ ଚେରକୁ ଚିକ୍‌କଣ କରି ବାଟି ତା'ପରେ ଖିସ୍‌ମିସ୍‌କୁ ବାଟି ଏକତ୍ର ମିଶାଇ ପାଞ୍ଚରତି ମାତ୍ରାରେ ବଟିକା କରିବ । ପ୍ରତିଦିନ ସକାଳେ ବାସି ପାଣିରେ ଗୋଟିଏ ବଟିକା ଖାଇଲେ ଅର୍ଶର ରକ୍ତ ପଡ଼ିବା ବନ୍ଦ ହୁଏ । (ସନ୍ନ୍ୟାସୀଦତ୍ତ)

୭) ନିମ୍ବମଞ୍ଜି ଶସ ଏଗାରଟା ବାଟି ଘୋଳଦହି ସହିତ ପ୍ରତିଦିନ ସକାଳେ ଖାଇବ । ୧୧ ଦିନ ଖାଇଲେ ରକ୍ତାର୍ଶର ରକ୍ତ ବନ୍ଦ ହୁଏ ।

୮) ରକ୍ତ କଇଁ କନ୍ଦା ଚୋପା ଛଡ଼ାଇ ଚେକା ଚେକା କରି କାଟି ଘିଅରେ ଭାଜି ଚୂର୍ଣ୍ଣ କରି ସେହି ଚୂର୍ଣ୍ଣରୁ ୪ (ଚାରି) ଭରି ନେବ । ଏହା ସହିତ ରାସ୍ନା, ବିଡ଼ଙ୍ଗ, ଜାଇଫଳ, ଜାଇତ୍ରୀ ପ୍ରତ୍ୟେକ ଏକ ଭରି ଲେଖାଏଁ ଏବଂ କନ୍ଦ ଚାରି ଭରି ମିଶାଇ ଚୂର୍ଣ୍ଣ କରି ଶିଶିରେ ରଖିବ । ପ୍ରତିଦିନ ସୁକି ଓଜନ ଚୂର୍ଣ୍ଣ ସକାଳେ ଓ ସନ୍ଧ୍ୟାରେ ବାସି ପାଣିରେ ଖାଇବ । ଏହିପରି ୨୧ ଦିନ ଖାଇଲେ ଅର୍ଶ ରୋଗରୁ ମୁକ୍ତ ହେବ ।

**ପଥ୍ୟ -** କଞ୍ଚା ମୁଗ ବା କଞ୍ଚା ହରଡ଼ ଡ଼ାଲି ।

**ଅପଥ୍ୟ -** ଖଟା, ମିଠା, ଆମିଷ ଖାଇବ ନାହିଁ ।

୯) ୮/୧୦ ଗୋଟି ମୁଥାକୁ ଚିକ୍‌କଣ କରି ବାଟି ମିଶ୍ରି ସର୍ବତରେ ମିଶାଇ ଦିନକୁ ଦୁଇବେଳା

ଖାଇବ । ଅନ୍ତତଃ ୧୫ ଦିନ ଅଥବା ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବାକୁ ହେବ ।

୧୦) ଅପାମାରଗଙ୍ଗ ଚେର ଏକ ତୋଳା ଚାଉଳଧୁଆ ପାଣିରେ ବାଟି ମହୁ ସଙ୍ଗେ ମିଶାଇ ଖାଇଲେ ରକ୍ତାର୍ଶ ଓ କଫାନୁବିଦ୍ଧ ରକ୍ତାର୍ଶ ନିବାରିତ ହୁଏ । (ଶୁଶ୍ରୁତ)

୧୧) ରକ୍ତାର୍ଶରେ ଅଧିକ ରକ୍ତ ନିର୍ଗମ ଓ ପିପାସା ହେଉଥିଲେ ଦୁଇବେଳା ଶତାବରୀ ବାଟି ଛେଳି ଦୁଧରେ ମିଶାଇ ପିଇବ ।

୧୨) 'ରକ୍ତୋପଶାନ୍ତୟେ ଦେୟଂ ଗୁଦେ କର୍ପୂରଧୂପନମ୍ ।'

ରକ୍ତାର୍ଶରେ ବେଶୀ ରକ୍ତସ୍ରାବ ହେଉଥିଲେ ମଳଦ୍ୱାରରେ କର୍ପୂର ଧୂଆଁ ଦେବ ।

୧୩)

| | |
|---|---|
| (୧) ଚୋପା ଛଡ଼ା ମାଘିଖସା(କଳାରାଶି) | ୫ ଭରି |
| (୨) ରାସ୍ନା | ୧ ଭରି |
| (୩) ବିଡ଼ଙ୍ଗ | ୧ ଭରି |
| (୪) ଅଳେଇଚ | ୧ ଭରି |
| (୫) ଜାଇତ୍ରୀ | ୧ ଭରି |
| (୬) ଅର୍ଜୁନଛାଲି ଚୂର୍ଣ୍ଣ | ୧ ଭରି |
| (୭) ପୁରୁଣା ଗୁଡ଼ | ଯାହା ଦରକାର ହେବ । |

**ପ୍ରସ୍ତୁତବିଧି** - ମାଘି ଖସାକୁ ୫/୬ ଘଣ୍ଟା ପାଣିରେ ବତୁରାଇ ଛାଣି ଅଖା ଉପରେ ଘଷିଲେ ଚୋପା ବାହାରିଯିବ । ତା'ପରେ ତାକୁ ଶୁଖାଇ ଗୁଣ୍ଡ କରିବ । ତା'ପରେ ଅନ୍ୟ ପଦାର୍ଥ ଗୁଣ୍ଡ କରି ଖସାରେ ମିଶାଇବ । ଯେତିକି ପୁରୁଣା ଗୁଡ଼ ମିଶାଇଲେ ବଟିକା ହୋଇ ପାରିବ, ସେତିକି ଗୁଡ଼ ମିଶାଇ ବଟିକା କରି ବାସି ପାଣିରେ ଦୁଇ ବେଳା ଖାଇଲେ ବଳିଯୁକ୍ତ ଅର୍ଶ ଭଲ ହୁଏ ।

୧୪) କର୍ପୂରାଦି ଚୂର୍ଣ୍ଣ -

"ଘନସାରୋ ଲବଙ୍ଗଞ୍ଚ ଏଲାତ୍ୱକ ନାଗକେଶରମ୍
ଜାତୀଫଳ ମୁଶୀରଞ୍ଚ ନାଗରଂ କୃଷ୍ଣ ଜୀରକମ୍
କୃଷ୍ଣାଗୁରୁ ତୁଗାକ୍ଷରୀ ମାଂସୀ ନୀଳୋତ୍ପଳକଣା
ଚନ୍ଦଂ ତଗରଂ ବାଳଂ କାକୋଳଂ ଚେତି ଚୂର୍ଣ୍ଣୟେତ୍
ସମଭାଗାନି ସର୍ବାଣି ସର୍ବେଭ୍ୟୋଽର୍ଦ୍ଧସିତା ଭବେତ୍

କର୍ପୂରାଦ୍ୟମିଦଂ ଚୂର୍ଣ୍ଣଂ ବାତାର୍ଶୋନାଶନଂ ପରମ୍
ରୋଚନଂ ତର୍ପଣଂ ବୃଷ୍ୟଂ ତ୍ରିଦୋଷଘ୍ନଂ ବଳପ୍ରଦମ୍
ହୃଦ୍ରୋଗଂ କଟିରୋଗଞ୍ଚ କାଶ ହିକ୍‌କାଞ୍ଚ ପୀନସମ୍
ଯକ୍ଷ୍ମଣଂ ତମକଶ୍ୱାସମତିସାରବଳକ୍ଷୟମ୍
ପ୍ରମେହାରୁଚି ଗୁଳ୍ମାଦିନ୍ ଗ୍ରହଣୀମପି ନାଶୟତ୍ ।"

**ଅର୍ଥ** – କର୍ପୂର, ଲବଙ୍ଗ, ଅଳେଇଚ, ଡ଼ାଲଚିନି, ନାଗେଶ୍ୱର, ଜାଇଫଳ, ବେଣା ଚେର, ଶୁଣ୍ଠି, କଳାଜୀରା, କୃଷ୍ଣାଗୁରୁ, ବଂଶଲୋଚନା, ଜଟାମାଂସୀ, ନୀଳପଦ୍ମ, ପିପ୍‌ପଳୀ, ଚନ୍ଦନ, ତଗରପାଦ, କୁରୁବେଲି, କାଙ୍କୋଳୀ ଏ ସମୁଦାୟ ସମଭାଗ ଚୂର୍ଣ୍ଣକରି ଚୂର୍ଣ୍ଣର ଅଧେ ଚିନି ମିଶାଇ ସେବନ କଲେ ଉପରୋକ୍ତ ରୋଗମାନ ନଷ୍ଟ ହୁଅନ୍ତି ।

୧୫) ଜୀଅନ୍ତା ଛାରପୋକ ୬ଟା ଖଣ୍ଡେ ପାଚିଲା କଦଳୀ ଭିତରେ ପୂରାଇ (ଯେଉଁ ଖଣ୍ଡକ ଗିଳିପାରିବ) ପାଟିରେ ପାଣି ରଖି ଗିଳିପକାଇବ । ସକାଳେ ଖାଲିପେଟରେ ଔଷଧ ଖାଇବ । ଲାଗ୍ ଲାଗ୍ ଦୁଇ ଦିନରେ ଉପରୋକ୍ତ ମତେ ୧୨ଟି ଛାରପୋକ ଖାଇଲେ ଅର୍ଶରୋଗ ଭଲ ହୁଏ । ଘୃଣା କରି ଖାଇଲେ ଗୁଣ କରିବ ନାହିଁ । (ବହୁପରୀକ୍ଷିତ)

୧୬) ଅପାମାରଗଂ ମଞ୍ଜି ସୁକି ଓଜନ ଚାଉଳଧୁଆ ପାଣିରେ ବାଟି ପାନ କଲେ ରକ୍ତାର୍ଶ ନିଃସନ୍ଦେହରେ ଭଲ ହୁଏ । (ସାରଙ୍ଗଧର)

୧୭) ଧରଣୀକବାଟ ଗଛକୁ ଶୁକ୍ରବାର ଦିନ ନିମନ୍ତ୍ରଣ କରି ଶନିବାର ଦିନ ସେହି ଗଛର ପୂର୍ବ ଦିଗରୁ ଛେଲି ଆଣିବ । ସେହି ଛେଲିର ସମଭାଗ ଛେଳି ପୁଟିଆର ଚରା ମିଶାଇ ବରକୋଳି ମଞ୍ଜି ପରି ୧୪ଟି ବଟିକା କରିବ । ଦିନକୁ ଦୁଇଟି ବଟିକା – ସକାଳେ ଗୋଟିଏ ଏବଂ ସନ୍ଧ୍ୟାରେ ଗୋଟିଏ ପାଣି ସଙ୍ଗେ ଖାଇବ । ସାତ ଦିନରେ ରୋଗମୁକ୍ତ ହେବ । (ପରୀକ୍ଷିତ)

୧୮) ଶୋଧିତ ଭାଲିଆ, ହରିଡ଼ାଚୂର୍ଣ୍ଣ, କଳାରାଶି ଚୋପା ଥାଇ ପ୍ରତ୍ୟେକରୁ ଦୁଇ ତୋଳା, ଗୁଡ଼ ୪ ତୋଳା ଏକତ୍ର ମର୍ଦ୍ଦନ କରି ଏକଅଣା ଓଜନ ବଟିକା କରି ସକାଳେ ଗୋଟିଏ ବଟିକା ଏବଂ ସନ୍ଧ୍ୟାରେ ଗୋଟିଏ ବଟିକା ଖାଇବ । ୨୧ ଦିନ ଖାଇବ । ମାଛ, ମାଂସ, ରାଗ, ଖଟା, ଆଳୁ ପ୍ରଭୃତି ଖାଇବ ନାହିଁ । ଅର୍ଶ ଓ ମଳକଣ୍ଟକ ରୋଗରେ ଏହି ଔଷଧ ଖାଇବ ।

## ଅର୍ଶବଳି

୧) ପ୍ରତିଦିନ ସକାଳେ ଗୁଡ଼ ସହିତ ହରିଡ଼ାଚୂର୍ଣ୍ଣ ଖାଇଲେ ଅର୍ଶବଳିଜାତ ଅର୍ଶ ନିର୍ମୂଳ ହୁଏ । (ଶୁଶ୍ରୁତ)

**ମାତ୍ରା** – ହରିଡ଼ାଚୂର୍ଣ୍ଣ – ସୁକି ଓଜନ ।

୨) ଅରଖ କ୍ଷୀରରେ ଅଫିମ ମିଶାଇ ଅର୍ଶର ବଳିରେ ଲଗାଇଲେ ଯନ୍ତ୍ରଣା ନିବାରିତ ହୁଏ ।

୩) କୌଣସି ଜନ୍ତୁର ଶିଙ୍ଘ ଉପରେ ଉଠିଥିବା ଛତୁ (ଶିଙ୍ଘକୁ ମାଟିରେ ପୋତିଲେ ଏକ ମାସରେ ତା ଉପରେ ଛତୁ ଉଠିବ) ବିରାଡ଼ି ଏବଂ ଘୁଷୁରି ଗୁହ ଏ ସମସ୍ତଙ୍କର ଧୂପ ପ୍ରତିଦିନ ଦୁଇ ମିନିଟ୍ ଦେଲେ ୩ ଦିନରେ ଅର୍ଶବଳି ଝଡ଼ି ପଡ଼େ ।

୪) ଜହ୍ନି ମଞ୍ଜିର ଗୁଣ୍ଡ କନାରେ ବାନ୍ଧି ଅର୍ଶରେ ଘଷିଲେ ଅର୍ଶବଳୀ ଖସିପଡ଼େ । (ଚକ୍ରଦତ୍ତ)

## ଅର୍ଶରୋଗରେ ମଳଦ୍ୱାରରେ ଅସହ୍ୟ ଯନ୍ତ୍ରଣା ହେଲେ

କୋଚିଆ ମାଛ ମୁଣ୍ଡ ଶୁଖାଇ ରଖିଥିବ । ସେହି ଶୁଖିଲା ମୁଣ୍ଡକୁ ଗୁଣ୍ଡ କରି ସମଭାଗ ପତି (ଭାଙ୍ଗ) ମିଶାଇ ନିଆଁରେ ପକାଇ ତା'ର ଧୂଆଁ ମଳଦ୍ୱାରରେ ୧୦/୧୨ ମିନିଟ୍ ଦେଲେ ଅର୍ଶ ଯନ୍ତ୍ରଣା ଏକାଥରକେ ଭଲ ହୋଇଯାଏ । (ବହୁପରୀକ୍ଷିତ) । କୋଚିଆମାଛ ମୁଣ୍ଡ ଅଭାବରେ ଶୁଖୁଆ ମୁଣ୍ଡ ଦେଇ କେତେ ରୋଗୀ ଏହି ଯନ୍ତ୍ରଣାରୁ ରକ୍ଷା ପାଇଛନ୍ତି ।

## ଲିଙ୍ଗାର୍ଶ

ଅପାମାରଙ୍ଗ ମୂଳର କ୍ଷୀର ଓ ହରିତାଳ ସମାନ ଭାଗରେ ନେଇ ପାଣିରେ ବାଟି ପ୍ରଲେପ ଦେଲେ ଲିଙ୍ଗାର୍ଶ ନିବାରିତ ହୁଏ । (ଚକ୍ରଦତ୍ତ)

## ଭଗନ୍ଦର

୧) ମଳଦ୍ୱାରରୁ ଅଧଇଞ୍ଚ ଛାଡ଼ି ବାମ ବା ଡ଼ାହାଣ ପାଖ ପିଚାରେ ପ୍ରଥମେ ବ୍ରଣ ବାହାରିବ । ସେ ବ୍ରଣ ସହଜରେ ପାଚିବ ନାହିଁ । କେବଳ ସେହି ଜାଗା ଟାଣ ଲାଗିବ ଏବଂ ଦରଜ ହେବ । କିଛି ଦିନ ପରେ ସାମାନ୍ୟ ମୁହଁ ହୋଇ ସେହି ବାଟେ ଲସା ବାହାରିବ । ବହୁତ ଦିନ ପରେ ପୂଯରକ୍ତ ବାହାରିବ । ଚିକିତ୍ସା ନ କଲେ ବ୍ରଣର ଉପରପଟେ ମୁହଁ ଥାଇ ଭିତର ପଟୁ ମଳଦ୍ୱାର ଆଡ଼କୁ ମୁହଁ ହେବ । ସେହି ବାଟେ ମଳ ମଧ୍ୟ ବାହାରିବ । ଏହିପରି ହୋଇଗଲେ ରୋଗ ଅସାଧ୍ୟ ବୋଲି ଜାଣିବ । ତଥାପି ନିମ୍ନଲିଖିତ ଔଷଧରେ ରୋଗମୁକ୍ତ ହେବ । ଭଗନ୍ଦର ବ୍ରଣ ମୁହଁରେ ଅରଖ କ୍ଷୀର ଲଗାଇବ । କେତେକ ଘଣ୍ଟା ପରେ ଯେତେବେଳେ ବ୍ରଣର ମୁହଁରେ ରକ୍ତ ଦେଖାଯିବ, ସେତେବେଳେ ବାରମ୍ବାର ଅରଖ କ୍ଷୀର ଲଗାଇଲେ ବହୁତ ବଦରକ୍ତ ବାହାରଯିବ । ଏହିପରି ଦୁଇ ଦିନ କରି ସମସ୍ତ ବଦରକ୍ତ ବାହାର କରିଦେବ । ଏହିପରି ଅରଖ କ୍ଷୀର ପ୍ରୟୋଗ ଦ୍ୱାରା ଭଗନ୍ଦର ବ୍ରଣରୁ ବଦରକ୍ତ ବାହାରିବା ସଙ୍ଗେ ସଙ୍ଗେ ଅରଖ କ୍ଷୀର ରକ୍ତରେ ମିଶି ଭଗନ୍ଦର ରୋଗକୁ ନାଶ କରେ । ତା'ପରେ ୧୫ ଦିନ ପର୍ଯ୍ୟନ୍ତ ଶୁଖିଲା ଅରଖ କ୍ଷୀର ଏକ ରତି ହିସାବରେ ଗୋଟିଏ ବଟିକା ପ୍ରତିଦିନ ଖାଇଲେ ଏହି ରୋଗ ଆଉ ଆକ୍ରମଣ କରିବ ନାହିଁ । ଅରଖ କ୍ଷୀରକୁ ଗୋଟିଏ ପାତ୍ରରେ ସଂଗ୍ରହ କରି

ଖରାରେ ଶୁଖାଇବ । ପ୍ରାୟ ଚଉଦ ଅଣା ଶୁଖିଗଲା ପରେ ଏକ ରତି ହିସାବରେ ବଟିକା ବାନ୍ଧି ପୁଣି ଖରାରେ ଶୁଖାଇ ଶିଶିରେ ରଖିବ । ଏକାଧିକ ଥର ଅପରେସନ କରି ମଧ ଏହି ରୋଗ ଭଲ ହେଉ ନାହିଁ । ବିନା ଅର୍ଥବ୍ୟୟରେ ଉପରୋକ୍ତ ଔଷଧରେ ଏହି ଭୟଙ୍କର ଓ କଷ୍ଟ ଦାୟକ ରୋଗରୁ କିପରି ମୁକ୍ତି ପାଇବ, ପରୀକ୍ଷା କରିବାକୁ ଅନୁରୋଧ । (ପରୀକ୍ଷିତ)

୨) (୧) ତବକୀ ହରିତାଳ    ୧ ତୋଳା

(୨) ଶୋଧିତ ଶ୍ୱେତ ଶଙ୍ଖିଆ    ୨ ତୋଳା

(୩) ରସ କର୍ପୂର    ୧ ତୋଳା

ଏ ସମସ୍ତକୁ ଏକତ୍ର ଖଲରେ ମର୍ଦ୍ଦନ କରି ଖଣ୍ଡେ କନାରେ ବାନ୍ଧି ଏକ ତୋଳା ଫିଟିକିରି ଗୋଟିଏ ସରାରେ ରଖି ତା ଉପରେ କନାପୁଟୁଳି ରଖି ତା ଉପରେ ପାଞ୍ଚ ତୋଳା ଫିଟିକିରି ଚୂର୍ଣ୍ଣ ରଖି ଆଉ ଗୋଟିଏ ସରା ଉପରେ ରଖି କୋଇଲା ନିଆଁରେ (ତୀବ୍ର ନିଆଁ) ଦୁଇ ଘଣ୍ଟା ରଖିବ । ସ୍ୱାଙ୍ଗ ଶୀତଳ ହେଲା ପରେ ଫିଟିକିରି ବାହାର କରିଦେଇ ପୁଟୁଳିକୁ ଧୀରେ ବାହାର କରି ଆଠ ଘଣ୍ଟା ମର୍ଦ୍ଦନ କରିବ ଏବଂ ଶିଶିରେ ରଖିବ ।

**ମାତ୍ରା** – ଅଧରତି ଠାରୁ ଏକ ରତି ମହୁ ସଙ୍ଗେ ଖାଇବ ।
**ପଥ୍ୟ** – କେବଳ ଗହମ ରୁଟି ଘିଅ, ଦୁଧ, ଚିନି ।
**ଅପଥ୍ୟ** – ଖଟା ଖାଇବ ନାହିଁ ।

ଏହି ଔଷଧ ଭଗନ୍ଦର, ଗର୍ମି, କୁଷ୍ଠ, ବିଶେଷତଃ ଗଳିତ କୁଷ୍ଠ ଏବଂ କ୍ୟାନ୍‌ସର୍‌ରେ ବିଶେଷ ଫଳପ୍ରଦ । (ଧନ୍ୱନ୍ତରୀ ମାସିକ ପତ୍ରିକା)

୩) ହରିଦ୍ରା, ବାହାଡ଼ା, ଅଁଳା, ପିପ୍‌ପଳୀ ପ୍ରତ୍ୟେକରୁ ଦୁଇ ତୋଳା, ଗୁଗ୍‌ଗୁଳ ଦଶ ତୋଳା ଏ ସମସ୍ତ ଘୃତରେ ମର୍ଦ୍ଦନ କରି ଅଧ ତୋଳା ପ୍ରମାଣ ବଟିକା କରିବ । ସକାଳେ ଖାଲି ପେଟରେ ଗୋଟିଏ ଲେଖାଏଁ ବଟିକା ଖାଇଲେ ଭଗନ୍ଦର ରୋଗ ନିବାରିତ ହୁଏ । (ଚକ୍ରଦତ୍ତ)

୪) ମାନସା ସିଝୁର କ୍ଷୀର, ଶ୍ୱେତ ଅରଖ କ୍ଷୀର, ଡ଼ାଲଚିନି, ହଳଦୀ, ସମଭାଗ ନେଇ ଚିକ୍‌କଣ କରି ବାଟି ଖଣ୍ଡେ କନାରେ ବୋଳିବ । କନା ଶୁଖିଗଲେ ସେଥିରେ ବତୀ ତିଆରି କରି ସେହି ବତୀରେ ନିଆଁ ଲଗାଇ ଭଗନ୍ଦରରେ ଧୂଆଁ ଦେଲେ ଭଗନ୍ଦର ଭଲ ହୁଏ ।

୫) ରାଶିତେଲକୁ କରେଇରେ ଫୁଟାଇବ । ଫେଣ ମରିଗଲେ ସେଥିରେ ଦଶମୂଳ କ୍ୱାଥ ଏବଂ ମୂଷାମାଂସକୁ ବାଟି ଏକତ୍ର କରି ସେହି ଫୁଟୁଥିବା ତେଲରେ ପକାଇ ପାକ କରିବ । ପାଣି ଅଂଶ ମରିଗଲେ ତୈଳ ବାହାର କରି ଶିଶିରେ ରଖିବ । ସେହି ତୈଳ ଭଗନ୍ଦର କ୍ଷତରେ ଲଗାଇଲେ ଭଲ ହୁଏ । ଏହି ତୈଳରେ ମଳଦ୍ୱାର ବାହାରି ପଡ଼ିବା ରୋଗ ମଧ ଭଲ ହୁଏ ।

୬) ବଙ୍ଗ ଭସ୍ମ ୧ ଭରି, ଲୌହଭସ୍ମ ୧ ଭରି, ଦନ୍ତିମଞ୍ଜି ୨ ଭରି ଏ ସମସ୍ତ ଦନ୍ତିମୂଳ କ୍ୱାଥରେ ମର୍ଦ୍ଦନ କରି ୪ ରତି ହିସାବରେ ବଟିକା କରି ରଖିବ । ଏଥିରୁ ଗୋଟିଏ ଲେଖାଏଁ ବଟିକା ଗରମ ପାଣିରେ ଖାଇଲେ ଆଠ ପ୍ରକାରର ଓଦରି, ଶୋଥ, ଗୁଳ୍ମ, ଭଗନ୍ଦର, ଶ୍ଳୀପଦ, ଅନ୍ତକୋଷ, ଅଧ୍ମାନ, ଅନାହ, ଅର୍ଶ, ଶୂଳ, ବିଦ୍ରଧି ଭଲ ହୁଏ । (ତାଳପତ୍ର ପୋଥିରୁ ପ୍ରାପ୍ତ)

## ମଳକଣ୍ଟକ

୧) ବରଓହଳ ଅଗି ୪ଖଣ୍ଡ ସେଥିରେ ୪ଗୋଟି ଲବଙ୍ଗ ମିଶାଇ ଦୁଧରେ ବାଟି ପିଇବ । ସାତ ଦିନ ଔଷଧ ଖାଇବ ।

୨) ରଙ୍ଗବାଣ ଗଛର ମଞ୍ଜି ଘୋରି ମଳ କଣ୍ଟକରେ ଲଗାଇଲେ ଭଲ ହୁଏ ।

୩) ପଦ୍ମପତ୍ରରେ ମହୁ, ଘିଅ ଲଗାଇ ଅଗ୍ନିରେ ଉଷୁମ କରି ମଳଦ୍ୱାରରେ ସେକ ଦେବ । ପରେ ଗୋଟିଏ ପଦ୍ମପତ୍ର ଦେଇ ଲେଙ୍ଗୁଟି ମାରିବ । ଏହିପରି ୪/୫ ଦିନ, ଦିନକୁ ଦୁଇ ବେଳା ବ୍ୟବହାର କରିବ ।

୪) ମଲ୍ଲୀପତ୍ରକୁ ଚାଉଳଧୂଆ ପାଣିରେ ବାଟି ଲେପ ଦେବ ।

୫) ଚିତାପାରୁ ଗଛର ଚେରର ଚୂର୍ଣ୍ଣ ଏକ ଅଣା ଓଜନ ଦହି ସହିତ ଖାଇଲେ ମଳକଣ୍ଟକ ବିନଷ୍ଟ ହୁଏ । ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ ।

୬) ଅକାନବିନ୍ଧି ଚେର ସୁକି ଓଜନ ସମଭାଗ ଶୁଣ୍ଠି ମିଶାଇ ଖାଇଲେ ମଳକଣ୍ଟକ ବେଦନା ନିବାରିତ ହୁଏ ।

## ମଳଦ୍ୱାର ବାହାରି ପଡ଼ିଲେ

୧) କଇଞ୍ଚିକାକୁଡ଼ି ପତ୍ର ରସ ଦୁଇ ଆଖିରେ ଦୁଇ ଟୋପା ପକାଇବ । ରୋଗମୁକ୍ତ ହେବା ପର୍ଯ୍ୟନ୍ତ ପ୍ରତିଦିନ ପକାଉଥିବ । ପ୍ରାୟ ସାତ ଦିନରେ ଭଲ ହେବ । (ପରୀକ୍ଷିତ)

୨) ଝଟିପିଟି ମାରି ଘିଅରେ ଭାଜି ଚୂରିକରି କଡ଼ିଆ (ମଳଦ୍ୱାର ବାହାରି ପଡ଼ିବା) ଉପରେ ବାନ୍ଧିଲେ ଭଲ ହୁଏ । (ପରୀକ୍ଷିତ)

୩) ଗୋଟିଏ କୁକୁଡ଼ା ଅଣ୍ଡାଦ୍ୱାରା କଡ଼ିଆକୁ ଭିତରକୁ ପୂରାଇ ସେହି ଅଣ୍ଡାକୁ ମଳଦ୍ୱାରରେ ବାନ୍ଧି ରଖିବ । ଏହିପରି କଲେ ଦୁଇ ତିନି ଦିନରେ ଭଲ ହୁଏ । ଏକା ଦିନକେ ମଧ୍ୟ ଭଲ ହୋଇଯାଏ ।

୪) କାଣ୍ଡିଆକୁଣ୍ଡା, ଗାଈ ଦୁଧ ଫେଣ (ଗାଈ ଦୁହିଁବା ସମୟରେ ଦୁଧ ଉପରେ ଯେଉଁ ଫେଣ ଦେଖାଯାଏ )ଏକତ୍ର ମିଶାଇ ମଳଦ୍ୱାରରେ ଲେପ ଦେଇ କଉପୁନି ମାରିବ ।

୫) କୋମଳ ପଦ୍ମପତ୍ରକୁ ଚିନି ସହିତ ଖାଇଲେ କଡ଼ିଆ ନିଶ୍ଚୟ ପ୍ରଶମିତ ହୁଏ । (ଚକ୍ରଦତ୍ତ)

୬) ବୋଲଝାଞ୍ଜିକୁ ମାଟି ପାତ୍ରରେ ଭରି ପାତ୍ରର ମୁହଁ ବନ୍ଦ କରି ନିଆଁରେ ବସାଇବ । ଯେତେବେଳେ ବାଷ୍ପ ବାହାରିବ, ଉକ୍ତ ବାଷ୍ପକୁ ଗୁହ୍ୟ ଦ୍ୱାରରେ ଦେଲେ ବହିର୍ଗତ ଗୁଜ (କଡ଼ିଆ) ଅନ୍ତଃପ୍ରବିଷ୍ଟ ହୁଏ ।

ବୋଲଝାଞ୍ଜି - ସଂସ୍କୃତରେ - ବାରିପର୍ଣ୍ଣୀ, କୁମ୍ଭୀ, ଆକାଶମୂଳୀ ଓ ବାରିପାଳିକା, ବଙ୍ଗ ଭାଷାରେ - ଟୋକାପାନ, ହିନ୍ଦୀରେ - ଜଳକୁମ୍ଭୀ ।

୭) ଦଶମୂଳ କ୍ୱାଥ ଓ ମୂଷା ମାଂସକୁ ଏକତ୍ର ବାଟି ରାଶି ତେଲରେ ପାକ କରି ସେହି ତେଲ କଡ଼ିଆରେ ଲଗାଇଲେ ଭଲ ହୁଏ ।

## ଯୋନିକନ୍ଦ (ପେନ୍ଦ)

ମୂଷାର ମାଂସକୁ ବାଟି ରାଶି ତେଲରେ ମିଶାଇ ସୂର୍ଯ୍ୟପାକ କରି ଏହି ତୈଳ ଯୋନିରେ ମାଲିସ୍ କଲେ ଯୋନିକନ୍ଦ (ପେନ୍ଦ) ବିନଷ୍ଟ ହୁଏ ।

## ଜଳୋଦର ଓ ଉଦର ରୋଗ

୧) ପୁରୁଣା ମାଣ ସାରୁ କନ୍ଦାର ଚୂର୍ଣ୍ଣ ଆଠ ତୋଳା, ଅଳ୍ପ ପେଷା ତଣ୍ଡୁଳ ୧୬ ତୋଳା, ସମପରିମିତ ଦୁଧ ଓ ଜଳ ଦେଇ ପାୟସ ପ୍ରସ୍ତୁତ କରିବ । ଏହାକୁ କେବଳ ଖାଇବ । ଅନ୍ୟ କୌଣସି ଖାଦ୍ୟ ଖାଇବ ନାହିଁ । ଏହି ଔଷଧରେ ବାତୋଦର, ଶୋଥଗ୍ରହଣୀ ଓ ପାଣ୍ଡୁରୋଗ ଶାନ୍ତ ହୁଏ । (ଚକ୍ରଦତ୍ତ)

୨) ବାବୁଲ ଛାଲିର କ୍ୱାଥକୁ ବାରମ୍ବାର ସିଦ୍ଧ କରି ଗାଢ଼ କରିବ ଏବଂ ସେଥିରେ ଚହ୍ଲା ମିଶାଇ ପିଇବ ଏବଂ ପଥ୍ୟ ରୂପେ କେବଳ ଚହ୍ଲା ପାନ କଲେ ଉଦରରୋଗ ଶାନ୍ତ ହୁଏ । (ବଙ୍ଗସେନ)

ମାତ୍ରା - ସୁକି ଓଜନ ।

୩) ଛତିନା ଚେର (ସପ୍ତପର୍ଣ୍ଣୀ) ସୁକି ଓଜନ, ଧାତୁକି ଚେର ସୁକି ଓଜନ ଏକତ୍ର ଆମ୍ବିଳି ଗୁଆ ଦହିରେ ବାଟି ଦୁଇ ସପ୍ତାହ ଖାଇଲେ ଜଳୋଦର ଭଲ ହୁଏ ।

୪) ଗୋମୂତ୍ରସିଦ୍ଧ ଦଶ ମୂଳ କ୍ୱାଥ ପାନ କଲେ ବାତୋଦର, ଶୋଥ ଓ ଶୂଳ ଶାନ୍ତ ହୁଏ । (ଚକ୍ରଦତ୍ତ)

୫) ସାମୁଦ୍ର, ସଚଳ, ସୈନ୍ଧବ, ଯବକ୍ଷାର, ବିଟ ଲବଣ, ଜୁଆଣୀ, ବଣଜୁଆଣୀ, ପିପ୍ପଳୀ, ଚିତାପାରୁମୂଳ, ଶୁଣ୍ଠି, ହିଙ୍ଗୁ, ପ୍ରତ୍ୟେକ ସମଭାଗ ଚୂର୍ଣ୍ଣ କରି ସୁକି ଓଜନ ଚୂର୍ଣ୍ଣ ଘିଅ ସହିତ ପ୍ରଥମ ଗ୍ରାସ ସହିତ ଭୋଜନ କଲେ ବାତୋଦର, ଗୁଳ୍ମ, ଅଜୀର୍ଣ୍ଣ, ବାତ ପ୍ରକୋପ, ଗ୍ରହଣୀ ଦୋଷ, ଅର୍ଶ, ପାଣ୍ଡୁ ଓ ଭଗନ୍ଦର ତତ୍‌କ୍ଷଣାତ୍ ନଷ୍ଟ ହୁଏ । (ଚକ୍ରଦତ୍ତ)

ପ୍ରଥମେ ରୋଗୀର ବିରେଚନ କରାଇ ଔଷଧ ଦେବ ।

ଉଦର ରୋଗରେ ପ୍ରତିଦିନ ବିରେଚନ କରାଇବା ଉଚିତ୍ । ବାତୋଦରରେ ପିପ୍‌ପଳୀ ଓ ସୈନ୍ଧବ ଲବଣ ସହିତ ତକ୍ର ପାନ କରାଇବ । ପିତ୍ତୋଦରରେ ଶର୍କରା ମରିଚ ସହିତ ମଧୁର ତକ୍ର ପାନ କରାଇବ । କଫୋଦରରେ ଜୁଆଣୀ, ସୈନ୍ଧବ ଲବଣ, ଜୀରା, ଶୁଣ୍ଠି, ପିପ୍‌ପଳୀ ଓ ଗୋଲମରିଚ ସହିତ ମହୁ ମିଶାଇ ଅମ୍ଳତକ୍ର ପିଆଇବ । ପ୍ଲୀହୋଦରରେ ମହୁ, ତେଲ, ବଚ, ଶୁଣ୍ଠି, ଶତମୂଳୀ (ସଉପ), କୁଢ଼ ଓ ସୈନ୍ଧବ ଲବଣ ସହିତ ତକ୍ର ପାନ କରିବ । ଜଳୋଦରେ ପିପ୍‌ପଳୀ ଓ ଗୋଲମରିଚ ସହିତ ତକ୍ର ପାନ କରାଇବ । ବଦ୍ଧୋଦରରେ ହବୁଷା, ଜୁଆଣୀ, ଜୀରା ଓ ସୈନ୍ଧବ ଲବଣ ସହିତ ତକ୍ର ପାନ କରାଇବ । ସନ୍ନିପାତୋଦରରେ ଶୁଣ୍ଠି, ପିପ୍‌ପଳୀ, ଗୋଲମରିଚ, ଯବକ୍ଷାର ଓ ସୈନ୍ଧବ ଲବଣ ସହିତ ତକ୍ର ପାନ କରାଇବ । (ଚକ୍ରଦତ୍ତ)

୬) ଲୌହଭସ୍ମ, ପିପ୍‌ପଳୀ, ପିପ୍‌ପଳୀମୂଳ, ଶୁଣ୍ଠି, ଦେବଦାରୁ, ନାଗର ମୁଥା, ଇନ୍ଦ୍ରଯବ, ବିଡ଼ଙ୍ଗ, କଟୁକୀ, ହରିଡ଼ା, ବାହାଡ଼ା, ଅଁଳା, ସ୍ୱର୍ଣ୍ଣମାକ୍ଷିକ ଭସ୍ମ ପ୍ରତ୍ୟେକ ଏକ ତୋଳା ସମସ୍ତର ଚୂର୍ଣ୍ଣକୁ କନାରେ ଛାଣି ଗୋମୂତ୍ରରେ ମର୍ଦ୍ଦନ କରି ବରକୋଳି ପରି ବଟିକା କରିବ । ସକାଳ ଓ ସନ୍ଧ୍ୟାରେ ପୁରୁଣି ପତ୍ର ରସରେ ବା ମହୁ ସଙ୍ଗେ ଖାଇବ । ରୋଗୀକୁ ପାଣି ପିଇବାକୁ ଦେବ ନାହିଁ । ଲୁଣ ଖାଇବ ନାହିଁ । ରୁଟି, ସଜନା ତରକାରୀ ଲୁଣ ନ ପକାଇ ଖାଇବ । କଟୁକୀ, ତ୍ରିଫଳା କ୍ୱାଥ ପ୍ରତିଦିନ ଦେବ । ଶୋଷ ହେଲେ ପୁରୁଣି ପତ୍ର ରସ ବା ଲୁଣଲୁଣିକା ପତ୍ର (କାକମାଚି) ରସ ଦେବ । (ଧନ୍ୱନ୍ତରୀ)

୭) ବଡ଼ ପିପ୍‌ପଳୀ ୪ ତୋଳା, ବଡ଼ ହରିଡ଼ାର ଚୋପା ୪ ତୋଳା ଏହି ଦୁଇ ପଦାର୍ଥକୁ କୁଟି କରି ଅଷ୍ଟଧାରା ସିଝୁ କ୍ଷୀରରେ ୨୪ ଘଣ୍ଟା ଭାବନା ଦେଇ ମର୍ଦ୍ଦନ କରି ବରକୋଳି ପରି ବଟିକା କରିବ ।

**ସେବନବିଧି** - ବଳବାନ୍ ଲୋକକୁ ଗୋଟିଏ ବଟିକା, ନିର୍ବଳକୁ ଅଧା ବଟିକା ଖୁଆଇ ଶରପୁଙ୍ଖା କ୍ୱାଥରେ ଦୁଇ ତୋଳା ମିଶ୍ରି ମିଶାଇଦେବ ।

**କ୍ୱାଥ** - ଦୁଇ ତୋଳା ଶରପୁଙ୍ଖା ଦେଢ଼ପା ପାଣିରେ ଆଉଟି ଚତୁର୍ଥାଂଶ ରହିଲେ ଦୁଇ ତୋଳା ମିଶ୍ରି ମିଶାଇ ଦେବ ।

**ଶରପୁଙ୍ଖା ଗଛ** - କୋଳଥିଆ ଗଛ । ସଂସ୍କୃତରେ - ଶରପୁଙ୍ଖ, ପ୍ଲୀହଶତ୍ରୁ, ବଙ୍ଗଳାରେ- ବନନୀଳ ଓ ଶରପୁଙ୍ଖ; ହିନ୍ଦୀରେ - ସରଫୋକା; ତେଲୁଗୁରେ - ବେମ୍ପଲିଚେଟ୍ଟୁ ବୋଲନ୍ତି । ବର୍ଣ୍ଣଭେଦରେ ଏହି ଗଛ ଦୁଇ ପ୍ରକାର - ଧୋବ କୋଳଥିଆ ଓ ରଙ୍ଗ କୋଳଥିଆ ।

**ବିଶେଷ ଦ୍ରଷ୍ଟବ୍ୟ -** ଔଷଧ ଖାଇଲାବେଳେ ଦାନ୍ତରେ ଯେପରି ଔଷଧ ନ ଲାଗେ । ଝାଡ଼ା ସଫା ନ ହେଲେ ପ୍ରତି ୩ ଦିନରେ ମେଣ୍ଢା ଦୁଧ ନ ହେଲେ ଇଚ୍ଛାଭେଦୀ ରସ ଅଥବା ଦୁଇ ତୋଳା ମଞ୍ଜୁଆଟି ଚେରର କ୍ୱାଥ ପିଆଇଲେ ଝାଡ଼ା ସଫା ହେବ ।

**ପଥ୍ୟ -** କେବଳ ଛେଳିଦୁଧରେ ମିଶ୍ରି ଦେଇ ଖାଇବ । ଆଉ କିଛି ଖାଦ୍ୟ ଖାଇବ ନାହିଁ । ଲୁଣ ଖାଇବ ନାହିଁ । ପାଣି ପିଇବାକୁ ଦେବ ନାହିଁ ।

୮) କଟୁକୀ ୪ ତୋଳା କୁଟି କରି ୧୬ ତୋଳା ପାଣିରେ କ୍ୱାଥ କରି ଚତୁର୍ଥାଂଶ ରହିଲେ ଛାଣିକରି ରୋଗୀକୁ ଦେବ । ଏହିପରି ପ୍ରତିଦିନ କ୍ୱାଥ କରି ସକାଳେ ୨୧ଦିନ ଦେବ ।

ହାତ, ପାଦ ପ୍ରଭୃତି ଫୁଲିଥିଲେ - ମଇଁଷି ଦୁଧର ଲହୁଣୀ, କଳାରାଶି, ଶୁଖିଲା ଲୁଣ ଲୁଣିକା ଫଳ (କାକମାଚି) ସମଭାଗ ପେଷିକରି ଲହୁଣୀ ସଙ୍ଗେ ମିଶାଇ ଦିନରେ ଶୋଥ ଉପରେ ଲେପ ଦେବ । ସନ୍ଧ୍ୟାବେଳକୁ କାଢ଼ି ପକାଇବ । ଏହି ଔଷଧରେ ରୋଗୀର ଦିନକୁ ୪/୫ ଥର ଝାଡ଼ା ହେବ ଏବଂ ରୋଗୀ କ୍ରମଶଃ କ୍ଷୀଣ ହୋଇଯିବ । ତୃତୀୟ ସପ୍ତାହରେ ରୋଗୀର ପେଟ ପୂର୍ବପରି ହୋଇଯିବ । ହାତ, ପାଦ, ପ୍ରଭୃତିରୁ ଶୋଥ ଯାଇ ରୋଗୀ ଦେଖିବାକୁ କଙ୍କାଳସାର ହୋଇଯିବ । ଭୟ କରିବାର କିଛି କାରଣ ନାହିଁ ।

**ପଥ୍ୟ -** ୨୧ ଦିନ କେବଳ ଗାଈ ଦୁଇ ଓ ଛେଳିଦୁଧକୁ ଆଉଟି ମିଠା ମିଶାଇ ଦେବ । ଭୋକ ଓ ଶୋଷ ହେଲେ କେବଳ ଦୁଧ ପିଇବ । ୨୨ଦିନ ଦୁଇ ତୋଳା ଚାଉଳର ଭାତମଣ୍ଡକୁ ପାଞ୍ଚ ତୋଳା ପ୍ରମାଣରେ ଦେବ । କ୍ରମଶଃ ଅଧ ତୋଳା ଚାଉଳ ବଢ଼ାଇ ମଣ୍ଡ କରି ଏକ ସପ୍ତାହ ଦିନର ପ୍ରଥମ ପ୍ରହରରେ ଦେବ । ଶୋଷ ହେଲେ ଦୁଧ ଦେବ । ୨୯ ଦିନ ଠାରୁ କ୍ରମଶଃ ଅଧତୋଳା ଚାଉଳ ବଢ଼ାଇ ବଣ ମୁଗ ମିଶ୍ରିତ ଭାତ ଏକ ସପ୍ତାହ ଦେବ । ଶୋଷହେଲେ ଇଚ୍ଛାନୁସାରେ ଦୁଧ ଦେବ । ୩୬ ଦିନରୁ ମଣ୍ଡ ମିଶ୍ରିତ ଭାତ ସଙ୍ଗେ ବଣ ମୁଗର ଯୁଷ୍ ବଢ଼ାଇ କରି ଦେବ । ତା'ପରେ ଦିନକୁ ୨ଥର ମୁଗ ଯୁଷ ଓ ଭାତ ଦେବ । ଏହିପରି ନିୟମିତ ଚିକିତ୍ସାରେ ଭୟଙ୍କର ଜଳୋଦର ବ୍ୟାଧି ଭଲ ହୁଏ ।

## ପ୍ଳୀହା ବଢ଼ିଯିବା ରୋଗ

୧) ରଙ୍ଗକୋଳଥିଆ ଚେରର ଛାଲି ଦୁଇ ଅଣା ଓଜନ ଚହ୍ଲା ସହିତ ବାଟି ଦିନକୁ ଦୁଇ ଥର ରୋଗମୁକ୍ତ ହେବା ପର୍ଯ୍ୟନ୍ତ ପିଇବ । (ଚକ୍ରଦତ୍ତ)

କୋଳଥିଆ - ସଂସ୍କୃତ - ଶରପୁଙ୍ଖା, ପ୍ଳୀହଶତ୍ରୁ ।

୨) ପରିଷ୍କାର ସୋରା ଆଠ ତୋଳା, ପରିଷ୍କୃତ ଫିଟିକିରି ଦୁଇ ତୋଳା ଉତ୍ତମ ରୂପେ ଚୂର୍ଣ୍ଣ କରି ଚୁଲୀ ଉପରେ କରାଇ ବସାଇ ଏହି ଦଶ ତୋଳା ଚୂର୍ଣ୍ଣ ତହିଁରେ ପକାଇବ; ତତ୍କ୍ଷଣାତ୍

ପାଣି ହୋଇଯିବ । ଏହି ସମୟରେ ପିଠାଖଡ଼ିକା ଦ୍ୱାରା କରେଇରୁ ସେହି ତରଳ ପଦାର୍ଥକୁ ଉଠାଇବାକୁ ହେବ । ପିଠା ଖଡ଼ିକାକୁ ଝାଡ଼ିଲେ ବା ଛୁରୀ ଦ୍ୱାରା ଚାଞ୍ଛିଲେ ଶୁକ୍ଳବର୍ଣ୍ଣ ଅତି ସୂକ୍ଷ୍ମ ପଦାର୍ଥ ବାହାରିବ । ପିଠା ଖଡ଼ିକା ଗରମ ହେଲେ ଅନ୍ୟ ପିଠା ଖଡ଼ିକା ବ୍ୟବହାର କରିବ । କରେଇରେ ଯେପରି ପାଣି ନ ପଡ଼େ, ପାଣି ପଡ଼ିଲେ ନିଆଁ ଉଠିବ । ଯେତେବେଳେ କରେଇରେ ଅଗ୍ନିକଣା ଦେଖାଯିବ, ସେତେବେଳେ କରେଇକୁ ଚୁଲୀରୁ ଓହ୍ଲାଇ ପକାଇବ ଅଥବା ଜାଳ କମ୍ କରିବ । ପିଠା ଖଡ଼ିକା ଦ୍ୱାରା ସମସ୍ତ ପଦାର୍ଥ ବାହାର କରି ଚୂର୍ଣ୍ଣ କରି ଶିଶିରେ ରଖିବ ।

**ମାତ୍ରା -** ୩ ରତିଠାରୁ ୬ରତି ପରିମାଣ ମାତ୍ରାରେ ଦିନରେ ଦୁଇ ଥର ଚୋବାଇ ଖାଇ ପାଣି ଟିକିଏ ପିଇବ । ଏହାଦ୍ୱାରା ପ୍ଲୀହା, ଯକୃତ୍, ଗୁଳ୍ମ ଇତ୍ୟାଦି ସଂକୋଚ ହୋଇ ଯଥାସ୍ଥାନରେ ଅବସ୍ଥାନ କରନ୍ତି, ଅଗ୍ନିବୃଦ୍ଧି ଓ କୋଷ୍ଠଶୁଦ୍ଧି ହୁଏ । ଶୋଥ ଓ ଉଦରୀକୁ ଏହି ଔଷଧ ଖୁଆଇଲେ ପରିସ୍ରା ବୃଦ୍ଧି ହୋଇ ବିଶେଷ ଉପକାର କରେ । ଜ୍ୱର କାଳରେ ଦେଲେ ଜ୍ୱର ଭଲ ହୁଏ । ଅଜୀର୍ଣ୍ଣ ରୋଗୀକୁ ଦେଲେ ବହୁତ ଗୁଣ କରେ ।

୩) ଗୋଟିଏ ଛୋଟ କଳାରଙ୍ଗର ବାଇଗଣ ମଝିରେ ଖଣ୍ଡେ କାଟି ସନ୍ଧ୍ୟା ସମୟରେ ଅରଖ ଡ଼ାଙ୍ଗ ଭାଙ୍ଗି ଏକଚୋପା କ୍ଷୀର ସେଥିରେ ପକାଇ ସେହି ଜାଗାଟି ପୁଣି ସେହି କଟା ହୋଇଥିବା ବାଇଗଣ ଦ୍ୱାରା ବନ୍ଦ କରି ଗୋଟିଏ ଚୁଲୀରେ ଘଷିନିଆଁ କରି ନିଆଁ କମି ଆସିଲେ ତା ଉପରେ ସେ ବାଇଗଣ ରଖି ଖଣ୍ଡେ ଘଷି ଘୋଡ଼ାଇ ଦିଅ । ବାଇଗଣ ଚୁଲୀର ଉପର ପଟରୁ (ଯେଉଁ ପାଖେ ହାଣ୍ଡି ରହେ) ପଡ଼ିବ । ସମସ୍ତ ରାତି ସେହିପରି ରହିବ । ବାଇଗଣ ଯେପରି ପୋଡ଼ି ଭସ୍ମ ନହୁଏ, ଦେଖିବ । ତା' ଆରଦିନ ସକାଳେ ଚୂଲୀର ମୁହଁବାଟେ (ଯେଉଁ ବାଟେ ଜାଳ ଦିଆଯାଏ) ବାହାର କରି ଖାଲି ପେଟରେ ଲୁଣ ନ ଦେଇ ଖାଇବ । ଅବଶ୍ୟ ବାଇଗଣ ଭୁଣ୍ଡି ଓ ଚୋପା ଛାଡ଼ି ଖାଇବ । ବେଶୀ ଝାଡ଼ା ହେବ, କିନ୍ତୁ ପ୍ଲୀହା ରୋଗ ନିଶ୍ଚୟ ଆରୋଗ୍ୟ ହେବ । ଏଥିରେ ସନ୍ଦେହ ନାହିଁ । ରବିବାରରେ ଖାଇବ ନାହିଁ । ଏହା ପ୍ରତ୍ୟକ୍ଷ ଫଳପ୍ରଦ ଔଷଧ । ଛୋଟ ପିଲାକୁ ଦେବ ନାହିଁ କାରଣ ସେମାନେ ସହ୍ୟ କରି ପାରିବେ ନାହିଁ ।

୪) ମନ୍ଦାର ଚେର, ଏକବର୍ଣ୍ଣ ଗାଈ ମଳ (ଗୋବର)ରେ ବାଟି ପ୍ଲୀହା ଉପରେ ଲେପ ଦେବ ।

୫) ବିଟ ଲବଣ, ସୈନ୍ଧବ ଲବଣ, ଯବକ୍ଷାର, ସାଚିକ୍ଷାର, ଫିଟିକିରି, ଅଜମୋଦା, ପିପ୍ପଳୀ, କଳାଜୀରା, ପ୍ରତ୍ୟେକରୁ ଏକ ତୋଳା, ଜୁଆଣୀ ଆଠତୋଳା ଲେମ୍ବୁରସରେ ମର୍ଦ୍ଦନ କରି ହାଣ୍ଡି ମଧ୍ୟରେ ପୂରାଇ ସରା ଢ଼ାଙ୍କି ୨୧ ଦିନ ରଖିବ । ତା'ପରେ ଏକତୋଳା ମାତ୍ରାରେ ଦିନକୁ ଥରେ ଖାଇବ । ଏଥିରେ ପ୍ଲୀହା, ଶ୍ୱାସ, କାଶ, ଉଦରୀ, ବାୟୁ, ଅଗ୍ନିମାନ୍ଦ୍ୟ, କୋଷ୍ଠବଦ୍ଧ, ବାତଜୀର୍ଣ୍ଣ ପ୍ରଭୃତି ନଷ୍ଟ ହୁଏ ।

୬) ପ୍ଲୀହାଶ୍ରିତ ଜୀର୍ଣ୍ଣ ଜ୍ୱରରେ – ଚିତାପାରୁ ମୂଳ, ସୈନ୍ଧବ, ତ୍ରିକଟୁ, ହିଙ୍ଗୁ, ଜୀରା, ମୁସବ୍ବର, ଯବକ୍ଷାର, ଅଜମୋଦା, ଚିରେଇତା, ବିଟ ଲବଣ, କଳାଜୀରା – ଏ ସମସ୍ତ ଚୂର୍ଣ୍ଣ ସମଭାଗ ଜମ୍ବୀଲ ରସରେ ମର୍ଦ୍ଦନ କରି ସୁକି ଓଜନ ମାତ୍ରାରେ ଖାଇବ । ଅନୁପାନ – ଜମ୍ବୀଲ ରସ ।

୭) ମଣ୍ଡୁର ଭସ୍ମ ୬ ରତି ଏକ ଆଉନ୍‌ସ ଗୋମୂତ୍ର ସଙ୍ଗେ କିଛି ଦିନ ଖାଇଲେ ପ୍ଲୀହା ଭଲ ହୁଏ ।

୮) ମୁସବ୍ବର, ଅଭ୍ରଭସ୍ମ, କାସୀସ, ରସୁଣ ସମଭାଗ ନେଇ ଏକତ୍ର ମର୍ଦ୍ଦନ କରିବ । ତା'ପରେ ଗଇଶ ପତ୍ର ରସରେ ତିନି ପ୍ରହର ମର୍ଦ୍ଦନ କରି ଦୁଇ ରତି ହିସାବରେ ବଟିକା କରିବ ।

**ମାତ୍ରା** – ଗୋଟିଏ ବା ଦୁଇଟି ବଟିକା ସନ୍ଧ୍ୟାରେ ଖାଇ ପାଣି ଟିକିଏ ପିଇବ । ଏଥିରେ ପ୍ଲୀହା, ଯକୃତ, ଗୁଳ୍ମ, ମନ୍ଦାଗ୍ନି, ଶୋଥ, କାଶ, ଶ୍ୱାସ, ଅତି ପିପାସା, କମ୍ପ, ଦାହ, ଶୀତ, ବାନ୍ତି, ଭ୍ରମ ପ୍ରଭୃତି ନଷ୍ଟ ହୁଏ ।

୯) ପ୍ଲୀହା ରୋଗୀକୁ ସକାଳେ ବୁଟ ଭଜା ଖାଇବାକୁ ଦେବ । ତା'ର ଅଧଘଣ୍ଟା ପରେ ଗୋଟିଏ ନାକଛିକନି ଗଛ ବାଟି କରି ପିଆଇ ଦେବ । ଭୋକ ହେଲେ ଦହିଭାତ ଖାଇବାକୁ ଦେବ । ଏହିପରି ୩ ଦିନ ଔଷଧ ଖାଇବାକୁ ଦେଲେ ପ୍ଲୀହା ଶାନ୍ତ ହୁଏ । ନାକଛିକନି – ଛୋଟ ଛୋଟ ଗଛ ପାଣି ପାଖରେ ହୁଏ । ପତ୍ର ଛୋଟ ଛୋଟ ହୁଏ । ଫୁଲ ନାଲି ରଙ୍ଗ । ଏହାକୁ ଉପାଡ଼ିଲେ ମୂଳା ପରି କନ୍ଦ ବାହାରେ । ଏହା ବଡ଼ ଦୁର୍ଗନ୍ଧ ଏବଂ ଏହାକୁ ଶୁଙ୍ଘିଲେ ଛିଙ୍କ ଆସେ । ଧାନ ବିଲରେ ମଧ୍ୟ ଏ ଗଛ ମିଳେ ।

## ଗୁଳ୍ମ

୧) ରଙ୍ଗ କୋଳଥିଆ (ଶରପୁଙ୍ଖ, ପ୍ଲୀହାଶତ୍ରୁ) ସମୂଳ ସର୍ବାଙ୍ଗ କାଟି ଶୁଖାଇ ଗୋଟିଏ ହାଣ୍ଡିରେ ପୂରାଇ ସେହି ହାଣ୍ଡି ଉପରେ ଆଉ ଗୋଟିଏ ହାଣ୍ଡି ରଖି ଫାଙ୍କକୁ ମାଟି, ଗୋବର ଓ କନା ଦ୍ୱାରା ବନ୍ଦ କରି ଶୁଖାଇ ଚୁଲୀରେ ବସାଇ ୧୨ ଘଣ୍ଟାକାଳ ଜାଳ ଦେବ । ତା'ପରେ ଚୁଲୀରୁ ଓହ୍ଲାଇ ଥଣ୍ଡା କରି ଚୂର୍ଣ୍ଣ କରିବ । (ଏହାର ନାମ ଅନ୍ତର୍ଧୂମ ଭସ୍ମ) ଏହି ଭସ୍ମକୁ ୬ଗୁଣ ପାଣିରେ ମିଶାଇ ଖଣ୍ଡେ ମୋଟା କନାରେ ପୂରାଇ ଝୁଲାଇ ରଖିବ ଏବଂ ତଳେ ଗୋଟିଏ ହାଣ୍ଡି ରଖିବ । ସେହି ହାଣ୍ଡିରେ ଯେଉଁ ପାଣି ପଡ଼ିବ, ସେହି ପାଣିକୁ ୩/୪ ଘଣ୍ଟା ସ୍ଥିର ଭାବରେ ରଖି ଆସ୍ତେ ଆସ୍ତେ ଉପର ପାଣି ନିଗାଡ଼ି ଦେଲେ ହାଣ୍ଡିର ତଳକୁ ଯେଉଁ ପଦାର୍ଥ ରହିଯିବ, ତାକୁ ଶରପୁଙ୍ଖା ଲବଣ କହନ୍ତି । ଏହି ଲବଣର ସମାନ ପରିମାଣ ହରିଡ଼ାଚୂର୍ଣ୍ଣ ମିଶାଇ ଶିଶିରେ ରଖିବ । ଏହି ଚୂର୍ଣ୍ଣରୁ ଦୁଇ ଅଣା ମାତ୍ରାରେ ଦିନରେ ଦୁଇଥର କରି ଖାଇଲେ ଅତି ପୁରାତନ ଗୁଳ୍ମ ରୋଗ ଭଲ ହୁଏ । (ଭାବପ୍ରକାଶ)

୨) ତିହୁଡ଼ି ଚୂର୍ଣ୍ଣ ଓ ଶୁଣ୍ଠି ଚୂର୍ଣ୍ଣ ପ୍ରତ୍ୟେକରୁ ଦୁଇ ଅଣା ଓଜନ ଏକତ୍ର କରି ଗରମ ପାଣିରେ ଖାଇବ । (ଶୁଶ୍ରୁତ)

୩) ତିନ୍ତୁଳି ଗଛର ଫିରଫିରାକୁ (ଶୁଖିଲା ଛାଲି ଗଛରେ ଲାଗିଥାଏ) ଅନ୍ତର୍ଧୂମରେ ଭସ୍ମ କରି ଦୁଇଅଣା ଓଜନରେ ଖାଇଲେ ଗୁଳ୍ମ ଓ ଅଜୀର୍ଣ୍ଣ ରୋଗ ପ୍ରଶମିତ ହୁଏ । (ଚକ୍ରଦତ୍ତ)

**ଗୁଳ୍ମ ଶୂଳାନ୍ତକ ଚୂର୍ଣ୍ଣ -**

ଜୁଆଣୀ ଏବଂ ରସାଞ୍ଜନ ପ୍ରତ୍ୟେକରୁ ସାଢ଼େ ସାତ ତୋଳା, ପିପ୍‌ପଳୀ ସାତ ତୋଳା, ସୈନ୍ଧବ ଲବଣ ଅଢ଼େଇ ତୋଳା, ଶୁଦ୍ଧ ଟାଙ୍ଗଣା ପାଞ୍ଚ ତୋଳା, ଶୁଦ୍ଧ କୋଚିଲା ମଞ୍ଜି ଚୂର୍ଣ୍ଣ ଚାରି ତୋଳା - ଏ ସମସ୍ତ ଚୂର୍ଣ୍ଣ ଏକତ୍ର କରି ଶିଶିରେ ରଖିବ । ଉଦର ଶୂଳରେ କାନ୍ଦୁଥିବା ରୋଗୀକୁ ଦୁଇ ଅଣି ଓଜନ ଖାଇବାକୁ ଦେଲେ ରୋଗୀ ହସି ହସି ଉଠି ବସିବ । ବାନ୍ତି ହେଲେ ପୁଣି ଥରେ ଔଷଧ ଦେବ ଏବଂ ସାଙ୍ଗେ ସାଙ୍ଗେ ହିଙ୍ଗ୍ୱାଷ୍ଟକ ଚୂର୍ଣ୍ଣ ଦେଲେ ବାନ୍ତି ହେବ ନାହିଁ ।

## ଯକୃତ (ଲିଭର) ଠିକ୍ ଭାବରେ କାମ ନ କରିବା

୧) ଯେଉଁମାନଙ୍କର ଯକୃତ -କ୍ରିୟା ଭଲ ହେଉନାହିଁ, ହାତ ପାଦ ଓ ମୁହଁରେ ଶୋଥ ହୋଇଛି, ସେମାନେ କୋଇଲେଖା ପତ୍ର ରସ ଏକ ତୋଳା ସକାଳେ ଏବଂ ଏକ ତୋଳା ସନ୍ଧ୍ୟାରେ ଅନ୍ତତଃ ୧୫ ଦିନ ଖାଇଲେ ଉପରୋକ୍ତ ରୋଗ ଭଲ ହୋଇ ଦେହର ପୂର୍ବସ୍ୱାସ୍ଥ୍ୟ ଫେରିଆସେ ।

୨) ହିଡ଼ିମିଚା ଶାଗର ରସ ପ୍ରତିଦିନ ୩ ତୋଳା ଲେଖାଏଁ ଖାଇଲେ ଯକୃତ୍ ନଷ୍ଟ ହୁଏ ନାହିଁ । ଭାତ ସଙ୍ଗେ ଏହି ଶାଗ ମଧ୍ୟ ଖାଇବା ଉଚିତ୍ ।

୩) ଭୂଇଁନିମ୍ବ ତିନି ତୋଳା, ସୈନ୍ଧବ ଲବଣ ଏକ ତୋଳା ଚିକ୍‌କଣ କରି ବାଟି ଏକ ଅଣା ଓଜନର ବଟିକା କରି ଶୁଖାଇ ରଖିବ । ଏହି ବଟିକାରୁ ପ୍ରତିଦିନ ଗୋଟିଏ ଲେଖାଏଁ ଖାଇଲେ ସବୁ ପ୍ରକାର ଯକୃତ୍ ବିକାର ନଷ୍ଟ ହୁଏ ।

୪) ପାଚିଲା ସପୁରି ଯକୃତ୍ ବିକାରର ଉତ୍କୃଷ୍ଟ ଔଷଧ । ଏହାର ରସ ବେଶୀ ଦିନ ଖାଇଲେ ଯକୃତର ଦୋଷ ସଂପୂର୍ଣ୍ଣ ରୂପେ ଭଲ ହୁଏ ।

୫) କୁକୁଡ଼ା ଅଣ୍ଡା ଖୋଳ ୨୦ ତୋଳା, ଗୁଡ଼ ଏକପା ଏହି ଦୁଇ ପଦାର୍ଥକୁ କରେଇରେ ରଖି ଚୂଲୀରେ ବସାଇ ନିଆଁ ଜାଳିବ । ଯେତେବେଳେ କୁକୁଡ଼ା ଅଣ୍ଡା ଖୋଳ ଓ ଗୁଡ଼ ପୋଡ଼ି ଅଙ୍ଗାର ହୋଇଯିବ, ବାହାର କରି ଚୂର୍ଣ୍ଣ କରିବ । ତା'ପରେ ଶୋଧିତ ହରିତାଳ ୧ ତୋଳା, ସାଜିକ୍ଷାର (Sodium Carbonate) ଦୁଇ ତୋଳା ଏକତ୍ର ମର୍ଦ୍ଦନ କରି ନରମ ନିଆଁରେ ବସାଇବ । ଯେତେବେଳେ ଧୂଆଁ ବନ୍ଦ ହୋଇଯିବ, ସେତେବେଳେ ଚୁଲୀରୁ ବାହାର କରି ଚୂର୍ଣ୍ଣ କରିବ । ଦୁଇ ଚୂର୍ଣ୍ଣକୁ ଏକତ୍ର କରି ଶିଶିରେ ରଖିବ ।

**ମାତ୍ରା -** ସୁଜି ଓଜନ ସକାଳ, ଦ୍ୱିପ୍ରହର ଓ ସନ୍ଧ୍ୟାରେ ଖାଇବ ।

## ଶୋଥ

୧) ଗୋମୂତ୍ର (ଛଡ଼ା ମୂତ) ଅଢ଼େଇ ତୋଳା ଠାରୁ ୫ ତୋଳା ପର୍ଯ୍ୟନ୍ତ ସେଥିରେ ଲୌହଭସ୍ମ ଦୁଇ ରତି ଅଥବା ମଣ୍ଡୁର ଭସ୍ମ ଦୁଇ ରତି ମିଶାଇ କିଛି ଦିନ ଖାଇଲେ ଶୋଥ ଭଲ ହୁଏ । ବୟସ୍କ ଲୋକ ଲୌହଭସ୍ମ ଏବଂ ବାଳକ ମଣ୍ଡୁର ଭସ୍ମ ଖାଇବେ ।

୨) ଗୋମୂତ୍ର (ଛଡ଼ା ମୂତ) ସହିତ ଗୁଗୁଳ ଅଥବା ଦୁଧ ସହିତ ପିପ୍‌ପଳୀ ଅଥବା ଗୁଡ଼ ସହିତ ହରିଦ୍ରା ବା ଶୁଣ୍ଠୀ ଚୂର୍ଣ୍ଣ ସେବନ କଲେ ଶୋଥ ଶାନ୍ତ ହୁଏ । (ଚକ୍ରଦତ୍ତ)

ଗୁଗୁଳ ମାତ୍ରା – ଚାରି ଅଣା ଠାରୁ ଆଠ ଅଣା ଓଜନ ।

ଛଡ଼ା ମୂତ – ୫ ତୋଳା ଠାରୁ ୭ ତୋଳା ।

୩) ଛଚିନା (ସପ୍ତବର୍ଣ୍ଣୀ)ର ଛାଲିକୁ ଦୁଧ ଓ ଚିନି ଦେଇ ଉତ୍ତମ ରୂପେ ବାଟି ଏକ ତୋଳା ମାତ୍ରାରେ ଦିନକୁ ୩ ଥର ଖାଇବ ଏବଂ ଅବଶିଷ୍ଟ ଦେହରେ ପ୍ରଲେପ ଦେବ । ଏହିପରି ଅନ୍ତତଃ ସାତ ଦିନ ଖାଇବ ଓ ପ୍ରଲେପ ଦେବ । ଶୋଥ ରୋଗୀର ଏହା ଗୋଟିଏ ଆଶ୍ଚର୍ଯ୍ୟ ଔଷଧ (ପରୀକ୍ଷିତ) । ଔଷଧ ଖାଉଥିବା ସମୟରେ ୩ ଦିନ କେବଳ ଦୁଧ, ଚିନି ଓ ପୁରୁଣା ଚାଉଳର ଭାତ ଖାଇବ । ପାଣି ପିଇବ ନାହିଁ କି ଲୁଣ ଖାଇବ ନାହିଁ ।

୪) କଅଁଳ ବେଲପତ୍ର ରସ ଛାଣି ଗୋଲମରିଚ ଚୂର୍ଣ୍ଣ ସହିତ ସେବନ କଲେ ତ୍ରିଦୋଷଜ ଶୋଥ, ମଳବଦ୍ଧତା, ଅର୍ଶ ଓ କାମଳ ଭଲ ହୁଏ । (ଚକ୍ରଦତ୍ତ)

୫) ଗୋଲମରିଚ ଏକ ତୋଳା, ପିପ୍‌ପଳୀ ଏକ ତୋଳା ଏକତ୍ର ଶାଳପତ୍ରରେ ବାନ୍ଧି ତା ଉପରେ ଗୋବର ଲିପି, ଶୁଖାଇ ପୋଡ଼ିବ । ପୋଡ଼ିଗଲା ପରେ ଚୂର୍ଣ୍ଣ କରି ଖାଇଲେ ବାତ ପିତ୍ତ ଶୋଥ ୩ ଦିନରେ ଭଲ ହୁଏ ।

୬) ପୁରୁଣା ମାଣ କନ୍ଦାର ଚୂର୍ଣ୍ଣ ଦୁଧ ସହିତ ସେବନ କଲେ ପ୍ଲୀହା ଏବଂ ସର୍ବାଙ୍ଗ ଓ ଏକାଙ୍ଗ ଶୋଥ ଭଲ ହୁଏ । ମାତ୍ରା – ଚୂର୍ଣ୍ଣ ୧ ତୋଳା ।

୭) କୋଇଲେଖାର ଭସ୍ମ କଫଜ ଶୋଥରେ ଗୋମୂତ୍ର ସହିତ ଏବଂ ପିତ୍ତଜ ଶୋଥରେ ଜଳ ସହିତ ପାନ କରିବ । (ଚକ୍ରଦତ୍ତ)

୮) ପୁନର୍ନବା (ପୁରୁଣି) ଚେର ଏକ ସେର, ଚିତାପାରୁ ଚେର ଅଧସେର, ଜୁଆଣୀ ଏକ ପା (୨୦ ତୋଳା) ।

**ନିର୍ମାଣବିଧି** – ଆଠ ସେର ଗୋମୂତ୍ରରେ ତିନି ଦିନ ଉପରୋକ୍ତ ତିନି ପଦାର୍ଥକୁ ବତୁରାଇ ରଖିବ । ତା'ପରେ ଏହା ଅର୍କ ବାହାର କରି ଶିଶିରେ ରଖିବ ।

**ସେବନ ବିଧି -** ସକାଳ ଓ ସନ୍ଧ୍ୟାରେ ଦୁଇ ତୋଳା ହିସାବରେ ଖାଇବ ।

**ପଥ୍ୟ -** ଏକୋଇଶ ଦିନ ପର୍ଯ୍ୟନ୍ତ କେବଳ ଗାଈଦୁଧ ଖାଇବ । ୨୧ ଦିନ ରୋଗମୁକ୍ତ ହେବ । ବାତଜ, ପିତ୍ତଜ ଓ କଫଜ ସବୁ ପ୍ରକାର ଶୋଥ ୨୧ ଦିନରେ ନିଶ୍ଚୟ ଭଲ ହେବ ।

୯) କୋଳଥିଆ (ଶରପୁଙ୍ଖା) ପତ୍ର ରସ ଏକ ତୋଳା ସକାଳେ ଓ ସନ୍ଧ୍ୟାରେ ଖାଇଲେ, ହାତ, ପାଦ ଓ ମୁହଁର ଫୁଲା କମିଯାଏ ।

୧୦) ଗୋମୂତ୍ରରେ ଭାବନା ଦିଆହୋଇଥିବା ମଣ୍ଡୁର ଭସ୍ମ ୪ ରତି, ମହୁ ଏକ ଚାମଚ ସକାଳ ଓ ସନ୍ଧ୍ୟାରେ ଖାଇବ । ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ ।

ଏହି ଔଷଧ ଖାଉଥିବା ସମୟରେ ପୁନର୍ନବାଦ୍ୟ ତୈଳ ଦେହରେ ମାଲିସ୍ କରିବ । ଏହା ଶୋଥ ରୋଗର ଉତ୍କୃଷ୍ଟ ଔଷଧ ।

## ମୂତ୍ର କୃଚ୍ଛ୍ର (ପରିସ୍ରା ବେଳେ ଯନ୍ତ୍ରଣା)

ଏହି ରୋଗରେ ଟୋପା ଟୋପା ହୋଇ କଷ୍ଟରେ ପରିସ୍ରା ହୁଏ ।

୧) ଅଙ୍କରାନ୍ତି ଗଛର ରସ ଦୁଇ ତୋଳା ମହୁ ଏକ ଚାମଚ ମିଶାଇ ଖାଇବ । (ଶୁଶ୍ରୁତ)

୨) ବଜ୍ରମୂଳି ଚେର ଦୁଇ ତୋଳାକୁ ଅଧସେର ପାଣିରେ ସିଝାଇ ଏକ ଛଟାଙ୍କି ପାଣି ରହିଲେ ଛାଣି ପିଇବ ।

୩) ଗରମ ବେମାରି ହେତୁ ମୂତ୍ରକୃଚ୍ଛ୍ର ହୋଇଥିଲେ ଶ୍ୱେତ ଚନ୍ଦନ, କବାବଚିନି, ଗୋଖରା, ଅନନ୍ତ ମୂଳ (ଚେମିଣିଲଇ ମୂଳ), ଦାରୁ ହଳଦୀ, ଅଁଳା, ହରିଡ଼ା, ବାହାଡ଼ା ପ୍ରତ୍ୟେକରୁ ଅଧ ତୋଳା ଆଣି ଏକ ସେର ପାଣିରେ ସିଝାଇ ଅଧପା ରହିଲେ ଦିନକୁ ୩/୪ଥର ପିଇବ ।

୪) ମୂତ୍ରକୃଚ୍ଛ୍ରରେ ଦାହ, ବେଦନା ଥିଲେ ହରିଡ଼ା, ଗୋଖରା, ଫଣଫଣା, ପାଉଁଶିଆ ଓ ଦୁରାଲଭା ଏମାନଙ୍କର କ୍ୱାଥ ମହୁ ସଙ୍ଗେ ଖାଇବ ।

୫) ଗୁଡ଼ ଓ ଅଁଳା ସମାନ ଭାଗରେ ଖାଇଲେ ମୂତ୍ରକୃଚ୍ଛ୍ର, ରକ୍ତପିତ୍ତ, ଦାହ ଓ ଶୂଳ ଶାନ୍ତ ହୁଏ । ଏହା ବୀର୍ଯ୍ୟବର୍ଦ୍ଧକ, ଶ୍ରମ ନାଶକ ଓ ତୃପ୍ତିକାରକ । (ଚକ୍ରଦତ୍ତ)

ଅଁଳା ଚୂର୍ଣ୍ଣ – ସୁଉକି ଓଜନ ।

୬) ଅଁଳା ରସ ଓ ଆଖୁ ଦୋରୁଅ ସମାନ ଭାଗରେ ଆଣି ତହିଁରେ ମହୁ ମିଶାଇ ସେବନ କଲେ ଯନ୍ତ୍ରଣାଦାୟକ ରକ୍ତମୂତ୍ର ପ୍ରଶମିତ ହୁଏ ।

ମାତ୍ରା – ପ୍ରତ୍ୟେକରୁ ଦୁଇ ତୋଳା (ବଙ୍ଗସେନ)

୭) ବାତଜ ମୂତ୍ରକୃଚ୍ଛରେ ଗୁଳୁଚି, ଶୁଣ୍ଠୀ, ଅଁଳା, ଅଶ୍ୱଗନ୍ଧା ଏବଂ ଗୋଖରା କ୍ୱାଥ ଖାଇବ । ପିତ୍ତଜ ମୂତ୍ରକୃଚ୍ଛରେ କାକୁଡ଼ିମଞ୍ଜି, ଯାଠିମହୁ ଓ ଦାରୁ ହଳଦୀ ଚୂର୍ଣ୍ଣ ଚାଉଳଧୂଆ ପାଣିରେ ଖାଇବ । କଫଜ ମୂତକୃଚ୍ଛରେ ଗୋଖରା ଓ ଶୁଣ୍ଠିର କ୍ୱାଥ ଅଥବା ଗୁଜୁରାତି ଚୂର୍ଣ୍ଣ ଗୋମୂତ୍ର ବା କଦଳୀ ମୂଳ ରସରେ ଖାଇବ । ତ୍ରିଦୋଷଜ ମୂତ୍ରକୃଚ୍ଛରେ ଅଙ୍କରାନ୍ତି, ଢ଼େଙ୍ଗାଭେଜି, ଅକାନବିନ୍ଧି, ଯାଠି ମହୁ ଓ ଇନ୍ଦ୍ରଯବର କ୍ୱାଥ ପାନ କରିବ । (ଚକ୍ରଦତ୍ତ)

୮) ବଉଳକୋଳି ମଞ୍ଜିର ଶସ ପାଣିରେ ଘୋରି ପିଆଇଲେ ଛୋଟ ପିଲାଙ୍କର ମୂତ୍ରକୃଚ୍ଛ ଭଲ ହୁଏ । ଦୁଇଟି ବଉଳମଞ୍ଜି ଘୋରି ପିଆଇବ । (ବହୁ ପରୀକ୍ଷିତ)

୯) ହେମସାଗର ପତ୍ର ଅଥବା ଗେଣ୍ଡୁ ପତ୍ର ବାଟି ନାଭିର ଚାରିପାଖରେ ଲେପ ଦେଲେ ପରିସ୍ରା ହୁଏ । (ପରୀକ୍ଷିତ)

୧୦) ଗୋଖରା ମଞ୍ଜି, ସୁନାରୀ ଅଠା, କୁଶ, କାଶ, ଦୁରାଳଭା, ପାଉଁଶିଆ ଓ ହରିଡ଼ାର କ୍ୱାଥ ମହୁ ସହିତ ସେବନ କଲେ ଅଶ୍ମରୀ ଓ ଆସନ୍ନ ମୃତ୍ୟୁର ମୂତ୍ରକୃଚ୍ଛ ମଧ୍ୟ ଭଲ ହୁଏ ।(ଚକ୍ରଦତ୍ତ)

୧୧) ଅଳେଇଚ, ପାଉଁଶିଆ ଚେର, ଶିଳାଜତୁ, ପିପ୍‌ପଳୀ ଏମାନଙ୍କର ଚୂର୍ଣ୍ଣ ଚାଉଳଧୂଆ ପାଣି ସହିତ ପାନ କଲେ ଅଥବା ଗୁଡ଼ ସହିତ ସେବନ କଲେ ମୁମୂର୍ଷୁ ମୂତ୍ରକୃଚ୍ଛ ରୋଗୀ ମଧ୍ୟ ଆରୋଗ୍ୟ ଲାଭ କରେ । (ଚକ୍ରଦତ୍ତ)

୧୨) ବିଶୁଦ୍ଧ ଲୌହ ଭସ୍ମ ଦୁଇ ରତିରେ ୧୪/୧୫ ଟୋପା ମହୁ ମିଶାଇ ଲୌହ ପାତ୍ରରେ ମର୍ଦ୍ଦନ କରି ତିନି ଦିନ ଖାଇଲେ ମୂତ୍ରକୃଚ୍ଛ ଭଲ ହୁଏ ।

## ମୂତ୍ରାଘାତ ବା ମୂତ୍ରରୋଧ (ପରିସ୍ରା ବନ୍ଦ ହୋଇଗଲେ)

୧) ଅଙ୍କରାନ୍ତି ଗଛର ରସ ଦୁଇ ତୋଳା ଖାଇବ । (ଚକ୍ରଦତ୍ତ)

୨) କାକୁଡ଼ିମଞ୍ଜି ଦୁଇ ତୋଳା ଅଳ୍ପ ସୈନ୍ଧବ ଲବଣ ମିଶାଇ ଖାଇବ । (ସୁଶ୍ରୁତ)

୩) ଅଶୋକମଞ୍ଜି ପାଣିରେ ବାଟି ପିଆଇବ । ମଞ୍ଜି ଚୂର୍ଣ୍ଣ – ଅଧତୋଳା ।

୪) କର୍ପୂର ଚୂର୍ଣ୍ଣ ଲିଙ୍ଗ ଭିତରେ ପୁରାଇବ ।

୫) କାକୁଡ଼ିମଞ୍ଜି, କବାବଚିନି ଓ ସୋରାକ୍ଷାର ମୁଢ଼ି ପାଣିରେ ବାଟି ତଳି ପେଟରେ ଲେପ ଦେଲେ ୩/୪ ଦିନର ପରିସ୍ରା ବନ୍ଦ ହୋଇଥିଲେ ପରିସ୍ରା ହୁଏ । (ବହୁ ପରୀକ୍ଷିତ)

ମୁଢ଼ି ନ ମିଳିଲେ କେବଳ ପାଣିରେ ବାଟି ଲେପ ଦେବ ।

୬) ଅଁଳାକୁ ବାଟି ତଳି ପେଟରେ ଲେପ ଦେଲେ ମୂତ୍ରରୋଧ ନିବୃତ୍ତ ହୁଏ । (ଭାବପ୍ରକାଶ)

୭) କଲମୀ ସୋରା ଏକ ଭାଗ, ଫିଟିକିରି ଅର୍ଦ୍ଧଭାଗ ଏକତ୍ର କରି ଲୁହା କରେଇରେ ରଖି ନିଆଁରେ ବସାଇବ । ତରଳିଗଲେ ଚୁଲୀରୁ ବାହାର କରି ମର୍ଦ୍ଦନ କରି ଶିଶିରେ ରଖିବ । ମାତ୍ରା – ଅଧତୋଳା ଖାଇ ଗରମ ପାଣି ପିଇବ । ୧୦/୧୨ ମିନିଟ୍‌ରେ ପରିସ୍ରା ହେବ ।

## ଲିଙ୍ଗରୁ ରକ୍ତ ସ୍ରାବ

ଅଧିକ ସ୍ତ୍ରୀ ସହବାସ ହେତୁ ଲିଙ୍ଗରୁ ରକ୍ତସ୍ରାବ ହେଉଥିଲେ ମୈଥୁନ କରିବ ନାହିଁ ଏବଂ ନିମ୍ନଲିଖିତ ବଳକାରକ ଆହାର କରିବ । ବାଇଡ଼ଙ୍ଗ ମଞ୍ଜି, ଦ୍ରାକ୍ଷା, ପିପ୍‌ପଳୀ, କୋଇଲେଖା ମଞ୍ଜି, ଚିନି – ଏ ସମସ୍ତ ସମଭାଗ ଚୂର୍ଣ୍ଣ କରି ଦୁଧ, ଘିଅ ଓ ମହୁ ପ୍ରତ୍ୟେକ ଅର୍ଦ୍ଧଭାଗ ରୂପେ ମିଶାଇ ଦୁଇ ତୋଳା ହିସାବରେ ଖାଇ ଦୁଧ ପାନ କରିବ । ଏହା ସେବନ କଲେ ଶୁକ୍ରଦୋଷ ଦୂର ହୋଇ ବନ୍ଧ୍ୟା ନାରୀର ସନ୍ତାନ ହୁଏ । (ଚକ୍ରଦତ୍ତ)

ବାଇଡ଼ଙ୍ଗ ମଞ୍ଜିକୁ ଗରମ ପାଣିରେ ୧୨ ଘଣ୍ଟା ବତୁରାଇ ଫୁଲିଗଲେ ଚୋପା ଛଡ଼ାଇ ବାଟିଦେବ । ତାପରେ ଶୁଖାଇ ଚୂର୍ଣ୍ଣ କରିବ ।

## ପରିସ୍ରା ବେଶି ହେଲେ

୧) ଅରୁଆ ଚାଉଳ ଭାଜି ଚୂର୍ଣ୍ଣ କରି ତାହା ସହିତ ସମାନ ଭାଗ ଚିନି ମିଶାଇ ଖାଇବ । ମାତ୍ରା– ଚାଉଳଭଜା ଚୂର୍ଣ୍ଣ – ୫ ତୋଳା ଠାରୁ ୭ ତୋଳା ।

୨) ବାୟୁବୃଦ୍ଧି ହୋଇ ପରିସ୍ରା ବେଶୀ ହେଲେ ମିଶ୍ରି ପାଣିରେ ଚମ୍ପା କଦଳୀ ଚକଟି ସକାଳେ ଓ ସନ୍ଧ୍ୟାରେ ଖାଇବ ।

## ପିଲାମାନେ ବିଛଣାରେ ମୁତିଲେ

୧) ଦୁଇ ତୋଳା କଇଁଅ କାକୁଡ଼ି ମୂଳର ରସରେ ମିଶ୍ରି ମିଶାଇ ଦିନକୁ ଦୁଇ ଥର କରି ସାତ ଦିନ ଖାଇବ ।

୨) ଅଁଳାଚୂର୍ଣ୍ଣ ଓ କଳାଜୀରା ଚୂର୍ଣ୍ଣ ସମାନ ଭାଗ ମିଶାଇ ଖାଇବ ।
**ମାତ୍ରା –** ଉଭୟ ଚୂର୍ଣ୍ଣ ତିନି ଅଣା ଓଜନ ।

୩) ମୁତୁରୀ ଚେର ଏକ ତୋଳା, ଯବଧାନ ଏକ ତୋଳା ଅଧସେର ପାଣିରେ ସିଝାଇ ଏକ ଛଟାଙ୍କି ରହିଲେ ଛାଣି ପିଆଇବ ।

## ବୟସ ଛଉ

୧) ନୀଳବର୍ଣ୍ଣ ଦାସକରେଣ୍ଟା ପତ୍ର ରସ ଦେହରେ ଉତ୍ତମ ରୂପେ ମାଲିସ୍ କରି କାଞ୍ଜିରେ ବଟା ହୋଇଥିବା ମୂଳାମଞ୍ଜି ତହିଁରେ ଲଗାଇଲେ ଭଲ ହୁଏ ।

୨) କଦଳୀକ୍ଷାର ଓ ବଟା ହଳଦୀ ଏକତ୍ର ମିଶାଇ ଛଉରେ ଲଗାଇବ ।

**କ୍ଷାର -** କଦଳୀ ପତ୍ର ଓ ବାହୁଙ୍ଗାକୁ ପୋଡ଼ି ଭସ୍ମ କରିବ । ଭସ୍ମର ୬ଗୁଣ ପାଣି ମିଶାଇ କନାରେ ଛାଣିବ । ଛଣା ହୋଇଥିବା ପାଣିକୁ ହାଣ୍ଡିରେ ରଖି ଜାଳ ଦେବ । ପାଣି ମରିଯାଇ ଯାହା ଅବଶେଷ ରହିବ ତାହା କ୍ଷାର ।

୩) କାଗେଜିଲେମ୍ବୁ ରସରେ ହରିତାଳ ଘଷି ସୂର୍ଯ୍ୟପାକ କରି ଲଗାଇବ ।

୪) ଅପାମାରଙ୍ଗ ଚେରକୁ ମୂଳାମଞ୍ଜି ସହିତ ବାଟି ଲଗାଇବ ।

୫) ନିମ୍ବଗଛରେ ହୋଇଥିବା ଗୁଳୁଚିର ରସ ଲଗାଇବ । ଏହି ରସ କୁଷ୍ଠ ଛଉରେ ଦେଲେ ଉପକାର ହୁଏ ।

୬) ଚାକୁଣ୍ଡା ମଞ୍ଜି ଓ ଝୁଣା ସମଭାଗ କାଞ୍ଜିରେ ବାଟି ଲଗାଇଲେ ବୟସ ଛଉ ଭଲ ହୁଏ । (ଚରକ)

## ଧବଳ କୁଷ୍ଠ

୧) ସୋମରାଜ ମଞ୍ଜି ଚୂର୍ଣ୍ଣ ୪ ଭାଗ, ହରିତାଳ ଏକ ଭାଗ ଗୋମୂତ୍ରରେ ବାଟି ଶ୍ୱେତ କୁଷ୍ଠରେ ଲେପ ଦେଲେ ଭଲ ହୁଏ । (ବାଗଭଟ୍ଟ)

୨) କୋଚିଲା ଚେର, ଧଳା ଆଙ୍କୁଲ ଚେର, କଳା କାସୁନ୍ଦି ଚେର, ବାସଙ୍ଗ ଚେର, ସୋମରାଜ ମଞ୍ଜି ସମପରିମାଣରେ ବାଟି ଲେପ ଦେବ ।

୩) ଧୋବ କାଇଞ୍ଚ ଚେର ଓ ଚିତାପାରୁ ଚେର ଏକତ୍ର ବାଟି ଲେପ ଦେବ ।

୪) ଗନ୍ଧକ, ହୀରାକଷ, ହରିତାଳ ଓ ତ୍ରିଫଳା (ହରିଡ଼ା, ବାହାଡ଼ା, ଅଁଳା) ପାଣିରେ ବାଟି ଲେପ ଦେବ ।

୫) ଅକରକରା ଚୂର୍ଣ୍ଣ ଏକ ତୋଳା, ଚିତାପାରୁ ଚେର, ପିପ୍ପଳୀ ଏବଂ ଶୋଧିତ ଧୂତୁରାମଞ୍ଜି ପ୍ରତ୍ୟେକରୁ ଅଧ ତୋଳା ଲେଖାଏଁ ତ୍ରିଫଳା, ମୁସବ୍ବର, ସୋମରାଜ ମଞ୍ଜି, ମଞ୍ଜୁଆତି ମଞ୍ଜି ପ୍ରତ୍ୟେକରୁ ଏକତୋଳା, ଶୁଦ୍ଧ ଶଙ୍ଖୁଆ ଏକ ମସା ଏ ସମସ୍ତ ଚୂର୍ଣ୍ଣ ଅଦାରସରେ ମର୍ଦ୍ଦନ କରି ମୁଗ ପରି ବଟିକା କରି ଛାଇରେ ଶୁଖାଇ ଶିଶିରେ ରଖିବ । ପ୍ରତିଦିନ ଭୋଜନ ପରେ ଗୋଟିଏ ଲେଖାଏଁ ବଟିକା ପାଣିରେ ଖାଇବ ।

୬) ଡ଼ାଳିମ୍ବପତ୍ର ରସ ଏକ ସେର, ଅଗରା (ଓଡ଼ଶମାରି) ପତ୍ର ରସ ଏକ ସେର, ଗୋମୂତ୍ର ଏକ ସେର (ଗର୍ଭିଣୀ ଗାଇର ମୂତ୍ର), ଡ଼ାଳିମ୍ବ ପତ୍ର କଳ୍କ (ପତ୍ରବଟା) ଅଧସେର, କଳା ରାଶିତେଲ ଦୁଇ ସେରରେ ପାକ କରିବ । ତୈଳାବଶେଷ ରହିଲେ ଶିଶିରେ ରଖିବ । ଏହି

ତୈଳ ଦିନକୁ ଦୁଇଥର ଲଗାଇଲେ ଶ୍ୱେତକୁଷ୍ଠ, କୁଷ୍ଠବ୍ରଣ, ଭଗନ୍ଦର, କଣ୍ଠମାଳା, ଗୋଦର ଭଲ ହୁଏ । ଉପରୋକ୍ତ ୫ ନମ୍ବର ଔଷଦ ଖାଇ ଏହି ତୈଳ ଲଗାଇଲେ ଶୀଘ୍ର ରୋଗମୁକ୍ତ ହେବ ।

୭) ରବିବାର ଦିନ ଶୁକ୍ଳ ଜୟନ୍ତୀ ମୂଳକୁ ଗାଈ ଦୁଧରେ ବାଟି ପାନ କଲେ ଶ୍ୱେତକୁଷ୍ଠ ଭଲ ହୁଏ । ଏହା ବୈଦନାଥଙ୍କର ଆଜ୍ଞା ଔଷଧ ( ଚକ୍ରଦତ୍ତ)

ଶୁକ୍ଳ ଜୟନ୍ତୀ ମୂଳ ବା ଚେର – ଏକ ତୋଳା ଓଜନ ।

୮) ବାଇଡ଼ିମ୍ବିରି ଫଳ ରସ ଏକ ତୋଳା ଓ ପୁରୁଣା ଗୁଡ଼ ଏକ ତୋଳା ଏକତ୍ର ମିଶାଇ ଖାଇବ । ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ । (ଚରକ)

## କୁଷ୍ଠ ରୋଗ

ମୃଗଶିରା ବା ପୁଷ୍ୟା ନକ୍ଷତ୍ରରେ ବେଗୁନିଆ ଚେରଗୁଡ଼ିଏ ଆଣି ପରିଷ୍କାର କରି ଧୋଇ ଚେରର ଛାଲି ବାହାର କରି କାଠ ଫୋପାଡ଼ି ଦେବ । ସେହି ଚେରର ଛାଲିକୁ ଏବଂ ଅତି ସରୁ ଚେରକୁ ଶୁଖାଇ ଗୁଣ୍ଡ କରି କନାରେ ଛାଣି ଶିଶିରେ ରଖିବ । ସେହି ଚୂର୍ଣ୍ଣରୁ ଅଧତୋଳା ଓଜନ ୫ ତୋଳାଠାରୁ ୧୦ ତୋଳା ଛଡ଼ାମୂତ (ଗୋମୂତ୍ର)ରେ ମିଶାଇ ରୋଗୀକୁ ସକାଳେ ଖାଲି ପେଟରେ ଖାଇବାକୁ ଦେବ । ଛଡ଼ାମୂତ ପରିବର୍ତ୍ତେ ରୋଗୀର ମୂତରେ (୫ତୋଳା) ଉକ୍ତ ଚୂର୍ଣ୍ଣ ଖାଇବାକୁ ଦେଲେ ବେଶି ଗୁଣ କରେ । ରୋଗୀର ମୂତ ନେଲାବେଳେ ମୂତର ପ୍ରଥମ ଧାର ତଳେ ପକାଇଦେଇ ତା ପର ମୂତ ଗ୍ରହଣ କରିବ । ରୋଗମୁକ୍ତ ପର୍ଯ୍ୟନ୍ତ ଉପରୋକ୍ତ ଔଷଧ ଖାଉଥିବ ।

**ପଥ୍ୟ –** କଞ୍ଚାବୁଟକୁ ପାଣିରେ ବତୁରାଇ ରଖିବ । ଭୋକ ହେଲେ ସେହି ବୁଟ ଖାଇବ । ଶୋଷ ହେଲେ ସେହି ବୁଟ ପାଣି ପିଇବ । ଆହାର କେବଳ ବୁଟ ହେବ । ଆଉ କିଛି ଖାଇବ ନାହିଁ । ବୁଟରେ ଚିନି, ଲୁଣ ପ୍ରଭୃତି କିଛି ମିଶିବ ନାହିଁ । ଏଥି ପଥ୍ୟରେ ରହିଲେ ରୋଗୀ ୮/୧୦ ଦିନ ଭିତରେ ଶୁଖଯିବ, କିନ୍ତୁ ସ୍ୱାସ୍ଥ୍ୟ ଭଙ୍ଗ ଆଶଙ୍କା ନାହିଁ । କିଛି ଦିନ ପରେ ରୋଗୀର ସ୍ୱାସ୍ଥ୍ୟ ଖୁବ୍ ଭଲ ହେବ । ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଏହି ପଥ୍ୟରେ ରହିବ ।

**ସ୍ନାନ –** ନିମ୍ବପତ୍ରକୁ ପାଣିରେ ଫୁଟାଇ ଅଳ୍ପ ଉଷୁମ ଥାଇ ଗାଧୋଇବ । ପ୍ରତି ରବିବାର ଦିନ ସଜ ଗୋବର ସର୍ବାଙ୍ଗ ମାଲିସ୍ କରି ଏକ ଘଣ୍ଟା ପରେ ଗାଧୋଇବ । ଦିନ ଯାକ ନିମ୍ବଗଛ ମୂଳରେ ରହିବ । ଦୂରରେ ରହି ମହାଦେବଙ୍କ ମନ୍ଦିରକୁ ଦର୍ଶନ କରିବ । ସବୁବେଳେ ସତ୍‌ଚିନ୍ତା କରିବ । କୌଣସି ସ୍ତ୍ରୀଲୋକକୁ ଏପରିକି ନିଜ ସ୍ତ୍ରୀକୁ ଛୁଇଁବ ନାହିଁ । ତିନୋଟି ରୋଗୀ ଏହି ଔଷଧରେ ମୁଁ ଭଲ କରିଛି ।

## ପାଗଳ ରୋଗ

ପାତାଳଗରୁଡ଼ ଚେର କଞ୍ଚା ହେଲେ ଦୁଇ ତୋଳା, ଶୁଖିଲା ହେଲେ ଏକତୋଳା ୨୭ଟି ଗୋଲମରିଚ ସହିତ ଚିକ୍‌କଣ କରି ବାଟି ପାଣି ମିଶାଇ ଦିନେ ଛଡ଼ା ଦିନେ ରୋଗୀକୁ ଖାଇବାକୁ ଦେବ । ଔଷଧ ବିଶେଷ ପିତା ହୋଇଥିବାରୁ ରୋଗୀ ପ୍ରଥମେ ନ ଖାଇ ଫୋପାଡ଼ି ଦେବ । ରୋଗୀ ଯଦି ନଖାଏ, ତାହାହେଲେ ରୋଗୀର ନାକବାଟେ ଔଷଧ ବେଶି ପାଣିଆ କରି ଖୁଆଇବ । କିଛି ଦିନ ନାକବାଟେ ଖୁଆଇଲେ ରୋଗୀ ନିଜେ ଔଷଧ ଖାଇବ । ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଔଷଧ ଦେଉଥିବ । ରେଗୀ ଦୁର୍ବଳ ହୋଇଥିଲେ ଉପରୋକ୍ତ ମାତ୍ରାର ଅଧା ଦେବ ।

ମୁଣ୍ଡରେ ମାଲିସ୍ - କଇଞ୍ଚକାକୁଡ଼ି ପତ୍ର ରସ, ବରକୋଳି ପତ୍ର ରସ, ଦୁବ ରସ, ଘିକୁଆଁରୀ ରସ, ପୁରୁଣା ଘିଅ ଏକତ୍ର କରି ମୁଣ୍ଡରେ ମାଲିସ୍ କରିବ ।

**ପଥ୍ୟ** - ଭାତ, ରୁଟି, ଦୁଧ, ଘିଅ, ନିରାମିଷ ତରକାରୀ ।

**ଅପଥ୍ୟ** - ଲଙ୍କାମରିଚ, ତେଲ, ଲୁଣ ଖାଇବ ନାହିଁ । ଇଚ୍ଛା ହେଲେ ଦିନକୁ ଦୁଇ, ତିନି ଥର ଗାଧୋଇବ ।

ପାତାଳଗରୁଡ଼ - ସଂସ୍କୃତ - ପାତାଳଗରୁଡ଼, ଦୀର୍ଘବଲ୍ଲୀ, ତିକ୍ତାଙ୍ଗା, ସୋମବଲ୍ଲୀ ।

ହିନ୍ଦୀ - ପାତାଳଗରୁଡ଼ୀ, ଛିରେଟା ।

ତେଲୁଗୁ - ଦୂସର ତୋଗେ ।

ବଙ୍ଗଳା - ଛିଲିହିଣ୍ଟ, ଶିଳିନ୍ଧା ।

## ଉନ୍ମାଦ

ପାକଳ ପାଣି କଖାରୁ ରସରେ କୁଡ଼ଚୂର୍ଣ୍ଣ ଦୁଇଅଣି ଓଜନ, ମହୁ ଏକଚାମଚ ମିଶାଇ ଖାଇଲେ ଉନ୍ମାଦ ରୋଗ ନଷ୍ଟ ହୁଏ । ଏହା ଉନ୍ମାଦ ରୋଗୀ ପକ୍ଷରେ ସିଦ୍ଧ ଔଷଧ । (ଚକ୍ରଦତ୍ତ)

## ଭୂତ ଉନ୍ମାଦ

ଶୁକ୍ଳ ଅପରାଜିତା ଚେର ଚାଉଳଧୂଆ ପାଣିରେ ବାଟି ଗାଈଘିଅ ମିଶାଇ ଖାଇବ । (ଚକ୍ରଦତ୍ତ)

ଚେର ମାତ୍ରା - ସୁକି ଓଜନ ଠାରୁ ଅଧତୋଳା ଓଜନ ।

## ରକ୍ତଚାପ (ଉଚ୍ଚ)

| | | |
|---|---|---|
| ୧) | ପାତାଳ ଗରୁଡ଼ ଚେର | ୫ ତୋଳା |
| | ବଚ ଚୂର୍ଣ୍ଣ | ୫ ତୋଳା |

ଗୋଲମରିଚ ଚୂର୍ଣ୍ଣ ୧ ତୋଳା
ରସ ସିନ୍ଦୂର ୧ ତୋଳା

ଉପରୋକ୍ତ ପଦାର୍ଥ ଏକତ୍ର ମର୍ଦ୍ଦନ କରି ବ୍ରାହ୍ମୀରସରେ ଦୁଇ ଥର ଭାବନା ଦେଇ ମଟର ଦାନା ପରି ବଟିକା କରି ଦିନକୁ ଦୁଇଟି ବଟିକା ସକାଳେ ଓ ସନ୍ଧ୍ୟାରେ ଖାଇବ । ଉନ୍ମାଦ ରୋଗରେ ମଧ୍ୟ ଏହି ଔଷଧ ଦେବ ।

ବଜାରରେ ଶସ୍ତାରେ ଯେଉଁ ରସସିନ୍ଦୁର ବିକ୍ରି ହୁଏ, ତାକୁ ନ ଆଣି କୌଣସି କବିରାଜ ଔଷଧାଳୟରୁ ଆଣିବ ।

ଭାବନା – କୁଟିତ ଦ୍ରବ୍ୟ ବା ଚୂର୍ଣ୍ଣ ଭିଜିଗଲା ପରି ରସ (ଏଠାରେ ବ୍ରାହ୍ମୀରସ) ପକାଇ ମର୍ଦ୍ଦନ କରି ଦିନରେ ଖରାରେ ଏବଂ ରାତିରେ କାକରରେ ରଖିଲେ ଏକଥର ଭାବନା ହୁଏ ।

ଲୁଣ, ଖଟା, ଲଙ୍କାମରିଚ, ଶାଗ ଖାଇବ ନାହିଁ ।

୨) ପାତାଳଗରୁଡ଼ ଚେର ଚୂର୍ଣ୍ଣ – ଏକଭାଗ ।

ବିଶୁଦ୍ଧ ଶିଳାଜତୁ ଚୂର୍ଣ୍ଣ – ଏକଭାଗ ।

ଏକତ୍ର ମର୍ଦ୍ଦନ କରି ୩ ରତି ହିସାବରେ ବଟିକା କରି ଶିଶିରେ ରଖିବ ।

ମାତ୍ରା – ସକାଳେ ଓ ସନ୍ଧ୍ୟାରେ ଗୋଟିଏ ଲେଖାଏଁ ବଟିକା ଦୁଧ ବା ପାଣି ସହିତ ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ ।

## ଅଜୀର୍ଣ୍ଣ

୧) ପ୍ରତିଦିନ ଖାଇବାର ପ୍ରାୟ ଏକ ଘଣ୍ଟା ପୂର୍ବରୁ ଦୁଇଅଣି ଓଜନ ଅଦା ସହିତ ସାମାନ୍ୟ ସୈନ୍ଧବ ଲବଣ ମିଶାଇ ଖାଇଲେ ଅଜୀର୍ଣ୍ଣ ହେବ ନାହିଁ । (ପରୀକ୍ଷିତ)

୨) ଖାଇବାର ୧୫ ମିନିଟ୍ ପରେ ୩ଟା ବା ୫ଟା ଗୋଲମରିଚ ଚୋବାଇ ଖାଇ ଉଷୁମ ପାଣି ଏକ ଗ୍ଲାସ୍ ପିଇଲେ ଯେତେ ଗରିଷ୍ଠ ଖାଦ୍ୟ ଖାଇଥିଲେ ମଧ୍ୟ ଜୀର୍ଣ୍ଣ ହୋଇଯିବ । ଯେଉଁମାନଙ୍କର ଦାନ୍ତ ନାହିଁ, ସେମାନେ ଗୋଲମରିଚ ଚୂର୍ଣ୍ଣ ଖାଇ ଉଷୁମ ପାଣି ପିଇବେ । (ପରୀକ୍ଷିତ)

୩) ଶୁଣ୍ଠି ଚୂର୍ଣ୍ଣ ୫ ତୋଳା, ପିପ୍ପଳୀ ଚୂର୍ଣ୍ଣ ୪ ତୋଳା, କଳାଜୀରା ଚୂର୍ଣ୍ଣ ୩ ତୋଳା, ଜୁଆଣୀ ଚୂର୍ଣ୍ଣ ୨ ତୋଳା, ବିଟ ଲବଣ ଏକ ତୋଳା, ହରିଡ଼ା, (ମଞ୍ଜି ବାହାର କରିଦେଇ) ଚୂର୍ଣ୍ଣ ୧୫ ତୋଳା – ଏ ସମସ୍ତର ଚୂର୍ଣ୍ଣ ଏକତ୍ର କରି କାଚ ଶିଶିରେ ରଖିବ । ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଦୁଇଅଣି ଓଜନ ଚୂର୍ଣ୍ଣ ଖାଇ ଥଣ୍ଡା ବା ଉଷୁମ ପାଣି ପିଇବ । (ପରୀକ୍ଷିତ)

୪) କୁଆଣୀ ୨୦ ତୋଳା, ସୈନ୍ଧବ ଲବଣ ଦୁଇ ତୋଳା, ବିଟ ଲବଣ ଦୁଇ ତୋଳା, କାଗେଜି ଲେମ୍ବୁ ରସରେ ପକାଇ ଶୁଖାଇ ରଖିବ । ସୁକି ଓଜନରେ ଖାଇଲେ ଅଜୀର୍ଣ୍ଣ ଦୋଷ ନଷ୍ଟ ହୁଏ, କ୍ଷୁଧା ବୃଦ୍ଧି ହୁଏ, ଝାଡ଼ା, ବାନ୍ତି ଓ ପେଟର ବେଦନା ଶାନ୍ତି ହୁଏ ।

୫) ସୈନ୍ଧବ ଲବଣ, ଗୋଲମରିଚ ଓ ଭଜା ଜୀରା ସମଭାଗ ଏକତ୍ର ଚୂର୍ଣ୍ଣ କରି ଦୁଇଅଣା ମାତ୍ରାରେ ଗୁଆଦହି ସହିତ ଖାଇବ ।

୬) ଶୁଦ୍ଧ କୋଚିଲା ମଞ୍ଜି ଚୂର୍ଣ୍ଣ ପାଞ୍ଚତୋଳା, ରେକ୍ଟିଫାଏଡ଼ ସ୍ପିରିଟ୍‌ରେ ଗୋଳାଇ ଶିଶିରେ ରଖି ମୁହଁ ବନ୍ଦ କରି ଦଶ ଦିନ ରଖିଦେବ । ତାପରେ ଛାଣିକରି ଶିଶିରେ ରଖିବ ।

**ମାତ୍ରା** – ୫ ଟୋପାରୁ ୧୦ ଟୋପା ବୟସ୍କ ଲୋକ ପାଣିରେ ମିଶାଇ ଖାଇବ । ଭୋଜନ ପରେ ଦିନକୁ ଦୁଇଥର ଖାଇବ ।

**ଗୁଣ** – ଏହି ଔଷଧ ଖାଇଲେ ଜଠରାଗ୍ନି ପ୍ରଦୀପ୍ତ ହୁଏ, ଯକୃତର ବିକୃତି ଦୂର ହୁଏ । ଏହା ଜ୍ୱରନାଶକ, ପୁଷ୍ଟିବର୍ଦ୍ଧକ ଓ ବଳବୀର୍ଯ୍ୟ ବର୍ଦ୍ଧକ ଏବଂ କାମୋଦ୍ଦୀପକ ।

କୋଚିଲାମଞ୍ଜି ଶୋଧନ ବିଧି – କୋଚିଲା ମଞ୍ଜିକୁ ଆଠ ଦିନ ଗାଈମୂତରେ ବତୁରାଇବ । ପ୍ରତିଦିନ ପୁରୁଣା ମୂତ ବାହାର କରି ନୂଆ ମୂତ ଦେଉଥିବ । ତାପରେ ମଞ୍ଜିକୁ ଧୋଇ ଛୁରି ଦ୍ୱାରା ମଞ୍ଜି ଉପର ଚୋପା ବାହାର କରି ଫୋପାଡ଼ି ଦେବ ଏବଂ ମଞ୍ଜିକୁ ଦୁଇ ଫାଳ କରି ତା' ଭିତରେ ଥିବା ଜିଭକୁ ଫୋପାଡ଼ି ଦେବ । ତା'ପରେ କୋଚିଲା ମଞ୍ଜିର ୧୬ ଗୁଣ ଦୁଧରେ ଦୋଳାଯନ୍ତ୍ରରେ ସିଝାଇବ । ଯେତେବେଳେ ଦୁଧ ରାବେଡ଼ି ପରି ହୋଇଯିବ, ମଞ୍ଜିଗୁଡ଼ିକ କାଢ଼ି ଭଲ କରି ଧୋଇ ହିମଦସ୍ତାରେ କୁଟିବ । ତାପରେ ଖରାରେ ଶୁଖାଇ ପୁନରପି ଚୂର୍ଣ୍ଣ କରି କନାରେ ଛାଣି ଶିଶିରେ ରଖିବ ।

ଅନ୍ୟ ଉପାୟ – କୋଚିଲାମଞ୍ଜିକୁ ଯଦି ଦୁଧରେ ଦୋଳାଯନ୍ତ୍ରରେ ନ ସିଝାଇବ, ତାହାହେଲେ ଖାଣ୍ଟି ଗୁଆଘିଅରେ ଭାଜିବ । ଏଥିରୁ ଯେଉଁ ଘିଅ ବାହାରିବ, ସେହି ଘିଅକୁ ଶିଶିରେ ରଖିବ । ଯେଉଁ ଲୋକ ଯେତେ ଅଫିମ ଖାଉଥିବ, ତାର ଅର୍ଦ୍ଧଭାଗ ଏହି ଘିଅରୁ କିଛି ଦିନ ଖାଇବାକୁ ଦେଲେ ଅଫିମ ଖାଇବା ଅଭ୍ୟାସ ଛାଡ଼ି ଯିବ । (ପରୀକ୍ଷିତ)

୭) କର୍ପୂର ଏକ ଅଣି ଓଜନ, ଲବଙ୍ଗ ଏକ ଅଣି ଓଜନ, ଜୀରା ଏକ ଅଣି ଓଜନ, କୁଆଣୀ ଏକ ଅଣି ଓଜନ, ସୈନ୍ଧବ ଲବଣ ଦୁଇ ଅଣି ଓଜନ ଏକତ୍ର ମିଶାଇ ଶିଶିରେ ରଖିବ ।

**ମାତ୍ରା** – ଦିନକୁ ଦୁଇ ଅଣି ଓଜନ ଚୂର୍ଣ୍ଣ ସକାଳେ ଖାଇବ । ଏହିପରି ୩ ଦିନ ସକାଳେ ଖାଇଲେ ଅଜୀର୍ଣ୍ଣ ନିଶ୍ଚୟ ଭଲ ହୁଏ ଏବଂ ଅଗ୍ନି ବୃଦ୍ଧି ହୁଏ ।

୮) ଶୋଧିତ ଗନ୍ଧକ, ତ୍ରିକଟୁ, ଯବକ୍ଷାର, ସଜ୍ଜୀକ୍ଷାର, ସୈନ୍ଧବଲବଣ, ଲବଙ୍ଗ ସମଭାଗ ଏକତ୍ର ୧୨ ଘଣ୍ଟା ଲେମ୍ବୁରସରେ ମର୍ଦ୍ଦନ କରି ଦୁଇ ରତି ହିସାବରେ ବଟିକା କରି ଦିନକୁ ଦୁଇଥର ସକାଳ ଓ ସନ୍ଧ୍ୟାରେ ଖାଇଲେ କ୍ଷୁଧା ବଢ଼େ । ଏହି ବଟିକାକୁ "କ୍ଷୁଧାବର୍ଦ୍ଧନୀ ବଟୀ'' କୁହାଯାଏ ।

୯) ଶୋଧିତ ପାରା, ହରିଡ଼ା, ଅଳେଇଚ, ଶୁଣ୍ଠୀ, ପିପ୍ପଳ ପ୍ରତ୍ୟେକରୁ ଏକ ତୋଳା ଲେଖାଏଁ ଗୋଲମରିଚ, ଲବଙ୍ଗ, ଚିତାପାରୁ, ତ୍ରିଫଳା (ହରିଡ଼ା, ବାହାଡ଼ା, ଅଁଳା) ଅଧ ତୋଳା ଲେଖାଏଁ ନବସାଗର ଏକ ତୋଳା ଏ ସମସ୍ତର ଚୂର୍ଣ୍ଣ ଦୁଇ ରତି ହିସାବରେ ଖାଇ ଗରମ ପାଣି ପିଇଲେ ଅଜୀର୍ଣ୍ଣ, ପ୍ଲୀହା, ଗୁଳ୍ମ, ଭଗନ୍ଦର, ଉଦରରୋଗ, ଅର୍ଶ ରୋଗ, କଫ ରୋଗ ଭଲ ହୁଏ । ଉପରୋକ୍ତ ଚୂର୍ଣ୍ଣକୁ "ରାଜବଲ୍ଲଭ ରସ'' କୁହାଯାଏ ।

## ଅଗ୍ନିମାନ୍ଦ୍ୟ

୧) ହରିଡ଼ା, ଶୁଣ୍ଠୀ, ପୁରୁଣାଗୁଡ଼ ବା ସୈନ୍ଧବ ଲବଣ ସହିତ ନିୟମିତ ରୂପେ ଖାଇଲେ ଅଗ୍ନି ପ୍ରଖର ହୁଏ । (ଚକ୍ରଦତ୍ତ)

**ମାତ୍ରା -** ଦୁଇ ଅଣି ଓଜନ ।

୨) ସୈନ୍ଧବ ଲବଣ, ହରିଡ଼ା, ପିପ୍‌ପଳୀ ଓ ଚିତାପାରୁ ଚେର ସମଭାଗ ଚୂର୍ଣ୍ଣ କରି ଗରମ ପାଣିରେ ଉପଯୁକ୍ତ ମାତ୍ରାରେ ସେବନ କଲେ ମନ୍ଦଅଗ୍ନି ଦୀପ୍ତ ହୁଏ ଓ ଗରିଷ୍ଠ ଭୋଜନ ଶୀଘ୍ର ଜୀର୍ଣ୍ଣ ହୁଏ । (ଚକ୍ରଦତ୍ତ)

**ମାତ୍ରା -** ଦୁଇଅଣି ଓଜନ ।

୩) ସୈନ୍ଧବ ଲବଣ, ହିଙ୍ଗୁ, ହରିଡ଼ା, ବାହାଡ଼ା, ଅଁଳା, ଜୁଆଣୀ, ଶୁଣ୍ଠୀ, ପିପ୍‌ପଳୀ, ଗୋଲମରିଚ ଏ ସମସ୍ତ ସମଭାଗ କରି ଚୂର୍ଣ୍ଣ କରିବ । ସମସ୍ତ ଚୂର୍ଣ୍ଣର ସମଭାଗ ପୁରୁଣା ଗୁଡ଼ ମିଶାଇ ସୁକି ଓଜନ ବଟିକା କରି ଦିନକୁ ଦୁଇ ଥର ଖାଇବ । ଏହି ଔଷଧ ସେବନ କଲେ ଯଥେଷ୍ଟ ଆହାର କରିବ ଓ ପରମ ତୃପ୍ତି ଲାଭ କରିବ । (ଚକ୍ରଦତ୍ତ)

## ତୀକ୍ଷ୍ଣାଗ୍ନି

ଅପାମାରଙ୍ଗ ମଞ୍ଜିର ଚୂର୍ଣ୍ଣ ସୁକି ଓଜନ ପେଜ ସହିତ ବା ପାଣିରେ କିଛି ଦିନ ଖାଇଲେ ତୀକ୍ଷ୍ଣାଗ୍ନି ପ୍ରଶମିତ ହୁଏ ।

## ତୃଷ୍ଣା (ଉତ୍କଟ)

୧) ଇଟାକୁ ନିଆଁରେ ପୋଡ଼ି ପାଣିରେ ପକାଇବ । ଏହି ପାଣି ଥଣ୍ଡା ହେବା ପରେ ପିଇଲେ ଉତ୍କଟ ତୃଷ୍ଣା ବନ୍ଦ ହୁଏ ।

୨) ନବାତ ପଣାରେ ତିନ୍ତୁଳି ଓ ଡ଼ାଳିମ୍ବରସ ମିଶାଇ ତହିଁରେ ତ୍ରିକଟୁ (ଶୁଣ୍ଠୀ ଓ ପିପ୍‌ପଳୀ, ଗୋଲମରିଚ) ଓ କର୍ପୁର ମିଶାଇ ପିଇଲେ ତତ୍‌କ୍ଷଣାତ୍ ତୃଷ୍ଣା ବନ୍ଦ ହୁଏ ।

## ଅମ୍ଳପିତ୍ତ

୧) ଶୁଦ୍ଧପାରା ଏକ ତୋଳା, ଶୁଦ୍ଧଗନ୍ଧକ ଦୁଇ ତୋଳା ଏକତ୍ର ବହୁତ ସମୟ ମର୍ଦ୍ଦନ କରି କଜ୍ଜଳୀ କରିବ ।

ତ୍ରିଫଳା, ତ୍ରିକଟୁ, ବିଡ଼ଙ୍ଗ, ଚିତାପାରୁ, ନାଗରମୁଥା ପ୍ରତ୍ୟେକର ଚୂର୍ଣ୍ଣ ୪ ତୋଳା ଏକତ୍ର ମିଶାଇ ମର୍ଦ୍ଦନ କରିବ । ତା'ପରେ ଏହି ଚୂର୍ଣ୍ଣକୁ ଉପରୋକ୍ତ ପାରା ଏବଂ ଗନ୍ଧକରେ ତିଆରି ହୋଇଥିବା କଜ୍ଜଳୀରେ ମିଶାଇ ମର୍ଦ୍ଦନ କରି ରଖିବ ।

**ମାତ୍ରା** – ସୁକି ଓଜନ ମହୁ ଏବଂ ଘିଅ ଅନୁପାତରେ ଖାଇବ । ସକାଳେ ଓ ସନ୍ଧ୍ୟାରେ ଔଷଧ ଖାଇଲା ପରେ ଥଣ୍ଡାପାଣି ବା ଧାରୋଷ୍ଣ ଦୁଧ ପିଇବ ।

୨) ହରିଡ଼ାଚୂର୍ଣ୍ଣ ଅଧ ତୋଳା, ମହୁ ଅଥବା ଗୁଡ଼ ଅଧ ତୋଳା, ଦିନକୁ ଦୁଇ ପାନ ସକାଳ ଓ ସନ୍ଧ୍ୟା ଏହିପରି ୩ ଦିନ ଖାଇଲେ ଅମ୍ଳପିତ୍ତ ଶାନ୍ତ ହୁଏ ।

୩) ଗୁଳୁଚି ଦୁଇ ମସା, ନିମ ଛାଲି ଦୁଇ ମସା, ପୋଟଳ ପତ୍ର ଦୁଇ ମସା, ତ୍ରିଫଳା ଦୁଇ ମସା, ପାଣି ଏକ ପାଆ – ଏ ସମସ୍ତ ଏକତ୍ର କରି ମାଟି ହାଣ୍ଡିରେ ଅଧସେର ପାଣି ଦେଇ ସିଝାଇ ଅବଶେଷେ ଏକ ଛଟାଙ୍କି ରହିଲେ ଛାଣି ଥଣ୍ଡା କରି ସେଥିରେ ଏକ ଚାମଚ ମହୁ ମିଶାଇ ଖାଇବ ।

ଦିନକୁ ଦୁଇ ପାନ ସକାଳ ଏବଂ ସନ୍ଧ୍ୟାରେ ପ୍ରତିଦିନ ଔଷଧ ତିଆର କରି ୫ ଦିନ ଖାଇଲେ ଦାରୁଣ ଦାହଯୁକ୍ତ ଅମ୍ଳପିତ୍ତ ଭଲ ହୁଏ ।

## ଗ୍ରହଣୀ

୧) ମେଥି ଏକ ତୋଳା, ଭୂଇଁଅଁଳା ଏକ ତୋଳାକୁ ୩୨ ତୋଳା ପାଣିରେ ମାଟି ହାଣ୍ଡିରେ ସିଝାଇ ଅବଶେଷ ୪ ତୋଳା ରହିଲେ ଛାଣି ସେହି ପାଣିରେ ଦହି ମିଶାଇ ଖାଇଲେ ରକ୍ତହଗା ଓ ରକ୍ତଗ୍ରହଣୀ ଆଶ୍ଚର୍ଯ୍ୟ ରୂପେ ପ୍ରଶମିତ ହୁଏ । (ପରୀକ୍ଷିତ)

୨) ଚହ୍ଲା ସହିତ ଦୁଇ ଅଣି ଓଜନ ଢ଼େଙ୍ଗାଭେଜି (ଲବେଙ୍ଗୁଡ଼ି) ମୂଳର ଚୂର୍ଣ୍ଣ ସେବନ କଲେ ସଂଗ୍ରହ ଗ୍ରହଣୀ ବିନଷ୍ଟ ହୁଏ । (ବଙ୍ଗସେନ)

୩) ବେଲଶୁଣ୍ଠା ଓ ଶୁଣ୍ଠୀ ସମାନ ଭାଗରେ ମିଶାଇ ଚୂର୍ଣ୍ଣ କରିବ । ପୁରୁଣା ଗୁଡ଼ ସହିତ ଏହି ଚୂର୍ଣ୍ଣ ସୁକି ଓଜନ ଖାଇ ତା'ପରେ ଚହ୍ଲା ପିଇବ । (ଚକ୍ରଦତ୍ତ)

୪) ଯେଉଁମାନେ ବହୁ ଦିନରୁ ନାଳରକ୍ତ ଝାଡ଼ା ବା କେବଳ ନାଳଝାଡ଼ା ରୋଗ ଭୋଗୁଛନ୍ତି, ସେମାନେ ପ୍ରତିଦିନ ଗେଣ୍ଡାମାଂସ ଖାଇଲେ ପ୍ରାୟ ୩ ମାସ ଭିତରେ ଦେହ ପୁଷ୍ଟ ଓ ବଳିଷ୍ଠ ହେବା ସଙ୍ଗେ ସଙ୍ଗେ ରୋଗମୁକ୍ତ ହେବେ । ବେଶି ମସଲା ଦେଇ ଗେଣ୍ଡାମାଂସ ରାନ୍ଧିବ ନାହିଁ । (ପରୀକ୍ଷିତ)

୫) ଏକତୋଳା ଗୋଲମରିଚ ଚୂର୍ଣ୍ଣ, ଦୁଇ ତୋଳା ଶୁଣ୍ଠୀ ଚୂର୍ଣ୍ଣ, ଚାରି ତୋଳା କେରୁଆଛାଲି, ଏକତୋଳା ପୁରୁଣା ଗୁଡ଼ ଏକତ୍ର କରି ସୁକି ଓଜନ ବଟିକା କରି ଦିନକୁ ଦୁଇଥର ଖାଇବ । ଔଷଧ ଖାଇ ପରେ ଚହ୍ଲା ପିଇବ ।

୬) କେରୁଆଛାଲିର କ୍ୱାଥରେ ଗ୍ରହଣୀ ରୋଗ ଭଲ ହୁଏ । ଦୁଇ ତୋଳା ଛାଲି ଅଧସେର ପାଣିରେ ସିଝାଇ ଏକ ଛଟାଙ୍କି ରହିଲେ ଛାଣି ପିଇବ ।

୭) କେରୁଆ ଗଛର କଞ୍ଚାଛାଲିର ରସ ଓ ସମଭାଗ ପାତାଳ ଗରୁଡ଼ ଚେର ରସ ଏକତ୍ର କରି ୩ ଦିନ ଖଲରେ ମର୍ଦ୍ଦନ କରି ଶୁଖାଇ ସୁକି ଓଜନ ବଟିକା କରିବ । ଦିନକୁ ୪ଟି ବଟିକା ଡ଼ାଳିମ୍ବ ରସ ଦୁଇ ତୋଳା ମିଶାଇ ଖାଇଲେ ସଂଗ୍ରହଣୀ ରୋଗ ଭଲ ହୁଏ । ପ୍ରତି ୪ ଘଣ୍ଟାରେ ଗୋଟିଏ ବଟିକାକୁ ଦୁଇ ତୋଳା ଡ଼ାଳିମ୍ବ ରସରେ ଖାଇବ । (ପରୀକ୍ଷିତ)

**ପଥ୍ୟ** - ବାର୍ଲି, ପାଳୁଅ, ଚୂଡ଼ାମଣ୍ଡ, ପସାରୁଣି ପତ୍ର ଝୋଳ ।

କେରୁଆଗଛ - ସଂସ୍କୃତ - ଶକ୍ର, ବତ୍ସକ, ଗିରିମଲ୍ଲିକା, କୂଟଜ । ବଙ୍ଗଳା - କୁଡୁଚିଗାଛ । ହିନ୍ଦୀ - କୁଡ଼ା । ତେଲୁଗୁ - ଆକୁଡ଼୍ ଚେଟ୍ଟୁ, ଯେଉଁ ଗଛର ମଞ୍ଜିକୁ ଇନ୍ଦ୍ରଯବ କହନ୍ତି ।

୮) ଅର୍ଜ୍ଜୁନ ଛାଲି ଓ କେସନ୍ଦରା ଗଛକୁ ସମଭାଗ ନେଇ ଶୁଖାଇ ଗୋଟିଏ ହାଣ୍ଡି ଭିତରେ ପୂରାଇ ତା'ଉପରେ ଆଉ ଗୋଟିଏ ହାଣ୍ଡି ରଖି ସନ୍ଧିରୋଧ କରି ପୁଟଦଗ୍ଧ କରି ଭସ୍ମ କରିବ । ଏହି ଭସ୍ମରୁ ସୁକି ଓଜନ ଚହ୍ଲା ସହିତ ଖାଇଲେ ପ୍ରବଳ ବେଦନାଯୁକ୍ତ ଆମଗ୍ରହଣୀ ଭଲ ହୁଏ । (ବଙ୍ଗସେନ)

## ସନ୍ନ୍ୟାସ

ଯେ କୌଣସି କାରଣରୁ ମସ୍ତିଷ୍କକୁ ରକ୍ତ ଯୋଗାଉଥିବା ଧମନୀରେ ରକ୍ତସ୍ରାବ ହେଲେ ବା ରକ୍ତ ଜମାଟ ବାନ୍ଧିଗଲେ ଏହି ରୋଗହୁଏ । ରୋଗୀ ହଠାତ୍ ଅଜ୍ଞାନ ହୋଇଯାଏ । ଅଜ୍ଞାନବସ୍ଥାରେ ଛଟପଟ ହୁଏ ନାହିଁ । ଯଦିଓ ହୁଏ, ତାହାହେଲେ ଶରୀରର ଏକପାଖ (ହୁଏତ ଦକ୍ଷିଣ ନ ହେଲେ ବାମ ପାଖ) ଏକ ଅଙ୍ଗରେ ହୁଏ । ଏକ ସମୟରେ ଦୁଇ ପାଖ ହୁଏ ନାହିଁ । ଏହି ରୋଗ ପ୍ରାୟ ବୁଢ଼ା

ଲୋକଙ୍କର ହୁଏ । ୪୫ ବର୍ଷ କମ୍ ବର୍ଷର ଲୋକଙ୍କର କ୍ୱଚିତ୍ ହୁଏ । ରୋଗୀକୁ ଦେଖିଲେ ଜଣାପଡ଼େ ଯେପରି ଘୋର ନିଦରେ ଶୋଇଛି ।

**ରୋଗର କାରଣ** - ବେଶିଭୟ, ବେଶିଚିନ୍ତା, ବେଶିରୋଗ, ହଠାତ୍ ଦୁଃସମ୍ବାଦ ଶ୍ରବଣ, ବେଶି ଭାରି ଜିନିଷ ଉତ୍ତୋଳନ, ହଠାତ୍ ବେଶି ପରିଶ୍ରମ କରିବା, ଅତ୍ୟଧିକ ମଦ୍ୟ ଓ ଗଞ୍ଜାପାନ, ସ୍ତ୍ରୀଲୋକଙ୍କର ମାସିକ ସ୍ରାବ ଅସମୟରେ ବନ୍ଦ ହେଲେ ବା ଅର୍ଶରୋଗୀର ରକ୍ତସ୍ରାବ ହଠାତ୍ ବନ୍ଦ ହେଲେ ଏହି ରୋଗ ହୁଏ ।

**ଲକ୍ଷଣ** - ରୋଗ ଆକ୍ରମଣ ସଙ୍ଗେ ସଙ୍ଗେ ରୋଗି ହଠାତ୍ ସମ୍ପୂର୍ଣ୍ଣ ଅଜ୍ଞାନ ହୋଇଯାଏ, ମୁହଁରୁ ଫେଣ ବାହାରେ, ଦାନ୍ତ ପଡ଼ିଯାଏ, ମୁହଁ ଲାଲ ଦିଶେ, ଆଖିର ତାରା ସଙ୍କୁଚିତ ହୋଇଯାଏ, ଅଥବା ଗୋଟିଏ ବଡ଼ ଓ ଗୋଟିଏ ଛୋଟ ହୁଏ । ମୁହଁ ବଙ୍କା ହୋଇଯାଏ । ଥଣ୍ଡାଝାଳ ବାହାରେ, ହାତ ପାଦ ଥଣ୍ଡା ହୁଏ । ନିଃଶ୍ୱାସ ନେବାରେ କଷ୍ଟ ହୁଏ । ଝାଡ଼ା, ପରିସ୍ରା ହୁଏ ନାହିଁ । ଯଦି ହୁଏ ଅଜ୍ଞାନ ଅବସ୍ଥାରେ ହୁଏ । ନାଡ଼ିର ଗତି ଯଦି ମିନିଟକେ ୬୦ ରୁ କମ୍ ବା ୧୧୦ରୁ ବେଶି ହୁଏ, ତା'ହେଲେ ଅବସ୍ଥା ଆଶଙ୍କାଜନକ ବୁଝିବ । ସନ୍ନ୍ୟାସ ବଡ଼ କଠିନ ରୋଗ । ଏହି ରୋଗ ହେଲା ମାତ୍ରକେ ନିମ୍ନଲିଖିତ ପ୍ରାଥମିକ ଚିକିତ୍ସା କରି ବିଜ୍ଞ କବିରାଜ ଓ ଡ଼ାକ୍ତରଙ୍କର ଚିକିତ୍ସା କରାଇବ । ସନ୍ନ୍ୟାସ ରୋଗ କି ଅପସ୍ମାର ରୋଗ ପ୍ରଥମେ ଜାଣିବା ଦରକାର । ସନ୍ନ୍ୟାସ ରୋଗରେ ଅଜ୍ଞାନ ଅବସ୍ଥା ବରାବର ରହେ । ଅପସ୍ମାର ବା ମୃଗୀରେ ସମୟ ସମୟରେ ଚେତା ଆସେ । ସନ୍ନ୍ୟାସରେ ଆଖିର ତାରା ଦୁଇଟି ହୁଏତ ସଙ୍କୁଚିତ କିମ୍ବା ଗୋଟିଏ ସଙ୍କୁଚିତ ଓ ଅନ୍ୟଟି ପ୍ରସାରିତ ଅର୍ଥାତ୍ ଅସମାନ ରହେ । ଅପସ୍ମାର ଓ ମୃଗୀରେ ଆଖିର ତାରା ଉପରକୁ ଟେକି ହୋଇ ରହେ । ଆଖିପତା ବୁଜି ହୋଇଥାଏ ଅଥବା ମେଲା ହୋଇଥାଏ ।

**ପ୍ରାଥମିକ ଚିକିତ୍ସା** - ଏକଅଣା ଓଜନ ହିଙ୍ଗୁ କୋଡ଼ିଏ ଟୋପା ମହୁ ମିଶାଇ ରୋଗୀର ଜିଭରେ ଲଗାଇବ । ୨/୩ ଘଣ୍ଟା ଅନ୍ତରରେ ପାଦକୁ ଗରମ ପାଣିରେ ୧୦ ମିନିଟ୍ ଧୋଇବ, ମୁଣ୍ଡରେ ଜଳପଟି ଦେବ । ବ୍ରାଣ୍ଡି ବା କୌଣସି ଉତ୍ତେଜକ ଔଷଧ ଖାଇବାକୁ ଦେବ ନାହିଁ । ୧୨ ଘଣ୍ଟା ଭିତରେ ଝାଡ଼ା ପରିସ୍ରା ନହେଲେ ଝାଡ଼ା ପରିସ୍ରା କରାଇବ ।

## ସର୍ଦ୍ଦି-ଗର୍ମି

ଚୈତ୍ର ବୈଶାଖ ମାସରେ ପ୍ରଚଣ୍ଡ ଖରା ମୁଣ୍ଡରେ ଲାଗିଲେ ଏହି ରୋଗ ହୁଏ ।

**ପ୍ରାଥମିକ ଚିକିତ୍ସା** - ମୁଣ୍ଡକୁ ଥଣ୍ଡା ପାଣିରେ ଧୋଇବ । ତଉଲିଆ ବା କନାକୁ ଥଣ୍ଡା ପାଣିରେ ଭିଜାଇ କନାର ଦୁଇ ପାଖ ମେରୁଦଣ୍ଡ ଉପରେ ଏବଂ କୋଷ ଉପରେ ଦେବ । ବରଫ ଦେଇପାରିଲେ ଭଲ । ରୋଗୀ ମୂର୍ଚ୍ଛା ନ ହୋଇଥିଲେ ଥଣ୍ଡା ପାଣି ପିଇବାକୁ ଦେବ । କଞ୍ଚା ଆମ୍ବ ପୋଡ଼ି ତା'ର ରସ ସର୍ବାଙ୍ଗ ପ୍ରଲେପ ଦେବ । ୮/୧୦ ଗ୍ରେନ୍ କୁଇନାଇନ୍ ଖାଇବାକୁ ଦେବ । ଥଣ୍ଡା ପାଣି ବା

ବରଫ ପାଣିରେ ଡୁସ୍ ଦେବ । ଉପରୋକ୍ତ ଚିକିତ୍ସାରେ ଭଲ ନହେଲେ କବିରାଜୀ ବା ଡ଼ାକ୍ତରୀ ଚିକିତ୍ସା କରିବ ।

ପ୍ରଚଣ୍ଡ ଖରାରେ ଯିବା ଆସିବା ସମୟରେ ଅଣ୍ଟାରେ ବା ପକେଟରେ ଗୋଟିଏ ପିଆଜ ରଖିଲେ ବା ଯେଉଁମାନେ ଟୋପି ପିନ୍ଧନ୍ତି ସେମାନେ ମୁଣ୍ଡ ଉପରେ ପିଆଜ ରଖି ତା ଉପରେ ଟୋପି ପିନ୍ଧିଲେ ସର୍ଦ୍ଦି-ଗର୍ମି ରୋଗ ହୁଏ ନାହିଁ । ଦୁଇ କାନର ରନ୍ଧ୍ରକୁ ତୂଳା ଦେଇ ବନ୍ଦ କରି ରଖିଲେ ଖରାର ଉତ୍ତାପ ମୁଣ୍ଡରେ ପଶିପାରେ ନାହିଁ ।

## ପରିସ୍ରା ବନ୍ଦ ହେତୁ ମୂର୍ଚ୍ଛା

ଯେଉଁମାନଙ୍କରେ ପରିସ୍ରାରେ ଆଲ୍‌ବୁମେନ୍ ପଡ଼େ ଏବଂ ଯେଉଁମାନଙ୍କର ବହୁ ଦିନରୁ ବହୁମୂତ୍ର ରୋଗ ଅଛି, ସେମାନଙ୍କର ଏହି ରୋଗ ହେବାର ସମ୍ଭାବନା । ପରିସ୍ରା ବନ୍ଦ ହେଲେ ପରିସ୍ରାର ବିଷ ରକ୍ତ ସାଙ୍ଗେ ମିଶି ଉପରୋକ୍ତ ରୋଗ କରାଏ ।

**ଚିକିତ୍ସା -**

୧) ନାଭିର ଚାରିପାଖେ ରସୁଣ ବାଟି କରି ପ୍ରଲେପ ଦେଲେ ଶୀଘ୍ର ପରିସ୍ରା ହୁଏ ।

୨) ଚୂନ, ପଚା ଆମ୍ରପତ୍ର ଏବଂ ଯବକ୍ଷାର ସମାନ ରୂପେ ବାଟି ତଳି ପେଟରେ ପ୍ରଲେପ ଦେବ ।

୩) କାକୁଡ଼ିମଞ୍ଜି, କବାବଚିନି, ସୋରାକ୍ଷାର ସମଭାଗ ନେଇ ମୁଢ଼ି ପାଣିରେ (ଅଭାବେ ଖାଲି ପାଣିରେ) ବାଟି ତଳିପେଟରେ ପ୍ରଲେପ ଦେଲେ ପରିସ୍ରା ହୁଏ । (ପରୀକ୍ଷିତ)

ଯେଉଁମାନଙ୍କର ପରିସ୍ରା ପରିଷ୍କାର ହୁଏ ନାହିଁ, ସେମାନେ କଞ୍ଚା ପିଆଜ ଖାଇବେ ଅଥବା ପିଆଜକୁ ପାଣିରେ ସିଝାଇ ଅଧପା ସିଝା ପାଣି ପିଇବେ । ଏହିପରି ୪/୫ ଦିନ ପିଇଲେ ଉପକାର ପାଇବେ ।

## ମୂର୍ଚ୍ଛା

୧) ସୂର୍ଯ୍ୟନସ୍ୟ - ଅଗସ୍ତିପତ୍ର ଚୂର୍ଣ୍ଣକୁ ସାତଥର ସେହି ପତ୍ର ରସରେ ଭାବନା ଦେଇ ଶୁଖାଇ ଚୂର୍ଣ୍ଣ କରି ରଖିବ । ସେ ଚୂର୍ଣ୍ଣକୁ ୩/୪ଥର ନସ୍ୟ ନେଲେ ମୂର୍ଚ୍ଛା ରୋଗ ଭଲ ହୁଏ ।

୨) ଅପରାଜିତା ପତ୍ର ରସ ୪/୫ ଟୋପା ନାକ ଭିତରେ ପୁରାଇ ଦୁଇ ନାକ ପୁଡ଼ାକୁ ଖୁବ୍ ଜୋରରେ ଫୁଙ୍କିଲେ ସେହି ରସ ନାକ ଭିତରକୁ ଚାଲିଯାଇ ମୂର୍ଚ୍ଛା ଭଙ୍ଗ ହୁଏ ।

୩) ଅଦାରସ ନସ୍ୟ ନେଲେ ମୂର୍ଚ୍ଛା ରୋଗ ସାମୟିକ ଭଲ ହୁଏ ।

୪) ଶତାବରୀ, ବଜ୍ରମୂଳି ଓ ଦ୍ରାକ୍ଷା ସହିତ ସିଦ୍ଧ ଦୁଧ ପାନ କରିବ ଅଥବା ବାଡ଼ିଅଁଳା ମଞ୍ଜିର ଚୂର୍ଣ୍ଣ ଶର୍କରା ସହ ସେବନ କରିବ ।

୫) ଏକ ସପ୍ତାହ ପର୍ଯ୍ୟନ୍ତ ପ୍ରାତଃକାଳରେ ଅଦା ଓ ଗୁଡ଼ ଏବଂ ରାତ୍ରରେ ତ୍ରିଫଳା ଓ ମହୁ ଖାଇଲେ ମୂର୍ଚ୍ଛା, କାଶ, କାମଳ ଓ ଉନ୍ମାଦ ଶାନ୍ତ ହୁଏ । (ଚକ୍ରଦତ୍ତ)

୬) ପ୍ରତିଦିନ ସକାଳେ ଏକ ତୋଳା ଅଦାରସରେ ୨/୩ ତୋଳା ଗୁଡ଼ ମିଶାଇ ମୂର୍ଚ୍ଛା ରୋଗୀକୁ ଖୁଆଇଲେ ଏବଂ ସୁପଥ୍ୟରେ ରହିଲେ ମୂର୍ଚ୍ଛା, କାମଳ ଓ ଉନ୍ମାଦ ପ୍ରଭୃତି ଭଲ ହୁଏ ।

୭) ପ୍ରତିଦିନ ରାତିରେ ସମଭାଗରେ ତ୍ରିଫଳା (ହରିଡ଼ା, ବାହାଡ଼ା, ଅଁଳା) ଚୂର୍ଣ୍ଣ ମହୁ ସଙ୍ଗରେ ଖାଇଲେ କ୍ରମେ କ୍ରମେ ମୂର୍ଚ୍ଛା ରୋଗ ଭଲ ହୁଏ ।

୮) ଗୁଆ ଭିତରେ (ପୁରୁଣା ଗୁଆ) ଏକ ପ୍ରକାର ଧଳାପୋକ ଦେଖାଯାଏ । ସେହି ପୋକରୁ ଗୋଟିଏ (ଜୀବନ୍ତ) ଖଣ୍ଡେ ପାଚିଲା କଦଳୀ ଭିତରେ ପୂରାଇ ପାଟିରେ ପାଣି ରଖି ଗିଳି ପକାଇବ । ୪/୫ ଦିନରେ ଏହିପରି ୪/୫ ଦିନ ପୋକ ଖାଇଲେ ମୂର୍ଚ୍ଛା ରୋଗ ନିଶ୍ଚୟ ଭଲ ହେବ ।

## ଅମ୍ଳରୋଗ

**ରୋଗର ପ୍ରକୃତି** - ଯାହାର ବହୁ ଦିନରୁ ଅମ୍ଳ ରୋଗ ଅଛି, ରୋଗର ଆକ୍ରମଣ ପୂର୍ବରୁ ଜଣାପଡ଼ିବ ଯେପରି ସବୁ ପଦାର୍ଥ ଘୁରୁଛି । ମୁଣ୍ଡଟା ଯେପରି ମାଟି ଭିତରେ ପଶିଯାଉଛି । ବେଶି ସମୟ ଏହି ଅବସ୍ଥାରେ ରହିଲେ ରୋଗୀ ମୂର୍ଚ୍ଛା ହୁଏ, ଏପରିକି ୧୦/୧୨ ଘଣ୍ଟା ଅଜ୍ଞାନ ହୋଇ ପଡ଼ିରହେ । ରୋଗୀର ନିଶ୍ୱାସ ଖଟା ଗନ୍ଧ ହୁଏ । ମୂର୍ଚ୍ଛା ରୋଗ କି ଅମ୍ଳ ରୋଗ ଏହି ଖଟା ନିଶ୍ୱାସରୁ ଜଣାପଡ଼େ ।

**ଚିକିତ୍ସା** - ଅଚେତନ ଅବସ୍ଥାରେ ଅପରାଜିତା ପତ୍ର ରସ ନାକରେ ଟେଣ୍ଡିଲେ ଚେତା ଆସେ । ଅପରାଜିତା ପତ୍ର ନ ମିଳିଲେ ଗୋଲମରିଚ ଗୁଣ୍ଡ ବଳିତାରେ ପୁରାଇ ନିଆଁ ଲଗାଇ ଲିଭାଇ ତାର ଧୂଆଁ ନାକରେ ଦେଲେ ଚେତା ଆସେ ।

ରୋଗୀର ଜିଭ ଉପରେ ବିଟ ଲବଣ ଚୂର୍ଣ୍ଣ ଏକ ଅଣା ଓଜନ ଲଗାଇବ । କିଛି ସମୟ ପରେ ବାନ୍ତି ହୋଇ ଚେତନା ଆସିବ । ବିଟଲବଣ ଅଭାବେ ସୈନ୍ଧବ ଲବଣ, ସୈନ୍ଧବ ଲବଣ ନ ମିଳିଲେ ସାଧାରଣ ଖାଇବା ଲୁଣ ଟିକିଏ ବେଶି ମାତ୍ରାରେ ଦେବ ।

**ଔଷଧ :-**

୧) ଅପାମାର୍ଗ ଚେର ଦୁଇଅଣା ଓଜନ, ଅଦା ଦୁଇଅଣା ଓଜନ ଓ ମୁସବ୍ଦର ଦୁଇଅଣା ଓଜନ ଏକତ୍ର ବାଟି ୨୧ଟି ବଟିକା କରିବ । ପ୍ରତିଦିନ ୩ଟି ବଟିକା (ସକାଳ, ମଧ୍ୟାହ୍ନ, ସନ୍ଧ୍ୟା) କରି ସାତ ଦିନ ଖାଇବ ।

୨) ୫/୬ଟା ହରିଡ଼ାକୁ ଗୋମୂତ୍ରରେ ସିଦ୍ଧ କରି ନରମ ହେଲେ ମଞ୍ଜି ପକାଇଦେଇ ହରିଡ଼ାକୁ

ଶୁଖାଇବ । ତା'ପରେ ଏକ ଛଟାଙ୍କି ସୈନ୍ଧବ ଲବଣ ଗୁଣ୍ଡ କରି ସେଥିରେ ମିଶାଇ କାଗେଜି ଲେମ୍ବୁ ରସରେ ଭିଜାଇ ଶୁଖାଇ ରଖିବ ।

ମାତ୍ରା – ଦୁଇ ଅଣି ଓଜନ ପ୍ରତିଦିନ ଖାଇବ । ଯେଉଁ ହରିଡ଼ାର ଓଜନ ଦୁଇତୋଳା, ତାହା ଔଷଧାର୍ଥେ ଗ୍ରହଣୀୟ ।

## ପେଟଫମ୍ପା

୧) ଦୁଇ ଚାମଚ ଲେମ୍ବୁରସରେ ଦୁଇ ଅଣି ଓଜନ ପାନମହୁରୀ ବଟା ମିଶାଇ ୩/୪ ରତି ବିଟ ଲବଣ ଦେଇ ଖାଇଲେ ପେଟଫମ୍ପା ଆରୋଗ୍ୟ ହୁଏ ।

୨) ଆମିଳିତ ଶାଗ ରସରେ ଯବକ୍ଷାର ଗୋଳି ପେଟ ଉପରେ ପ୍ରଲେପ ଦେଲେ ଅଥବା ଏହି ରସ ସହିତ ଖସା ଅଭାବେ ସୋରିଷ ତେଲ ଫେଣାଇ ପେଟରେ ମାଲିସ୍ କଲେ ପେଟଫମ୍ପା ଭଲ ହୁଏ ।

୩) ହିଙ୍ଗୁଳ ମଞ୍ଜି ପାଣିରେ ବାଟି ପେଟରେ ଲେପ ଦେଲେ ପେଟ ଫମ୍ପା ଓ ଶୂଳ ଭଲ ହୁଏ । ବକ୍ଷରେ ଲେପ ଦେଲେ ବକ୍ଷ ବେଦନା ଭଲ ହୁଏ ।

୪) କଦମ୍ବପତ୍ର ରସ ଏକ ତୋଳା ଖାଇଲେ ପେଟଫମ୍ପା ଭଲ ହୋଇ ଝାଡ଼ା ସଫା ହୁଏ ।

## ଅଣ୍ଟାଧରା

୧) ଗଙ୍ଗଶିଉଳି ପତ୍ର ରସ ଦୁଇ ତୋଳାରେ ୧୫ଟି ଗୋଲମରିଚ ଚୂର୍ଣ୍ଣ ମିଶାଇ ଖାଇବ ।

୨) ଗିଲ ଅଗିକୁ ରାଇବେସର ଗୋଳାଇ ପୋଡ଼ି ପିଠାକରି ଖାଇବ ।

୩) ପସାରୁଣୀ ପତ୍ର ଓ ଉଷୁନା ଚାଉଳ କଞ୍ଚା ଦୁଧରେ ଖିରିକରି ଖାଇବ ।

୪) ଦଶମୂଳ କ୍ୱାଥ ବା ଶୁଣ୍ଠୀ କ୍ୱାଥରେ ଜଡ଼ାତେଲ ଏକ ତୋଳା ପାନକଲେ ସକଳ ପ୍ରକାର କଟିଶୂଳ ଶାନ୍ତ ହୁଏ । ଭଲ ହେବା ପର୍ଯ୍ୟନ୍ତ ଖାଇବ ।

## କୋଷ୍ଠବଦ୍ଧ

୧) ବିଡ଼ଙ୍ଗ ଓ ଜୁଆଣୀ ସମଭାଗ ଚୂର୍ଣ୍ଣ କରି ରଖିବ । ପ୍ରତିଦିନ ସକାଳେ ସୁକି ଓଜନ ଚୂର୍ଣ୍ଣ ଖାଇ ଟିକିଏ ପାଣି ପିଇବ । ଏହିପରି କିଛି ଦିନ ଖାଇଲେ ଯେଉଁମାନଙ୍କର କଷ୍ଟରେ ମଳତ୍ୟାଗ ହୁଏ, ସେମାନଙ୍କର ସୁଖରେ ମଳତ୍ୟାଗ ହେବ । (ପରୀକ୍ଷିତ)

୨) ଗୁଆଘିଅରେ ସୈନ୍ଧବ ଲବଣ ମିଶାଇ ଖାଇଲେ ସୁଖରେ ମଳତ୍ୟାଗ ହୁଏ ।

ମାତ୍ରା – ଘିଅ ତିନି ତୋଳା, ସୈନ୍ଧବ ଲବଣ ଦୁଇ ଅଣି ଓଜନ ।

୩) କଞ୍ଚା ବେଲକୁ ପୋଡ଼ି କିଛି ଦିନ ଅଭ୍ୟାସ କରି ଖାଇଲେ ଝାଡ଼ା ସଫା ହୁଏ ଓ ପରିପାକ ଶକ୍ତି ବୃଦ୍ଧି ହୁଏ ।

୪) ଯେଉଁମାନଙ୍କର ୪/୫ ଦିନ ପର୍ଯ୍ୟନ୍ତ ଝାଡ଼ା ହୋଇନାହିଁ, ଏପରିକି ଡୁସ୍ ଦେଲେ ଝାଡ଼ା ହେଉନାହିଁ, ସେମାନଙ୍କ ପାଇଁ ନିମ୍ନଲିଖିତ ଔଷଧ ପ୍ରଯୁଜ୍ୟ ।

ପୋକଶୁଙ୍ଘା ପତ୍ରକୁ ବାଟି ଲୁଣ ମିଶାଇ ତଳି ପେଟରେ ବହଳିଆ କରି ଲେପ ଦେଇ ଗୋଟିଏ ଲୁହା କରଚୁଲିକୁ ଖୁବ୍ ତତାଇ ସେହି ଲେପ ଉପରେ ସେକ ଦେବ (ଲୁହା କରଚୁଲି ଯେପରି ଲେପ ଉପରେ ନ ଲାଗେ) । ଲେପ ଗରମ ହେଲେ ୨୦/୨୫ ମିନିଟ୍‌ରେ ନିଶ୍ଚୟ ଝାଡ଼ା ହେବ । (ବହୁ ପରୀକ୍ଷିତ)

୫) କାକୁଡ଼ିମଞ୍ଜି ଓ କବାବଚିନି ପ୍ରତ୍ୟେକରୁ ଏକ ତୋଳା, ସୋରା ଦୁଇ ତୋଳା ଏକତ୍ର ମୁଢ଼ି ପାଣିରେ ଅଭାବେ ଖାଲି ପାଣିରେ ବାଟି ତଳି ପେଟରେ ଲେପ ଦେଲେ ଯେତେ ଦିନର ବଦ୍ଧମଳ ସଫା ହୁଏ । (ବହୁ ପରୀକ୍ଷିତ)

୬) ଅଧପା ଛଡ଼ା ମୂତ (ଗୋମୂତ୍ର) କନାରେ ଛାଣି ପିଇଲେ ଝାଡ଼ା ସଫା ହୁଏ ।

୭) ସୁନାରିଫଳ ଅଠା ଅଧତୋଳା ଓଜନ ଗରମ ଦୁଧରେ ମିଶାଇ ଖାଇଲେ ଝାଡ଼ା ସଫା ହୁଏ ।

୮) ମେହିନ୍ଦି (ମଞ୍ଜୁଆତି) ଚେର ଏକ ତୋଳାକୁ ଅଧସେର ପାଣିରେ ସିଝାଇ ଏକ ଛଟାଙ୍କି ରହିଲେ ଛାଣି ପିଇବ । ଏହା ସର୍ବୋତ୍କୃଷ୍ଟ ଝାଡ଼ା ଔଷଧ । ଏକ ତୋଳା ଚେରର କ୍ୱାଥରେ ଝାଡ଼ା ସଫା ନହେଲେ ଦୁଇ ତୋଳା ଚେରର କ୍ୱାଥ ଦେବ । କୌଣସି କଠିନ ରୋଗର ଚିକିତ୍ସା ପୂର୍ବରୁ ଏହି ଝାଡ଼ା ଔଷଧ ଦେଇ ପେଟ ସଫା ହେଲେ ଔଷଧ ଖାଇବ । ଗର୍ଭିଣୀ ସ୍ତ୍ରୀମାନେ ଏହି ଝାଡ଼ା ଔଷଧ ନିର୍ଭୟରେ ଖାଇପାରିବେ । ଏହି ଔଷଧରେ ଝାଡା ସଫା ହେବା ସଙ୍ଗେ ସଙ୍ଗେ ରକ୍ତ ପରିଷ୍କାର ହୁଏ ।

୯) ଆଙ୍କୁଲମଞ୍ଜି ଏବଂ ଛାଲି ସମଭାଗ ବାଟି ଚଣା ପରି ବଟିକା କରିବ । ଏହି ବଟିକାରୁ ୨ଟି ବଟିକା ଖାଇଲେ ସୁଖରେ ବିରେଚନ ହୁଏ । ଅର୍ଶ ରୋଗୀଙ୍କ ପକ୍ଷରେ ଏହା ଭଲ ବିରେଚକ ।

## ପାଣ୍ଡୁ

୧) ମଣ୍ଡୁର ଭସ୍ମ ଦୁଇ ରତି, କଟୁକୀ ଚୂର୍ଣ୍ଣ ଦୁଇ ରତି, ମହୁ ଅନୁପାନରେ ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ ।
ମହୁ – ଅଧ ତୋଳା ।

୨) କେବଳ କଟୁକୀଚୂର୍ଣ୍ଣ ସୁକି ଓଜନ ଠାରୁ ଅଧ ତୋଳା ଓଜନ ପାଣିରେ ଖାଇବ । ୯ ଦିନ ଖାଇଲେ ରୋଗମୁକ୍ତ ହେବ ।

## ପେଟବ୍ୟଥା (ଶୂଳ)

୧) ଶୋଧିତ କୋଚିଲାମଞ୍ଜି ଚୂର୍ଣ୍ଣ ଏକ ଭାଗ, ଅଭ୍ରଭସ୍ମ ଏକ ଭାଗ, ରସ ସିନ୍ଦୂର ଦୁଇ ଭାଗ । ଏହି ୩ ପଦାର୍ଥ ବହୁ ସମୟ ଖଲରେ ମର୍ଦ୍ଦନ କରି ପାଣିରେ ମିଶାଇ ଦୁଇ ରତି ହିସାବରେ ବଟିକା କରିବ । ଦିନକୁ ୩ଟି ବଟିକା ଖାଇବ । ଏକ ସପ୍ତାହ ଖାଇଲେ ରୋଗମୁକ୍ତ ହେବ । ଏହି ଔଷଧ ତିଆରି କରି ବେଶି ଦିନ ରଖିବାକୁ ହେଲେ ବଟିକା ନ କରି ଚୂର୍ଣ୍ଣ ଆକାରରେ ରଖିବ । ବଟିକା ବେଶି ଦିନ ରହିଲେ ଏତେ ଟାଣ ହୋଇଯାଏ ଯେ, ଖାଇଲା ପରେ ପେଟରେ ନ ମିଳାଇ ଝାଡ଼ା ବାଟେ ଚାଲିଯାଇପାରେ । ସାଙ୍ଗେ ସାଙ୍ଗେ ବଟିକା କରି ରୋଗୀକୁ ଖାଇବାକୁ ଦେବ ।

ଲୁଣ, ଖଟା, ଲଙ୍କାମରିଚ ଖାଇବ ନାହିଁ । ଅଲଣା ଖାଇ ନ ପାରିଲେ ସାମାନ୍ୟ ସୈନ୍ଧବ ଲବଣ ତରକାରୀରେ ମିଶାଇ ଖାଇବ । (ପରୀକ୍ଷିତ)

୨) ପଥରଚୂନ ଏକ ଅଣା ଓଜନ, ମହାଦ୍ରାବକ ଚାରିଅଣା ଓଜନ ସଜନା ଚେର ରସ ମିଶାଇ ଖାଇଲେ ଅମ୍ଳ ବା ଅମ୍ଳଶୂଳ ଶାନ୍ତ ହୁଏ । ପ୍ରଥମେ ସଜନା ଚେର ରସରେ ପଥର ଚୂନ ପକାଇ ଏକ ଦିନ ରଖିବ, ପରେ ସେଥିରେ ମହାଦ୍ରାବକ ଦେବ । ସୁକି ଓଜନ ଏହି ଔଷଧ ଏକ ପାନ ମାତ୍ର ଖାଇବ । ଔଷଧ ଖାଇଲା ପରେ ତିନ୍ତୁଳି ଅନ୍ଦାଜ ୩ ତୋଳା ପାଣିରେ ଗୋଳାଇ ପିଇବ । ତା'ପରେ ପାଣି ପିଇବ । ସାତ ଦିନ ପର୍ଯ୍ୟନ୍ତ ଭାତ ଖାଇଲା ପରେ ତିନ୍ତୁଳି ପାଣିରେ ଗୋଳି ତା'ପରେ ପାଣି ପିଇବ । ଏହା ଭିତରେ ଦିନେ ଦୁଇ ଦିନ ରୋଗ ବୃଦ୍ଧି ହେବ । ରୋଗ ବୃଦ୍ଧି ହେଲେ ତିନ୍ତୁଳି ପାଣି ଅଧିକା ପିଇବ । ଏହି ଔଷଧରେ ନିଶ୍ଚୟ ରୋଗମୁକ୍ତ ହେବ ।

୩) ଅପାମାର୍ଗ ଚେର, ଅଦାରସ ଏବଂ ମୁସବ୍ବର ପ୍ରତ୍ୟେକରୁ ଦୁଇ ଅଣା ଓଜନ ନେଇ ଏକତ୍ର ବାଟି ୨୧ଟି ବଟିକା କରିବ । ଦିନକୁ ୩ଟି କରି ବଟିକା (ସକାଳ ମଧ୍ୟାହ୍ନ ଓ ସନ୍ଧ୍ୟା) ସାତ ଦିନ ଖାଇଲେ ରୋଗମୁକ୍ତ ହେବ ।

୪) ପାଣିକଖାରୁକୁ ଟିକ୍ ଟିକ୍ କରି କାଟି ଖରାରେ ଶୁଖାଇ ଗୋଟିଏ ନୂଆ ମାଟି ହାଣ୍ଡିରେ ପୂରାଇ ପଲମଦ୍ୱାରା ବା ଅନ୍ୟ ଗୋଟିଏ ହାଣ୍ଡି ରଖି ଫାଙ୍କରେ ମାଟି, ଗୋବର, କନା ଦେଇ ଶୁଖାଇ ଚୁଲୀ ଉପରେ ରଖି ୧୬ ଘଣ୍ଟା କାଳ ଜାଳ ଦେବ । ଭିତରେ ଥିବା ପାଣିକଖାରୁ ଅଙ୍ଗାର ପରି ହେଲେ ଚୂର୍ଣ୍ଣ କରି କନାରେ ଛାଣି ଶିଶିରେ ରଖିବ । ଏହି ଚୂର୍ଣ୍ଣ ଦୁଇଅଣା ଓଜନ ଏବଂ ଶୁଣ୍ଠୀ ଚୂର୍ଣ୍ଣ ଏକ ଅଣା ଓଜନ ମିଶାଇ ପାଣି ସହିତ ଖାଇବ । ଏହାଦ୍ୱାରା ଦାରୁଣ ଶୂଳ ରୋଗ ପ୍ରଶମିତ ହୁଏ । ଏହି ଔଷଧ ପରିମାଣ ଶୂଳରେ ମଧ୍ୟ ପ୍ରୟୋଗ କରିବ (ପରୀକ୍ଷିତ) । (ଭାବପ୍ରକାଶ)

୫) ଧଳାବଚ ଚୂର୍ଣ୍ଣ ୫ ରତି, ଗୋଲମରିଚ ଚୂର୍ଣ୍ଣ ୨ ୧/୨ରତି ଏକତ୍ର ମିଶାଇ ଖାଇଲେ ଶୂଳରୋଗ ନିବାରିତ ହୁଏ ।

୬) କଫଶୂଳେ - ଅଧତୋଳା ରସୁଣକୁ ମହୁ ସହିତ ଖାଇବ ଅଥବା ଗବଚେର ଛାଲିର କ୍ୱାଥ ପିଇବ ।

୭) ପୈତ୍ତିକ ଶୂଳ - ଶତାବରୀ ରସ ଦୁଇ ତୋଳା, ସେଥିରେ ମହୁ ମିଶାଇ ଖାଇବ ।

୮) ବାତିକ ଶୂଳ - ଏକ ତୋଳା ଶୁଣ୍ଠୀ, ଏକ ତୋଳା ଗବଗଛର ଚେର ଏକତ୍ର କରି ୩୨ ତୋଳା ପାଣିରେ ମାଟିହାଣ୍ଡିରେ ସିଝାଇ ଆଠ ତୋଳା ଅବଶେଷ ରହିଲେ ଚୂଲୀରୁ ଓହ୍ଲାଇ ଦୁଇ ରତି ହିଙ୍ଗୁ ଏବଂ ବାର ରତି ସଚଳ ଲବଣ ମିଶାଇ ପିଇବ ।

୯) ଶୁଖିଲା ଅରଖଫୁଲ ଦଶ ତୋଳା ଓ ଅରଖମୂଳ ପାଞ୍ଚ ତୋଳା ଏକତ୍ର ଚୂର୍ଣ୍ଣ କରି ଅରଖପତ୍ର ରସରେ ମର୍ଦ୍ଦନ କରି ଅଧରତି ପରିମାଣରେ ବଟିକା କରିବ । ଏହି ବଟିକା ଗରମ ପାଣି ସହିତ ଶୂଳ ରୋଗରେ ଓ ବାତ ରୋଗରେ ପ୍ରୟୋଗ କଲେ ଚମତ୍କାର ଫଳ ଦେଖାଏ ।

୧୦) ପରିମାଣ ଶୂଳ (ଭାତ ଜୀର୍ଣ୍ଣ ହେବା ସମୟରେ ଯେଉଁ ଶୂଳ ହୁଏ) ପ୍ରତିଦିନ ବିରିଡ଼ାଲି ବା ଏଣ୍ଡୁରି ପିଠା ଖାଇଲେ ଏହି ଶୂଳ ଶାନ୍ତ ହୁଏ ।

୧୧) କୃଷ୍ଣ ଅପରାଜିତା ଚେର ଅଧତୋଳାକୁ ବାଟି ସେଥିରେ ଗାଈ ଘିଅ, ଚିନି ଓ ମହୁ ମିଶାଇ ଖାଇଲେ ପରିମାଣ ଶୂଳ ଭଲ ହୁଏ । ଏହା ଏକ ସପ୍ତାହ ଖାଇବ । (ଶାରଙ୍ଗଧର)

୧୨) ବଡ଼ଗିଲ, ଘିଅରେ ଭଜା ହୋଇଥିବା ହିଙ୍ଗୁ, ମୁଚକୁନ୍ଦ ଫୁଲ, ଗୋଲମରିଚ, ଶୁଣ୍ଠୀ, କାଇଁଚପତ୍ର, ଲଙ୍କାମରିଚ (ଶୁଖିଲା), ସଜନା ଫୁଲ, ଜୁଆଣୀ ଏ ସମସ୍ତର ସମଭାଗ ଚୂର୍ଣ୍ଣ ପାଣିରେ ମର୍ଦ୍ଦନ କରି ଚଣାପରି ବଟିକା କରିବ । ଦୁଇଟି ବଟିକା ଖାଇ ଉଷୁମ ପାଣି ଟିକିଏ ପିଇବ । ରୋଗମୁକ୍ତ ହେବା ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାରେ ଖାଇବ ।

## ଅଶ୍ମରୀ ଶୂଳ (ମୂତ୍ରନଳୀରେ ପଥର) - ବୃକ୍‌କଶୂଳ

୧) ବରୁଣ ଛାଲି, ହେମ କେଦାର ପତ୍ର (ହେମସାଗର), କୋଳଥ, ଗୋଖରା ପ୍ରତ୍ୟେକରୁ ଅଧତୋଳା ଏକତ୍ର ମିଶାଇ ଅଧସେର ପାଣିରେ ମାଟି ହାଣ୍ଡିରେ ସିଝାଇ ଅଧପା ରହିଲେ ଛାଣି ଖାଲି ପେଟରେ ସାତ ଦିନ ଖାଇଲେ ପେଟରେ ଥିବା ପଥର ଚୂର୍ଣ୍ଣ ହୋଇ ବାହାରିପଡ଼େ ଓ ପେଟବ୍ୟଥା ଭଲ ହୁଏ । ପ୍ରତିଦିନ ଔଷଧ ତିଆରି କରି ପିଆଇବ । ଦିନକୁ ଦୁଇଥର ଔଷଧ ଖାଇବ । (ବହୁ ପରୀକ୍ଷିତ)

୨) ବରୁଣ ଛାଲି, ଶୁଣ୍ଠୀ, ଗୋଖରା ଏହି ତିନି ଦ୍ରବ୍ୟର ସମଭାଗ ମିଶି ଦୁଇ ତୋଳା ଅଧସେର ପାଣିରେ ମାଟି ହାଣ୍ଡିରେ ସିଝାଇ ଅବଶେଷ ଏକ ଛଟାଙ୍କି ରହିଲେ ଛାଣି ସେହି ପାଣିରେ

ଯବକ୍ଷାର ସୁଉକି ଓଜନ ଓ ପୁରୁଣା ଗୁଡ଼ ସୁକି ଓଜନ ମିଶାଇ ଖାଇଲେ ଚିରକାଳୋତ୍ପନ୍ନ ଅଶ୍ମରୀ (ମୂତ୍ରନଳୀରେ ପଥର) ଚୂର୍ଣ୍ଣ ହୋଇ ବାହାରିପଡ଼ିବ । ଏହି ଔଷଧ ପ୍ରତିଦିନ ତିଆରି କରି ସାତ ଦିନ ଖାଇବ । ଦିନକୁ ଦୁଇ ଥର । (ପରୀକ୍ଷିତ) (ଚକ୍ରଦତ୍ତ)

୩) ଲବେଙ୍କୁଡ଼ି (ବୃହତୀ) ଚେର ଦୁଇ ଅଣା ଓଜନ ଏବଂ ଅଙ୍କରାନ୍ତି ଚେର ଦୁଇଅଣି ଓଜନ ଏକତ୍ର ମିଶାଇ ସଜଦହି ସହିତ ଖାଇଲେ ଅଶ୍ମରୀ ଚୂର୍ଣ୍ଣ ହୋଇ ବାହାରିପଡ଼େ । (ଚରକ)

ଏହି ଔଷଧ କରି ଦିନକୁ ଦୁଇଥର ସାତ ଦିନ ଖାଇବ ।

୪) ଗୋଖରା କଣ୍ଟାର ଚୂର୍ଣ୍ଣ ସୁକି ଓଜନ ଛେଳି ଦୁଧରେ ମିଶାଇ ପାନ କଲେ ଏକ ସପ୍ତାହ ମଧ୍ୟରେ ସଞ୍ଚିତ ହୋଇଥିବା ଅଶ୍ମରୀ (ପଥର) ଚୂର୍ଣ୍ଣ ହୋଇ ବାହାରିପଡ଼େ । (ସୁଶ୍ରୁତ)

୫) ଅଧତୋଳା ଅପାମାରଙ୍ଗ ଚେର ପାଣିରେ ବାଟି ପିଇଲେ ଅଶ୍ମରୀ ଖଣ୍ଡ ଖଣ୍ଡ ହୋଇ ବାହାରିପଡ଼େ । ବୃକ୍କଶୂଳରେ ମଧ୍ୟ ଏହା ଅବ୍ୟର୍ଥ ଔଷଧ ।

୬) କତକମଞ୍ଜି ଚୂର୍ଣ୍ଣ ଦୁଇ ଅଣି ଓଜନ, ଗାଈଦୁଧ ଏକ ତୋଳା, ପାଣି ୩୨ ତୋଳା ଏକତ୍ର ସିଦ୍ଧ କରି ଅବଶେଷ ଦୁଇ ତୋଳା ରହିଲେ ପାନ କରିବ । ଏଥିରେ ଅଶ୍ମରୀ ବିନଷ୍ଟ ହୁଏ । (ଚରକ)

୭) ମୂଳାପତ୍ର ରସରେ କୋଳଥ ଗୁଣ୍ଡ କରି ମିଶାଇ ଖାଇଲେ ମୂତ୍ରଦ୍ୱାରରେ ଥିବା ଅଶ୍ମରୀ (ପଥର) ଚୂର୍ଣ୍ଣ ହୋଇ ବାହାରି ପଡ଼େ ।

୮) ଅମୃତଭଣ୍ଡା ଚେର ଅଧତୋଳା ଏକ ଛଟାଙ୍କି ପାଣିରେ ବାଟି ଛାଣି ସକାଳେ ଖାଲି ପେଟରେ ଖାଇବ । ୨୧ ଦିନ ଖାଇଲେ ପେଟରେ ଥିବା ପଥର ଚୂର୍ଣ୍ଣ ହୋଇ ବାହାରିପଡ଼େ ।

## ପିତ୍ତ ପଥୁରି (ପିତ୍ତକୋଷଶିଳା)

**କାରଣ** - ଅତିଶୟ ପରିଶ୍ରମ, ଅତିମୈଥୁନ, ରାତ୍ରି ଜାଗରଣ, ଅପରିମିତ ଶୀତଳ ଜଳ ପାନ, ଆହାର ଜୀର୍ଣ୍ଣ ନହୋଇ ପୁନର୍ଭୋଜନ, ଅଧିକ ମସଲାଦିଯୁକ୍ତ ପଲାଉ ଭୋଜନ, ଅଧିକ ଚିନ୍ତା, ମାଦକ ଦ୍ରବ୍ୟ (ଗଞ୍ଜା, ମଦ) ସେବନ, ଦିବା ନିଦ୍ରା, ଅଧିକ ମାଂସ ଭକ୍ଷଣ, ମଳମୂତ୍ରାଦିବେଗ ଧାରଣ, ଶୋକ, ଉପବାସ, ଅତିହାସ୍ୟ, ଅତିଭାଷଣ ଇତ୍ୟାଦି ହେତୁ ଶରୀରର ବାୟୁ କୁପିତ ହୋଇ ସେହି କୁପିତ ବାୟୁ ପିତ୍ତନିଃସରଣରେ ବ୍ୟାଘାତ ଜନ୍ମାଇ ପିତ୍ତକୋଷରେ ପଥର ଉତ୍ପନ୍ନ କରାଏ ।

**ପୂର୍ବରୂପ** - ଯକୃତର ପାଖରେ ଅଳ୍ପ ଅଳ୍ପ ଭାରୀ ବୋଧହୁଏ, କ୍ଷୁଧାମାନ୍ଦ୍ୟ, କୋଷ୍ଠବଦ୍ଧତା, ଦୌର୍ବଲ୍ୟ ଏହି ରୋଗର ପୂର୍ବରୂପ ପ୍ରକାଶ ପାଇ ଶୂଳର ଯନ୍ତ୍ରଣା ହୁଏ । ରୋଗୀ ଦାନ୍ତ ରଗଡ଼େ, ମ୍ୟାଲେରିୟା ରୋଗୀ ପରି କମ୍ପ ହୁଏ, ସମୟ ସମୟରେ ଜ୍ୱର ହୁଏ, ପେଟ ଫାମ୍ପେ, ଅଳ୍ପ ଅଳ୍ପ ପରିସ୍ରା ହୁଏ, ବାନ୍ତି ହୁଏ କାହାର ପିତ ମିଶ୍ରିତ ବାନ୍ତି ହୁଏ । କାହାର ମୂତ ଗନ୍ଧ ହୁଏ, ମୂତ

କେତେବେଳେ ସଫା ଏବଂ କେତେବେଳେ ପୀତ ବର୍ଣ୍ଣ ହୁଏ । ସମୟ ସମୟରେ ରକ୍ତ ପରିସ୍ରା ହୁଏ । ମୁଣ୍ଡ ବଥାଏ, ମୂର୍ଚ୍ଛା ହୁଏ । ଏହି ପିତ୍ତ ପଥର ଯେବେ ପିତ୍ତକୋଷର ମୁହଁରେ ଅଟକିଯାଏ, ତେବେ କାମଳ ଲକ୍ଷଣ ଦେଖାଯାଏ ।

**ଚିକିତ୍ସା -** କୋଇଲେଖା (କୋଇଲିଖିଆ) ମଧ୍ୟବୟସ ଗଛ ସର୍ବାଙ୍ଗ ପୋଡ଼ି ଭସ୍ମ କରିବ । (ଅତି ଛୋଟ ଗଛ ସ୍ୱଳ୍ପ ବୀର୍ଯ୍ୟ ଏବଂ ବୁଢ଼ା ଗଛ ହୀନବୀର୍ଯ୍ୟ ସେଥିପାଇଁ ମଧ୍ୟ ବୟସର ଗଛ ଔଷଧରେ ବ୍ୟବହାର କରିବ) । ଏହି ଭସ୍ମ ଯେତେ, ତାର ଆଠ ଗୁଣ ପାଣି ମିଶାଇ ୨ଥର କନାରେ ଛାଣି ସେହି ପାଣିକୁ ମୃଦୁ ଅଗ୍ନିରେ ପାକ କରି କ୍ଷାର ବାହାର କରିବ । ଏହି କ୍ଷାର ତିନି ରତି (ଛଅ ଗ୍ରେନ୍) ଠାରୁ ଛଅରତି (ବାର ଗ୍ରେନ୍) ପର୍ଯ୍ୟନ୍ତ ମାତ୍ରାରେ ପ୍ରତିଦିନ ଆହାର ପରେ ପାଣିରେ ମିଶାଇ ଖାଇଲେ ପିତ୍ତ ପଥୁରି ନଷ୍ଟ ହୁଏ । ଏହି ଔଷଧରେ ମଧ୍ୟ ବୃକ୍‌କଶୂଳ ଭଲ ହୁଏ । ଅନ୍ତତଃ ଏକ ମାସ ଏହି ଔଷଧ ଖାଇଲେ ରୋଗମୁକ୍ତ ହେବ, ଅପରେସନ୍ କରିବାକୁ ହେବ ନାହିଁ ।

**ପଥ୍ୟ -** ଫଳରସ, ପଇଡ଼ ପାଣି, ଲଘୁପାକ କିନ୍ତୁ ପୁଷ୍ଟିକର ଖାଦ୍ୟ ।

**ଅପଥ୍ୟ -** ଗୁରୁପାକ ଖାଦ୍ୟ, ମାଂସ, ମାଖନ, ତେଲ ଖାଇବ ନାହିଁ ।

## ଅନ୍ତର୍ବିଦ୍ରଧି (ପେଟ ଭିତର ବ୍ରଣ ବା କ୍ୟାନ୍‌ସର୍)

୧) ସଜନାଛେଲି ଦୁଇ ତୋଳା ଓଜନ, ଏକପା ପାଣିରେ ସିଝାଇ ଏକ ଛଟାଙ୍କି ରଖିଲେ ତାକୁ ଛାଣି ସେଥିରେ ଘିଅରେ ଭଜା ହୋଇଥିବା ହିଙ୍ଗୁ ଦୁଇ ରତି, ସୈନ୍ଧବ ଲବଣ ଚାରି ରତି, ଲୌହଭସ୍ମ ଏକ ରତି ପକାଇ ସକାଳେ ଖାଲି ପେଟରେ ଖାଇବ । ରୋଗମୁକ୍ତ ହେବା ପର୍ଯ୍ୟନ୍ତ ପ୍ରତିଦିନ ଖାଉଥିବ ଏବଂ ସଜନା ଛେଲି ଓ ହିଙ୍ଗୁ ବାଟି ଲେପ ଦେବ ।(ଧନ୍ୱନ୍ତରୀ)

୨) ଅକାନବିନ୍ଧି ଚେରକୁ ଚାଉଳଧୂଆ ପାଣିରେ ବାଟି ତହିଁରେ ମହୁ ମିଶାଇ ଖାଇଲେ ଅପକ୍ୱ ପେଟ ଭିତରର ବ୍ରଣ ବିଲୀନ ହୁଏ । (ଚକ୍ରଦତ୍ତ)

**ମାତ୍ରା -** ଅକାନବିନ୍ଧି ଚେର ସୁକି ଓଜନ, ମହୁ ଅଧଚାମଚ ରୋଗମୁକ୍ତ ହେବା ପର୍ଯ୍ୟନ୍ତ ସେବ୍ୟ ।

## ଆପେଣ୍ଡି-ସାଇଟିସ୍ (ଅନ୍ତଗୃଚ୍ଛ ପ୍ରଦାହ), ବାତଗୁଳ୍ମ

୧) ତିନି ତୋଳା ବଉଳ ପତ୍ରକୁ ଅଧସେର ପାଣିରେ ମାଟି ହାଣ୍ଡିରେ ସିଝାଇ ଅଧପା ରହିଲେ ଛାଣି ସୁକି ଓଜନ ସୈନ୍ଧବ ଲବଣ ଏବଂ ଏକ ରତି ଲୌହ ଭସ୍ମ ମିଶାଇ ପିଇଲେ ଭଲ ହୁଏ । ଏହି ଔଷଧ ପ୍ରତିଦିନ ତିଆରି କରି ସାତ ଦିନ ବା ଚଉଦ ଦିନ ଖାଇବ ।

**ଲେପ -** ସଜନା ଛେଲି , ଆମ୍ବକଷିଆ ଅଦା, ଧୂତୁରା ଚେର, ଗବମୂତ୍ର ପ୍ରତ୍ୟେକରୁ ଦୁଇତୋଳା ଲେଖାଏଁ, କୋଚିଲା ମଞ୍ଜିଚୂର୍ଣ୍ଣ ଏକ ତୋଳା, ରେବଲ ଚିନି ପାଞ୍ଚ ତୋଳା,

ତୁତିଆ ସୁକି ଓଜନ – ଏ ସମସ୍ତ ଚୂର୍ଣ୍ଣ କରି ଧୂତୁରା ପତ୍ର ରସରେ ଓଦା କରି ଶୁଖାଇବ । ଲେପ ଦେବା ସମୟରେ ଗୋମୂତ୍ରରେ ମିଶାଇ ଲେପ ଦେବ । ଏହି ଲେପରେ ଆପେଣ୍ଡିସାଇଟିସ୍ ଓ ଗୁଳ୍ମ ଭଲ ହୁଏ । (ଧନ୍ୱନ୍ତରୀ)

## ବ୍ରଣ

ବ୍ରଣ ବାହାରିବା ମାତ୍ରକେ ବାରମ୍ବାର ଚୂନ ଲେପ ଦେଲେ ବ୍ରଣ ବସିଯାଏ । ସୀତାଫଳ ପତ୍ରରସ ଲଗାଇଲେ ବସିଯାଏ । ଛୋଟ ଛୋଟ ବ୍ରଣ ବସାଇଦେଲେ କ୍ଷତି ନାହିଁ, କିନ୍ତୁ ବଡ଼ ବ୍ରଣ, ପଠାଘା ପ୍ରଭୃତି ବସାଇଲେ ପୁନର୍ବାର ବାହାରି ଭୟଙ୍କର ଆକାର ଧାରଣ କରେ ଏବଂ ବଡ଼ ଯନ୍ତ୍ରଣା ଦିଏ ।

## ପଠା ଘା

ସୀତାଫଳ ପତ୍ରକୁ ବାଟି ପଠା ଘା ଉପରେ ଲଗାଇଲେ ପଠା ଆରମ୍ଭ ହେଉ ହେଉ ବସିଯାଏ । ପଠା ଘା ବସାଇବା ଉଚିତ୍ ନୁହେଁ, କାରଣ ବସିଗଲେ ମଧ୍ୟ ପୁନର୍ବାର ହୁଏ । ପଠାଘା ଭଲ ଭାବରେ ଦେଖାଦେଲେ ନିମ୍ନଲିଖିତ ଔଷଧ ଦେବ ।

ସୀତାଫଳ ପତ୍ରକୁ ବାଟି ଉଷୁମ କରି ପଠା ବ୍ରଣ ଉପରେ ଲେପ ଦେଇ ତା ଉପରେ ସୀତାଫଳ ପତ୍ର ବା କଦଳୀପତ୍ର ଦେଇ ବାଣ୍ଡେଜ (କନା) ବାନ୍ଧିବ । ଦିନକୁ ଦୁଇ ଥର ଲେପ ଦେଇ କନା ବାନ୍ଧିବ । ତା'ପରଦିନ ନିମ୍ବପତ୍ର ସିଝା ପାଣିରେ ଧୋଇ ପୁନର୍ବାର ଲେପ ଦେଇ କନା ବାନ୍ଧିବ । ଏହିପରି ବ୍ରଣ ପାଚି ଫାଟି ଏବଂ ସମସ୍ତ ପୂଯ ବାହାରିଯିବା ପର୍ଯ୍ୟନ୍ତ ଲେପ ଦେଉଥିବ । ତା'ପରେ ଅକାନବିନ୍ଧି ପତ୍ର ବା ଶିମ୍ବପତ୍ରରେ ଗୁଆଘିଅ ଲଗାଇ ଗରମ କରି ଘା ଉପରେ ଦେଲେ ଯାହା ଅବଶିଷ୍ଟ ପୂଯ ଥିବ ବାହାରିଯାଇ ଘା ଶୁଖିଯିବ । ଅକାନବିନ୍ଧି ବା ଶିମ୍ବପତ୍ର ନ ମିଳିଲେ ଗୁଆଘିଅରେ ନିମ୍ବପତ୍ର ଫୁଟାଇ ସେହି ଘିଅ ଲଗାଇବ । କେତେକ ବହୁମୂତ୍ରରୋଗୀ ପଠା ଘା ଅପରେସନ୍ କରି ମରିଯିବାର ମୁଁ ଦେଖିଛି । ଅନେକ ବହୁମୂତ୍ର ରୋଗୀଙ୍କର ପଠାଘା ଏହି ଔଷଧରେ ମୁଁ ଭଲ କରିଛି । କେବଳ ପଠା ଘା ନୁହେଁ, ଯେ କୌଣସି ଦୁଷ୍ଟବ୍ରଣ ଉପରୋକ୍ତ ଔଷଧରେ ନିଶ୍ଚୟ ଭଲ ହେବ । (ବହୁ ପରୀକ୍ଷିତ)

## କାଖଗୁଲି

୧) ସୀତାଫଳ ପତ୍ରକୁ ବାଟି ପଠା ଘା ରେ ଯେପରି ଦିଆଯାଏ, ସେହିପରି ଦେଲେ କାଖଗୁଲି ପାଚି ଓ ଫାଟିଯାଇ ଭଲ ହୁଏ ।

୨) ନିଜର ଛେପରେ ଗୋଲମରିଚ ବାଟି କାଖଗୁଲିରେ ଲେପ ଦେଲେ ବସିଯାଏ ।

୩) କଳିଚୂନ, ମହୁ ବା ଗୁଡ଼ ମିଶାଇ ଲେପ ଦେଲେ କାଖଗୁଲି ବସିଯାଏ ।

୪) ଅଫିମ ପଟି ପକାଇଲେ କାଖଗୁଲି ବସିଯାଏ ।

## ବାଗି

୧) କଳିଚୂନ ଓ ଖାଣ୍ଟି ମହୁ ମିଶାଇ ଗରମ ଥାଉ ଥାଉ ଲେପ ଦେଲେ ବାଗି ବସିଯାଏ ।

୨) ଅରଖକ୍ଷୀର ଲଗାଇଲେ ବାଗି ବସିଯାଏ । ପାଚିଲା ଅବସ୍ଥାରେ ଦେଲେ ଫାଟିଯାଇ ରକ୍ତ ବାହାରିଯାଏ ।

୩) ସୀତାଫଳ ପତ୍ର ପଠା ଘା ରେ ଯେପରି ଦିଆଯାଏ, ସେହିପରି ଦେଲେ ବାଗି ପାଚିଯାଇ ଫାଟି ଭଲ ହୁଏ । (ବହୁ ପରୀକ୍ଷିତ)

## କଣନଖା

୧) ଟାଙ୍ଗଣା ଖଇ ଚୂର୍ଣ୍ଣ କ୍ଷତ ଭିତରେ ଦେଲେ ଅତିଶୀଘ୍ର ଭଲ ହୁଏ ।

୨) ଗୋଟିଏ କାଗେଜିଲେମ୍ବୁକୁ କଣା କରି ତା ଭିତରେ ଆଙ୍ଗୁଠିକୁ ପୂରାଇ ରଖିବ । ଦିନେ ଦୁଇ ଦିନରେ କଣନଖା ପାଚି ଫାଟି ଭଲ ହୋଇଯିବ ।

୩) କଣନଖା ରାତିରେ ବଡ଼ ଯନ୍ତ୍ରଣା ଦିଏ । ପିଲାମାନେ କାନ୍ଦି କାନ୍ଦି କାହାକୁ ଶୁଆଇ ଦିଅନ୍ତି ନାହିଁ । ଖଣ୍ଡେ କନାକୁ ଆମ୍ବିଳି ଦହିରେ ବୁଡ଼ାଇ କଣନଖା ଉପରେ ବାନ୍ଧିଲେ ୨/୩ ମିନିଟ୍‌ରେ ଯନ୍ତ୍ରଣା ବନ୍ଦ ହୁଏ । ତା ପରଦିନ ଟାଙ୍ଗଣା ଖଇ ବା ସୀତାଫଳ ପତ୍ର ବାଟି ଲେପ ଦେବ । (ପରୀକ୍ଷିତ)

୪) କଣନଖା ପାଚିଗଲେ ଛୁଞ୍ଚିରେ ଫୋଡ଼ି ରକ୍ତ ବାହାରି କରି ଅରଖ କ୍ଷୀର ତା ଉପରେ ଲଗାଇଲେ ପୂଜରକ୍ତ ଯାହା ଥାଏ ବାହାରିଯାଏ, ତା'ପରେ କଅଁଳ ଅରଖପତ୍ର ଗୁଡ଼ାଇ କନା ବାନ୍ଧିବ । ଦିନେ ଦୁଇ ଦିନରେ ତାହା ଭଲ ହେବ ।

## ନଖ ମରିଯାଉଥିଲେ

ବଣ ମଲ୍ଲୀଗଛର ଚେର ଓ ଟାଙ୍ଗଣା ଖଇ ଏକାଠି ବାଟି ଆଙ୍ଗୁଠିରେ ଲଗାଇଲେ ନୂତନ ନଖ ବାହାରିବ । (ଚକ୍ରଦତ୍ତ)

## ପବକାଣ୍ଡ (ବେଢ଼ାଆଙ୍ଗୁଳି)

୧) ସୀତାଫଳ ପତ୍ରବାଟି ଉଷୁମ କରି ଲେପ ଦେବ । (ପରୀକ୍ଷିତ)

୨) ସାତ ଗୋଟି ଗମ୍ଭାରିପତ୍ର ଆଙ୍ଗୁଠିରେ ଗୁଡ଼ାଇ ବାନ୍ଧିଲେ ଭଲ ହୁଏ । (ଭାବପ୍ରକାଶ)

୩) କାଣିଲେଉଟିଆ ମୂଳ ବାଟି ଲେପ ଦେବ ।

## ପାଦ ତଳିପାରେ ବ୍ରଣ

ତଳିପାରେ ପ୍ରଥମେ ଗୋଟିଏ ଧଳା ବିନ୍ଦୁ ପରି ଦେଖାଯାଏ ଓ ଯନ୍ତ୍ରଣା ହୁଏ । କ୍ରମେ କ୍ରମେ ସେ ଧଳାବିନ୍ଦୁ ଗୋଟିଏ ପଇସା ଆକାର ହୁଏ ଓ ବଡ଼ ଯନ୍ତ୍ରଣା ଦିଏ । ଏହା ଏକ ଦୁଷ୍ଟ ବ୍ରଣ । ଏହି ଧଳାବିନ୍ଦୁ ପ୍ରଥମେ ଦେଖା ଦେଲା ବେଳେ ରୋଗୀ ନିଜେ ପଡ଼ିଆରେ ଝାଡ଼ା ଫେରି ସେହି ମଳ ଉପରେ ସେହି ପାଦକୁ ପ୍ରାୟ ୧୫/୨୦ ମିନିଟ୍ ରଖିଲେ ସେହିଠାରେ ରୋଗ ଭଲ ହୋଇଯାଏ । ଏକାଦିନକେ ନ ହେଲେ ଆଉ ଦିନେ ସେହିପରି କଲେ ନିଶ୍ଚୟ ଭଲ ହେବ । (ପରୀକ୍ଷିତ)

## ପାଚିଲା ବ୍ରଣ ଫଟାଇବାକୁ

୧) ଚୂନ ଓ ସାବୁନ ପ୍ରତ୍ୟେକରୁ ଦୁଇ ଅଣି ଓଜନ, ମହୁ ଏକ ଅଣା ଓଜନ ଏକତ୍ର କରି ପାଚିଥିବା ବ୍ରଣ ଉପରେ ଲଗାଇଲେ ୧୦ ମିନିଟ୍‌ରେ ବ୍ରଣ ଫାଟିଯାଏ ।

୨) ଗୋରୁଦାନ୍ତ ପାଣିରେ ଘୋରି ତାହାର ଏକ ବିନ୍ଦୁ ବ୍ରଣ ଉପରେ ଲଗାଇଲେ ଅତି କଠିନ ବ୍ରଣ ମଧ ପାଚି ଫାଟିଯାଏ ।

୩) ସାପକାତି ଉଷୁମ କରି ସୋରିଷତେଲ ମିଶାଇ ଲଗାଇଲେ ଅପକ୍ୱ ବ୍ରଣ ବସିଯାଏ ଏବଂ ପକ୍ୱ ବ୍ରଣ ଶୀଘ୍ର ଫାଟିଯାଏ ।

୪) ଚିତାପାରୁ ଚେର ବାଟି ଲଗାଇଲେ ବ୍ରଣ ଫାଟିଯାଏ ।

୫) ପକ୍ୱବ୍ରଣ ଫଟାଇବାକୁ ହେଲେ ଦନ୍ତୀମୂଳ ବାଟି ଲେପ ଦେବ ।

## ଅଗ୍ନି ଦଗ୍ଧ

ଦେହରେ କୌଣସି ଅଙ୍ଗରେ ନିଆଁ ଲାଗି ପୋଡ଼ିଗଲେ ବା ଫୁଟନ୍ତା ପାଣି, ତେଲ ବା ପେଜ ପଡ଼ି ପୋଡ଼ିଗଲେ ନିମ୍ନଲିଖିତ ଔଷଧ ଦେବ ।

୧) କଞ୍ଚା ବିଲାତି ଆଳୁକୁ ଚିକ୍‌କଣ କରି ବାଟି ଲଗାଇଲେ ଯନ୍ତ୍ରଣା ବନ୍ଦହୁଏ ଏବଂ ଫୋଟକା ହୁଏ ନାହିଁ । (ବହୁ ପରୀକ୍ଷିତ)

୨) ଖାଣ୍ଟି ନଡ଼ିଆ ତେଲ ଅଥବା ରାଶିତେଲ ଏକ ଛଟାଙ୍କି, ଚୂନପାଣି ଏକ ଛଟାଙ୍କି ଏକତ୍ର ଘାଣ୍ଟି ଲଗାଇବ । ଦୁଇ ତିନି ଥର ଲଗାଇବ । (ବହୁ ପରୀକ୍ଷିତ)

୩) ଘିକୁଆଁରୀ ପତ୍ର ରସ ସାଙ୍ଗେ ସାଙ୍ଗେ ଲଗାଇଲେ ଯନ୍ତ୍ରଣା ବନ୍ଦ ହୁଏ ଏବଂ ଫୋଟକା ହୁଏ ନାହିଁ ।

୪) ଉପସ୍ତ ଗଛର ଛାଲିକୁ ଚୂର୍ଣ୍ଣ କରି କନାରେ ଛାଣି ସେହି ଚୂର୍ଣ୍ଣକୁ ପୋଡ଼ା ଘାରେ ଲଗାଇଲେ ଘା ଶୀଘ୍ର ଶୁଖିଯାଏ । (ପରୀକ୍ଷିତ)

୫) ପାଟଳୀ ଗଛର ଛାଲିର କଲ୍କ ବା କ୍ୱାଥ ଦ୍ୱାରା ସୋରିଷ ତେଲ ପାକ କରି ରଖିଥିବ । ଏହି ତେଲ ପୋଡ଼ିଯିବା ଜାଗାରେ ଲଗାଇଲେ ଜ୍ୱାଳା ବନ୍ଦ ହୁଏ ଏବଂ ଫୋଟକା ହୁଏ ନାହିଁ ।

୬) ସୋଡ଼ାକୁ ପାଣିରେ ମିଶାଇ ସେହି ପାଣିରେ ଦଗ୍ଧସ୍ଥାନ ବୁଡ଼ାଇ ରଖିଲେ ଫୋଟକା ହୁଏ ନାହିଁ କି ଯନ୍ତ୍ରଣା ହୁଏ ନାହିଁ । (ପରୀକ୍ଷିତ)

୭) ଖାଣ୍ଟି ମହୁରେ ଲୁଣ ମିଶାଇ ବାରମ୍ବାର ଲଗାଇଲେ ଯନ୍ତ୍ରଣା ବନ୍ଦ ହୁଏ ଏବଂ ଫୋଟକା ହୁଏ ନାହିଁ ।

୮) ପୋଡ଼ିଯିବା ମାତ୍ରକେ ଭଲ କିରାସିନି ତେଲ ଅଥବା ମେଥିଲେଟେଡ୍ ସ୍ପିରିଟ୍ ଅଥବା ପୁଲାଙ୍ଗତେଲ ଲଗାଇଲେ ଯନ୍ତ୍ରଣା ବନ୍ଦ ହୁଏ ଏବଂ ଫୋଟକା ହୁଏ ନାହିଁ । (ପରୀକ୍ଷିତ)

୯) ଫୋଟକା ହେଲାମାତ୍ରେ ତାକୁ ଫଟାଇବ ନାହିଁ । ଫୋଟକା ଖୁବ୍ ବଡ଼ ହେଲେ ଯେତେବେଳେ ଆପେ ଫାଟିଲା ପରି ଦିଶିବ ସେତେବେଳେ ଛୁଞ୍ଚିରେ ଫୋଡ଼ି ପାଣି ବାହାର କରି ତୂଳା ଦେଇ ବାନ୍ଧି ଦେବ । ଫୋଟକାରୁ ଚମଡ଼ା ଛିଣ୍ଡାଇବ ନାହିଁ । ଛିଣ୍ଡାଇଲେ ଘା ହୋଇଯାଏ ।

୧୦) ହାତ ଆଙ୍ଗୁଳି, ଗୋଡ଼ ଆଙ୍ଗୁଳି ପୋଡ଼ି ଯାଇଥିଲେ ବାଣ୍ଡେଜ ବାନ୍ଧିବା ସମୟରେ ପ୍ରତ୍ୟେକ ଆଙ୍ଗୁଳି ମଧ୍ୟରେ କଦଳୀପତ୍ର ଏବଂ ନଡ଼ିଆ ତେଲ ଦେଇ ବାନ୍ଧିବ, ନଚେତ୍ ସବୁ ଆଙ୍ଗୁଳି, ଘା ଶୁଖିଲା ବେଳକୁ ଏକାଠି ଲାଗିଯିବ ।

୧୧) ପୋଡ଼ା ସାଙ୍ଘାତିକ ହୋଇ ଦେହରେ କମ୍ପ ହେଲେ ଏକ ଡ୍ରାମ ବ୍ରାଣ୍ଡି ଏକ ଛଟାଙ୍କି ପାଣି ମିଶାଇ ପିଆଇ ଦେବ । ବ୍ରାଣ୍ଡି ଅଭାବରେ ଯେକୌଣସି ମଦ ଦୁଇ ଡ୍ରାମ ଏକ ଛଟାଙ୍କି ପାଣି ମିଶାଇ ପିଆଇ ଦେବ । ମଦ ଅଭାବେ ଗରମ ଦୁଧ ଦେବ । ସେଥିରେ କମ୍ପ ବନ୍ଦ ନହେଲେ ସୋରିଷ ମାତ୍ରାରେ ଅଫିମ ଦେବ । ସେଥିରେ ବନ୍ଦ ନହେଲେ ଆଉ ଥରେ ଅଫିମ ଦେବ । ରୋଗୀ ଶୋଇ ପଡ଼ିଲେ ଯନ୍ତ୍ରଣାରୁ ରକ୍ଷା ପାଇବ ।

## କୌଣସି ଏସିଡ୍‌ରେ ପୋଡ଼ିଗଲେ

ପାଣିରେ ଦଗ୍ଧ ସ୍ଥାନକୁ ଭଲ କରି ଧୋଇ ଦେବ । ତା'ପରେ ଚୂନ ପାଣି ଅଥବା ସୋଡ଼ା ଏବଂ ପାଣି ମିଶାଇ ଲଗାଇବ ।

## ତାତିଲା ଚୂନରେ ପୋଡ଼ିଗଲେ

ପାଣିରେ ଧୋଇବ ନାହିଁ । ଧୋଇଲେ ବେଶି ପୋଡ଼ିଯିବ । ତୂଳା ବା କନାରେ ଚୂନ ବାହାର କରିଦେଇ ଲେମ୍ବୁରସରେ ଅଥବା ଭିନିଗାରରେ ସମଭାଗ ପାଣି ମିଶାଇ ବାରମ୍ବାର ଧୋଇଦେବ ।

## ବାରୁଦ ବା ଦିଆସିଲିରେ ପୋଡ଼ିଗଲେ

ଜଡ଼ା ତେଲରେ ପରିଷ୍କାର କନା ଭିଜାଇ ବାଣ୍ଡେଜ ବାନ୍ଧି ଦେବ । ଜଡ଼ା ତେଲରେ ସାମାନ୍ୟ ବୋରିକ୍ ଏସିଡ୍ ମିଶାଇ ବାଣ୍ଡେଜ ବାନ୍ଧିଲେ ଅତିଶୀଘ୍ର ଭଲ ହୁଏ ।

ଛୋଟ ପିଲା ଗରମପାଣି ବା ଗରମ ଦୁଧ ଖାଇ ଗଳାର ଭିତର ଫୋଟକା ହେଲେ ପ୍ରତି ତିନି ଚାରି ଘଣ୍ଟାରେ ଏକଚାମଚ ଅଳ୍ପ ଗରମ ଗୁଆଘିଅ ପିଆଇଲେ ଅଥବା ବରଫ ଚୁଷି କରି ଖାଇଲେ ଭଲ ହୁଏ ।

## ପୋଡ଼ା ଘା ର ଧଳା ଦାଗ ଲିଭାଇବାକୁ

ସକାଳେ ଘାସ ଉପରେ ପଡ଼ିଥିବା ଶିଶିର (କାକର) ତୁଳାରେ ଆଣି ଲଗାଇବ ।

## କଟା ଘା

୧) ଗେଣ୍ଡୁପତ୍ର ରସରେ କ୍ଷତ ଜାଗା ଧୋଇଦେବ, କାରଣ ପାଣିରେ ଧୋଇଲେ ଘା ପାଚିବ । ତା'ପରେ ସେହି ପତ୍ରକୁ ବାଟି କ୍ଷତ ଜାଗାରେ ଲେପ ଦେଇ ତା ଉପରେ କଳଦୀପତ୍ର ଦେଇ ସଫା କନାରେ ବାନ୍ଧିବ । ଦୁଇ, ତିନି ଦିନ ଖୋଲିବ ନାହିଁ । ତିନି ଚାରି ଦିନରେ ନିଶ୍ଚୟ ଘା ଶୁଖିଯିବ । ଯେତେ କ୍ଷତ ହେଉ ପଛକେ ଡ଼ାକ୍ତରଖାନାରେ ସିଲାଇ କରିବାକୁ ହେବ ନାହିଁ । ନିର୍ଭୟରେ ଏହି ଔଷଧ ବ୍ୟବହାର କରିବ । (ବହୁ ପରୀକ୍ଷିତ)

ଗେଣ୍ଡୁ ଗଛ, ଅନ୍ୟ ନାମ ମଖମଲି, କୁସୁମ ଫୁଲ ଗଛ ।

୨) ଦୂବକୁ ପରିଷ୍କାର କରି ଧୋଇ ସଫା କନାରେ ପାଣି ପୋଛି ବାଟି କରି କ୍ଷତ ସ୍ଥାନରେ ବାନ୍ଧିବ । (ପରୀକ୍ଷିତ)

୩) ଅପରାଜିତା ପତ୍ର ଓ ଡ଼ାଳକୁ ବାଟି ଚିନି ସହି ମିଶାଇ କ୍ଷତ ସ୍ଥାନରେ ଲଗାଇବ ।

୪) ସଜ ଗୋବର ସଫାକନା ଉପରେ ରଖି ସେହି କନାକୁ ଘା ଉପରେ ରଖିବ । ତା' ଉପରେ ଆଉ ଗୋଟିଏ କନା ରଖି ବାନ୍ଧିବ । ୧୨ ଘଣ୍ଟା ପରେ ତାକୁ ବଦଳାଇ ଦେଇ ଆଉ ଥରେ ବାନ୍ଧିବ । ଏହା ଫଳରେ ଏକା ଦିନକେ କ୍ଷତ ଯାଗା ଯୋଡ଼ି ହୋଇ ଶୁଖିଯିବ । (ପରୀକ୍ଷିତ)

ଯେଉଁ ଗାଈର କୌଣସି ରୋଗ ନଥିବ ସେହି ଗାଈର ଗୋବର ବ୍ୟବହାର କରିବ ।

୫) ବିଶଲ୍ୟ କରଣୀ (ବଣ ସେବତୀ) ପତ୍ରକୁ ଛେଚି କ୍ଷତ ସ୍ଥାନରେ କିଛି ସମୟ ଚିପି ଧରିଲେ ରକ୍ତସ୍ରାବ ବନ୍ଦ ହୁଏ । ତାପରେ ବାନ୍ଧି ରଖିଲେ ଘା ଶୁଖିଯାଏ ।

୬) କୌଣସି ଅଙ୍ଗ କଟିଗଲେ ତହିଁରେ ଦନ୍ତୀପତ୍ର ରସ ଲଗାଇଲେ ରକ୍ତସ୍ରାବ ବନ୍ଦ ହୁଏ ଏବଂ କଟାସ୍ଥାନ ଯୋଡ଼ି ହୋଇଯାଏ ।

## ନାଳୀ ଘା

୧) ସୀତାଫଳ ପତ୍ରକୁ ପରିଷ୍କାର କରି ଧୋଇ ସଫାକନାରେ ପାଣି ପୋଛି ଛେଚି ରସ ବାହାର କରି କ୍ଷତରେ ଲଗାଇବ । ପତ୍ରରୁ ରସ ନ ବାହାରିଲେ ପରିଷ୍କାର ପାଣି (Distilled Water) ଟିକିଏ ମିଶାଇ ବାଟିଲେ ରସ ବାହାରିବ । ସେହି ରସରେ ପରିଷ୍କାର ପାଣି ମିଶାଇ ପିଚକାରୀ ଦ୍ୱାରା ରସକୁ ନାଳୀ ଘା ଭିତରକୁ ଦେଲେ ଅଳ୍ପ ଦିନରେ ଘା ଶୁଖିଯାଏ । (ପରୀକ୍ଷିତ)

୨) ସୀତାଫଳ ପତ୍ର, ନିମ୍ବ ପତ୍ର, ଡ଼ିମ୍ବିରି ପତ୍ର ଓ ଗେଣ୍ଡୁ ପତ୍ର ଏକତ୍ର ବାଟି ଘା ଉପରେ ଲେପ ଦେବ ।

## ଦୂଷିତ ଘା

୧) ପୋକଶୁଙ୍ଘା ଗଛ ଓ ହଳଦୀ ଏକତ୍ର ବାଟି ଘା ଉପରେ ଲେପ ଦେବ । ପୋକଶୁଙ୍ଘା ପତ୍ର ରସ ଦିନକୁ ଏକ ତୋଳା ଖାଇବ । ଘା ଶୁଖିବା ପର୍ଯ୍ୟନ୍ତ ଏହି ଔଷଧ ବ୍ୟବହାର କରୁଥିବ ।

୨) ଯେଉଁ ଘା କୌଣସି ଔଷଧରେ ଶୁଖୁ ନାହିଁ ଓ ସଢ଼ି ଯାଉଛି,ସେଥିରେ ହିଡ଼ିମିଚା ଶାଗ ବାଟି ଲଗାଇବ ।

୩) ଖାଣ୍ଟି ସୋରିଷ ତେଲ ନୂଆହାଣ୍ଡିରେ ଫୁଟାଇବ । ଫେଣ ମରିଗଲେ ତେଲର ଅଧାପରିମାଣ ଶ୍ୱେତଝୁଣା ଚୂର୍ଣ୍ଣ ସେହି ଫୁଟନ୍ତା ତେଲରେ ପକାଇ ଚୂଲୀରୁ ଓହ୍ଲାଇ ଆଣିବ । ଆଉ ଗୋଟିଏ ହାଣ୍ଡିରେ ଥଣ୍ଡାପାଣି ରଖି ସେହି ତେଲକୁ ପକାଇ ଦହି ଖୁଆରେ ଦହି ଚଲାଇଲା ପରି କରିବ । ଯେତେବେଳେ ସେହି ଝୁଣାମିଶା ତେଲ ମଖନ ପରି ଧଳା ହୋଇଯିବ, ତାକୁ ବାହାର କରି କାଚ ବା ପଥର ବାସନରେ ଥଣ୍ଡା ପାଣି ଦେଇ ରଖିବ । ପ୍ରତିଦିନ ପୁରୁଣା ପାଣି କାଢ଼ି ଦେଇ ନୂଆ ପାଣି ଦେଉଥିବ । ଏହି ମଲମକୁ ଘାରେ ଲଗାଇବ ।

୪) ଏକ ଛଟାଙ୍କି ଗୁଆଘିଅକୁ ଲୁହା କରେଇରେ ନିଆଁରେ ବସାଇବ । ଘିଅ ଫୁଟି ଆସିଲେ ତହିଁରେ ଚାରି ପାଞ୍ଚୋଟି ଅରଖପତ୍ର ପକାଇବ । ପତ୍ରଗୁଡ଼ିକ ପୋଡ଼ିଲା ପରି ଦିଶିଲେ ଘିଅକୁ ଚୁଲୀରୁ ବାହାର କରି ତା ଦେହରୁ ପତ୍ର ସବୁ ବାହାର କରିଦେବ । ଘିଅ ଥଣ୍ଡାହେଲେ ଏକଅଣା ଓଜନ ତୁତିଆ ଚୂର୍ଣ୍ଣ ପକାଇ ଉତ୍ତମ ରୂପେ ମିଶାଇ ଶିଶିରେ ରଖିବ । ଏହି ଘୃତ ଯାବତୀୟ ଦୂଷିତ ଘାରେ ଲଗାଇଲେ ଘା ଶୁଖିଯାଏ । ଏପରିକି କୁଷ୍ଠ କ୍ଷତରେ ମଧ୍ୟ ଉପକାର କରେ ।

୫) ଲାଜକୁଳୀ ପତ୍ର ଅଥବା ଶରପୁଙ୍ଖା ପତ୍ର ବାଟି ଲଗାଇଲେ ସଦ୍ୟ କ୍ଷତ ଭଲ ହୁଏ ।

୬) କରଡ଼ା ଗଛର ଚେର ଓ ଅଁଳା ଗଛର ଚେର ଛେଚି ପାଣିରେ ସିଦ୍ଧ କରିବ । ପ୍ରାୟ ଦୁଇ ଘଣ୍ଟା ସିଦ୍ଧ ହେଲା ପରେ ଛାଣି ଚେରକୁ ପକାଇଦେଇ ସେହି ପାଣିକୁ ପୁଣି ଥରେ ସିଦ୍ଧ

କରିବ । ଯେତେବେଳେ ସେହି ପାଣି ଗୁଡ଼ ପରି ବହଳ ହୋଇଯିବ, ଚୁଲୀରୁ କାଢ଼ି ଥଣ୍ଡା କରି ରଖିବ । ଏହି ମଲମ ଲଗାଇଲେ ବହୁ ଦିନର ଦୂଷିତ ଘା ଭଲ ହୋଇଯାଏ ।

## ଘା ରେ ପୋକ ପଡ଼ିଲେ

୧) ରସୁଣ ରସ ବାରମ୍ବାର ଘାରେ ପକାଇଲେ ପୋକ ବାହାରି ପଡ଼ନ୍ତି ।

୨) ସୀତାଫଳ ପତ୍ରରସ ପକାଇଲେ ପୋକ ବାହାରିପଡ଼ି ମରିଯାନ୍ତି ।

୩) କରଞ୍ଜ, ନିମ୍ବ ଓ ନିର୍ଗୁଣ୍ଡି (ବେଗୁନିଆ) ପତ୍ର ରସ ଦେଲେ ବ୍ରଣର କୃମି ମରିଯାନ୍ତି ।

୪) ମାଂସ ଖଣ୍ଡ ଦ୍ୱାରା କ୍ଷତ ସ୍ଥାନ ଆଚ୍ଛାଦନ କଲେ ସମସ୍ତ କୃମି ମାଂସଖଣ୍ଡକୁ ଆସିବେ । ସେତେବେଳେ ମାଂସଖଣ୍ଡ ଫୋପାଡ଼ି ଦେବ । (ଚକ୍ରଦତ୍ତ)

## ଘା ଶୁଖିବା ପାଇଁ

୧) ମନୁଷ୍ୟ କପାଳର ହାଡ଼ ଗାଈ ମୂତରେ ଘୋରି ପ୍ରଲେପ ଦେଲେ ଅସାଧ୍ୟ ବ୍ରଣ ମଧ୍ୟ ଶୁଖିଯାଏ । (ଚକ୍ରଦତ୍ତ)

୨) କଲରାପତ୍ର ଓ ତୁଳସୀ ପତ୍ର ବାଟି ଲେପ ଦେଲେ ଘା ଶୁଖିଯାଏ ।

୩) ନିମ୍ବପତ୍ର ଓ ରାଶି ବାଟି ମହୁ ଓ ଘିଅ ମିଶାଇ ପ୍ରଲେପ ଦେଲେ ଘା ଶୁଖିଯାଏ ।

୪) ଛଚିନା (ସପ୍ତପୂର୍ଣ୍ଣୀ)ର କ୍ଷୀର ଅଥବା ଶରପୁଙ୍ଖା ପତ୍ର ବାଟି ମହୁ ମିଶାଇ ଲେପ ଦେଲେ ଦୁଷ୍ଟବ୍ରଣ ଶୁଖିଯାଏ ।

୫) ଉସପ୍ତ (ଅଶ୍ୱତ୍ଥ) ଛେଲିର ଚୂର୍ଣ୍ଣ ଘାରେ ପକାଇଲେ ଅତିଶୀଘ୍ର ଘା ଶୁଖିଯାଏ (ଚରକ), ପୋଡ଼ିଯାଇଥିବା ଘା ମଧ୍ୟ ଶୁଖିଯାଏ । (ଚକ୍ରଦତ୍ତ)

## ବାଲିଜନ୍ଦା ଓ ପାଣିଖିଆ

କାଦୁଅ ପାଣିରେ ଚାଲିଲେ ଆଙ୍ଗୁଠି ସନ୍ଧା ଚମ ଛିଣ୍ଡିଯାଇ ତା ଭିତରେ ବାଲି ପଶି ବଡ଼ ଯନ୍ତ୍ରଣା ଦିଏ । ଗରମ ପାଣିରେ ପାଦକୁ ଅଧଘଣ୍ଟା ବୁଡ଼ାଇ ରଖିଲେ ବାଲିଜନ୍ଦା ଘାରୁ କଳାରଙ୍ଗର ବାଲି ବାହାରି ଗଲା ପରେ ନିମ୍ନଲିଖିତ ଔଷଧ ଦେବ ।

୧) ଲୁହା ପାତ୍ରରେ କଞ୍ଚା ହଳଦୀରସ ଦେଇ ତହିଁରେ ହରିଡ଼ା ଘୋରି ସେହି ହରିଡ଼ା ଘୋରା ବାଲିଜନ୍ଦାରେ ଲଗାଇଲେ ଭଲ ହୁଏ । (ପରୀକ୍ଷିତ)

୨) ରାଶି (ଖସା) ତେଲ ଏକ ପାଆକୁ ଲୁହା କରେଇରେ ଫୁଟାଇବ । ଫେଣ ମରିଗଲେ ଅଙ୍କରାନ୍ତି ଗଛକୁ ଛେଚି ତାର ରସ ଏକପା ପକାଇବ । ରସ ମରିଯାଇ ତେଲ ଅବଶେଷ ରହିଲେ ଛାଣି ସେହି ତେଲ ଲଗାଇବ । (ପରୀକ୍ଷିତ)

୩) ପୋକସୁଙ୍ଘା ପତ୍ର ରସ ହଳଦୀ ମିଶାଇ ଲଗାଇବ ।

୪) ପାଚିଲା କୋଚିଲା ଫଳକୁ ଗୋଡ଼ରେ ଚକଟିବ । ଦୁଇ ତିନି ଦିନ ଏପରି ଚକଟିଲେ ଏକ ବର୍ଷ ପର୍ଯ୍ୟନ୍ତ ବାଲିଜନ୍ଦା ହେବ ନାହିଁ ।

## ଗୋଡ଼ ଫଟା

୧) ଅଫିମ, ଟାଙ୍ଗଣା ଖଇ, ଚିନିସିନ୍ଦୂର, ଝୁଣା, ପାପଡ଼ାଖଇର – ଏ ସମସ୍ତ ସୋରିଷ ତେଲରେ ବାଟି ଲେପ ଦେଲେ ଅତିଶୀଘ୍ର ଭଲ ହୁଏ ।

୨) ଧଳାଝୁଣା ଓ ପୁରୁଣା ଘିଅ ସମଭାଗରେ ପଥରରେ ଖଲି ସୂର୍ଯ୍ୟପାକ କରି ଗୋଡ଼ ଫାଟରେ ଦେଇ ଅଗ୍ନିତାପ ଦେଲେ ଏହା ଭଲ ହୁଏ । (ପରୀକ୍ଷିତ)

୩) ତିନ୍ତୁଳି ବାଟି ଲଗାଇଲେ ଗୋଡ଼ଫଟା ଭଲହୁଏ ।

୪) ପାଦ ଠାରୁ ଆଣ୍ଠୁ ପର୍ଯ୍ୟନ୍ତ ଚମ ଫାଟିଲେ ଦାସକେରେଣ୍ଡା ପତ୍ର ରସ ଦୁଇ ତିନି ଥର ଲଗାଇଲେ ଭଲ ହୁଏ । (ପରୀକ୍ଷିତ)

## ମାଛଆଖିଆ

ସୋରିଷ ତେଲକୁ ଗରମ କରି ଟୋପା ଟୋପା କରି ମାଛ ଆଖିଆ ଉପରେ କେତେ ଦିନ ପକାଇଲେ ଭଲ ହୁଏ ।

## ହାତ-ପାଦ ଜ୍ୱଳା

୧) ନାଗେଶ୍ୱର ଫୁଲ ଚୂର୍ଣ୍ଣ ଶତଧୌତ ଘୃତ ଅଭାବେ ପୁରୁଣା ଘିଅ ସହ ମିଶାଇ ହାତ ପାଦରେ ମାଲିସ୍ କରିବ । ପୁରୁଣା ଘିଅ ନ ମିଳିଲେ ସଜ ଘିଅରେ କରିବ । (ପରୀକ୍ଷିତ)

୨) କଇଞ୍ଛିକାକୁଡ଼ି ପତ୍ର ରସ ଦୁଇ ତୋଳା, ରାଶିତେଲ ଦୁଇ ତୋଳା ଏକତ୍ର କଂସାପାତ୍ରରେ ରଖି ଖରାରେ ରଖିବ । ହାତ ସହିବା ଭଳି ଗରମ ହେଲେ ସେଥିରୁ କିଛି ମୁଣ୍ଡରେ, କିଛି ହାତ ପାପୁଲି ଓ ପାଦରେ ମାଲିସ୍ କରିବ । (ପରୀକ୍ଷିତ)

୩) ବରକୋଳି ପତ୍ର ରସ ହାତ ପାଦରେ ମାଲିସ କରିବ । (ପରୀକ୍ଷିତ)

୪) ଅମରପୋଇ ପତ୍ର ବାଟି ଲଗାଇବ ।

୫) ଅଗସ୍ତି ଫୁଲର ରସ ହାତ ଓ ପାଦରେ ମାଲିସ୍ କରିବ ।

୬) ଦହିଦହିକା ଗଛର ଚେର ସୁକି ଓଜନ ସେଥିରେ ସାତଟି ଗୋଲମରିଚ ମିଶାଇ ବାଟି ଖାଇବ, ଏହିପରି ଅନ୍ତତଃ ସାତ ଦିନ ଖାଇବ । (ଦିନକୁ ଏକ ପାନ)

## ଅଗିଆବାତ

ଦେହ କୁଣ୍ଡାଇ ହୋଇ ଚକାଚକା ହୋଇ ଫଳିଗଲେ ତାକୁ ଅଗିଆବାତ କହନ୍ତି ।

୧) କୋଇଲେଖା ଗଛର ସର୍ବାଙ୍ଗ ଦୁଇ ତୋଳା ନେଇ ଅଧସେର ପାଣିରେ ସିଝାଇ ଏକ ଛଟାଙ୍କି ରହିଲେ ଛାଣି ପିଇବ ଏବଂ ପୁରୁଣା ତିନ୍ତୁଳି ପାଣିରେ ଚକଟି ସେଥିରେ ତମ୍ବା ଖଣ୍ଡେ ପକାଇ ୮ ଘଣ୍ଟା ରହିଲା ପରେ ଦେହରେ ମାଲିସ୍ କରିବ । ଏହିପରି ଏକ ସପ୍ତାହ କରିବ ।

୨) ସୁନାମୁଖୀ ପତ୍ର ଓ ମିଶ୍ରି ରାତିରେ ପାଣିରେ ଭିଜାଇ ସକାଳେ ସେହି ପାଣି ପିଇବ ।
ମାତ୍ରା - ସୁନାମୁଖୀ ପତ୍ର ଏକ ତୋଳା ।

## ଘିମିରି

୧) ଏକ ଛଟାଙ୍କି ପାଣିରେ ଦୁଇ ଅଣି ଓଜନ ତୁତିଆ ମିଶାଇ ଦେହରେ ମାଲିସ୍ କଲେ ଘିମିରି ଭଲ ହୁଏ ।

୨) ଖାଣ୍ଟି ରନ୍ଧା ନଡ଼ିଆ ତେଲ ଦେହରେ ଲଗାଇବ ।

୩) ହିଡ଼ିମିଚା ଶାଗ ରସ ଦେହରେ ମାଲିସ୍ କରିବ ।

## ଝାଳ (ଘର୍ମ) - ପ୍ରତିକାର

୧) କୋଳଥ ଚୂର୍ଣ୍ଣ ଅଥବା ଇଟାଗୁଣ୍ଡ ଦେହରେ ଘଷିବ ।

୨) କାଫଡ଼, ଶୁଣ୍ଠି, ଜାଇଫଳ ଏକତ୍ର ଚୂର୍ଣ୍ଣ କରି ଦେହରେ ଘଷିବ ।

୩) ଶୁଣ୍ଠିଚୂର୍ଣ୍ଣ ଓ ହଳଦୀ ମାଲିସ୍ କରିବ ।

୪) ସନ୍ନିପାତ ଜ୍ୱରରେ ରୋଗୀର ଦେହରୁ ଝାଳ ବେଶି ବାହାରିଲେ ଭଜା କୋଳଥ ଗୁଣ୍ଡ କରି ଦେହରେ ଘଷିବ । (ଚକ୍ରଦତ୍ତ)

୫) ଦେହରୁ ଝାଳ ବୋହି ଦୁର୍ଗନ୍ଧ ହେଲେ - ସ୍ଥୂଳ ପୁରୁଷ (ମୋଟା ଲୋକ)ର ଦେହରୁ ଝାଳ ବାହାରି ଦୁର୍ଗନ୍ଧ ହେଲେ ବେଲ ପତ୍ର ରସ ମର୍ଦ୍ଦନ କରିବ । (ଚକ୍ରଦତ୍ତ)

୬) ହାତପାପୁଲିରୁ ଝାଳ ବାହାରିଲେ ସମୁଦ୍ରଫେଣ ଓ ଗୋଲ ମରିଚ ଚୂର୍ଣ୍ଣ ଏକତ୍ର ଖାଇବ ।

୭) ଗୋଡ଼ରୁ ଝାଳ ବାହାରିଲେ ଦୁଦୁରା ପତ୍ର ରସ ଲଗାଇବ ।

୮) ଯେଉଁମାନଙ୍କର ହାତରୁ ଓ ପାଦରୁ ସବୁବେଳେ ଝାଳ ବାହାରେ, ସେମାନେ ସକାଳେ ଓ ସନ୍ଧ୍ୟାରେ ସୁକି ଓଜନ ଅଁଳାଚୂର୍ଣ୍ଣ ସେବନ କଲେ ଏବଂ ଅଁଳାର କ୍ୱାଥରେ ଦିନକୁ ୫/୭ଥର ହାତ ପାଦ ଧୋଇଲେ ଝାଳ ବୋହିବା ବନ୍ଦ ହୁଏ ।

## ହାତପାଦରୁ ଚମ ଛାଡ଼ିଲେ

ଅଦା ଏକ ତୋଳା ଓ ପୁରୁଣାଗୁଡ଼ ଏକ ତୋଳା ମିଶାଇ ପ୍ରତିଦିନ ସକାଳେ କିଛି ଦିନ ଖାଇବ ।

## କଣ୍ଟା ଗଳିଗଲେ

୧) ମେଥିକୁ ବାଟି ଉଷୁମ କରି ଲେପ ଦେଲେ ସେହି ସ୍ଥାନ ପାଚି କଣ୍ଟା ବାହାରିପଡ଼େ । କଇଁଅଁକାକୁଡ଼ି ମୂଳକୁ ବାଟି ଲେପ ଦେଲେ ମଧ୍ୟ କଣ୍ଟା ବାହାରିପଡ଼େ ।

୨) ଲଙ୍ଗଲଙ୍ଗଳିଆ କନ୍ଦା ବାଟି ଲେପ ଦେଲେ କଣ୍ଟା, କାଚ ଏପରିକି ଲୁହାକଣ୍ଟା ବାହାରିପଡ଼େ ।

## ଓଠଫଟା, ଦାନ୍ତରୁ ରକ୍ତସ୍ରାବ, ଜିଭ ଘା

ଗିଲକୁ ପୋଡ଼ି ଅଙ୍ଗାର କରି ଏହାର ସମଭାଗ ଫିଟିକିରି ଖଇ ମିଶାଇ ଦାନ୍ତରେ, ଜିଭରେ ଓ ଓଠରେ ଲଗାଇଲେ ଦାନ୍ତରୁ ରକ୍ତସ୍ରାବ, ଜିଭ ଘା ଏବଂ ଓଠ ଫଟା ଭଲ ହୁଏ ।

## ପଦ୍ମକଣ୍ଟା

୧) ନିମ୍ବଛେଲି ଓ ସୁନାରି ପତ୍ର ପ୍ରତ୍ୟେକରୁ ଏକ ତୋଳା ଅଧସେର ପାଣିରେ ସିଝାଇ ଏକ ଛଟାଙ୍କି ପାଣି ରହିଲେ ତାକୁ ଛାଣି ଦେହରେ ମର୍ଦ୍ଦନ କଲେ ପଦ୍ମକଣ୍ଟା ଭଲ ହୁଏ ।

୨) ପଦ୍ମପତ୍ରରେ ୧୫ ଦିନ ଭାତ ଖାଇଲେ ପଦ୍ମକଣ୍ଟା ଭଲ ହୁଏ ।

୩) ଦେହରେ ପଣସ କଣ୍ଟା ପରି ବାହାରିଥିଲେ ମୟୂରଗିରିଆ ଭସ୍ମକୁ ଆମ୍ବିଳି ଶାସ ରସରେ ମର୍ଦ୍ଦନ କରି ଲଗାଇଲେ ଭଲ ହୁଏ ।

## ରକା

ଦେହରେ କୌଣସି ଜାଗାରେ ପବନ ଅଟକିଗଲେ ତାକୁ ରକା କହନ୍ତି । ରକା ହେବା ସାଙ୍ଗେ ସାଙ୍ଗେ ନିଶ୍ୱାସ ବନ୍ଦ କରି ଦେହକୁ ଏପାଖ ସେପାଖ ହଲାଇବ । ଏହିପରି ୩/୪ଥର କଲେ ରକା ଭଲ ହୋଇଯାଏ ।

ଅର୍ଜ୍ଜୁନ ଛେଲିକୁ କଞ୍ଚାଦୁଧରେ ବାଟି ଲେପ ଦେବ ଅଥବା ଅର୍ଜ୍ଜୁନ ଛେଲି ଓ ଗୋଲମରିଚ ଏକତ୍ର ବାଟି ଲେପ ଦେବ ।

## ମକଚି ହୋଇ ଜଖମ ହେଲେ

୧) କଇଁଆ (କଞ୍ଚା ତିନ୍ତୁଳି)କୁ ରଡ଼ ନିଆଁରେ ଦରପୋଡ଼ା କରି ତାର ରସରେ ସୋଡ଼ାକ୍ଷାର ବା ଲୁଣ ମିଶାଇ ପ୍ରଲେପ ଦେବ । ଉଷୁମ କରି ପ୍ରଲେପ ଦେବ । କଇଁଆ ନଥିବା ସମୟରେ

ତିନ୍ତୁଳିପତ୍ର ବାଟି ସୋଡ଼ାକ୍ଷାର ବା ଲୁଣ ମିଶାଇ ପ୍ରଲେପ ଦେଲେ ୩/୪ ଦିନରେ ନିଶ୍ଚୟ ଭଲ ହେବ । (ବହୁ ପରୀକ୍ଷିତ)

## ହାଡ଼ ଭାଙ୍ଗିଲେ

ହାଡ଼ ଭାଙ୍ଗିଗଲେ ସାଙ୍ଗେ ସାଙ୍ଗେ ଡ଼ାକ୍ତରଖାନାକୁ ଯାଇ ଭାଙ୍ଗିଯାଇଥିବା ହାଡ଼କୁ ଠିକ୍ ଜାଗାରେ ରଖିଦେଇ ପଟି ବାନ୍ଧିଲା ପରେ ନିମ୍ନଲିଖିତ ଔଷଧ ଖାଇଲେ ହାଡ଼ ଅତିଶୀଘ୍ର ଯୋଡ଼ି ହୋଇଯାଏ ।

୧) ଅର୍ଜ୍ଜୁନ ଗଛର ଛାଲିର ଚୂର୍ଣ୍ଣ ସୁକି ଓଜନ ଠାରୁ ଅଧୁଲି ଓଜନ ଘିଅ ଓ ମହୁ ସହିତ ଖାଇଲେ ଭଙ୍ଗା ହାଡ଼ ଯୋଡ଼ି ହୁଏ । (ଚକ୍ରଦତ୍ତ)

୨) ବାବୁଲ ଗଛର ଛେଲିକୁ ଚୂର୍ଣ୍ଣ କରି ସେହି ଚୂର୍ଣ୍ଣ ସୁକି ଓଜନ ଠାରୁ ଅଧୁଲି ଓଜନ ମହୁ ସହିତ ୩ ଦିନ ଖାଇଲେ ଭଙ୍ଗାହାଡ଼ ଯୋଡ଼ି ହୋଇଯାଏ । (ଭାବପ୍ରକାଶ)

୩) ହାଡ଼ ଶିଙ୍କୁଳା, ଲାକ୍ଷା, ଗହମ ଓ ଅର୍ଜ୍ଜୁନ ଛେଲି ପ୍ରତ୍ୟେକରୁ ଦୁଇ ଅଣି ଓଜନ ବାଟି ଦୁଧ ଓ ଘିଅ ସହିତ ପାନ କଲେ ଅଥବା ରସୁଣ, ମହୁ, ଲାକ୍ଷା, ଘିଅ ଏବଂ ଶର୍କରା ଏ ସମସ୍ତ ବାଟି ଖାଇଲେ ଛିନ୍ନ ଭିନ୍ନ ଓ ସ୍ଥାନଚ୍ୟୁତ ଅସ୍ଥି ଅଳ୍ପ ସମୟରେ ସଂହିତ ହୁଏ । (ଚକ୍ରଦତ୍ତ)

ହାଡ଼ଶିଙ୍କୁଳା – ହାଡ଼ଭଙ୍ଗା ଗଛ – ସଂସ୍କୃତ, ଅସ୍ଥିସଂହାର, ଅସ୍ଥି ଶୃଙ୍ଖଳା ଓ ବଜ୍ରବଲ୍ଲୀ । ଏହାର ରସ ୧ ତୋଳା ଠାରୁ ୨ ତୋଳା ।

ରସୁଣ, ଲାକ୍ଷା, ଘିଅ, ଶ୍ର୍କରା ପ୍ରତ୍ୟେକରୁ ଦୁଇ ଅଣା ଓଜନ, ମହୁ ଏକ ଅଣା ବା ତିନି ଅଣା ଓଜନ, କାରଣ ମହୁ ଓ ଘିଅ ସମଭାଗ ହେଲେ ବିଷକ୍ରିୟା ହୁଏ ।

୪) ବାବୁଲ ମଞ୍ଜିର ଚୂର୍ଣ୍ଣ ମହୁ ସାଙ୍ଗରେ ୩ ଦିନ ଖାଇଲେ ହାଡ଼ ଯୋଡ଼ି ହୋଇଯାଏ ଏବଂ ବଜ୍ର ପରି ମଜଭୂତ ହୁଏ ।

ମାତ୍ରା – ମଞ୍ଜି ଚୂର୍ଣ୍ଣ ସୁକି ଓଜନ ।

୫) ଚକାପତ୍ର ବଜ୍ରମୂଳୀର ପତ୍ରକୁ ଚକଟି ସାମାନ୍ୟ ପାଣି ମିଶାଇ ରସ ବାହାର କରି ଦେହର ଯେଉଁ ପାଖ ଅଙ୍ଗରେ ହାଡ଼ ଭାଙ୍ଗିଥିବ ତାର ବିପରୀତ ପାଖ କାନରେ ସେହି ରସ ପକାଇଲେ ହାଡ଼ ଅତି ଆଶ୍ଚର୍ଯ୍ୟଭାବେ ଯୋଡ଼ି ହୋଇଯାଏ ।

## ଆବୁ

୧) ବଡ଼ ମାଣସାରୁ ପତ୍ରର ବାହୁଙ୍ଗା ଦୁଇ ଚାରିଟା ଶୁଖାଇ ଘଷି ନିଆଁରେ ପୋଡ଼ି ଭସ୍ମ କରିବ । ସେହି ଭସ୍ମରେ ପଥର ଚୂର୍ଣ୍ଣ ମିଶାଇ ମଲମ ପରି କରିବ । ସେହି ମଲମକୁ ଆବୁର ସାମାନ୍ୟ ଅଂଶରେ ଲଗାଇବ । ଏହି ପରି ୩/୪ଥର ଲଗାଇଲେ ସେଠାରେ ଫୋଟକା ଓ ଘା ହୋଇ

ସେହି ବାଟେ ପୂଯରକ୍ତ ବାହାରିଯିବ । ଘା ହେଲାପରେ ଆଉ ମଲମ ଦେବ ନାହିଁ । ଘାଆରୁ ପୂଯରକ୍ତ ବାହାରିଯିବାପରେ ଖାଣ୍ଟି ନଡ଼ିଆ ତେଲ ଅଧପା ଲୁହା କରେଇରେ ବସାଇ କନିଅର ଗଛର କଅଁଳପତ୍ର କୋଡ଼ିଏଟି ପକାଇ ଫୁଟାଇବ । ପତ୍ର ବାହାର କରିଦେଇ ସେହି ତେଲକୁ ଉକ୍ତ ଘାଆରେ ଲଗାଇଲେ ଘା ଶୁଖିଯିବ ଏବଂ ଆବୁ ଭଲ ହେବ ।

୨) ଆବୁ ଉପରେ ଆବୁ ହେଲେ ତାକୁ ଅଧ୍ୟବୁର୍ଦ କହନ୍ତି । ଏହି ରୋଗରେ ବରକ୍ଷୀର, କୁଡ଼ଚୂର୍ଣ୍ଣ ଓ ରୋମକ ଲବଣ ଏକାଠି ମିଶାଇ ଲେପ ଦେବ ଏବଂ ତା ଉପରେ ବରଛେଲି ପକାଇ ବାନ୍ଧିବ । ଏହିପରି କିଛି ଦିନ କଲେ ରୋଗ ନିଶ୍ଚୟ ଭଲ ହେବ । (ବଙ୍ଗସେନ)

## କାଛୁ କୁଣ୍ଡିଆ

୧) ରାଶିତେଲ (ଖସା ତେଲ) ଅଧ ସେର ଲୁହା କରେଇରେ ଫୁଟାଇବ । ଫେଣ ମରିଗଲେ ସେଥିରେ କନିଅର ପତ୍ର ୨୧ଟି ପକାଇବ । ଚଡ଼ମଡ଼ ହୋଇ ଯେତେବେଳେ ପତ୍ର ସବୁ କଳାପଡ଼ିଯିବ, ପୁଣି ୨୧ଟି ପତ୍ର ପକାଇବ । ସେସବୁ ପୋଡ଼ିଗଲେ ପୁଣି ୨୧ଟି ପତ୍ର ପକାଇବ । ତାହା ସବୁ ପୋଡ଼ିଗଲେ ଆଉ ଥରେ ୨୧ଟି ପତ୍ର ପକାଇବ । ପୋଡ଼ିଯାଇଥିବା କନିଅର ପତ୍ରକୁ ଲୁହା କରଚୁଲୀରେ ଘଷିଲେ ସେ ତେଲ ସଙ୍ଗେ ମିଶିଯିବ । ତା'ପରେ କନାରେ ଛାଣି ଶିଶିରେ ରଖିବ । ଏହି ତୈଳକୁ କାଛୁକୁଣ୍ଡିଆରେ ଲଗାଇବ ।

ଏକ ତୋଳା ବଟା ହଳଦୀ ଓ ଏକତୋଳା ଗୁଡ଼ ପାଣିରେ ମିଶାଇ ସକାଳେ ଖାଲି ପେଟରେ ଖାଇବ । ଏହିପରି ୧୧ ଦିନ କଲେ କାଛୁକୁଣ୍ଡିଆ ଓ ଅନ୍ୟ ଚର୍ମରୋଗ ବିନାଶ ହୁଏ । ୪/୫ ଦିନ ତୈଳ ଲଗାଇବ । ଯଦି କାଛୁକୁଣ୍ଡିଆ ଭଲ ହୋଇଯାଏ, ତଥାପି ହଳଦୀ ଗୁଡ଼ ୧୧ଦିନ ପର୍ଯ୍ୟନ୍ତ ଖାଇବ । (ବହୁ ପରୀକ୍ଷିତ)

ରାଶି ତେଲ ଜାଗାରେ ଯଦି କରଞ୍ଜ ତେଲ ଦିଆଯାଏ, ତାହାହେଲେ ବେଶି ଗୁଣ କରିବ ।

୨) ଖାଣ୍ଟି ସୋରିଷ ତେଲ ଏକ ପାଆ ଲୁହା କରେଇରେ ଫୁଟାଇବ । ଫେଣ ମରିଗଲେ ଅଧତୋଳା ମନଃଶିଳା ଚୂର୍ଣ୍ଣ ପକାଇବ । ତା'ପରେ ଏକ ଛଟାଙ୍କି ପୋକ ଶୁଙ୍ଘା ପତ୍ର ରସ ପକାଇବ । ଏହିପରି ତୈଳ ଉତ୍ତମରୂପେ ପାକ ହେଲେ ଅର୍ଥାତ୍ ଚଡ଼ଚଡ଼ ଶବ୍ଦ ବନ୍ଦ ହୋଇ ପାଣି ଅଂଶ ମରିଗଲେ ଗୋଟିଏ ପଥର ବାସନରେ ରଖିବ ତାହା ଶୀତଳ ହେଲେ ଶିଶିରେ ରଖିବ । କାଛୁକୁ ନିମ୍ବପତ୍ର ଫୁଟା ପାଣିରେ ଉତ୍ତମରୂପେ ଧୋଇ ଏହି ତୈଳ ଲଗାଇଲେ ନିଶ୍ଚୟ ଆରୋଗ୍ୟ ହେବ । ଏହା ସଙ୍ଗେ ପ୍ରତିଦିନ ସକାଳେ ଏକତୋଳା ବଟା ହଳଦୀ ଓ ଏକ ତୋଳା ଗୁଡ଼ ପାଣିରେ ମିଶାଇ କିଛି ଦିନ ଖାଇବ । (ପରୀକ୍ଷିତ)

୩) ବେଲପତ୍ର, ବାସଙ୍ଗପତ୍ର, ନିମ୍ବପତ୍ର, ବେଗୁନିଆ ପତ୍ର ସମଭାଗ, ସେଥିରେ ହଳଦୀ ୧୦ ଖଣ୍ଡ, ହରିଡ଼ା ୧୦ଟି (ମଞ୍ଜି କାଢ଼ି ଦେଇ) ଓ ସୈନ୍ଧବ ଲବଣ ଏକ ତୋଳା ଏକତ୍ର ବାଟି ଲଗାଇଲେ ସର୍ବପ୍ରକାର କଣ୍ଡୁ ରୋଗ ଭଲ ହୁଏ ।

୪) କାଛୁକୁ ଉତ୍ତମରୂପେ ନିମ୍ବପତ୍ର ଓ ଫିଟିକିରି ସିଦ୍ଧ ପାଣିରେ ଧୋଇ ନିମ୍ନଲିଖିତ ଔଷଧ ଲଗାଇବ ।

ଖାଣ୍ଟି ନଡ଼ିଆତେଲ, କର୍ପୁର, ଗନ୍ଧକ ଓ ଚୂନ ଏକତ୍ର ମର୍ଦ୍ଦନ କରି ଅଳ୍ପ ଉଷୁମ କରି କ୍ଷତ ଜାଗାରେ ଲଗାଇଲେ ଦୂଷିତ ରସ ନିର୍ଗତ ହୋଇ ୩/୪ ଦିନରେ କାଛୁ ଭଲ ହୁଏ ।

୫) 'ସୋମୋପଲେଖା ପିଚୁମର୍ଦ୍ଦ ପତ୍ରଂ
ଧାତ୍ରୀ, ନିଶା ଗବ୍ୟଘୃତେନ ସେବ୍ୟଂ
ନିହନ୍ତି କଚ୍ଛୁ ବିନିହନ୍ତି କଣ୍ଡ
ନରୋଭବେତ୍ କାଞ୍ଚନକାନ୍ତି ଗୋରମ୍ ।'

**ଅର୍ଥ** - ସୋମରାଜ ମଞ୍ଜି, ନିମ୍ବପତ୍ର, ଅଁଳା ଓ ହଳଦୀ ସମଭାଗ ନେଇ ଗୁଆ ଘିଅରେ ଗୋଳାଇ ବରକୋଳି ପରି ବଟିକା କରି ଦିନକୁ ଦୁଇ ଗୋଟି ବଟିକା ସକାଳେ ଓ ସନ୍ଧ୍ୟାରେ ଖାଇଲେ କାଛୁକୁଣ୍ଡିଆ ଭଲ ହୁଏ ଏବଂ ଦେହର ବର୍ଣ୍ଣ ପରିଷ୍କାର ହୋଇଯାଏ ।

## କଣ୍ଡୁ

ବଡ଼ ବଡ଼ ଘିମିରି ପରି ଦେହରେ ହୁଏ ଓ କୁଣ୍ଡାଇ ହୁଏ । ନିମ୍ବପତ୍ର ସିଦ୍ଧ ଉଷୁମ ପାଣିରେ ପ୍ରାୟ ଅଧଘଣ୍ଟା କାଳ ଦୁଇ ପାଦ ବୁଡ଼ାଇ ରଖିବ । ଥଣ୍ଡା ହେଲେ ସେହି ନିମ୍ବପତ୍ର ଫୁଟା ଗରମ ପାଣି ଦେଉଥିବ । ଯେତେବେଳେ ତୁଣ୍ଡକୁ ପିତା ଲାଗିବ, ସେତେବେଳେ ଗୋଡ଼କୁ ପାଣିରୁ ବାହାର କରିବ । ଶ୍ୱେତଚନ୍ଦନ ସହିତ କର୍ପୂର ଦେହରେ ଲଗାଇବ । ତା'ପରେ କଞ୍ଚାହଳଦୀ ଏକ ତୋଳା, ଦୂବରସ ଏକ ତୋଳା ସୋରିଷ ତେଲରେ ସୂର୍ଯ୍ୟପାକ କରି ଲଗାଇବ । ୩/୪ ଦିନରେ ନିଶ୍ଚୟ ଭଲ ହେବ ।

## ଚମଦଳା

୧) ଶ୍ୱେତ ବଚକୁ ବାଟି ଚମଦଳା ଉପରେ ଲଗାଇଲେ ଭଲ ହୁଏ କିନ୍ତୁ ଲଗାଇଲା ମାତ୍ରକେ ଏତେ ଯନ୍ତ୍ରଣା ହୁଏ ଯେ ନ ଧୋଇଲେ ସମ୍ଭାଳି ହୁଏ ନାହିଁ । ଏହି ଯନ୍ତ୍ରଣା ସହ୍ୟ କଲେ ୨/୪ ଦିନରେ ଭଲ ହୋଇଯାଏ ।

୨) ବଟା ହଳଦୀ ଏକ ତୋଳା ଓ ଗୁଡ଼ ଏକ ତୋଳା ପାଣିରେ ଗୋଳାଇ ସକାଳେ ଖାଲି ପେଟରେ ଖାଇବ । ଏହିପରି ୧୫ ଦିନ ଖାଇଲେ ଚମଦଳା ଭଲ ହୁଏ । ଚମଦଳାରେ କରଞ୍ଜ ତେଲ ଲଗାଇ ହଳଦୀ ଓ ଗୁଡ଼ ଖାଇଲେ ଅଳ୍ପ ଦିନରେ ଭଲ ହୁଏ ।

## ଯାଦୁ

୧) ଚାକୁଣ୍ଡା ମଞ୍ଜି, ଗନ୍ଧକ ଲେମ୍ବୁରସରେ ଉତ୍ତମରୂପେ ମର୍ଦ୍ଦନ କରି ଯାଦୁରେ ଦିନ ମଧ୍ୟରେ ୫ଥର ଲଗାଇଲେ ଦୁଇ ଦିନରେ ଯାଦୁ ଭଲ ହୁଏ ।

୨) ଝୁଣା, ଟାଙ୍ଗଣା, ଗନ୍ଧକ, ଫିଟିକିରି ସମଭାଗ କରି ପାଣିରେ ବାଟି ପ୍ରଲେପ ଦେଲେ ଅଳ୍ପ ଦିନରେ ଯାଦୁ ଭଲ ହୁଏ ।

୩) ମନଃଶିଳା, ରାଶିତେଲ, ଅରଖ କ୍ଷୀର ସମଭାଗ ବାଟି ଲଗାଇବ ।

୪) ଚାକୁଣ୍ଡା ମଞ୍ଜି ଓ କୁଢ଼ ସମଭାଗ ଗୋମୂତ୍ରରେ ବାଟି ଲେପ ଦେବ ।

୫) କେବଳ ଚାକୁଣ୍ଡାଚେରକୁ ବାଟି କିଛିଦିନ ଲଗାଇଲେ ଭଲ ହୁଏ ।

## ଚର୍ମରୋଗ

(ରକ୍ତଦୋଷ ହେତୁ ସର୍ବପ୍ରକାର ଚର୍ମରୋଗ)

୧) ଅଗରା ଗଛ ଚେରର ଚୋପା ଅଧତୋଳା ଠାରୁ ଏକ ତୋଳା ପାଣିରେ ବାଟି ମିଶ୍ରି ସହିତ ଖାଇଲେ ସବୁପ୍ରକାର ଚର୍ମରୋଗ, ରକ୍ତଦୋଷ ଏପରି କି ସିଫିଲିସ୍ ରୋଗ ମଧ୍ୟ ନଷ୍ଟ ହୁଏ । ଏହି ଔଷଧ ଖାଇବା ପୂର୍ବରୁ ଝାଡ଼ା ସଫା କରାଇ ଔଷଧ ଖାଇବ । ଯେଉଁଦିନ ଝାଡ଼ା ସଫା ହେବ, ତା' ପରଦିନ ଔଷଧ ଖାଇବ । ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଔଷଧ ଖାଇବ ।

୨) ଅଗରା ଚେର ଚୋପାକୁ ବାଟି ଦୁଇ ଅଣି ଓଜନ ବଟିକା କରି ଶୁଖାଇ ରଖିବ । ଏହି ବଟିକାରୁ ଦିନକୁ ୪ଟି ବଟିକା ଖାଇବ । ପ୍ରତି ୪ ଘଣ୍ଟାରେ ଗୋଟିଏ ବଟିକା ହିସାବରେ ୧୫ ଦିନ ଖାଇବ ।

**ଅନୁପାନ** - ଦୁଇଟି ଛୋଟ ପିପ୍‌ପଳୀ ଚୂର୍ଣ୍ଣ ସହିତ ଗୋଟିଏ ବଟିକା ଖାଇବ ।

୩) ଅଗରା ଚେରକୁ ରାଶି ତେଲରେ ଫୁଟାଇ ଲଗାଇବ ।

ଅଗରା – ଅନ୍ୟ ନାମ ଓଡ଼ଶମାରୀ; ସଂସ୍କୃତ – ସ୍ୱର୍ଣ୍ଣକ୍ଷିରୀ; ହିନ୍ଦି – ସତ୍ୟାନାଶୀ; ବଙ୍ଗଳା – ଶିଆଳକାଣ୍ଟା ।

୪) ଅଗସ୍ତି ଫୁଲର ଚୂର୍ଣ୍ଣ ମଇଁଷି ଦୁଧରେ ମିଶାଇ ଦହି କରି ଲହୁଣୀ ବାହାର କରି ମର୍ଦ୍ଦନ କଲେ ବାତରକ୍ତ ରୋଗୀର ଚମ ଫାଟିବା ଭଲ ହୁଏ । (ଭାବ ପ୍ରକାଶ)

## ବିଇଞ୍ଚି (ଏକ୍‌ଜିମା)

୧) ଖାଣ୍ଟି ସୋରିଷ ତେଲ ଅଧପାଏ ଲୁହା କରେଇରେ ଫୁଟାଇବ । ଫେଣ ମରିଗଲେ ଧାନୁଆ ଲଙ୍କାମରିଚ ପୋଷେ ପକାଇବ ଏବଂ ଘାଣ୍ଟୁଥିବ । ସେ ଲଙ୍କାମରିଚ ପୋଡ଼ି କଳା ହୋଇଗଲେ ଏକ ତୋଳା ରସୁଣ ଛେଚି ପକାଇ ଘାଣ୍ଟିବ । ସେ ପୋଡ଼ି କଳା ପଡ଼ିଗଲେ ଏକ ତୋଳା କଳାଜୀରା ପକାଇବ । ସେ ପୋଡ଼ି କଳା ହୋଇଗଲେ କରେଇକୁ ଚୁଲୀରୁ କାଢ଼ିବ । ତେଲ ଥଣ୍ଡା ହେଲେ ଶିଶିରେ ରଖିବ । ଏହି ତୈଳ ଲଗାଇଲେ ବିଇଞ୍ଚି ଘା ଭଲ ହୁଏ । (ପରୀକ୍ଷିତ)

୨) ପୋକଶୁଙ୍ଘା ଗଛକୁ ହଳଦୀ ସହିତ ବାଟି ୧୫ ଦିନ ଲଗାଇବ ଏବଂ ପୋକଶୁଙ୍ଘା ପତ୍ର ରସ ଏକ ତୋଳା ପ୍ରତିଦିନ ଖାଇବ । (ପରୀକ୍ଷିତ)

୩) ସଜନା ଛେଲି, ଅପମାରଙ୍ଗ ଚେର ଓ ହିଡ଼ିମିଚା ଶାଗ ବାଟି ଲେପ ଦେବ । (ପରୀକ୍ଷିତ)

୪) ସାହାଡ଼ା ପତ୍ର ପୋଡ଼ି ଭସ୍ମ କରିବ । ସେଥିରେ ସମଭାଗ ଛେଳି ଲଣ୍ଡି ମିଶାଇ ରଖିବ । ଏହି ଚୂର୍ଣ୍ଣକୁ ବିଇଞ୍ଚି ଘା ଉପରେ ଲଗାଇଲେ ୫/୭ ଦିନରେ ଭଲ ହୁଏ ।

୫) ସୁନାରୀ ଗଛର କଅଁଳ ପତ୍ରକୁ ଆମ୍ବିଳି ତୋରାଣିରେ ବାଟି ପାଞ୍ଚଓଳି ଲଗାଇଲେ ବିଇଞ୍ଚି ରୋଗ ନିଶ୍ଚୟ ଭଲ ହୁଏ ।

୬) ଠେକୁଆ ଲଣ୍ଡି ପକାଇଲେ ବିଇଞ୍ଚି ଘା ଭଲ ହୁଏ ।

## କାମଳ

**ଲକ୍ଷଣ -** କାମଳ ରୋଗରେ ଆଖି ହଳଦୀ ବର୍ଣ୍ଣ ଦେଖାଯାଏ । ପରିସ୍ରା ହଳଦୀ ବର୍ଣ୍ଣ ହୁଏ । ବେଶି ଦିନର ହେଲେ ସର୍ବାଙ୍ଗ ହଳଦୀ ବର୍ଣ୍ଣ ଦେଖାଯାଏ । ରୋଗୀ ଯାହା ଦେଖିବ, ତାହା ହଳଦିଆ ଦେଖାଯିବ ।

ବାତଜ, ପିତ୍ତଜ, କଫଜ ଏବଂ ତ୍ରିଦୋଷଜ କାମଳ ରୋଗରେ ଭିନ୍ନ ଭିନ୍ନ ଚିକିତ୍ସା ଅଛି ଏବଂ ବିଜ୍ଞ କବିରାଜମାନେ ସେ ଚିକିତ୍ସା କରି ମଧ୍ୟ ଆଶାନୁରୂପ ଫଳ ପାଉ ନାହାନ୍ତି । କିନ୍ତୁ ନିମ୍ନ ଲିଖିତ ସାମାନ୍ୟ ଟୁଟୁକା ଔଷଧରେ କାମଳ ରୋଗ ଯେଉଁ ଦୋଷରୁ ହେଉନା କାହିଁକି, ନିଶ୍ଚୟ ଭଲ ହେବ । ୧୯୪୪ ମସିହା ଠାରୁ ୧୯୫୭ ମସିହା ମଧ୍ୟରେ କେତେ ସହସ୍ର ରୋଗୀ ଏହି ଔଷଧରେ ଭଲ ହୋଇଛନ୍ତି । ୧୯୪୪ ମସିହାରେ ଏହି ରୋଗ ପ୍ରବଳ ଭାବରେ ପୁରୀ, କଟକ ଓ ବାଲେଶ୍ୱରରେ ଦେଖାଗଲା । ସେହି ସମୟରେ ଏହି ଔଷଧ ଖବରକାଗଜରେ ଦିଆଯାଇଥିଲା । ଯେଉଁମାନେ ଔଷଧ ଖାଇଥିଲେ, ସେମାନେ ରୋଗମୁକ୍ତ ହୋଇଥିଲେ ।

**ଔଷଧ -**

୧) ମଞ୍ଜୁଆତି ଗଛର କଞ୍ଚା ଚେର (ଆଙ୍ଗୁଠି ମୋଟର) ଖଣ୍ଡେ ଆଣିବ । ଚାଉଳଧୁଆ ପାଣିରେ ସେହି ଚେରକୁ ଚନ୍ଦନପେଡ଼ି ବା କୌଣସି ପରିଷ୍କାର ପଥର ଉପରେ ଘୋରିବ, ଯେପରି ମଲମ କରି ବହଳିଆ ହୁଏ । ସେହି ଘୋରାରୁ ଦୁଇ ଚାମଚ ସେଥିରେ ୧୦ ଚାମଚ ପାଣି ମିଶାଇ ଖାଇବ । ପିଲାମାନଙ୍କୁ ଅର୍ଦ୍ଧଭାଗ ଦେବ । ଦିନକୁ ତିନି ଥର ଖାଇବ ଏବଂ ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଉଥିବ । ଅଳ୍ପ ଦିନର ରୋଗ ହୋଇଥିଲେ ୪/୫ ଦିନରେ ରୋଗମୁକ୍ତ ହେବ । ପଇଡ଼ ପାଣି ଓ ଆଖୁରସ ଖାଇଲେ ଶୀଘ୍ର ଭଲ ହେବ ।

ଚାଉଳଧୁଆ ପାଣି – ଅରୁଆ ଚାଉଳକୁ ଗୁଣ୍ଡ କରି ପାଣିରେ ପକାଇ ଚକଟିଲେ ଯେଉଁ ପାଣି ହେବ, ତାକୁ ଚାଉଳଧୁଆ ପାଣି କହନ୍ତି ।

ମଞ୍ଜୁଆତିର ଅନ୍ୟ ନାମ – ସଂସ୍କୃତ- ନଖରଞ୍ଜକ, ନଖରଞ୍ଜନୀ, ହିନ୍ଦୀ – ମେହେନ୍ଦୀ, ତେଲୁଗୁ – ଗୋରିଣ୍ଟାଚେଟ୍ଟୁ । ଏହି ଗଛ ୯/୧୦ ହାତ ଉଚ୍ଚ ହୁଏ । ବାଡ଼ରେ ଏହି ଗଛ ଲଗାନ୍ତି ।

୨) ପେଡ଼ିପେଡ଼ିକା ଗଛର ପତ୍ର ୩/୪ଟା ଆଣି, ସେଥିରେ ୭ଟି ଗୋଲମରିଚ ପକାଇ ତାକୁ ଶିଳରେ ବାଟି ସାମାନ୍ୟ ପାଣି ସହିତ ଖାଇବ । ଖାଇ ସାରିବା ପରେ ପରେ ଅଧ ଘଣ୍ଟାଏ ଶୋଇଯିବ । ଉଠିବା ପରେ ଯଦି ରୋଗୀର ପରିସ୍ରା ହେବାର ଦେଖିବ, ତାହାହେଲେ ରୋଗୀ ରୋଗମୁକ୍ତ ହେବାର ନିଶ୍ଚୟ ଜାଣିବ । ଯଦି ପ୍ରଥମ ଥରରେ ଭଲ ନହୁଏ, ତାହାହେଲେ ଦ୍ୱିତୀୟ ଥରଏହିପରି କଲେ ରୋଗୀ ନିଶ୍ଚୟ ଭଲ ହେବ ।

ପେଡ଼ିପେଡ଼ିକାର ଅନ୍ୟ ନାମ ସଂସ୍କୃତ – ବଲ୍ୟା, ହିନ୍ଦୀ – କଂଗୀ, ବଙ୍ଗଳା – ପେଟାରି ।

## ଅନିଦ୍ରା

୧) ଅସ୍ୱନ୍ଦ (ଅଶ୍ୱଗନ୍ଧା) ଚୂର୍ଣ୍ଣ ସୁକି ଓଜନ ଘିଅ ଚିନି ସହିତ ମିଶାଇ ଖାଇଲେ ଯାହାକୁ ନିଦ୍ରା ହେଉ ନଥାଏ, ତାକୁ ନିଦ୍ରା ହୁଏ । (ବଙ୍ଗସେନ)

୨) କୋଇଲେଖା ମୂଳର କ୍ୱାଥ ପାନ କଲେ ଅନିଦ୍ରା ରୋଗୀର ନିଦ୍ରା ହୁଏ । ଏହାର ମୂଳ ମସ୍ତକରେ ଧାରଣ କଲେ ମଧ୍ୟ ନିଦ୍ରା ହୁଏ । (ହାରିତ)

୩) ମୁଚୁକୁନ୍ଦ ଫୁଲକୁ ଦହିରେ ବାଟି କପାଳରେ ଲଗାଇଲେ ନିଦ୍ରା ହୁଏ ।

## ନିଦ ନ ହେବାକୁ

କପାମଞ୍ଜିକୁ ଚୂର୍ଣ୍ଣ କରି କନାରେ ଛାଣି ଅଳ୍ପ ମହୁ ମିଶାଇ ଅଞ୍ଜନ ନେଲେ ନିଦ ଆସେ ନାହିଁ ।

## ନିର୍ଲୋମକରଣ

୧) ଲୋମଯୁକ୍ତ ସ୍ଥାନକୁ କ୍ଷୌର କରି ତହିଁରେ କୁସୁମ ତେଲ (କୁସୁମ ଫୁଲ ମଞ୍ଜିର ତେଲ) ମାଲିସ୍ କଲେ ଲୋମ ଉଠେ ନାହିଁ । ଯୋନି ନିର୍ଲୋମ କରଣାର୍ଥେ ଏହି ତୈଳ ବ୍ୟବହୃତ ହୁଏ ।

୨) ଘୋଡ଼ା ପିଚାର ମଳି ଲଗାଇଲେ ସେହି ସ୍ଥାନରେ ବାଳ ଉଠେ ନାହିଁ । କାଖ ଓ ଯୋନି ବାଳ ନିର୍ବାଳ କରିବାକୁ ଏହା ବ୍ୟବହୃତ ହୁଏ ।

## ବହୁମୂତ୍ର (ମଧୁମେହ)

୧) ସ୍ୱର୍ଣ୍ଣଭସ୍ମ ୬ ମସା, ଶୁଦ୍ଧଗନ୍ଧକ ୧ ତୋଳା, ଅଭ୍ର ଭସ୍ମ ୧ ତୋଳା, ଶୁଦ୍ଧ ପାରା ଏକ ତୋଳା ।

ପ୍ରଥମେ ପାରା ଓ ଗନ୍ଧକକୁ କଜ୍ଜଳୀ କରିବ (ଏକତ୍ର ବହୁ ସମୟ ମର୍ଦ୍ଦନ କରିବ) ତା'ପରେ କଦଳୀ ଫୁଲ ରସରେ ମର୍ଦ୍ଦନ କରି ସ୍ୱର୍ଣ୍ଣଭସ୍ମ ଆଦି ମିଶାଇ ଛାଇରେ ଶୁଖାଇ ଦୁଇ ରତି ହିସାବରେ ବଟିକା କରି ସକାଳ ଓ ସନ୍ଧ୍ୟାରେ ଗୋଟିଏ ଲେଖାଏଁ ବଟିକା ଦୁଇ ତୋଳା ଗୁଳୁଚି ରସରେ ଖାଇବ । ୨୧ ଦିନ ଖାଇଲେ ରୋଗମୁକ୍ତ ହେବ । (ଧନ୍ୱନ୍ତରୀ)

୨) ରସ ସିନ୍ଦୂର, ଅର୍ଜ୍ଜୁନ ଛେଲି ଚୂର୍ଣ୍ଣ ଏବଂ ବଙ୍ଗଭସ୍ମ ସମଭାଗ ନେଇ ମର୍ଦ୍ଦନ କରିବ । ଏହାର ସମଭାଗ ମିଶ୍ରି ମିଶାଇ ଶିମିଳି ଚେର ରସରେ ମର୍ଦ୍ଦନ କରି ବଟିକା କରିବ । ବଟିକା ମାତ୍ରା ୨ ରତି ଠାରୁ ୪ ରତି ।

ଦିନକୁ ଦୁଇଟି ବଟିକା ସକାଳ ଓ ସନ୍ଧ୍ୟାରେ ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ ।

୩) ଶୁଦ୍ଧ ଗନ୍ଧକ, କାନ୍ତ ଲୌହ ଭସ୍ମ ପ୍ରତ୍ୟେକରୁ ଅଧରତି ମିଶ୍ରିତ କରି ତୁଳସୀ ପତ୍ର ରସ ଓ ମହୁରେ ମିଶାଇ ଖାଇଲେ ୩ ଦିନରେ ଉପକାର ପାଇବ ଏବଂ ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ ।

୪) ଜାଇଫଳ, ଜାଇତ୍ରି, କନକ (ଧୁତୁରା) ମଞ୍ଜି, ଅଫିମ, ବଙ୍ଗଭସ୍ମ, ଅଭ୍ରଭସ୍ମ, ଲୌହଭସ୍ମ ସମଭାଗ ନେଇ ବେଲ ପତ୍ର ରସରେ ମର୍ଦ୍ଦନ କରି ଏକ ରତି ହିସାବରେ ବଟିକା କରି ଦିନକୁ ଦୁଇଟି ସକାଳ ଓ ସନ୍ଧ୍ୟାରେ ଖାଇ ଟିକିଏ ପାଣି ପିଇବ । ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ । ଧୁତୁରାମଞ୍ଜିକୁ ବାର ଘଣ୍ଟା ଗୋମୂତ୍ରରେ ବୁଡ଼ାଇ ରଖିବ । ତା'ପରେ ଭଲ କରି ଧୋଇ ଶୁଖାଇବ । ଏଥିରେ ଧୁତୁରାମଞ୍ଜି ଶୋଧିତ ହେଲା । ଏହି ମଞ୍ଜିକୁ ଔଷଧରେ ପକାଇବ । (ଧନ୍ୱନ୍ତରୀ)

୫) ବାବୁଲ ଗଛର କଅଁଳ ପତ୍ର ଏକ ତୋଳାକୁ ବାଟି ଅଧସେର ପାଣିରେ ମିଶାଇ ପ୍ରତିଦିନ ପାନ କରିବ । ଏହିପରି ତିନି ସପ୍ତାହ ପାନ କଲେ ରୋଗମୁକ୍ତ ହେବ । ଏହି ଔଷଧର ବିଶେଷତ୍ୱ ଏହି ଯେ ବହୁମୂତ୍ର ରୋଗ ଭଲ ହେବା ସଂଗେ ସଂଗେ ପ୍ରମେହ ରୋଗ ମଧ୍ୟ ଭଲ ହେବ ।

୬) ନାଗଭସ୍ମ (ସୀସାଭସ୍ମ) ମହୁ ସଙ୍ଗେ ଖାଇଲେ ମୂତ୍ରର ମାତ୍ରା କମ୍ ହୁଏ । ମାତ୍ରା – ନାଗଭସ୍ମ ଏକ ରତି ଠାରୁ ଦୁଇ ରତି ।

୭) ଆମ୍ରପତ୍ର ଅଥବା ଅଶୋକପତ୍ରର କ୍ୱାଥ ଖାଇଲେ ବହୁମୂତ୍ର ରୋଗରେ ଉପକାର ହୁଏ ।

୮) ଗୁଡ଼ମାରି ଗଛର ରସ ୨୦ ତୋଳା, ଚୂନପାଣି ୨୦ ତୋଳା, ଭୀମସେନୀ କର୍ପୂର ସୁକି ଓଜନ, ଗୁଜୁରାତି ଚୂର୍ଣ୍ଣ ୬ଅଣା ଓଜନ – ଏସବୁ ଦ୍ରବ୍ୟ ଏକତ୍ର କରି ଗୋଟିଏ ପାତ୍ରରେ ରଖି ମୁଖ ବନ୍ଦ କରି ସାତ ଦିନ ରଖିବ ଓ ତା'ପରେ ବ୍ୟବହାର କରିବ । ଏହାର ନାମ ଗୁଡ଼ମାରି । ଏହାର ଆସବ ମଧୁମେହ ରୋଗର ଶ୍ରେଷ୍ଠ ଔଷଧ ।

**ମାତ୍ରା** – ଏକତୋଳା ସକାଳ ଓ ସନ୍ଧ୍ୟାରେ ।

ଏହି ଔଷଧ ଖାଇବା ସମୟରେ ରୋଗୀକୁ ଯଥେଷ୍ଟ ଘୃତ ମିଶ୍ରିତ ଅନ୍ନ ଭୋଜନ କରାଇବ ।

## ଗୃଧ୍ରସି

**ଲକ୍ଷଣ** – ଗୃଧ୍ରସି ରୋଗ ପ୍ରଥମେ ନିତମ୍ବକୁ ଆକ୍ରମଣ କରେ, ପରେ ରୋଗ ବୃଦ୍ଧି ହେଲେ କ୍ରମଶଃ ଉରୁ, କଟୀ ଏବଂ ପଦଦ୍ୱୟକୁ ଆକ୍ରମଣ କରେ ।

୧) ଜଡ଼ାତେଲରେ ଭଜା ହୋଇଥିବା ଶୁଦ୍ଧ କୋଚିଲାମଞ୍ଜିର ଚୂର୍ଣ୍ଣ ତିନି ତୋଳା, ପିପ୍ପଳ ମୂଳ ଚୂର୍ଣ୍ଣ, ଶୁଣ୍ଠି ଚୂର୍ଣ୍ଣ, ଡ଼ାଲଚିନି ଚୂର୍ଣ୍ଣ, ଟାଙ୍ଗଣା ଖଇ, ଗୋଲମରିଚ ଚୂର୍ଣ୍ଣ ପ୍ରତ୍ୟେକରୁ ଦୁଇ ତୋଳା ଲେଖାଏଁ, କସ୍ତୁରୀ ସାତ ମସା, ଅମ୍ବର ଚାରିମସା, ସ୍ୱର୍ଣ୍ଣଭସ୍ମ ତିନି ମସା ।

କୋଚିଲା ମଞ୍ଜି ଚୂର୍ଣ୍ଣ ଠାରୁ ଗୋଲମରିଚ ଚୂର୍ଣ୍ଣ ପର୍ଯ୍ୟନ୍ତ ୬ଟି ଚୂର୍ଣ୍ଣ ଏକତ୍ର କରି ମର୍ଦ୍ଦନ କରିବ । ତା'ପରେ କସ୍ତୁରୀ, ଅମ୍ବର ଓ ସ୍ୱର୍ଣ୍ଣଭସ୍ମ ଏକତ୍ର ମର୍ଦ୍ଦନ କରିବ । ତା'ପରେ ଦୁଇ ଚୂର୍ଣ୍ଣକୁ ଏକତ୍ର କରି ବହୁତ ସମୟ ମର୍ଦ୍ଦନ କରି ଶିଶିରେ ରଖିବ । ଯେତେ ବେଶୀ ସମୟ ମର୍ଦ୍ଦନ କରିବ ତାର ଗୁଣ ସେତେ ବେଶୀ ହେବ । 'ମର୍ଦ୍ଦନଂ ଗୁଣବର୍ଦ୍ଧନଂ' ।

ମାତ୍ରା – ୪ ରତି ହିସାବରେ ବଟିକା କରିବ । ଦିନକୁ ୩ ଗୋଟି ବଟିକା ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟାରେ ମୁନ୍ନକା ଭିତରୁ ମଞ୍ଜି କାଢ଼ି ତା' ଭିତରେ ବଟିକା ପୁରାଇ ଗିଳିଦେବ, ଚୋବାଇବ ନାହିଁ । ତା'ଉପରେ ଉଷୁମ ଦୁଧ ପିଇବ ଅଥବା ୩/୪ଟା ମୁନ୍ନକା (ମଞ୍ଜି ବାହାର କରି) ଖାଇବ । ଲାଗ ଲାଗ ସାତ ଦିନରୁ ବେଶି ଏହି ଔଷଧ ଖାଇବ ନାହିଁ । ସାତ ଦିନରେ ରୋଗମୁକ୍ତ ନ ହେଲେ ସାତ ଦିନ ଛାଡ଼ି ପୁଣି ସାତ ଦିନ ଖାଇବ । (ଧନ୍ୱନ୍ତରୀ)

୨) ଜଡ଼ା ତେଲ ବାଇଗଣ ସିଦ୍ଧ କରି ସେବନ କଲେ ଗୃଧ୍ରସି ରୋଗ ରୋଗମୁକ୍ତ ହୁଏ । (ଚକ୍ରଦତ୍ତ)

୩) ଗୋମୂତ୍ର ସହିତ ଜଡ଼ାତେଲ ଏକମାସ ସେବନ କଲେ ଗୃଧ୍ରସି ଓ ଉରୁଗ୍ରହ ଶାନ୍ତ ହୁଏ । (ଚକ୍ରଦତ୍ତ)

୪) ପିପ୍ପଳୀ ଚୂର୍ଣ୍ଣ ଅଧତୋଳା, ଗୋମୂତ୍ର ଦୁଇ ତୋଳା ଓ ଜଡ଼ା ତେଲ ଦୁଇ ତୋଳା ଏକତ୍ର ସେବନ କଲେ ବାତକଫଜ ଚିରକାଳୋତ୍‌ଥିତ ଗୃଧ୍ରସି ଶାନ୍ତ ହୁଏ ।

୫) ମୃଦୁ ଅଗ୍ନିରେ ଗଙ୍ଗଶିଉଳି ପତ୍ରର କ୍ୱାଥ ପ୍ରସ୍ତୁତ କରି ପାନ କଲେ ଉତ୍କଟ ଗୃଧ୍ରସି ରୋଗ ଶାନ୍ତ ହୁଏ । (ଚକ୍ରଦତ୍ତ)

୬) ଶୋଧିତ ଗୁଗ୍‌ଗୁଳ ଦଶ ତୋଳା, ରାସ୍ନାମୂଳ ଚୂର୍ଣ୍ଣ ଆଠ ତୋଳା ଏକତ୍ର ଗାଈ ଘିଅରେ ମର୍ଦ୍ଦନ କରି ସୁକି ଓଜନରେ ବଟିକା କରିବ । ଏହି ବଟିକା ଗୋଟିଏ ଲେଖାଏଁ ଉଷ୍ଣଜଳ ସହିତ ପ୍ରାତଃକାଳରେ ଖାଇଲେ ଗୃଧ୍ରସି ବାତ ବିନଷ୍ଟ ହୁଏ । (ଚକ୍ରଦତ୍ତ)

## କଟିବାତ

ଏହି ଭୋଗରେ କଟି ଦେଶର ମାଂସପେଶୀ ପ୍ରଥମେ ଆକ୍ରାନ୍ତ ହୁଏ । ରୋଗୀ ସିଧା ହୋଇ ଠିଆ ହୋଇ ପାରେ ନାହିଁ କି ସିଧା ହୋଇ ବସିପାରେ ନାହିଁ । ଅଣ୍ଟା ଠାରୁ ପାଦ ପର୍ଯ୍ୟନ୍ତ ଯନ୍ତ୍ରଣା ହୁଏ ।

**ଚିକିତ୍ସା** - କାନ୍ଥ ପାଖରୁ ପ୍ରାୟ ଏକ ହାତ ଛାଡ଼ି କାନ୍ଥ ଆଡ଼କୁ ମୁହଁ କରି ଠିଆ ହୁଅ । ଦୁଇ ପାଦ ଏପରି ଯୋଡ଼, ଯେପରି ଦୁଇ ବୁଢ଼ା ଆଙ୍ଗୁଠି ଏବଂ ଦୁଇ ଗୋଇଠି ଲାଗି କରି ରହେ । କାନ୍ଥରେ ଗୋଟିଏ ଆଙ୍ଗୁଠି ଭରା ଦିଅ, ଯେପରି ଆଙ୍ଗୁଠିରେ ଠିଆ ହେଲା ବେଳେ ପଡ଼ି ନ ଯିବ । ତା'ପରେ ଗୋଡ଼ ଆଙ୍ଗୁଠି ଉପରେ ଠିଆ ହୁଅ, ଯେପରି ଗୋଇଠି ଟେକି ହୋଇ ରହେ । ମନେ ମନେ ୧୦୮ ପର୍ଯ୍ୟନ୍ତ ଗଣ । ତା'ପରେ ଗୋଇଠି ଉପରେ ଠିଆ ହୋଇ ମନେ ମନେ ୧୦୮ ପର୍ଯ୍ୟନ୍ତ ଗଣ । ଏହିପରି ସକାଳେ ଦୁଇଥର ସନ୍ଧ୍ୟାରେ ଅଥବା ରାତିରେ ଶୋଇବା ପୂର୍ବରୁ ଦୁଇଥର ଅଭ୍ୟାସ କଲେ ଦୁଇମାସ ଭିତରେ ରୋଗମୁକ୍ତ ହେବ । (ପରୀକ୍ଷିତ)

ଏହି ରୋଗରେ ଗୃଧ୍ରସିର ଚିକିତ୍ସା କଲେ ଶୀଘ୍ର ରୋଗମୁକ୍ତ ହେବ ।

ଯେଉଁମାନଙ୍କର ଗୋଡ଼ ମୋଡ଼ାଇବା ଅଭ୍ୟାସ ଅଛି, ସେମାନେ ରାତିରେ ଶୋଇବା ପୂର୍ବରୁ ଉପରୋକ୍ତ ମତେ ଆଙ୍ଗୁଠିରେ ଓ ଗୋଇଠିରେ ଠିଆ ହେଲେ ଆଉ ଗୋଡ଼ ମୋଡ଼ାଇବାକୁ ପଡ଼ିବ ନାହିଁ ଏବଂ ସୁଖରେ ନିଦ ହେବ ।

## ମନ୍ୟାସ୍ତମ୍ଭ

ଏହି ରୋଗରେ ବେକ ମୋଡ଼ିହୋଇ ରହେ ଓ ଏପାଖ ସେପାଖ କରିହୁଏ ନାହିଁ । ବେକରେ ପୁରୁଣା ଘିଅ ମାଲିସ୍ କରି ଅରଖପତ୍ର ତା ଉପରେ ପକାଇ ସେକ ଦେବ । ଏଥିରେ ଭଲ ନହେଲେ ବାତଗଜାଙ୍କୁଶ ବଟୀ ଖାଇବ ।

ବାତଗଜାଙ୍କୁଶ – ପାରାଭସ୍ମ, ଲୌହଭସ୍ମ, ଶୋଧିତ ଗନ୍ଧକ, ହରିତାଳ ଭସ୍ମ, ସ୍ୱର୍ଣ୍ଣମାକ୍ଷିଭସ୍ମ, ହରିଡ଼ା, କକଡ଼ ଶୃଙ୍ଗୀ, ଶୋଧିତ ମହୁରା, ଶୁଣ୍ଠି, ଗୋଲମରିଚ, ପିପ୍‌ପଳୀ, ଅଗିବଥୁ, ଟାଙ୍ଗଣାଖଇ ପ୍ରତ୍ୟେକ ସମାନ ମୁଣ୍ଡିକା ରସରେ ଏବଂ ବେଗୁନିଆ ରସରେ ତିନି ତିନି ଥର ଭାବନା ଦେଇ ସୋରିଷ ପରି ବଟିକା କରିବ । ସକାଳେ ଓ ସନ୍ଧ୍ୟାରେ ଗୋଟିଏ ଲେଖାଏଁ ବଟିକା ପାଣିରେ ଖାଇବ । ପସାରୁଣୀ ତେଲ ବେକରେ ମାଲିସ୍ କରିବ ।

## ବାତରୋଗ ଓ ପକ୍ଷାଘାତ

୧) ଅକରାକରା ଚୂର୍ଣ୍ଣ ଆଠ ତୋଳା, ଅଶ୍ୱଗନ୍ଧା ଏବଂ ଶୁଣ୍ଠି ପ୍ରତ୍ୟେକରୁ ଅଢ଼େଇ ତୋଳା, ଶୁଦ୍ଧ ଗୁଗ୍‌ଗୁଳ ଦଶତୋଳା, ଜଡ଼ା (ଏରଣ୍ଡ) ଚେର ଚତୁର୍ଥାଂଶ କ୍ୱାଥ ଏକସେର । ପ୍ରଥମେ କ୍ୱାଥରେ ଗୁଗ୍‌ଗୁଳ ପକାଇ କଲେଇକରା ପିତ୍ତଳ କରେଇରେ ପାକ କରିବ । ଯେତେବେଳେ ଏହି କ୍ୱାଥ ମହୁ ପରି ମୋଟା ହୋଇଯିବ, ସେତେବେଳେ ଅନ୍ୟ ଚୂର୍ଣ୍ଣସବୁ ଆସ୍ତେ ଆସ୍ତେ ପକାଇ କରଚୂଲୀରେ ଘାଣ୍ଟିବ । ସବୁ ମିଶି ଅବଲେହ ପରି ହୋଇଗଲେ ତହିଁରେ ଅଳ୍ପ ଘିଅ ମିଶାଇ ଲୁହା ହେମଦସ୍ତାରେ ପକାଇ ଖୁବ୍ କୁଟିବ । କୁଟା ଶେଷର ଦୁଇ ମସା ହିସାବରେ ବଟିକା କରିବ । ଦିନକୁ ଦୁଇ ଥର ବା ତିନି ଥର ଗୋଟିଏ ଗୋଟିଏ ବଟିକା ଜଡ଼ା ଚେର କ୍ୱାଥ ବା ଅଳ୍ପ ଉଷୁମ ଗାଈଦୁଧରେ ଖାଇବ । ଏହାଦ୍ୱାରା ଖଞ୍ଜତା, ପଙ୍ଗୁତା, କୁବ୍‌ଜତା, ଜିହ୍ୱାସ୍ତମ୍ଭ, ମନ୍ୟାସ୍ତମ୍ଭ, ଅର୍ଦ୍ଦିତ, ପକ୍ଷାଘାତ, ସନ୍ଧିବାତ, କମ୍ପବାତ ଆଦି ବାତ ରୋଗ, ହିଷ୍ଟିରିଆ ତଥା ହୃଦୟର ଅତ୍ୟଧିକ ସ୍ପନ୍ଦନ ରୋଗ ନାଶହୁଏ । (ଧନ୍ୱନ୍ତରୀ)

୨) ଶୁଦ୍ଧ ପାରଦ, ଶୁଦ୍ଧ ଗନ୍ଧକ, ନାଗଭସ୍ମ, ବଙ୍ଗଭସ୍ମ, ଲୌହଭସ୍ମ, ତାମ୍ରଭସ୍ମ, ଅଭ୍ରଭସ୍ମ, ପିପ୍‌ପଳୀ, ଟାଙ୍ଗଣାଖଇ, ଗୋଲମରିଚ ଚୂର୍ଣ୍ଣ, ଶୁଣ୍ଠି ପ୍ରତ୍ୟେକରୁ ଏକ ତୋଳା ଲେଖାଏଁ, ଶୁଦ୍ଧ ବଛନାଗ ୪ ୧/୨ ତୋଳା । ପ୍ରଥମେ ପାରା ଓ ଗନ୍ଧକକୁ ଏକତ୍ର ମର୍ଦ୍ଦନ କରି କଜ୍ଜଳୀ କରିବ । ତା'ପରେ ସମସ୍ତ ପ୍ରକାର ଭସ୍ମ ମିଶାଇ ମର୍ଦ୍ଦନ କରିବ । ଶେଷରେ ପିପ୍‌ପଳୀ, ଟାଙ୍ଗଣା ଖଇ, ଗୋଲମରିଚ ଚୂର୍ଣ୍ଣ, ଶୁଣ୍ଠୀ ଚୂର୍ଣ୍ଣ ମିଶାଇ ତ୍ରିକଟୁ କ୍ୱାଥ, ତ୍ରିଫଳା କ୍ୱାଥ, ଚିତାପାରୁ ଚେର କ୍ୱାଥ, ଭୃଙ୍ଗରାଜ ରସ, କୁଢ଼ କ୍ୱାଥ, ବେଗୁନିଆଁ (ନିର୍ଗୁଣ୍ଡି) ପତ୍ର ରସ, ଅରଖ କ୍ଷୀର, ଅଁଳା ରସ, ଅଦା ରସ ଏବଂ ଲେମ୍ବୁ ରସରେ ତିନି ଥର ଭାବନା ଦେଇ ଏକରତି ହିସାବରେ ବଟିକା କରିବ ।

**ମାତ୍ରା** – ଗୋଟିଏ ବା ଦୁଇଟି ବଟିକା ଦିନକୁ ତିନି ଥର ତୀବ୍ର ବାତ ରୋଗରେ ଅଦା ରସ ସହିତ ବା ମହୁ ସହିତ ଖାଇବ । ଆମବାତ ରୋଗରେ ଜଡ଼ାତେଲ ଓ ଘିଅ ସହିତ ଖାଇବ ।

ଏହି ଔଷଧରେ ବାତ ବିକାର ଶୂଳ, କଫପ୍ରକୋପଜାତ ରୋଗ, ଗ୍ରହଣୀ – ସନ୍ନିପାତ, ଅପସ୍ମାର, ମନ୍ଦାଗ୍ନି ପିତୋଦର, ପ୍ଲୀହାବୃଦ୍ଧି, କୁଷ୍ଠ, ଅର୍ଶ, ସ୍ତ୍ରୀଲୋକଙ୍କର ଗର୍ଭାଶୟରେ ବିକୃତି ହେତୁ ରୋଗ ନଷ୍ଟ ହୁଏ ।

## ଆମବାତ ଆଣ୍ଠୁଗଣ୍ଠି ବାତ

୧) ବାସଙ୍ଗପତ୍ର ରସ ଏକ ତୋଳା ଓ ଘିଅ ଏକ ତୋଳା ଏକତ୍ର ମିଶାଇ ସେଥିରେ ଏକ ରତି ହରିତାଳ ଭସ୍ମ ପକାଇ ସକାଳେ ଓ ସନ୍ଧ୍ୟାରେ ଖାଇବ । ଏହିପରି ସାତ ଦିନ ବା ଚଉଦ ଦିନ ଖାଇବା ଆବଶ୍ୟକ ।

**ପଥ୍ୟ** – କେବଳ ଦୁଧ ରୁଟି ବା ଘିଅ ରୁଟି ।

୨) ଶୋଧିତ କୋଚିଲାମଞ୍ଜି ଚୂର୍ଣ୍ଣ, ସମଭାଗ ଗୋଲମରିଚ ଚୂର୍ଣ୍ଣ ଏକତ୍ର କରି ପାଣିରେ ଦୁଇ ରତି ହିସାବରେ ବଟିକା କରି ରସସିନ୍ଦୂର ଖଲରେ ମର୍ଦ୍ଦନ କରି ତା ଉପରେ ଉପରୋକ୍ତ ବଟିକାଟି ଗଡ଼ାଇଲେ ତାହା ଲାଲ ବର୍ଣ୍ଣ ହୋଇଯିବ । ଏହି ବଟିକାରୁ ଗୋଟିଏ ସକାଳେ ଛଡ଼ାମୃତ ସହିତ ଏବଂ ସନ୍ଧ୍ୟାରେ ପାନ ପତ୍ର ରସ ସହିତ କିଛି ଦିନ ଖାଇଲେ ରୋଗମୁକ୍ତ ହେବ । ଔଷଧ ଖାଇବା ପୂର୍ବରୁ ଝାଡ଼ା ସଫା କରାଇ ଔଷଧ ଖାଇବ । ଛଡ଼ାମୃତ ୩ ତୋଳା ଠାରୁ ୫ ତୋଳା ଦେବ ।

ପଥ୍ୟ – ଲୁଣ, ଲଙ୍କାମରିଚ ଏବଂ ଖଟା ଖାଇବ ନାହିଁ । ଦୁଧ ଯଥେଷ୍ଟ ଖାଇବ । ଦୁଧ ଭାତ ଅଥବା ଭାତରେ ଯଥେଷ୍ଟ ଘିଅ ଦେଇ ଖାଇବ ।

୩) ଯୋଗରାଜ ଗୁଗ୍‌ଗୁଳ ରାସ୍ନାଦି କ୍ୱାଥ ସହିତ ଅନ୍ତତଃ ୩ ମାସ ଖାଇଲେ ଆଣ୍ଠୁଗଣ୍ଠି ବାତ ନିର୍ମୂଳ ହୋଇଯାଏ । ଯେଉଁମାନଙ୍କର ଆଣ୍ଠୁଗଣ୍ଠି ବାତ ବାରମ୍ବାର ହୁଏ, ସେମାନଙ୍କ ପାଇଁ ଏହି ଔଷଧ ସର୍ବଶ୍ରେଷ୍ଠ ।

ଯୋଗରାଜ ଗୁଗ୍‌ଗୁଳ କବିରାଜଙ୍କ ଠାରୁ କିଣିବାକୁ ହେବ ।

ରାସ୍ନାଦି – ରାସ୍ନା, ପୁନର୍ନବା, ଶୁଣ୍ଠି, ଗୁଳୁଚି ଏବଂ ଜଡ଼ା ଚେର ସର୍ବ ସମଷ୍ଟି ଦୁଇ ତୋଳା ୩୨ ତୋଳା ପାଣିରେ ସିଦ୍ଧ କରି ଚାରି ତୋଳା ରହିଲେ ଛାଣି ଯୋଗରାଜ ଗୁଗ୍‌ଗୁଳ ସଙ୍ଗେ ଖାଇବ ।

୪) ଅଷାଢୁଆ ଛେଲି ଏକ ତୋଳା, ଗୋଲମରିଚ ୨୧ଟା ଏକତ୍ର ଗାଈ ଦୁଧରେ ବାଟି ଖାଇବ । ଦିନକୁ ଦୁଇ ପାନ କରି ସକାଳ ଓ ସନ୍ଧ୍ୟାରେ ସାତ ପାନ ଖାଇବ ।

ପଥ୍ୟ – ଲୁଣ, ଖଟା, ଶାଗ, ଔଷଧ ଖାଉଥିବା ଦିନ ଖାଇବ ନାହିଁ ।

୫) ମୁତୁରୀ ଚେରର ଚୂର୍ଣ୍ଣ, ଗୋଲ ମରିଚର ଚୂର୍ଣ୍ଣ ସମଭାଗ ଏକତ୍ର ପାଣି ଦେଇ ମର୍ଦ୍ଦନ କରି ବୁଟ ପରି ବଟିକା କରିବ । ସକାଳେ ଦୁଇଟି ବଟିକା ଏବଂ ସନ୍ଧ୍ୟାରେ ଦୁଇଟି ବଟିକା ଏହିପରି ଏକ ମାସ ଏହି ଔଷଧ ଖାଇବ । ମେହରୋଗ ଏହି ଔଷଧରେ ମଧ୍ୟ ଭଲ ହୁଏ ।

୬) ବୃଦ୍ଧଦାରକ ଚେର ଏକ ତୋଳା, ଅରଖ ଚେର ଏକ ତୋଳା, ଚିତାପାରୁ ଅଧତୋଳା । ଗୋଲମରିଚ ଅଧତୋଳା – ଏ ସମସ୍ତର ଚୂର୍ଣ୍ଣ ଏକତ୍ର ପାଣିରେ ମର୍ଦ୍ଦନ କରି ବଡ଼ କାନ୍ଦୁଲ ପରି ବଟିକା କରିବ । ସକାଳେ ଗୋଟିଏ ବଟିକା ଓ ସନ୍ଧ୍ୟାରେ ଗୋଟିଏ ବଟିକା ଖାଇବ । ଏହିପରି ୫ ଦିନ ଖାଇଲେ ରୋଗମୁକ୍ତ ହେବ ।

**ପଥ୍ୟ** – ଆମିଷ , ଖଟା, ଶାଗ, ରାଗ ନିଷେଧ ।

୭) ବୃଦ୍ଧଦାରକ ଚେର, ଅରଖ ଚେର, କୃଷ୍ଣ ଦୁଦୁରା ପତ୍ର ରସ ପ୍ରତ୍ୟେକରୁ ୫ ତୋଳା, ମହୁରା (ମେଣ୍ଢାଶିଙ୍ଗିଆ) ୨ ୧/୨ ତୋଳା ସୋରିଷ ତେଲରେ ତୈଳପାକ କରିବ । ଥଣ୍ଡା ହେଲେ ଛାଣିକରି ଶିଶିରେ ରଖିବ । ଗୋଟିଏ ଲିଆକୁ ଏହି ତୈଳରେ ବୁଡ଼ାଇ ସକାଳେ ଖାଲିପେଟରେ ଖାଇ ଦୁଧ ପିଇବ । ଦିନକୁ ଥରେ କରି ଏହିପରି ୧୫ ଦିନ ଖାଇବା ଆବଶ୍ୟକ । ଏହି ତୈଳକୁ ଦୁଧରେ ମିଶାଇ ମାଲିସ କରିବ ।

## ଅତିସାର (ଅଜୀର୍ଣ୍ଣ ଝାଡ଼ା)

ଅତ୍ୟଧିକ ଭୋଜନ, ଗରିଷ୍ଠ ପଦାର୍ଥ ଭୋଜନ, ଅଧିକ ସ୍ନିଗ୍ଧ ପଦାର୍ଥ ଅଥବା ଅଧିକ ତୀକ୍ଷ୍ଣ ଗରମ ବା ଶୀତଳ ପଦାର୍ଥ ଭୋଜନ, ଖାଦ୍ୟ ପଦାର୍ଥ ଜୀର୍ଣ୍ଣ ନହୋଇ ପୁନରପି ଭୋଜନ, ଅସମୟରେ ଭୋଜନ ଉଦର କୃମି ଜାତ, ଶୋକ ଓ ଭୟରୁ ପକ୍ୱାଶୟସ୍ଥିତ ସମାନ ବାୟୁ ଏବଂ ପାଚକ ପିତ୍ତ କ୍ଲେଦନ କଫ ବିକୃତ ହୋଇ ଅତିସାର ଜାତ ହୁଏ । ଅତଏବ ଅତିସାରର ଏକମାତ୍ର କାରଣ ଅତିଶୟ ଅଜୀର୍ଣ୍ଣ । ଅଜୀର୍ଣ୍ଣକୁ ଶାନ୍ତ କରିବାକୁ ହେଲେ ଲଙ୍ଘନ (ଉପବାସ) କରିବା ଉଚିତ୍ । ବଳିଷ୍ଠ ଲୋକଙ୍କର କେବଳ ଲଙ୍ଘନରେ ଅତିସାର ରୋଗ ଶାନ୍ତ ହୁଏ । ଦୁର୍ବଳ ଲୋକମାନେ ଲଙ୍ଘନ (ଉପବାସ) ସମୟରେ ଚହ୍ଲା, ନଡ଼ିଆପାଣି, ବାର୍ଲି, ଲେମ୍ବୁ, ମିଶ୍ରି ସର୍ବତ ଅଥବା ଲେମ୍ବୁ ଗରମ ପାଣି ଏବଂ ତହିଁରେ ସାମାନ୍ୟ ଲୁଣ ପକାଇ ଖାଇବା ଉଚିତ୍ । ବେଶି ଲଙ୍ଘନ କରି ଦେହକୁ ଦୁର୍ବଳ କରିବା ଉଚିତ୍ ନୁହେଁ, ଅତିସାର ରୋଗରେ ପତଳା ଝାଡ଼ା ହୁଏ ।

**ଚିକିତ୍ସା** –

୧) ଶୁଣ୍ଠି ଏବଂ ଜାଇଫଳକୁ ଘୋରି ଏକ ଛଟାଙ୍କି ପାଣିରେ ମିଶାଇ ରୋଗୀକୁ ଖାଇବାକୁ ଦେବ ।

**ମାତ୍ରା** – ଶୁଣ୍ଠି ଓ ଜାଇଫଳ ପ୍ରତ୍ୟେକରୁ ଦୁଇ ଅଣି ଓଜନ ।

୨) ମୋଚରସ, ନାଗରମୁଥା, ଶୁଣ୍ଠି, ଫଣଫଣା ଓ ଧାତୁକି ଫୁଲ – ଏ ସମସ୍ତର ଚୂର୍ଣ୍ଣ ଏକତ୍ର କରି ରଖିବ ।

**ମାତ୍ରା** – ପାଣି ସହିତ ସୁକି ଓଜନ ଖାଇବ ।

୩) ଗୋଟିଏ ଜାଇଫଳ ଭିତରେ ତିନି ରତି ଅଫିମ ପୂରାଇ ଜାଇଫଳକୁ ଲେମ୍ବୁ ଭିତରେ ପୂରାଇ ତା ଉପରେ ମାଟି ଓ କନା ଦେଇ ଖରାରେ ଶୁଖାଇ ନିଆଁରେ ପୋଡ଼ିବ, ଯେପରି ଭିତରେ ଥିବା ଜାଇଫଳ ଭସ୍ମ ହୋଇନଯାଏ । ତାପରେ ଜାଇଫଳକୁ କାଢ଼ି ଚୂର୍ଣ୍ଣ କରି ପାଣି ଦେଇ ୧୦/୧୨ଟି ବଟିକା କରିବ ।

ମାତ୍ରା – ଦୁଇଟି ବଟିକା ଏକ ସଙ୍ଗେ ଖାଇବ । ଦିନକୁ ୩ ପାନ ।

୪) ଫଣଫଣା ଗଛର କଞ୍ଚାଛାଲି ଏକ ସେରକୁ ଚାରି ସେର ପାଣିରେ ସିଝାଇବ । ଅବଶେଷ ଏକ ସେର ରହିଲେ ତାହା ଛାଣି ସେଥିରେ ଏକ ସେର ଡ଼ାଳିମ୍ବରସ ପକାଇ ପୁଣି ସିଝାଇବ । ଏହି ପାଣି ହଳଦିଆ ହେଲା ପରେ ସେଥିରେ ନାଗରମୁଥା, ଯବକ୍ଷାର, ବିଟ ଲବଣ, ଇନ୍ଦ୍ରଯବ, ସଚଳ ଲବଣ, ସୈନ୍ଧବ ଲବଣ, ଧାତୁକି ଫୁଲ ଏବଂ ପିପ୍‌ପଳୀ ପ୍ରତ୍ୟେକରୁ ଦୁଇ ତୋଳା ଲେଖାଏଁ ନେଇ ଚୂର୍ଣ୍ଣ କରି ମିଶାଇବ । ଉପରୋକ୍ତ ପଦାର୍ଥ ଥଣ୍ଡା ହେଲେ ସେଥିରେ ଏକପାଆ ମହୁ ମିଶାଇ ଦେବ । ଉପରୋକ୍ତ ଚଟଣିରୁ ଏକ ତୋଳା ହିସାବରେ ଦିନକୁ ଦୁଇ ଥର ଖାଇଲେ ଅତିସାର, ସଂଗ୍ରହଣୀ ଭଲ ହୁଏ ।

୫) ଶୁଣ୍ଠି ଚୂର୍ଣ୍ଣ ୫ ତୋଳା, କଳାଲୁଣ ଅଢେଇ ତୋଳା, ଟାଙ୍ଗଣା ଖଇ ୧ ତୋଳା, ଘିଅରେ ଭଜା ହୋଇଥିବା ହିଙ୍ଗୁ ଦଶ ଅଣା ଓଜନ, ସଜନା ଗଛ ଚେରର ରସ ଦଶ ତୋଳା । ଉପରୋକ୍ତ ୪ଟି ଶୁଖିଲା ପଦାର୍ଥକୁ ଗୋଟିଏ ଖଲରେ ମର୍ଦ୍ଦନ କରି ସେଥିରେ ସଜନା ପତ୍ରର ରସ ପକାଇ ପୁନର୍ବାର ମର୍ଦ୍ଦନ କରି ୫୪ଟି ବଟିକା କରି ଖରାରେ ଶୁଖାଇ ଶିଶିରେ ରଖିବ ଏବଂ ଶିଶିର ମୁହଁକୁ ଭଲ କରି ବନ୍ଦ କରିବ, ଯେପରି ପବନ ଭିତରକୁ ନ ଯାଏ ।

**ମାତ୍ରା** – ରୋଗର ସାଧାରଣ ଅବସ୍ଥାରେ ସକାଳ ଓ ସନ୍ଧ୍ୟାରେ ଗୋଟିଏ ଲେଖାଏଁ ବଟିକା ଗରମ ଜଳ ସହିତ ଖାଇବ । ରୋଗ ବେଶି ଦିନର ହୋଇଥିଲେ ପ୍ରତି ୪ ଘଣ୍ଟାରେ ଗୋଟିଏ ଲେଖାଏଁ ବଟିକା ଗରମ ଜଳ ସହିତ ଖାଇବ ।

**ଗୁଣ** – ଅତିସାର, ଆମାତିସାର, ବାତଗୁଳ୍ମ, ଉଦରଶୂଳ, ଆଧ୍ମାନ, ଉଦାର କୃମି ଏବଂ ଅରୁଚି ନାଶକ ।

୬) ଜାଇଫଳ, ଲବଙ୍ଗ, ଜୀରା, ଟାଙ୍ଗଣା ଖଇ ପ୍ରତ୍ୟେକରୁ ଏକ ତୋଳା ଚୂର୍ଣ୍ଣ କରି ଶିଶିରେ ରଖିବ ।

**ମାତ୍ରା** – ସୁକି ଓଜନ ଚୂର୍ଣ୍ଣ, ଅଧତୋଳା ମହୁ ଓ ଅଧତୋଳା ଚିନି ସହ ସକାଳ ଓ ସନ୍ଧ୍ୟାରେ ଖାଇବ । (ପରୀକ୍ଷିତ)

୭) ବୟସ ଅନୁସାରେ, ହେମ କେଦାର ପତ୍ର ଗୋଟିଏ, ଅଧା ବା ଏକ ଚତୁର୍ଥାଂଶ, ସେଥିରେ ଗୋଲ ମରିଚ (ବୟସ୍କଙ୍କ ପାଇଁ ୧୫ଟି, ବାଳକଙ୍କ ପାଇଁ ୫ଟି, ଶିଶୁଙ୍କ ପାଇଁ ୩ଟି ଏବଂ ଏକ ବର୍ଷରୁ କମ ଶିଶୁଙ୍କ ପାଇଁ ଗୋଟିଏ) ପକାଇ ବାଟି, ପାଣିରେ ମିଶାଇ ଖୁଆଇବ ।

## ଆମାତିସାର (ନାଳ ଝାଡ଼ା)

୧) ଶୁଦ୍ଧ ହିଙ୍ଗୁଳ ୪ ମସା, ଗୋଲ ମରିଚ ଚୂର୍ଣ୍ଣ ୯ ମସା, ଅଫିମ ୯ ମସା, ଟାଙ୍ଗଣା ଖଇ ୫ ମସା । ଘିଅରେ ଭଜା ହୋଇଥିବା ହିଙ୍ଗୁ ୯ ମସା ।

ହିଙ୍ଗୁଳକୁ ଲେମ୍ବୁ ରସରେ ମର୍ଦ୍ଦନ କରିବ । ତା ପଛକୁ ଅଫିମକୁ ହିଙ୍ଗୁଳ ସଙ୍ଗେ ମିଶାଇ ୬ ଘଣ୍ଟା କାଳ ମର୍ଦ୍ଦନ କରିବ । ଶେଷରେ ବାକି ସବୁ ପଦାର୍ଥ ମିଶାଇ ମର୍ଦ୍ଦନ କରିବ । ମର୍ଦ୍ଦନ ପରେ ସାମାନ୍ୟ ପାଣି ମିଶାଇ ମୁଗ ପରି ବଟିକା କରିବ ।

ମାତ୍ରା – ବଳାବଳ ଅନୁସାରେ ଗୋଟିଏ ଠାରୁ ତିନୋଟି ବଟିକା ଏକ ସଙ୍ଗେ ଦିଆଯାଇପାରେ ।

ଗୁଣ – ଅତିସାର, ସଂଗ୍ରଣୀ, ଆମାତିସାର, ବିସୂଚିକା ରୋଗ ନାଶ କରେ । ଝାଡ଼ା ବନ୍ଦ ନହେଲେ ପ୍ରତି ଝାଡ଼ା ପରେ ଗୋଟିଏ ବା ଦୁଇଟି ବଟିକା ଖାଇବ ।

୨) ଗୋଟିଏ ଛୋଟ ପିଆଜକୁ ମୁଣ୍ଡ ଆଡୁ ଦୁଇ ଫାଳ କରି କାଟିବ, ଯେପରି ଛିଣ୍ଡି ନଯାଏ । କଟା ଜାଗାରେ ଚୂନ ଲଗାଇ (ଯେପରି ପାନରେ ଚୂନ ଲଗାଯାଏ) ଯୋଡ଼ି ଦେଇ କାଗଜରେ ଗୁଡ଼ାଇ ସୂତାରେ ବାନ୍ଧି ଅଧଘଣ୍ଟା ରଖିବ । ତା'ପରେ ସମୁଦାୟ ପିଆଜକୁ ଖାଇଲେ ନାଳଝାଡ଼ା ଓ ନାଳରକ୍ତ ଝାଡ଼ା ଏକପାନରେ ୨୪ ଘଣ୍ଟା ଭିତରେ ଭଲ ହୁଏ । (ବହୁ ପରୀକ୍ଷିତ)

ନାଳରକ୍ତ ବା ନାଳଝାଡ଼ା ହେଲେ ଗାଧୋଇବ ନାହିଁ ଏବଂ ପେଟରେ ଥଣ୍ଡା ଲଗାଇବ ନାହିଁ ।

## ରକ୍ତାତିସାର (ରକ୍ତଝାଡା)

୧) କଞ୍ଚା କେରୁଆଛାଲି ଆଠ ତୋଳା, ୬୪ ତୋଳା ପାଣିରେ ସିଝାଇ ୧୬ ତୋଳା ଅବଶେଷ ରଖି ଛାଣିବ । ସେଥିରେ ୧୬ ତୋଳା ଡ଼ାଳିମ୍ବ ଫଳ ରସ ମିଶାଇ ପୁନର୍ବାର ପାକ କରିବ । ଯେତେବେଳେ ଏହା ଗୁଡ଼ ପରି ବହଳିଆ ହୋଇଯିବ, ଚୁଲୀରୁ ଓହ୍ଲାଇ ରଖିବ । ଏହି ଅବଲେହ ଏକ ତୋଳା ପରିମାଣ ଦିନକୁ ଦୁଇଥର ଖାଇଲେ ଆସନ୍ନ ମୃତ୍ୟୁ କବଳିତ ରକ୍ତାତିସାର ରୋଗୀ ମଧ୍ୟ ଜୀବନଲାଭ କରେ । (ବଙ୍ଗସେନ)

୨) କଞ୍ଚା ଡ଼ାଳିମ୍ବ ଚୋପା ଦୁଇ ତୋଳା, କେରୁଆ ଛାଲି ଦୁଇ ତୋଳା ୬୪ ତୋଳା ପାଣିରେ ସିଝାଇ ଅବଶେଷ ଆଠ ତୋଳା ରଖି ଛାଣିବ । ଏହି କ୍ୱାଥରେ ମହୁ ମିଶାଇ ସେବନ କଲେ ପ୍ରବଳ ରକ୍ତାତିସାର ଭଲ ହୁଏ । (ଭାବପ୍ରକାଶ)

୩) ବରକୋଳି ଗଛର ଛାଲିର ଚୂର୍ଣ୍ଣ ଛେଳି ଦୁଧରେ ମିଶାଇ ଖାଇଲେ ରକ୍ତହଗା ବନ୍ଦ ହୁଏ । (ଚକ୍ରଦତ୍ତ) ।

ମାତ୍ରା – ଛାଲିର ଚୂର୍ଣ୍ଣ ସୁକି ଓଜନ ଠାରୁ ଅଧୁଲି ଓଜନ ।

୪) ଜାମୁକୋଳି ଗଛର ଛାଲି ଅଧତୋଳା ଅଥବା ଶୁଖିଲା ଛାଲି ଚୂର୍ଣ୍ଣ ସୁକି ଓଜନ, ଛେଳି ଦୁଧ ଏକ ଛଟାଙ୍କି ଏବଂ ମହୁ ଦୁଇ ଚାମଚ ମିଶାଇ ଖାଇଲେ ରକ୍ତହଗା ବନ୍ଦ ହୁଏ । (ଚକ୍ରଦତ୍ତ)

୫) ବର ଓହଳକୁ ଚାଉଳଧୁଆ ପାଣିରେ ବାଟି ଘୋଳ ଦହି ମିଶାଇ ଖାଇଲେ ରକ୍ତାତିସାର ଭଲ ହୁଏ । ମାତ୍ରା – ବର ଓହଳ ଅଧଭରି ।

## ଆମରକ୍ତାତିସାର (ନାଳରକ୍ତ ଝାଡା)

୧) ଅରଖ ଚେର (କଞ୍ଚା) ଦୁଇ ଅଣି ଓଜନ ବା ଶୁଖିଲା ଏକ ଅଣା ଓଜନ ସହିତ ଏକ ରତି ଅଫିମ ମିଶାଇ ଖାଇଲେ ଆମରକ୍ତାତିସାର ଭଲ ହୁଏ । ପିଲାଙ୍କୁ ଏ ଔଷଧ ଦେବ ନାହିଁ ।

୨) କୋରୁଆ ଛାଲିର କ୍ୱାଥ ସକଳ ପ୍ରକାର ଆମରକ୍ତାତିସାର ହରଣ କରେ । (ସୁଶ୍ରୁତ)

୩) ପିଜୁଳି ଗଛର ଅଗିପତ୍ର (କଅଁଳ ପତ୍ର) ଏକତୋଳା ଓ ସେଥିରେ ସୁଉକି ଓଜନ ଅଦା ମିଶାଇ ପାଣି ନଦେଇ ବାଟି ସାତଟି ବଟିକା କରିବ । ରୋଗୀକୁ ଅଧଘଣ୍ଟାକ ଭିତରେ ସେହି ସାତଟି ବଟିକା ଖୁଆଇ ଦେବ ଅର୍ଥାତ୍ ପ୍ରତି ୪ ମିନିଟ୍‌ରେ ଗୋଟିଏ ବଟିକା ଖୁଆଇ ଟିକିଏ ପାଣି ପିଇବାକୁ ଦେବ । ସକାଳେ ଖାଲି ପେଟରେ ବାସି ପାଣିରେ ଏହି ଔଷଧ ଖାଇବ । ଏକା ଦିନକେ ନାଳରକ୍ତ ଝାଡ଼ା ବନ୍ଦ ହୁଏ । ଯଦି ନହୁଏ ତା' ପରଦିନ ଆଉ ସାତଟି ବଟିକା ଦେବ । ନିଶ୍ଚୟ ଭଲ ହେବ । (ବହୁ ପରୀକ୍ଷିତ)

**ମାତ୍ରା –** ଉପରୋକ୍ତ ଔଷଧ ପୂର୍ଣ୍ଣ ବୟସ୍କଙ୍କ ପାଇଁ । ବାଳକ ପାଇଁ ଅର୍ଦ୍ଧମାତ୍ରା, ଶିଶୁ ପାଇଁ ସୁକି ମାତ୍ରା ।

ଛୋଟ ପିଲା ବଟିକା ଗିଳି ନ ପାରିଲେ ପାଣିରେ ଗୋଳାଇ ଦେବ । ଅତି ଛୋଟ ପିଲା ଉପରୋକ୍ତ ଔଷଧ ଖାଇ ନ ପାରିଲେ ନିମ୍ନଲିଖିତ ଔଷଧ ଦେବ ।

ହରିହରିକା (ଚିତାକୁଟି) ଗଛର ସାତଟି ପତ୍ରକୁ ସାମାନ୍ୟ ଟିକିଏ ଜାଇଫଳ ସଙ୍ଗେ ବାଟି ପାଣିରେ ମିଶାଇ ଦିନକୁ ୩ପାନ ପିଆଇଲେ ଭଲ ହୁଏ । (ବହୁ ପରୀକ୍ଷିତ)

## ଅଷ୍ଟାର୍ତବ, କଷ୍ଟାର୍ତବ

ବାଦାମ ସାତଟି ଓ ଖଜୁରି ଗୋଟିଏ ରାତିରେ ପାଣିରେ ଭିଜାଇ ରଖିବ । ସକାଳୁ ବାଦାମର ଚୋପା ଏବଂ ଖଜୁରର ମଞ୍ଜି ବାହାର କରି ପକାଇ ଦେବ । ବାଦାମ ଓ ଖଜୁରକୁ ଭଲ କରି ବାଟିବ ।

ସେଥିରେ ଏକ ରତି ଜାଫ୍ରାନ୍‌କେଶର ଏବଂ ଦୁଇ ତୋଳା ଲହୁଣି ମିଶାଇ ଖାଇବ । ଏହିପରି ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ ।

**ପଥ୍ୟ** – ଗରମ ପଦାର୍ଥ ଏବଂ ଖଟା ଖାଇବ ନାହିଁ ।

## ଯୋନି କଣ୍ଡୁ

ଅଗସ୍ତି ଛାଲିର ରସରେ କନା ତିନ୍ତାଇ ସେହି କନା ଯୋନିରେ ଧାରଣ କଲେ ଯୋନିକଣ୍ଡୁ ଭଲ ହୁଏ ।

## ଯୋନିଦାହ

ଅଣସୋରିଷା ଗଛର ଚେର ଚାଉଳଧୂଆ ପାଣିରେ ବାଟି ପିଇବ । (ଭାବପ୍ରକାଶ)

## ଯୋନି ଶୂଳ

ଦୁଇଟି ଅପାମାରଗଙ୍ଗ ପତ୍ର ଯୋନିରେ ପ୍ରବେଶ କରାଇଲେ ତତ୍‌କ୍ଷଣାତ୍ ଯୋନି ଶୂଳ ବନ୍ଦ ହୁଏ । (ରାଜମାର୍ତ୍ତଣ୍ଡ)

## କୋଷଟଣା

ଅଦାରସରେ ମହୁ ମିଶାଇ ଖାଇଲେ କୋଷଟଣା ଭଲ ହୁଏ । (ଶାରଙ୍ଗଧର)

## ଅନ୍ତକୋଷ

୧) ସୁକି ଓଜନ ଉତୁରୁଡ଼ି ଚେର, ସୁକି ଓଜନ କଞ୍ଚା ଲଙ୍କାମରିଚ ଏକତ୍ର ବାଟି ସକାଳେ ଖାଲି ପେଟରେ ଖାଇବ । ସେଦିନ କେବଳ ଦୁଧ ଭାତ ଲଙ୍କାମରିଚ ଲଗାଇ ଖାଇବ । ଆଉ କିଛି ଖାଇବ ନାହିଁ । ଏକ ମାସ ପରେ ଉପରୋକ୍ତ ମତେ ଆଉ ଏକ ପାନ ଖାଇବ । ଉତୁରୁଡ଼ି ଚେର କଞ୍ଚା ଆଣିବ । ଶୁଖିଲା ହେଲେ ଦୁଇ ଅଣି ଓଜନ ଖାଇବ । ଏହି ଔଷଧ ଖାଇଲେ ଯଦି ବାନ୍ତି ହୋଇଯାଏ, ତେବେ ଭୟ କରିବ ନାହିଁ । ମାତ୍ରା କମ୍ କରି ଲାଗ୍ ଲାଗ୍ ୩ ଦିନ ଖାଇବ ।

୨) ଏକମୁଣ୍ଡି ରସୁଣ ଗୋଟିଏ, ମୁଣ୍ଡା ହଳଦୀ, ଉତୁରୁଡ଼ି ଚେର ସମଭାଗ ଏକତ୍ର ବାଟି ୩ ପାନ କରିବ । ଦିନକୁ ୨ ପାନ, ତା ପରଦିନ ଏକ ପାନ ଖାଇଲେ ଅନ୍ତକୋଷ ଭଲ ହୁଏ । ବୟସ ଅନୁସାରେ ଛୋଟ ପିଲାଙ୍କ ପାଇଁ ମାତ୍ରା କମ୍ କରିଦେବ । ପଥ୍ୟ – କେବଳ ଦୁଧ ।

୩) ଦାରୁ ହଳଦୀର ଚୂର୍ଣ୍ଣ ଅଧତୋଳା, ସେଥିରେ ୩/୪ ତୋଳା ଛଡ଼ାମୂତ ମିଶାଇ ଖାଇବ । ଅନ୍ତତଃ ସାତ ଦିନ ବା ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ । (ବାଗ୍‌ଭଟ୍ଟ)

## ଏକଶିରା ଓ କୋଷବୃଦ୍ଧି

୧) ଧୋବ ଲଙ୍କାଜଡ଼ାର କ୍ଷୀର ୧୫ ଟୋପା ଚିନିରେ ପକାଇ ଶନିବାର ବା ରବିବାରରୁ ଆରମ୍ଭ କରି ୩ ଦିନ ସକାଳେ ଖାଲି ପେଟରେ ଖାଇଲେ ଏକଶିରା ନଷ୍ଟ ହୁଏ ।

୨) ତାଳମୂଳିକନ୍ଦା ଏକତୋଳା ରାଶି ତେଲରେ ବାଟି ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ ।

୩) ଆଙ୍କୁଲଚେର ସୁକି ଓଜନ, ମହୁ ଏକଚାମଚ ଏକବର୍ଣ୍ଣ ଗାଈ ଦୁଧରେ ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ ।

୪) କଦଳୀ ମୁଣ୍ଡାରେ ଗାତ କରି ଏକଶିରା ରୋଗୀ ସେହି ଗାତରେ ମୂତିବ । ତାପରେ ସେହି ଗାତ ମୁହଁ ବନ୍ଦ କରି ସେ କଦଳୀମୁଣ୍ଡାକୁ ଚୁଲୀ ପାଖରେ ରଖିବ । ଯେତେବେଳେ ସେ ମୂତ ଶୁଖିଯିବ,ସେତେବେଳେ ଏକଶିରା ଭଲ ହୋଇଯିବ ।

୫) ଶତାବରୀ ରସ ଏକ ତୋଳା କଞ୍ଚାଦୁଧରେ ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ ।

୬) ଏକଶିରା ମଞ୍ଜି ଫୁଲି କଷ୍ଟ ହେଉଥିଲେ ଧୋବ ଚିତାପାରୁ ଚେର ବିପରୀତ ହାତ ବାହୁରେ ଗୁଡ଼ାଇ ତା'ଉପରେ କନାଧଡ଼ି ଗୁଡ଼ାଇ ଭିଡ଼ି କରି ବାନ୍ଧିବ । ଯେତେ ଭିଡ଼ରେ ବାନ୍ଧିବ, ସେତେ ଭଲ । କାଟିଲେ ଓ ଜଳିଲେ କାଢ଼ିଦେବ । ତତ୍‌କ୍ଷଣାତ୍ ଭଲ ହେବ ।

୭) କେତେଗୁଡ଼ିଏ ତେନ୍ତୁଳି ପତ୍ର ଆଣି ମାଟି ହାଣ୍ଡିରେ ରଖି ତା ଉପରେ ଗୋମୂତ୍ର ଦେବ । ତେନ୍ତୁଳି ପତ୍ରଗୁଡ଼ିକ ଗୋମୂତ୍ରରେ ବୁଡ଼ି ରହିବ । ତାପରେ ଏହାକୁ ଅଗ୍ନିରେ ପାକ କରିବ । ଯେତେବେଳେ ଗୋମୂତ୍ର ଶୁଖିଯିବ, ସେତେବେଳେ ସେତିକି ଗୋମୂତ୍ର ଦେଇ ଏହିପରି ତିନି ଥର ଅଗ୍ନିରେ ପାକ କରିବ । ସେହି ତେନ୍ତୁଳି ପତ୍ରକୁ ଗୋଟିଏ ବା ଦୁଇଟି ଜଡ଼ା (ଏରଣ୍ଡ) ପତ୍ରରେ ରଖି କୋଷ ଉପରେ ରଖି କାଛା ମାରିବ । ଏହି କ୍ରିୟା ରାତିରେ ଶୋଇବା ପୂର୍ବରୁ କରିବ । ଏହିପରି ୨୧ ଦିନ କଲେ କଠିନ କୋଷବୃଦ୍ଧି ବିନା ଅପରେସନ୍‌ରେ ଭଲ ହୁଏ । କୋଷ ବହୁତ ବଡ଼ ହୋଇଥିଲେ ତେନ୍ତୁଳି ପତ୍ର ଗୋମୂତ୍ରରେ ସିଦ୍ଧ ହେଉଥିଲା ବେଳେ ଯେଉଁ ବାମ୍ଫ ବା ଧୂଆଁ ବାହାରୁଥିବ, ସେହି ବାମ୍ଫ କୋଷରେ ଲଗାଇଲା ପରେ ଉପରୋକ୍ତ ମତେ ତେନ୍ତୁଳିପତ୍ର ବାନ୍ଧିବ ।

## ପ୍ରଦର - ଶ୍ୱେତପ୍ରଦର ଓ ରକ୍ତପ୍ରଦର

୧) ନାଗେଶ୍ୱର କେଶରକୁ ଚହ୍ଲାରେ ବାଟି ପାନ କଲେ ଶ୍ୱେତପ୍ରଦର ବିନଷ୍ଟ ହୁଏ । ଏହା ସେବନ କାଳରେ ଚହ୍ଲାମିଶା ଭାତ ଭୋଜନ କରିବ । (ପରୀକ୍ଷିତ) (ଭାବପ୍ରକାଶ)

ନାଗେଶ୍ୱର କେଶରର ମାତ୍ରା - ଅଧତୋଳା ।

୨) ଅଁଳାର ଚୂର୍ଣ୍ଣ କିମ୍ବା ଅଁଳା ମଞ୍ଜିର ଚୂର୍ଣ୍ଣ ଚିନି ଓ ମହୁ ସଙ୍ଗେ ଖାଇଲେ ଶ୍ୱେତପ୍ରଦର ନିବାରିତ ହୁଏ । (ଚରକ)

ମାତ୍ରା - ଅଁଳା ଚୂର୍ଣ୍ଣ ଆଠ ଅଣା ଓଜନ, ଅଁଳା ମଞ୍ଜି ଚୂର୍ଣ୍ଣ ସୁକି ଓଜନ ।

୩) ଭୂଇଁଅଁଳା ମଞ୍ଜିକୁ ଚାଉଳଧୁଆ ପାଣିରେ ବାଟି ୩/୪ଦିନ ଖାଇଲେ ଶ୍ୱେତ ଓ ରକ୍ତପ୍ରଦର ପ୍ରଶମିତ ହୁଏ ।

ମାତ୍ରା - ମଞ୍ଜିଚୂର୍ଣ୍ଣ ସୁକି ଓଜନ, ଭୂଇଁଅଁଳା ମଞ୍ଜି ନ ମିଳିଲେ ଚେରକୁ ଦୁଧରେ ବାଟି ଖାଇବ ।

୪) ଡ଼ିମ୍ବିରି ଫଳର ରସ ମହୁ ସହିତ ଖାଇ କେବଳ ମାତ୍ର ଦୁଧ ଭାତ ଚିନି ସହିତ ଖାଇଲେ ରକ୍ତପ୍ରଦର ନଷ୍ଟ ହୁଏ । (ଭାବପ୍ରକାଶ)

୫) ନାଲି ଗେଣ୍ଡୁଫୁଲ, ଲାଲ ମନ୍ଦାର ଫୁଲ, ଲାଲ କଞ୍ଚନ ଫୁଲ ଏବଂ ଅଶୋକ ଫୁଲ ସମଭାଗ ଏକତ୍ର ଛେଚି ରସ ଦୁଇ ତୋଳା ନେଇ ଛେଳି ଦୁଧରେ ମିଶାଇ ଖାଇଲେ ପ୍ରବଳ ରକ୍ତସ୍ରାବ ବନ୍ଦ ହୁଏ । (ପରୀକ୍ଷିତ)

୬) କଇଁଥ ପତ୍ର ସୁକି ଓଜନ ଏବଂ ବାଉଁଶ ପତ୍ର ସୁକି ଓଜନ ଏକତ୍ର ଭଲ କରି ବାଟି ମହୁ ସହିତ ଖାଇଲେ ଉଗ୍ରପ୍ରଦର ପ୍ରଶମିତ ହୁଏ । (ବଙ୍ଗସେନ)

୭) ଅଶୋକ ଛାଲି ଏକ ତୋଳା, କଣ୍ଟାମାରିଷ ଚେର ଏକ ତୋଳା ଏକ ସଙ୍ଗେ ଛେଚି ୧୬ ତୋଳା ଛେଳି ଦୁଧ ଏବଂ ୬୪ ତୋଳା ପାଣିରେ ସିଝାଇ ଅବଶେଷ ୧୬ ତୋଳା ଛାଣି ପିଇଲେ ପିତ୍ତଜ ପ୍ରଦର ଭଲ ହୁଏ ।

୮) ବିଶଲ୍ୟକରଣୀ (ବଣ ସେବତୀ) ପତ୍ର ଏକତୋଳା ବାଟି କିଛି ଦିନ ଦିନକୁ ଦୁଇଥର ଖାଇଲେ ନୂତନ ପୁରାତନ ପ୍ରଦର ଭଲ ହୁଏ ।

୯) ରକ୍ତପିଚ୍ଛୁଳି ଲତାର କଞ୍ଚା ଛେଲି ଦୁଇ ତୋଳା ବା ଶୁଖିଲା ଏକତୋଳା ୨୧ଟି ଗୋଲମରିଚ ସହ ବାଟି ସେଥିରେ ଏକ ତୋଳା କନ୍ଦ ମିଶାଇ ଖାଇଲେ ରକ୍ତ ଏବଂ ଶ୍ୱେତପ୍ରଦର ଓ ଉପଦଂଶ ମଧ୍ୟ ଭଲ ହୁଏ । ଦିନକୁ ଏକ ପାନ କରି ୫ ଦିନ ଖାଇବ । (ବହୁ ପରୀକ୍ଷିତ)

**ରକ୍ତପିଚ୍ଛୁଳି ଲତା -** ମାଳତୀ ଲତା ପରି ଲତା, କାଠ ନାଲି ବର୍ଣ୍ଣ ଏବଂ ଶିରା ସାମାନ୍ୟ କଳା ଥାଏ । ରୋଗୀର ପରିସ୍ରା କଲାବେଳେ ଯନ୍ତ୍ରଣା ହେଉଥିଲେ କିଆଗଛ ମୂଳର ରସ ଦୁଇ ତୋଳା ଚିନି ସହିତ ଥରେ ଖାଇଲେ ବନ୍ଦ ହୋଇଯାଏ ।

୧୦) ରକ୍ତକଇଁ କନ୍ଦା ଏକ ତୋଳା, ଗୋଲମରିଚ ୨୧ଟା, ନବାତ (କନ୍ଦ) ଏକ ତୋଳା ଏକତ୍ର ବାଟି ଖାଇବ । ଦିନକୁ ଏକପାନ କରି ସାତ ଦିନ ଖାଇଲେ ଶ୍ୱେତ ଓ ରକ୍ତ ପ୍ରଦର ଭଲ ହୁଏ ।

୧୧) ଆମ୍ବ କୋଇଲି ୫ ତୋଳା ଅଧପା କଞ୍ଚା ଛେଳି ଦୁଧରେ ବାଟି ପ୍ରତିଦିନ ସକାଳେ ସାତ ଦିନ ଖାଇବ । ଏଥିରେ ଶ୍ୱେତ ଓ ରକ୍ତପ୍ରଦର ଭଲ ହୁଏ ।

୧୨) କଞ୍ଚା ଅଁଳା ରସ ତିନି ତୋଳା ଠାରୁ ପାଞ୍ଚତୋଳା ଅଥବା ଶୁଖିଲା ଅଁଳା ଚୂର୍ଣ୍ଣ ଅଧତୋଳା ମହୁ ଓ ଚିନି ସଙ୍ଗେ ଖାଇଲେ ଶ୍ୱେତପ୍ରଦର ଭଲ ହୁଏ ।

୧୩) ଗିଲପତ୍ର ରସ ଦୁଇ ତୋଳା ଗୁଆ ଦହିରେ ମିଶାଇ ଖାଇବ । ଏହିପରି ୩ ଦିନ ସକାଳେ ଖାଇବ ଏବଂ ଉପରଓଳି ଡ଼ାଲିଚିନି କ୍ୱାଥ ପିଇଲେ ପ୍ରଦର ରୋଗ ନାଶ ହୁଏ ।

୧୪) ଶ୍ୱେତ ସୁରମାଚୂର୍ଣ୍ଣ ତିନିଭାଗ, ଶଙ୍ଖଜୀରକଚୂର୍ଣ୍ଣ ଏକଭାଗ ଏକତ୍ର ମର୍ଦ୍ଦନ କରି ଶିଶିରେ ରଖିବ ।

**ମାତ୍ରା** – ଚୂର୍ଣ୍ଣ ଦୁଇ ଅଣି ଓଜନ ମହୁ ସଙ୍ଗେ ଖାଇବ । ଏକ ସପ୍ତାହରେ ନୂତନ ରୋଗ ଭଲ ହୋଇଯାଏ । ପୁରାତନ ରୋଗ ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ ।

ଶଙ୍ଖଜୀରକ – Soapstone, (Magnesium Silicate)

୧୫) ହରିହରିକା (ଚିତାକୁଟି ଗଛ) ପତ୍ର ରସ ଦୁଇ ତୋଳା ଠାରୁ ପାଞ୍ଚତୋଳା, ସେଥିରେ ଚିନି ମିଶାଇ ସକାଳେ ଖାଲି ପେଟରେ ଖାଇଲେ ରକ୍ତପ୍ରଦର ଭଲ ହୁଏ । ୫ ଦିନ ଏହି ଔଷଧ ଖାଇବ ।

**ପଥ୍ୟ** – ଔଷଧ ଖାଉଥିବା ସମୟରେ ଲୁଣ, ଲଙ୍କାମରିଚ ଏବଂ ଖଟା ଖାଇବ ନାହିଁ ।

୧୬) ଶ୍ୱେତ ଝୁଣାକୁ ଗୁଣ୍ଡ କରି ପାଣିରେ ଫୁଟାଇ ଥଣ୍ଡା କରି କନାରେ ଛାଣି ପାଣି ପକାଇଦେଇ ସେହି ଝୁଣାକୁ ଶୁଖାଇ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣରୁ ୫ ତୋଳା ନେଇ ୨୦ ତୋଳା ଚିନି ମିଶାଇ ଶିଶିରେ ରଖିବ । ସକାଳେ ଅଧତୋଳା ଏବଂ ସନ୍ଧ୍ୟାରେ ଅଧତୋଳା ଏହିପରି ୧୫ ଦିନ ଖାଇଲେ ପୁରୁଣା ଶ୍ୱେତପ୍ରଦର ଭଲ ହୁଏ ।

**ପଥ୍ୟ** –ମାଛ, ମାଂସ, ରାଗ, ଖଟା, ଶାଗ ଖାଇବ ନାହିଁ ।

୧୭) ଆମ୍ବ ମଦାଙ୍ଗ (ମଲାଙ୍ଗ) ଏକ ତୋଳା, ମିଶ୍ରି ଏକ ତୋଳା ଏକତ୍ର ବାଟି ଖାଇବ । ଦିନକୁ ଦୁଇ ପାନ କରି ସକାଳ ଓ ସନ୍ଧ୍ୟାରେ ୫ ଦିନ ଖାଇଲେ ଶ୍ୱେତପ୍ରଦର ଭଲ ହୁଏ ।

୧୮) ଫିଟିକିରି ଖଇ ଚୂର୍ଣ୍ଣ ୪ ରତି, ଏକ ତୋଳା କାଣିଲେଉଟିଆ ପତ୍ରରସ, ଅଧଚାମଚ ମହୁ ସହିତ ଦିନକୁ ୪ ପାନ ଖାଇଲେ ୪/୫ ଦିନରେ ରକ୍ତପ୍ରଦର ଭଲ ହୁଏ ।

୧୯) ପାରାଗୁହ ଏବଂ ନାଗେଶ୍ୱର ପ୍ରତ୍ୟେକରୁ ଏକ ତୋଳା ନେଇ ୪ ପୁଡ଼ିଆ କରିବ । ଦିନକୁ ଗୋଟିଏ ପୁଡ଼ିଆ ଚନ୍ଦନ ତେଲ ୪ ବିନ୍ଦୁ ସହ ଖାଇବ । ୩ ଦିନରେ ରକ୍ତପ୍ରଦର ଭଲ ହେବ ।

୨୦) ବରକୋଳି ପତ୍ର ଏକତୋଳା, ଗୋଲମରିଚ ୩ଟି, ମିଶ୍ରି ୨ ତୋଳା ପାଣିରେ ବାଟି ପିଇବ । ତା'ପରେ ନାଗଭସ୍ମ ଏକ ରତି ମହୁ ମିଶାଇ ଚାଟିକରି ଖାଇବ । ଏହିପରି ୩ ଦିନରେ ରକ୍ତପ୍ରଦର ନଷ୍ଟ ହୁଏ ।

୨୧) କଅଁଳ ପଲାଶ ପତ୍ର ଶୁଖାଇ ୨୧ ତୋଳା ଚୂର୍ଣ୍ଣ, ଦେଶୀ ଖଣ୍ଡ ୨୧ ତୋଳା ଏକତ୍ର ମିଶାଇ ଶିଶିରେ ରଖିବ । ଧାରୋଷ୍ଣ ଦୁଧରେ ସକାଳେ ଓ ସନ୍ଧ୍ୟାରେ ଏକ ତୋଳା ହିସାବରେ ଖାଇଲେ ୨୧ ଦିନରେ ଶ୍ୱେତ ପ୍ରଦର ଭଲ ହୁଏ ।(ପରୀକ୍ଷିତ)

## ଜ୍ୱର - (ବିଭିନ୍ନ ପ୍ରକାର) - ପରୀକ୍ଷା ଓ ଚିକିତ୍ସା

କବିରାଜମାନେ ନାଡ଼ି ପରୀକ୍ଷା କରି ରୋଗ ନିର୍ଣ୍ଣୟ କରନ୍ତି । ସାଧାରଣ ଲୋକେ ନାଡ଼ୀରୁ କିଛି ବୁଝି ପାରନ୍ତି ନାହିଁ । ଅତଏବ ରୋଗୀର ମୂତ୍ର, ମଳ, ଆଖି, ଜିଭ ପରୀକ୍ଷା ଓ ଅନ୍ୟାନ୍ୟ ଲକ୍ଷଣ ଦେଖି ରୋଗ ନିର୍ଣ୍ଣୟ କରିହେବ ।

**ମୂତ୍ର ପରୀକ୍ଷା : -**

'ବାତେ ଚ ପିତେ ଚ କଫେ ତ୍ରିଦୋଷେ,
ବିସ୍ତାରି, ବିସ୍ଫୋଟ, ଘନଂ ନିମଗ୍ନମ୍ ।'

ରୋଗୀର ସକାଳର ପରିସ୍ରାକୁ ଗୋଟିଏ ସଫା ପାତ୍ରରେ ରଖି ତା ଉପରେ ଏକ ବିନ୍ଦୁ ସୋରିଷ ତେଲ ବା ରାଶି ତେଲ ପକାଇବ ।

ବାତ ଦୋଷ ଥିଲେ - ସେହି ତୈଳବିନ୍ଦୁ ମୂତ ଉପରେ ବିସ୍ତାରିତ (ପ୍ରସାରିତ) ହୋଇଯିବ ।

ପିତ୍ତ ଦୋଷ ଥିଲେ - ସେହି ତୈଳବିନ୍ଦୁ ବହୁତ ବିନ୍ଦୁରେ ପରିଣତ ହୋଇଯିବ ।

କଫ ଦୋଷ ଥିଲେ - ସେହି ତୈଳବିନ୍ଦୁ ସ୍ଥିର ହୋଇ ରହିବ ।

ତ୍ରିଦୋଷ ଥିଲେ - ସେହି ତୈଳବିନ୍ଦୁ ମୂତରେ ବୁଡ଼ିଯିବ ।

ବାତ ଦୋଷ ଥିଲେ - ମୂତ୍ର କୃଷ୍ଣ ବା ଅରୁଣବର୍ଣ୍ଣ, ପିତ୍ତ ଦୋଷ ଥିଲେ ମୂତ୍ର ରକ୍ତ ବା ପୀତବର୍ଣ୍ଣ ଏବଂ କଫ ଦୋଷ ଥିଲେ ମୂତ୍ର ଫେନୀଳ, ଶ୍ୱେତବର୍ଣ୍ଣ ଓ ଘୋଳଯୁକ୍ତ ହୁଏ ।

**ମଳ ପରୀକ୍ଷା : -**

ବାତ ଦୋଷରୁ ମଳ କୃଷ୍ଣ ବର୍ଣ୍ଣ, ଶୁଷ୍କ ପିତ୍ତ ଦୋଷରୁ ମଳ ପୀତ ବା ଈଷତ୍ ରକ୍ତବର୍ଣ୍ଣ ଓ ତରଳ, କଫ ଦୋଷରୁ ମଳ ଶ୍ୱେତବର୍ଣ୍ଣ ଓ ଘନ ହୁଏ ।

ମଳ ଅଜୀର୍ଣ୍ଣ ଦୋଷରୁ ଅପକ୍ୱ, ଜୀର୍ଣ୍ଣରେ ସ୍ୱଚ୍ଛ, ତୀକ୍ଷ୍ଣାଗ୍ନିରେ ଶୁଷ୍କ ଏବଂ ଅଗ୍ନିମାନ୍ଦ୍ୟରେ ପତଳା ହୁଏ । ମଳ ଅତ୍ୟନ୍ତ ଦୁର୍ଗନ୍ଧ ଓ ଚନ୍ଦ୍ରିକାଯୁକ୍ତ ହେଲେ ରୋଗ ଅସାଧ ବୋଲି ଜାଣିବ ।

**ଆଖି ପରୀକ୍ଷା : -**

**ବାତାଧିକ୍ୟରେ -** ଆଖି ଅରୁଣ ଓ ଧୂମ୍ରବର୍ଣ୍ଣ, ଚଞ୍ଚଳ ଏବଂ କୋଟରାଗତ, ସ୍ତବ୍ଧ ଦୃଷ୍ଟି, ସମୟ ସମୟରେ ଦାହଯୁକ୍ତ ହୁଏ ।

**ପିତାଧିକ୍ୟରେ -** ଆଖି ହଳଦୀବର୍ଣ୍ଣ, ରକ୍ତ ବା ନୀଳବର୍ଣ୍ଣ, ଆଲୋକକୁ ଚାହିଁଲେ ପୀଡ଼ା ଓ ଦାହଯୁକ୍ତ ହୁଏ ।

**କଫାଧିକ୍ୟରେ -** ଆଖି ଜଳଯୁକ୍ତ, ଅପରିଷ୍କୃତ, ଶ୍ୱେତବର୍ଣ୍ଣ, ତେଜହୀନ ଓ କ୍ଷୀଣ ଦୃଷ୍ଟି ହୁଏ ।

**ସନ୍ନିପାତରେ -** ଆଖି କୋଟରାଗତ, ରକ୍ତ ବା ଶ୍ୟାମବର୍ଣ୍ଣ ଆଖିପତା କ୍ଷଣେ କ୍ଷଣେ ଟେକିବା ଓ ପକାଇବା ।

ଦ୍ୱନ୍ଦଜ ଦୋଷରେ ଆଖି ଉଭୟ ଦୋଷର ପୃଥକ୍ ପୃଥକ୍ ଲକ୍ଷଣଗୁଡ଼ିକର ମିଳିତ ହୋଇଥାଏ ।

**ଜିଭ ପରୀକ୍ଷା : -**

ବାତଦୋଷରୁ ଜିଭ ଫାଟଯୁକ୍ତ ଅଳ୍ପ କୃଷ୍ଣ ବର୍ଣ୍ଣ, ପିତ୍ତଦୋଷରୁ ଜିଭ ରକ୍ତ ବା ପୀତବର୍ଣ୍ଣ ଓ ଶୁଷ୍କ, କଫଦୋଷରୁ ଜିଭ ଶ୍ୱେତବର୍ଣ୍ଣ, ଜଳଯୁକ୍ତ ଓ କଣ୍ଟୁଯୁକ୍ତ ହୁଏ । ସନ୍ନିପାତ ଦୋଷରୁ ଜିଭ କୃଷ୍ଣ ବର୍ଣ୍ଣ, କଣ୍ଟକଯୁକ୍ତ ଓ ଶୁଷ୍କ ହୁଏ ।

**ଅନ୍ୟାନ୍ୟ ଲକ୍ଷଣ :-**

**ବାତଜ୍ୱର -** ଜ୍ୱର କେତେବେଳେ ଅଧିକ ଓ କେତେବେଳେ କମ୍ ହୁଏ । କଣ୍ଠ ଓଠ ଶୁଷ୍କ ହୋଇଯାଏ । ଅନିଦ୍ରା, କମ୍ପ ହୋଇ ଜ୍ୱର ଆସେ; ବାନ୍ତି, ମୁଖ ବିରସ, ଶୁଷ୍କ ନାଶ, ମଳ ବନ୍ଧ, ପେଟଫମ୍ପା, ଛାତି ବେଦନା, ସର୍ବାଙ୍ଗ ବେଦନା ପ୍ରଭୃତି ବାତଜ୍ୱର ଲକ୍ଷଣ । ଏ ସମସ୍ତ ଲକ୍ଷଣ ଏକ ସମୟରେ ବା କ୍ରମାନ୍ୱୟରେ ଗୋଟିଏ ରୋଗୀଠାରେ ଦେଖାଦେଲେ ରୋଗ ଅସାଧ ବୋଲି ଜାଣିବ ଏବଂ ବିଜ୍ଞ କବିରାଜଙ୍କ ଚିକିତ୍ସା କରିବ । ଉପରୋକ୍ତ ଲକ୍ଷଣ ଭିତରୁ କାହାରି ଠାରେ ୩/୪ଟି ଲକ୍ଷଣ ଦେଖାଯାଏ ।

**ପିତ୍ତଜ୍ୱର -** ଜ୍ୱରର ବେଗ ଖୁବ୍ ବେଶି, ଅତିସାର ପରି ତରଳ ଝାଡ଼ା, ଅଳ୍ପନିଦ୍ରା, ବାନ୍ତି, କଣ୍ଠ ଓଠ, ମୁଖ, ନାକ ପ୍ରଭୃତି ସ୍ଥାନରେ କ୍ଷତ, ଘର୍ମନିର୍ଗମ, ପ୍ରଳାପ, ପାଟି ପିତା ଲାଗିବା, ଦାହ, ପିପାସା, ମୂର୍ଚ୍ଛା, ମଳମୂତ୍ର, ଚକ୍ଷୁ ପୀତବର୍ଣ୍ଣ ଓ ଦେହ ବୁଲାଇ ହୁଏ ।

**କଫ ଜ୍ୱର -** ଦେହରେ ଓଦାକନା ପକାଇଲା ପରି ଲାଗେ, ଜ୍ୱରର ସାମାନ୍ୟ ବେଗ, ଅରୁଚି, ଅଗ୍ନିମାନ୍ଦ୍ୟ, ରୋମାଞ୍ଚ, ମୁହଁ ଶ୍ୱେତବର୍ଣ୍ଣ, ଅତିନିଦ୍ରା, ନାକରୁ ପାଣିଗଡ଼ିବା, ପାଟି ମିଠା ଲାଗିବା, କାଶ, ଶୀତବୋଧ, ଦେହ ଭାରି ଲାଗେ ।

**ବାତ-ପିତ୍ତଜ୍ୱର -** ତୃଷ୍ଣା, ମୂର୍ଚ୍ଛା, ଦେହ ଘୂରିବା, ଦାହ, ନିଦ୍ରାନାଶ, ମୁଣ୍ଡବ୍ୟଥା, ମୁଖ ଓ କଣ୍ଠ ଶୁଷ୍କ, ବାନ୍ତି, ରୋମାଞ୍ଚ, ଅରୁଚି, ଆଖିକୁ ଅନ୍ଧାର ଦିଶିବା ।

**ପିତ୍ତଶ୍ଳେଷ୍ମା ଜ୍ୱର -** ଶ୍ଳେଷ୍ମାରେ ମୁଖ ପୁରି ରହେ ଓ ପିତା ଲାଗେ । ତନ୍ଦ୍ରା, ମୂର୍ଚ୍ଛା, କାଶ ଅରୁଚି, ତୃଷ୍ଣା, ମୁହୂର୍ମୁହୁ ଦାହ ଓ ଶୀତ ଅନୁଭୂତ ହୁଏ ।

**ବାତଶ୍ଳେଷ୍ମା ଜ୍ୱର -** ଦେହରେ ଓଦାଲୁଗା ପକାଇଲା ପରି ଲାଗେ । ଅତିନିଦ୍ରା, ମୁଣ୍ଡବ୍ୟଥା, ନାକରୁ ପାଣି ପଡ଼ିବା, କାଶ, ଘର୍ମ ସନ୍ତାପ, ଜ୍ୱରର ବେଗ ମଧ୍ୟମ ।

**ସନ୍ନିପାତ ଜ୍ୱର -** କ୍ଷଣେ କ୍ଷଣେ ଦାହ ଓ ଶୀତ, ଅସ୍ଥି ସନ୍ଧି ଓ ମସ୍ତକରେ ବେଦନା, ଚକ୍ଷୁ ଦ୍ୱୟ ଅଶ୍ରୁପୂର୍ଣ୍ଣ ଓ ଆବିଳ, ରକ୍ତବର୍ଣ୍ଣ, ବିସ୍ଫାରିତ, କର୍ଣ୍ଣଦ୍ୱୟ ନାନା ପ୍ରକାର ଶବ୍ଦ ଓ ବେଦନାବିଶିଷ୍ଟ, ତନ୍ଦ୍ରା, ମୂର୍ଚ୍ଛା, ପ୍ରଳାପ, କାଶ, ଶ୍ୱାସ, ଅରୁଚି, ଭ୍ରମ, ଜିହ୍ୱା ଅଙ୍ଗାର ପରି କୃଷ୍ଣ ବର୍ଣ୍ଣ, ଗୋଜିହ୍ୱା ପରି ଖରସ୍ପର୍ଶ ସର୍ବାଙ୍ଗ ଶିଥିଳ, ଇତସ୍ତତଃ ଶିରଶ୍ଚାଳନ, ତୃଷ୍ଣା, ଅନିଦ୍ରା, ହୃଦୟରେ ବ୍ୟଥା ହୁଏ ।

## ଚିକିତ୍ସା (ପାଚନ ଦ୍ୱାରା)

ଜ୍ୱରର ପ୍ରଥମ ଅବସ୍ଥାରେ ଲଙ୍ଘନ (ଉପବାସ) କରିବ । ଲଙ୍ଘନ ଆମ ଦୋଷକୁ ନଷ୍ଟ କରେ । ଆମାଶୟସ୍ଥିତ ବାତ, ପିତ୍ତ, କଫ ରୂପ ଦୋଷ ଜଠରାଗ୍ନିକୁ ନଷ୍ଟ କରି ଆମ ଜାତ କରାଏ । ଏହି ଆମ ରସରକ୍ତାଦିବାହୀ ସ୍ରୋତଗୁଡ଼ିକୁ ରୁଦ୍ଧ କରି ଜ୍ୱର ଜାତ କରାଏ । ସେହି ହେତୁ ଆମର ପରିପାକ ସକାଶେ ପ୍ରଥମେ ଲଙ୍ଘନ କରାଯାଏ । ଆମ ଥିବା ପର୍ଯ୍ୟନ୍ତ ଉପବାସ କରିବ ଏବଂ ଔଷଧ ଖାଇବ ନାହିଁ, କାରଣ ଜଠରାଗ୍ନି ଏପରି ମାନ୍ଦା ଥାଏ ଯେ କୌଣସି ଔଷଧ ଏବଂ କ୍ୱାଥ ମଧ୍ୟ ଜୀର୍ଣ୍ଣ ହୁଏ ନାହିଁ । କିନ୍ତୁ ନୂତନ ଜ୍ୱରରେ ରସ ଚିକିତ୍ସା ମନା ନାହିଁ । କାରଣ ରସ ଚିକିତ୍ସାରେ ପାରଦ, ଗନ୍ଧକ ପ୍ରଭୃତି ଥିବାରୁ ଏହାର ତୀବ୍ର ପ୍ରଭାବ ମନ୍ଦାଗ୍ନିର ଉପଦ୍ରବକୁ ଶାନ୍ତି କରିଦିଏ । ବାତ, ପିତ୍ତ, କଫ ଦୋଷମାନଙ୍କର ବଳରେ ରୋଗୀ ଲଙ୍ଘନ ସହ୍ୟ କରିପାରେ । ଦୋଷଗୁଡ଼ିକ କ୍ଷୀଣ ହେଲେ ରୋଗୀ ଲଙ୍ଘନ ସହ୍ୟ କରିପାରିବ ନାହିଁ । ଅତଏବ ଦୋଷଗୁଡ଼ିକର ବଳାବଳ ବିଚାର କରି ଲଙ୍ଘନର ବ୍ୟବସ୍ଥା କରିବ । ଲଙ୍ଘନ ସମୟରେ ଯଥେଷ୍ଟ ଫୁଟା ପାଣି ଥଣ୍ଡା କରି ପିଇବାକୁ ହେବ । ମିଶ୍ରି ସର୍ବତ, ପଇଡ଼ ପାଣି ପିଇବାକୁ ଦେବ । ବାଳ, ବୃଦ୍ଧ, ଗର୍ଭିଣୀ, ଦୁର୍ବଳ ବ୍ୟକ୍ତିଙ୍କୁ ଲଙ୍ଘନ କରାଇବ ନାହିଁ ।

**ଆମଜନିତ ଜ୍ୱରର ଲକ୍ଷଣ -** ଲାଳ ବହିବା, ହୃଦୟ ଭାରୀ ବୋଧ ହେବା, ଅରୁଚି, ତନ୍ଦ୍ରା (ନିଦ୍ରା ପରି ବୋଧ ହେବା), ଆଳସ୍ୟ, ଅଙ୍ଗର ବିସରତା, ଶରୀର ଭାରୀ ବୋଧ, କ୍ଷୁଧା ନଷ୍ଟ ହେବା, ବହୁତ ପରିସ୍ରା କରିବା, ଶରୀର ସ୍ତବଧ ହେବା ଓ ଜ୍ୱର ପ୍ରବଳ ରହିବା – ଏ ସମସ୍ତ ଲକ୍ଷଣ ଥିଲେ ଜ୍ୱରରେ ଆମ ଦୋଷ ଅଛି ବୋଲି ଜାଣିବ । ଜ୍ୱରରେ କୋଷ୍ଠବଦ୍ଧ ଥିଲେ ଝାଡ଼ା କରାଇ ଔଷଧ ବ୍ୟବହାର କରିବ । ଭୋଜନ ସଙ୍ଗେ ସଙ୍ଗେ ଜ୍ୱର ହେଲେ ରୋଗୀର ବାନ୍ତି କରାଇଦେବ । (ବାଗଭଟ୍ଟ) । ଜ୍ୱରର ଶାନ୍ତି ସକାଶେ ପାନପତ୍ର ରସ, ଅଦା ରସ ଏବଂ ମହୁ ପ୍ରତ୍ୟେକରୁ ଅଧତୋଳା ହିସାବରେ

ନେଇ ସକାଳେ ଓ ସନ୍ଧ୍ୟାରେ ଖାଇଲେ ନୂତନ ଓ ସାଧାରଣ ଜ୍ୱର ଶାନ୍ତ ହୁଏ । ଅଥବା ଶୁଣ୍ଠୀ, ଦେବଦାରୁ, ଧନିଆଁ ଓ ଭେଜିଫଳର ପାଚନ ବ୍ୟବସ୍ଥା କରିବ । ପିପାସା ଶାନ୍ତି ପାଇଁ ମୁଥା, ଘରପୋଡ଼ିଆ (ପର୍ପଟକ), ବେଣାଚେର, ରକ୍ତଚନ୍ଦନ, କୁରୁବେଲି ଓ ଶୁଣ୍ଠି ଏ ସମସ୍ତର ପାଚନ କରି ଶୀତଳ ହେଲେ ରୋଗୀକୁ ଦେବ ।

## ବାତଜ୍ୱର (ବାତଜନତି ଜ୍ୱର)

୧) *ବିଲ୍ୱାଦି ପଞ୍ଚମୂଳ* – ବେଲ, ଗମ୍ଭାରୀ, ଅଗିବଥୁ, ପାଟଳୀ, ଫଣଫଣା ଏମାନଙ୍କର ମୂଳର କ୍ୱାଥ ଅଥବା ପିପ୍‌ପଳୀ ମୂଳ, ଗୁଳୁଚି ଓ ଶୁଣ୍ଠୀର କ୍ୱାଥ ଦେବ ।

୨) *କିରାତାଦି* – ଚିରେଇତା, ମୁଥା, ଗୁଳୁଚି, କୁରୁବେଲି, ଲବେଙ୍କୁଡ଼ି, ଅଙ୍କରାନ୍ତି, ଗୋଖରା, ଶାଳପର୍ଣ୍ଣୀ, କୃଷ୍ଣପର୍ଣ୍ଣୀ, ଶୁଣ୍ଠୀ ଏମାନଙ୍କର କ୍ୱାଥ ଦେବ ।

୩) *ବିଶ୍ୱାଦି* – ଶୁଣ୍ଠୀ ଗୁଳୁଚି, ବଣ ପିପ୍‌ପଳୀ ମୂଳ ଅଥବା ଧନିଆଁ, ଦେବଦାରୁ, ଅଙ୍କରାନ୍ତି ଓ ଶୁଣ୍ଠୀର କ୍ୱାଥ ଦେବ ।

୪) *ଉଶୀରାଦି* – ବେଣାଚେର ଓ ନବାଙ୍ଗ (ଯଥା– ଶୁଣ୍ଠୀ, ଗୁଳୁଚି, ମୁଥା, ଚିରେଇତା, ଶାଳପର୍ଣ୍ଣୀ, କୃଷ୍ଣପର୍ଣ୍ଣୀ, ଅଙ୍କରାନ୍ତି, ଲବାଙ୍କୁଡ଼ି, ଗୋଖରା) ଏମାନଙ୍କର କ୍ୱାଥ ଦେବ ।

୫) *କଣାଦି* – ପିପ୍‌ପଳୀ, ରସୁଣ, ଗୁଳୁଚି, ଶୁଣ୍ଠୀ, ଅଙ୍କରାନ୍ତି, ବେଗୁନିଆ ପତ୍ର, ଚିରେଇତା, ମୁଥା ଏମାନଙ୍କର ପାଚନ ଦେବ ।

୬) ଶତାବରୀ ଓ ଗୁଳୁଚିର ରସ ଗୁଡ଼ ସହିତ ପିଇଲେ ତତ୍‌କ୍ଷଣାତ୍ ବାତଜ୍ୱର ଛାଡ଼ିଯାଏ । (ଚକ୍ରଦତ୍ତ)

ଶତାବରୀ ରସ ଏକ ତୋଳା ଠାରୁ ଦୁଇତୋଳା, ଗୁଳୁଚି କଞ୍ଚାରସ ଏକ ତୋଳା, ଶୁଖିଲା ଚୂର୍ଣ୍ଣ ସୁକି ଓଜନ, ଗୁଳୁଚି ସାର ୪ ରତି ।

## ପିତ୍ତଜ୍ୱର

୧) *ଯବପୋଟଳ କ୍ୱାଥ* – ପୋଟଳ ପତ୍ର, ଯବଧାନ, ଧନିଆଁ, ଯଷ୍ଟିମଧୁ ପାଚନରେ ମହୁ ପରୀକ୍ଷରେ ଖାଇବ ।

୨) *ପର୍ପଟକ କ୍ୱାଥ* – ପର୍ପଟକ (ଘରପୋଡ଼ିଆ), ରକ୍ତଚନ୍ଦନ, କୁରୁବେଲି, ଶୁଣ୍ଠୀ ଏମାନଙ୍କର କ୍ୱାଥ ଦେବ ।

କେବଳ ଘରଘୋଡ଼ିଆ କ୍ୱାଥ ପିତ୍ତଜ୍ୱର ବିନାଶକ ।

'ଏକଃ ପର୍ପଟକ ଶ୍ରେଷ୍ଠ ପିତ୍ତଜ୍ୱର ବିନାଶନଃ ।'

୩) *ଦ୍ରାକ୍ଷାଦି* - ଖିସ୍‌ମିସ୍, ହରିଡ଼ା, ମୁଥା, ଘରପୋଡ଼ିଆ, କଟୁକୀମାନଙ୍କ କ୍ୱାଥରେ ସୁନାରି ଅଠା ପକାଇ ଖାଇଲେ ପିତ୍ତଜ୍ୱର ବିନାଶପ୍ରାପ୍ତ ହୁଏ ।

ସୁନାରୀ ଫଳର ଅଠା - ସୁକି ଓଜନ ।

୪) *କିରାତାଦି* – ବେଣା ଚେର, ଘରପୋଡ଼ିଆ, ପଦ୍ମକାଠର କ୍ୱାଥ ।

୫) *ବିଶ୍ୱାଦି* - ଶୁଣ୍ଠୀ, କୁରୁବେଲି, ଘରପୋଡ଼ିଆ, ବେଣାଚେର, ମୁଥା ରକ୍ତଚନ୍ଦନର କ୍ୱାଥ ।

୬) ଧନିଆଁ ପାଣିରେ ବତୁରାଇ ଏକ ରତି ରଖିବ । ସକାଳେ ଛାଣି ସେ ପାଣି ଶର୍କରା ସହିତ ପିଇଲେ ପିତ୍ତଜ୍ୱର ଓ ଅନ୍ତର୍ଦାହ ଶାନ୍ତ ହୁଏ । (ଚକ୍ରଦତ୍ତ)

ପିତ୍ତଜ୍ୱରରେ ଦାହ ଶାନ୍ତ ପାଇଁ କାଞ୍ଜିପାଣିର ପଟି କପାଳରେ ବାରମ୍ୱାର ଦେବ । ରୋଗୀକୁ ଚିତ୍‌କରି ଶୁଆଇବ । ନାଭି ଉପରେ ଗୋଟିଏ କଂସାପାତ୍ର ରଖି ଧୀରେ ଧୀରେ ଥଣ୍ଡା ପାଣି କଂସାପାତ୍ରରେ ଢ଼ାଳିବ । ସେ ପାଣି ବାହାର କରି ପୁଣି ଥଣ୍ଡା ପାଣି ଦେବ । ଏହିପରି ବାରମ୍ୱାର କଲେ ଦାହ ଶାନ୍ତ ହୁଏ । ପଲାଶର କଅଁଳ ପତ୍ର କାଞ୍ଜିପାଣିରେ ବାଟି କପାଳରେ ଲେପ ଦେବ । ବରକୋଳି ପତ୍ର ବା ନିମ୍ୱପତ୍ର କାଞ୍ଜିପାଣିରେ ବାଟି ଖୁଆରେ ମନ୍ଥି ଫେଣ ବାହାର କରି ସେ ଫେଣ କପାଳରେ ଲେପ ଦେବ ।

## କଫ ଜ୍ୱର

୧) *ନିମ୍ୱାଦି* - ନିମ୍ୱଛାଲି, ଶୁଣ୍ଠୀ, ଗୁଳୁଚି, ଦେବଦାରୁ, ଗନ୍ଧ ଶୁଣ୍ଠୀ, ଚିରେଇତା, କୁଢ଼, ପିପ୍‌ପଳୀ, ଗଜପିପ୍‌ପଳୀ, ଅଙ୍କରାନ୍ତି ଏମାନଙ୍କର କ୍ୱାଥ କଫଜ୍ୱର ନାଶକ ।

୨) *ଚତୁର୍ଭଦ୍ରାବଲେହିକା* – କାଫଡ଼, କୁଢ଼, କକଡ଼ାଶୃଙ୍ଗୀ, ପିପ୍‌ପଳୀ ପ୍ରତ୍ୟେକର ଚୂର୍ଣ୍ଣ ଦୁଇ ଅଣା ଓଜନ ଏକତ୍ର କରି ସୁକି ଓଜନ ମହୁ ସହିତ ଅବଲେହ କରିବ ।

୩) *ଆମଳକାଦି କ୍ୱାଥ* – ଅଁଳା, ହରିଡ଼ା, ପିପ୍‌ପଳୀ, ଚିତାପାରୁର କ୍ୱାଥ କଫଜ୍ୱର ନାଶ କରେ, ଅଗ୍ନି ଦୀପ୍ତ କରେ ଓ ଆମ ନାଶ କରେ ।

୪) *ନିଦିଗ୍‌ଧିକାଦି* – ଅଙ୍କରାନ୍ତି, ଗୁଳୁଚି, ପିପ୍‌ପଳୀ ଶୁଣ୍ଠୀର କ୍ୱାଥ ।

୫) *ସିନ୍ଧୁ ବାରାଦି* – କଫ ଜ୍ୱରରେ ଜଙ୍ଘର ବଳ କ୍ଷୀଣ ହେଲେ ବା କାନ ଆବୃତ ଭଳି ହେଲେ ବେଗୁନିଆ (ନିର୍ଗୁଣ୍ଡି) ପତ୍ରର ପାଚନ ପିପ୍‌ପଳୀ ଚୂର୍ଣ୍ଣ ସହିତ ଦେବ । ପିପ୍‌ପଳୀ ଚୂର୍ଣ୍ଣ ଦୁଇ ଅଣା ଓଜନ ।

## ବାତପୈତ୍ତିକ ଜ୍ୱର

୧) *ନବାଙ୍ଗ କ୍ୱାଥ* – ଶୁଣ୍ଠୀ, ଗୁଳୁଚି, ମୁଥା, ଚିରେଇତା, ଶାଳପର୍ଣ୍ଣି, କୃଷ୍ଣପର୍ଣ୍ଣି, ଅଙ୍କରାନ୍ତି, ଲବାଙ୍କୁଡ଼ି ଗୋଖରାର କ୍ୱାଥ ଦେବ ।

୨) *ଘନଚନ୍ଦାଦି କ୍ୱାଥ* – ମୁଥା, ରକ୍ତଚନ୍ଦନ, ଘରପୋଡ଼ିଆ, କଟୁକୀ, ବେଣା ଚେର, ପୋଟଳ ପତ୍ର, କୁରୁବେଲିର କ୍ୱାଥ କନ୍ଦ ପକାଇ ଦେବ ।

୩) *କିରାତାଦି କ୍ୱାଥ* – ଚିରେଇତା, ଗୁଳୁଚି, ଖିସ୍‌ମିସ୍, ଅଁଳା, ଗନ୍ଧଶୁଣ୍ଠୀର କ୍ୱାଥରେ ଗୁଡ଼ ମିଶାଇ ଦେବ ।

୪) *ଗୁଳୁଚ୍ୟାଦି କ୍ୱାଥ* – ଗୁଳୁଚି, ନିମ୍ବଛାଲି, ଧଣିଆ, ପଦ୍ମକାଠ, ରକ୍ତଚନ୍ଦନର କ୍ୱାଥ ଦେବ । ପିପାସା ଅଧିକ ଥିଲେ ପଦ୍ମକାଠ ପରିବର୍ତ୍ତେ ଯଷ୍ଟିମଧୁ ଦେବ ।

୫) *ପଞ୍ଚଭଦ୍ର କ୍ୱାଥ* – ଗୁଳୁଚି, ଘରପୋଡ଼ିଆ, ମୁଥା, ଚିରେଇତା ଓ ଶୁଣ୍ଠୀର କ୍ୱାଥ ଦେବ ।

## ପିତ୍ତଶ୍ଳେଷ୍ମା ଜ୍ୱର

୧) *ଅମୃତାଷ୍ଟକ* – ଗୁଳୁଚି, ଇନ୍ଦ୍ରଯବ, ନିମ୍ବଛାଲି, ପୋଟଳପତ୍ର, କଟୁକୀ, ଶୁଣ୍ଠୀ, ରକ୍ତଚନ୍ଦନ ଓ ମୁଥାର କ୍ୱାଥ ଦେବ ।

୨) *ପୋଟଳାଦି କ୍ୱାଥ* – ପୋଟଳପତ୍ର, ରକ୍ତଚନ୍ଦନ, ମୁର୍ବାମୂଳ, କଟୁକୀ, ଅକାନବିନ୍ଧି, ଗୁଳୁଚିର କ୍ୱାଥ ଦେବ ।

୩) *ପଞ୍ଚତିକ୍ତ କ୍ୱାଥ* – ଅଙ୍କରାନ୍ତି, ଗୁଳୁଚି, ଶୁଣ୍ଠୀ, କୁଡ଼, ଚିରେଇତାର କ୍ୱାଥ ଅଷ୍ଟବିଧ ଜ୍ୱର ନାଶ କରେ ।

୪) *ଏଳାଦି* – ଗୁଳୁରାତି, ପୋଟଳ ପତ୍ର, ତ୍ରିଫଳା, ଯଷ୍ଟିମଧୁ, ବାସଙ୍ଗଛାଲିର କ୍ୱାଥରେ ମହୁ ମିଶାଇ ଦେବ ।

୫) ପତ୍ରପୁଷ୍ପ ସହିତ ବାସଙ୍ଗର କ୍ୱାଥରେ ମହୁ ଓ ଶର୍କରା ମିଶାଇ ଦେଲେ ପିତ୍ତ ଶ୍ଳେଷ୍ମାଜ୍ୱର ରକ୍ତପିତ୍ତ ଓ କାମଳ ନାଶ କରେ । (ଚକ୍ରଦତ୍ତ)

୬) ଧଣିଆ ଓ ପୋଟଳର କ୍ୱାଥ ପାନ କଲେ ଅଗ୍ନିଦୀପ୍ତ ହୁଏ । କଫ ନଷ୍ଟ ହୁଏ, ବାତପିତ୍ତ ପ୍ରକୃତିସ୍ଥ ହୁଏ, ଜର ନଷ୍ଟ ହୁଏ, ଆମ ପକ୍ୱ ହୁଏ ଓ ଝାଡ଼ା ପରିଷ୍କାର ହୁଏ । (ଚକ୍ରଦତ୍ତ)

## ବାତଶ୍ଳେଷ୍ମା ଜ୍ୱର

୧) *ପଞ୍ଚକୋଳ* – ପିପ୍‌ପଳୀ, ବଣ ପିପ୍‌ପଳ ମୂଳ, ଚାଇଁକାଠ, ଚିତାପାରୁ ମୂଳ ଓ ଶୁଣ୍ଠୀର କ୍ୱାଥ ଦେବ ।

୨) *ଆରଗ୍ୱଧାଦି* – ସୁନାରି ଅଠା, ପିପ୍‌ପଳ ମୂଳ, ମୁଥା, କଟୁକୀ, ହରିଡ଼ାର କ୍ୱାଥରେ ସୁନାରିଅଠା ଦୁଇ ଅଣି ଓଜନ ମିଶାଇ ଦେବ ।

୩) *ଦଶମୂଳ କ୍ୱାଥ* – ବେଲ, ଫଣଫଣା, ଗମ୍ଭାରୀ, ପାଟଳି, ଅଗ୍ନିବଥୁ, କୃଷ୍ଣପର୍ଣ୍ଣୀ, ଶାଳପର୍ଣ୍ଣୀ, ଅଙ୍କରାନ୍ତି, ଲବାଙ୍କୁଡ଼ି, ଗୋଖରାର କ୍ୱାଥରେ ପିପ୍‌ପଳୀ ଚୂର୍ଣ୍ଣ ସୁକି ଓଜନ ପକାଇ ଦେବ ।

୪) *କ୍ଷୁଦ୍ରାଦି* – ଅଙ୍କରାନ୍ତି, ଗୁଳୁଚି, ଶୁଣ୍ଠୀ ଓ କୁଢ଼ର କ୍ୱାଥ ବାତକଫ ଜ୍ୱର, ଶ୍ୱାସ, ଅରୁଚି ଓ ପାର୍ଶ୍ୱପୀଡ଼ା ବିଶିଷ୍ଟ ସନ୍ନିପାତ ଜ୍ୱର ମଧ ନାଶ କରେ । (ଚକ୍ରଦତ୍ତ)

୫) *ମୁସ୍ତାଦି* – ମୁଥା, ଘରପୋଡ଼ିଆ, ଶୁଣ୍ଠୀ, ଗୁଳୁଚି ଓ ଦୁରାଲାଭର କ୍ୱାଥ ବାତକଫ ଜ୍ୱର, ଅରୁଚି, ଦାହ, ଶ୍ୱାସବିଶିଷ୍ଟ ଜ୍ୱର ନାଶ କରେ ।

୬) ପିପ୍‌ପଳୀର କ୍ୱାଥ କଫ ନ ବଢ଼ାଇ ବରଂ ଶାନ୍ତ କରି ଅଗ୍ନିଦୀପ୍ତ କରେ ଏବଂ ବାତକଫଜ ଓ ପ୍ଲୀହା ବୃଦ୍ଧି ଜନିତ ଜ୍ୱର ଶାନ୍ତି କରେ । (ଚକ୍ରଦତ୍ତ)

## ସନ୍ନିପାତ ଜ୍ୱର

୧) ଦଶମୂଳ କ୍ୱାଥ ଦେବ ।

୨) *ଚତୁର୍ଦ୍ଦଶାଙ୍ଗ* – ଦଶମୂଳ, ଶୁଣ୍ଠୀ, ଚିରେଇତା, ଗୁଳୁଚି ଓ ମୁଥାର କ୍ୱାଥ ଦେବ । ଏହା ବହୁକାଳ ବ୍ୟାପୀ ଜ୍ୱର, ସନ୍ନିପାତ ଜ୍ୱର ଓ ବାତଶ୍ଳେଷ୍ମା ପ୍ରଧାନ ଜ୍ୱରରେ ସେବ୍ୟ ।

୩) *ଭୂନିମ୍ବାଦ୍ୟଷ୍ଟା ଦଶାଙ୍ଗ କ୍ୱାଥ* – ଦଶମୂଳ, ଚିରେଇତା, ଦେବଦାରୁ, ଶୁଣ୍ଠୀ, ମୁଥା, କଟୁକୀ, ଇନ୍ଦ୍ରଯବ, ଧଣିଆ, ଗଜ ପିପ୍‌ପଳୀ ପ୍ରତ୍ୟେକରୁ ଦୁଇ ଅଣା ଓଜନ ଛେଚି କରି ଅଧ ସେର ପାଣିରେ ସିଝାଇ ଅଧପା ପାଣି ରଖି ଛାଣି ପିଇବ । ବାଳକ ଅର୍ଦ୍ଧମାତ୍ରା ଓ ଶିଶୁ ସୁକି ମାତ୍ରା ୫/୭ ଦିନ ସକାଳେ ଖାଇବ । ପ୍ରତିଦିନ କ୍ୱାଥ କରି ଖାଉଥିବ ।

୪) *ନବାଙ୍ଗ କ୍ୱାଥ* – ଶୁଣ୍ଠୀ, ଗୁଳୁଚି, ମୁଥା, ଚିରେଇତା, ଶାଳବର୍ଣ୍ଣୀ, କୃଷ୍ଣବର୍ଣ୍ଣୀ, ଅଙ୍କରାନ୍ତି, ଲବାଙ୍କୁଡ଼ି, ଗୋଖରାର କ୍ୱାଥ । ପିତାଧିକ୍ୟରେ ମହୁ ସହିତ ଓ କଫାଧିକ୍ୟରେ ପିପ୍‌ପଳୀ ଚୂର୍ଣ୍ଣ ସହିତ ଉପରୋକ୍ତ ନବାଙ୍ଗ କ୍ୱାଥ ଦେବ । ସନ୍ନିପାତ ଜ୍ୱରରେ ପ୍ରଥମେ ଲଙ୍ଘନ (ଉପବାସ), ନସ୍ୟ, ନଷ୍ଠୀବନ ଓ ଅଞ୍ଜନର ବ୍ୟବସ୍ଥା କରିବ । ଆମ ଓ କଫର ଶାନ୍ତି କରିବ । ବାତ, ପିତ୍ତ, କଫ ଦୋଷମାନଙ୍କର ବଳରେ ରୋଗୀ ଲଙ୍ଘନ ସହ୍ୟ କରିପାରେ । ଦୋଷଗୁଡ଼ିକ କ୍ଷୀଣ ହେଲେ ରୋଗୀ ଲଙ୍ଘନ ସହ୍ୟ କରିପାରିବ ନାହିଁ । ଅତଏବ ଦୋଷଗୁଡ଼ିକର ବଳାବଳ ବିଚାର କରି ଲଙ୍ଘନର ବ୍ୟବସ୍ଥା କରିବ ।

## ନସ୍ୟ

ଟଭାରସ ଓ ଅଦାରସ ତ୍ରିଲବଣ (ବିଟ୍, ସୈନ୍ଧବ ଓ ଉଭିଦ) ସହିତ ଟିକିଏ ଗରମ କରି ନସ୍ୟ ନେବ । ଏହା ଦ୍ୱାରା କଫ ତରଳିଯାଇ ବାହାରିପଡ଼େ । ଶିର, ହୃଦୟ, କଣ୍ଠ, ମୁଖ ଓ ପାର୍ଶ୍ୱର ପୀଡ଼ା ଶାନ୍ତ ହୁଏ । (ଚକ୍ରଦତ୍ତ)

## ନଷ୍ଟୀବନ

ଅଦାରସ, ସୈନ୍ଧବ ଲବଣ, ଶୁଣ୍ଠି, ପିପ୍‌ପଳୀ, ଗୋଲମରିଚ ଚୂର୍ଣ୍ଣ ମୁଖରେ ଧାରଣ କରି କୁଳି କରିବ । ଏପରି କରିବା ଦ୍ୱାରା ହୃଦୟଗତ କଫ ହୃଦୟରୁ ଓ ଗଳାରେ ଶୁଷ୍କ ହୋଇଥିବା କଫ ବାହାରିଆସେ ।

## ଅଞ୍ଜନ

ଶିରୀଷ ମଞ୍ଜି, ପିପ୍‌ପଳୀ, ଗୋଲମରିଚ ଓ ସୈନ୍ଧବଲବଣ ଏ ସମସ୍ତ ଗୋମୂତ୍ରରେ ବାଟି ଅଞ୍ଜନ ଦେଲେ ଚେତା ଆସେ । ରସୁଣ, ମନଃଶିଳା ଓ ବଚ ମଧ୍ୟ ଗୋମୂତ୍ରରେ ବାଟି ଅଞ୍ଜନ ଦେଲେ ଚେତା ଆସେ ।

## ଜ୍ୱରରେ ଧୂପ

*ଅଷ୍ଟାଙ୍ଗ ଧୂପ* – ଗୁଗ୍‌ଗୁଳ, ନିମ୍ବପତ୍ର, ବଚ, କୁଢ଼, ହରିଡ଼ା, ସୋରିଷ, ଯବଧାନ ଓ ଘିଅର ଧୂପ ଦେବ ।

## ଜ୍ୱରରେ ବାମ୍ଫ

ସିଝୁ, ଅର୍କପତ୍ର, ବେଗୁନିଆ ପତ୍ର, ସାହାଡ଼ା ପତ୍ର ଓ ବାଉଁଶ ପତ୍ର ଏକତ୍ର ହାଣ୍ଡିରେ ପାଣି ଦେଇ ଫୁଟାଇ ତାର ବାମ୍ଫ ଦେଲେ ବିନା ଔଷଧରେ ଜ୍ୱର ଛାଡ଼ିଯାଏ ଅଥବା କୌଣସି ଔଷଧର ବାମ୍ଫ ଦେହରେ ଲଗାଇବାକୁ ତତଲା ଇଟା ଉପରେ ସେହି ଔଷଧ ରସ ବା କ୍ୱାଥ ଛିଞ୍ଚି ବାମ୍ଫ ଦେବ ।

**ପଥ୍ୟ –** ଜ୍ୱର ରୋଗୀର କ୍ଷୁଧା ହେଲେ, ଶୁଣ୍ଠୀ, ପିପ୍‌ପଳୀ ଦେଇ ଲିଆର ପେୟା ପ୍ରସ୍ତୁତ କରି ଖାଇବାକୁ ଦେବ । ଏହା ଲଘୁପାକ । ଜ୍ୱରରେ ଅଗ୍ନି କ୍ଷୀଣ ଥାଏ । ପେୟା ସହଜରେ ଜୀର୍ଣ୍ଣ ହୁଏ ଓ ଜ୍ୱର ଶାନ୍ତ ହୁଏ ।

ସିଠାଯୁକ୍ତ ମଣ୍ଡକୁ ପେୟା କହନ୍ତି ।

ମଣ୍ଡ – ଚଉଗୁଣ ପାଣିରେ ତଣ୍ଡୁଳ ସିଦ୍ଧ କରି ସିଠା ପରିତ୍ୟାଗ କଲେ ଯେଉଁ ତରଳ ଭାଗ ରହେ, ତାହାକୁ ମଣ୍ଡ କହନ୍ତି ।

## ରୋଗୀର ପଥ୍ୟ

**ଜଳ ସାଗୁ –** ସାଗୁ ଏକ ଛଟାଙ୍କି, ମିଶ୍ରି ଦୁଇ ଛଟାଙ୍କି, ଡ଼ାଲଚିନି ଦୁଇ ରତି, ଅଳେଇଚ ଦାନା ଏକ ରତି, କମଳା ଚୋପା ସୁକି ଓଜନ, ପାଣି ଏକ ସେର । ସାଗୁଗୁଡ଼ିକ ଧୋଇ କରି ୧ ସେର ପାଣିରେ ଏକଘଣ୍ଟା କାଳ ଭିଜାଇ ରଖିବ । ତା'ପରେ ଚୁଲୀରେ ବସାଇ ଜାଳ ଦେଇ ଘାଣ୍ଟୁଥିବ ।

ଯେତେବେଳେ ବେଶ୍ ଜଳବତ୍ ହେବ ଅର୍ଥାତ୍ ସାଗୁଦାନା ରହିବ ନାହିଁ, ସେତେବେଳେ କମଳା ଚୋପାଭିନ୍ନ ଅନ୍ୟ ସମସ୍ତ ମସଲା ଦେଇ ଘାଣ୍ଟିବ । ପରେ କମଳାଚୋପା ପକାଇ ତତ୍କ୍ଷଣାତ୍ ଚୁଲୀରୁ ଓହ୍ଲାଇ ଢ଼ାଙ୍କି ରଖିବ । ଖାଇବା ସମୟରେ କମଳାଚୋପା ପକାଇଦେବ । ଏହା ଈଷତ୍ ଗରମ ଥାଇ ଖାଇବା ଉଚିତ୍, କାରଣ ଯେତେଯେତେ ଥଣ୍ଡା ହୁଏ, ସେତେ ଗୁରୁପାକ ହୁଏ ।

**ଦୁଗ୍ଧ ସାଗୁ** – ସାଗୁ ଏକ ଛଟାଙ୍କି, ମିଶ୍ରି ଦୁଇ ଛଟାଙ୍କି, ପାଣି ଅଧସେର, ଦୁଧ ଅଧସେର, ଗୁଜୁରାତି ଦାନା ଏକ ରତି, ଡ଼ାଲଚିନି ଚୂର୍ଣ୍ଣ ଏକ ରତି । ପ୍ରଥମେ ଅଳ୍ପ ଦୁଧ ସିଝାଇବ । ଏକ ଉଉରା ଉଠିଲେ ତହିଁରେ ମିଶ୍ରି ବା ଚିନି ଦେଇ ଓହ୍ଲାଇ ଢ଼ାଙ୍କି ରଖିବ । ପୂର୍ବରୁ ପୃଥକ୍ ଗୋଟିଏ ପାତ୍ରରେ ସାଗୁଗୁଡ଼ିକ ଧୋଇ ଏକ ଘଣ୍ଟା କାଳ ଭିଜାଇ ରଖିବ । ପରେ ଅଧସେର ପାଣି ଦେଇ ଜଳସାଗୁ ପରିପାକ ହେଲେ ତହିଁରେ ଦୁଧ ଢ଼ାଳିଦେଇ ବାରମ୍ବାର ଘୋଟୁଥିବ । ବାରମ୍ବାର ନ ଘାଣ୍ଟିଲେ ମୁଣ୍ଡା ମୁଣ୍ଡା ହୋଇଯିବ । ଘାଣ୍ଟୁ ଘାଣ୍ଟୁ ଦେଖିବ, ଯେତେବେଳେ ସାଗୁ ଦୁଧ ସହିତ ଉତ୍ତମରୂପେ ମିଶିଯାଇଛି ସେତେବେଳେ ତହିଁରେ ଗୁଜରାତି ଦାନା ଓ ଡ଼ାଲିଚିନି ଚୂର୍ଣ୍ଣ ପକାଇ ୨/୩ ଥର ଘାଣ୍ଟି ଓହ୍ଲାଇ ଢ଼ାଙ୍କି ଦେବ । ସାମାନ୍ୟ ଗରମ ଥାଇ ଖାଇବ ।

## ସୂତିକା ସନ୍ନିପାତରେ ରୋଗୀ ମରିଯାଉଥିଲେ

ପ୍ରସବ ପରେ ସୂତିକା ସନ୍ନିପାତ ରୋଗର ସମସ୍ତ ଚିକିତ୍ସା ବ୍ୟର୍ଥ ହେଲେ ଡ଼ାକ୍ତର ଓ କବିରାଜମାନେ ରୋଗୀ ବଞ୍ଚିବାର ଆଶା ନାହିଁ ବୋଲି କହିଲେ ଧାରଞ୍ଜ ଗଛର ଚେରକୁ ସାମାନ୍ୟ ଘୋରି (ଅଧଚାମଚ) ସେଥିରେ ସାମାନ୍ୟ ଅଣସୋରିଷା ବାଟି ମିଶାଇ ରୋଗୀକୁ କୌଣସି ମତେ ଖୁଆଇଦେବ । ପାଟି ବାଟେ ଔଷଧ ନ ଗଲେ ନାକ ବାଟେ ଦେବ । ଔଷଧ ପେଟକୁ ଯିବାର ପ୍ରାୟ ଦୁଇ ମିନିଟ୍ ଭିତରେ ରୋଗୀର ଆଖି ଲାଲ ବର୍ଣ୍ଣ ହୋଇଗଲେ ରୋଗୀ ପିଇବାକୁ ସଙ୍କେତ ଦେବ । ସେତେବେଳେ ଆମ୍ବିଳି ତୋରାଣୀ ବା ଚହ୍ଲା ପିଇବାକୁ ଦେବ । ତା'ପରେ ରୋଗୀକୁ କୂଅ ବା ପୋଖରୀ ପାଖକୁ ନେଇ ତା ମୁଣ୍ଡରେ ପାଣି ଢ଼ାଳିବ । ଯେତେବେଳେ ଶୀତ ହେଲା ବୋଲି ରୋଗୀ କହିବ, ସେତେବେଳେ ପାଣି ଢ଼ାଳିବା ବନ୍ଦ କରିବ । ଏତିକିରେ ରୋଗୀ ରୋଗମୁକ୍ତ ହେବ । (ପରୀକ୍ଷିତ)

ଧାରଞ୍ଜ ଚେର ନ ମିଳିଲେ ଖଡ଼ିକାସିଝୁ ଚେର ସୁକି ଓଜନ ସେଥିରେ ଅଣସୋରିଷା ମିଶାଇ ବାଟି ପିଆଇବ । (ପରୀକ୍ଷିତ)

ଖଡ଼ିକା ସିଝୁ ନ ମିଳିଲେ ସୀତାଫଳ ଚେରର ଛାଲି ଦୁଇ ଅଣି ଓଜନ ସେଥିରେ ସାତଟି ରାଇସୋରିଷ ମିଶାଇ ବାଟି ପିଆଇ ଦେବ । କେବଳ ସନ୍ନିପାତରେ ମଧ୍ୟ ଏହି ଔଷଧ ନିର୍ଭୟରେ ଦିଆଯାଇପାରେ ।

# ପାଳି (ଏକାହିକ) ଜ୍ୱର

୧) କୁମ୍ଭାରପୋକ ବସାର ମାଟି କୌଣସି ଶନିବାର ଦିନ ଆଣି ରଖିଥିବ । ଏହି ମାଟି ଏକ ବର୍ଷ ପର୍ଯ୍ୟନ୍ତ ଔଷଧ ରୂପେ ବ୍ୟବହାର ହୋଇପାରିବ । ହଠାତ୍ ଯଦି ଔଷଧ ଦେବାକୁ ହୁଏ ଏବଂ ଆଗରୁ ଶନିବାର ଦିନ ମାଟି ଆଣି ରଖିନଥିବ ତାହାହେଲେ ସାଙ୍ଗେ ସାଙ୍ଗେ ମାଟି ଆଣି ଦେଲେ ଉପକାର ହୋଇପାରେ । ଏଥିରେ ଭଲ ନହେଲେ ଆଉ ଥରେ ଶନିବାର ଦିନ ଆଣିଥିବା ମାଟି ବ୍ୟବହାର କରିବ । ସେହି ମାଟିରୁ ଟିକିଏ ଚୂର୍ଣ୍ଣ କରି ବାମହାତ ପାପୁଲିରେ ରଖି ଟିକିଏ ଛେପ ପକାଇ (ଯେ ଔଷଧ ଦେବ ତାର ଛେପ) କାଦୁଅ ପରି ହେଲେ ଡ଼ାହାଣ ହାତ ବୁଢ଼ା ଆଙ୍ଗୁଳିରେ ଲଗାଇ ରୋଗୀର କପାଳରେ (ଦୁଇ ଭ୍ରୂଲତା ମଝିରୁ ଆରମ୍ଭ କରି ମୁଣ୍ଡବାଳ ମୂଳ ପର୍ଯ୍ୟନ୍ତ) ଚିତା କାଟି ଦେବ । ରୋଗୀ ଏହି ଚିତା ସେଦିନ ଧୋଇବ ନାହିଁ । ଏହି ହେଲା ଔଷଧ । ପାଳିଜ୍ୱର ଆଉ ତା ଜୀବନରେ ହେବ ନାହିଁ । (ସନ୍ନ୍ୟାସୀ ଦତ୍ତ ଓ ବହୁ ପରୀକ୍ଷିତ)

କୁମ୍ଭାରପୋକ ଦେଖିବାକୁ ଦେଖିବାକୁ ବିରୁଡ଼ିପରି । ଏହି ପୋକ ମାଟି ନେଇ କବାଟରେ, ଝରକାରେ ଓ କାନ୍ଥରେ ତାର ବସା କରି ତା'ଭିତରେ ପୋକ ରଖି ଗାତ ବନ୍ଦ କରିଦିଏ । ଯେତେବେଳେ ସେହି ପୋକ କୁମ୍ଭାରପୋକରେ ପରିଣତ ହୋଇ ଉଡ଼ିପାରିବାକୁ ହୁଏ, ସେତେବେଳେ ବସା ମୁହଁ କଣା କରି ଉଡ଼ିଯାଏ । ପୋକ ଉଡ଼ିଯାଇଥିବା ବସାମାଟି ଆଣି ଔଷଧ କରିବ ।

୨) ନିମ୍ନଲିଖିତ ମନ୍ତ୍ରକୁ ଭୁଜପତ୍ରରେ ଲେଖି ତ୍ୱମ୍ବା ଡ଼େଉଁରିଆରେ ପୂରାଇ ସ୍ତ୍ରୀଲୋକ ବାମ ହାତ ବାହୁରେ ଏବଂ ପୁରୁଷ ଲୋକ ଡ଼ାହାଣ ହାତ ବାହୁରେ ପିନ୍ଧିଲେ ଏକାହିକ ଜ୍ୱର ହେବ ନାହିଁ ।

'ସମୁଦ୍ରସ୍ୟୋତ୍ତରେ ତୀରେ କୁମୁଦୋ ନାମ ବାନରଃ
ତସ୍ୟ ସ୍ମରଣ ମାତ୍ରେଣ ନଶ୍ୟତ୍ୟେକାହିକୋଜ୍ୱରଃ ।'

୩) ଅରଖ ଗଛର ଅତି କଅଁଳ ପତ୍ର ୩ ରତି ଓଜନ ଗୁଡ଼ ଭିତରେ ପୁରାଇ ପାଳିଜ୍ୱର ଆସିବାର ୨/୩ ଘଣ୍ଟା ପୂର୍ବରୁ ଥରେ ମାତ୍ର ଖାଇଲେ ପାଳିଜ୍ୱର ଛାଡ଼ିଯାଏ । ପ୍ରଥମ ଦିନ ବଡ଼ ଜ୍ୱର ହୋଇପାରେ ।

୪) କାକଜଙ୍ଘା, ବଜ୍ରମୂଳୀ, ସୁଆଁଲଇ, ଲାଜକୁଳୀ, କୃଷ୍ଣପର୍ଣ୍ଣୀ, ଅପମାର୍ଗ, ଭୃଙ୍ଗରାଜ ଏମାନଙ୍କ ମଧ୍ୟରୁ ଯେକୌଣସି ଗୋଟିକର ମୂଳ ପୁଷ୍ୟା ନକ୍ଷତ୍ରରେ ଆଣି ରଙ୍ଗ ସୂତାରେ ଗୁଡ଼ାଇ ପୁରୁଷ ଲୋକ ଡ଼ାହାଣ ହାତ ବାହୁରେ ଏବଂ ସ୍ତ୍ରୀଲୋକ ବାମ ହାତ ବାହୁରେ ବାନ୍ଧିଲେ ଏକାହିକ ଜ୍ୱର ଛାଡ଼ିଯାଏ । (ଚକ୍ରଦତ୍ତ)

୫)　ଜର ପାଳିଦିନ ରୋଗୀ ସକାଳୁ ଉଠି ମୁହଁ ନଧୋଇ ଏପରିକି ପାଣି ନ ଛୁଇଁ ପୋକସୁଙ୍ଘା ପତ୍ର ରସ ନସ୍ୟ ନେଲେ ପାଳି ଜ୍ୱର ହୁଏନାହିଁ ।

## ଦ୍ୱାହିକ ଜ୍ୱର

୧)　ଅତୁସୀ(ପେଶୁ) ପତ୍ରର ରସ ନସ୍ୟ ରୂପେ ବ୍ୟବହାର କରିବ ।

୨)　କୁମ୍ଭାର ପୋକ ମାଟିର ଚିତା ନେଇ ପରୀକ୍ଷା କରାଯାଇପାରେ ।

## ତୃତୀୟକ ଜ୍ୱର

୧)　ଅପମାର୍ଗ ଚେର ସାତଟି ରଙ୍ଗ ସୂତାରେ ରବିବାର ଦିନ କଟି ତଳେ ବାନ୍ଧିଲେ ସୂର୍ଯ୍ୟ ଉଦୟରେ ଅନ୍ଧକାର ପରି ତୃତୀୟକ ଜ୍ୱର ଛାଡ଼ିଯାଏ । (ଚକ୍ରଦତ୍ତ)

୨)　କୁମ୍ଭାରପୋକ ମାଟିର ଚିତା ଦେଇ ପରୀକ୍ଷା କରାଯାଇପାରେ ।

## ଚତୁର୍ଥକ ଜ୍ୱର

୧)　ଗୁଳୁଚି, ଅଁଳା ଓ ମୁଥା ଏମାନଙ୍କର କ୍ୱାଥ ପାନ କଲେ ଚତୁର୍ଥକ ଜ୍ୱର ଛାଡ଼ିଯାଏ । (ଚକ୍ରଦତ୍ତ)

୨)　ଭୃଙ୍ଗରାଜ ରସରେ କନାକୁ ଓଦା କରି ଶୁଖାଇ ସେହି କନାରେ ଗୁଗ୍‌ଗୁଳ ଓ ଉଲୁକର ପୁଚ୍ଛ ବାନ୍ଧି ନିଆଁ ଲଗାଇ ଧୂପ ଦେଲେ ଚତୁର୍ଥକ ଜ୍ୱର ଛାଡ଼ିଯାଏ । (ଚକ୍ରଦତ୍ତ)

୩)　ଅଗସ୍ତିପତ୍ର ରସ ନସ୍ୟ ନେଲେ ଚତୁର୍ଥକ ଜ୍ୱର ଛାଡ଼ିଯାଏ । (ଚକ୍ରଦତ୍ତ)

୪)　କୁମ୍ଭାରପୋକ ବସାର ମାଟି ଚିତା ଦେଇ ପରୀକ୍ଷା କରାଯାଇପାରେ ।

## ମ୍ୟାଲେରିଆ ଜ୍ୱର

୧)　ଗଙ୍ଗଶିଉଳି ପତ୍ର ରସ ଦୁଇ ତୋଳା ସହିତ ମହୁ ଅଧଚାମଚ ମିଶାଇ ଖାଇଲେ ବିଷମ, ଅବିଷମ ସକଳ ପ୍ରକାର ଜ୍ୱର ଛାଡ଼ିଯାଏ । (ଚକ୍ରଦତ୍ତ)

ଜ୍ୱରର ପ୍ରଥମ ଅବସ୍ଥାରେ ଲଙ୍ଘନ (ଉପବାସ) କରି ଝାଡ଼ା ସଫାକରାଇ ଔଷଧ ଖାଇବ ।

୨)　ଗୋଟିଏ କୋଳାଥିବା ରସୁଣ (ସୁକି ଓଜନ) ବାଟି ରାଶିତେଲରେ ମିଶାଇ ଭୋଜନ ପୂର୍ବରୁ ପ୍ରତିଦିନ ନିୟମିତ ଭାବରେ ଅନ୍ତତଃ ସାତଦିନ ଖାଇଲେ ବିଷମ ଜ୍ୱର ଓ ଭୟଙ୍କର ବାତରୋଗମାନ ମଧ୍ୟ ଶୀଘ୍ର ଭଲ ହୁଏ । (ଚକ୍ରଦତ୍ତ)

୩)　ଗୁଆଘିଅ ଏକତୋଳାରେ ରସୁଣ (ଚୋପା ଛଡ଼ାଇ) ସୁକି ଓଜନ ଭାଜି ସକାଳେ ଖାଲି ପେଟରେ ଖାଇବ (ଘିଅ ଓ ରସୁଣ ଖାଇବ) । ଏହିପରି ପ୍ରତିଦିନ ତିଆରି କରି ଲାଗ ଲାଗ

ସାତ ଦିନ ଖାଇଲେ ଅନ୍ତତଃ ୬ମାସ ପର୍ଯ୍ୟନ୍ତ ମ୍ୟାଲେରିଆ ଜ୍ୱର ହେବ ନାହିଁ । ବାଳକ ଅର୍ଦ୍ଧମାତ୍ରା । (ପରୀକ୍ଷିତ)

୪) 'ପଟୋଳ ମୁସ୍ତାମୃତବଲ୍ଲୀ ବାସକଂ
ସନାଗରଂ ଧାନ୍ୟଂ କିରାତତିକ୍ତଂ
କଷାୟମେତତ୍ ମଧୁନା ପିବେତ୍ ନରଃ
ନିବାରୟେତ୍ ଦୁର୍ଜ୍ଜଳ ଦୋଷମୁଦ୍ଧତଂ ।'

**ଅର୍ଥ** – ପୋଟଳ ପତ୍ର, ମୁଥା, ଗୁଳୁଚି, ବାସଙ୍ଗପତ୍ର, ଶୁଣ୍ଠି, ଧନିଆ, ଭୂଇଁ ନିମ୍ବ ପ୍ରତ୍ୟେକରୁ ସୁକି ଓଜନ ନେଇ ଅଧସେର ପାଣିରେ ମାଟି ହାଣ୍ଡିରେ ସିଝାଇ ଅବଶେଷ ୧ ଛଟାଙ୍କି ରହିଲେ, ଛାଣି ଥଣ୍ଡା କରି ସେଥିରେ ୧ ତୋଳା ମହୁ ମିଶାଇ ଖାଇବ । ଏହା ଏକ ପାନ ହେଲା । ଦିନକୁ ଦୁଇ ପାନ କରି ଜର ଛାଡ଼ିବା ପର୍ଯ୍ୟନ୍ତ ଖାଇବ । (ପରୀକ୍ଷିତ)

୫) ଭୂଇଁନିମ୍ବ ସ୍ୱରସ ୪୦ ତୋଳା, ମହୁ ୬୦ ତୋଳା, ପିପ୍ପଳୀ ଚୂର୍ଣ୍ଣ ୨.୫ତୋଳା, ଗୋଲମରିଚ ଚୂର୍ଣ୍ଣ ୨.୫ତୋଳା – ଏ ସମସ୍ତ ମିଶାଇ ଶିଶିରେ ରଖିବ ।

**ମାତ୍ରା** – ଏକ ଆଉନ୍‌ସ ସମଭାଗ ପାଣି ମିଶାଇ ଦିନକୁ ଦୁଇଥର ଜ୍ୱର ଭଲ ହେବା ପର୍ଯ୍ୟନ୍ତ ଖାଇବ । ନୂତନ ଓ ପୁରାତନ ମ୍ୟାଲେରିଆ ଜ୍ୱରରେ ଅବ୍ୟର୍ଥ ଔଷଧ । (ପରୀକ୍ଷିତ)

୬) କୃଷ୍ଣ ତୁଳସୀ କଞ୍ଚା ପତ୍ର ପାଞ୍ଚ ତୋଳା, ଦୁଇ ତୋଳା ଗୋଲମରିଚ ଏକତ୍ର ଅନ୍ତତଃ ପାଞ୍ଚଘଣ୍ଟା ଖଲରେ ମର୍ଦ୍ଦନ କରି ବୁଟ ପରି ବଟିକା କରି ଶିଶିରେ ରଖିବ । ପ୍ରତିଦିନ ଦୁଇଟି ବଟିକା ଖାଉଥିଲେ ମ୍ୟାଲେରିଆ ଜ୍ୱର ହେବ ନାହିଁ । ଜ୍ୱର ସମୟରେ, ଜ୍ୱର ଆସିବାର ଏକ ଘଣ୍ଟା ବା ଦୁଇ ଘଣ୍ଟା ପୂର୍ବରୁ ଦୁଇଟି ବଟିକା ଗରମ ପାଣିରେ ଖାଇବ । ସର୍ଦ୍ଦିଥିଲେ ପାନ ରସରେ ଖାଇବ । ଜ୍ୱର ଅବସ୍ଥାରେ ଦିନକୁ ୪/୬ଟି ବଟିକା ଖାଇବ । ଗୋଲମରିଚକୁ ପାଣିରେ ପକାଇବ । ଯେଉଁ ଗୋଲମରିଚ ପାଣିରେ ବୁଡ଼ିଯିବ, ସେଗୁଡ଼ିକୁ ଔଷଧରେ ବ୍ୟବହାର କରିବ ।

୭) ଚିରେଇତା (ଭୂଇଁ ନିମ୍ବ) ପାଞ୍ଚ ତୋଳା (ଶୁଖିଲା)କୁ କୁଟି ଦୁଇ ସେର ପାଣିରେ ଭିଜାଇ ରାତିରେ ଗୋଟିଏ ପାତ୍ରରେ ରଖିବ ଏବଂ ସେଥିରେ ଦେଢ଼ ଗଜ କନା ବା ଗୋଟିଏ ଗେଞ୍ଜି ବୁଡ଼ାଇ ରଖିବ । ସକାଳେ ସେହି ପାତ୍ରକୁ ଚୂଲୀରେ ବସାଇ ମନ୍ଦ ମନ୍ଦ ଜାଳ ଦେବ । ଯେତେବେଳେ ପ୍ରାୟ ଦୁଇ ଛଟାଙ୍କି ପାଣି ରହିବ, ସେ କନା ବା ଗେଞ୍ଜିକୁ କାଢ଼ି ନ ଚିପୁଡ଼ି ଶୁଖାଇବ । ଶୁଖିଗଲା ପରେ ସେହି ଗେଞ୍ଜିକୁ ରୋଗୀ ପିନ୍ଧିବ । ୩/୪ ଦିନ ପିନ୍ଧିଲା ପରେ ଭଲ କରି ଧୋଇ ପୁନର୍ବାର ଉପରୋକ୍ତ ମତେ ଚିରେଇତା ପାଣିରେ ସିଝାଇ ଶୁଖାଇ ପିନ୍ଧିବ ।

**ଗୁଣ** – କେବଳ ଏହି ଗେଞ୍ଜି ପିନ୍ଧିବା ଦ୍ୱାରା ଜୀର୍ଣ୍ଣ ଜ୍ୱର , ପାଳି ଜ୍ୱର ଏବଂ ଚର୍ମରୋଗ ନଷ୍ଟ ହୁଏ । ଜରରେ ଉପଯୁକ୍ତ ଔଷଧ ଖାଇ ମଧ୍ୟ ଏହି ଗେଞ୍ଜି ପିନ୍ଧିଲେ ବିଶେଷ ଫଳ ଦିଏ ।

୮) ରତ୍ନଗିରି ରସ – ଶୁଦ୍ଧ ମନଃଶିଳା, ଶୁଦ୍ଧ ହିଙ୍ଗୁଳା, ଲବଙ୍ଗ, ଜାଇଫଳ, ସମଭାଗ ଅଦାରସରେ ଭାବନା ଦେଇ ମର୍ଦ୍ଦନ କରିବ । ଏହିପରି ସାତ ଦିନରେ ସାତଥର ଭାବନା ଦେଇ ମର୍ଦ୍ଦନ କରି ଅଧରତି ହିସାବରେ ବଟିକା କରିବ । ଦିନକୁ ଦୁଇଟି ବଟିକା ଖାଇବ । ମ୍ୟାଲେରିଆ ଜ୍ୱରରେ ଧନିଆଁକୁ ଗରମ ପାଣିରେ ବତୁରାଇ ବାଟି ରସ ବାହାର କରି ସେହି ରସରେ ଦେବ । ଟାଇଫଡ଼ (ଆନ୍ତ୍ରିକଜ୍ୱର) ଜ୍ୱରରେ ବାସଙ୍ଗ ପତ୍ର ରସ ଦେବ ।

୯) ଶୁଖିଲା ଗିଲକୁ ଭାଙ୍ଗି ଶସ ବାହାର କରି ଚୂର୍ଣ୍ଣ କରିବ । ସେହି ଚୂର୍ଣ୍ଣ ୩ ଭାଗ ଓ ପିପ୍‌ପଳୀ ଏକଭାଗ ଏକତ୍ର ମିଶାଇ ଗଙ୍ଗଶିଉଳି ପତ୍ର ରସରେ ୩ଥର ଭାବନା ଦେବ । ତା'ପରେ ଘରପୋଡ଼ିଆ ପତ୍ର ରସ ବା କ୍ୱାଥରେ ୩ଥର ଭାବନା ଦେବ । ପରେ ନିମ୍ବପତ୍ର ରସରେ ପୁଣି ଭାବନା ଦେବ । ଶେଷରେ ଗୁଳୁଚି ରସରେ ୩ଥର ଭାବନା ଦେଇ ଚାରି ରତି ମାତ୍ରାରେ ବଟିକା କରି ରଖିବ । ଦିନକେ ଦୁଇଟି ବା ୩ଟି ବଟିକା ଥଣ୍ଡାପାଣି ବା ମହୁ ସଙ୍ଗେ ଖାଇଲେ ୩ ଦିନରେ ଜ୍ୱର କମିଯିବ ଏବଂ ଏକ ସପ୍ତାହରେ ରୋଗମୁକ୍ତ ହେବ ।

ବାଳକ – ଅର୍ଦ୍ଧମାତ୍ରା, ଶିଶୁ – ସୁକି ମାତ୍ରା ।

ଏହା ମ୍ୟାଲେରିଆ ଜ୍ୱରର ଅବ୍ୟର୍ଥ ଔଷଧ ।

ଗିଲ ସଂସ୍କୃତରେ – ପୁତିକରଞ୍ଜ, ବଙ୍ଗ ଭାଷାରେ – ନାଟାକରଞ୍ଜ, ହିନ୍ଦିରେ – କଣ୍ଟାକାରେଞ୍ଜା, ତେଲୁଗୁରେ – ଗଚ୍ଚେଟ୍ଟୁ ।

୧୦) ବିଷମଜ୍ୱରାରି – ଔଷଧ ଖାଇବା ପୂର୍ବରୁ ରେଚନ (ଜୁଲାପ) ଦେବ । ଜୁଲାପ୍ – ପାରାଫିନ୍ ଲିକ୍ୱିଡ୍ ଏକ ଆଉନସ୍ ବା ଦୁଇ ଆଉନସ୍ ଦେବ ଅଥବା ବୁଟ ଡ଼ାଲିକୁ ସିଝୁ କ୍ଷୀରରେ ୨/୩ ଦିନ ଭିଜାଇ ଶୁଖାଇ ଚୂର୍ଣ୍ଣ କରି ଦୁଇ ରତି ହିସାବରେ ବଟିକା କରିବ । ଦୁଧ ବା ପାଣି ସଙ୍ଗେ ରାତିରେ ବା ସକାଳେ ଗୋଟିଏ ବଟିକା ଖାଇବ । ଝାଡ଼ା ସଫା ହେଲା ପରେ ନିମ୍ନଲିଖିତ ଔଷଧ ଖାଇବ ।

ଶୁଦ୍ଧ ହରିତାଳ ଏକଭାଗ, ଶୁଦ୍ଧ ସ୍ଫଟିକ (ଫିଟିକିରି) ଛଅ ଭାଗ । ସ୍ଫଟିକ ଭିତରେ ହରିତାଳ ରଖି ସରା ସମ୍ପୁଟରେ ୨୦ ସେର ଘଷି ନିଆଁରେ ପାକ କରି ଥଣ୍ଡା ହେଲେ ଚୂର୍ଣ୍ଣ କରି ରଖିବ ।

**ମାତ୍ରା** – ଦୁଇ ରତି ଠାରୁ ଚାରି ରତି ଦିନକୁ ଚାରି ଥର ଖାଇବ । ଗରମ ପାଣି ବା ଅଶ୍ୱତ୍ଥ ଛାଲିର କ୍ୱାଥରେ ଖାଇବ । ବିଷମ ଜ୍ୱରର ପ୍ରତ୍ୟେକ ଅବସ୍ଥାରେ, ସତତ, ସନ୍ତତ, ଅନ୍ୟଦୁଷ୍ଣ,

ତୃତୀୟ, ଚାତୁର୍ଥିକ ଜ୍ୱରର ଅବ୍ୟର୍ଥ ଔଷଧ । ବେଶି ଉତ୍ତାପ ଥିଲାବେଳେ ମଧ୍ୟ ଦିଆଯାଇପାରେ । ଜ୍ୱର ଆସିବା ପୂର୍ବରୁ ୧ ଘଣ୍ଟା ଅନ୍ତରରେ ୩/୪ ପାନ ଖାଇଲେ ଜ୍ୱର ହେବ ନାହିଁ ।

## ସର୍ବଜ୍ୱର ହର

| | |
|---|---|
| ହିଙ୍ଗୁଳରୁ ବାହାର ହୋଇଥିବା ପାରା | ଅଧତୋଳା |
| ଶୁଦ୍ଧ ଆମଳାସାର ଗନ୍ଧକ | ଏକ ତୋଳା |
| ଶୁଦ୍ଧ ଟାଙ୍ଗଣା | ଦୁଇ ତୋଳା |
| ଶୁଦ୍ଧ ବସ୍ତନାଗ ବିଷ | ଚାରିତୋଳା |
| ଶୁଦ୍ଧ ଦୁଦୁରାମଞ୍ଜି ଚୂର୍ଣ୍ଣ | ଆଠ ତୋଳା |
| ଶୁଣ୍ଠୀ ଚୂର୍ଣ୍ଣ | ୫ ତୋଳା ୪ ମସା |
| ପିପ୍ପଳୀ ଚୂର୍ଣ୍ଣ | ୫ ତୋଳା ୪ ମସା |
| ଗୋଲମରିଚ ଚୂର୍ଣ୍ଣ | ୫ ତୋଳା ୪ମସା |
| ଦୁଦୁରା ଚେରର ରସ | ୧୨(ବାର) ଛଟାଙ୍କି |

ପ୍ରଥମେ ପାରା ଓ ଗନ୍ଧକ ଏକତ୍ର ବହୁତ ସମୟ ଖଲରେ ମର୍ଦ୍ଦନ କରି କଜ୍ଜଳି ହୋଇଗଲେ ସେଥିରେ ଟାଙ୍ଗଣା ଠାରୁ ଗୋଲମରିଚ ପର୍ଯ୍ୟନ୍ତ ସମସ୍ତ ଚୂର୍ଣ୍ଣ ମିଶାଇ ମର୍ଦ୍ଦନ କରିବ (ଅନ୍ତତଃ ଦୁଇଘଣ୍ଟା) । ତାପରେ ଅଳ୍ପ ଅଳ୍ପ ଦୁଦୁରା ଚେର ରସ ଦେଇ ଦୁଇ ଦିନ ଖଲରେ ମର୍ଦ୍ଦନ କରି ବିରିପରି ବଟିକା କରି ମାଟି ପଲମରେ ଶୁଖାଇ ଶିଶିରେ ରଖିବ । ଦିନକୁ ୩ଟି ବଟିକା ଖାଇବ ।

ବାତପିତ୍ତ ଜ୍ୱରରେ ନଡ଼ିଆ ପାଣି ଓ ଚିନି ସହିତ, କଫପିତ୍ତ ଜ୍ୱରରେ ମହୁ ସହିତ, ସନ୍ନିପାତ ଜ୍ୱରରେ ଅଦାରସ ସହିତ ଖାଇବ ।

## ପୁରାତନ ଜ୍ୱର

୧) କୁଡ଼, ଜାଇଫଳ, ଦୁଦୁରାମଞ୍ଜି ସମଭାଗ ଅଦାରସରେ ମର୍ଦ୍ଦନ କରି ମୁଗ ପରି ବଟିକା କରିବ । ଯେଉଁ ରୋଗୀର ଜ୍ୱର ସଙ୍ଗେ କଫ କାଶ ଥିବ, ତାକୁ ଅଦାରସ ସଙ୍ଗେ ସକାଳେ ସନ୍ଧ୍ୟାରେ ଗୋଟିଏ ଲେଖାଁ ବଟିକା ଦେବ । ଯଦି କାଶ ନଥିବ, ତୁଳସୀ ପତ୍ରର ରସ ଓ ମହୁ ସଙ୍ଗେ ଦେବ । ଏପରି କଲେ ୧୦ ଦିନରେ ପୁରୁଣା ଜ୍ୱର ଛାଡ଼ିଯିବ ।

ଦୁଦୁରାମଞ୍ଜିକୁ ୧୨ଘଣ୍ଟା ଗୋମୂତ୍ରରେ ବତୁରାଇ ଧୋଇ ଶୁଖାଇ ଔଷଧରେ ବ୍ୟବହାର କରିବ ।

୨) ଗୋଲମରିଚ ଚୂର୍ଣ୍ଣକୁ ଦୁଦୁରାପତ୍ର ରସରେ ୨୧ ଥର ଭାବନା ଦେଇ ଏକରତି ହିସାବରେ ବଟିକା କରି ଦିନକୁ ୩ଥର ଖାଇବ । ଯେତେ ପୁରୁଣା ଜ୍ୱର ହେଉପଛକେ ଭଲ ହେବ । ଜ୍ୱର ଛାଡ଼ିବା ପର୍ଯ୍ୟନ୍ତ ଖାଇବ ।

ଜ୍ୱରରେ ଅଞ୍ଜନ – କାଗେଜିଲେମ୍ବୁ ମଞ୍ଜିର ଶସ, ମନଃଶିଳା, ଧୋବଜୀରା, ଗାଈ ଘିଅରେ ହୋଇଥିବା କଜ୍ଜଳ ସମଭାଗ ନେଇ ଏକତ୍ର ମିଶାଇ ୨୧ ଥର ଶମୀ ଗଛର ରସରେ ଭାବନା ଦେବ । ତା'ପରେ ଭଲ କରି ଚୂର୍ଣ୍ଣ କରି ରେଶମ କନାରେ ଛାଣି ଶିଶିରେ ରଖିବ । ଏହି ଚୂର୍ଣ୍ଣକୁ ଆଖିରେ ଅଞ୍ଜନ ପରି ଲଗାଇଲେ ଯେଉଁ ପ୍ରକାର ଜ୍ୱର ହେଉ ନା କାହିଁକି, ତତ୍‌କ୍ଷଣାତ୍ ଭଲ ହେବ ।

## ଆନ୍ତ୍ରିକ ଜ୍ୱର

| | |
|---|---|
| ଚନ୍ଦ୍ରକଳା ରସ | ୧୫ ଯବ |
| ମୁକ୍ତାଦି ବଟି | ୧୫ ଯବ |
| ଶୃଙ୍ଗୀ ଭସ୍ମ | ୧୫ ଯବ |
| ପୋହଲା ଭସ୍ମ | ୧୫ ଯବ |
| ଶିତୋପଳାଦିଚୂର୍ଣ୍ଣ | ୪୫ ଯବ |

ଏକତ୍ର କରି ୯ ଭାଗ କରିବ ।

**ମାତ୍ରା** – ଜ୍ୱରର ଉତ୍ତାପ ୧୦୧ ଡ଼ିଗ୍ରୀରୁ ବେଶିଥିଲେ ମିଶ୍ରିପାଣି ସହିତ ପ୍ରତି ଦୁଇ ଘଣ୍ଟାରେ ଏକପାନ ଓ ଉତ୍ତାପ ୧୦୧ରୁ କମ୍ ଥିଲେ ପ୍ରତି ୪ ଘଣ୍ଟାରେ ଏକପାନ ମିଶ୍ରିପାଣି ସହିତ ଦେବ । ଦୁଇ ଦିନରେ ଆନ୍ତ୍ରିକଜ୍ୱର ଭଲ ହେବ । (୪ ଯବରେ ଏକରତି) (କବିରାଜ ଇନ୍ଦୁଭୂଷଣ ଭିକାରୀ, ରାୟପୁର)

## ବାତଜ୍ୱର (ଫାଇଲେରିଆ)

ଦିନରେ ଭାତ ଖାଇଲା ପୂର୍ବରୁ ପରିସ୍ରା କରିବ ଏବଂ ଖାଇଲା ପରେ ପରିସ୍ରା କରିବ । ସେହିପରି ରାତିରେ ଭାତ ବା ରୁଟି ଖାଇଲା ପୂର୍ବରୁ ପରିସ୍ରା କରିବ ଏବଂ ଖାଇଲା ପରେ ପରିସ୍ରା କରିବ । ରାତିରେ ଖାଉଥିବା ସମୟରେ ପାଣି ପିଇବ ନାହିଁ । ଖାଇସାରି ମୁହଁ ହାତ ଧୋଇ ପାଣି ପିଇବ । ଏହି ଅଭ୍ୟାସ ରଖିଲେ ବାତଜ୍ୱର ହେବ ନାହିଁ ।

ବାତଜ୍ୱର (ଫାଇଲେରିଆ) ଅରୋଗ୍ୟ ପାଇଁ ଅନୁଭୂତ ଯୋଗମାଳା (୨ୟ ଭାଗ ଦେଖନ୍ତୁ) ।

## ଗୋଦର

୧) ଅପରାଜିତାର ମୂଳ ବାଟି କିଛି ଦିନ ଲଗାଇଲେ ଫୁଲା କମିଯାଏ ।

୨) ବଣ ଓଲୁଅକୁ ବାଟି ଘିଅ ଏବଂ ମହୁ ମିଶାଇ ଗୋଦର ଗୋଡ଼ରେ ଲେପ ଦେବ । (ହାରିତ)

୩) ଅରଖଗଛ ମୂଳ କାଞ୍ଜିରେ ବାଟି ଲେପ ଦେବ । (ଚକ୍ରଦତ୍ତ)

୪) କାସୁନ୍ଦୀ ଚେର ସୁକି ଓଜନ ବାଟି ଗାଈ ଘିଅ ମିଶାଇ କିଛି ଦିନ ଖାଇଲେ ଗୋଦର ଭଲ ହୁଏ ।

## ପ୍ରବଳ ଜ୍ୱର

ଡିହୁଡ଼ି (ରଙ୍ଗ ଡିହୁଡ଼ି) ମୂଳର ଚୂର୍ଣ୍ଣ ସୁକି ଓଜନ ମହୁ ସହିତ ଖାଇଲେ ପ୍ରବଳ ଜ୍ୱର ଶାନ୍ତ ହୁଏ । (ସୁଶ୍ରୁତ) । ବିଷମ ଜ୍ୱରରେ ଏହି ଔଷଧ ଦେବ । (ବଙ୍ଗସେନ)

## ସର୍ବ ଜ୍ୱରହର

ରସସିନ୍ଦୁର, ରସକର୍ପୂର, ଶୋଧିତ ମହୁରା, ପିପ୍‌ପଳୀ ସମଭାଗ ଅଦାରସ ଏବଂ ଲେମ୍ବୁ ରସରେ ମର୍ଦ୍ଦନ କରି ସୋରିଷ ପରି ବଟିକା କରିବ । (ଦିନକୁ ଦୁଇ ପାନ)

*ଅନୁପାନ* – ମହୁ ଅଭାବେ ତୁଳସୀପତ୍ର ରସ । ଆବାଳ – ବୃଦ୍ଧ ସମସ୍ତେ ଖାଇ ପାରିବେ । ଶର୍ଦ୍ଦିଜ୍ୱର, କାଶ, କଫ, ପିଲାଙ୍କ ଜ୍ୱର, ଶର୍ଦ୍ଦି ଓ କୋଷ୍ଠବଦ୍ଧକୁ ଗରମ ପାଣିରେ ଦେବ ।

## ମୋଟା ହୋଇଯିବା ରୋଗ (ମେଦ ରୋଗ ବା ସ୍ଥୌଲ୍ୟ ରୋଗ)

୧) ଦୁଇତୋଳା ବରକୋଳି ପତ୍ରକୁ ଶିଳରେ ବାଟି ଅଧସେର ପାଣିରେ ସିଝାଇ ଅବଶେଷ ଏକଛଟାଙ୍କି ରହିଲେ ଅଳ୍ପ ଉଷୁମ ଥାଇ ସକାଳେ ଖାଲି ପେଟରେ ଏକ ମାସ ଖାଇଲେ ଅତି ସ୍ଥୁଳ ବ୍ୟକ୍ତି କୃଶତା ଲାଭ କରେ । (ଚକ୍ରଦତ୍ତ)

୨) ଗବଗଛର କଅଁଳ ଚେର ଗୁଡ଼ିଏ ଆଣି ପରିଷ୍କାର କରି ଧୋଇ ତହିଁରେ ମହୁ ମିଶାଇ ରାତିରେ କୌଣସି କାଚ ପାତ୍ର ବା ପଥର ବାସନରେ ରଖିବ । ସକାଳେ ତହିଁରୁ ଯେଉଁ ରସ ଝରିବ, ସେହି ରସ ପାନ କଲେ ପେଟରେ ମେଦ ବିନଷ୍ଟ ହୁଏ । (ଭାବପ୍ରକାଶ)

୩) ଗୁନ୍ଦମୁଣ୍ଡ ହାଣ୍ଡି ମଧ୍ୟରେ ଗବପତ୍ରଗୁଡ଼ିଏ ରଖି ଭସ୍ମ କରିବ । ଏହି ଭସ୍ମ ସୁକି ଓଜନ, ହିଙ୍ଗୁ ଦୁଇ ରତି ଅନ୍ନମଣ୍ଡରେ ମିଶାଇ କିଛି ଦିନ ସେବନ କଲେ ମେଦ ରୋଗ (ମୋଟା ହେବା ରୋଗ) ନିବାରିତ ହୁଏ । (ବଙ୍ଗସେନ)

ଉପରୋକ୍ତ ଔଷଧ ଖାଉଥିବା ସମୟରେ କୋଳଥ ଡ଼ାଲି ଖାଉଥିବ । କେବଳ କୋଳଥ ଡ଼ାଲି ଅଭ୍ୟାସ କରି ଖାଇଲେ ମେଦରୋଗ ନଷ୍ଟ ହୁଏ ।

୪) ଗନ୍ଧଣା ମୂଳର କ୍ୱାଥରେ ଶିଳାଜିତ ମିଶାଇ ଖାଇଲେ ଅତିସ୍ଥୁଳ ବ୍ୟକ୍ତି କୃଶତା ପ୍ରାପ୍ତ ହୁଏ । (ଚକ୍ରଦତ୍ତ)

ମାତ୍ରା – ଗନ୍ଧଣା ଦୁଇ ତୋଳା, ଶିଳାଜିତ ୪ ରତି ।

## କୃଷ୍ଣବର୍ଣ୍ଣ ଦମ୍ପତିର ଗୌରବର୍ଣ୍ଣ ସନ୍ତାନ ହେବାକୁ

ଗର୍ଭାବସ୍ଥାରେ ନିମ୍ନଲିଖିତ ଔଷଧ ଖାଇଲେ କୃଷ୍ଣବର୍ଣ୍ଣ ଦମ୍ପତିଙ୍କର ଗୌରବର୍ଣ୍ଣ ସନ୍ତାନ ହେବ ।

୧) ବାବୁଲ ଗଛର କଅଁଳପତ୍ରକୁ ଛାଇରେ ଶୁଖାଇ ଚୂର୍ଣ୍ଣ କରି କନାରେ ଛାଣି ଶିଶିରେ ରଖିବ । ପ୍ରତି ମାସ ପ୍ରଥମ ୧୫ ଦିନ ଏହି ଚୂର୍ଣ୍ଣରୁ ସୁକି ଓଜନ ସକାଳେ ପାଣିରେ ମିଶାଇ ଖାଇବ । ଏହିପରି ୯ମାସ ଖାଉଥିବ । ଗୌରବର୍ଣ୍ଣ ସନ୍ତାନ ନିଶ୍ଚୟ ହେବ ।

***ବିଶେଷ ଦ୍ରଷ୍ଟବ୍ୟ*** – ଚୂର୍ଣ୍ଣ ଏକ ମାସରୁ ବେଶି ରହିଲେ ଏହାର ଦ୍ରବ୍ୟଗୁଣ ନଷ୍ଟ ହୁଏ । ଅତଏବ ପ୍ରତି ମାସରେ ଏହି ଚୂର୍ଣ୍ଣ କରିବା ପତ୍ରକୁ ଶୁଖାଇ ରଖିଥିବ ।

୨) ନଡ଼ିଆ ଗଛର ମଦ ଗର୍ଭାବସ୍ଥାରେ ଖାଇଲେ କୃଷ୍ଣ ବର୍ଣ୍ଣ ଦମ୍ପତିର ଗୌରବର୍ଣ୍ଣ ସନ୍ତାନ ହେବ ।

ନଡ଼ିଆ ଗଛର ମଦ ମାତ୍ରା – ପାଞ୍ଚ ତୋଳା, ଦିନକୁ ଏକ ପାନ କରି ପ୍ରତି ସପ୍ତାହରେ ତିନି ଦିନ ଖାଇବ ।

## ପ୍ରମେହ

**ରୋଗର କାରଣ** – ଆଦୌ ପରିଶ୍ରମ ନ କରି ଗଦି, ତକିଆ ଧରି ପଡ଼ି ରହିବା, ଅତ୍ୟଧିକ ପରିଶ୍ରମ, ଦିବାନିଦ୍ରା, ଅତ୍ୟଧିକ ନିଦ୍ରା, ଅତ୍ୟଧିକ ଦୁଧ ଓ ଦହି ସେବନ, ଅତ୍ୟଧିକ ମିଠା, ଖଟା, ଲୁଣ, ଚିକ୍‌କଣ ପଦାର୍ଥ, ଗରିଷ୍ଠ ଖାଦ୍ୟ, କଫକାରକ ପଦାର୍ଥ, ଶୀତଳ ପଦାର୍ଥ, ମଦ୍ୟ, ଗୁଡ଼ରେ ତିଆରି ହୋଇଥିବା ପଦାର୍ଥ ଏବଂ ବିରୁଦ୍ଧ ଖାଦ୍ୟ; ଯଥା – ଦୁଧ ସହିତ ମାଛ, ମାଂସ, ଖଟା ପ୍ରଭୃତି ଭୋଜନ ଦୋଷରୁ ବାତ, ପିତ୍ତ ଓ କଫ କୁପିତ ହୋଇ ଶରୀରର ଆଧାରଭୂତ ଧାତୁ ରକ୍ତ, ମେଦ ରସ, ଚର୍ବି, ବୀର୍ଯ୍ୟ, ମଜ୍ଜା, ମାଂସ ଏବଂ ଓଜ ଦୂଷିତ କରାଇ ମୂତ୍ରଦ୍ୱାର ବାଟେ ମୂତ୍ର ସଙ୍ଗେ ବାହାର କରାଇଦିଏ । ଦେହର ଏହି ସମସ୍ତ ଧାତୁ ଦୂଷିତ ହୋଇ ମୂତ୍ରଦ୍ୱାର ବାଟେ ମୂତ୍ର ସଙ୍ଗେ ବାହାରି ଆସିବାଦ୍ୱାରା ମୁହଁ ଶୁଖିଯାଏ ଏବଂ ବହୁତ ପରିସ୍ରା ହୁଏ । ରୋଗୀ ଦୁର୍ବଳ ହୋଇପଡ଼େ । ପରିସ୍ରା ଯେତେ ବେଶି ହୁଏ ଦେହର ଧାତୁ ସକଳ ସେତେ ବାହାରିଯାଏ । ଏହା ବାଗ୍‌ଭଟ୍ଟ ଓ ଆତ୍ରେୟ ଋଷିଙ୍କର ମତ ।

**ପ୍ରମେହର ପୂର୍ବଲକ୍ଷଣ** – ଦାନ୍ତ, କଣ୍ଠ, ଜିଭ ଏବଂ ତାଳୁରେ ମଇଳା ଜମା ହୁଏ । ହାତ ପାପୁଲି ଏବଂ ଗୋଡ଼ର ତଳିପାରେ ଜ୍ୱଳା ହୁଏ । ଶରୀର ଚିକ୍‌କଣ ଦେଖାଯାଏ । ପାଟି ମିଠା ଲାଗେ । ଶୋଷ ହୁଏ ଏବଂ ଅଧିକା ପରିସ୍ରା ହୁଏ । କେତେକଙ୍କର ମୁଣ୍ଡବାଳ ଜଟା ହୋଇଯାଏ ଏବଂ ନଖ ଶୀଘ୍ର ବଢ଼େ ।

ମୁଖ୍ୟତଃ ପ୍ରମେହ ୩ ପ୍ରକାର ଯଥା – କଫଜ, ପିତ୍ତଜ ଏବଂ ବାତଜ । କଫଜ ପ୍ରମେହ ୧୦ ପ୍ରକାର ପିତ୍ତ, ପ୍ରମେହ ୬ ପ୍ରକାର ଏବଂ ବାତଜ ପ୍ରମେହ ୪ ପ୍ରକାର ଏହିପରି ୨୦ ପ୍ରକାର ପ୍ରମେହ ବୈଦ୍ୟ ଶାସ୍ତ୍ରରେ ଲେଖାଅଛି । କେବଳ ପରିସ୍ରାର ପରିମାଣ ବର୍ଣ୍ଣ ଏବଂ ଗନ୍ଧରୁ ୨୦ ପ୍ରକାର ପ୍ରମେହରୁ ରୋଗୀର କେଉଁ ପ୍ରମେହ ହୋଇଛି ଜାଣିହେବ ।

**କଫଜ ପ୍ରମେହ**

କଫଜ ପ୍ରମେହ ୧୦ ପ୍ରକାର ଯଥା - (୧) ଉଦକ, (୨) ଇକ୍ଷୁ, (୩) ସୁରା, (୪) ସିକତା, (୫) ଶନୈଃ, (୬) ଲବଣ, (୭) ପିଷ୍ଟ, (୮) ସାନ୍ଦ୍ର, (୯) ଶୁକ୍ର, (୧୦) ଫେନ ।

୧) *ଉଦକ ପ୍ରମେହ* - ପରିସ୍ରା ଅଧିକ, ଶୀତଳ, ସଫା ପାଣି ପରି ପତଳା । ପରିସ୍ରା ନଳୀରେ ଥଣ୍ଡା ବୋଧ ଏବଂ ଗନ୍ଧହୀନ ।

**ଔଷଧ** - ପାଳଧୂଆ ଛାଲିର କ୍ୱାଥରେ ମହୁ ଏକ ତୋଳା ମିଶାଇ ଖାଇବ । (ଶୁଶ୍ରୁତ)

**କ୍ୱାଥ** - ଯେଉଁ ପଦାର୍ଥର କ୍ୱାଥ କରିବ, ସେହି ପଦାର୍ଥରୁ ଦୁଇ ତୋଳା ନେଇ ଅଧସେର ପାଣିରେ ମାଟିହାଣ୍ଡିରେ ସିଝାଇ ଅବଶେଷ ଏକ ଛଟାଙ୍କି ରହିଲେ ତାକୁ ଛାଣିଲେ ଯେଉଁ ସିଝା ପାଣି ରହିବ, ତାକୁ କ୍ୱାଥ କହନ୍ତି । କ୍ୱାଥରେ ମହୁ ମିଶାଇ ଖାଇବାକୁ ହେଲେ କ୍ୱାଥ ପାଣିକୁ ଥଣ୍ଡା କରି ମହୁ ମିଶାଇ ଖାଇବ । ଉପରୋକ୍ତ ଔଷଧ ଅନ୍ତତଃ ୧୫ ଦିନ ବା ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବ ।

୨) *ଇକ୍ଷୁ ପ୍ରମେହ* - ପରିସ୍ରା ଆଖୁ ରସ ପରି ମିଠା ହୁଏ । ପରିସ୍ରା କଲା ପରେ ଜନ୍ଦା ପିମ୍ପୁଡ଼ି ପରିସ୍ରାରେ ଲାଗନ୍ତି ।

*ଔଷଧ* - (୧) ଜୟନ୍ତୀର କ୍ୱାଥ ୧୫ ଦିନ ଖାଇବ । ( ଚକ୍ରଦତ୍ତ)

(୨) ଗନ୍ଧଣା ଛେଲି ବା ମୂଳର କ୍ୱାଥ ପିଇବ । (ଶୁଶ୍ରୁତ) କ୍ୱାଥରେ ମହୁ ମିଶାଇ ଖାଇବ ।

୩) *ସୁରା ପ୍ରମେହ* - ପରିସ୍ରା କୌଣସି ପାତ୍ରରେ ରଖିଲେ ଉପରକୁ ମଦ ପରି ଦେଖାଯାଏ ଏବଂ ତଳକୁ ଗାଢ଼ା ହୋଇ ବସିଯାଏ ।

**ଔଷଧ** - ନିମ୍ବଛେଲିର କ୍ୱାଥରେ ମହୁ ମିଶାଇ ଖାଇବ । (ଶୁଶ୍ରୁତ)

୪) *ସିକତା ପ୍ରମେହ* - ପରିସ୍ରା ସଙ୍ଗରେ ବାଲି ପରି ପଦାର୍ଥ ପଡ଼େ ଏବଂ ତଳେ ବସିଯାଏ ।

**ଔଷଧ** - ଚିତାପାରୁ ଚେରର କ୍ୱାଥ ମହୁ ସହିତ ଖାଇବ । (ଶୁଶ୍ରୁତ) ଗରମ ବୋଧ ହେଲେ ଚିତାପାରୁ ଚେର ଦୁଇ ତୋଳା ରାତିରେ ପାଣିରେ ଭିଜାଇ ସକାଳେ ଛାଣି ସେହି ପାଣିରେ ମହୁ ଏକ ତୋଳା ମିଶାଇ ଖାଇବ ।

୫) *ଶନୈଃ ପ୍ରମେହ* - ଅଳ୍ପ ଅଳ୍ପ ଏବଂ ବାରମ୍ବାର ପରିସ୍ରା ହୁଏ । ପରିସ୍ରା କଲାବେଳେ ମୂତ୍ରନଳୀରେ ଯନ୍ତ୍ରଣା ହୁଏ ନାହିଁ । ଏହାକୁ ମୂତ୍ରକୃଚ୍ଛ ବୋଲି ଭାବିବା ଠିକ୍ ନୁହେଁ । ମୂତ୍ରକୃଚ୍ଛରେ ମୂତ୍ରନଳୀରେ ଯନ୍ତ୍ରଣା ହୁଏ ।

**ଔଷଧ** - (୧) ଖଇର ଗଛର ଛେଲିର କ୍ୱାଥ ଥଣ୍ଡା କରି ମହୁ ଏକ ତୋଳା ମିଶାଇ ଖାଇବ । (ଶୁଶ୍ରୁତ)

(୨) ସକାଳେ ବଙ୍ଗଭସ୍ମ ଦୁଇ ରତି ଅଧ ତୋଳା ମହୁ ସହିତ ଖାଇ ତା'ପରେ ଶିମୁଳିଗଛର ଛେଲିର ରସ ଦୁଇ ତୋଳା, ମହୁ ଏକ ତୋଳା, ହଳଦୀ ସୁକି ଓଜନ ମିଶାଇ ଖାଇବ । ସନ୍ଧ୍ୟାରେ ଦୁଇ ଅଣି ଓଜନ ଶୁଦ୍ଧ ଶିଳାଜିତ, ମିଶ୍ରି ଏବଂ ଦୁଧ ସହିତ ଖାଇବ । ରୋଗମୁକ୍ତ ହେବା ପର୍ଯ୍ୟନ୍ତ ପାଣି କମ୍ ପିଇବ ।

୬) *ଲବଣ ପ୍ରମେହ* - ପରିସ୍ରା ବହୁତ ଥଣ୍ଡା ଏବଂ ମିଠା । ପରିସ୍ରା କଲାବେଳେ ଶରୀର ଥରିଲା ପରି ବୋଧ ହୁଏ ।

**ଔଷଧ** - ଅକାନବିନ୍ଧି ଚେର ଓ ଅଗୁରୁର କ୍ୱାଥ ଅଥବା ରାତିରେ ପାଣିରେ ବତୁରାଇ ସକାଳେ ଛାଣି ମହୁ ସହିତ ଖାଇବ । (ଶୁସ୍ରୁତ)

**ମାତ୍ରା** - ପ୍ରତ୍ୟେକରୁ ସୁକି ଓଜନ ।

୭) *ପିଷ୍ଟ ପ୍ରମେହ* - ପରିସ୍ରା ଚାଉଳଧୂଆ ପାଣିପରି ହୁଏ ଏବଂ ଅଧିକ ହୁଏ । ପରିସ୍ରା କଲାବେଳେ ଦେହ ଶିରି ଶିରି ହୋଇଉଠେ ।

**ଔଷଧ** - (୧) ହଳଦୀ ଏକ ତୋଳା ଏବଂ ଦାରୁ ହଳଦୀ ଏକତୋଳା ଏହିପରି ଦୁଇ ତୋଳା କ୍ୱାଥ ଖାଇବ । (ଶୁଶ୍ରୁତ)

(୨) ବାସଙ୍ଗପତ୍ର ରସ ଏକ ତୋଳା, ଗୁଳୁଚି ରସ ଏକତୋଳା, ମହୁ ଏକ ତୋଳା ଏକତ୍ର ମିଶାଇ ଖାଇବ । (ପରୀକ୍ଷିତ)

୮) *ସାନ୍ଦ୍ର ପ୍ରମେହ* - ରାତିରେ ପରିସ୍ରାକୁ କୌଣସି ପାତ୍ରରେ ରଖିଲେ ସକାଳେ ଗାଢ଼ା ହୋଇଯାଏ ଏବଂ ତଳକୁ କିଛି ପଦାର୍ଥ ଜମିଯାଏ ।

**ଔଷଧ** - ଛଚିନା ଗଛର ଛେଲିର କ୍ୱାଥ । (ଶୁଶ୍ରୁତ)

୯) *ଶୁକ୍ର ପ୍ରମେହ* - ପରିସ୍ରାରେ ବୀର୍ଯ୍ୟର କିଛି ଅଂଶ ବାହାରି ଆସେ ।

**ଔଷଧ** - (୧) ଶ୍ୱେତ ଦୁବ ଚେର, ଶୈବାଳ ଏବଂ କରଞ୍ଜ ମଞ୍ଜି ସର୍ବସମଷ୍ଟି ଦୁଇ ତୋଳାର କ୍ୱାଥ ବା ପାଣିରେ ବତୁରାଇ ପିଇବ ।

(୨) ଧୋବ ଶିମୂଳି (ବାଳ ଶିମୂଳି) ଗଛର କନ୍ଦାର ଚୂର୍ଣ୍ଣ ଅଧତୋଳା, ମହୁ ଏକତୋଳା ମିଶାଇ ଖାଇବ । (ପରୀକ୍ଷିତ)

(୩) ଧୋବ ଶିମୂଳି ଗଛର ଛେଲି ଦୁଇ ତୋଳା ଗାଈ ଦୁଧରେ ବାଟି ସୁକି ଓଜନ ସଫା ଜୀରା, ଏକ ତୋଳା ମିଶ୍ରି ସକାଳେ ଓ ସନ୍ଧ୍ୟାରେ ୧୪ ଦିନ ଖାଇବ । (ପରୀକ୍ଷିତ)

(୪) ଦୁଇଟି କପା ପତ୍ର ବାଟି ମିଶ୍ରି ମିଶାଇ ଅନ୍ତତଃ ୧୫ ଦିନ ଖାଇବ ।

୧୦) *ଫେନ ପ୍ରମେହ* – ପରିସ୍ରା କରୁଥିବା ସମୟରେ ତାର ପରି ଦେଖାଯାଏ ।

**ଔଷଧ** – ତ୍ରିଫଳାର କ୍ୱାଥ ମହୁ ସହିତ ଖାଇବ ।

ତ୍ରିଫଳା (ହରିଡ଼ା, ବାହାଡ଼ା, ଅଁଳା) ତିଆରି କରିବାକୁ ହେଲେ ମଞ୍ଜି ବାହାର କରି ହରିଡ଼ା ଏକଭାଗ, ବାହାଡ଼ା ଦୁଇ ଭାଗ ଏବଂ ଅଁଳା ଚାରି ଭାଗ ଏକତ୍ର କରି ରଖିବ । ସେଥିରୁ ଦୁଇ ତୋଳା ନେଇ ଅଧସେର ପାଣିରେ ମାଟି ହାଣ୍ଡିରେ ସିଝାଇ ଅବଶେଷ ଅଧପାଏ ପାଣି ରହିଲେ, ଥଣ୍ଡା କରି ମହୁ ମିଶାଇ ପିଇବ ।

**ବିଶେଷ ଦ୍ରଷ୍ଟବ୍ୟ** – ଉପରୋକ୍ତ ୧୦ ପ୍ରକାରର ପ୍ରମେହରେ ଯେଉଁ କ୍ୱାଥ ବ୍ୟବହାର କରିବାକୁ କୁହାଯାଇଛି, ରୋଗୀ ଗରମ ମିଜାସର ଲୋକ ହୋଇଥିଲେ କ୍ୱାଥ ଦେବ, କିନ୍ତୁ ଥଣ୍ଡା ମିଜାସର ଲୋକ ହୋଇଥିଲେ ଔଷଧକୁ ରାତିରେ ପାଣିରେ ବତୁରାଇ ସକାଳେ ଛାଣି ସେହି ପାଣିରେ ମହୁ ମିଶାଇ ଦେବ । କ୍ୱାଥ ତିଆରି କଲାବେଳେ ଯଦି ଗୋଟିଏ ପଦାର୍ଥର କ୍ୱାଥ କରାଯାଏ, ତାହାହେଲେ ସେହି ପଦାର୍ଥରୁ ଦୁଇ ତୋଳା ନେବ । ଯେଉଁଠାରେ ଦୁଇ ବା ତତୋଧିକ ପଦାର୍ଥର ଏକତ୍ର କ୍ୱାଥ କରିବାକୁ ହେବ, ସେଠାରେ ସବୁ ପଦାର୍ଥର ସମଷ୍ଟି ଦୁଇତୋଳା ବା ଅଢ଼େଇ ତୋଳା ନେବ । ଉପରୋକ୍ତ ୧୦ ପ୍ରକାର ପ୍ରମେହର ଔଷଧ ଦିଆଗଲା ।

ରୋଗୀ କି ପ୍ରକାର ପ୍ରମେହ ଭୋଗୁଛି ଭଲ କରି ପରୀକ୍ଷା କରି ଔଷଧ ଦେବ । ଯଦି ଭଲ କରି ଚିହ୍ନି ନ ପାରିବ, ତାହାହେଲେ ନିମ୍ନଲିଖିତ କଫଜ ପ୍ରମେହର ସାଧାରଣ ଚିକିତ୍ସା କଲେ ମଧ୍ୟ ଉପକାର ହେବ ।

**କଫଜ ପ୍ରମେହର ସାଧାରଣ ଚିକିତ୍ସା** –

୧) ତ୍ରିଫଳା (ହରିଡ଼ା ଏକ ଭାଗ, ବାହାଡ଼ା ଦୁଇ ଭାଗ, ଅଁଳା ଚାରିଭାଗ) ଦାରୁ ହଳଦୀ ଏବଂ ନାଗର ମୁଥାର କ୍ୱାଥକୁ ଥଣ୍ଡା କରି ମହୁ ଏକ ତୋଳା ମିଶାଇ ପିଇବ । (ତ୍ରିଫଳା ଏକ ତୋଳା, ଦାରୁ ହଳଦୀ ଅଧତୋଳା ଓ ନାଗର ମୁଥା ଅଧତୋଳା ନେଇ କ୍ୱାଥ କରିବ ।)

ଲୋଧ, ହରିଡ଼ା, କଟ୍‌ଫଳ ଓ ମୁଥା ଏ ସମସ୍ତର ସମଷ୍ଟି ଦୁଇ ତୋଳାର କ୍ୱାଥରେ ମହୁ ମିଶାଇ ପିଇବ । (ଚକ୍ରଦତ୍ତ)

୨)	ବିଡ଼ଙ୍ଗ, ଅକାନବିନ୍ଧି, ଅର୍ଜ୍ଜୁନଛାଲି ଓ ବ୍ରାମଣାଛାଲି ଏ ସମସ୍ତର ସମଷ୍ଟି ଦୁଇ ତୋଳାର କ୍ୱାଥ ମହୁ ମିଶାଇ ପିଇବ ।

୩)	ବିଡ଼ଙ୍ଗ, ଦାରୁ ହଳଦୀ ଏବଂ ଖଇର କାଠ ଏ ସମସ୍ତର ସମଷ୍ଟି ଦୁଇ ତୋଳାର କ୍ୱାଥ ମହୁ ସହିତ ସେବନ କରିବ ।

**ପିତ୍ତଜ ପ୍ରମେହ –**

ପିତ୍ତଜ ପ୍ରମେହ ୬ ପ୍ରକାର ଯଥା – (୧) ନୀଳ ପ୍ରମେହ, (୨) ହାରିଦ୍ର ପ୍ରମେହ, (୩) ଶୁକ୍ରାଖ୍ୟ ପ୍ରମେହ ଅଥବା କାଳ ପ୍ରମେହ, (୪) କ୍ଷାର ପ୍ରମେହ, (୫) ମାଞ୍ଜିଷ୍ଠ ପ୍ରମେହ, (୬) ରକ୍ତଜ ପ୍ରମେହ ।

୧)	*ନୀଳ ପ୍ରମେହ* – ପରିସ୍ରା ନୀଳ ରଙ୍ଗ ଦିଶେ ।

**ଔଷଧ –**	(୧) ଅଶ୍ୱତ୍ଥ ଛେଲିର କ୍ୱାଥ ।
(୨) ଅଶ୍ୱତ୍ଥ ଗଛର ପଞ୍ଚାଙ୍ଗର ଚୂର୍ଣ୍ଣ ଅଧ ତୋଳା ଗାଈ ଦୁଧରେ ଖାଇବ ।
(୩) ହରିଡ଼ା, ଅଁଳା, ବେଣା ଚେର ଓ ନାଗର ମୁଥାର କ୍ୱାଥ ।

୨)	*ହାରିଦ୍ର ପ୍ରମେହ* – ପରିସ୍ରାରେ ରଙ୍ଗ ହଳଦୀବର୍ଣ୍ଣ ଦିଶେ ଓ ପରିସ୍ରା ନଳୀରେ ଜ୍ୱାଳା ହୁଏ ।

**ଔଷଧ –** ପଠାଣି ଲୋଧ, ସୁଗନ୍ଧବାଳା, ଶ୍ୱେତଚନ୍ଦନ ଏବଂ ଧାତୁକି ର କ୍ୱାଥ ଅଥବା ହିମକଷାୟ ।

ଏହି ରୋଗରେ ଝାଡ଼ା ସଫା ନହେଉଥିଲେ ସୁନାରି ଅଠାର କ୍ୱାଥ ଖାଇ ଝାଡ଼ା ସଫା କରି ଉପରୋକ୍ତ ଔଷଧ ଖାଇବ ।

୩)	*ଶୁକ୍ରାଖ୍ୟ ପ୍ରମେହ ବା କାଳ ପ୍ରମେହ* – ପରିସ୍ରାର ବର୍ଣ୍ଣ କଳାରଙ୍ଗ ।

**ଔଷଧ** – ନିମ୍ବଛେଲି, ଅଁଳା, ଗୁଳୁଚି, ପୋଟଳପତ୍ର ଓ ଡ଼ଙ୍କର କ୍ୱାଥ ବା ହିମକଷାୟ ମିଶ୍ରି ବା ମହୁ ସହିତ ୪୦ ଦିନ ଖାଇବ । ଦିନକୁ ଦୁଇ ଥର ।

୪)	*କ୍ଷାର ପ୍ରମେହ* – ପରିସ୍ରା କ୍ଷାର ପାଣି ପରି ଦିଶେ ।

**ଔଷଧ –** ତ୍ରିଫଳା କ୍ୱାଥ ଅଥବା ଅକାନବିନ୍ଧିର କ୍ୱାଥ ମହୁ ସହିତ ଖାଇବ ।

୫)	*ମାଞ୍ଜିଷ୍ଠ ପ୍ରମେହ* – ପରିସ୍ରା ଦୁର୍ଗନ୍ଧ ହୁଏ । ମଞ୍ଜିଷ୍ଠା ପରି ବର୍ଣ୍ଣ ଦିଶେ ।

**ଔଷଧ –** ମଞ୍ଜିଷ୍ଠା ଏବଂ ରକ୍ତଚନ୍ଦନର କ୍ୱାଥ ବା ହିମକଷାୟ ।

**ବିଶେଷ ଦ୍ରଷ୍ଟବ୍ୟ –** ମାଞ୍ଜିଷ୍ଠ ପ୍ରମେହ ଓ ରକ୍ତଜ ପ୍ରମେହର ଶରୀରର ଧାତୁ ବଡ଼ ଗରମ ଥାଏ । ଅତଏବ କୌଣସି ଔଷଧ ପୂର୍ବରୁ କବାବ ଚିନି ଚୂର୍ଣ୍ଣ ସମଭାଗ ମିଶ୍ରି ଚୂର୍ଣ୍ଣ ମିଶାଇ

ଶିଶିରେ ରଖିବ । ଝୁକି ଓଜନ ମାତ୍ରାରେ ଦିନକୁ ୪ ଥର କରି ସାତ ଥର ଖାଇଲା ପରେ ଉପରୋକ୍ତ ଔଷଧ ଖାଇବ ।

୬) *ରକ୍ତଜ ପ୍ରମେହ* - ପରିସ୍ରା ରକ୍ତବର୍ଣ୍ଣ ଏବଂ ଦୁର୍ଗନ୍ଧ ହୁଏ ।

**ଔଷଧ -** ରକ୍ତପଦ୍ମ, ନୀଳପଦ୍ମ, ପ୍ରିୟଙ୍ଗୁଫୁଲ, ପଲାଶ ଫୁଲ ଏ ସମସ୍ତର କ୍ୱାଥ ବା ଶୀତକଷାୟ ମିଶ୍ରି ମିଶାଇ ଖାଇବ ।

**ବିଶେଷ ଦ୍ରଷ୍ଟବ୍ୟ -** ମାଞ୍ଜିଷ୍ଠ ପ୍ରମେହର ବିଶେଷ ଦ୍ରଷ୍ଟବ୍ୟ ଦେଖ ।

**ପିତ୍ତଜ ପ୍ରମେହର ସାଧାରଣ ଚିକିତ୍ସା -**

୧) ପୋଟଳପତ୍ର, ନିମ୍ବଛେଲି, ଅଁଳା ଏବଂ ଗୁଳୁଚିର ହିମକଷାୟ; ଅର୍ଥାତ୍ ପ୍ରତ୍ୟେକରୁ ଅଧତୋଳା ଲେଖାଏଁ ନେଇ ରାତିରେ ପାଣିରେ ବତୁରାଇ ସକାଳେ ମହୁ ବା ମିଶ୍ରି ସଙ୍ଗେ ଖାଇବ । ସେହିପରି ସକାଳେ ବତୁରାଇ ସନ୍ଧ୍ୟାରେ ଖାଇବ । (ପରୀକ୍ଷିତ)

୨) ପ୍ରିୟଙ୍ଗୁଫୁଲ, ରକ୍ତପଦ ନୀଳ ପଦ୍ମ, ପଲାଶ ଫୁଲର କ୍ୱାଥ ବା ହିମକଷାୟ । (ପରୀକ୍ଷିତ)

୩) ଗୁଳୁଚି ରସ ଦୁଇ ତୋଳା ଓ ଅଧ ତୋଳା ମହୁ ପ୍ରତିଦିନ ଖାଇବ । ଏହିପରି ୧୦ ଦିନ ଖାଇବ । (ପରୀକ୍ଷିତ)

**ବାତଜ ପ୍ରମେହ -**

ବାତଜ ପ୍ରମେହ ୪ ପ୍ରକାର ଯଥା - (୧) ବସା ପ୍ରମେହ, (୨) ମଜ୍ଜା ବା ସର୍ପି ପ୍ରମେହ, (୩) ମଧୁ ପ୍ରମେହ ବା କ୍ଷୌଦ୍ର ପ୍ରମେହ, (୪) ହସ୍ତୀ ପ୍ରମେହ ।

୧) *ବସା ପ୍ରମେହ* - ପରିସ୍ରା ଚର୍ବିପରି ।

**ଔଷଧ -** ଅଗ୍ନି ମନ୍ଥର କ୍ୱାଥ । (ଚକ୍ରଦତ୍ତ)

ଅଗ୍ନି ମନ୍ଥର ଅନ୍ୟନାମ - ଗନ୍ଧଣା, ଅଗିବଥୁ; ସଂସ୍କୃତ - ଗଣିକାରିକା ଗନ୍ଧପତ୍ର ।

୨) *ମଜ୍ଜା ବା ସର୍ପି ମେହ* - ପରିସ୍ରା ମଜ୍ଜା ପରି ବର୍ଣ୍ଣ ।

**ଔଷଧ** - ଗୁଳୁଚି ଏବଂ ଚିତାପାରୁ କ୍ୱାଥରେ ଅକାନବିନ୍ଧି, କୁଡ଼େଇର ଛେଲି, ହିଙ୍ଗୁ, କଟୁକୀ ଏବଂ କୁଡ଼ର ଚୂର୍ଣ୍ଣ ପ୍ରକ୍ଷେପ କରି ସେବନ କରିବ । (ଚକ୍ରଦତ୍ତ)

୩) *ମଧୁ ପ୍ରମେହ ବା କ୍ଷୌଦ୍ର ପ୍ରମେହ* - ପରିସ୍ରାର ବର୍ଣ୍ଣ ମହୁ ପରି ଏବଂ ମିଠା ।

**ଔଷଧ -** ଖଇର ଓ କଞ୍ଚା ଗୁଆର କ୍ୱାଥ ପାନ କରିବ । (ଶୁଶ୍ରୁତ)

(ବହୁମୂତ୍ର ଚିକିତ୍ସା ୧୨୩ ପୃଷ୍ଠାଦେଖ )

୪) *ହସ୍ତୀ ପ୍ରମେହ* – ହାତୀର ପରିସ୍ରା ପରି ଦିଶେ, ଅଧିକ ପରିସ୍ରା ହୁଏ କିନ୍ତୁ ରହି ରହି କରି ହୁଏ ।

**ଔଷଧ** – ଅକାନବିନ୍ଧି, ଶିରିଷ ଛେଲି, ଦୂରାଲଭା, ମୁର୍ଗାଚେର, ପଳାଶ ଫୁଲ, କେନ୍ଦୁ, କଇଥ, ସମସ୍ତର ସମଷ୍ଟି ଦୁଇ ତୋଳାର କ୍ୱାଥ ପାନ କରିବ ।

**ବିଶେଷ ଦ୍ରଷ୍ଟବ୍ୟ** – ୧୦ ପ୍ରକାର କଫଜ ପ୍ରମେହ ସହଜ ସାଧ୍ୟ ।

ଅର୍ଥାତ୍ ଶୀଘ୍ର ଭଲ ହୁଏ । ପିତ୍ତଜ ୬ ପ୍ରକାର ପ୍ରମେହ କଷ୍ଟସାଧ୍ୟ ଅର୍ଥାତ୍ ଡ଼େରିରେ ଭଲ ହୁଏ । ବାତଜ ୪ ପ୍ରକାର ପ୍ରମେହ ଅସାଧ୍ୟ; କିନ୍ତୁ ବହୁ ଦିନ ଚିକିତ୍ସାରେ ଭଲ ହୋଇପାରେ ।

ସ୍ତ୍ରୀ ମାନଙ୍କର ପ୍ରମେହ ହୁଏ ନାହିଁ କାରଣ ପ୍ରତି ମାସରେ ଋତୁସ୍ରାବ ଦ୍ୱାରା ଶରୀରର ସବୁ ଦୋଷ ଶୁଦ୍ଧ ରହେ ।

'ରଜଃ ପ୍ରସେକାନ୍ନାରୀଣାଂ ମାସି ମାସି ବିଶୁଦ୍ଧ୍ୟତି
କୃତ୍ସ୍ନ ରୀରଂ ଦୋଷାଶ୍ଚ ନ ପ୍ରମେହନ୍ତ୍ୟତଃ ସ୍ତ୍ରୀୟଃ ।'

ବିଜ୍ଞ ଚିକିତ୍ସକ ଉପରଲିଖିତ ୨୦ ପ୍ରକାର ପ୍ରମେହରୁ ରୋଗୀର କେଉଁ ପ୍ରକାର ପ୍ରମେହ ହୋଇଛି ନିର୍ଣ୍ଣୟ କରି ଔଷଧ ଦିଅନ୍ତି । ସାଧାରଣ ଲୋକଙ୍କ ପକ୍ଷରେ କେଉଁ ପ୍ରକାର ପ୍ରମେହ ନିର୍ଣ୍ଣୟ କରିବା ସହଜ ନୁହେଁ । କଫଜ ପ୍ରମେହରେ ଯଦି ପିତ୍ତଜ ପ୍ରମେହର ଚିକିତ୍ସା ହୁଏ, ତାହାହେଲେ ବିଷମ ଫଳ ହୁଏ; ଅତଏବ ଉପରୋକ୍ତ ୨୦ ପ୍ରକାର ପ୍ରମେହ କେଉଁ ଔଷଧରେ ଭଲହେବ, ସେହି ଔଷଧ ନିମ୍ନରେ ଦିଆଗଲା ।

**ଚିକିତ୍ସା କରିବା ପୂର୍ବରୁ ମନେ ରଖିବାକୁ ହେବ :**

ପେଟର କୌଣସି ରୋଗର ଚିକିତ୍ସା ପୂର୍ବରୁ ଯେପରି ଜୁଲାପ (ଝାଡ଼ା ଔଷଧ) ଖାଇ ପେଟ ସଫା କରାଇ ଔଷଧ ଦିଆଯାଏ, ସେହିପରି ପ୍ରମେହ, ଗନେରିଆ ଏବଂ ଉପଦଂଶ ରୋଗର ଚିକିତ୍ସା ପୂର୍ବରୁ ଜନନେନ୍ଦ୍ରିୟର ଜୁଲାପ ନେବା ଉଚିତ୍ ।

## ଇନ୍ଦ୍ରିୟ ଜୁଲାପ (ମୂତ୍ର ବର୍ଦ୍ଧକ ଔଷଧ)

କବାବ ଚିନିର ଚୂର୍ଣ୍ଣ ସୁକି ଓଜନ ଖାଇ ଏକ ଗ୍ଲାସ ପାଣି ପିଇବ । ଏହିପରି ଦିନକୁ ୫/୬ ଥର ଚୂର୍ଣ୍ଣ ଖାଇ ପାଣି ପିଇବ । ଏଥିରେ ଖୁବ୍ ବେଶି ପରିସ୍ରା ହୋଇ ମୂତ୍ର ନଳୀ ସଫା ହୋଇଯାଏ । ରୋଗୀର ବଳାବଳ ବିଚାର କରି ଦୁଇ ଅଣି ଓଜନ ଚୂର୍ଣ୍ଣ ଠାରୁ ସୁକି ଓଜନ ଚୂର୍ଣ୍ଣ ପର୍ଯ୍ୟନ୍ତ ପ୍ରତ୍ୟେକ ମାତ୍ରାରେ ଦେବ । ପ୍ରମେହ ରୋଗୀ ବେଶି ପାଣି ପିଇବା ନିଷେଧ ଅଛି, କିନ୍ତୁ କବାବଚିନି ଚୂର୍ଣ୍ଣ ଏ ସମସ୍ତ ପାଣି ପେଟରୁ ବାହାର କରିଦିଏ ।

## ଶରୀରଶୋଧନ ଚୂର୍ଣ୍ଣ

ଏହା ପରେ ଜୁଲାପ ଖାଇ ପେଟ ସଫା କରାଇବ ।

ଜୁଲାପ - (୧) ମଞ୍ଜୁଆତି ଚେର ଏକ ତୋଳା ବା ଦୁଇ ତୋଳାକୁ ଏକପାଆ ପାଣିରେ ସିଝାଇ ଏକ ଛଟାଙ୍କି ରହିଲେ ଛାଣି ପିଇବ । ଏଥିରେ ଝାଡ଼ା ସଫା ହେବା ସଂଗେ ସଂଗେ ରକ୍ତ ପରିଷ୍କାର ହୁଏ । ଯେ କୌଣସି ଅବସ୍ଥାରେ ଏହି ଜୁଲାପ ଦିଆଯାଇପାରେ । ତୀବ୍ର ଜୁଲାପ ଯେଉଁଠାରେ କାମ ଦିଏ ନାହିଁ, ଏହି ଜୁଲାପ ପରେ ଝାଡ଼ା ସଫା ହୁଏ ।

ଅଥବା - କଳାଦାନା ୩ ତୋଳା, ସୁନାମୁଖୀ ୩ ତୋଳା ଏବଂ କଳା ଲୁଣ ଏକ ତୋଳା - ଏ ସମସ୍ତ ଚୂର୍ଣ୍ଣ ଏକତ୍ର କରି ଶିଶିରେ ରଖିବ । ଏହି ଔଷଧ ଝାଡ଼ା ସଫା କରାଇବାର ବିଚିତ୍ର ଔଷଧ ।

**ମାତ୍ରା -** ସୁକି ଓଜନ ଠାରୁ ଅଧଭରି ପର୍ଯ୍ୟନ୍ତ ରୋଗୀର ବଳାବଳ ବିଚାର କରି ଦେବ । ରାତିରେ ଶୋଇଲା ପୂର୍ବରୁ ଏକ ମାତ୍ରା ଖାଇ ଉଷୁମ ପାଣି ପିଇବ । ସକାଳେ ଝାଡ଼ା ହୋଇ ଦେହ ହାଲୁକା ହେବ । ଏହି ଚୂର୍ଣ୍ଣ ଖାଇଲେ ପେଟରେ ସାମାନ୍ୟ ବେଦନା ବୋଧ ହେବ, କାରଣ ଏହା ପେଟର ସମସ୍ତ ମଳକୁ ଟାଣି କରି ଏକତ୍ର କରାଏ । ପେଟ ମୋଡ଼ି ହେଲେ ସୌଫ ପାଟିରେ ରଖି ରସ ଢ଼ୋକିବ ।

**ଅପଥ୍ୟ** - ଔଷଧ ଖାଉଥିବା ସମୟରେ ମାଛ, ମାଂସ, ଖଟା, ଦହି, କାଞ୍ଜି, ଲଙ୍କା ମରିଚ, ଗୁଡ଼, ତେଲ, ମୂଳା, ଆଳୁ, ନବାନ୍ନ, ପିଆଜ, ରସୁଣ, ବିରୁଦ୍ଧ ଭୋଜନ, ବେଶି ପରିମାଣରେ ଦୁଧ, ଘିଅ, ଧୂମ୍ରପାନ, ମଦ, ସିର୍କା, ଦିବାନିଦ୍ରା, ମୈଥୁନ, ମଳମୂତ୍ରର ବେଗଧାରଣ, କ୍ରୋଧ ତ୍ୟାଗ କରିବ ।

**ପଥ୍ୟ -** *ସକାଳେ* - ପୁରୁଣା ଚାଉଳ, ଅକାଣ୍ଡିଆ ନାଲି ଚାଉଳ ଭାତ, ମୁଗ, ମସୁର ଓ ବୁଟ ଡ଼ାଲି, ପୋଟଳ, କଞ୍ଚାଡ଼ିମିରି ଫଳ ତରକାରୀ, ବାଇଗଣ, ସଜନା ଛୁଇଁ, କଳଦୀଭଣ୍ଡା (କଦଳୀ ଫୁଲ), ବନ୍ତଳ କଳଦୀ, କାଗିଜି ଲେମ୍ବୁ, ପଇଡ଼ ପାଣି ।

*ରାତିରେ* - ଗହମ ରୁଟି, କଲରା, ପୋଟଳ, ବାଇଗଣର ତରକାରୀ, କୋଳଥ ଡ଼ାଲି, ଚିନିମିଶା ଅଳ୍ପ ଦୁଧ, ଖିସ୍‌ମିସ୍, ବାଦାମ, ଖଜୁର ।

**କସରତ -**

ପ୍ରମେହ ରୋଗୀର ଶରୀର ମୋଟା ହୋଇଥିଲେ କସରତ, ଦଣ୍ଡ ବୈଠକ କରିବା ଉଚିତ୍ । କାରଣ ପ୍ରମେହ ରୋଗରେ ବାୟୁ ଗରମ ହୋଇ ମେହ ସାଙ୍ଗେ ମିଶି ରହିବା ହେତୁ ଶରୀର ମୋଟା ହୋଇଯାଏ ଏବଂ ପ୍ରମେହ ରୋଗ ବଢ଼େ । ପ୍ରତିଦିନ ଶୁଦ୍ଧ ଶିଳାଜିତ ଦୁଇ ରତି ଖାଇଲେ ଶରୀରରେ ମେଦ କମିଯାଏ ।

କସରତ ନିଷେଧ – ରକ୍ତ-ପିତ୍ତରୋଗୀ, କମ୍‌ଜୋର୍ ରୋଗୀ, କାଶ, ଶ୍ୱାସ ରୋଗୀ କସରତ କରିବେ ନାହିଁ ।

**ସମସ୍ତ ପ୍ରମେହନାଶକ ଔଷଧ –**

୧) ଏକତୋଳା ତ୍ରିଫଳା ଚୂର୍ଣ୍ଣ, ଏକତୋଳା ମହୁ, ଶିଳାଜିତ ଦୁଇ ରତି ଏ ସମସ୍ତ ମିଶି ଏକମାତ୍ରା । ପ୍ରତିଦିନ ଅଭ୍ୟାସ କରି କିଛି ଦିନ ଖାଇଲେ ସମସ୍ତ ପ୍ରକାର ପ୍ରମେହ ନଷ୍ଟ ହୁଏ । (ପରୀକ୍ଷିତ)

ତ୍ରିଫଳା, ହରିଡ଼ା, ବାହାଡ଼ା ଏବଂ ଅଁଳାରୁ ମଞ୍ଜି କାଢ଼ି ଦେଇ ଅଲଗା ଚୂର୍ଣ୍ଣ କରି ପ୍ରତ୍ୟେକ ସମଭାଗ ନେଇ ଶିଶିରେ ରଖିବ । ସେହି ଚୂର୍ଣ୍ଣରୁ ଏକତୋଳା ଔଷଧରେ ପକାଇବ ।

**ବି.ଦ୍ର –** ଯେଉଁ ପ୍ରମେହ ରୋଗୀର କଫ ଅଂଶ ବେଶି ଥିବ, ଝାଡ଼ା ସଫା ହେଉ ନଥିବ, ଉପରୋକ୍ତ ତ୍ରିଫଳା ବ୍ୟବହାର କରିବ । କିନ୍ତୁ ଯେଉଁ ପ୍ରମେହ ରୋଗୀର ମିଜାସ ଗରମ, ସେ ରୋଗୀ ପାଇଁ ତ୍ରିଫଳା ଚୂର୍ଣ୍ଣରେ ଅର୍ଦ୍ଧଭାଗ ମିଶ୍ରି ମିଶାଇ ଦେବ ଅଥବା ହରିଡ଼ା ଏକ ଭାଗ, ବାହାଡ଼ା ଦୁଇଭାଗ ଏବଂ ଅଁଳା ତିନିଭାଗ ନେଇ ଚୂର୍ଣ୍ଣ କରିବ । ଏହିପରି ଭାଗ ବଢ଼ାଇ ବଢ଼ାଇ ନେଲେ ତ୍ରିଫଳା ଗରମ ହୁଏ ନାହିଁ । ସମଭାଗ ନେଲେ ତ୍ରିଫଳା ଗରମ ଏବଂ ଝାଡ଼ା କରାଏ ।

୨) ଗୁଳୁଚି ରସ ଦୁଇତୋଳା, ମହୁ ଅଧତୋଳା ହଳଦୀ ଗୁଣ୍ଡ ଏକ ଅଣା ଓଜନ, ଶ୍ୱେତ ଚନ୍ଦନ ୩ ରତି ପ୍ରତିଦିନ ଅଭ୍ୟାସ କରି ୨୧ ଦିନ ଖାଇଲେ ସମସ୍ତ ପ୍ରକାର ପ୍ରମେହ ନାଶ ହୁଏ । ନିମ୍ବ ଗଛରେ ହୋଇଥିବା ଗୁଳୁଚି ଭଲ ଗୁଣ କରେ । ଗୁଳୁଚିକୁ ଛେଚି ପାଣି ନ ଦେଇ କନାରେ ଛାଣି ରସ ବାହାର କରିବ । (ପରୀକ୍ଷିତ)

୩) ବିରି ଡ଼ାଲି ଦୁଇ ଛଟାଙ୍କି ରାତିରେ ପାଣିରେ ବତୁରାଇ ରଖିବ । ସକାଳେ ସଫା କରି ଧୋଇ ଶିଳରେ ବାଟିବ । ତାପରେ ଖଲରେ ରଖି ତା ଉପରେ ବରକ୍ଷୀର ଢ଼ାଳିବ, ଯେପରି ବରକ୍ଷୀର ବଟା ହୋଇଥିବା ବିରି ଉପରେ ଦୁଇ ଅଙ୍ଗୁଳି ରହିବ । ବର କ୍ଷୀର ଶୁଖିଗଲେ ବହୁ ସମୟ ମର୍ଦ୍ଦନ କରିବ । ଯେତେ ମର୍ଦ୍ଦନ କରିବ, ସେତେ ଗୁଣକାରୀ ହେବ । ତାପରେ ୨୦ଟି ବଟିକା କରିବ । ସକାଳେ ଓ ସନ୍ଧ୍ୟାରେ ଗୋଟିଏ ଲେଖାଏଁ ବଟିକା ଖାଇ ଗାଈଦୁଧ ପିଇବ । ଏହି ଔଷଧରେ ସମସ୍ତ ପ୍ରକାର ପ୍ରମେହ ନଷ୍ଟ ହୁଏ । ୪୦ ଦିନ ଔଷଧ ଖାଇବ । (ପରୀକ୍ଷିତ)

୪) ତ୍ରିଫଳା ଚୂର୍ଣ୍ଣ ଏକ ତୋଳା, ହଳଦୀଚୂର୍ଣ୍ଣ ସୁକି ଓଜନ, ମହୁ ଏକ ତୋଳା, ଅଭ୍ର ଭସ୍ମ ଦୁଇ ରତି ଏ ସମସ୍ତ ମିଶାଇ ଚାଟି କରି ଖାଇ ଗାଈ ଦୁଧ ପିଇବ । ଏହିପରି ତିନି, ଚାରି ସପ୍ତାହ ଖାଇଲେ ସମସ୍ତ ପ୍ରକାର ପ୍ରମେହ ନଷ୍ଟ ହୁଏ ।

୫) ନିମ୍ବଛେଲି ଦୁଇ ତୋଳାକୁ ରାତିରେ ଗରମ ପାଣିରେ ଭିଜାଇ ରଖିବ । ସକାଳେ ଛାଣି ସେଥିରେ ମିଶ୍ରି ମିଶାଇ ଖାଇବ । ଏହିପରି ୧୫ ଦିନ ଖାଇବ । ଏଥିରେ ପ୍ରମେହ ଓ ଗନେରିୟା ଭଲ ହୁଏ ।

୬) ଘିକୁଆଁରି ରସ ଅଧସେରକୁ ଭଲ ରୂପେ ଚକଟି କରି ଦେଖ । ଗୋଟିଏ କଳେଇକରା କରାଇରେ ଅଧସେର ଗାଈଘିଅ ଗରମ କର । ଘିଅ ଭଲ ରୂପେ ଗରମ ହେଲେ ସେଥିରେ ଘିକୁଆଁରୀ ରସ ପକାଇ ୨୦/୨୫ ମିନିଟ୍ ମନ୍ଦ ଅଗ୍ନିରେ ପାକ କର । ତା'ପରେ ଗହମ ଅଟା ଏକପାଆ ଏବଂ ଚିନି ଅଧସେର ପକାଇ ପାକ କର । ଯେତେବେଳେ ଲଡ୍ଡୁ ପରି ହୋଇଯିବ, ଚୁଲୀରୁ ଓହ୍ଲାଇ ଦୁଇ ତୋଳା ହିସାବରେ ଲଡ୍ଡୁ ତିଆରି କରି ରଖ । ଏହି ଲଡ୍ଡୁରୁ ଗୋଟିଏ ସକାଳେ ଖାଲି ପେଟରେ ଆଉ ଅଧପା ଗାଈଦୁଧ ପିଅ । ଏହିପରି ୪୦ ଦିନ ଖାଇଲେ ବଡ଼ ଦୁର୍ବଳ ରୋଗୀ ବଳବାନ ହେବା ସଂଗେ ସଂଗେ ପ୍ରମେହ ରୋଗମୁକ୍ତ ହେବ । ଏହାକୁ ଖାଇବା ଦ୍ୱାରା ମାଂସ ଏବଂ ବୀର୍ଯ୍ୟ ଶୀଘ୍ର ବଢ଼େ ଏବଂ ଭୋକ ହୁଏ । (ପରୀକ୍ଷିତ)

୭) ଶିମୂଳି ଗଛର ଛାଲିର ରସ ଏକତୋଳା, ମହୁ ଏକ ତୋଳା, ହଳଦୀଚୂର୍ଣ୍ଣ ଏକ ଅଣି ଓଜନ ଏକତ୍ର ଖାଇଲେ ୨୦ ପ୍ରକାର ପ୍ରମେହ ନଷ୍ଟ ହୁଏ । ୨୧ ଦିନ ଖାଇବ । ପୁରୁଣା ଶିମୂଳୀ ଗଛର ଛେଲି ବ୍ୟବହାର କରିବ ।

୮) ନିଜର ବଳାବଳ ବିଚାର କରି ଏକ ରତି ବା ଦୁଇ ରତି ବଙ୍ଗଭସ୍ମ ସାମାନ୍ୟ ଟିକିଏ ମହୁ ସଂଗେ ମିଶାଇ ଚାଟିକରି ଖାଇ ତା ଉପରେ ଏକ ତୋଳା ଶିମୂଳୀ ଗଛର ଛେଲିର ରସ, ଏକ ତୋଳା ମହୁ ଓ ହଳଦୀଗୁଣ୍ଡ ଏକ ଅଣି ଓଜନ ଏକତ୍ର କରି ପିଇଲେ ପ୍ରମେହ ରୋଗ ଯେପରି ସିଂହକୁ ଦେଖି ହାତୀ ପଳାଏ, ସେହିପରି ଚାଲିଯାଏ ।

'ଶାଲ୍ମଲୀଦ୍ୱଗ୍ରସୋପେତଂ ସକ୍ଷୌଦ୍ରଂ ରଜନୀରଜଃ
ବଙ୍ଗ ଭସ୍ମ ହରେନ୍ ମେହାନ୍ ପଞ୍ଚାନନ୍ ଇବ ଦ୍ୱିପାନ୍ ।'

୯) ବାବୁଲ ଗଛର କଞ୍ଚାପତ୍ର ଏକତୋଳା ଅଥବା ଶୁଖିଲା ପତ୍ର ଅଧତୋଳା ଶିଳରେ ପରିଷ୍କାର କରି ବାଟି ସମଭାଗ ମିଶ୍ରି ମିଶାଇ ସକାଳେ ଖାଲି ପେଟରେ ଖାଇ ପାଣି ପିଇବ । ଏହିପରି ୨୧ ଦିନ ଖାଇଲେ ସମସ୍ତ ପ୍ରକାର ପ୍ରମେହ ନଷ୍ଟ ହୁଏ । ଏଥିରେ ସ୍ୱପ୍ନଦୋଷ ଏବଂ ମୂତ୍ରରେ ବୀର୍ଯ୍ୟ ପଡ଼ିବା ବନ୍ଦ ହୁଏ । ବାବୁଲ ପତ୍ରର ଯେଉଁ ଗୁଣ, ତାର କଞ୍ଚା ଫଳର ସେହି ଗୁଣ । ଯେଉଁ ଫଳରେ ମଞ୍ଜି ହୋଇନଥିବ, ସେହି ଫଳକୁ ଆଣି ଛାଇରେ ଶୁଖାଇ ଗୁଣ୍ଡକରି ସେଥିରୁ ଅଧତୋଳା ହିସାବରେ ମାତ୍ରା କରି ସମଭାଗ ମିଶ୍ରି ମିଶାଇ ଖାଇ ପାଣି ବା ଦୁଧ ପିଇବ ।

୧୦) ଅଗରା (ଓଡ଼ଶମାରୀ ଗଛ) ଚେରର ଉପର ବକଳା (ଚୋପା) ଅଧତୋଳା ପରିଷ୍କାର କରି ବାଟି ସେଥିରେ ଦୁଇତୋଳା ଗୁଆ ଘିଅ ମିଶାଇ ସାତ ଦିନ ଖାଇଲେ ପ୍ରମେହ ରୋଗ ନାଶ ହୁଏ । ପ୍ରତିଦିନ ଔଷଧ ତିଆରି କରି ଖାଇବାକୁ ହେବ ।

୧୧) ପଳାଶ ଫୁଲ ଏକ ତୋଳା ମିଶ୍ରି ଅଧତୋଳା, ଏକତ୍ର ବାଟି ପାଣିରେ ମିଶାଇ ଭାଙ୍ଗକୁ

ଯେପରି ଭାଙ୍ଗନ୍ତି, ସେହିପରି ବହୁତ ସମୟ ଭାଙ୍ଗି ପିଇବ । ଏପରି ୨୧ ଦିନ ପ୍ରତିଦିନ ସକାଳେ ଖାଇଲେ ପ୍ରମେହ ନାଶ ହୁଏ ।

୧୨) ନିର୍ମୂଳି ଲତାକୁ ପାଣିରେ ଚନ୍ଦନ ପରି ବହଳିଆ କରି ବାଟିବ । ସେହି ବଟାରୁ ସୁକି ଓଜନ ଓ ସେଥିରେ ଏକ ଅଣି ଓଜନ ଗୋଲମରିଚ ଚୂର୍ଣ୍ଣ ମିଶାଇ ଖାଇଲେ ସମସ୍ତ ଧାତୁ ରୋଗ ନାଶ ହୁଏ ।

୧୩) କୋଇଲେଖାମଞ୍ଜି, ତାଳମୂଳିକନ୍ଦା ଚୂର୍ଣ୍ଣ, ଗୋଖୁରାକଣ୍ଟା ଚୂର୍ଣ୍ଣ, ବାଇଡ଼ଙ୍କ ମଞ୍ଜିଚୂର୍ଣ୍ଣ, ବାଳଶିମୂଳୀକନ୍ଦା ଚୂର୍ଣ୍ଣ, ମହାକାଳ କନ୍ଦା ଚୂର୍ଣ୍ଣ ଏବଂ ମିଶ୍ରି ଏ ସମସ୍ତର ସମଭାଗ ଚୂର୍ଣ୍ଣ ଏକତ୍ର କରି ଶିଶିରେ ରଖିବ । ପ୍ରତିଦିନ ସକାଳେ ଖାଲି ପେଟରେ ଅଧତୋଳା ଚୂର୍ଣ୍ଣ ଖାଇ ଧାରୋଷ୍ଣ ଦୁଧ ପିଇଲେ ସମସ୍ତ ପ୍ରକାର ଧାତୁରୋଗ ନଷ୍ଟ ହୋଇ ବଳ ବୃଦ୍ଧି ହୁଏ । (ପରୀକ୍ଷିତ)

୧୪) ଗୋଟିଏ ପାଚିଲା କଦଳୀ ଭିତରେ ଅଧତୋଳା ଘିଅ ପୂରାଇ ସକାଳେ ଓ ସନ୍ଧ୍ୟାରେ ଖାଇଲେ ପ୍ରଦର, ପ୍ରମେହ ଏବଂ ସମସ୍ତ ଧାତୁରୋଗ ନଷ୍ଟ ହୁଏ । ଏହାକୁ ଖାଇଲେ ଯଦି ସର୍ଦ୍ଦି ହୁଏ, ତାହାହେଲେ ସୁକି ଓଜନ ମହୁ ମିଶାଇ ଖାଇବ । କଦଳୀ ପ୍ରମେହ ନାଶକ ଅଟେ ।

୧୫) ବରଫଳକୁ ଛାଇରେ ଶୁଖାଇ ଚୂର୍ଣ୍ଣ କରି କନାରେ ଛାଣି ସମଭାଗ ମିଶ୍ରି ଗୁଣ୍ଡ ମିଶାଇ ଶିଶିରେ ରଖିବ । ସକାଳେ ଓ ସନ୍ଧ୍ୟାରେ ଅଧତୋଳା ହିସାବରେ ଖାଇ ଗାଈ ଦୁଧ ପିଇଲେ ସମସ୍ତ ପ୍ରକାର ପ୍ରମେହ ନଷ୍ଟ ହୋଇ ବୀର୍ଯ୍ୟବୃଦ୍ଧି ହୁଏ ।

୧୬) ତୁଳସୀପତ୍ର ରସ ସୁକି ଓଜନ, ମହୁ ସୁକି ଓଜନ ଏବଂ ମିଶ୍ରି ସୁକି ଓଜନ ଏକତ୍ର କରି ସେଥିରେ ୧ ରତି ଓଜନ ବଙ୍ଗଭସ୍ମ ମିଶାଇ ଖାଇଲେ ପ୍ରମେହ ନଷ୍ଟ ହୁଏ । ଅନ୍ତତଃ ୧୫ ଦିନ ଖାଇବ ।

୧୭) ମନ୍ଦାରଫୁଲ (ପାରିଜାତକ) ର ଅତି ଛୋଟ କଢ଼ି ସାତଟି ଖାଇ ଥଣ୍ଡା ପାଣି ପିଇବ । ସକାଳେ ଖାଲି ପେଟରେ ଏହି ଔଷଧ ଖାଇବ । ଏହିପରି ସାତ ଦିନ ଖାଇଲେ ରୋଗମୁକ୍ତ ହେବ । ମାଛ, ମାଂସ, ଖଟା, ରାଗ, ଶାଗ ଖାଇବ ନାହିଁ ।

**ପ୍ରମେହ, ଔପସର୍ଗିକ ପ୍ରମେହ (ଗନେରିଆ), ଉପଦଂଶ (ସିଫିଲିସ୍) ମଧ୍ୟରେ ପ୍ରଭେଦ କ'ଣ ?**

ପ୍ରମେହ ଓ ଗନେରିଆ ଉଭୟେ ମୂତ୍ରନଳୀର ରୋଗ; କିନ୍ତୁ ଗନେରିଆ ସ୍ଥାନିକ ଅର୍ଥାତ୍ କେବଳ ମୂତ୍ରନଳୀରେ ରହେ ଏବଂ ପ୍ରମେହ ସର୍ବାଙ୍ଗୀନ ଅର୍ଥାତ୍ ମୂତ୍ରନଳୀ ଓ ସମସ୍ତ ଶରୀରରେ ରହେ । ଦୂଷିତ ଯୋନି ସଂସର୍ଗରେ ବିଷାକ୍ତ କୀଟାଣୁ ଲିଙ୍ଗେନ୍ଦ୍ରିୟରେ ପ୍ରବେଶ କରି ଗନେରିଆ ରୋଗ କରାଏ, କିନ୍ତୁ ପ୍ରମେହର ବିଷାକ୍ତ କୀଟାଣୁର ସମ୍ପର୍କ ନଥାଏ । ଏହା କେବଳ କୁପଥ୍ୟ ଖାଇବା ଦ୍ୱାରା ବାତ, ପିତ୍ତ ଓ କଫ ଦୂଷିତ ହୋଇ ଏହି ରୋଗ କରାଏ । ଗନେରିଆ ରୋଗରେ ମୂତ୍ରନଳୀରେ କ୍ଷତ ହୋଇ ପୂଜ ବାହାରେ ଏବଂ ଭୟଙ୍କର ଯନ୍ତ୍ରଣା ହୁଏ । ପ୍ରମେହ ରୋଗରେ ମୂତ୍ରନଳୀରେ ଯନ୍ତ୍ରଣା ହୁଏ

ନାହିଁ । କିନ୍ତୁ ପ୍ରମେହ ଗନେରିଆ ରୋଗ ଠାରୁ ଭୟଙ୍କର; କାରଣ ପ୍ରମେହ ରୋଗରେ ଶରୀରର ସମସ୍ତ ଧାତୁ ଦୂଷିତ ହୋଇ ମୂତ୍ରନଳୀ ବାଟେ ବାହାରି ଆସିବା ଦ୍ୱାରା ଶରୀର ବେଶି ଦୁର୍ବଳ ହୋଇପଡ଼େ ଏବଂ ରୋଗର ଆରମ୍ଭରୁ ଚିକିତ୍ସା ନ କଲେ ମଧୁମେହ ହୋଇ ଅସାଧ ହୋଇପଡ଼େ ।

ଗନେରିଆ ରୋଗରେ ଲିଙ୍ଗେନ୍ଦ୍ରିୟର ଭିତରେ ଘା ହୁଏ, ଉପଦଂଶ (ସିଫ୍‌ଲିସ୍) ରୋଗରେ ଲିଙ୍ଗେନ୍ଦ୍ରିୟର ଉପରିଭାଗରେ ଘା ହୁଏ, ଏପରି କି ଶରୀରର ଅନ୍ୟ ଜାଗାରେ ଘା ଦେଖାଯାଏ । ଗନେରିଆ ଓ ସିଫ୍‌ଲିସ୍ ଉଭୟେ ବିଷାକ୍ତ କୀଟାଣୁ ଦ୍ୱାରା ହୁଅନ୍ତି ।

**ପ୍ରମେହ ଓ ମୂତ୍ରାତିସାର ମଧ୍ୟରେ ପ୍ରଭେଦ କ'ଣ ?**

ପ୍ରମେହ ଯେପରି ମୂତ୍ରନଳୀର ରୋଗ, ମୂତ୍ରାତିସାର ସେହିପରି ମୂତ୍ରନଳୀର ରୋଗ । ପ୍ରମେହ ରୋଗରେ ଦେହର ସମସ୍ତ ଧାତୁ ଦୂଷିତ ହୋଇ ମୂତ୍ରନଳୀ ବାଟେ ମୂତ୍ର ସହିତ ବାହାରିଆସେ, କିନ୍ତୁ ମୂତ୍ରାତିସାରରେ କେବଳ ଦେହର ଜଳୀୟପଦାର୍ଥ ବିକୃତ ହୋଇ ଏବଂ ସ୍ଥାନଚ୍ୟୁତ ହୋଇ ମୂତ୍ରନଳୀ ବାଟେ ବାହାରି ଆସେ । ପ୍ରମେହ ରୋଗପରି ମୂତ୍ରାତିସାରରେ ମଧ୍ୟ ଶରୀର ଦୁର୍ବଳ ହୁଏ ଏବଂ ମୈଥୁନ ଶକ୍ତି କମିଯାଏ । ମସ୍ତକର ଶିଥିଳତା, ମୁହଁ ଓ ତାଲୁର ଶୁଷ୍କତା ମୂତ୍ରାତିସାର ରୋଗର ଲକ୍ଷଣ । ଏହି ରୋଗରେ ଜଳୀୟ ଅଂଶ କ୍ଷୟ ହେବାରୁ ଏହାକୁ 'ସୋମରୋଗ' କହନ୍ତି । ସୋମରୋଗ ବହୁତ ଦିନର ହେଲେ ମୂତ୍ରାତିସାର ହୋଇଯାଏ । ପ୍ରମେହରେ ମୂତ୍ରର ବର୍ଣ୍ଣ ଭିନ୍ନ ଭିନ୍ନ ଏବଂ ଗନ୍ଧଯୁକ୍ତ ହୁଏ, କିନ୍ତୁ ମୂତ୍ରାତିସାରରେ ମୂତ୍ର ସଫା, ଶୀତଳ ଓ ଗନ୍ଧହୀନ ହୁଏ । ମୂତ୍ରାତିସାର ଅନେକ ଅଂଶରେ ଉଦକ ମେହ ପରି ଦେଖାଯାଏ, କିନ୍ତୁ ଉଦକ ମେହରେ ମୂତ୍ରର ବର୍ଣ୍ଣ ମୂତ୍ରାତିସାର ମୂତ୍ର ପରି ହେଲେ ସୁଦ୍ଧା ଉଦକ ମେହର ମୂତ୍ର ଚିକ୍‌କଣ ଏବଂ ମୂତ୍ରକୁ ରଖି ଦେଲେ ମୂତ୍ରର ତଳ ଭାଗରେ ମଇଳା ବସିଯାଏ । ଉଦକ ମେହରେ ମସ୍ତକର ଶିଥିଳତା ଏବଂ ମୁହଁ ଓ ତାଲୁର ଶୁଷ୍କତା ନ ଥାଏ ଏବଂ ମୂତ୍ରାତିସାର ପରି ଏତେ ଅଧିକ ପରିସ୍ରା ହୁଏନାହିଁ ।

## ଗନେରିଆ (ଔପସର୍ଗିକ ପ୍ରମେହ)

୧) ଗନେରିଆ ରୋଗ ଭୋଗୁଥିବା ସ୍ତ୍ରୀ ସହିତ ମୈଥୁନ କରିବା ଦ୍ୱାରା ଏହି ରୋଗ କୀଟାଣୁ ଶରୀରରେ ପ୍ରବେଶ କରେ । ସେହିପରି ଗନେରିଆ ରୋଗୀ ପୁରୁଷ ଠାରୁ ସ୍ତ୍ରୀ ଶରୀରରେ ଏହି ରୋଗର କୀଟାଣୁ ପ୍ରବେଶ କରି ଏହି ରୋଗ କରାଏ । ଏହି ରୋଗ ମୂତ୍ରନଳୀର ରୋଗ ହେଲେ ମଧ୍ୟ, ବହୁତ ଦିନର ହୋଇଗଲେ ଏହି ରୋଗର କୀଟାଣୁ ଶରୀରର ଅନ୍ୟ ଅଙ୍ଗମାନଙ୍କରେ ପ୍ରବେଶ କରି ନାକ, କାନ ଓ ମୁହଁରେ ଘା କରାଏ । ସ୍ତ୍ରୀଲୋକଙ୍କର ପ୍ରଥମେ ଯୋନିରେ କୀଟାଣୁସବୁ ପ୍ରବେଶ କରି ଗର୍ଭାଶୟ ପର୍ଯ୍ୟନ୍ତ ଚାଲିଯାଇ ସେମାନଙ୍କୁ ବାଂଝ କରିଦିଅନ୍ତି । ଯଦି ଅକସ୍ମାତ୍ ଗର୍ଭଧାନ ହୁଏ; ତାହାହେଲେ ସେହି ଗର୍ଭର ସନ୍ତାନ ସେହି ରୋଗ ନେଇ ଜନ୍ମ ହୁଏ ଅଥବା ବିକଳାଙ୍ଗ ହୁଏ ।

**ପୂର୍ବ ଲକ୍ଷଣ –**

ଦୂଷିତ ଯୋନିସଂସର୍ଗ ପରଠାରୁ ୧୦/୧୫ ଦିନ ମଧ୍ୟରେ ଏହି ରୋଗ ଲକ୍ଷଣ ଦେଖାଯାଏ । କାହାକୁ ଦିନେ ଦୁଇ ଦିନ ମଧ୍ୟରେ ଏହି ରୋଗ ଆକ୍ରମଣ କରେ । ପ୍ରଥମେ ଏହି ରୋଗର କୀଟାଣୁ ମୂତ୍ରନଳୀରେ ପ୍ରବେଶ କରିବା ଦ୍ୱାରା ମୂତ୍ରନଳୀରେ ଜ୍ୱାଳା ହୁଏ, ଘା ହୋଇ ପୂଜ ହୁଏ ଏବଂ ପରିସ୍ରା କରିବା ସମୟରେ ଅସହ୍ୟ ଯନ୍ତ୍ରଣା ହୁଏ । ସ୍ତ୍ରୀଲୋକଙ୍କ ଅପେକ୍ଷା ପୁରୁଷ ଲୋକଙ୍କର ବେଶୀ ଯନ୍ତ୍ରଣା ହୁଏ । କାରଣ ପୁରୁଷ ଲୋକଙ୍କର ମୂତ୍ରନଳୀ ସରୁଥିବାରୁ ଏବଂ ସେଥିରେ ଘା ହୋଇଥିବାରୁ ପରିସ୍ରା କଲାବେଳେ ବେଶି ଯନ୍ତ୍ରଣା ହୁଏ । ସ୍ତ୍ରୀଲୋକଙ୍କର ପରିସ୍ରାନଳୀ ମୋଟା ଥିବାରୁ ସେତେ କଷ୍ଟ ହୁଏ ନାହିଁ । ତଳିପେଟ, ଅଣ୍ଟା, ଆଣ୍ଠୁ ଗଣ୍ଠିରେ ବେଦନା ହୁଏ ଏବଂ କେତେକଙ୍କର ଜ୍ୱର ମଧ୍ୟ ହୁଏ । ରାତିରେ ଲିଙ୍ଗେନ୍ଦ୍ରିୟ ଅସ୍ୱାଭାବିକ୍ ଭାବେ ଉତ୍ତେଜିତ ହୁଏ । ଏହି ରୋଗ ଆକ୍ରମଣ କଲାମାତ୍ରେ ଚିକିତ୍ସା କଲେ ଶୀଘ୍ର ଭଲ ହୁଏ; କିନ୍ତୁ ଚରିତ୍ରଦୋଷ ଲୋକେ ଜାଣିରଖିବା ଉଚିତ ଯେ, ଲଜ୍ଜାରେ ଏହି ରୋଗକୁ ଯଦି ଛପାଇ ରଖାଯାଏ, ତାହାହେଲେ ରୋଗ ପୁରୁଣା ହୋଇଗଲେ ଅସାଧ୍ୟ ହୋଇପଡ଼େ । ରୋଗ ବେଶୀ ଦିନର ହୋଇଗଲେ ପରିସ୍ରା କଲାବେଳେ ଜ୍ୱାଳା କମିଯାଏ ଏବଂ ପୂଜ ବାହାରିବା ମଧ୍ୟ ବନ୍ଦ ହୋଇଯାଏ । ରୋଗୀ ଭାବେ ଯେ, ସେ ରୋଗମୁକ୍ତ ହେଲା ବୋଲି, କିନ୍ତୁ ପ୍ରକୃତରେ ରୋଗର କୀଟାଣୁ ଶରୀର ଭିତରେ ଲୁଚି ରହିଥାନ୍ତି । କେତେ ଲୋକଙ୍କର ମୂତ୍ରନଳୀରେ ପୂଯ ଜମିଯାଇ ପଥର ପରି ଟାଣ ହୋଇଯାଇ ମୂତନଳୀ ବନ୍ଦ କରିଦିଏ, ଟୋପା ଟୋପା ପରିସ୍ରା ହୁଏ ବା ଆଦୌ ପରିସ୍ରା ହୋଇପାରେ ନାହିଁ । ଯନ୍ତ୍ର ସାହାଯ୍ୟରେ ପରିସ୍ରା କରାଇବାକୁ ହୁଏ ।

**ଚିକିତ୍ସା ପୂର୍ବରୁ –**

ଚିକିତ୍ସା କରିବା ପୂର୍ବରୁ ରୋଗୀକୁ ଦୁଇ ତୋଳା ଜଡ଼ାତେଲ ଦୁଧ ସଙ୍ଗେ ଖାଇବାକୁ ଦେଇ ପେଟ ସଫା କରାଇଦେବା ଉଚିତ୍ । ପେଟ ସଫା ହୋଇଗଲା ପରେ ମୂତ୍ରନଳୀ ସଫା କରାଇବା ଉଚିତ୍ । ଦୁଇତୋଳା କବାବଚିନିକୁ ୧୬ ତୋଳା ପାଣିରେ ସିଝାଇ ଅବଶେଷ ଦୁଇତୋଳା ରହିଲେ ଛାଣି ସେହି ପାଣିକୁ ଥଣ୍ଡା କରି ସେଥିରେ ୫/୭ ବୁନ୍ଦା ଚନ୍ଦନତୈଳ ପକାଇ ପିଇଲେ ମୂତ୍ରନଳୀ ସଫା ହୋଇଯାଏ । ଏହିପରି ପ୍ରତିଦିନ ଦୁଇ ତୋଳା କବାବଚିନି କ୍ୱାଥରେ ଚନ୍ଦନତୈଳ ପକାଇ ଦିନକୁ ତିନି ଥର ହିସାବରେ ସାତଦିନ ଖାଇଲେ ଲିଙ୍ଗେନ୍ଦ୍ରିୟର ଘା ଭଲ ହୋଇଯାଏ ।

ଗନେରିଆ ରୋଗୀ ଦେହରେ ସର୍ବାଙ୍ଗରେ ନାରାୟଣୀ ତୈଳ ଲଗାଇ ଥଣ୍ଡା ପାଣିରେ ଗାଧୋଇବା ଉଚିତ୍ । ସର୍ଦ୍ଦିହେଲେ ଗରମ ପାଣିରେ ଗାଧୋଇବ । ଔଷଧ ଖାଇବା ପୂର୍ବରୁ ଝାଡ଼ା ସଫା କରାଇନେବ । ଔଷଧ ଖାଉଥିବା ସମୟରେ କୋଷ୍ଠବଦ୍ଧ ହେଲେ ଗୁଲକନ୍ଦ (ଗୋଲାପ ଫୁଲ) ଦୁଇତୋଳା, ମୁନାକା (ଖଜୁର) ମଞ୍ଜି ବାହାର କରିଦେଇ ସାତଟା ସୌଫ ଅଧତୋଳା ଅଧସେର ପାଣିରେ ସିଝାଇ ଅବଶେଷ ଅଧପାଏ ପାଣି ରହିଲେ ଛାଣି ସେହି କ୍ୱାଥ (ପାଣି) ରାତିରେ ଶୋଇଲା ପୂର୍ବରୁ ପିଇଲେ ସକାଳେ ଝାଡ଼ା ସଫା ହୁଏ । ପରିସ୍ରା ସଫା କରିବାକୁ ପ୍ରତିଦିନ ଦୁଧ ସମଭାଗ ପାଣି

ମିଶାଇ ଭାଙ୍ଗ ପରି ଭାଙ୍ଗି ପିଇଲେ ପରିସ୍ରା ସଫା ହୁଏ ଅଥବା ଗୋଖୁରାକଣ୍ଟା ଦୁଇ ତୋଳା ଅଧ ସେର ପାଣିରେ ସିଝାଇ ଅଧପାଏ ପାଣି ରହିଲେ ତାକୁ ଛାଣି ସେହି ପାଣି ପିଇବ ଅଥବା ଦୁଇ ତୋଳା ଗୋଖୁରାକଣ୍ଟାକୁ ରାତିରେ ପାଣିରେ ବତୁରାଇ ସକାଳେ ଛାଣି ସେହି ପାଣି ପିଇଲେ ପରିସ୍ରା ସଫା ହୋଇ ମୂତ୍ରନଳୀ ଜ୍ୱାଳା ମୂତ୍ରକୃଚ୍ଛ ଭଲ ହୁଏ । ମୂତ୍ରକୃଚ୍ଛ ନାଶକ ଦ୍ରବ୍ୟ ମଧ୍ୟରେ ଗୋଖୁରାକଣ୍ଟା ଶ୍ରେଷ୍ଠ (ଚରକ) । ଗନେରିଆ ରୋଗର ଔଷଧ ଖାଉଥିବା ସମୟରେ ପ୍ରତିଦିନ ଉପରୋକ୍ତମତେ ଗୋଖୁରା ପାଣି ପିଉଥିବା ଉଚିତ୍ ।

**ଚିକିତ୍ସା –**

୧) ବର କ୍ଷୀର ୨୫ ଟୋପା ରୁ ୪୦ ଟୋପା ପର୍ଯ୍ୟନ୍ତ ପାଚିଲା କଦଳୀ ଭିତରେ ପୁରାଇ ଅଥବା ଅଧତୋଳା ଚିନି ଉପରେ ପକାଇ ଅନ୍ତତଃ ୧୫ ଦିନ ଖାଇଲେ ଗନେରିଆ ରୋଗ ଭଲ ହୁଏ ।

୨) ଉମାଶଙ୍କର ରସ – ନିଶ୍ଚନ୍ଦ୍ର ଅଭ୍ର ଭସ୍ମ ଦୁଇ ତୋଳା, ରସସିନ୍ଦୁର ଦୁଇ ତୋଳା, ମୟୂରଗିରା ଭସ୍ମ ସୁକି ଓଜନ ଏହି ତିନି ପଦାର୍ଥକୁ ଏକତ୍ର କରି ହଳଦୀ ରସରେ ଏକ ସପ୍ତାହ ଭାବନା ଦେଇ ମର୍ଦ୍ଦନ କରିବ । ତା'ପରେ ଅଁଳା ରସରେ ଏକ ସପ୍ତାହ ଭାବନା ଦେଇ ମର୍ଦ୍ଦନ କରି ଦୁଇ ରତି ହିସାବରେ ବଟିକା କରି ଶିଶିରେ ରଖିବ ।

**ମାତ୍ରା** – ସକାଳେ ଗୋଟିଏ ବଟିକା ଏବଂ ସନ୍ଧ୍ୟାରେ ଗୋଟିଏ ବଟିକା । ଅନୁପାନ – ପାନପତ୍ର ରସ, ବାସଙ୍ଗ ପତ୍ର ରସ, ମହୁ, ତ୍ରିଫଳା, ମିଶ୍ରି ଅଥବା ରାଶି ତେଲ – ଏଥି ମଧ୍ୟରୁ ଯେକୌଣସି ଗୋଟିଏ ଅନୁପାନରେ ଖାଇବ । ଏହି ରସାୟନ ଗନେରିଆ, ତୀବ୍ର ବେଦନାଯୁକ୍ତ ମୂତ୍ରଜ୍ୱାଳା ସହିତ ପୂଯ ଓ ରକ୍ତ ନିର୍ଗମ ସମସ୍ତ ଉପଦ୍ରବକୁ ଦୂର କରେ । ବଟିକା ଖାଇଲା ପରେ ଚାରିତୋଳା ରାଶି ତେଲ ଖାଇଲେ ବାନ୍ତି ହୁଏ ନାହିଁ । ଦୁଇ ଚାରି ଘଣ୍ଟାରେ ତୀବ୍ର ଜ୍ୱାଳା ଶାନ୍ତ ହୁଏ । ଏହି ଔଷଧକୁ ଅଁଳା ରସରେ ଯେତେ ଭାବନା ଦେବ, ଏହା ସେତିକି ସୌମ୍ୟ ଓ ଗୁଣକାରୀ ହୁଏ । ଔଷଧ ଖାଇବାର ୪ ଘଣ୍ଟା ପରେ ଦୁଧ ଖାଇବ । ଔଷଧ ସେବନ ସମୟରେ କେବଳ ଦୁଧ ଖାଉଥିବ, ପାଣି ପିଇବ ନାହିଁ । ନିତାନ୍ତ ଆବଶ୍ୟକ ହେଲେ ଗରମ ପାଣି ଥଣ୍ଡା କରି ଅଳ୍ପ ପିଇବ ।

୩) ଲୋବାନକୁ ଗୁଣ୍ଡ କରି କନାରେ ଛାଣି ସେଥିରେ ଅସଲୀ ଚନ୍ଦନ ତେଲ ଏପରି ମିଶାଇବ, ଯେପରି ବଟିକା ତିଆରି ହୋଇପାରିବ । ତା'ପରେ ଏକଅଣି ଓଜନର ବଟିକା କରି ଶିଶିରେ ରଖିବ । ଗୋଟିଏ ବଟିକାକୁ କାପ୍‌ସୁଲ ଅଥବା ଚକଟା ହୋଇଥିବା ଅଟା ଭିତରେ ପୂରାଇ କଞ୍ଚାଦୁଧ ସଙ୍ଗେ ଗିଳିଦେବ ଏବଂ ତାଉପରେ କଞ୍ଚାଦୁଧ ପିଇବ । ଏହିପରି ସକାଳେ ଓ ସନ୍ଧ୍ୟାରେ ଦୁଇଟି ବଟିକା ଖାଇବ । ରୋଗ ଭୟଙ୍କର ହୋଇଥିଲେ ଦିନକୁ ତିନି ଥର

ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟାରେ ଖାଇବ । ଏହା ଦିନକେ ପରିସ୍ରା ଜ୍ୱାଳା ବନ୍ଦ ହୋଇଯିବ । ତିନି ଚାରି ଦିନରେ ପୂଯ ପଡ଼ିବା ବନ୍ଦ ହୋଇଯିବ । କୌଣସି କୌଣସି ରୋଗୀ ଏକା ଦିନକେ ତିନି ପାନରେ ଭଲ ହୋଇଯାନ୍ତି । ରୋଗମୁକ୍ତ ହେବାପର୍ଯ୍ୟନ୍ତ ଖାଇବ । ଔଷଧ ଖାଉଥିବା ଦିନରେ ଲୁଣ ଖାଇବ ନାହିଁ । ଲୋବାନ – ସାମ୍ବ୍ରାଣୀ ।

୪) ଫିଟିକିରି ଖଇ ସୁକି ଓଜନ, ଗେରୁ ଦୁଇ ଅଣି ଓଜନ, ମିଶ୍ରି ଅଧତୋଳା ଏକତ୍ର ମିଶାଇ ଖାଇ କଞ୍ଚା ଗାଈଦୁଧ ପିଇବ । ଏହିପରି ୧୫/୨୦ ଦିନ ଖାଇଲେ ରୋଗମୁକ୍ତ ହେବ । ଫିଟିକିରିକୁ ଚୂର୍ଣ୍ଣ କରି ଲୁହା କରଚୁଲିରେ ରଖି ରଡ଼ନିଆଁ ଉପରେ ରଖିଲେ ସେ ଖଇପରି ଫୁଲିଯିବ । ଏହାକୁ ଫିଟିକିରି ଖଇ କହନ୍ତି ।

୫) କବାବଚିନି ଦୁଇତୋଳା, ରେବନ୍ଦ ଚିନି ଏକତୋଳା, କଲମି ସୋରା ଦେଢ଼ତୋଳା, କଞ୍ଚା ଫିଟିକିରି ଏକ ତୋଳା, ଗୁଜୁରାତି ଦାନା ଏକତୋଳା – ଏ ସମସ୍ତର ଚୂର୍ଣ୍ଣ ଏକତ୍ର କରି ଶିଶିରେ ରଖିବ ।

**ମାତ୍ରା –** ସୁକି ଓଜନ ଦିନକୁ ୬ଥର, ପ୍ରତି ଦୁଇ ଘଣ୍ଟାରେ ଥରେ ।

**ଅନୁପାନ** – ଦୁଧ ସମଭାଗ ପାଣି ଏକତ୍ର ଭାଙ୍ଗ ପରି ଭାଙ୍ଗି ଔଷଧ ଖାଇଲା ପରେ ପିଇବ ।

୬) କଳଦୀ ମଞ୍ଜାରସ ଅନ୍ତତଃ ୧୧ ଦିନ ପିଇଲେ ପରିସ୍ରା ସଫା ହୋଇ ଗନେରିଆ ରୋଗ ଭଲ ହୁଏ । ପ୍ରତିଦିନ ରସ ବାହାର କରି ପିଇବ । ଏହି ରସରେ ପ୍ରଦର, ଉପଦଂଶ, କଲେରାର କୀଟାଣୁ, ସାପବିଷ ମଧ୍ୟ ନଷ୍ଟ ହୁଏ ।

**ମାତ୍ରା –** ରସ ତିନି ତୋଳା, ଦିନକୁ ୩ ଥର ।

୭) ବାଳଶିମୂଳୀ କନ୍ଦାକୁ ଟିକିଟିକି କରି କାଟି ଶୁଖାଇ ଚୂର୍ଣ୍ଣ କରି କନାରେ ଛାଣି ସମଭାଗ ମିଶ୍ରି ମିଶାଇ ଶିଶିରେ ରଖିବ । ଏହି ଚୂର୍ଣ୍ଣରୁ ଏକ ତୋଳା ସକାଳେ ଏବଂ ଏକ ତୋଳା ସନ୍ଧ୍ୟାରେ ଖାଇ ପାଣି ବା ଦୁଧ ପିଇବ । ଏହିପରି ଏକ ମାସ ଖାଇଲେ ଗନେରିଆ ରୋଗ ତ ନିଶ୍ଚୟ ଭଲ ହେବ, ତା ସଙ୍ଗେ ସଙ୍ଗେ ରକ୍ତ ପରିଷ୍କାର ହେବ ଏବଂ ବଳବୀର୍ଯ୍ୟ ବୃଦ୍ଧି ହେବ । (ପରୀକ୍ଷିତ)

୮) ଲଙ୍କାକାଲ କ୍ଷୀର ଅଧତୋଳା, ସୁକି ଓଜନ ଧଳା ଖଇରଚୂର୍ଣ୍ଣ ଏକତ୍ର ମିଶାଇ ସକାଳେ ଖାଲି ପେଟରେ ଖାଇବ । ଦିନକୁ ଏକ ପାନ କରି ତିନି ଦିନ ଖାଇଲେ ଗନେରିଆ ରୋଗ ନିଶ୍ଚୟ ନଷ୍ଟ ହେବ ।

୯) ରସକର୍ପୂର ଏକ ଭାଗ, ଶ୍ୱେତ ଅରଖଛାଲି ଚୂର୍ଣ୍ଣ ଚାରି ଭାଗ ଏକତ୍ର ଆଠ ଘଣ୍ଟା ଖଲରେ ମର୍ଦ୍ଦନ କରି ଦୁଇ ରତି ହିସାବରେ ବଟିକା କରିବ । ଏହାର ନାମ 'ଅମୃତ କଜ୍ଜବଟି' ।

ସକାଳେ ଗୋଟିଏ ବଟିକା ଓ ସନ୍ଧ୍ୟାରେ ଗୋଟିଏ ବଟିକା ଖାଇବ । ଅଟାକୁ ଚକଟି ଗୋଟିଏ ଖୋଳ ପରି କରି ତା ଭିତରେ ବଟିକା ପୂରାଇ ଗିଳିଦେବ, ଚୋବାଇବ ନାହିଁ । ୩ ଦିନରେ ୬ଟି ବଟିକା ଖାଇଲେ ରୋଗମୁକ୍ତ ହେବ ।

**ପଥ୍ୟ -** କେବଳ ଦୁଧ ଅଥବା ଦୁଧଭାତ, ଦୁଧ, ରୁଟି, ଚିନି, ଘିଅ ।

**ଅପଥ୍ୟ -** ଲଙ୍କାମରିଚ, ଖଟା, ଲୁଣ, ଶାଗ, କଖାରୁ, କଲରା, କାକୁଡ଼ି, ତରଭୁଜ ଖାଇବ ନାହିଁ । ସ୍ତ୍ରୀ ସହବାସ ତ୍ୟାଗ କରିବ ।

**ଗନେରିଆ ରୋଗରେ ପିଚକାରୀ -**

ଗନେରିଆ ରୋଗରେ ଉପରୋକ୍ତ ଔଷଧ ଖାଉଥିବା ସମୟରେ ନିମ୍ନଲିଖିତ କ୍ୱାଥରେ ମୂତ୍ରନଳୀରେ ପିଚକାରୀ ଦେବ ।

ନିମ୍ବପତ୍ର, ତେନ୍ତୁଳି ପତ୍ର, ଲେମ୍ବୁ ପତ୍ର, ମଞ୍ଜୁଆତି ପତ୍ର ପ୍ରତ୍ୟେକରୁ ଦୁଇ ତୋଳା ଲେଖାଏଁ ନେଇ ଏକ ସେର ପାଣିରେ ସିଝାଇ ଅଧସେର ପାଣି ରହିଲେ ଛାଣି ମୂତ୍ରନଳୀରେ ପିଚକାରୀ ଦିନକୁ ୩ଥର ଦେବ ।

**ପରିସ୍ରା ବନ୍ଦ ହୋଇଗଲେ -**

୧) ପରିସ୍ରା ବନ୍ଦ ହୋଇଗଲେ କାକୁଡ଼ିମଞ୍ଜି ଏକତୋଳା, କବାବଚିନି ଏକ ତୋଳା, ଯବକ୍ଷାର ଦୁଇ ତୋଳା ଏକତ୍ର ମୁଢ଼ି ପାଣିର ଅଭାବେ କେବଳ ପାଣିରେ ବାଟି ତଳିପେଟରେ ଲେପ ଦେଲେ ଅଧଘଣ୍ଟାକ ଭିତରେ ପରିସ୍ରା ହୋଇଯିବ । (ବହୁ ପରୀକ୍ଷିତ)

୨) ମୂଷାଲଣ୍ଡି ଦୁଇ ତୋଳା, ଯବକ୍ଷାର ଏକ ତୋଳା ପାଣିରେ ବାଟି ଅଳ୍ପ ଉଷୁମ କରି ତଳିପେଟରେ ନାଭି ତଳକୁ ଲେପ ଦେଲେ ପରିସ୍ରା ହେବ ।

୩) ଗେଣ୍ଡୁ ପତ୍ରକୁ ପାଣିରେ ବାଟି ଛାଣି ମିଶ୍ରି ମିଶାଇ ପିଇଲେ ପରିସ୍ରା ହୁଏ ।

୪) ସାମାନ୍ୟ କର୍ପୂରକୁ ଲିଙ୍ଗ ନଳି ଭିତରେ ପୂରାଇଲେ ପରିସ୍ରା ହୁଏ ।

୫) ଏକ ରତି ବା ଦୁଇରତି କର୍ପୂର ଖାଇଲେ ପରିସ୍ରା ହୁଏ ।

## ଉପଦଂଶ (ସିଫିଲିସ୍)

ପ୍ରାଚୀନ ଆୟୁର୍ବେଦ ଗ୍ରନ୍ଥମାନଙ୍କରେ ଏହି ରୋଗର ନିଦାନ ନାହିଁ । ଇଂରେଜମାନେ ଆମ ଭାରତ ବର୍ଷକୁ ଆସିବା ପୂର୍ବରୁ ଏହି ରୋଗ ଆମ ଦେଶରେ ନଥିଲା । ସେହିମାନଙ୍କ ଠାରୁ ଏହି ରୋଗ ଆସିଥିବାରୁ ଏହାକୁ ଫିରିଙ୍ଗି ରୋଗ କହନ୍ତି । ଏହି ରୋଗ ଦୁଇ ପ୍ରକାର, ଆଗନ୍ତୁକ ଓ ବଂଶଜ । ଏହି ରୋଗରେ ଆକ୍ରାନ୍ତ ହୋଇଥିବା ନରନାରୀଙ୍କ ସଂସର୍ଗରେ ରୋଗର କୀଟାଣୁ ଶରୀରରେ ପ୍ରବେଶ

କରେ । ଦେଶରେ ବେଶ୍ୟାବୃତ୍ତି ଏବଂ ବ୍ୟଭିଚାର ବଢ଼ିବା ସଂଗେ ସଂଗେ ଏହି ରୋଗ ବ୍ୟାପକ ଭାବରେ ଦେଖାଯାଉଛି । ରୋଗର ପ୍ରଥମ ଅବସ୍ଥାରୁ ଚିକିତ୍ସା ନ କଲେ ଏବଂ ରୋଗ ଭୋଗୁଥିବା ସମୟରେ ମୈଥୁନ କଲେ ନିଜର ସନ୍ତାନ ଓ ସନ୍ତତିମାନଙ୍କୁ ଏହି ରୋଗ ଆକ୍ରମଣ କରେ । ଏହିପରି ବଂଶଜ ହୋଇଯାଏ । ଯେଉଁମାନେ କ୍ଷଣିକ ସୁଖ ପାଇଁ ବେଶ୍ୟା ଗମନ କରନ୍ତି ଏବଂ ଏହି ରୋଗର କୀଟାଣୁ ନିଜର ସ୍ତ୍ରୀ ଦେହରେ ଛାଡ଼ି ଦିଅନ୍ତି, ସେମାନେ ଭାବିବା ଉଚିତ୍ ଯେ କ୍ଷଣିକ ସୁଖ ପାଇଁ ସେମାନେ ନିଜର ସର୍ବନାଶ କରିବା ସଂଗେ ସଂଗେ ନିଜର ସ୍ତ୍ରୀ, ସନ୍ତାନ ସନ୍ତତି, ଏହିପରି ଦଶ ଏବଂ ଦେଶର ସର୍ବନାଶ କରୁଛନ୍ତି । ଏହି ରୋଗର କୀଟାଣୁ ଏତେ ମାରାତ୍ମକ ଯେ ପ୍ରଥମେ ଲିଙ୍ଗେନ୍ଦ୍ରିୟରେ ଏହି କୀଟାଣୁ ପ୍ରବେଶ କରି କ୍ରମଶଃ ସମସ୍ତ ଶରୀରରେ ବିସ୍ଫୋଟକ, ସନ୍ଧିବାତ, ଆଣ୍ଠୁଗଣ୍ଠିବାତ ପ୍ରଭୃତି ଉତ୍କଟ ରୋଗ ଜାତ କରାଏ । ରୋଗ ବହୁତ ଦିନର ହୋଇଗଲେ ଏହି କୀଟାଣୁ କ୍ରମଶଃ ଜ୍ଞାନେନ୍ଦ୍ରିୟମାନଙ୍କରେ ପ୍ରବେଶ କରି କାହାକୁ ଅନ୍ଧ କରିଦିଏ, କାହାର ନାକ ବସିଯାଏ, କାହାର କାନ ଓ ଜିଭ ଛିଣ୍ଡିଯାଏ ଏବଂ କୋଷ୍ଠ ରୋଗ ମଧ୍ୟ ହୋଇଯାଏ । ଏହି ନାରକୀୟ ରୋଗ ଆକ୍ରମଣ କଲାମାତ୍ରେ ଚିକିତ୍ସା କରିବା ଉଚିତ୍ । କେତେକ ଲୋକ ଲଜ୍ୟାରେ ରୋଗକୁ ଛପାଇ ରଖନ୍ତି । ଶେଷକୁ ଅବସ୍ଥା ଏପରି ହୁଏ ଯେ ପୁରୁଷାଙ୍ଗ ନଷ୍ଟ ହୋଇଯାଏ । ଜୟପୁରରେ ଗୋଟିଏ ଯୁବକ ଆତ୍ମହତ୍ୟା କଲା । ଡ଼ାକ୍ତର ମାଇନାରେ ଦେଖାଗଲା ଯେ ତାର ଲିଙ୍ଗରେ ଘା ହୋଇ ପୋକ ପଡ଼ି ଲିଙ୍ଗକୁ ଛିଣ୍ଡାଇ ଦେଇଛି । ଯୁବକମାନଙ୍କୁ ମୋର ଅନୁରୋଧ କ୍ଷଣିକ ସୁଖ ଆଶାରେ ବେଶ୍ୟା ବା ନଷ୍ଟ ସ୍ତ୍ରୀ ସହିତ ମୈଥୁନ କରିବା ପୂର୍ବରୁ ଉପରୋକ୍ତ ଯୁବକଟିର ଦୁର୍ଦ୍ଦଶା ଥରେ ମନେ ପକାନ୍ତୁ ।

**ଚିକିତ୍ସା –**

ଚିକିତ୍ସା କରିବା ପୂର୍ବରୁ ରୋଗୀକୁ ଝାଡ଼ା ଔଷଧ ଦେଇ ପେଟ ସଫା କରାଇବ । ଉପଦଂଶ ଗୋଟିଏ ଗରମୀ ବେମାରୀ ବୋଲି ଶୀତଳ ଚିକିତ୍ସା କରିବ ନାହିଁ । ଶୀତଳ ଚିକିତ୍ସା କଲେ ଆଣ୍ଠୁଗଣ୍ଠି ରୋଗ ହୋଇ ରୋଗ ଭୟଙ୍କର ହୋଇଯାଏ । ନିମ୍ବ ପତ୍ରକୁ ପାଣିରେ ଫୁଟାଇ ସେହି ପାଣିରେ ଘା' ଧୋଇବ । ତା'ପରେ ତ୍ରିଫଳା ଭସ୍ମରେ ମହୁ ମିଶାଇ ଘା' ଉପରେ ଲଗାଇବ ଅଥବା ଡ଼ାଳିମ୍ବ ଛାଲି ଶୁଖାଇ ଗୁଣ୍ଡ କରି କନାରେ ଛାଣି ସେହି ଗୁଣ୍ଡ ପକାଇବ । ତା'ପରେ ନିମ୍ନଲିଖିତ ଔଷଧ ମଧ୍ୟରୁ ଯେକୌଣସି ଔଷଧ ଖାଇବ ।

୧) ଇଠାଫଳ (ମଞ୍ଜି ପକାଇଦେଇ) ଶୁଖାଇ ଚୂର୍ଣ୍ଣ କରି ପାଣିରେ ମର୍ଦ୍ଦନ କରି ବିରି ପରି ବଟିକା କରିବ । ଗୋଟିଏ ବଟିକା ସକାଳେ ଖାଲି ପେଟରେ ଅଧାପାଆ ସଦ୍ୟ ଦହି ସହିତ ଖାଇବ । ଏହିପରି ୧୦/୧୫ ଦିନ ଖାଇଲେ ରୋଗମୁକ୍ତ ହେବ । ଉପଦଂଶ ରୋଗରେ ଦହି ଖାଇବା ନିଷେଧ । ସେଥିପାଇଁ ଔଷଧ ସାଙ୍ଗରେ କେବଳ ଅଧପାଆ ଦହି ଖାଇବ, ଅନ୍ୟ ସମୟରେ ଖାଇବ ନାହିଁ । ଖଟା, ଲଙ୍କାମରିଚ, ଲୁଣ ଖାଇବ ନାହିଁ । ଯଦି ବିନା ଲୁଣରେ ଖାଇ ନ ହେବ, ତେବେ ସାମାନ୍ୟ ସୈନ୍ଧବ ଲବଣ ଖାଇପାର, କିନ୍ତୁ ଆଦୌ ଲୁଣ ନ ଖାଇଲେ ଶୀଘ୍ର

ରୋଗ ମୁକ୍ତ ହେବ । ଇଠାଫଳ ଯାହାକୁ ପାଣିରେ ଘଷିଲେ ସାବୁନ ପରି ଫେଣ ବାହାରେ ।

୨) ଭୂଇଁକଦମ୍ବ ଚୂର୍ଣ୍ଣ ଏବଂ ଗୁଳୁଚି ଚୂର୍ଣ୍ଣ ସମଭାଗ ଏକତ୍ର ଶିଶିରେ ରଖିବ । ଏହି ଚୂର୍ଣ୍ଣରୁ ସୁକି ଓଜନ ସକାଳେ ଓ ସୁକି ଓଜନ ସନ୍ଧ୍ୟାରେ ମହୁ ସହିତ ଖାଇବ । ଅନ୍ତତଃ ୧୫ ଦିନ ଖାଇବ ।

୩) ପୋଟଳ ପତ୍ର, ନିମ୍ବଛାଲି, ତ୍ରିଫଳା, ଗୁଳୁଚି ପ୍ରତ୍ୟେକରୁ ଅଧତୋଳା ହିସାବରେ ନେଇ ଅଧସେର ପାଣିରେ ମାଟିହାଣ୍ଡିରେ ସିଝାଇ ଅଧପାଆ ରହିଲେ ଛାଣି ପିଇବ । ପ୍ରତିଦିନ ଉପରୋକ୍ତ କ୍ୱାଥ ତିଆରି କରି ଅନ୍ତତଃ ୧୫ ଦିନ ଖାଇବ ।

୪) ଅଗରାଚେରର ଚୋପା ୫ ତୋଳା, ଜାଇଫଳ, ଜାଇପତ୍ରି, ଲବଙ୍ଗ, ଅଳେଇଚ, ଗୋଲମରିଚ ପ୍ରତ୍ୟେକରୁ ଅଧତୋଳା ଏକତ୍ର ବାଟି ଛୋଟ ଅଁଳାକୋଳି ପରି ବଟିକା କରିବ । ସକାଳେ ଗୋଟିଏ ଏବଂ ସନ୍ଧ୍ୟାରେ ଗୋଟିଏ ବଟିକା ଖାଇବ । ଏହିପରି ସାତଦିନ ଖାଇଲେ ରୋଗମୁକ୍ତ ହେବ । ମାଛ, ମାଂସ, ଖଟା, ଲଙ୍କାମରିଚ ଖାଇବ ନାହିଁ ।

୫) ରସକର୍ପୂର ଏକ ଭାଗ, ଶ୍ୱେତ ଅରଖ ଛାଲି ଚୂର୍ଣ୍ଣ ଚାରି ଭାଗ ଏକତ୍ର ଆଠ ଘଣ୍ଟା ଖଲରେ ମର୍ଦ୍ଦନ କରି ଦୁଇ ରତି ହିସାବରେ ବଟିକା କରିବ । ଏହାର ନାମ 'ଅମୃତ କଜ୍ଜବଟି' । ସକାଳେ ଗୋଟିଏ ବଟିକା ଓ ସନ୍ଧ୍ୟାରେ ଗୋଟିଏ ବଟିକା ଅଟାକୁ ଚକଟି ଗୋଟିଏ ଖୋଳ ପରି କରି ବଟିକା ତା ଭିତରେ ପୂରାଇ ଗିଳିଦେବ ମାତ୍ର ଚୋବାଇବ ନାହିଁ । ଏହିପରି ତିନି ଦିନରେ ୬ଟି ବଟିକା ଖାଇଲେ ରୋଗମୁକ୍ତ ହେବ ।

**ପଥ୍ୟ -** କେବଳ ଦୁଧ ଅଥବା ଦୁଧଭାତ, ଦୁଧ ରୁଟି, ମୁଗ ବା କାନ୍ଦୁଲ, ଡ଼ାଲି, ଚିନି, ଘିଅ ।

**ଅପଥ୍ୟ -** ଲଙ୍କାମରିଚ, ଖଟା, ଲୁଣ, ଶାଗ, କଖାରୁ, କଲରା, କାକୁଡ଼ି, ତରଭୁଜ, ଖାଇବ ନାହିଁ । ସ୍ତ୍ରୀ ସମ୍ଭୋଗ ତ୍ୟାଗ କରିବ ।

୬) ଅଗରା ଚେରର ଚୋପା ଅଧତୋଳା ବାଟି ସେଥିରେ ଗୁଆ ଘିଅ ଅଧତୋଳା ମିଶାଇ ଅନ୍ତତଃ ୧୧ ଦିନ ଖାଇଲେ ରୋଗମୁକ୍ତ ହେବ । କ୍ଷତ ଜାଗାକୁ ନିମ୍ବପତ୍ରଫୁଟା ପାଣିରେ ଧୋଇ ଅଗରାକ୍ଷୀର ଲଗାଇବ । (ପରୀକ୍ଷିତ)

ଅଗରା - ଓଡ଼ଶମାରୀ; ସଂସ୍କୃତ - ସ୍ୱର୍ଣ୍ଣକ୍ଷୀରିଣୀ, ଶୃଗାଳକଣ୍ଟକ, ବଙ୍ଗଳା - ଶୀଆଳକାଣ୍ଟା, ହିନ୍ଦୀ - ସତ୍ୟାନାସୀ, ଭାରଭଳ; ତେଲୁଗୁ - ବ୍ରହ୍ମଚଣ୍ଡୀ ଚେଟ୍ଟୁ ।

## ନପୁଂସକତା

ଅଳ୍ପ ବୟସରେ ମୈଥୁନ, ହସ୍ତମୈଥୁନ, ଗୁଦା ମୈଥୁନ, ଅଯୋନିମୈଥୁନ ଏବଂ ଅତି ମୈଥୁନ ଦ୍ୱାରା ବଳବୀର୍ଯ୍ୟ ହୀନ ହୋଇ ଲୋକ ନପୁଂସକ ହୋଇଯାଆନ୍ତି । ବୀର୍ଯ୍ୟ ହେଉଛି ମନୁଷ୍ୟର

ଜୀବନ । ଏହାର ଅପବ୍ୟବହାରରେ ମନୁଷ୍ୟର ଜୀବନ ଦୁଃଖମୟ ହୋଇଯାଏ । ବିବାହ ପୂର୍ବରୁ ଏହିପରି ଅବାଂଛିତ କାର୍ଯ୍ୟରେ ଲିପ୍ତ ହୋଇ ବିବାହ ପରେ ନିଜର ସ୍ତ୍ରୀ ସହିତ ସହବାସ କରିବାକୁ ଅସମର୍ଥ ହୋଇ ସେହି ଅପରିଣାମଦର୍ଶିତା ଯୋଗୁ ଭୋଗୁଥିବା ଦୁର୍ଦ୍ଦଶାରୁ ମୁକ୍ତି ପାଇବା ପାଇଁ କେତେକ ଯୁବକ ମୋ ପାଖକୁ ଚିଠି ଲେଖିଛନ୍ତି ।

**ଚିକିତ୍ସା ପୂର୍ବରୁ -**

ଏହି ରୋଗର ଔଷଧ ଖାଇବା ପୂର୍ବରୁ ବମନ ବିରେଚନ କରି ପ୍ରଥମେ ପେଟ ସଫା କରାଇବ । ଯେଉଁ ଯେଉଁ ଅପକର୍ମରୁ ଏହି ରୋଗ ହୋଇଛି, ତାକୁ ତ୍ୟାଗ କରିବାକୁ ହେବ । ଏପରିକି ନିଜର ସ୍ତ୍ରୀକୁ  ସୁଦ୍ଧା ସ୍ପର୍ଶ କରିବାକୁ ହେବ ନାହିଁ ।

**ଚିକିତ୍ସା -**

୧)　ଭୂଇଁ କଖାରୁକୁ ଟିକିଟିକି କରି କାଟି ଖରାରେ ଶୁଖାଇ ଚୂର୍ଣ୍ଣ କରି କନାରେ ଛାଣି ଗୋଟିଏ ମାଟି ପଲମରେ  ରଖି ଉଦମ୍ବର ବା ଡ଼ିମିରି ଚେରର ପାଣିରେ ସାତ ଥର ଭାବନା ଦେଇ ଶୁଖାଇ ଶିଶିରେ ରଖିବ । ଏହି ଚୂର୍ଣ୍ଣରୁ ଏକତୋଳା ସକାଳେ ଖାଲି ପେଟରେ ଖାଇ ତା'ଉପରେ ଗାଈଦୁଧ ଏକପାଆ ପିଇବ । ଏହିପରି ୪୦ ଦିନ ଖାଇଲେ ରୋଗମୁକ୍ତ ହୋଇ ମୈଥୁନ କରିବାକୁ ସମର୍ଥ ହେବ ।

ଡ଼ିମିରି ଚେରର ରସ – ମାଟି ଭିତରେ ଥିବା ଏକ ଇଞ୍ଚ ମୋଟ ଚେରକୁ କାଟି ଯେଉଁ ଚେର ଗଛ ଦେହରେ ଲାଗିଥିବ, ତା ମୁହଁରେ ଗୋଟିଏ ମୋଟା ମୁହଁର ଶିଶି ରଖି କନା ଗୁଡ଼ାଇ ଦେବ, ଯେପରି କି ଶିଶି ଭିତରକୁ ମାଟି ନଯାଏ । ସୂର୍ଯ୍ୟ ଅସ୍ତ ପୂର୍ବରୁ ଉପରୋକ୍ତ ଭାବରେ ଶିଶି ରଖି ତା ପରଦିନ ଶିଶି କାଢ଼ିବ । ସେହି ପାଣିରେ ଭୂଇଁ କଖାରୁ ଚୂର୍ଣ୍ଣକୁ ଭାବନା ଦେବ ।

**ଭାବନା -**  ଚୂର୍ଣ୍ଣ ଯେପରି ଓଦା ହୋଇଯିବ, ସେତିକି ଡ଼ିମିରି ପାଣି ଦେଇ ଖରାରେ ଶୁଖାଇବ । ଏହା ଏକ ଭାବନା ହେଲା । ଏହିପରି ପ୍ରତିଦିନ ସେହି ଚୂର୍ଣ୍ଣରେ ଡ଼ିମିରି ପାଣି ମିଶାଇ ଶୁଖାଇବ । ଏହିପରି ସାତ ଦିନ ଭାବନା ଦେବ ।

୨)　ଅଶ୍ୱଗନ୍ଧା, ବୃଦ୍ଧଦାରକ ଚେର ଚୂର୍ଣ୍ଣ ସମଭାଗ ଏକତ୍ର କରି ଶିଶିରେ ରଖିବ । ଏହି ଚୂର୍ଣ୍ଣରୁ ଏକ ତୋଳା ଓ ସେଥିରେ ଏକତୋଳା ମିଶ୍ରି ମିଶାଇ ଗରମ ଦୁଧ ସହିତ ପିଇବ । ଅନ୍ତତଃ ଦୁଇ ମାସ ଏହି ଔଷଧ ଖାଇଲେ ନପୁସଂକତା ନଷ୍ଟ ହୁଏ ଓ କାମଶକ୍ତି ବୃଦ୍ଧି ପାଏ ।

୩)　ବିରିକୁ ପାଣିରେ ବତୁରାଇ ଚୋପା ବାହାର କରି ଦେଇ ଶୁଖାଇ ଗୁଣ୍ଡ କରି ଗୁଆଘିଅରେ ଭାଜି ଶିଶିରେ ରଖିବ । ପ୍ରତିଦିନ ସକାଳେ ଦୁଇ ତୋଳା ବିରି ଚୂନାକୁ ଦୁଧରେ କ୍ଷୀରି ତିଆରି କରି ମିଶ୍ରି ମିଶାଇ ଖାଇବ । ଯେତିକି ଜୀର୍ଣ୍ଣ କରି ପାରିବ, ସେହି ଅନୁସାରେ ମାତ୍ରା ବଢ଼ାଇବ । ଅନ୍ତତଃ ୪୦ ଦିନ ଖାଇଲେ ବଳ - ବୀର୍ଯ୍ୟ ବୃଦ୍ଧି ହୁଏ । ପ୍ରତିଦିନ ଖାଇ ପାରିଲେ ଏହା

ଅଦ୍ଭୁତ ଗୁଣ ଜାଣି ପାରିବ । ଆୟୁର୍ବେଦରେ ଲେଖାଅଛି –

"ଭୂକ୍ତ୍ୱା ସଖେ କୁରୁତେ ତରୁଣୀ ଶତ ମୈଥୁନଂ ପୁରୁଷ ।"

ପ୍ରତିଦିନ ଅଭ୍ୟାସ କରି ଖାଇଲେ ମୈଥୁନ ଶକ୍ତି ଏବଂ ବଳବୀର୍ଯ୍ୟ ବୃଦ୍ଧି ହୁଏ । ପ୍ରତିଦିନ ବେଶି ପଇସା ଖର୍ଚ୍ଚ କରି ବଜାରରୁ ଜଳଖିଆ ବା ଘରେ ତିଆରି ହୋଇଥିବା ଅନ୍ୟ ଜଳଖିଆ ଖାଇବା ଅପେକ୍ଷା ଏହାକୁ ଖାଇଲେ ଅଳ୍ପ ଖର୍ଚ୍ଚ ହେବ ଏବଂ ବଳବୀର୍ଯ୍ୟ ଜନକ ପଦାର୍ଥ ଖାଇବ ।

୪) ବିରିଅଟା (ବିରିକୁ ବତୁରାଇ ଚୋପା ଛଡ଼ାଇ ଶୁଖାଇ ଗୁଣ୍ଡ କରିବ) ଏକ ତୋଳାକୁ ଏକ ତୋଳା ଗୁଆ ଘିଅରେ ଭାଜି ଥଣ୍ଡା କରି ଅଧତୋଳା ମହୁ ମିଶାଇ ପ୍ରତିଦିନ ଖାଇବ । ଏହିପରି ୬ମାସ ଖାଇଲେ ନପୁସଂକତା ନଷ୍ଟ ହୋଇଯାଏ ଓ ବଳବୀର୍ଯ୍ୟ ବୃଦ୍ଧି ହୋଇ ମୈଥୁନ ଶକ୍ତି ବୃଦ୍ଧି କରେ ।

୫) କକଡ଼ାଶୃଙ୍ଗୀ ଚୂର୍ଣ୍ଣ ଏକ ତୋଳା ଦୁଧ ସଙ୍ଗେ ପ୍ରତିଦିନ ସକାଳେ ଖାଲିପେଟରେ ଖାଇବ । ଏହିପରି ତିନି ମାସ ଖାଇଲେ ନପୁଂସକତା ନଷ୍ଟ ହୋଇ ମୈଥୁନ ଶକ୍ତି ବଢ଼େ ।

୬) ବାଇଡ଼ଙ୍କ ମଞ୍ଜିକୁ ଦୁଧରେ ସିଝାଇ ଚୋପା ବାହାର କରିଦେଇ ଛାଇରେ ଶୁଖାଇ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣକୁ ଦୁଧରେ ଚକଟି ପକୋଡ଼ି ପରି କରି ଘିଅରେ ଭାଜି ଥଣ୍ଡା ହୋଇଗଲେ ମହୁରେ ବୁଡ଼ାଇ ଓସାରିଆ ମୁହଁଥିବା ଶିଶିରେ ରଖି ପ୍ରତିଦିନ ଅଧତୋଳା ଠାରୁ ଏକ ତୋଳା ପର୍ଯ୍ୟନ୍ତ ଖାଇବ ଏବଂ ତା'ଉପରେ ମିଶ୍ରି ମିଶା ଗରମ ଦୁଧ ପିଇବ । ଏପରି ତିନିମାସ ଖାଇଲେ ନପୁସଂକତା ନଷ୍ଟ ହୁଏ ଏବଂ ବଳବୀର୍ଯ୍ୟ ବୃଦ୍ଧି ପାଇ ମୈଥୁନ ଶକ୍ତି ବୃଦ୍ଧି କରେ ।

୭) ବାଇଡ଼ଙ୍କ ମଞ୍ଜି ଉପରୋକ୍ତ ମତେ ଚୂର୍ଣ୍ଣ କରି ଅଁଳା ରସରେ ସାତଥର ଭାବନା ଦେଇ ଶୁଖାଇ ରଖିବ । ପ୍ରତିଦିନ ଏହି ଚୂର୍ଣ୍ଣରୁ ଅଧତୋଳା ଖାଇ ଦୁଧ ପିଇଲେ ତିନି ମାସ ମଧ୍ୟରେ ବୀର୍ଯ୍ୟ ଏପରି ବଳବାନ ହେବ ଯେ ଦଶଟି ସ୍ତ୍ରୀ ସମ୍ଭୋଗ କରିପାରିବ ।

୮) ଅଁଳାଗୁଣ୍ଡ ଏବଂ ଶୁଦ୍ଧ ଅମଳାସାର ଗନ୍ଧକ ଗୁଣ୍ଡ ସମଭାଗ ନେଇ ଗୋଟିଏ ମାଟି ପଲମରେ ରଖି କଞ୍ଚା ଅଁଳା ରସରେ ଅଥବା ଶୁଖିଲା ଅଁଳାର କ୍ୱାଥରେ ସାତଥର ଭାବନା ଦେବ । ତା'ପରେ ଶିମୂଳୀ ଛାଲି ରସରେ ସାତଥର ଭାବନା ଦେଇ ଚୂର୍ଣ୍ଣ କରି ସେଥିରେ ଘିଅ ଓ ମିଶ୍ରି ମିଶାଇ ଶିଶିରେ ରଖିବ ।

**ମାତ୍ରା** – ସୁକି ଓଜନ ଚୂର୍ଣ୍ଣ ଅଧତୋଳା ମହୁ ମିଶାଇ ଖାଇ ଦୁଧ ପିଇବ । ଏପରି ୩ ମାସ ଖାଇଲେ ନାମର୍ଦ୍ଦ ପୂରା ମର୍ଦ୍ଦ ହୋଇଯିବ ।

**ଗନ୍ଧକ ଶୋଧନ** – ଅମଳାସାର ଗନ୍ଧକକୁ ଚୂର୍ଣ୍ଣ କରି ଲୁହା କରଚୁଲିରେ ରଖି ନିଆଁ ଉପରେ ରଖିବ । ଯେତେବେଳେ ତାହା ତରଳିଯିବ, ସେତେବେଳେ କଞ୍ଚା ଦୁଧରେ

ପକାଇଦେବ । ଦୁଧରୁ କାଢ଼ି ପୋଛି ଖରାରେ ଶୁଖାଇବ । ଏହିପରି ୩ଥର କଲେ ଗନ୍ଧକ ଶୋଧିତ ହୁଏ ।

**ଅଁଳାଗୁଣ୍ଡ -** ଅଁଳାକୁ ଚୂର୍ଣ୍ଣ କରିବାକୁ ହେଲେ ଶୁଖିଲା ଅଁଳା ଦେହରୁ ମଞ୍ଜି କାଢ଼ି ଫୋପାଡ଼ି ଦେବ । ହେମଦସ୍ତାରେ କୁଟି କନାରେ ଛାଣିବ ।

୯) ବୃହଦ୍ ଚନ୍ଦ୍ରୋଦୟ ମକର ଧ୍ୱଜ - ଜାଇଫଳ, ଲବଙ୍ଗ, କର୍ପୂର, ଗୋଲମରିଚ ପ୍ରତ୍ୟେକରୁ ଚାରି ତୋଳା ଲେଖାଏଁ, କସ୍ତୁରୀ ଏକମସା, ମକର ଧ୍ୱଜ ଏକ ତୋଳା ଏ ସମସ୍ତକୁ ପାନ ରସରେ ମର୍ଦ୍ଦନ କରି ତିନି ରତି ହିସାବରେ ବଟିକା କରି ଦୁଧ ସର, ମାଖନ ବା ପାନ ରସରେ ଖାଇଲେ ନପୁଂସକତା ଦୂର ହୁଏ ଏବଂ ବଳବୀର୍ଯ୍ୟ ବୃଦ୍ଧି ହୁଏ ।

୧୦) ବୃହତ୍ ପୂର୍ଣ୍ଣଚନ୍ଦ୍ର ରସ - ଶୁଦ୍ଧ ପାରା, ଶୁଦ୍ଧ ଗନ୍ଧକ ପ୍ରତ୍ୟେକରୁ ୨ ୧/୨ ତୋଳା, ଲୌହ ଭସ୍ମ, ଅଭ୍ର ଭସ୍ମ, ପ୍ରତ୍ୟେକରୁ ୫ ତୋଳା, ଚାନ୍ଦି ଭସ୍ମ, ବଙ୍ଗ ଭସ୍ମ ପ୍ରତ୍ୟେକରୁ ୨ ୧/୨ ତୋଳା, ସୁନା, ତମ୍ବା ଏବଂ କଂସା ଭସ୍ମ ପ୍ରତ୍ୟେକରୁ ୧ ୧/୨ ତୋଳା, ଜାଇଫଳ ଲବଙ୍ଗ, ଅଳାଇଚ, ଭୃଙ୍ଗରାଜ, ଜୀରା, କର୍ପୂର, ପ୍ରିୟଙ୍ଗୁ, ନାଗରମୁଥା ପ୍ରତ୍ୟେକରୁ ୧ ତୋଳା ।

ଏ ସମସ୍ତ ଦ୍ରବ୍ୟର ଚୂର୍ଣ୍ଣ କରି ଘିକୁଆଁରୀ ରସ, ତ୍ରିଫଳା କ୍ୱାଥ, ଜଡ଼ା ଚେର ରସରେ ଥରେ ଲେଖାଏଁ ଭାବନା ଦେଇ; ତା'ପରେ ଜଡ଼ା ପତ୍ରରେ ଗୁଡ଼ାଇ ଧାନ ଭିତରେ ୩ ଦିନ ରଖିବ । ତା'ପରେ ଚଣା ପରି ବଟିକା କରି ପାନ ରସ ଓ ମହୁ ମିଶାଇ ଖାଇବ । ଏହାଦ୍ୱାରା ନପୁସଂକତା, ଶୀଘ୍ର ପତନ ପ୍ରମେହ, ବହୁମୂତ୍ର, ଅଗ୍ନିମାନ୍ଦ୍ୟ ନଷ୍ଟ ହୋଇ ବଳବୀର୍ଯ୍ୟ, କାନ୍ତି ଏବଂ ଶକ୍ତି ବୃଦ୍ଧି ପାଏ ।

୧୧) କନିଅର ଛାଲି ଅଧସେରକୁ ୫ ସେର ଦୁଧରେ ଆଉଟାଇ କନିଅର ଛାଲିକୁ ବାହାର କରିବ । ସେହି ଦୁଧକୁ ଦହି କରି ସେଥିରୁ ଲହୁଣୀ ବାହାର କରି ଘିଅ ବାହାର କରିବ । ଏହି ଘିଅ ଦୁଇ ରତି ଖାଇଲେ ଏବଂ ଜନନେନ୍ଦ୍ରିୟରେ ମାଲିସ୍ କଲେ ନପୁଂସକତା ନଷ୍ଟ ହୁଏ ।

୧୨) ଏକତୋଳା ଧୋବରଙ୍ଗର ଶଙ୍ଖୁଆକୁ ତିନି ଦିନ ପୁରୁଣୀ ପତ୍ର ରସରେ ମର୍ଦ୍ଦନ କରି ଶୁଖାଇବ । ଏହାକୁ ଡ଼ମ୍ବରୁ ଯନ୍ତ୍ରରେ ରଖି ଚାରି ପ୍ରହର ଅଗ୍ନି ଦେବ । ଉପର ପାତ୍ରରେ ଓଦାକନା ଦେଉଥିବ । ସ୍ୱାଙ୍ଗ ଶୀତଳ ହେଲା ପରେ ଉପର ହାଣ୍ଡିରେ ଲାଗିଥିବା ଶଙ୍ଖୁଆକୁ ଆଣି ଶିଶିରେ ରଖିବ ।

**ମାତ୍ରା -** ଏକ ରତିର ଆଠ ଭାଗରୁ ଭାଗେ ଦୁଧସର(ମଲାଇ) ସାଙ୍ଗେ ଖାଇବ । ପ୍ରତିଦିନ ଗୋଟିଏ ବଟିକା ଖାଇବ । ଘିଅ ଦୁଧ ଯଥେଷ୍ଟ ଖାଇବ । ଶୀତ ଦିନରେ ଏହି ଔଷଧ ଖାଇବ ।

ଏଥିରେ ନପୁଂସକତା ଦୂର ହୋଇ ବଳବୀର୍ଯ୍ୟ ବୃଦ୍ଧି ପାଏ । ଯୁବକମାନଙ୍କ ପାଇଁ ଏହି ଔଷଧ ନୁହେଁ । ୪୫ ବର୍ଷ ଠାରୁ ୫୦ ବର୍ଷ ବୟସ୍କ ଲୋକଙ୍କ ପାଇଁ ଏହା ଅମୃତତୁଲ୍ୟ ।

**ଅପଥ୍ୟ -** ଲଙ୍କାମରିଚ, ଲୁଣ ଖଟା ଖାଇବ ନାହିଁ ।

୧୩) ଏକ ତୋଳା ଦୁଧିଆ ଶଙ୍ଖୁଆକୁ ଏକ ଦିନ ଲେମ୍ବୁରସରେ ରଖିବ । ତା'ପରେ ଶଙ୍ଖୁଆକୁ ବାହାର କରି ଗୋଟିଏ ଲୁହା କରେଇରେ ରଖି ଚୁଲୀରେ ବସାଇ ଜାଳ ଦେବ । ଗରମ ହେଲାରୁ ଅଳ୍ପ ଅଳ୍ପ ଘୋଡ଼ାମୂତ ଦେବ । ଯେତେବେଳେ ଶଙ୍ଖୁଆ ମହମ ପରି ନରମ ହୋଇଯିବ, ସେତେବେଳେ ବାହାର କରି ଆଣି ଥଣ୍ଡା କରିବ । ଏଥିରେ ୨୦ ବା ୨୫ ତୋଳା ଘୋଡ଼ାମୂତ ଦରକାର ହେବ । ତା'ପରେ ପୋସ୍ତକଦାନା ପରି ବଟିକା କରିବ ଏବଂ ଶିଶିରେ ରଖିବ ।

**ମାତ୍ରା -** ପୋସ୍ତକଦାନା ପରି ଅଥବା ଏକ ରତିର ଆଠ ଭାଗରୁ ଭାଗେ ।

ବଳାବଳ ଦେଖି ଦିନକୁ ଗୋଟିଏ ବା ଦୁଇଟି ବଟିକା ମାଖନ ସଙ୍ଗେ ଖାଇବ ।

**ଗୁଣ -** ଅନ୍ତତଃ ଦୁଇ ସପ୍ତାହ ଖାଇଲେ ରୋଗୀର ବଳ, କ୍ଷୁଧା ଏବଂ ବିଷୟବାସନା ବଢ଼ିଯିବ । ଇନ୍ଦ୍ରିୟ ଶିଥିଳତା ଓ ବକ୍ରତା ଦୋଷ ନଷ୍ଟ ହେବ । ରୋଗ ବହୁତ ଦିନର ହୋଇଥିଲେ ୪୦ ଦିନ ଖାଇବ ।

**ପଥ୍ୟ -** ଦୁଧ, ଘିଅ ଯଥେଷ୍ଟ ଖାଇବ । ଦୁଧରୁଟି, ରୁଟି ମାଂସ, ଅଣ୍ଡା ଖାଇବ । ଦୁଧ ସଙ୍ଗେ ମାଂସ ଖାଇବ ନାହିଁ ।

**ଅପଥ୍ୟ -** ଲଙ୍କାମରିଚ, ଲୁଣ, ଖଟା ଖାଇବ ନାହିଁ । ମୈଥୁନ ତ୍ୟାଗ କରିବ ।

୧୪) ଅସଲି କସ୍ତୁରୀ, ମକରଧ୍ୱଜ, ଅମ୍ବର, ରୂପାଭସ୍ମ, ସ୍ୱର୍ଣ୍ଣଭସ୍ମ, ପ୍ରତ୍ୟେକ ଏକମସା, ସ୍ୱର୍ଣ୍ଣମାକ୍ଷିକ ଭସ୍ମ ତିନିମସା, ବଙ୍ଗ ଭସ୍ମ ତିନିମସା, ଜାଇଫଳ, ଲବଙ୍ଗ, ଜାଇତ୍ରୀ, ଜାଫ୍ରାନ କେଶର (କାଶ୍ମିରୀ) ପ୍ରତ୍ୟେକ ଚାରିମସା । ପ୍ରଥମେ ଜାଇଫଳ, ଲବଙ୍ଗ ଏବଂ ଜାଇତ୍ରୀର ଚୂର୍ଣ୍ଣକୁ ଏକତ୍ର ମର୍ଦ୍ଦନ କରିବ । ତା'ପରେ ଜାଫ୍ରାନ କେଶର ମିଶାଇ ମର୍ଦ୍ଦନ କରିବ । ତା'ପରେ ଅମ୍ବର ମିଶାଇ ମର୍ଦ୍ଦନ କରିବ । ତା'ପରେ ଭସ୍ମ ସବୁ ମିଶାଇ ଚାରି ଆଉନ୍ସ ଅସଲି ବ୍ରାଣ୍ଡିରେ ମର୍ଦ୍ଦନ କରିବ । ତା'ପରେ ଅଧପା ଅଦାରସରେ ମର୍ଦ୍ଦନ କରି ଏକ ରତି ହିସାବରେ ବଟିକା କରିବ । ସକାଳେ ଗୋଟିଏ ବଟିକା ଏବଂ ସନ୍ଧ୍ୟାରେ ଗୋଟିଏ ବଟିକା ଖାଇ ଗାଈ ଦୁଧ ଅଧପା ପିଇବ ।

**ଗୁଣ -** ପ୍ରମେହ, ନପୁଂସକତା, ଧ୍ୱଜଭଙ୍ଗ, ଇନ୍ଦ୍ରିୟଶୈଥିଲ୍ୟ, ସ୍ତ୍ରୀଙ୍କୁ ଦେଖିଲେ ବା ସ୍ପର୍ଶକଲେ ବୀର୍ଯ୍ୟସ୍ଖଳନ ଏବଂ ଶୁକ୍ରତାରଲ୍ୟ ଆଦି ବୀର୍ଯ୍ୟ ସମ୍ବନ୍ଧୀୟ ସମସ୍ତ ରୋଗ ଭଲ ହୁଏ । ସ୍ୱାସ୍ଥ୍ୟର

ଉନ୍ନତି ପାଇଁ ବଡ଼ଲୋକମାନଙ୍କ ପାଇଁ ଏହା ଗୋଟିଏ ଉତ୍କୃଷ୍ଟ ଔଷଧ । ଏହା ଶୀତ କାଳରେ ସେବ୍ୟ ।

ସନ୍ନିପାତ ଜ୍ୱରରେ ନାଡ଼ୀ କ୍ଷୀଣ ହୋଇ ଯାଉଥିଲେ, ଝାଳ ବୋହୁଥିଲେ, କଫ ବେଶି ଥିଲେ, ଏହି ଔଷଧରେ ମଧ ଭଲ ହୁଏ ।

## ଧ୍ୱଜଭଙ୍ଗ

୧) ଗାଈ ଘିଅରେ ଅରଖ କ୍ଷୀରକୁ ବାର ପ୍ରହର ମର୍ଦ୍ଦନ କରି ଲିଙ୍ଗ ଉପରେ ଲଗାଇବ ଅଥବା ଏକ ତୋଳା ଦାରୁମୂଷି, ପାଞ୍ଚତୋଳା ଅରଖ କ୍ଷୀରରେ ମର୍ଦ୍ଦନ କରି ଖରାରେ ରଖି ତେଲ ବାହାର କରିବ । ଏହି ତେଲ ଅଳ୍ପମାତ୍ରାରେ ଲିଙ୍ଗର ଚମଡ଼ାରେ ଲଗାଇ ତା'ଉପରେ ପାନ ପତ୍ର ବାନ୍ଧିବ । ଏହିପରି କିଛି ଦିନ ଲଗାଇଲେ ଲିଙ୍ଗର ଚର୍ମ ଉପରେ ସାନ ସାନ ଫୋଟକା ପରିବ୍ରଣ ହେବ । ବ୍ରଣ ହେଲେ ଔଷଧ ଲଗାଇବା ବନ୍ଦ କରି ଲହୁଣୀ ଲଗାଇବ । ଏହାଦ୍ୱାରା ଧ୍ୱଜଭଙ୍ଗ ଭଲ ହୁଏ ଏବଂ ଲିଙ୍ଗ ଖୁବ୍ ଶକ୍ତ ହୁଏ ।

**ସାବଧାନ -** ଅଣ୍ଡକୋଷ ଉପରେ ଯେପରି ନ ଲାଗେ, ଲାଗିଲେ ଘା' ହୋଇଯିବ ଏବଂ ବହୁତ ଯନ୍ତ୍ରଣା ଭୋଗ କରିବାକୁ ହେବ ।

୨) ଉପରୋକ୍ତ ପ୍ରଲେପ ଲଗାଇବା ସଂଗେ ସଂଗେ ନିମ୍ନଲିଖିତ ଔଷଧ ଖାଇବ । ଅଶ୍ୱତ୍ଥ ଗଛ ଫଳ, ମୂଳର ଛାଲି, ପତ୍ରର ଅଗି (ମୂଷି)ର କ୍ୱାଥରେ ମହୁ ଚିନି ପକାଇ ପାନ କଲେ ବୀର୍ଯ୍ୟ ବୃଦ୍ଧି ହୁଏ ଏବଂ ଘୋଡ଼ା ପରି ମୈଥୁନ ଶକ୍ତି ଲାଭ ହୁଏ । (ଶୁଶ୍ରୁତ)

**କ୍ୱାଥ -** ଫଳ, ଛାଲି ଏବଂ ଅଗି ଏ ସମସ୍ତ ମିଶି ଦୁଇତୋଳା ଓଜନ; ସେଥିରେ ଅଧସେର ପାଣି ମିଶାଇ ପାକ କରିବ । ଅବଶେଷ ଏକ ଛଟାଙ୍କି ରହିଲେ ଛାଣି ଅଣ୍ଡା କରି ସେହି ପାଣି (କ୍ୱାଥ)ରେ ମହୁ ଏକ ଚାମଚ ଏବଂ ଚିନି ଦୁଇ ଚାମଚ ମିଶାଇ ଖାଇବ ।

୩) କଙ୍କଡ଼ାଶୃଙ୍ଗୀର ଚୂର୍ଣ୍ଣ ଦୁଇ ଅଣି ଓଜନ ଦୁଧ ସହିତ ସକାଳେ ଖାଲି ପେଟରେ ସେବନ କରିବ । ଦୁଧ, ଘିଅ ଓ ଚିନି ସହିତ ଅନ୍ନ ଭୋଜନ କଲେ ସ୍ତ୍ରୀ – ସମ୍ଭୋଗରେ ବୃଷଭ ପରି ସାମର୍ଥ୍ୟ ଜନ୍ମେ । (ବାଗଭଟ୍ଟ)

୪) ଘିଅ ଏବଂ ନଡ଼ିଆ ଦୋରୁଅ (ରସ) ସହିତ କଙ୍କଡ଼ାର ମାଂସ ପାକ କରି ଖାଇଲେ ଘୋଡ଼ା ପରି ମୈଥୁନ ଶକ୍ତି ଲାଭ ହୁଏ ।

୫) ଚିତାକୁଟି ଗଛର ସର୍ବାଙ୍ଗ ଚୂର୍ଣ୍ଣ ସୁକି ଓଜନ ସେଥିରେ ଲହୁଣି ଏବଂ ନବାତ ମିଶାଇ ଖାଇବ ।

୬) ନପୁଂସକତାର ଚିକିତ୍ସାରେ ଦିଆହୋଇଥିବା ୧୪ ନମ୍ବର ଔଷଧ ଖାଇଲେ ଧ୍ୱଜଭଙ୍ଗ ଭଲ ହେବ ।

## ସ୍ୱପ୍ନଦୋଷ

ରାତିରେ ବା ଦିନରେ ଶୋଇବା ସମୟରେ ସ୍ୱପ୍ନରେ ବୀର୍ଯ୍ୟ ସ୍ଖଳନ ହେଲେ ତାକୁ ସ୍ୱପ୍ନଦୋଷ କହନ୍ତି । ଆଜିକାଲି ସ୍କୁଲ ଓ କଲେଜ ଛାତ୍ରମାନଙ୍କ ମଧ୍ୟରେ ଏହି ରୋଗ ବିଶେଷ ଭାବେ ଦେଖାଯାଏ । ଏହା ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ଭଙ୍ଗ ହୋଇ ସ୍ମରଣ ଶକ୍ତି କମିଯାଏ, ପଢ଼ାପଢ଼ିରେ ମନ ଲାଗେ ନାହିଁ । ଏହାର ପ୍ରତିକାର ପାଇଁ କୌଣସି ଡ଼ାକ୍ତର ପାଖକୁ ଯିବାକୁ ଲଜ୍ଜାବୋଧ କରନ୍ତି । ସେମାନଙ୍କୁ ମୋର ଅନୁରୋଧ, ନିମ୍ନଲିଖିତ ଔଷଧ ଖାଇ ରୋଗମୁକ୍ତ ହୁଅନ୍ତୁ । କିନ୍ତୁ ମନେ ରଖିବାକୁ ହେବ, କେବଳ ଔଷଧ ଖାଇଲେ ସହଜରେ ରୋଗ ନଷ୍ଟ ହୁଏ ନାହିଁ । ଯେଉଁ ଯେଉଁ କାରଣରୁ ରୋଗ ହୋଇଛି, ତାକୁ ପ୍ରଥମେ ତ୍ୟାଗ କରିବାକୁ ହେବ । 'କାୟେନ ମନସା ବାଚା' ପାପକର୍ମ ଯଥା- ଅନୈତିକ ଯୌନକ୍ରିୟାରେ ଲିପ୍ତ ହେବା, ଯୌନୋଦ୍ଦୀପକ ବିଷୟରେ ଭାବିବା ବା କଥାବାର୍ତ୍ତା କରିବାରୁ ନିବୃତ୍ତ ହେବାକୁ ହେବ ।

ଔଷଧ ଖାଇବା ପୂର୍ବରୁ ପ୍ରଥମେ ଝାଡ଼ା ଔଷଧ ଖାଇ ପେଟ ସଫା କରାଇବ । ଜଡ଼ାତେଲ ଏକ ତୋଳା ବା ଦୁଇ ତୋଳା, ଅଦାରସ ଏକ ତୋଳା, ଦୁଇ ତୋଳା ଦୁଧ ସହିତ ମିଶାଇ ସୂର୍ଯ୍ୟ ଉଦୟ ସମୟରେ ଖାଇଲେ ଦିନ ୧୦ଟା ପୂର୍ବରୁ ୩/୪ଥର ଝାଡ଼ା ହୋଇ ପେଟ ସଫା ହୋଇଯିବ ।

କୋଷ୍ଠବଦ୍ଧତା, କୃମି ଏବଂ ଅଜୀର୍ଣ୍ଣ ମଧ୍ୟ ସ୍ୱପ୍ନଦୋଷର ଅନ୍ୟ କାରଣ । ମଳମୂତ୍ରର ବେଗ ଧାରଣ କରିବ ନାହିଁ ଅର୍ଥାତ୍ ଝାଡ଼ା ଦେଖାଇଲେ ସେହିକ୍ଷଣି ଝାଡ଼ା ଯିବ ଏବଂ ପରିସ୍ରା ଦେଖାଇଲେ ସେହିକ୍ଷଣି ପରିସ୍ରା କରିବ । ମଳମୂତ୍ରର ବେଗଧାରଣରେ ଅସାଧ ରୋଗ ଜାତ ହୁଏ । ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଦୁଇ ଅଣି ଓଜନ ଅଦା ସାମାନ୍ୟ ସୈନ୍ଧବ ଲବଣ ମିଶାଇ ଖାଇଲେ ଅଜୀର୍ଣ୍ଣ ନଷ୍ଟ ହୁଏ ଏବଂ ବାତ, ପିତ୍ତ, କଫର ସମତା ରହି ସ୍ୱାସ୍ଥ୍ୟ ଭଲ ରହେ । ରାତିରେ ଗରିଷ୍ଠ ଆହାର କରିବ ନାହିଁ । ଯଦି କୌଣସି ଦିନ ଗରିଷ୍ଠ ଆହାର କର, ତାହାହେଲେ ଖାଇଲା ପରେ ୫ଟା ଗୋଲମରିଚ ଖାଇ ଉଷୁମ ପାଣି ଏକଗ୍ଲାସ ପିଇଲେ ଜୀର୍ଣ୍ଣ ହୋଇଯାଏ । ରାତିରେ ଭୋଜନ ପରେ ସଙ୍ଗେ ସଙ୍ଗେ ଶୋଇବ ନାହିଁ । ଅନ୍ତତଃ ୬୦ କଦମ ଚାଲି ଶୋଇବାକୁ ଯିବ । ରାତିରେ ଶୋଇବା ପୂର୍ବରୁ ପରିସ୍ରା ଲିଙ୍ଗେନ୍ଦ୍ରିୟକୁ ଥଣ୍ଡା ପାଣିରେ ଧୋଇ ଶୋଇବ । ରାତିରେ ବେଶି ପାଣି ପିଇବ ନାହିଁ । ଶୋଇବା ପୂର୍ବରୁ 'ମା ଦୁର୍ଗା'ଙ୍କ ନାମ ଉଚ୍ଚାରଣ କରି ପବିତ୍ର ମନରେ ଶୋଇବ ।

**ଔଷଧ -**

୧) କବାବଚିନିକୁ ଚୂର୍ଣ୍ଣ କରି ଶିଶିରେ ରଖିବ । ଏହି ଚୂର୍ଣ୍ଣରୁ ଦୁଇ ଅଣି ଓଜନ ଖାଇ ଅଧଗ୍ଲାସ ପାଣି ପିଇବ । ଦିନରେ ୩ଥର ଖାଇବ ଅର୍ଥାତ୍ ପ୍ରତି ୪ ଘଣ୍ଟାରେ ଥରେ । ଏପରି ଲାଗ୍ ଲାଗ୍ ୮ ଦିନ ଖାଇବ । ନବମ ଦିନ ଠାରୁ ରାତିରେ ଦୁଇ ଅଣି ଓଜନ ଚୂର୍ଣ୍ଣ ଅଧଚାମଚ ମହୁ

ସଙ୍ଗେ ଶୋଇବା ପୂର୍ବରୁ ଖାଇବ । ଏହିପରି ୧୧ରାତି ଖାଇଲେ ସ୍ୱପ୍ନଦୋଷ ନଷ୍ଟ ହୁଏ । ଖାଣ୍ଟି ମହୁ ନ ମିଳିଲେ ମିଶ୍ରି ଗୁଣ୍ଡ ସଙ୍ଗେ ଖାଇବ । (ପରୀକ୍ଷିତ)

କବାବ ଚିନିକୁ ପରିଷ୍କାର କରି ଧୋଇ ଖରାରେ ଶୁଖାଇ ଚୂର୍ଣ୍ଣ କରିବ ।

୨) ବାବୁଲ ଗଛର କଅଁଳ ପତ୍ର ଏବଂ କଅଁଳ ଫଳ ଯେଉଁଥିରେ ମଞ୍ଜି ହୋଇନଥିବ ପ୍ରତ୍ୟେକରୁ ସମଭାଗ ଆଣି ପରିଷ୍କାର କରି ଧୋଇ ଛାଇରେ ଶୁଖାଇ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣ ସମଭାଗ ମିଶ୍ରି ମିଶାଇ ଶିଶିରେ ରଖିବ ।

**ମାତ୍ରା -** ସକାଳେ ଅଧତୋଳା ଓ ସନ୍ଧ୍ୟାରେ ଅଧତୋଳା ଖାଇ ଥଣ୍ଡା ପାଣି ପିଇବ । ଗଛରେ ଯଦି ଫଳ ହୋଇନଥିବ, କେବଳ ପତ୍ର ବ୍ୟବହାର କରିବ । ନିୟମିତ ଭାବରେ ୧୫ଦିନ ଖାଇଲେ ସ୍ୱପ୍ନଦୋଷ ନଷ୍ଟ ହୁଏ । (ପରୀକ୍ଷିତ)

ଲଙ୍କାମରିଚ, ଗରମ ମସଲା ବେଶି ଖାଇବ ନାହିଁ ।

୩) ପ୍ରତିଦିନ ସକାଳେ ଖାଲିପେଟରେ ଗୋଟିଏ ପାଚିଲା କଦଳୀ ଭିତରେ ୫/୭ ଟୋପା ମହୁ ପୂରାଇ ଖାଇବ । ଏହିପରି କିଛି ଦିନ ଏହିପରି ଖାଉଥିଲେ ସ୍ୱପ୍ନଦୋଷ କେବେହେଁ ହେବ ନାହିଁ ଏବଂ ସ୍ୱାସ୍ଥ୍ୟ ଭଲ ରହିବ । (ପରୀକ୍ଷିତ)

୪) ପ୍ରତିଦିନ ସନ୍ଧ୍ୟାରେ ଏକ ଚାମଚ ଚିନିରେ ୧୫ ଟୋପା ବରକ୍ଷୀର ମିଶାଇ ଖାଇବ । ଅନ୍ତତଃ ୧୫ ଦିନ ଖାଇଲେ ସ୍ୱପ୍ନଦୋଷ ନଷ୍ଟହୁଏ । ଏହା ପରେ ପ୍ରତିମାସରେ ଅନ୍ତତଃ ସାତ ଦିନ ଏହିପରି ଖାଉଥିଲେ ସ୍ୱପ୍ନଦୋଷ କେବେହେଁ ହେବନାହିଁ ଏବଂ ସ୍ୱାସ୍ଥ୍ୟ ଭଲ ରହିବ । (ପରୀକ୍ଷିତ)

୫) ତ୍ରିଫଳାଚୂର୍ଣ୍ଣ ଦଶତୋଳା, ଶୁଦ୍ଧ ଶିଳାଜୀତ ଏକତୋଳା ଏକତ୍ର କରି ଶିଶିରେ ରଖିବ । ସକାଳ ଓ ସନ୍ଧ୍ୟାରେ ଅଧତୋଳା ଖାଇ ଗାଈ ଦୁଧ ପିଇବ । ଏହିପରି ୪୦ଦିନ ଖାଇଲେ ସ୍ୱପ୍ନଦୋଷ ନିଶ୍ଚୟ ନଷ୍ଟ ହେବ । ଏହି ଔଷଧରେ ସ୍ୱପ୍ନଦୋଷ ନଷ୍ଟ ହେବା ସଂଗେ ସଂଗେ କୋଷ୍ଠଶୁଦ୍ଧି ଓ ବୀର୍ଯ୍ୟଶୁଦ୍ଧି ହୁଏ ଏବଂ ଏହା ପୁଷ୍ଟିକାରକ ।

୬) ଶତାବରୀ, ବୃଦ୍ଧଦାରକ ଚେର, ଅଶ୍ୱଗନ୍ଧା, ଭୂଇଁକଖାରୁ, ସମସ୍ତର ସମଭାଗ ଚୂର୍ଣ୍ଣ ଏକତ୍ର କରିବ । ଏ ସମସ୍ତ ଚୂର୍ଣ୍ଣର ସମଭାଗରେ ମିଶ୍ରି ମିଶାଇବ ।।

**ମାତ୍ରା -** ସୁକି ଓଜନର ଚୂର୍ଣ୍ଣ ଗାଈଦୁଧ ସଙ୍ଗେ ସକାଳେ ଓ ସନ୍ଧ୍ୟାରେ ଖାଇବ । ଶତାବରୀ ଚେରର ଉପର ଚୋପା ଛଡ଼ାଇ ଶୁଖାଇ ଗୁଣ୍ଡ କରିବ ।

## ଭାତୁଡ଼ି

ଭାତୁଡ଼ି ସାଧାରଣତଃ ଦୁଇ ପ୍ରକାର ଦେଖାଯାଏ । ଗୋଟିଏ ପ୍ରକାର ଚେପଟା ଏବଂ କଠିନ, ଆଉ ଗୋଟିଏ ପ୍ରକାର ବର୍ତ୍ତୁଳ ଏବଂ ନରମା । ପ୍ରଥମ ପ୍ରକାର ଭାତୁଡ଼ି କଷ୍ଟସାଧ୍ୟ । ଦ୍ୱିତୀୟ ପ୍ରକାର ସହଜସାଧ୍ୟ । ମୋର ଦୁଇ ପୁଅଙ୍କର ଦୁଇ ପ୍ରକାର ଭାତୁଡ଼ି ହୋଇଥିଲା । ଯାହାର ଦ୍ୱିତୀୟ ପ୍ରକାର ଭାତୁଡ଼ି ହୋଇଥିଲା, ହୋମିଓପାଥିକ ଔଷଧରେ ଭଲ ହୋଇଗଲା । ଯାହାର ପ୍ରଥମ ପ୍ରକାର ଭାତୁଡ଼ି ହୋଇଥିଲା, ଗତ ଆଠବର୍ଷ ଭିତରେ କୌଣସି ଚିକିତ୍ସାରେ ଭଲ ହେଲା ନାହିଁ ବରଂ ଭାତୁଡ଼ିର ସଂଖ୍ୟା ବୃଦ୍ଧି ପାଇଲା । ତାହାର ଡ଼ାହାଣ ପାଦର ଉପରି ଭାଗରେ ଲଗାଲଗି ପ୍ରାୟ ୧୦ଟା, ଗୋଡ଼, ଆଣ୍ଠୁ, ହାତର କହୁଣି ଓ ଆଙ୍ଗୁଠିରେ ସର୍ବମୋଟ ୨୧ଟା ଭାତୁଡ଼ି ହୋଇଥିଲା । ନିମ୍ନଲିଖିତ ଔଷଧ ପ୍ରୟୋଗରେ ଭାତୁଡ଼ିସବୁ ଏପରି ଆଶ୍ଚର୍ଯ୍ୟଭାବରେ ଲୋପ ପାଇଗଲା ଯେ ତାର ଚିହ୍ନ ସୁଦ୍ଧା ରହିଲା ନାହିଁ । ଏହି ପ୍ରୟୋଗଟି ମୁଁ ଖୋରଧାର ଓଲସିଂହ ନିବାସୀ ଶ୍ରୀ ବାଞ୍ଛାନିଧି ପରିଡ଼ାଙ୍କ ଠାରୁ ପାଇଥିଲି । ସେ ବହୁତ ଭାତୁଡ଼ି ରୋଗୀ ଭଲ କରିଥିବାରୁ ସେଠାର ଲୋକମାନଙ୍କ ଠାରୁ ମୁଁ ଶୁଣିପାରିଲି । ସେ ନିର୍ମଳ ହୃଦୟରେ ଏହି ପ୍ରୟୋଗଟି ମତେ ତା ୧୫.୦୩.୫୯ ରିଖରେ କହିଥିବାରୁ ମୁଁ ତାଙ୍କ ପ୍ରତି ମୋର କୃତଜ୍ଞତା ଜଣାଉଛି ।

**ପ୍ରୟୋଗ** - ରୋଗୀ ଶନିବାର ଦିନ ମହାଦେବଙ୍କୁ ଦର୍ଶନ କରି ରୋଗମୁକ୍ତି ପାଇଁ ପ୍ରାର୍ଥନା କରି ମନ୍ଦିରର ପୂଜାରୀଙ୍କୁ ଗୋଟିଏ ଛଞ୍ଚା ଦେଇ ଆସିବ । ତା'ପରେ ଗୋଟିଏ ନଡ଼ିଆ ଭାଙ୍ଗି ତା ପାଣିକୁ ଗୋଟିଏ କାଚ ଶିଶିରେ ରଖି ସେହି ଭଙ୍ଗା ନଡ଼ିଆରୁ ପ୍ରାୟ ଅଧତୋଳା ଓଜନ ନଡ଼ିଆ ଟିକି ଟିକି କରି କାଟି ଶିଶିରେ ପକାଇବ । ତା'ପରେ ଅଧତୋଳା ଗୋଲମରିଚ, ଅଧତୋଳା ଅଦା ଏବଂ ଅଧତୋଳା ବିରି ସେହି ଶିଶିରେ ପକାଇ ଶିଶିର ମୁହଁ ବନ୍ଦ କରିଦେବ । ପ୍ରତିଦିନ ସକାଳୁ ରୋଗୀ ମୁହଁ ଧୋଇବା ପୂର୍ବରୁ ନିଜ ହାତର ସବୁ ଆଙ୍ଗୁଠିର ନଖକୁ ପାଣିରେ ବୁଡ଼ାଇ ସେହି ପାଣିକୁ ପ୍ରତିଦିନ ଭାତୁଡ଼ି ଉପରେ ପକାଉଥିବ । ଶିଶିରେ ଥିବା ନଡ଼ିଆ, ବିରି ପ୍ରଭୃତି ଯେତିକି ସଢୁଥିବ, ରୋଗୀର ଭାତୁଡ଼ି ସେତିକି ଭଲ ହେଉଥିବ । ପ୍ରାୟ ଏକମାସ ଭିତରେ ସମସ୍ତ ଭାତୁଡ଼ି ଲୋପ ପାଇଯିବ ।

## କୃମି

### ସୂତ୍ରକୃମି ବା ଦଶିପୋକ

୧) କମଳାଗୁଣ୍ଡି ସୁକି ଓଜନ ଏକ ତୋଳା ଗୁଡ଼ ସଙ୍ଗେ ମିଶାଇ ଦିନକୁ ଏକ ପାନ କରି ତିନି ଦିନ ଖାଇବ । ସମସ୍ତ କୃମି ମରି ଝାଡ଼ାରେ ପଡ଼ିଯିବେ ।

ବାଳକ - ୨ ଅଣା ଓଜନ, ଶିଶୁ ୧ ଅଣା ଓଜନ ।

୨) ଗାଈ ଗୋବରରେ ଘଷିର ଧଳା ଭସ୍ମ ଦୁଇତୋଳାକୁ ଦଶ ତୋଳା ପାଣିରେ ଗୋଳାଇ ଛାଣି ପିଇବ । ଏହି ନୟମରେ ତିନି ଦିନ ସକାଳେ ଓ ସନ୍ଧ୍ୟାରେ ପାନ କଲେ ପେଟରେ ଥିବା ସମସ୍ତ ଦଶିପୋକ ମରି ଖସିପଡ଼ିବେ ।

## ଅଙ୍କୁଶ କୃମି

ପଳାସ ମଞ୍ଜି, ବିଡ଼ଙ୍ଗ, ନିମ୍ବଛାଲି ଓ ଚିରେଇତା ସମଭାଗ ଚୂର୍ଣ୍ଣ କରି ରଖିବ ।

**ମାତ୍ରା -** ଏକଅଣି ଓଜନ ଠାରୁ ଦୁଇ ଅଣି ଓଜନ ।

**ଅନୁପାନ -** ଗୁଡ଼ ଏକ ତୋଳା ଏବଂ ଜୁଆଣୀ ଚୂର୍ଣ୍ଣ ଏକ ଅଣା ଓଜନ ମିଶାଇ ଉପରୋକ୍ତ ଚୂର୍ଣ୍ଣ ଖାଇଲେ ଅଙ୍କୁଶ କୃମି ମରିଯାଇ ଝାଡ଼ାରେ ବାହାରିପଡ଼ିବେ । ପାଞ୍ଚଦିନ ଏହି ଔଷଧ ଖାଇବ ।

## ବ୍ୟାଧିହରଣ

ଶୁଦ୍ଧଗନ୍ଧକ, ଶୁଦ୍ଧ ଟାଙ୍ଗଣା, ଶୁଦ୍ଧହରିତାଳ, ଅତୁସୀ, ଛୋଟ ପିପ୍‌ପଳୀ, ହରିଡ଼ା, ବାହାଡ଼ା ଅଁଳା, ଚିତାପାରୁ, ଅକରକରା, ଶୁଦ୍ଧଜୟପାଳ (ଦନ୍ତୀବୀଜ), ସମୁଦ୍ର ଫେଣ, ଗବଚେର ଛେଲି, ବିଡ଼ଙ୍ଗ, ଯାଷ୍ଟିମଧୁ, ପିପ୍‌ପଳୀ ମୂଳ, ଦାରୁ ହଳଦୀ, ଶୁଦ୍ଧବଛନାଗ, ଖୁରାସିନୀ ଜୁଆଣୀ, ବେଲ, ଜାଇଫଳ, ଜାଇତ୍ରୀ, ଅଫିମ, ସୈନ୍ଧବ ଲବଣ, କୁଡ଼, ଭଜାହିଙ୍ଗୁ ପ୍ରତ୍ୟେକରୁ ଏକ ଏକ ତୋଳା । ଏ ସମସ୍ତର ଚୂର୍ଣ୍ଣ ଏକତ୍ର କରି ରସୁଣ ରସରେ ଏକ ଦିନ ମର୍ଦ୍ଦନ କରିବ । ତା'ପରେ ଭୃଙ୍ଗରାଜ ରସରେ ତିନି ଦିନ ମର୍ଦ୍ଦନ କରିବ । ଏକରତି ହିସାବରେ ବଟିକା କରି ଛାଲରେ ଶୁଖାଇ ଶିଶିରେ ରଖିବ । ପ୍ରଥମ ସପ୍ତାହରେ ପ୍ରତିଦିନ ଗୋଟିଏ ବଟିକା, ଦ୍ୱିତୀୟ ସପ୍ତାହରେ ପ୍ରତିଦିନ ଦୁଇଟି ବଟିକା, ଏହିପରି ୪ ସପ୍ତାହରେ ଚାରୋଟି ବଟିକା ଖାଇ ପଞ୍ଚମ ସପ୍ତାହରେ ଦିନକୁ ୩ଟି, ୬ଷ୍ଠ ସପ୍ତାହରେ ୨ଟି ଏବଂ ସପ୍ତମ ସପ୍ତାହରେ ଗୋଟିଏ କରି ବଟିକା ଖାଇ ଦୁଧ ପିଇବ । ଏଥିରେ ଶରୀରର ସର୍ବରୋଗ ନଷ୍ଟ ହୁଏ ।

## ଅନୁପାନ ଗୁଣରେ ରୋଗ ଚିକିତ୍ସା

୧) କଫରୋଗରେ ମହୁ ସଙ୍ଗେ, ପିତ ବିକାରରେ ଘିଅ ସଙ୍ଗେ, ବାତ ବିକାରରେ ଅଦାରସ ଓ ମହୁ ସଙ୍ଗେ ।

୨) କଇଂଛ ପିଠିର ହାଡ଼ରେ ଘୋରି ଅଞ୍ଜନ ନେଲେ ତିମିର ଓ ସାମାନ୍ୟ ଅନ୍ଧତ୍ୱ ନଷ୍ଟ ହୁଏ ।

୩) ବସନ୍ତ ରୋଗରେ ଲେମ୍ବୁ ରସରେ ।

୪) କ୍ଷୟ ରୋଗରେ ପୁରୁଣା ଗୁଡ଼ ଏବଂ ପିପ୍‌ପଳୀ ସଙ୍ଗେ ।

୫) ସାପ ବିଷରେ ଆଖିରେ ଅଞ୍ଜନ ନେବ ।

୬) ମୁଖ ଦୁର୍ଗନ୍ଧରେ ମହୁ ସଙ୍ଗେ ।

୭) କୃମି ରୋଗରେ ବିଡ଼ଙ୍ଗ ଏବଂ ଚିନି ସଙ୍ଗେ ୨୧ ଦିନ ଖାଇବ ।

୮) ଧାତୁ ସ୍ରାବ - ବେଗୁନିଆ (ନିର୍ଗୁଣ୍ଡି) ପତ୍ର ରସରେ ୪୮ ଦିନ ଖାଇବ ।

୯) ବାୟୁଗୋଳା ରୋଗରେ ଦୁଇ ତୋଳା ଘିକୁଆଁରୀ ରସ ସଙ୍ଗେ ଦୁଇଟି ଲେଖାଏଁ ବଟିକା ଖାଇବ ।

୧୦) ନିଦ୍ରା ନହେଲେ ଅଥବା ମୂର୍ଚ୍ଛା ରୋଗରେ ଦୁଇଟି ବଟିକା ମଇଁଷି ଦୁଧରେ ଖାଇବ ।

୧୧) ଧାତୁ ପୁଷ୍ଟି ପାଇଁ ଦୁଇଟି ବଟିକା ମଇଁଷି ଦୁଧରେ ସକାଳେ ଓ ସନ୍ଧ୍ୟାରେ ଖାଇବ ।

୧୨) କାଛୁକୁଣ୍ଡିଆରେ ଦୁଇଟି କରି ବଟିକା ଦହି ସହିତ ଖାଇବା

୧୩) ରକ୍ତପିତ୍ତ ଓ ଶୀତପିତ୍ତ ରୋଗରେ ଦୁଇ ତୋଳା ବାସଙ୍ଗପତ୍ର ରସରେ ୨/୩ଟି ବଟିକା ବଳାବଳ ବିଚାର କରି ଖାଇବ ।

୧୪) ବଜ୍ରକାୟ ଶରୀର କରିବାକୁ ନିତ୍ୟ ଜୀରା ଏବଂ ବଚ ସଙ୍ଗେ ଖାଇବ ।

୧୫) ଅଶ୍ମରୀ ରୋଗରେ ଅମରପୋଇ ପତ୍ର ସଙ୍ଗେ ।

୧୬) ହାତ ପାଦରୁ ଝାଳ ବାହାରିଲେ ଅକରକରା ଚୂର୍ଣ୍ଣ ସଙ୍ଗେ ୮/୯ଟି ବଟିକା ମିଶାଇ ମାଲିସ୍ କରିବ ।

୧୭) ଜୀର୍ଣ୍ଣ ଜ୍ୱରରେ ବେଗୁନିଆ ପତ୍ର ରସରେ ସକାଳେ ଓ ସନ୍ଧ୍ୟାରେ ଖାଇବ ।

୧୮) ଅର୍ଶ ରୋଗରେ ପ୍ରତିଦିନ ଜାଇଫଳ ସଙ୍ଗେ ଖାଇବ । ଜାଇଫଳ ମାତ୍ରା ଦୁଇ ଅଣି ଓଜନ ।

୧୯) ଗନେରିଆ ରୋଗରେ କୁନ୍ଦୁର ଚେର ରସରେ ଦୁଇଟି କରି ବଟିକା ଖାଇବ ।

୨୦) ପ୍ରମେହ ପୁରୁଣା ଗୁଡ଼ ସହିତ ।

୨୧) ଶ୍ୱାସ, କାଶ ରୋଗରେ ବାସଙ୍ଗ ପତ୍ର ରସ, ମହୁ ଏବଂ ମିଶ୍ରି ସହିତ ।

୨୨) କ୍ଷୀଣ ଶରୀର ପୁଷ୍ଟ ହେବାକୁ ଛେଳି ଦୁଧରେ ସକାଳେ ଓ ସନ୍ଧ୍ୟାରେ ।

୨୩) ଜ୍ୱର ରୋଗରେ ଜୀରା ଏବଂ ଚିନି ସହିତ ।

୨୪) ବାହ୍ୟକୃମି ଚନ୍ଦନ ସଙ୍ଗେ ଲେପ ଦେବ ।

**ପଥ୍ୟ -** ଘିଅ, ଦୁଧ ଏବଂ ସୌମ୍ୟ ଆହାର ।

**ଅପଥ୍ୟ -** ତେଲ, ଖଟା, ଲଙ୍କାମରିଚ ।

## ଭେଷଜ କଳ୍ପନା

**ତିଫଳା** – ହରିଡ଼ା, ବାହାଡ଼ା ଓ ଅଁଳା ଏହାକୁ ତ୍ରିଫଳା କହନ୍ତି ।

**ତ୍ରିକଟୁ** – ପିପ୍‌ପଳୀ, ଗୋଲମରିଚ ଓ ଶୁଣ୍ଠି – ଏହାକୁ ତ୍ରିକଟୁ କହନ୍ତି ।

**ସ୍ୱରସ ବିଧି** – କଞ୍ଚାଦ୍ରବ୍ୟ (ମୂଳ, ଛେଲି, ପତ୍ର, ଫୁଲ, ଇତ୍ୟାଦି) କୁଟି କନାରେ ଛାଣି ଯେଉଁ ରସ ବାହାର କରାଯାଏ, ତାହାକୁ ସ୍ୱରସ କହନ୍ତି । କଞ୍ଚାଦ୍ରବ୍ୟର ଅଭାବରେ ଶୁଷ୍କ ଦ୍ରବ୍ୟକୁ କୁଟି ଆଠ ଗୁଣ ଜଳରେ ସିଦ୍ଧ କରି ଚତୁର୍ଥାଂଶ ରହିଲେ ଛାଣିବ । ସେହି ସିଦ୍ଧଜଳକୁ ସ୍ୱରସ କହନ୍ତି ।

**କଲ୍‌କ ବିଧି** – ପଥରେ ବଟା ହୋଥିବା କଞ୍ଚାଦ୍ରବ୍ୟ ବା ଜଳମିଶ୍ରିତ ବଟା ହୋଇଥିବା ଶୁଷ୍କ ଦ୍ରବ୍ୟକୁ କଲ୍‌କ କହନ୍ତି ।

**କ୍ୱାଥ ବିଧି** – ଯେତେଗୁଡ଼ିଏ ଦ୍ରବ୍ୟର ପାଚନ ପ୍ରସ୍ତୁତ କରିବାକୁ ହେବ, ସେ ସମସ୍ତର ମିଳିତ ପରିମାଣ ଦୁଇ ତୋଳାକୁ ଅଧିକ ହେବନାହିଁ । ଏହି ଦୁଇ ତୋଳା ଦ୍ରବ୍ୟକୁ ୩୨ (ବତିଶ) ତୋଳା ଜଳରେ ସିଦ୍ଧ କରି ଅଷ୍ଟମାଂଶ (୪ତୋଳା) ଅବଶିଷ୍ଟ ରହିଲେ ଚୁଲୀରୁ ଓହ୍ଲାଇ ଛାଣିବ । ଏହି ଛଣା ହୋଇଥିବା ସିଦ୍ଧଜଳକୁ କ୍ୱାଥ କହନ୍ତି । ଅନ୍ୟ ମତେ ୩୨ (ବତିଶ) ତୋଳା ଜଳରେ ସିଦ୍ଧ କରି ଚତୁର୍ଥାଂଶ (ଆଠତୋଳା) ଅବଶିଷ୍ଟ ରହିଲେ କ୍ୱାଥ ହୁଏ । ମାଟି ହାଣ୍ଡିରେ ମୃଦୁ ଅଗ୍ନିରେ କ୍ୱାଥ ତିଆରି କରିବ ।

**ଶୀତକଷାୟ ବା ହିମକଷାୟ ବିଧି** – ଏକ ତୋଳା କୁଟିତ ଦ୍ରବ୍ୟକୁ ଛଅତୋଳା ଜଳରେ ଏକରାତ୍ରି ବତୁରାଇ ପ୍ରାତଃକାଳରେ ଚକଟି ଛାଣି ସିଠା ପରିତ୍ୟାଗ କରି ଯେଉଁ ଜଳ ରହିବ, ତାକୁ ଶୀତକଷାୟ କହନ୍ତି ।

**ଫାଣ୍ଟକଷାୟ ବିଧି** – ଏକ ତୋଳା କୁଟିତ ଦ୍ରବ୍ୟକୁ ଚାରି ତୋଳା ଖୁବ୍ ଗରମ ଜଳରେ ପକାଇ କିଛି କ୍ଷଣ ଘୋଡ଼ାଇ ରଖି ପରେ ସେହି ଦ୍ରବ୍ୟକୁ ଚକଟି କନାରେ ଛାଣି ସିଠା ପରିତ୍ୟାଗ କରି ଯେଉଁ ଜଳ ରହିବ, ତାକୁ ଫାଣ୍ଟକଷାୟ କହନ୍ତି ।

**ଭାବନା ବିଧି** – କୌଣସି ଦ୍ରବ୍ୟ (ଔଷଧ)ର ଚୂର୍ଣ୍ଣକୁ କୌଣସି ଦ୍ରବ୍ୟର ରସରେ ଭାବନା ଦେବାକୁ ହେଲେ ସେହି ଦ୍ରବ୍ୟର ରସରେ ବା ଶୁଷ୍କଦ୍ରବ୍ୟ ହୋଇଥିଲେ ତାର କ୍ୱାଥରେ ଆର୍ଦ୍ର କରି ଖରାରେ ଶୁଖାଇବାର ନାମ ଭାବନା ।

**ତଣ୍ଡୁଳୋଦକ ବିଧି** – (ଚାଉଳଧୁଆ ପାଣି) ଏକତୋଳା ଚାଉଳକୁ ଅଳ୍ପ କୁଟି ଚାରି ଗୁଣ ଜଳରେ ପକାଇ ହାତରେ ଚକଟିଲେ ଯେଉଁ ପାଣି ହୁଏ, ତାକୁ ତଣ୍ଡୁଳୋଦକ ବା ଚାଉଳଧୁଆ ପାଣି କହନ୍ତି ।

**ମଣ୍ଡ ବିଧି -** ୧୪(ଚଉଦ) ଗୁଣ ଜଳରେ ତଣ୍ଡୁଳ ସିଦ୍ଧ କରି ସିଠା ପରିତ୍ୟାଗ କଲେ ଯେଉଁ ତରଳ ପଦାର୍ଥ ରହେ ତାହାକୁ ମଣ୍ଡ କହନ୍ତି ।

**ପେୟା ବିଧି -** ସିଠାଯୁକ୍ତ ମଣ୍ଡକୁ ପେୟା କହନ୍ତି ।

**ପୁଟପାକ ବିଧି -** ଯେଉଁ ଦ୍ରବ୍ୟର ପୁଟପାକ କରିବାକୁ ହେବ, ତାକୁ ଅଳ୍ପ ପାଣି ଦେଇ ବାଟିବ । ତା'ପରେ ସେହି ବଟା ଦ୍ରବ୍ୟକୁ ଜାମୁ ଏବଂ ବରପତ୍ର ଭିତରେ ରଖି ଏକ ବା ଦୁଇ ଅଙ୍ଗୁଳ ପ୍ରମାଣ ମାଟି ଲେପ ଦେଇ ଶୁଖାଇ ନିଆଁରେ ପୋତିବ । ସେହି ମାଟିପିଣ୍ଡର ଉପରିଭାଗ ରକ୍ତବର୍ଣ୍ଣ ହେବା ପର୍ଯ୍ୟନ୍ତ ପୋଡ଼ିବ । ଭିତରେ ଥିବା ଔଷଧ ଯେପରି ପୋଡ଼ି ଅଙ୍ଗାର ନହୁଏ, ସେଥିପ୍ରତି ଦୃଷ୍ଟି ରଖିଥିବ । ତା'ପରେ ନିଆଁରୁ ବାହାର କରି ଭିତରେ ଥିବା ଔଷଧର ରସ ନିଗାଡ଼ିବ । ଏହାର ନାମ ପୁଟପାକ ।

**ନସ୍ୟ ବିଧି -** ନାସିକା ଦ୍ୱାରା ଔଷଧ ଗ୍ରହଣ କରିବାର ନାମ ନସ୍ୟ । କଫ ରୋଗରେ ପୂର୍ବାହ୍ନରେ, ପିତ୍ତରୋଗରେ ମଧ୍ୟାହ୍ନରେ ଏବଂ ବାତରୋଗରେ ଅପରାହ୍ନରେ ନସ୍ୟ ଗ୍ରହଣ କରିବ । ମେଘାଚ୍ଛନ୍ନ, ଦିବସରେ, ଭୋଜନ ପରେ, ନୂତନ ସର୍ଦ୍ଦିରୋଗରେ, ଗର୍ଭିଣୀ, ତୃଷାର୍ତ୍ତ, ଶ୍ରାନ୍ତ ଓ ଉପବାସ କରିଥିବା ବ୍ୟକ୍ତି ନସ୍ୟ ଗ୍ରହଣ କରିବେ ନାହିଁ ।

**ଗଣ୍ଡୁଷ ବିଧି -** ତୈଳ, ଘୃତ, ସ୍ନେହଦ୍ରବ୍ୟ ଓ କ୍ଷାର କଷାୟାଦି ତରଳ ଦ୍ରବ୍ୟ ଦ୍ୱାରା ଉତ୍ତମରୂପେ ମୁଖ ପୂରଣ କରିବାର ନାମ ଗଣ୍ଡୂଷ । ମୁଖ, ନାସିକା ଓ ନେତ୍ରରୁ ଜଳସ୍ରାବ ହେବା ପର୍ଯ୍ୟନ୍ତ ଏହି ଗଣ୍ଡୁଷ ଧାରଣ କରିବ ।

**ଅନ୍ତର୍ଧୂମ ଭସ୍ମ -** ଯେଉଁ ପଦାର୍ଥ ଅନ୍ତର୍ଧୂମ ଭସ୍ମ କରିବାକୁ ହେବ; ସେହି ପଦାର୍ଥକୁ ଗୋଟିଏ ମାଟି ହାଣ୍ଡିରେ ପୂରାଇ ତା ଉପରେ ଆଉ ଗୋଟିଏ ହାଣ୍ଡି ବା ପଲମ ଉପରମୁହାଁ କରି ରଖି ମାଟି ଗୋବର ଏକତ୍ର ଚକଟି ସିନ୍ଧି ସ୍ଥଳକୁ ବନ୍ଦ କରି ତା ଉପରେ କନା ଦେଇ ପୁଣି ମାଟିଗୋବର ଦେଇ ଶୁଖାଇବ । ଶୁଖିଗଲା ପରେ ଚୁଲୀରେ ବସାଇ ଜାଳଦେବ । ଅନ୍ତତଃ ୧୨ ଘଣ୍ଟା ପ୍ରଚଣ୍ଡ ଅଗ୍ନିତାପରେ ହାଣ୍ଡି ଭିତରେ ଥିବା ପଦାର୍ଥ ଭସ୍ମ ହେବ ।

୧ ସେର = ୮୦ ତୋଳା

୧ତୋଳା = ୧ ଭରି = ୧ ଟଙ୍କା = ୮୦ ରତି = ୧୨ ମସା

୧ତୋଳା = ୪ ସିଉକି = ୧୬ ଅଣା = ୧୧.୫ ଗ୍ରାମ (୧୨ଗ୍ରାମ୍)

୧ ରତି = ଗୋଟିଏ କାଇଁଚ ଓଜନ = ୪ ଯବ

୧ ଆଉନ୍‌ସ (ଓଜନରେ) = ଅଢ଼େଇ ତୋଳା = ୨୯ ଗ୍ରାମ୍

୧ଡ୍ରାମ୍ = ୫ ମିଲିଲିଟର

୧ ଆଉନ୍‌ସ (ମାପରେ)= ୩୦ ମିଲି ଲିଟର ।

## ପ୍ରଶସ୍ତିଃ

ନୀଳାଚଳାଧିପ-ବିଳାସକଳାଧିବାସେ,
ନୀଳାମ୍ବୁମଣ୍ଡିତ - ମହୋଦଧିତୀରଦେଶେ
ତାଳୀ ତମାଳତରୁପୂରିତନାରିକେଳେ,
ଧୀମାନ୍ ଚିରଂ ଜୟତି ଲକ୍ଷ୍ମଣ ମିଶ୍ର ଶର୍ମା ॥୧॥

ଜୀବନଂ ସରଳସୁନ୍ଦର ଚିତ୍ତବୃତ୍ତଃ
ଶୁଦ୍ଧପ୍ରଶାନ୍ତମତି - ଶାସନଭୀମକାନ୍ତଃ
ପଲ୍ଲୀକୁଟୀ - ନୃପତିସୌଧ - ବନାନ୍ତରାଳେ
ଦୁର୍ବାରମୈରି ଦଳନୋ ବ ବାହିନୀଶଃ ॥୨॥

ଧନ୍ୱନ୍ତରିର୍ବନଜ -ଭେଷଜ ବୃକ୍ଷବଲ୍ଲୀ -
ପତ୍ରାଳି -ମୂଳ- ଫଳ- କଲ୍‌କଲଭୂ - ରସାନାମ୍
ଭୂତାଦିବାରଣ-ବିଲକ୍ଷଣ ମୁଖ୍ୟକର୍ମା,
ରାଜତ୍ୟୟଂ ଜଗତି ଲକ୍ଷ୍ମଣମିଶ୍ର ଶର୍ମା ॥୩॥

ଯନ୍ନାମସଂସ୍ମରଣ -ଭୀତଭୁଜଙ୍ଗସଂଘାଃ,
ପଶ୍ୟନ୍ତି ଯଂ ଗରୁଡ଼-ବାସୁକି-ରୁଦ୍ରରୂପୈଃ,
ତୀବ୍ରାହିଦଷ୍ଟା - ବିଷନାଶନ ମନ୍ତ୍ରଯୋଗୈଃ
ସଂପ୍ରାପ୍ତଜୀବନଜନାଃ ସୁଖିନୋ ଭବନ୍ତି ॥୪॥

ଖ୍ୟାତୈଶ୍ଚିକିତ୍ସକଗଣୈରପି ସିଦ୍ଧହସ୍ତୈଃ,
ସମ୍ୟକ୍ ଚିକିତ୍ସିତନରା ନ ହି ଯାନ୍ତି ଶାନ୍ତିଂ,
ତେ ମିଶ୍ରପାଦମୁପଗମ୍ୟ ଦିନୈକ ମଧ୍ୟେ,
ନୀରୋଗତାମିହ ଭଜନ୍ତିହି ବନ୍ୟମୂଳୈଃ ॥୫॥

ବନ୍ୟାବନୀ-ଗିରିଦରୀ-କୃତନିତ୍ୟ ବାସୈଂ
ନିର୍ବୋଧ-ଭିଲ୍ଲଶବରୈର୍ଧୃତ ମିତ୍ରଭାବଃ,
କର୍ତ୍ତବ୍ୟପାଳନମହାଧନ-ସାଧୁଶୀଳୋ
ବର୍ଣ୍ଣାଶ୍ରମବ୍ରତି - ମୁନିପ୍ରତିମୋ ବିଭାତି ॥୬॥

ସିଦ୍ଧଃ ସ୍ୱଧର୍ମନିରତୋଽତିନିରାମିଷାଶୀ,
ବିଦ୍ୟା-ଗୁଣଗ୍ରହଣଭାବୁକ-ଯୋଗଜନ୍ମା,
ଦୀନାର୍ତ୍ତ-ଦୈନ୍ୟଦହନାୟ ଦଧୀଚିକଳ୍ପେ,
ଜୀବତ୍ୱୟଂ ସଦୟନୀରବକର୍ମକାରୀ ॥୭॥

ତସ୍ୟାନୁଭୂତି-କଳିତା, ଯୋଗମାଳାଖ୍ୟ ପୁସ୍ତିକା
ନିଖିଳୋତ୍କଳଭୂ-କଣ୍ଠେ, ରତ୍ନମାଳେବ ରାଜତାମ୍ ॥

ପଣ୍ଡିତ ଶ୍ରୀ ଆନନ୍ଦ ଚନ୍ଦ୍ର ମିଶ୍ର
କାବ୍ୟତୀର୍ଥ, ନ୍ୟାୟ-ସଂଖ୍ୟାଶାସ୍ତ୍ରିଣଃ,
ରେଭେନ୍ସା ବାଳିକା ବିଦ୍ୟାଳୟ, ସଂସ୍କୃତ ଶିକ୍ଷକଃ

ଗଣେଶ ଚତୁର୍ଥୀ
ତା ୧୬/୯/୧୯୫୮, କଟକ

ସ୍ୱର୍ଗତଃ ଲକ୍ଷ୍ମଣ ମିଶ୍ର ୧୯୦୦ ମସିହା ଜାନୁଆରୀ ମାସରେ ପୁରୀ ଜିଲ୍ଲାର ବୀର ପ୍ରତାପପୁର ଶାସନରେ ଜନ୍ମ ଗ୍ରହଣ କରିଥିଲେ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀର ବନ ବିଦ୍ୟାଳୟରେ ଅଧ୍ୟୟନ ସମାପନ ପରେ ସେ ରେଭେନ୍‌ସା କଲେଜ୍‌ରୁ ବି.ଏ. ପାଶ କରି ୧୯୨୪ ମସିହାରେ ପୋଲିସ୍ ବିଭାଗରେ ଯୋଗ ଦେଇଥିଲେ । ଶେଷରେ ୧୧ ବର୍ଷ କାଳ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ ରୂପେ କାର୍ଯ୍ୟକରି ସ୍ୱର୍ଗତଃ ମିଶ୍ର ସରକାରୀ ଚାକିରୀରୁ ୧୯୫୮ ମସିହାରେ ଅବସର ଗ୍ରହଣ କରିଥିଲେ । ୧୯୬୧ରୁ ୧୯୬୫ ମସିହା ପର୍ଯ୍ୟନ୍ତ ସେ ଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରଶାସକ ଭାବେ କାର୍ଯ୍ୟ କରିଥିଲେ । ପୁରୀର ଗୋପବନ୍ଧୁ ଆୟୁର୍ବେଦ ଚିକିତ୍ସା ମହାବିଦ୍ୟାଳୟ ଓ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଭାବେ ମଧ୍ୟ ସେ ଅନୁଷ୍ଠାନ ୨ଟିର ସୁପରିଚାଳନାରେ ତାଙ୍କର ମୂଲ୍ୟବାନ ଭୂମିକା ରହିଥିଲା । ସ୍ୱର୍ଗତଃ ମିଶ୍ରଙ୍କର ଦୀର୍ଘ କର୍ମମୟ ଏବଂ ରୋଗାର୍ତ୍ତ ମଣିଷର ସେବା ପାଇଁ ଉତ୍ସର୍ଗୀକୃତ ଜୀବନର ଅବସାନ ହେଲା ୧୯୮୯ ମସିହା ଜାନୁଆରୀ ୨୬ ତାରିଖରେ ।

ସତ୍ୟବାଦୀ ସ୍କୁଲରେ ଅଧ୍ୟୟନ ସମୟରେ ପୂଜ୍ୟ ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରେରଣାରେ ସ୍ୱର୍ଗତଃ ମିଶ୍ର ରୋଗୀ ସେବା ପ୍ରତି ଆକୃଷ୍ଟ ହୋଇଥିଲେ । ଏଲୋପ୍ୟାଥିକ ଚିକିତ୍ସା ବ୍ୟୟ ବହୁଳ ହୋଇଥିବାରୁ ଏବଂ ସବୁଠାରେ ଏହି ଚିକିତ୍ସା ଉପଲବ୍ଧ ହେଉନଥିବାରୁ ରୋଗାକ୍ରାନ୍ତ ଦରିଦ୍ର ଜନସାଧାରଣଙ୍କର ବେଦନା ତାଙ୍କୁ ଗଭୀର ଭାବରେ ଉଦ୍‌ବେଳିତ କରୁଥିଲା । ବାଡ଼ି ବଗିଚା ଓ ଆଖପାଖ ବଣ ଜଙ୍ଗଲରେ ଥିବା ବୃକ୍ଷଲତାର ଚେର, ମୂଳ ଓ ପତ୍ରର ମୃତ ସଂଜୀବନୀ ସଦୃଶ ରୋଗହାରିଣୀକାରୀ ଗୁଣର ଅନୁଧ୍ୟାନ କରି ତାହାର ବହୁଳ ପ୍ରଚାର ଦ୍ୱାରା ରୋଗୀ କିପରି ବିନା ଅର୍ଥ କିମ୍ବା ଅଳ୍ପ ବ୍ୟୟରେ ଶୀଘ୍ର ରୋଗମୁକ୍ତ ହେବ, ସେ ଦିଗରେ ନିରବଚ୍ଛିନ୍ନ ଓ ଉତ୍ସର୍ଗୀକୃତ ସାଧନାରେ ବ୍ରତୀ ହୋଇଥିଲେ । ଚରକ, ଶୁଶ୍ରୁତ ସମେତ ଆୟୁର୍ବେଦ ଚିକିତ୍ସାରେ ଅଭିଜ୍ଞ ବିଭିନ୍ନ ଭାରତୀୟ ଆୟୁର୍ବେଦ ବିଜ୍ଞାନୀଙ୍କର କୃତ ପୁସ୍ତକ ଅଧ୍ୟୟନ କରି ଏବଂ ଆଦିବାସୀ ବହୁଳ ଅଂଚଳର ଆଦିବାସୀମାନଙ୍କ ଠାରୁ ଓ ଜୀର୍ଣ୍ଣ ତାଳପତ୍ର ପୋଥିମାନଙ୍କରୁ ବିଭିନ୍ନ ଔଷଧର ଉପାଦେୟତା ସମ୍ପର୍କରେ ବିବରଣୀ ସଂଗ୍ରହ କରି, ସେଗୁଡ଼ିକ ପରୀକ୍ଷା କରି ସଫଳ ହେବା ପରେ ସର୍ବସାଧାରଣଙ୍କର ପ୍ରୟୋଗ ପାଇଁ ସ୍ୱର୍ଗତଃ ମିଶ୍ର ଉକ୍ତ ଔଷଧ ଗୁଡ଼ିକ 'ଅନୁଭୂତ ଯୋଗମାଳା (ସହଜ ଚିକିତ୍ସା)', 'ଅନୁଭୂତ ଯୋଗମାଳା - ୨ୟ ଭାଗ(ଘର ବଇଦ)', 'ବିଶଲ୍ୟକରଣୀ-ପରିକ୍ଷିତ ସର୍ବବିଷ ଚିକିତ୍ସା ଓ ମନ୍ତ୍ରଦ୍ୱାରା ରୋଗ ଚିକିତ୍ସା' (ଅନୁଭୂତ ମନ୍ତ୍ରମାଳା) ଏବଂ 'ସଂକ୍ରାମକ ରୋଗ ଚିକିତ୍ସା' ଆଦି ପୁସ୍ତକରେ ଲିପିବଦ୍ଧ କରିଛନ୍ତି । ଏହି ପୁସ୍ତକଗୁଡ଼ିକ ଓଡ଼ିଶାର ଘରେ ଘରେ ଯେପରି ଆଦୃତ ହୋଇଛି, ସେଥିରୁ ନିଃସନ୍ଦେହରେ କୁହାଯାଇପାରେ ଯେ ସ୍ୱର୍ଗତଃ ମିଶ୍ରଙ୍କର ଆଜୀବନ ଅଧ୍ୟବସାୟ ଏବଂ ଗବେଷଣା ଯଥାର୍ଥରେ ସାର୍ଥକ ହୋଇଛି । ଚିକିତ୍ସା ଜଗତକୁ ତାଙ୍କର ଅମୂଲ୍ୟ ଅବଦାନ ପାଇଁ ୧୯୮୭ ମସିହାରେ ନିଖିଳ ଉତ୍କଳ ବୈଦ୍ୟ ସମ୍ମିଳନୀ ପକ୍ଷରୁ ତାଙ୍କୁ 'ଆୟୁର୍ବେଦ ଶିରୋମଣି' ଉପାଧିରେ ଭୂଷିତ କରାଯାଇଥିଲା । ସ୍ୱର୍ଗତଃ ମିଶ୍ରଙ୍କର ଜୀବନର ଆଦର୍ଶ ଥିଲା - 'ଲୋକ ସେବା ହିଁ ଭଗବତ ସେବା' ।

*"ନ ତ୍ୱହଂ କାମେୟ ରାଜ୍ୟଂ ନ ସୁଖଂ ନାପୁନର୍ଭବଂ*
*କାମୟେ ଦୁଃଖ ତପ୍ତାନଂ ପ୍ରାଣୀନାଂ ଆର୍ତ୍ତନାଶନମ୍ ।" ।*